# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜାନୁୟାରୀ ୧୭/୨୦୧୯ (୨୦ ପୃଷ୍ଠା) | Bhubaneswar, Thursday, January 17/ 2019 | ★★★★★★

୪୫ଶ ଭାଗ ୫୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




## ବିଶ୍ୱ ବ୍ୟାଙ୍କ ମୁଖ୍ୟ ହୋଇପାରନ୍ତି ଇନ୍ଦ୍ରା ନୁୟୀ

ପ୍ରବାସୀ ଭାରତୀୟ ମହିଳା ତଥା ପେପ୍ସିକୋର ପୂର୍ବତନ ସିଇଓ ଇନ୍ଦ୍ରା ନୁୟୀ ବିଶ୍ୱ ବ୍ୟାଙ୍କ ଅଧକ୍ଷ ଦୌଡ଼ରେ ଆଗରେ ରହିଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କନ୍ୟା ଇଭାଙ୍କା ଟ୍ରମ୍ପ ତାଙ୍କ ନାମ ପ୍ରସ୍ତାବ ଦେଇଛନ୍ତି। **୧୭**

**୧୯**

## ଗ୍ରାଣ୍ଡସ୍ଲାମରେ କର୍ବରଙ୍କ ଶତକ ବିଜୟ

ମେଲବୋର୍ନରେ ଚାଲିଥିବା ଅଷ୍ଟ୍ରେଲିଆନ ଓପନ ଟେନିସରେ କ୍ୟାରିୟରର ୧୦୦ତମ ଗ୍ରାଣ୍ଡସ୍ଲାମ ମ୍ୟାଚ ଜିତିଛନ୍ତି ଜର୍ମାନୀର ଆଞ୍ଜେଲିକ୍ କର୍ବର ।








## ଅମିତ ଶାହଙ୍କୁ ସ୍ୱାଇନ୍ ଫ୍ଲୁ

■ ୧୮ରେ ଓଡ଼ିଶା ଗସ୍ତ ବାତିଲ



ନୂଆଦିଲ୍ଲୀ,୧୬।୧

ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଅମିତ ଶାହଙ୍କୁ ସ୍ୱାଇନ୍ ଫ୍ଲୁ ହୋଇଛି। ସେ ଏବେ ଦିଲ୍ଲୀସ୍ଥିତ ଏମ୍ସରେ ଚିକିତ୍ସିତ ହେଉଛନ୍ତି। ଖୁବ୍‌ଶୀଘ୍ର ଭଲ ହେବା ନେଇ ଆଶା କରୁଥିବା ସେ ଟୁଇଟ୍ କରି ଜଣାଇଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି। ଏହି ପରିପ୍ରେକ୍ଷୀରେ ଶାହଙ୍କ ଆସନ୍ତା ୧୮ରେ ଥିବା ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମକୁ ବାତିଲ କରାଯାଇଛି। ଏନେଇ ଦଳର ରାଜ୍ୟ ଉପସଭାପତି ସମୀର ମହାନ୍ତି ସୂଚନା ଦେଇଛନ୍ତି।

**ଆଜିର ସମ୍ପାଦକୀୟ**

ପ୍ରାଣୀଙ୍କ ଲାଟରାଲିଟି

### ୨୦୧୪ରୁ ଅଦ୍ୟାବଧି କେତେ ଲୋକଙ୍କୁ ଚାକିରି ଦିଆଯାଇଛି କେନ୍ଦ୍ରକୁ ଜଣାନାହିଁ

# ନିଯୁକ୍ତି ବାଟବଣା

ନୂଆଦିଲ୍ଲୀ,୧୬।୧

- ■ କର୍ମ ସଂସ୍ଥାନ ଅଭିବୃଦ୍ଧି ନେଇ ବାସ୍ତବ ତଥ୍ୟର ଅଭାବ
- ■ ସଂସଦୀୟ କମିଟି ଆଗରେ ଏହା ସ୍ୱୀକାର କରିଛନ୍ତି ସରକାର
- ■ ଲୋକ ସଭାରେ ଉପସ୍ଥାପିତ ହେବ ଏଷ୍ଟିମେଟ କମିଟି ରିପୋର୍ଟ
- ■ ମୁରଲୀ ମନୋହର ଜୋଷୀ କମିଟି ଅଧକ୍ଷ

କେନ୍ଦ୍ରର ଏନ୍‌ଡିଏ ସରକାର କେତେବେଳେ କୋଟି କୋଟି ଚାକିରି ଆଶାୟୀଙ୍କୁ କର୍ମସଂସ୍ଥାନ ପ୍ରଦାନ କରାଯାଇଥିବା ନେଇ ଡିଣ୍ଡିମ ପିଟୁଥିବାବେଳେ ଆଉ କେତେବେଳେ ଏହାର ନେତାମାନେ ଯୁବତୀଯୁବକଙ୍କୁ ପକୁଡ଼ି ଛାଣି ଆତ୍ମନିଯୁକ୍ତିର ପରାମର୍ଶ ଦେଉଛନ୍ତି। ଏବେ ସମସ୍ତଙ୍କୁ ଚକିତ କରିଦେବା ଭଳି ଏକ ତଥ୍ୟ ସାମ୍ନାକୁ ଆସିଛି। ତାହା ହେଲା ନିଯୁକ୍ତି ଅଭିବୃଦ୍ଧି ନେଇ ମୋଦି ସରକାରଙ୍କ ପାଖରେ ବାସ୍ତବ ତଥ୍ୟ ନାହିଁ ବୋଲି ଖୋଦ୍ ସରକାର ସ୍ୱୀକାର କରିଛନ୍ତି। ବରିଷ୍ଠ ଭାଜପା ନେତା ମୁରଲୀ ମନୋହର ଜୋଷୀଙ୍କ ଅଧକ୍ଷତାରେ ଗଠିତ ଏକ କମିଟି ଏ ସମ୍ପର୍କିତ ରିପୋର୍ଟ ପାର୍ଲାମେଣ୍ଟରେ ଉପସ୍ଥାପନ କରିବାକୁ ଯାଉଛି।

୨୦୧୪ ମେ ୨୬ରେ କେନ୍ଦ୍ରରେ ମୋଦି ସରକାର କ୍ଷମତାସୀନ ହୋଇଥିଲେ। ସେବେଠୁ ଅଦ୍ୟାବଧି ଦେଶରେ କେତେସଂଖ୍ୟକ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇଛି, ସେନେଇ ସରକାରଙ୍କ ପାଖରେ ତଥ୍ୟ ନାହିଁ। ଏକ ସଂସଦୀୟ କମିଟି ଆଗରେ ମୋଦି ସରକାର ଏହି ବିଷୟ ସ୍ୱୀକାର କରିଛନ୍ତି। ଜୋଷୀ ଅଧକ୍ଷତା କରୁଥିବା ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ସମ୍ପର୍କିତ ଆକଳନ କମିଟି ସହ କେନ୍ଦ୍ର ସରକାର ବିଗତ ୬ ମାସରୁ ଊର୍ଦ୍ଧ୍ୱ ସମୟ ଧରି ମୁହାଁମୁହିଁ ଅବସ୍ଥାରେ ଅଛନ୍ତି। ଭାରତରେ ନିଯୁକ୍ତିର ମାନଦଣ୍ଡ ଭାବେ ଗ୍ରହଣ କରିହେବା ଭଳି ଏକ ବିଶ୍ୱସନୀୟ ବ୍ୟବସ୍ଥା ଅଛି କି ନାହିଁ ଭଳି କେତେକ ପ୍ରସଙ୍ଗକୁ ନେଇ ଭାଜପା ଏବଂ ଏହି ସଂସଦୀୟ କମିଟିର କେତେଜଣ ସଦସ୍ୟ ଏକମତ ନୁହନ୍ତି। ସୂତ୍ରରୁ ମିଳିଥିବା ସୂଚନାନୁସାରେ ଜୋଷୀଙ୍କ ରିପୋର୍ଟ ଲୋକ ସଭାରେ ଉପସ୍ଥାପିତ ହେବାକୁ ଯାଉଛି। ଏହା ସହ କମିଟିର ୩ ଭାଜପା ସଦସ୍ୟ ଅସନ୍ତୋଷ ବ୍ୟକ୍ତ କରିଥିବା ପତ୍ର ପ୍ରଥମଥର ପାଇଁ ଉପସ୍ଥାପନ କରାଯିବ। ପ୍ରକୃତ ନିଯୁକ୍ତି ଅଭିବୃଦ୍ଧି ସହ କମିଟିର ନିଷ୍କର୍ଷ ମେଳ ଖାଉନାହିଁ ବୋଲି ସରକାରଙ୍କ ଦ୍ୱାରା ପ୍ରୋତ୍ସାହିତ ଭାଜପାର କେତେଜଣ ସଦସ୍ୟ ଯୁକ୍ତି ବାଢ଼ିଥିବା ନିଃସନ୍ଦେହରେ କୁହାଯାଇପାରେ। ଅନ୍ୟପକ୍ଷରେ ମୁଦ୍ରା ଋଣ ପ୍ରଦାନରେ ବୃଦ୍ଧି ଘଟିଛି। ଏହାସହ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଙ୍ଗଠନ (ଇପିଏଫ୍‌ଓ)ରେ ନୂଆ ପଞ୍ଜୀକରଣଗୁଡ଼ିକରୁ ନିଯୁକ୍ତି ଅଭିବୃଦ୍ଧି ପ୍ରତିଫଳିତ ହେଉଛି ବୋଲି ୨୦୧୮ରେ ବର୍ଷସାରା ପ୍ରଧାନମନ୍ତ୍ରୀ ଓ ତାଙ୍କ କ୍ୟାବିନେଟର ଅନେକ ବରିଷ୍ଠ ମନ୍ତ୍ରୀ ଯୁକ୍ତି ବାଢୁଥିଲେ। ତେବେ ସଂସଦୀୟ କମିଟି ନିଯୁକ୍ତି ତଥ୍ୟ ସଂଗ୍ରହର ☞ପୃଷ୍ଠା–୪

## ଓଟିଇଟି ପ୍ରଶ୍ନପତ୍ର ଲିକ୍



ଓଟିଇଟି ବାତିଲ୍ ପରେ କଟକ ବୋର୍ଡ ହାଇସ୍କୁଲ୍ ପରୀକ୍ଷା କେନ୍ଦ୍ର ପରିସରରେ ଅସନ୍ତୁଷ୍ଟ ପରୀକ୍ଷାର୍ଥୀ।

କଟକ ଅଫିସ, ୧୬।୧

- ■ ଭାଇରାଲ୍ ପରେ ପରୀକ୍ଷା ବାତିଲ
- ■ କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ବୋର୍ଡର ଚିଠି
- ■ କାନ୍ଦି କାନ୍ଦି ଘରକୁ ଫେରିଲେ ପରୀକ୍ଷାର୍ଥୀ

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ରାଜ୍ୟ ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) ପ୍ରଶ୍ନପତ୍ର ଲିକ୍ ହୋଇଛି। ସୋସିଆଲ୍ ମିଡିଆରେ ତାହା ଭାଇରାଲ ହେବା ପରେ ବୋର୍ଡ ପକ୍ଷରୁ ପରୀକ୍ଷାକୁ ବାତିଲ କରିଦିଆଯାଇଛି। ଘଟଣାର ତଦନ୍ତ ନିମନ୍ତେ ବୋର୍ଡ ପକ୍ଷରୁ କ୍ରାଇମବ୍ରାଞ୍ଚକୁ ଚିଠି କରାଯାଇଛି। ମାର୍ଚ୍ଚ ୮ରେ ମାଟ୍ରିକ ପରୀକ୍ଷା ସରିବା ପରେ ପୁନର୍ବାର ଓଟିଇଟି ପରୀକ୍ଷା ପାଇଁ ଦିନଧାର୍ଯ୍ୟ କରାଯିବ ବୋଲି ବୋର୍ଡ ସଭାପତି ଡ. ଜାହାନାରା ବେଗମ୍ ସୂଚନା ଦେଇଛନ୍ତି।

ବୁଧବାର ଥିଲା ଓଟିଇଟି ପରୀକ୍ଷା। ସକାଳ ୧୦ଟାରୁ ଅପରାହ୍ନ ସାଢେ ୧୨ଟା ପର୍ଯ୍ୟନ୍ତ ପେପର–୧ ଓ ଅପରାହ୍ନ ୨ଟାରୁ ସାଢେ ୪ଟା ପର୍ଯ୍ୟନ୍ତ ପେପର–୨ ପରୀକ୍ଷା ଥିଲା। ପ୍ରଥମ ସିଟିଂ ପରୀକ୍ଷା ଆରମ୍ଭ ହୋଇଯାଇଥିଲା। ରାଜ୍ୟର ୨୫୦ଟି କେନ୍ଦ୍ରରେ ମୋଟ ୧ ଲକ୍ଷ ୧୨ହଜାର ୭୧୬ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଉଥିଲେ। ହେଲେ ଉଭୟ ପେପର–୧ ଓ ପେପର–୨ ପ୍ରଶ୍ନପତ୍ର ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଦେଖିବାକୁ ☞ପୃଷ୍ଠା–୪



ଜଳଭଣ୍ଡାର ପରିସରରେ ପଡ଼ିଥିବା ବାଘର ମୃତଦେହ।

## କଲରାପତରିଆ ମୃତଦେହ ଉଦ୍ଧାର

ପାଲଲହଡ଼ା, ୧୬।୧(ଡି.ଏନ.ଏ.)

ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ ଖମାର ରେଞ୍ଜ ଅଞ୍ଚଳରେ ଥିବା ରେଙ୍ଗାଳି ଜଳଭଣ୍ଡାରରୁ ବୁଧବାର ଏକ କଲରାପତରିଆ ବାଘର ମୃତଦେହ ଉଦ୍ଧାର କରାଯାଇଛି। ମୃତ ବାଘର ବୟସ ୫ରୁ ୬ ବର୍ଷ ହେବ। ତେବେ କେଉଁ କାରଣରୁ ବାଘର ମୃତ୍ୟୁ ଘଟିଛି ତାହା ଜଣାପଡ଼ି ନ ଥିବା ବେଳେ ବ୍ୟବଚ୍ଛେଦ ପରେ ଘଟଣା ସ୍ପଷ୍ଟ ହେବ ବୋଲି ବନ ବିଭାଗ ସୂଚନା ଦେଇଛି। ପ୍ରକାଶ ଯେ, ଜଳଭଣ୍ଡାରର ☞ପୃଷ୍ଠା–୪

## କଂଗ୍ରେସରୁ ନବ ଦାସଙ୍କ ଇସ୍ତଫା

ଭୁବନେଶ୍ୱର, ୧୬।୧(ବ୍ୟୁରୋ)



- ■ ଖୁବ୍‌ଶୀଘ୍ର ଛାଡ଼ିପାରନ୍ତି ବିଧାୟକ ପଦ
- ■ ଇସ୍ତଫା ପରେ ବହିଷ୍କାର

ଦୀର୍ଘଦିନ ଧରି ଲାଗି ରହିଥିବା ଚର୍ଚ୍ଚାର ଶେଷରେ ଅବସାନ ଘଟିଛି। କଂଗ୍ରେସ ଛାଡିବା ତାଲିକାରେ ପୁଣିଥରେ ଜଣେ ଆଗ ଧାଡ଼ି ନେତାଙ୍କ ନାମ ଯୋଡ଼ି ହୋଇଯାଇଛି। ଝାରସୁଗୁଡା ବିଧାୟକ ନବ ଦାସ ବୁଧବାର କଂଗ୍ରେସର ପ୍ରାଥମିକ ସଦସ୍ୟ ପଦ ଏବଂ ପ୍ରଦେଶ କଂଗ୍ରେସ କମିଟି(ପିସିସି) କାର୍ଯ୍ୟକାରୀ ସଭାପତି ପଦରୁ ଇସ୍ତଫା ଦେଇଛନ୍ତି। ଦୀର୍ଘଦିନ ହେବ ନବଙ୍କ ବିଜେଡିରେ ମିଶିବା ନେଇ ଚର୍ଚ୍ଚା ହେଉଥିଲେ ମଧ ନିକଟରେ ଥରେ ଦୁଇଥର ସେ ଚର୍ଚ୍ଚାକୁ ଅସ୍ୱୀକାର କରିଥିଲେ। ଆସନ୍ତା ସାଧାରଣ ନିର୍ବାଚନ ସେ କଂଗ୍ରେସରୁ ଲଢିବେ ବୋଲି କହୁଥିଲେ। ଶେଷରେ କିନ୍ତୁ ଚର୍ଚ୍ଚା ସତ ହୋଇଛି, ନବ ନିଜ ଇସ୍ତଫାପତ୍ର କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀଙ୍କ ନିକଟକୁ ପଠାଇ ଦେଇଛନ୍ତି। ଏହାସହ ସେ ତାଙ୍କ ଇସ୍ତଫା ପତ୍ର ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ, ଦଳର ରାଜ୍ୟ ପ୍ରଭାରୀ ଜିତେନ୍ଦ୍ର ସିଂଙ୍କ ନିକଟକୁ ମଧ ପଠାଇଛନ୍ତି। ଦଳ ଛାଡିବା ନେଇ ନବ କାହାରିକୁ ଦୋଷ ଦେଇନାହାନ୍ତି, ଝାରସୁଗୁଡ଼ାବାସୀଙ୍କ ମତାମତକୁ ଆଧାର କରି ଏହି ନିଷ୍ପତ୍ତି ନେଇଥିବା କହିଛନ୍ତି। ଖୁବ୍‌ଶୀଘ୍ର ବିଧାୟକ ପଦରୁ ଇସ୍ତଫା ଦେବେ ବୋଲି ମଧ ସେ କହିସାରିଛନ୍ତି। ହେଲେ ନବ ଇସ୍ତଫା ଦେବାର କିଛି ସମୟ ପରେ ତାଙ୍କୁ ଦଳରୁ ବହିଷ୍କାର କରିଦିଆଯାଇଛି। ☞ପୃଷ୍ଠା–୧୪

■ ଅଭିଯୋଗ କରି ଥକି ପଡ଼ିଲେ

## ଘର ନ ପାଇ ଆତ୍ମହତ୍ୟା କଲେ ଲକ୍ଷ୍ମୀଧର

ଖୋର୍ଦ୍ଧା ଅଫିସ/ନିରାକାରପୁର (ଡି.ଏନ.ଏ.),୧୬।୧



ଲକ୍ଷ୍ମୀଧର ବେହେରା

**ମୃତ୍ୟୁ ପୂର୍ବର ଭିଡିଓ ହେଲା ଭାଇରାଲ**

ସରକାରଙ୍କ ଗ୍ରାମୀଣ ଆବାସ ଯୋଜନା ଖୋର୍ଦ୍ଧା ଜିଲାରେ ଦିଗହରା ହୋଇଛି। ଲାଞ୍ଚ ନ ଦେଲେ ଏଠାରେ ଗରିବକୁ ଘରଟିଏ ମିଳୁନାହିଁ। ପୂର୍ବରୁ ଏଭଳି ବହୁ ନଜିର ରହିଥିଲେ ସୁଦ୍ଧା ବୁଧବାର ଘଟିଥିବା ଏକ ଘଟଣା ପୁଣିଥରେ ସରକାରୀ ବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛି। ଆବାସ ଯୋଜନାରେ ଘରଟିଏ ପାଇଁ ବାରମ୍ବାର ପଞ୍ଚାୟତ ପ୍ରତିନିଧି ଓ ବ୍ଲକ ପ୍ରଶାସନ ନିକଟରେ ନେହୁରା ହୋଇ ବିଫଳ ହେବା ପରେ ଜଣେ ବ୍ୟକ୍ତି ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଟାଙ୍ଗୀ ବ୍ଲକ ଅନ୍ତର୍ଗତ ନିରାକାରପୁର ସାହିର ଲକ୍ଷ୍ମୀଧର ବେହେରା ଓରଫ ଲକ୍ଷୀ(୩୫)। ଲକ୍ଷ୍ମୀଧର ଆତ୍ମହତ୍ୟା କରିବାର କିଛି ଦିନ ତଳେ କରିଥିବା ଏକ ଭିଡିଓ ଭାଇରାଲ୍ ହେବା ପରେ ତାଙ୍କ ମୃତ୍ୟୁର କାରଣ ଏକ ପ୍ରକାର ସ୍ପଷ୍ଟ ହୋଇଯାଇଛି।

ପ୍ରକାଶ ଯେ, ବୁଧବାର ରାତି ପ୍ରାୟ ୮ଟାରେ ନିରାକାରପୁର ପଞ୍ଚାୟତ ନନପଡ଼ା ଗହିରଆଡ଼ିଆ ନାଳ ନିକଟସ୍ଥ ବିଲ ମଧ୍ୟରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ପଡ଼ିଥିବା ଖବର ମିଳିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିବା ସହ ନିକଟରେ ପଡ଼ିଥିବା ଏକ ଜରି ବ୍ୟାଗରୁ ପ୍ୟାଣ୍ଟଶାର୍ଟ ସହ ଗୋଟିଏ ଦାନାଦାର ପ୍ୟାକେଟ ଜବତ କରିଥିଲା। ଖବର ପ୍ରଚାରିତ ହେବାପରେ ସ୍ଥାନୀୟ ଅଞ୍ଚଳର ଲୋକମାନେ ସେଠାରେ ରୁଣ୍ଡ ହୋଇଯାଇଥିଲେ। ପରେ ମୃତଦେହଟି ଲକ୍ଷ୍ମୀଧରଙ୍କ ବୋଲି ଜଣାପଡ଼ିଥିଲା। ☞ପୃଷ୍ଠା–୪

**ଆଜିର ମନ୍ତବ୍ୟ**

ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ତୁରନ୍ତ ନକଲି ଫିଲିପ୍ କୋଟ୍‌ଲର ଆୱାର୍ଡ ଫେରାଇଦେବା ଉଚିତ।

**–ଶଶୀ ଥରୁର, ବରିଷ୍ଠ କଂଗ୍ରେସ ନେତା**


NECC NATIONAL EGG CO-ORDINATION COMMITTEE | 16.01.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 72 | 122 | 132 |
| CTC | 72 | 122 | 132 |
| DKL | 72 | 122 | 132 |
| BDK | 75 | 126 | 136 |
| BLS | 76 | 127 | 137 |
| ANG | 75 | 126 | 136 |

*Conditions Apply

Eggs Retail Price- 55/-Dozen
Issued in the Interest of Consumers


## ସୁପ୍ରିମକୋର୍ଟରେ ୨ ନୂଆ ବିଚାରପତି ନିଯୁକ୍ତ

ନୂଆଦିଲ୍ଲୀ,୧୬।୧



ଦିନେଶ ମାହେଶ୍ୱରୀ | ସଞ୍ଜୀବ ଖାନ୍ନା

କର୍ଣ୍ଣାଟକ ହାଇକୋର୍ଟର ମୁଖ୍ୟ ବିଚାରପତି ଦିନେଶ ମାହେଶ୍ୱରୀ ଏବଂ ଦିଲ୍ଲୀ ହାଇକୋର୍ଟ ବିଚାରପତି ସଞ୍ଜୀବ ଖାନ୍ନାଙ୍କୁ ସୁପ୍ରିମକୋର୍ଟର ବିଚାରପତି ଭାବେ ପଦୋନ୍ନତି କରାଯାଇଛି। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧକ୍ଷତାରେ ଗଠିତ କଲେଜିୟମ ସୁପ୍ରିମକୋର୍ଟ ବିଚାରପତି ନିଯୁକ୍ତି ଲାଗି ଜଷ୍ଟିସ୍ ମାହେଶ୍ୱରୀ ଏବଂ ଜଷ୍ଟିସ୍ ଖାନ୍ନାଙ୍କ ନାମ ସୁପାରିଶ କରିଥିବାବେଳେ ଏହାକୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ବୁଧବାର ସନ୍ଧ୍ୟାରେ ସ୍ୱୀକୃତି ପ୍ରଦାନ କରିଛନ୍ତି। ସୁପ୍ରିମକୋର୍ଟର ବରିଷ୍ଠ ୫ ବିଚାରପତିଙ୍କୁ ନେଇ ଗଠିତ କଲେଜିୟମ ଗତ ଡିସେମ୍ବରରେ ଦିଲ୍ଲୀ ହାଇକୋର୍ଟର ମୁଖ୍ୟ ବିଚାରପତି ରାଜେନ୍ଦ୍ର ମେନନ ଏବଂ ରାଜସ୍ଥାନ ହାଇକୋର୍ଟ ମୁଖ୍ୟ ବିଚାରପତି ପ୍ରଦୀପ ନନ୍ଦରାଜୋଗଙ୍କୁ ସୁପ୍ରିମକୋର୍ଟକୁ ପଦୋନ୍ନତି ଲାଗି ସୁପାରିସ୍ କରିଥିଲା। ତେବେ ସରକାର ଏହି ସୁପାରିସକୁ ଫେରାଇ ଦେବାକୁ କଲେଜିୟମ ଜଷ୍ଟିସ ମାହେଶ୍ୱରୀ ଏବଂ ଜଷ୍ଟିସ୍ ଖାନ୍ନାଙ୍କ ☞ପୃଷ୍ଠା–୪

## ଧାର୍ଯ୍ୟ ଦିବସ ପୂରଣ କରୁନାହିଁ ଓଡ଼ିଶା ବିଧାନସଭା

ଚିଦାନନ୍ଦ ଜେନା

ଭୁବନେଶ୍ୱର, ୧୬।୧ (ବ୍ୟୁରୋ)

ବିଧାନସଭା ଗଣତନ୍ତ୍ରର ମନ୍ଦିର ସଦୃଶ। ଏଠାରେ ହିଁ ରାଜ୍ୟ ପାଇଁ ଶାସନ ଖସଡା ପ୍ରସ୍ତୁତ ହୋଇଥାଏ। ରାଜ୍ୟ ତଥା ଜାତୀୟ ସ୍ୱାର୍ଥ ସମ୍ପର୍କିତ ସମସ୍ତ ବିଷୟରେ ବିତର୍କ ହୋଇଥାଏ। ବଜେଟ୍ ଉପସ୍ଥାପନଠାରୁ ବିଭିନ୍ନ ପ୍ରଶ୍ନର ଉତ୍ତର ଅଧିବେଶନରେ ମିଳିଥାଏ। ନିଜ ଅଞ୍ଚଳର ସମସ୍ୟାକୁ ଉପସ୍ଥାପିତ କରିବା ପାଇଁ ବିଧାୟକଙ୍କୁ ସୁଯୋଗ ମିଳେ। ହେଲେ ଗଣତନ୍ତ୍ର ଯେତିକି ପୁରୁଣା ହେଉଛି,



**ବିଧାନସଭା ଅଧିବେଶନ**

| ମସିହା | ଧାର୍ଯ୍ୟଦିନ | ଚାଲିବା ଦିନ | ଚାଲିନଥିବା ଦିନ |
|---|---|---|---|
| ୨୦୦୯ | ୬୧ | ୫୧ | ୧୦ |
| ୨୦୧୦ | ୬୦ | ୬୦ | ୦ |
| ୨୦୧୧ | ୬୦ | ୫୪ | ୬ |
| ୨୦୧୨ | ୬୦ | ୬୦ | ୦ |
| ୨୦୧୩ | ୬୦ | ୫୨ | ୮ |
| ୨୦୧୪ | ୫୯ | ୪୮ | ୧୧ |
| ୨୦୧୫ | ୬୨ | ୫୨ | ୧୦ |
| ୨୦୧୬ | ୬୪ | ୪୫ | ୧୯ |
| ୨୦୧୭ | ୬୫ | ୪୮ | ୧୭ |
| ୨୦୧୮ | ୬୫ | ୪୨ | ୨୩ |
| ମୋଟ | ୬୧୬ | ୫୧୨ | ୧୦୪ |

ବିଧାନସଭା ଅଧିବେଶନ ଦିନଗୁଡିକ ସେତିକି ହ୍ରାସ ପାଇବାରେ ଲାଗିଛି। ଏହା ସୂଚନା ଅଧିକାର ଜରିଆରେ ହସ୍ତଗତ ହୋଇଥିବା ତଥ୍ୟରୁ ଜଣାପଡ଼ିଛି। ଏମିତି କି ବିଭିନ୍ନ ଆଳ ଦେଖାଇ ନିର୍ଦ୍ଦିଷ୍ଟ ସମୟସୀମା ପୂର୍ବରୁ ବିଧାନସଭାକୁ ବନ୍ଦ କରି ଦିଆଯାଉଛି, ଯାହାକୁ ନେଇ ପୂର୍ବତନ ବିଧାୟକ, ମନ୍ତ୍ରୀ ଏବଂ ବୁଦ୍ଧିଜୀବୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ୨୦୦୯ରୁ ୨୦୧୮ ମଧ୍ୟରେ ବୈଠକ ଡକାଯାଇଥିବା ମୋଟ ୬୧୬ ଦିନ ମଧ୍ୟରୁ ୧୦୪ ଦିନ ଗୃହ ବସିନାହିଁ। ☞ପୃଷ୍ଠା–୧୪



ସ୍ୱାଧୀନତା ପରଠାରୁ ପ୍ରଥମଥର ପୁରୁଷ ସଦସ୍ୟ ସହଯୋଗୀଙ୍କ ବିନା ଚଳିତବର୍ଷ ୨,୩୦୦ ମୁସଲିମ୍ ମହିଳା ହଜ୍ ଯାତ୍ରା କରିବାକୁ ଆବେଦନ କରିଛନ୍ତି। ଏମାନଙ୍କୁ ଲଟେରି ବ୍ୟବସ୍ଥାରୁ ବାଦ୍ ଦିଆଯାଇଛି। ନୂଆଦିଲ୍ଲୀର ଆର୍.କେ.ପୁରମ୍‌ରେ ହାଜ୍ ଡିଭିଜନର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟନ ଅବସରରେ କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ ମୁଖ୍‌ତାର ଆବାସ ନକ୍‌ଭି ଏହା କହିଛନ୍ତି। ଏଥର ହଜ୍ ଯାତ୍ରା ପାଇଁ ୨.୬୭,୦୦୦ ଆବେଦନ ଫର୍ମ ଗ୍ରହଣ କରାଯାଇଥିବା ସେ ଜଣାଇଛନ୍ତି।



ବୁଧବାର ବଲିଉଡ୍ ଅଭିନେତା ଅନିଲ କପୁର ଦିଲ୍ଲୀଠାରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭେଟିଛନ୍ତି।

# ଅଟକିଲା ଶିବାଜୀ ପ୍ରତିମୂର୍ତ୍ତି ନିର୍ମାଣ

**ମୁମ୍ବାଇ:** ମୁମ୍ବାଇ ଉପକଣ୍ଠ ଆରବ ସାଗରରେ ମରାଠା ଯୋଦ୍ଧା ଛତ୍ରପତି ଶିବାଜୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ କାର୍ଯ୍ୟ ଅବିଳମ୍ବେ ବନ୍ଦ କରିବାକୁ ସୁପ୍ରିମକୋର୍ଟ ମହାରାଷ୍ଟ୍ର ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି। ଫଳରେ ପିଡବ୍ଲ୍ୟୁଡି ପକ୍ଷରୁ ଏହି ପ୍ରକଳ୍ପ କାର୍ଯ୍ୟ ବନ୍ଦ କରାଯାଇଛି। ନିର୍ମାଣରେ ନିୟୋଜିତ ଠିକାଦାରମାନଙ୍କୁ କାର୍ଯ୍ୟରୁ ନିବୃତ୍ତ ରହିବାକୁ ନିର୍ଦ୍ଦେଶ ହୋଇଛି। ଭାଜପା ନେତୃତ୍ୱାଧୀନ ଫଡ୍‌ନବିସ୍ ସରକାରଙ୍କ ଅନ୍ୟତମ 'ଡ୍ରିମ୍ ପ୍ରୋଜେକ୍ଟ' ଭାବେ ପ୍ରସ୍ତାବିତ ୨୧୨ ମିଟର ଉଚ୍ଚତାର ପ୍ରତିମୂର୍ତ୍ତି ନିର୍ମାଣର ଶିଳାନ୍ୟାସ ଡିସେମ୍ବର ୨୦୧୬ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କରକମଳରେ ହୋଇଥିଲା। ତେବେ ବିନା ଜନଶୁଣାଣିରେ ଏହି ପ୍ରକଳ୍ପକୁ ଜଙ୍ଗଲ, ପରିବେଶ ଓ ପାଣିପାଗ ମନ୍ତ୍ରଣାଳୟ ମଞ୍ଜୁରୀ ଦେଇଥିବା ନେଇ କନ୍‌ଜରଭେଶନ ଆକ୍ସନ ଟ୍ରଷ୍ଟ (ସିଏଟି) ବମ୍ବେ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲା। ଏହି ପ୍ରକଳ୍ପ କାର୍ଯ୍ୟ ବନ୍ଦ କରାଯିବ ନାହିଁ ବୋଲି ହାଇକୋର୍ଟ ରାୟ ଦେବା ପରେ ସିଏଟି ସୁପ୍ରିମ୍‌କୋର୍ଟକୁ ଯାଇଥିଲା।



ଜାନୁୟାରୀ ୧୧ରେ ସିଏଟିର ଏ ସମ୍ପର୍କିତ ପିଟିଶନ ଉପରେ ଶୁଣାଣି କରି ସୁପ୍ରିମ୍‌କୋର୍ଟ ପ୍ରତିମୂର୍ତ୍ତି ନିର୍ମାଣ କାର୍ଯ୍ୟ ଉପରେ ରହିତାଦେଶ ଜାରି କରିଥିବା ସରକାରୀ ଓକିଲ ନିଶାନ୍ତ ଆର୍ କଟ୍‌ନେଶ୍ୱରକର ଜଣାଇଛନ୍ତି।

# ୨୦୦୮ରୁ ୪୨୯ ବାଘ ଶିକାର



ନୋଏଡା,୧୬।୧(ପି.ଟି.)

**ଆର୍‌ଟିଆଇ ତଥ୍ୟ**

ଜଙ୍ଗଲ ସୃଷ୍ଟି, ସବୁଜିମା, ବନ୍ୟପ୍ରାଣୀଙ୍କ ସୁରକ୍ଷା ଏକ ସନ୍ତୁଳିତ ପରିବେଶର ଆହ୍ୱାନ। ପ୍ରାକୃତିକ ଖାଦ୍ୟଶୃଙ୍ଖଳରେ ସ୍ଥିରତା ବଜାୟ ରଖିବାକୁ ହେଲେ ଜଙ୍ଗଲ ଓ ବନ୍ୟଜନ୍ତୁ ସଂରକ୍ଷଣ ସହ ବୃକ୍ଷରୋପଣ ବହୁ ଗୁରୁତ୍ୱପୂର୍ଣ୍ଣ। ବିଶେଷକରି ବାଘ ଓ ହାତୀ ଆଦି ବନ୍ୟଜନ୍ତୁଙ୍କ ସୁରକ୍ଷିତ ସହାବସ୍ଥାନରେ ମଣିଷର ସ୍ଥିତାବସ୍ଥା ସମ୍ଭବ। ତେବେ ଜଙ୍ଗଲ କ୍ଷୟ ଯୋଗୁ ହାତୀ-ମଣିଷ ଲଢ଼େଇ ଏବଂ ବାଘ ଶିକାର ଚିନ୍ତାର କାରଣ ହୋଇଛି। ଏହି ଦୃଷ୍ଟିକୋଣରୁ ସରକାରୀ ସ୍ତରରେ ବାଘ ସଂରକ୍ଷଣ ପ୍ରକଳ୍ପ ସୁବ୍ୟବସ୍ଥିତ ଭାବେ କାର୍ଯ୍ୟକାରୀ ହୋଇଛି। ମାତ୍ର ୨୦୦୮ରୁ ୨୦୧୮ ମଧ୍ୟରେ ୪୨୯ ବାଘଙ୍କୁ ହତ୍ୟା ଅଥବା ଶିକାର କରାଯାଇଛି। ରାଜ୍ୟସ୍ତରୀୟ ଏ ସମ୍ପର୍କିତ ମିଳିଥିବା ତଥ୍ୟ ଅନୁଯାୟୀ ମଧ୍ୟପ୍ରଦେଶରେ ସର୍ବାଧିକ ୭୧, ମହାରାଷ୍ଟ୍ର ଏବଂ କର୍ଣାଟକରେ ୪୬, ଆସାମ ଓ ଛତିଶଗଡ଼ରେ ୪୨ ଓ ଉତ୍ତରାଖଣ୍ଡରେ ୩୫ ବାଘଙ୍କ ଜୀବନ ଯାଇଛି। ୨୦୧୧ ଏବଂ ୨୦୧୫ରେ ଯଥାକ୍ରମେ ୮୦ ଓ ୧୫ ବାଘଙ୍କୁ ଶିକାର କରାଯାଇଛି। ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ଅଧୀନ ୱାଇଲ୍ଡ ଲାଇଫ୍ କ୍ରାଇମ୍ କଣ୍ଟ୍ରୋଲ ବୋର୍ଡ (ଡବ୍ଲ୍ୟୁସିସିବି)ରୁ ସୂଚନା ଅଧିକାର ଆଇନ ବଳରେ ଏହି ତଥ୍ୟ ହାସଲ କରିଥିବା ନୋଏଡା ସ୍ଥିତ ଆଡ଼ଭୋକେଟ ରଞ୍ଜନ ତୋମାର ଏହା ଜଣାଇଛନ୍ତି। ଏଥିସହ ଏହା ଏକ ସମ୍ବେଦନଶୀଳ ପ୍ରସଙ୍ଗ ବୋଲି ସତର୍କ କରାଇଛନ୍ତି। ତେବେ ଗତ କିଛି ବର୍ଷ ହେବ 'ବାଘ ହତ୍ୟା' ଘଟଣା ହ୍ରାସ ପାଇଥିବା ସେ କହିଛନ୍ତି। ଏହା ବନ୍ୟପ୍ରାଣୀ ସଂରକ୍ଷକଙ୍କ ପାଇଁ ଶୁଭ ଖବର। ଦେଶର ୧୪ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଆଣ୍ଡାମାନ ଓ ନିକୋବର ଦ୍ୱୀପ, ଚଣ୍ଡିଗଡ଼, ଦାଦ୍ରା ଆଣ୍ଡ ନଗର ହାଭେଲି, ଲାକ୍ଷାଦ୍ୱୀପ, ମେଘାଳୟ, ମିଜୋରାମ, ପୁଡୁଚେରୀ, ପଞ୍ଜାବ, ସିକିମ୍ ଏବଂ ତ୍ରିପୁରାରେ ୨୦୦୮ରୁ ୧୦ ବର୍ଷ ମଧ୍ୟରେ ବାଘଙ୍କୁ ହତ୍ୟା ବା ଶିକାର କରାଯାଇ ନ ଥିବା ଜଣାପଡ଼ିଛି।



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ-** ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାରେ ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବା ସହ ସକାଳେ କୁହୁଡିଆ ରହିବ। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୮ ଡିଗ୍ରୀ ଏବଂ ସର୍ବନିମ୍ନ ୧୨ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି।

ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୬.୯ | ୧୦.୫ |
| ଚାନ୍ଦବାଲି | ୨୫.୨ | ୧୪.୦ |
| କଟକ | ୨୬.୨ | ୧୧.୫ |
| ପାରାଦ୍ୱୀପ | ୨୫.୭ | ୧୪.୫ |
| ଭୁବନେଶ୍ୱର | ୨୭.୬ | ୧୩.୦ |
| ଗୋପାଳପୁର | ୨୭.୮ | ୧୬.୮ |
| ପୁରୀ | ୨୬.୧ | ୧୫.୨ |
| ଅନୁଗୋଳ | ୨୬.୧ | ୮.୦ |
| ବାରିପଦା | ୨୪.୪ | ୧୧.୪ |
| ଝାରସୁଗୁଡ଼ା | ୨୭.୦ | ୮.୫ |
| କେନ୍ଦୁଝର | ୨୫.୨ | ୯.୪ |
| ସମ୍ବଲପୁର | ୨୭.୮ | ୯.୫ |
| ସୁନ୍ଦରଗଡ଼ | --- | ୯.୦ |
| ହୀରାକୁଦ | ୨୬.୬ | ୧୦.୬ |
| ତାଳଚେର | ୩୧.୧ | ୧୧.୩ |
| ଭବାନୀପାଟଣା | ୨୮.୦ | ୧୦.୦ |
| ବଲାଙ୍ଗୀର | --- | ୧୧.୮ |
| କୋରାପୁଟ | ୨୫.୬ | ୧୦.୪ |
| ଫୁଲବାଣୀ | --- | ୭.୦ |
| ଟିଟିଲାଗଡ଼ | --- | ୧୦.୦ |
| ମାଲକାନଗିରି | ୩୦.୫ | ୧୪.୫ |
| ସୋନପୁର | ୨୭.୬ | ୮.୬ |
| ଦାରିଙ୍ଗିବାଡ଼ି | ୨୪.୫ | ୯.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍





ଭାରତ ଓ ଆମେରିକା ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧିପାଉଛି। ଭାରତ ସେଠାରୁ ୧୮ ବିଲିୟନ ଡଲାର ମୂଲ୍ୟର ପ୍ରତିରକ୍ଷା ସାମଗ୍ରୀ ସହିତ ବାର୍ଷିକ ୫ ବିଲିୟନ ଡଲାର ମୂଲ୍ୟର ତୈଳ ଓ ଗ୍ୟାସ୍ କ୍ରୟ କରିବ ବୋଲି ଭାରତର ରାଷ୍ଟ୍ରଦୂତ ହର୍ଷବର୍ଦ୍ଧନ ଶ୍ରିଙ୍ଗଲା କହିଛନ୍ତି।






# କେନ୍ଦ୍ର ମନ୍ତ୍ରୀ ଗଡ଼କରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଚିଠି

## ରାଜ୍ୟ ପ୍ରସ୍ତାବକୁ ତୁରନ୍ତ ଅନୁମୋଦନ କର

ଭୁବନେଶ୍ୱର,୧୬।୧(ବ୍ୟୁରୋ)

ରାଜ୍ୟ ସରକାର କେନ୍ଦ୍ର ଭୂପୃଷ୍ଠ ପରିବହନ ଏବଂ ଜାତୀୟ ରାଜପଥ ମନ୍ତ୍ରଣାଳୟ ନିକଟକୁ କେନ୍ଦ୍ରୀୟ ରାସ୍ତା ପାଣ୍ଠି(ସିଆରଏଫ) ଯୋଜନାରେ ୨୦୧୮ ଡିସେମ୍ବର ୨୦ ତାରିଖରୁ ୧୨୬୧.୯୮ କୋଟି ଟଙ୍କାର ପ୍ରକଳ୍ପ ପ୍ରଦାନ କରିଛନ୍ତି। ସମୁଦାୟ ୩୦ଟି ପ୍ରସ୍ତାବ ମଧ୍ୟରୁ ରାସ୍ତା ସମ୍ପ୍ରସାରଣ ଓ ମରାମତି ପାଇଁ ୨୯ଟି ପ୍ରସ୍ତାବ ଦିଆଯାଇଥିବା ବେଳେ ଗୋଟିଏ ପ୍ରସ୍ତାବ ଜାତୀୟ ରାଜପଥ -୧୬ ଯାଇଥିବା ସୁବର୍ଣ୍ଣରେଖା ନଦୀ ଉପରେ ଏକ ପୋଲ ନିର୍ମାଣ ପାଇଁ ଦିଆଯାଇଛି। ମାତ୍ର ଏ ପର୍ଯ୍ୟନ୍ତ ମନ୍ତ୍ରଣାଳୟ ପକ୍ଷରୁ କୌଣସି ସବୁଜ ସଙ୍କେତ ମିଳି ନାହିଁ। ପ୍ରକଳ୍ପ ଅନୁମୋଦନ ନେଇ ବିଳମ୍ବ ହେଉଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର କେନ୍ଦ୍ର ଭୂପୃଷ୍ଠ ପରିବହନ ଏବଂ ଜାତୀୟ ରାଜପଥ ମନ୍ତ୍ରୀ ନୀତିନ ଗଡକରୀଙ୍କୁ ଚିଠି ଲେଖିଛନ୍ତି। ଚିଠିରେ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି, ସେଥିରୁ କେବଳ ପୁରୀ ଜିଲାରେ ଗୋଟିଏ ରାସ୍ତା ପ୍ରକଳ୍ପ ପର୍ଯ୍ୟଟକମାନଙ୍କ ଯାତାୟାତ ପାଇଁ ଉଦ୍ଦିଷ୍ଟ ଥିବା ବେଳେ ଅନ୍ୟ ସମସ୍ତ ପ୍ରକଳ୍ପ ରାଜ୍ୟର ୧୩ଟି ଆଦିବାସୀ ଓ ପଛୁଆ ଜିଲା ମଧ୍ୟଦେଇ ଯାଉଛି। ଓଡିଶା ପାଇଁ ସିଆରଏଫରୁ ଗତବର୍ଷ କିମ୍ବା ଚଳିତ ବର୍ଷ ଗୋଟିଏ ହେଲେ ପ୍ରକଳ୍ପ ପାଇଁ ଅର୍ଥ ଅନୁମୋଦନ କରାଯାଇ ନାହିଁ। ରାଜ୍ୟର ଆଦିବାସୀ ଓ ପଛୁଆ ଅଞ୍ଚଳର ବିକାଶକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଦେଇଥିବା ପ୍ରସ୍ତାବଗୁଡିକୁ ଶୀଘ୍ର ଅନୁମୋଦନ କରିବାକୁ ମୁଖ୍ୟମନ୍ତ୍ରୀ ଗଡକରୀଙ୍କୁ ଅନୁରୋଧ କରିଛନ୍ତି।

ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ବଲାଙ୍ଗୀର ଏବଂ ଭଇଁସାପାଳି ମଧ୍ୟରେ ଏକ ଯାତ୍ରୀବାହି ଟ୍ରେନ ଏବଂ ନୟାଗଡ ସହରରୁ ଏକ୍ସପ୍ରେସ ଟ୍ରେନ କୋଲକତା ଓ ବିଶାଖାପାଟଣାକୁ ଚଳାଇବାକୁ ଚଳିତ ମାସ ୪ ତାରିଖରେ କେନ୍ଦ୍ର ରେଳ ମନ୍ତ୍ରୀ ପିୟୁଷ ଗୋଏଲଙ୍କୁ ଚିଠି ଲେଖିଥିଲେ। ୨୦୧୮ ଅକ୍ଟୋବରରୁ ବଲାଙ୍ଗୀର ଏବଂ ଭଇଁସାପାଳି ସେକ୍ସନ ପାଇଁ ସୁରକ୍ଷା ସମ୍ପର୍କିତ ଅନୁମତି ମିଳି ସାରିବା ପରେ ମଧ୍ୟ ଟ୍ରେନ ଚଳାଚଳ ଆରମ୍ଭ ହୋଇ ନାହିଁ। ଏହି ସେକ୍ସନ ପାଇଁ ଯାତ୍ରୀବାହି ଟ୍ରେନ ଚଳାଇବାକୁ ମୁଖ୍ୟମନ୍ତ୍ରୀ ଦାବି କରିବା ସହ ନୟାଗଡ ସହରରୁ ଭାୟା ବିଶାଖାପାଟନମ ଦେଇ କୋଲକତା ମଧ୍ୟରେ ଏକ ଏକ୍ସପ୍ରେସ ଟ୍ରେନ ଚଳାଇବାକୁ ଦାବି କରିଛନ୍ତି।

# ନୂଆ ସିବିଆଇ ନିର୍ଦ୍ଦେଶକ ନିଯୁକ୍ତି
## ୨୪ରେ ଚୟନ କମିଟି ବୈଠକ

ନୂଆଦିଲ୍ଲୀ,୧୬।୧(ପି.ଟି.)

ନୂଆ ସିବିଆଇ ନିର୍ଦ୍ଦେଶକ ନିଯୁକ୍ତି ଲାଗି ଆସନ୍ତା ୨୪ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଉଚ୍ଚ କ୍ଷମତାସମ୍ପନ୍ନ ଚୟନ କମିଟି ବୈଠକ ବସୁଥିବା ଜଣାପଡିଛି। ଏହି କମିଟିରେ ପ୍ରଧାନ ବିଚାରପତି ଏବଂ ଲୋକ ସଭାରେ କଂଗ୍ରେସ ଦଳର ନେତା ମଲ୍ଲିକାର୍ଜୁନ ଖାର୍ଗେ ସଦସ୍ୟ ଅଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ୨୧ ତାରିଖରେ ଉକ୍ତ ବୈଠକ ବସିବାକୁ ଥିବାବେଳେ ଏହାକୁ ୨୪ କିମ୍ବା ୨୫ ତାରିଖକୁ ଘୁଞ୍ଚାଇବା ଲାଗି ଖାର୍ଗେ ଚାହିଁଥିଲେ। ଆପୋଷ ପରାମର୍ଶକ୍ରମେ ୨୪ରେ ବୈଠକ କରିବା ଲାଗି ସରକାର ଚୂଡାନ୍ତ କରିଛନ୍ତି। ଆଲୋକ ବର୍ମାଙ୍କୁ ସିବିଆଇ ମୁଖ୍ୟ ପଦରୁ ହଟାଇ ତାଙ୍କୁ ଅଗ୍ନିଶମ ବିଭାଗ ଡିଜି ନିଯୁକ୍ତ କରାଯିବା ପରେ ସେ ଇସ୍ତଫା ଦେଇଥିଲେ। ଏବେ ଆଇପିଏସ୍ ଅଫିସର ଏମ. ନାଗେଶ୍ୱର ରାଓ ସିବିଆଇର ଅନ୍ତରୀଣ ନିର୍ଦ୍ଦେଶକ ଅଛନ୍ତି। ନିୟମିତ ନିର୍ଦ୍ଦେଶକ ନିଯୁକ୍ତି କରାଯାଉ ନ ଥିବାରୁ କଂଗ୍ରେସ ପକ୍ଷରୁ ସରକାରଙ୍କୁ ସମାଲୋଚନା କରାଯାଇଥିଲା। ଅନ୍ତରୀଣ ନିର୍ଦ୍ଦେଶକ ନିଯୁକ୍ତି ବେଆଇନ ବୋଲି ଦର୍ଶାଇ ନିୟମିତ ନିର୍ଦ୍ଦେଶକ ନିଯୁକ୍ତି କରିବା ଲାଗି ତୁରନ୍ତ ଚୟନ କମିଟି ବୈଠକ ଡାକିବାକୁ ଖାର୍ଗେ ମଙ୍ଗଳବାର ପ୍ରଧାନମନ୍ତ୍ରୀଙ୍କୁ ପତ୍ର ଲେଖି ଜଣାଇଥିଲେ।

ଅନ୍ୟପକ୍ଷରେ ସିବିଆଇ ଅନ୍ତରୀଣ ନିର୍ଦ୍ଦେଶକ ଭାବେ ନାଗେଶ୍ୱର ରାଓଙ୍କ ନିଯୁକ୍ତିକୁ ଏନ୍‌ଜିଓ 'କମନ କଜ୍' ପକ୍ଷରୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିବାବେଳେ ଆସନ୍ତା ସପ୍ତାହରେ ଏହାର ଶୁଣାଣି ହେବ। ଏନ୍‌ଜିଓ ପକ୍ଷରୁ ଆଇନଜୀବୀ ପ୍ରଶାନ୍ତ ଭୂଷଣ ଏବଂ ଆର୍‌ଟିଆଇ କର୍ମୀ ଅଞ୍ଜଳି ଭରଦ୍ୱାଜ ଶୁକ୍ରବାର ମାମଲାର ଶୁଣାଣି ଲାଗି କୋର୍ଟଙ୍କୁ ଅନୁରୋଧ କରିଥିଲେ। ତେବେ ଏହା ସମ୍ଭବ ନୁହେଁ ବୋଲି ପ୍ରଧାନ ବିଚାରପତି କହିବା ସହ ଶୁଣାଣି ଆସନ୍ତା ସପ୍ତାହକୁ ଧାର୍ଯ୍ୟ କରିଛନ୍ତି।

National Pension System (NPS)
Retired life ka sahara, NPS hamara
Portable PRAN Account | Customised Investment & Pension Options
Exclusive Tax Benefit u/s 80CCD (1B) | Low Cost Structure
NSDL e-Governance Infrastructure Limited invites you to Subscriber Awareness Programme on NPS
VENUE
Hotel The Royal Suites
Juhi Block-7, Infront of Durga Mandap, Satya Nagar, Bhubaneswar - 751004, Odisha.
Date: Friday, January 18, 2019
Time: 5.30 pm
Hotel Grand Residency
Palamandap, Badambadi, Cuttack - 753012, Odisha.
Date: Saturday, January 19, 2019
Time: 5.30 pm
PROGRAM

| | |
|---|---|
| Presentation by NSDL e-Governance Infrastructure Limited | 45 mins. |
| Question and Answer session | 45 mins. |
| Tea/Coffee | 30 mins. |

NSDL Technology, Trust & Reach
NSDL e-Governance Infrastructure Limited
Central Recordkeeping Agency
(CIN U72900MH1995PLC095642)
1st Floor, Times Tower, Kamala Mills Compound, Senapati Bapat Marg, Lower Parel, Mumbai - 400 013
Admission is FREE
Tel: +91-22-2499 3499 • Fax: +91-22-2499 4974
Website: www.npscra.nsdl.co.in / www.egov-nsdl.co.in
Follows us on www.facebook.com/nps.NSDL
(This event is conducted by NSDL e-Governance Infrastructure Limited in the interest of the subscribers)
Open your NPS account NOW !

KiiT International School
[A CONSTITUENT OF KIIT GROUP OF INSTITUTIONS]
Selfless Service Endless Learning
IB WORLD SCHOOL
Cambridge Assessment International Education
Cambridge International School



KiiT International School is proud to have iconic writer Padma Bhushan Ruskin Bond as its Goodwill Ambassador
1ST RANKED IN EASTERN INDIA & ODISHA



ADMISSION OPEN
FOR NURSERY TO GRADE-XI
(2019 - 2020)
(Limited Seats only)
NURSERY TO GRADE XII, CBSE (SCIENCE, HUMANITIES & COMMERCE)
GRADES XI & XII, IBDP (INTERNATIONAL BACCALAUREATE DIPLOMA PROGRAMME)
& GRADES VII-X, CAMBRIDGE IGCSE

- RANKED 7TH IN INDIA (EDUCATION WORLD)
- A+++ CATEGORY (PIONEER GROUP)
- RATED AMONG TOP 20 SCHOOLS IN INDIA (ENGINEERING WATCH)
- INTERNATIONAL SCHOOL AWARD WINNER (BCI)

- Indian and Foreign University Career Counselling Support Programme
- Offering Day-boarding & Full-boarding programmes with world-class facilities
- 24x7 Health Care by KIMS Super-speciality Hospital
- 'Renaissance' Digital Innovation Lab, Intel Hub, Mayo Clinic Support & Anweshika Centre, 3D Educational Studio
- Ideal Teacher-Student ratio of 1:10
- Wi-fi, Air-conditioned & CC TV surveillance Campus

| Eligibility Criteria for provisional admission into CBSE (Grade - XI) & IBDP (Year 1) | For XI (Science) & Year 1 (IBDP) 80% or above in 9th Final / 10th Pre-Board | For XI (Commerce & Humanities) 70% or above in 9th Final / 10th Pre-Borad | Register Online / Offline |
|---|---|---|---|

Campus-9, KIIT, Patia, Bhubaneswar-751024, Odisha, Contact: (0674) 2725 805, 9437061572, 7894905658, 9078399610, 9937220263 (IGCSE & IBDP)
Fax: (0674) 2726 115, Website: www.kiitis.ac.in, E-mail: kiitis@kiitis.ac.in

DSPL-356
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
ଆମ ଗାଁ ଆମ ବିକାଶ
ନବୀନ ଓଡ଼ିଶାର ନୂତନ କିରଣ
ପିଠା
PEETHA
(Peoples' Empowerment - Enabling Transparency and Enhancing Accountability on Odisha Initiatives)
ଚକ୍ଷୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ
ସୁନେତ୍ର

'ସୁନେତ୍ର' ଯୋଜନା ର ଲକ୍ଷ୍ୟ
- ପ୍ରତିବର୍ଷ ସମସ୍ତ ଜନସାଧାରଣଙ୍କର ମାଗଣାରେ ଚକ୍ଷୁ ପରୀକ୍ଷା
- ଆବଶ୍ୟକତା ମୁତାବକ ମାଗଣାରେ ଚଷମା ଯୋଗାଣ
- ମାଗଣା ମୋତିଆବିନ୍ଦୁ ଅସ୍ତ୍ରୋପଚାର
- ଜଟିଳ ଚକ୍ଷୁ ରୋଗର ମାଗଣା ଚିକିତ୍ସା

ଏହି ମାସରେ ବିଭିନ୍ନ ଗ୍ରାମପଞ୍ଚାୟତରେ ହେଉଥିବା ପିଠା ଶିବିରରେ ସୁନେତ୍ର ଯୋଜନା ମାଧ୍ୟମରେ ରାଜ୍ୟର ୧୯୮୧୯ ଜଣ ଛାତ୍ରଛାତ୍ରୀ ଓ ୩୮୩୦୭ ବୟସ୍କ ଲୋକଙ୍କୁ ମାଗଣାରେ ଚଷମା ବଣ୍ଟନ ଆରମ୍ଭ କରାଯାଉଛି । ଏହି ଯୋଜନାକୁ ଆଗାମୀ ସମୟରେ ସମସ୍ତଙ୍କ ନିକଟରେ ପହଞ୍ଚାଇବାର ବ୍ୟବସ୍ଥା କରାଯାଉଛି ।





ମୁଁ ଗାୟତ୍ରୀ ବଇରାଗି, ଅଷ୍ଟମ ଶ୍ରେଣୀରେ ପଢେ । ସୁନେତ୍ର ରେ ମାଗଣା ଆଖି ପରୀକ୍ଷା କରାଯାଇ ମତେ ଚଷମା ଦିଆଗଲା । ଏଣିକି ମୁଁ ଭଲରେ ପାଠ ପଢିପାରିବି ଆଉ ଭଲ ମାର୍କ ରଖିବି ।
10001/13/0056/1819
ସୁନେତ୍ର
ଚକ୍ଷୁ ଚିକିତ୍ସା ସବୁଠି ଓ ସମସ୍ତଙ୍କ ପାଇଁ



ପଞ୍ଜାବର ବିଦ୍ରୋହୀ ଏଏପି ବିଧାୟକ ବଳଦେବ ସିଂ ବୁଧବାର ଦଳର ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ସେ ଦଳ ଛାଡିବା ନେଇ ଆବାହକ ଅରବିନ୍ଦ କେଜ୍‌ରିୱାଲଙ୍କ ଏକଚ୍ଛତ୍ରବାଦ ଏବଂ ଅହଂକାରିତାକୁ ଦାୟୀ କରିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ: ....................................
ଜନ୍ମ ତାରିଖ: ..............................



ସଂଘମିତ୍ରା
ପରିବାରବର୍ଗ



ଶୂନ୍ୟବାସୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified





### SALE

L&T Pc 71 Komatsu show room condition, 2009 Dec (Mo): 7978887806. D-10485





### SALE

Prime property at Khandagiri (land & building) 2 storied with under ground cost Rs. 1.35 core (negotiable). Contact: 9338579645. D-64935

ଭୁବନେଶ୍ୱର ସୁନ୍ଦରପଦା Indus Engineering କଲେଜ backside sqft.- 199/-ରେ ପ୍ଲଟ ମିଳୁଅଛି। 8338932027. D-65312

Residential plot 30' road at KIIT College, Sunderpada, Nakhara. Flat/ duplex, Patia Chhak. 8328811411, 7978620820. D-65332

Hurry Up litigation free residential plot available Nandankanan flat-Hanspal duplex- Raghunathpur. 9853821712, 8270565956. D-10585

ଭୁବନେଶ୍ୱର ଉଭରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଙ୍ଗାରୁ ବିକ୍ରିହେବ। 9178660666. D-65509

Plot sale near AIIMS Hospital, Bhubaneswar 30' wide road. 8280401077. D-65333

Bhubaneswar Patia KIIT University ନିକଟରେ ବାସୋପଯୋଗୀ plot କିଣନ୍ତୁ। 9439444251, 9078085655. D-65334

ଭୁବନେଶ୍ୱର ବାଲିଅନ୍ତା roadside Puri Bypass sideରେ ପ୍ଲଟ ମିଳୁଛି। 8093465134. D-65338

BDA yellowzone gharabadi boundary, electricity and greenery facilities plot at Patrapada, Tamando and Infovally GITA College Square. 9938770157, 7008818121. D-65339

ଭୁବନେଶ୍ୱର ପଟିଆ KIIS University boundary ପାଖରେ ସମ୍ପୂର୍ଣ୍ଣ development 40/30" road, electricity, ପାଚେରି ସହିତ plot ବିକ୍ରି ହେବ। 9937366406. D-64692

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### GENERAL SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-65329





1400 sqft. commercial space at BMC Bhabani mall sqft. 50/-. 9337119834. D-65331

3BHK first floor suitable for family/ MESS. Available in Sailashree Vihar. 9437101413. D-63930

3BHK marbal flat Unit-8, Souvagya Nagar, Main road. Contact. 9000004523. D-64937





Fully refreshed/ relaxed body massage by expert therapist, Shastri Nagar. 7377984773. D-65282

Rejuvenate and Ayurvedic full body massage by smart therapist. 9114402304. D-65283

Herbal full body massage by smart/ expert therapist. Contact: 8338067247. D-65503

Newly opening ayurvedic massage smart therapist, Shree herbal. 7750020754. D-65504

Improving your health, skin care through expert therapist, excellent offer. 9668374480. D-65505

Pamper yourself this Mansoon professional massage. Contact Purple Orchid. 9776598888. D-65506

Herbal full body massage with refreshment by well trained therapist. 7381239385. D-65513

Saishree ayurvedic full body massage ladies & gents. Contact: 7438896074. D-64689

Experience full body massage with us by expert Enquiry: 06742597822, 7377048581. D-65512





Buy one Jean Pant only 850/- and earn upto 10.000/- Per month. We need business partner for every Town. +918114680173. D-64773

### LOST

I have lost my 10th Certificate Sl. No.- 0611241 on 13th January on the way Unit-9 to Utkal University. If any one found it please contact: 7978065788. D-64774

### AFFIDAVIT

By virtue of an affidavit before Notary Public, Boudh Dist. Orissa, I, Sanjukta Kumari Pradhan, D/o- Antaryami Pradhan have changed my name from Sanjukta Kumari Pradhan to Sanjukta Pradhan. Hence, I will be known as Sanjukta Pradhan for all purposes. D-69698

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ୬ଷ୍ଠ ଜନ୍ମଦିନ ଶୁଭେଚ୍ଛା



**ସ୍ମାଇଲ୍ (ରିଟା)**
ଜିଜିପି କଲୋନୀ, ରସୁଲଗଡ଼, ଭୁବନେଶ୍ୱର

ତୋର ୬ଷ୍ଠ ବାର୍ଷିକ ଜନ୍ମଦିନ ଅବସରରେ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା ତୋର ଚଲାପଥ କୁସୁମିତ ତଥା ଯଶସ୍ୱୀ କରନ୍ତୁ।
ଶୁଭେଚ୍ଛା ସହ: ଜେଜେବାପା, ଜେଜେମା, ଅଜା, ଆଇ, ବାପା, ମାମା, ଆଶୁତୋଷ, ଆଦ୍ୟାଶା, ରାଉଳ ଓ ପରିବାରବର୍ଗ

D-10593

## ସୁପ୍ରିମକୋର୍ଟରେ ...

ନାମ ସୁପାରିସ କରିଥିଲା। ତେବେ ବରିଷ୍ଠ ବିଚାରପତି ଥାଇ କନିଷ୍ଠଙ୍କୁ ସୁପ୍ରିମକୋର୍ଟ ବିଚାରପତି ଭାବେ ପଦୋନ୍ନତି ଦିଆଯାଇଥିବାରୁ ଏହାକୁ ନେଇ ପ୍ରଶ୍ନ ଉଠିଛି। ପୂର୍ବତନ ପ୍ରଧାନ ବିଚାରପତି ଆର୍.ଏମ୍. ଲୋଧା ଏଭଳି ସୁପାରିସ୍‌କୁ ନେଇ ଆଶ୍ଚର୍ଯ୍ୟ ବ୍ୟକ୍ତ କରିଛନ୍ତି। ସରକାର ପୂର୍ବ ସୁପାରିସ୍‌କୁ କ'ଣ ପାଇଁ ଫେରାଇଲେ ତାହା କଲେଜିୟମ ଖୁଲାସା କରିବା ଆବଶ୍ୟକ ବୋଲି ଜଷ୍ଟିସ୍ ଲୋଧା କହିଛନ୍ତି।

## ଘର ନ ପାଇ...

ରାତି ହୋଇଯାଇଥିବାରୁ ଗୁରୁବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଥାନା ଅଧିକାରୀ କବିତା ସାହୁ ସୂଚନା ଦେଇଛନ୍ତି। ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା(୧/୨୦୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅପରପକ୍ଷରେ ଲକ୍ଷ୍ମୀଧରଙ୍କ ଦ୍ୱାରା ଗତ କିଛିଦିନ ତଳେ କରାଯାଇଥିବା ଏକ ଭିଡିଓରେ ସେ ନିଜର ଗରିବିକୁ ପ୍ରକାଶ କରୁଥିବା ଦେଖିବାକୁ ମିଳିଛି। ୧୫ହଜାର ଟଙ୍କା ନ ଦେଲେ ତାଙ୍କୁ ଘର ଖଣ୍ଡେ ମିଳିପାରିବ ନାହିଁ ବୋଲି ବ୍ଲକ କର୍ମଚାରୀ କହିଥିବା ସେ ଉକ୍ତ ଭିଡିଓରେ ଉଲ୍ଲେଖ କରିଛନ୍ତି। ଏପରି କି ଅର୍ଥ ଅଭାବରୁ ୨ପୁଅ ଓ ଗୋଟିଏ ଝିଅକୁ ଟିଉସନ ଯେତେବେଳେ ଦେଇପାରୁ ନାହିଁ ଘରଟିଏ ପାଇବାକୁ ଏତେ ଟଙ୍କା କେଉଁଠୁ ଦେବି ବୋଲି ଭିଡିଓରେ ଲକ୍ଷ୍ମୀଧର କହୁଥିବା ଜଣାପଡ଼ିଛି। ତେବେ ଲକ୍ଷ୍ମୀଧରଙ୍କୁ କେଉଁ ବ୍ଲକ କର୍ମଚାରୀ ଘର ପାଇଁ ଲାଞ୍ଚ ମାଗୁଥିଲେ ତାହା ତଦନ୍ତ କରାଗଲେ ଜଣାପଡ଼ିବ ବୋଲି ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଟାଙ୍ଗୀ ବିଡିଓ ଭାସ୍କର ଚନ୍ଦ୍ର ରଇତ କୁହନ୍ତି, ଲକ୍ଷ୍ମୀଧର ଆତ୍ମହତ୍ୟା କରିବା ଓ ଭିଡିଓ ଭାଇରାଲ ଖବର ମିଳିଛି। ପ୍ରଶାସନ ପକ୍ଷରୁ ତଦନ୍ତ କରାଯିବା ପରେ ପ୍ରକୃତ ରହସ୍ୟ କ'ଣ ଜଣାପଡିବ ବୋଲି ସେ କହିଛନ୍ତି। କେବଳ ଲକ୍ଷ୍ମୀଧରଙ୍କ ଘଟଣାରେ ଘର ପାଇଁ ଅର୍ଥ ଦାବି କରିବା ଖୋର୍ଦ୍ଧା ଜିଲାରେ ନୂଆ କଥା ନୁହେଁ। ପୂର୍ବରୁ ମଧ୍ୟ ଗ୍ରାମୀଣ ଆବାସ ଯୋଜନାରେ ଲାଞ୍ଚ କାରବାରରେ ବାଣପୁର ଅଞ୍ଚଳର ଜଣେ ପଞ୍ଚାୟତସ୍ତରୀୟ ଲୋକପ୍ରତିନିଧି ଇନ୍ଦିରାଆବାସ କାର୍ଯ୍ୟାଦେଶ ପାଇଁ ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡିଥିବା ଦେଖିବାକୁ ମିଳିଥିଲା।

### କିଛି ତଥ୍ୟ

୨୦୧୮ ଏପ୍ରିଲ-ଡିସେମ୍ବର ସମୟରେ ଦେଶର ପ୍ରମୁଖ ଇସ୍ପାତ ଉତ୍ପାଦନକାରୀ କମ୍ପାନିଗୁଡ଼ିକ ୪୭.୪୬୨ ନିୟୁତ ଟନ୍ ଇସ୍ପାତ ଉତ୍ପାଦନ କରିଛନ୍ତି।
– ଇସ୍ପାତ ମନ୍ତ୍ରଣାଳୟ

## ମନେ ପଡ଼ନ୍ତି

### ୨୩ତମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ବସନ୍ତ କୁମାର ଦାଶ**
ଆୟକର ଅଧିକାରୀ
କୁଞ୍ଜକାନ୍ତ, ଉତ୍ତର ମଧୁବନ, ଢେଙ୍କାନାଳ
ଆବିର୍ଭାବ: ୦୪।୦୧।୧୯୩୮
ତିରୋଧାନ: ୦୧।୦୧।୧୯୯୬
ଆପଣଙ୍କ ଅମର ଆତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ, ଏହାହିଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଆପଣଙ୍କର ହତଭାଗ୍ୟ ପୁଅ- ସୁନୀଲ, ସୁଶୀଲ, ପୁତ୍ରବଧୂ- ନୀଳିମା, ସ୍ୱର୍ଣ୍ଣପ୍ରଭା, ନାତି- ଶୁଭମ, ଅଭିଜିତ, ନାତୁଣୀ- ନିକି, ଶ୍ରୀ ଓ ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ। ଧ-୬୨୦୬୫

### ଏକାଦଶାହ



**ସ୍ୱର୍ଗତା କୁଞ୍ଜଲତା ମହାନ୍ତି**
ତିରୋଧାନ: ୦୭।୦୧।୨୦୧୯
ବାଟଗାଁ, ବୀରହରେକୃଷ୍ଣପୁର, ପୁରୀ
ଚାହୁଁ ଚାହୁଁ ଏଗାରଦିନ ହୋଇଗଲା ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ। ହତଭାଗ୍ୟ ପୁତ୍ର- ଦେବେନ୍ଦ୍ର ପ୍ରସାଦ ମହାନ୍ତି, ପୁତ୍ରବଧୂ- ସସ୍ମିତା, ନାତି- ପ୍ରୀତମ, ବନ୍ଧୁ ଓ ମହାନ୍ତି ପରିବାରବର୍ଗ। ଧ-୧୦୫୯୦

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ନେତ୍ରମୋହନ ନନ୍ଦୀ**
(ବିଶିଷ୍ଟ ବ୍ୟବସାୟୀ ଓ ସମାଜସେବୀ)
ପୁରୁଣା ବଜାର, ଭଦ୍ରକ
ଆବିର୍ଭାବ: ୦୩।୦୭।୧୯୪୩
ତିରୋଧାନ: ୦୨।୦୧।୨୦୧୯
"ତୁମ ସ୍ମୃତି ନୁହେଁ ଭୁଲିବାର"
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ। ଧ-୧୦୫୯୧

### ପ୍ରଥମ ପୃଷ୍ଠାରୁ...

## ଓଟିଇଟି ପ୍ରଶ୍ନପତ୍ର ...

ମିଳିଥିଲା। ଏହା ଜଣାପଡିବା ମାତ୍ରେ ଭାଇରାଲ ପ୍ରଶ୍ନପତ୍ର ସହିତ ବୋର୍ଡ ପକ୍ଷରୁ ପ୍ରସ୍ତୁତ ପ୍ରଶ୍ନପତ୍ରକୁ ମେଳ କରାଯାଇଥିଲା। ଉଭୟ ସମାନ ଥିବାରୁ ବୋର୍ଡ ପକ୍ଷରୁ ଅପରାହ୍ନ ଗୋଟାଏରେ ପରୀକ୍ଷା ବାତିଲ ଘୋଷଣା କରାଯାଇଥିଲା।

ତେବେ ମୟୂରଭଞ୍ଜ ଜିଲାର କୌଣସି ଏକ ସେଣ୍ଟରରୁ ପ୍ରଶ୍ନପତ୍ର ଲିକ୍ ହୋଇଥିବା ଚର୍ଚ୍ଚା ହୋଇଥିଲା। ଏହି ଜିଲାର ୧୮ଟି ସେଣ୍ଟରରେ ଓଟିଇଟି ପରୀକ୍ଷା କରାଯାଉଥିଲା। ପ୍ରଥମ ସିଟିଂ ଚାଲିଥିବା ସମୟରେ ଉଭୟ ପ୍ରଶ୍ନପତ୍ର ହ୍ୱାଟ୍‌ସ ଆପ୍‌ରେ ଘୂରି ବୁଲିଥିଲା। ପରେ ସାମାଜିକ ତଥା ବୈଦ୍ୟୁତିକ ଗଣମାଧ୍ୟମରେ ଏହି ଖବର ପ୍ରସାରିତ ହେବା ପରେ ରାଜ୍ୟବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଲା। ଏହାପରେ ମୟୂରଭଞ୍ଜ ଜିଲା ଶିକ୍ଷାଧିକାରୀ ଧ୍ରୁବଚରଣ ବେହେରା ଗଣମାଧ୍ୟମକୁ କହିଥିଲେ ଯେ, ଦ୍ୱିତୀୟ ସିଟିଂ ପ୍ରଶ୍ନପତ୍ର କୌଣସି ସେଣ୍ଟରରେ ଖୋଲାଯାଇ ନାହିଁ। ଅନ୍ୟ କୌଣସି ଅଞ୍ଚଳରୁ ଏହା ପ୍ରଘଟ ହୋଇଥାଇପାରେ ବୋଲି ସେ କହିଥିଲେ। ସେହିପରି ଭଦ୍ରକ ଜିଲାରୁ ମଧ୍ୟ ପ୍ରଶ୍ନପତ୍ର ଲିକ୍ ହୋଇଥିବା ଶୁଣିବାକୁ ମିଳିଥିଲା। କିନ୍ତୁ ବୋର୍ଡ ସଭାପତି ଡ. ବେଗମ୍ କହିଛନ୍ତି, ଗତ ତିନିଦିନ ହେବ ୨୫୦ଟି କେନ୍ଦ୍ରକୁ ପ୍ରଶ୍ନପତ୍ର ପଠାଯାଉଛି। ଦୂରରେ ଥିବା କେନ୍ଦ୍ରଗୁଡ଼ିକୁ ଦୁଇଦିନ ତଳୁ ପ୍ରଶ୍ନପତ୍ର ପଠାଯାଇଥିବା ବେଳେ ନିକଟରେ ଥିବା କେନ୍ଦ୍ରଗୁଡ଼ିକୁ ମଙ୍ଗଳବାର ପଠାଯାଇଥିଲା। କୌଣସି ଏକ କେନ୍ଦ୍ରରୁ ହିଁ ପ୍ରଶ୍ନପତ୍ର ଲିକ୍ ହୋଇଛି। ତେବେ କ୍ରାଇମବ୍ରାଞ୍ଚ ତଦନ୍ତ ପରେ ସବୁକିଛି ସ୍ପଷ୍ଟ ହୋଇଯିବ ବୋଲି ସେ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ପ୍ରଶ୍ନପତ୍ର ଲିକ୍ ହୋଇଥିବା ଶୁଣିବା କ୍ଷଣି ପରୀକ୍ଷାର୍ଥୀଙ୍କ ମଧ୍ୟରେ ମଧ୍ୟ ନୈରାଶ ଭାବ ଦେଖିବାକୁ ମିଳିଥିଲା। ପରୀକ୍ଷା ବାତିଲ ପରେ ରାଉରକେଲା ସମେତ ଅନ୍ୟ କେତେକ କେନ୍ଦ୍ରରେ ପରୀକ୍ଷାର୍ଥୀମାନେ ହୋହଲ୍ଲା କରିବା ସହ ଧାରଣା ମଧ୍ୟ ଦେଇଥିଲେ। ଏହି ଘଟଣା ପରେ ପରୀକ୍ଷା ପରିଚାଳନାକୁ ନେଇ ମାଧ୍ୟମିକ ଶିକ୍ଷା ପରିଷଦ ପୁଣି ବିବାଦ ଘେରକୁ ଆସିଛି। ପୂର୍ବରୁ ମାଟ୍ରିକ ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ହେବାକୁ ନେଇ ମାଧ୍ୟମିକ ଶିକ୍ଷା ପରିଷଦ ସହିତ ଗଣଶିକ୍ଷା ବିଭାଗ ବଦନାମ ହୋଇସାରିଛି। ୨୦୧୮ ଫେବୃୟାରୀରେ ହୋଇଥିବା ମାଟ୍ରିକ ପରୀକ୍ଷାରେ ଓଡ଼ିଆ ଓ ଇଂଲିଶ ପ୍ରଶ୍ନପତ୍ର ପ୍ରଘଟ ହୋଇଥିଲା। ଏହି ଘଟଣାରେ ମଧ୍ୟ ବୋର୍ଡ ପକ୍ଷରୁ କ୍ରାଇମବ୍ରାଞ୍ଚକୁ ତଦନ୍ତ ପାଇଁ ସୁପାରିସ କରାଯାଇଥିଲା। ମାତ୍ର ଅଦ୍ୟାବଧି ତଦନ୍ତ ରିପୋର୍ଟ ବୋର୍ଡର ହସ୍ତଗତ ହୋଇ ନ ଥିବା ମାଧ୍ୟମିକ ଶିକ୍ଷା ପରିଷଦ ନିୟନ୍ତ୍ରକ ଡ. ନିହାର ରଞ୍ଜନ ମହାନ୍ତି କହିଛନ୍ତି। ଏପରିସ୍ଥଳେ ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତକୁ ନେଇ ପରୀକ୍ଷାର୍ଥୀମାନେ ଆଶଙ୍କା ପ୍ରକାଶ କରିଛନ୍ତି। ବୋର୍ଡ ସଭାପତି ଡ. ବେଗମ୍ କୁହନ୍ତି, ୧ ଲକ୍ଷ ୧୨ହଜାର ୭୧୬ ଜଣ ପିଲାଙ୍କ ଭାଗ୍ୟ ଓ ଭବିଷ୍ୟତ ସହିତ ଖେଳିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ପରୀକ୍ଷାର୍ଥୀଙ୍କ ମଧ୍ୟରେ ଅନେକ ପିଲାଙ୍କ ପାଇଁ ଚାକିରିର ନିତାନ୍ତ ଆବଶ୍ୟକ ଥିବା ଆମ ନିଜ କେନ୍ଦ୍ର (ବୋର୍ଡ ହାଇସ୍କୁଲ)ରୁ ଜାଣିପାରିଛୁ। ଅନେକ ପରୀକ୍ଷାର୍ଥୀ ଏହି ଘଟଣା ପରେ କାନ୍ଦି କାନ୍ଦି ଘରକୁ ଫେରିଥିବା ଖୋଦ୍ ସଭାପତି ବେଗମ୍ ସ୍ୱୀକାର କରିଛନ୍ତି। ଏ ସମ୍ପର୍କରେ ଗଣଶିକ୍ଷାମନ୍ତ୍ରୀ ବଦ୍ରିନାରାୟଣ ପାତ୍ର କୁହନ୍ତି, ଘଟଣାର ବିଭାଗୀୟ ତଦନ୍ତ କରାଯାଇ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆଉଥରେ ପରୀକ୍ଷା ହେବ। ପରୀକ୍ଷାର୍ଥୀମାନେ ନିରାଶ ନ ହେବାକୁ ମନ୍ତ୍ରୀ ପାତ୍ର ନିବେଦନ କରିଛନ୍ତି।

## ନିଯୁକ୍ତି...

ପାରମ୍ପରିକ ଗ୍ରହଣୀୟ ପଦ୍ଧତିକୁ କଡ଼ାକଡ଼ି ଭାବେ ଅନୁସରଣ କରିଛି। ଜାତୀୟ ନମୁନା ସର୍ବେକ୍ଷଣ ସଙ୍ଗଠନ (ଏନ୍‌ଏସ୍‌ଏସ୍‌ଓ) ପକ୍ଷରୁ ପ୍ରକାଶିତ ତଥ୍ୟକୁ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି। ୨୦୧୧-୧୨ ପରେ ଏନ୍‌ଏସ୍‌ଏସ୍‌ଓ ତଥ୍ୟ ନ ଥିବା ଖୋଦ୍ ସରକାର ସ୍ୱୀକାର କରିଛନ୍ତି। ଏନ୍‌ଏସ୍‌ଏସ୍‌ଓ ସର୍ଭେ ପ୍ରତି ୫ ବର୍ଷରେ କରାଯାଇଥାଏ । ୨୦୧୮ ଶେଷ ସୁଦ୍ଧା ଏହା ପ୍ରକାଶ କରିବା ପାଇଁ ସରକାର ପ୍ରତିଶ୍ରୁତି ଦେଇଥିଲେ ହେଁ ସଦ୍ୟ ପର୍ଯ୍ୟାୟ ଫଳାଫଳ ବିଳମ୍ବିତ ହୋଇଛି। ୨୦୧୬-୧୭ରେ ସର୍ବଭାରତୀୟ ବାର୍ଷିକ ଲେବର୍ ବ୍ୟୁରୋ ସର୍ଭେର ଅନ୍ତରୀଣ ରିପୋର୍ଟ ଆସିଥିଲା, ଯାହାକୁ ସରକାର ଆନୁଷ୍ଠାନିକ ଭାବେ ଜାରି ନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ବାସ୍ତବରେ ସରକାର ଏହି ସର୍ଭେକୁ ମଧ୍ୟ ବନ୍ଦ କରିଦେଇଛନ୍ତି। ଏହି ସର୍ଭେର ଶେଷ ଆକଳନ ନିକଟରେ ଗଣମାଧ୍ୟମ ହାତରେ ଲାଗିଥିଲା। ୨୦୧୬-୧୭ ଆର୍ଥିକବର୍ଷରେ ବେକାରି ସମସ୍ୟା ପୂର୍ବ ୪ ବର୍ଷରୁ ସର୍ବାଧିକ ଥିଲା। ମୋଦି ସରକାର ଏହି ସର୍ଭେ ରିପୋର୍ଟକୁ ଆନୁଷ୍ଠାନିକ ଭାବେ ସାର୍ବଜନୀନ କରି ନ ଥିବାରୁ ଶ୍ରମ ବିଭାଗ ଏହାକୁ ସଂସଦୀୟ କମିଟିକୁ ପ୍ରଦାନ କରିନାହିଁ। ତେଣୁ ୨୦୧୧-୧୨ ଆର୍ଥିକବର୍ଷର ଏନ୍‌ଏସ୍‌ଏସ୍‌ଓ ସର୍ଭେ ପରେ ସରକାରଙ୍କ ନିକଟରେ ନିଯୁକ୍ତି ସମ୍ପର୍କିତ କିଛି ତଥ୍ୟ ନାହିଁ ବୋଲି କମିଟି ଅଧ୍ୟକ୍ଷ ଜୋଷୀ ଯୁକ୍ତିଯୁକ୍ତ ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି। ଅର୍ଥ ସଚିବ, ମୁଖ୍ୟ ପରିସଂଖ୍ୟାନ ଅଧିକାରୀ, ବ୍ୟାଙ୍କିଙ୍ଗ୍ ସେକ୍ରେଟାରି, ଶ୍ରମ ସଚିବ ଓ ଭାରତର ରିର୍ଜଭ ବ୍ୟାଙ୍କ (ଆର୍‌ବିଆଇ)ର ପୂର୍ବତନ ଗଭର୍ନର ଉର୍ଜିତ ପଟେଲଙ୍କଠାରୁ ମିଳିଥିବା ଅନେକ ଲିଖିତ ଜବାବ ଆଧାରରେ ନିଯୁକ୍ତି ସମ୍ପର୍କିତ କିଛି ତଥ୍ୟ ନ ଥିବା ଏବଂ ୨୦୧୧-୧୨ରେ ଏଭଳି ଶେଷ ତଥ୍ୟାବଳୀ ପ୍ରସ୍ତୁତ ହୋଇ ନ ଥିବା ମୋଦି ସରକାର ସ୍ୱୀକାର କରିଛନ୍ତି(ଏନ୍‌ଏସ୍‌ଏସ୍‌ଓ ସର୍ଭେ)। କମିଟିର ରିପୋର୍ଟ ଉପରେ ୩ ଭାଜପା ଏମ୍‌ପି ରାଜୀବ ପ୍ରତାପ ରୁଡ଼ି (ଯିଏକି କୌଣସି ବୈଠକରେ ଉପସ୍ଥିତ ନ ଥିଲେ), ନିଶିକାନ୍ତ ଦୁବେ ଓ ରମେଶ ବିଧୁରୀ ଗତ ସପ୍ତାହରେ ଅସନ୍ତୋଷ ପତ୍ର ଦାଖଲ କରିଛନ୍ତି। ଏଷ୍ଟିମେଟ୍ କମିଟି 'ନିଜ ସୀମା ଉଲ୍ଲଂଘନ' କରି କାର୍ଯ୍ୟସୂଚୀର ପ୍ରସଙ୍ଗଗୁଡ଼ିକ ସହ ତାଳମେଳ ରଖୁନାହାନ୍ତି ବୋଲି ସେମାନେ ଏଥିରେ ଦର୍ଶାଇଛନ୍ତି। ଏହି ସୂତ୍ରରୁ ଜଣାପଡ଼ିଛି, ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ଏଭଳି ରିପୋର୍ଟ ପ୍ରଘଟ ହେଲେ ଏନ୍‌ଡିଏ କ୍ଷତିଗ୍ରସ୍ତ ହୋଇପାରେ ବୋଲି ଆଶଙ୍କା କରାଯାଉଥିବାରୁ ଏହା ପ୍ରକାଶ ନ ପାଉ ବୋଲି ଭାଜପା ଓ କେନ୍ଦ୍ର ସରକାର ଚାହୁଁଛନ୍ତି। ସାଧାରଣତଃ ଏଷ୍ଟିମେଟ୍ କମିଟିର ରିପୋର୍ଟଗୁଡ଼ିକ ସବୁ ସଦସ୍ୟଙ୍କ ସହମତିକ୍ରମେ ଗୃହୀତ ହୋଇଥାଏ। ତେବେ ଏହି କ୍ଷେତ୍ରରେ ଅସନ୍ତୁଷ୍ଟ ଜୋଷୀ ୩ ଚିଠିକୁ ରିପୋର୍ଟରେ ସଂଲଗ୍ନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ମୋଦି ସରକାର କର୍ମନିଯୁକ୍ତି ସୃଷ୍ଟି କ୍ଷେତ୍ରରେ ଇପିଏଫ୍‌ଓ ତଥ୍ୟକୁ ଆତ୍ମସୁରକ୍ଷା ପାଇଁ ଢାଲ ଭାବେ ବ୍ୟବହାର କରୁଥିବାବେଳେ ଜୋଷୀ ଏହାକୁ ଗ୍ରହଣ କରିବାକୁ ଅନିଚ୍ଛୁକ। 'ଉତ୍କଟ ବେକାରି ସମସ୍ୟା'ର ପରିମାଣ ସ୍ଥିର କରିବା ପାଇଁ ପାରମ୍ପରିକ ମାନଦଣ୍ଡ ଆଧାରିତ 'ସାମଗ୍ରିକ' ଓ 'ବାସ୍ତବ ସର୍ଭେ ତଥ୍ୟ' ହାସଲ କରିଥିବା ନେଇ ନିଯୁକ୍ତି ଓ ଆୟ ଅଭିବୃଦ୍ଧିର ପରିମାପ କରିବାବେଳେ ଉକ୍ତ କମିଟି ଲଗାତର ଦାବି କରିଛି।

## କଲରାପତରିଆ...

ମାଙ୍କଡଚୁଆ ଗାଁ ନିକଟରେ ସକାଳେ ବାଘ ମରି ଭାସୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଏହା ପ୍ରଚାରିତ ହେବା ପରେ ସେଠାକୁ ଲୋକଙ୍କ ସୁଅ ଛୁଟିଥିଲା।

ଗ୍ରାମବାସୀଙ୍କଠାରୁ ଖବରପାଇ ଖମାର ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ମୃତ ଯୁବ ବାଘର ଲମ୍ବ ୫ ଫୁଟ ହେବ ବୋଲି ରେଞ୍ଜର ରମାକାନ୍ତ ସେଠୀ ସୂଚନା ଦେଇଛନ୍ତି। ଘଟଣାସ୍ଥଳରେ ଦେବଗଡ ଡିଏଫଓ କାର୍ତ୍ତିକ ଚନ୍ଦ୍ର ସାମନ୍ତରାୟ, ବନ ସଂରକ୍ଷକ ପହଞ୍ଚିଛନ୍ତି। ଜାତୀୟ ବ୍ୟାଘ୍ର ସଂରକ୍ଷଣ ଅଧିକାରୀଙ୍କ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ କରାଯିବ। ଏହାପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ରେଞ୍ଜର କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଉଚ୍ଚସ୍ଥ ଚନ୍ଦ୍ରଙ୍କ ପ୍ରଭାବରୁ ହସି ହସି କଥା କହି ବନ୍ଧୁଙ୍କ ପ୍ରିୟପାତ୍ର ହେବେ। କୌଣସି ପଦସ୍ଥ ବ୍ୟକ୍ତିଙ୍କ ସହଯୋଗରୁ ଅଟକି ରହିଥିବା କାମରେ ଅଗ୍ରଗତି ଘଟିବ। ଆର୍ଥିକ ସଙ୍କଟ ଲାଗି ରହିଥିଲେ ମଧ୍ୟ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ଅଶାନ୍ତ ପାରିବାରିକ ସ୍ଥିତି ବହୁଳାଂଶରେ ଥମିଯିବ।

**ବୃଷ** ଦୃଢ଼ ମନୋବଳ ସମସ୍ତ ପ୍ରକାର ପ୍ରତିବନ୍ଧକକୁ ଏଡାଇବାରେ ସମର୍ଥ ହେବ। ସ୍ଥଗିତ କାର୍ଯ୍ୟ, ପାଉ ନ ଥିବା ଅର୍ଥ, ଲାଗିରହିଥିବା ବିବାଦର ପରିସମାପ୍ତି ଘଟାଇପାରନ୍ତି। କଳା, ସାହିତ୍ୟରେ ଉନ୍ନତି କରିବା ସହ ସମାଜରେ ପ୍ରଶଂସିତ ହେବେ। ଆନୁଷ୍ଠାନିକ କାମରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

**ମିଥୁନ** ଆପଣ ଯେତେ ନାହିଁ ନାହିଁ କରୁଥିଲେ ମଧ୍ୟ ପରିଶେଷରେ ବନ୍ଧୁଙ୍କ କଥାରେ ହଁ ଭରିବାକୁ ବାଧ୍ୟ ହେବେ। ପ୍ରତ୍ୟେକ କାର୍ଯ୍ୟକୁ ସତର୍କତାର ସହ କରି ନ ପାରିଲେ ପରିସ୍ଥିତି ବଦଳି ଯାଇପାରେ। ବନ୍ଧୁଙ୍କ ମୁଡ୍ ଦେଖି ଓ ପରଖି କଥାରେ ଆଗକୁ ବଢ଼ିବା ଭଲ ହେବ। ଅପରାହ୍ନରେ ପୁରାତନ ରୋଗର ପୀଡ଼ା ଅନୁଭବ ହୋଇପାରେ।

**କର୍କଟ** ରାଶି ପାଇଁ ଚନ୍ଦ୍ରଙ୍କ ଶୁଭ ସଂସ୍ଥିତି ସାମଗ୍ରିକ ସୁଖ ସାଧନର କେନ୍ଦ୍ରବିନ୍ଦୁ ପାଲଟିଯିବ। ବିଶେଷ ଖର୍ଚ୍ଚାନ୍ତ ହୋଇ ନୂଆ କାମଟିକୁ ଆରମ୍ଭ କରିବେ। କଥାର ସଚ୍ଚୋଟତା ଓ କାର୍ଯ୍ୟଦକ୍ଷତା କାରଣରୁ ବନ୍ଧୁମାନଙ୍କ ମଧ୍ୟରେ ପ୍ରଶଂସିତ ହେବେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବାର ସମ୍ଭାବନା ରହିଛି।

**ସିଂହ** ପ୍ରତ୍ୟେକ କ୍ଷେତ୍ରରେ ସଫଳତା ଲାଭକରି ଏକପ୍ରକାର ଖୁସୀ ଅନୁଭବ କରିବେ। କର୍ମକ୍ଷେତ୍ରରେ ଉଚ୍ଚ ପଦାଧିକାରୀଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଅନ୍ୟମାନଙ୍କୁ ସାହାଯ୍ୟ କରିବା ପରିପ୍ରେକ୍ଷୀରେ ନିଜେ ହଇରାଣରେ ପଡ଼ିପାରନ୍ତି। ଅସଫଳତାର କାରଣ ଖୋଜିବାକୁ ଯାଇ ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି। ଆଶା କରୁଥିବା ଶୁଭ ଖବର ପାଇବେ।

**କନ୍ୟା** ଭୁଲ୍ ବୁଝାମଣା କାରଣରୁ ପ୍ରିୟ ବନ୍ଧୁଟି ସାହାଯ୍ୟ କରିବାର ପ୍ରତିଶ୍ରୁତି ଦେଇ ମଧ୍ୟ ପାଖ ମାଡିବ ନାହିଁ। ବ୍ୟବସାୟରେ କ୍ରମଶଃ ଲାଭ ଅପେକ୍ଷା କ୍ଷତି ଅଧିକ ହେବା ଆଶଙ୍କା ରହିଛି। କୌଣସି ଗୁରୁତ୍ୱପୂର୍ଣ୍ଣ କାରଣ ନ ଥାଇ ମଧ୍ୟ ଯାତ୍ରା ସମୟରେ ଝଗଡ଼ା ଲାଗିପାରେ। ଅବଶ୍ୟ ହସ୍ତା ନକ୍ଷତ୍ର ଅର୍ଥ, କର୍ମକ୍ଷେତ୍ର, ନିର୍ମାଣ, ସଭାସମିତି ଓ ମଙ୍ଗଳଜନକ କାମରେ ଉତ୍ସାହିତ ହୋଇ କାମ କରିବେ।

**ତୁଳା** ପରିବାରରେ ଦୀର୍ଘଦିନରୁ ଲାଗି ରହିଥିବା ସମସ୍ୟା ସମାଧାନ ହେବ। କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ପଡ଼ୋଶୀ ନିଜ ନିଜର ସ୍ୱାର୍ଥ ସାଧନ ମାନସରେ ନିଜ କାମକୁ ଅଗ୍ରାଧିକାର ଦେଇପାରନ୍ତି। ପୁରୁଣା ରୋଗ, ଘର ଲୋକଙ୍କ ଚୁପ୍‌ଚାପ୍ କଥା ମନକୁ ବିଚଳିତ କରିବ। ସ୍ୱାତୀ ନକ୍ଷତ୍ର ସକାଶେ ଅସୁବିଧା ହେବନାହିଁ।

**ବିଛା** ମନ ଅନୁଯାୟୀ କାର୍ଯ୍ୟ ସାଧନ କରିବା କାରଣକୁ ନେଇ ଖୁସୀ ରହିପାରନ୍ତି। କର୍ମକ୍ଷେତ୍ରରେ ସାହସିକତା ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହେବେ। ସାହିତ୍ୟ, ରଚନାତ୍ମକ କାର୍ଯ୍ୟ, ସଂଗୀତରେ ସୁନାମ ଅର୍ଜନ କରିବେ। ସ୍ଥଗିତ କାମକୁ ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେଇପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା ମନକୁ ସାମୟିକ ଭାରାକ୍ରାନ୍ତ କରିବ।

**ଧନୁ** ସକାଳୁ ସକାଳୁ ଶୁଭଖବର ପାଇ ମନଟା ଖୁସି ହୋଇଯିବ। ଆପଣଙ୍କ ସାହାଯ୍ୟ ପ୍ରାପ୍ତିର ଅନୁରୋଧକୁ ବନ୍ଧୁଙ୍କ ମିଥ୍ୟା ପ୍ରତିଶ୍ରୁତି କାମକୁ ଆସି ନ ପାରେ। ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବିବାଦୀୟ ଘଟଣା, ପରିବହନ, ବ୍ୟବସାୟ, ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଯଥାସମ୍ଭବ ଶତ୍ରୁଠାରୁ ଦୂରେଇ ରହିବା ଭଲ ହେବ।

**ମକର** ଅତୀତକୁ ମନେ ପକାଇ ଭାବବିଭୋର ହୋଇପାରନ୍ତି। ସାମାନ୍ୟ ଥଣ୍ଡାଜନିତ ଦେହଟା ଭଲ ଲାଗି ନ ପାରେ। ଶିଳ୍ପ, ବାଣିଜ୍ୟ, କଳା, ସାହିତ୍ୟ, ପରିବାର ଭିତରେ, ପରିବହନରେ ସୁଫଳ ପାଇବାର ଆଶା ରହିଛି। ଭୁଲ୍ ବୁଝାମଣା କାରଣରୁ ଭଲ ସମ୍ପର୍କ ଥିବା ପ୍ରିୟ ବନ୍ଧୁଟି କ୍ରମଶଃ ଦୂରେଇ ଯିବାର ଅନୁଭବ କରିବେ। ଅପରାହ୍ନେ ଶୁଭ ଖବର ପାଇବେ।

**କୁମ୍ଭ** ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିବ। ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ପାରିବାରିକ କ୍ଷେତ୍ରରେ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ୍ୟ ହେବେ। କୌଣସି ନୀଚ ଜାତିର ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହୋଇପାରନ୍ତି। ଆକସ୍ମିକ ଅର୍ଥଲାଭ ଓ ବନ୍ଧୁ ସମ୍ପର୍କ ସ୍ଥାପିତ ହୋଇପାରେ।

**ମୀନ** ଆପଣଙ୍କ ଆଶା ଓ ଅଭିଳାଷ ପୂରଣ କରିବା ଦିଗରେ ଅନୁକୂଳ ବାତାବରଣ ସୃଷ୍ଟି ହେବ। ଅତି ନିକଟରେ ରହୁଥିବା ବନ୍ଧୁଟି ଦ୍ୱାରା କାମ ହାସଲ କରିବେ। ପୂର୍ବବିବାଦକୁ କେନ୍ଦ୍ରକରି ବୃଥା ଆଶଙ୍କାଜନିତ ମନ ଅସ୍ଥିର ରହିବ। ସାଧାରଣ ଘଟଣାରେ ଉତ୍କ୍ଷିପ୍ତ ହୋଇ ପଡୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ଆଜିର ବ୍ୟବସାୟ, ଯାତ୍ରା ଓ ଆନୁଷ୍ଠାନିକ କାମ ପ୍ରୀତିପ୍ରଦ ରହିବ।

ଆଜି ପୌଷ ଶୁକ୍ଳପକ୍ଷର ପୁତ୍ରଦା ଏକାଦଶୀ ଗୁରୁବାର, ଲକ୍ଷ୍ମୀ ନାରାୟଣ ଏକାଦଶୀ ବ୍ରତ, ଜାନୁୟାରୀ ୧୭ ତାରିଖ, ରାଶି ନକ୍ଷତ୍ର-କୃତିକା/ବୃଷ, ବିଛା ରାଶିର ଘାତଚନ୍ଦ୍ର, ଦିବା ଘ.୨।୨୩ମି. ଗତେ ରୋହିଣୀ ନକ୍ଷତ୍ର, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୭।୫୦ମି. ଗତେ ଘ.୧।୨୩ମି. ମଧ୍ୟେ, ଘ.୨।୪୫ମି. ଗତେ ଘ.୪।୦୯ମି. ମଧ୍ୟେ ଅମୃତ ବେଳା। ସକାଳ ଘ.୭।୫୦ମି. ମଧ୍ୟେ ଘ.୧।୨୩ମି. ଗତେ, ଘ.୨।୪୫ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧।୧୯ମି. ଗତେ ଘ.୨।୪୧ମି. ମଧ୍ୟେ ରାହୁକାଳ।



ଏବେ ବି ବ୍ରେକ୍‌ଜିଟ ବୁଝାମଣା ଲାଗି ସମୟ ଅଛି। ବ୍ରିଟେନ ପ୍ରଧାନମନ୍ତ୍ରୀଙ୍କ ପ୍ରସ୍ତାବ କ'ଣ ରହୁଛି ଆମେ ତାକୁ ଅପେକ୍ଷା କରିଛୁ।

-ଆଞ୍ଜେଲା ମର୍କେଲ, ଜର୍ମାନ ଚାନ୍ସେଲର



## ସଂକ୍ଷେପରେ

### ଭର୍ତ୍ତୃହରି ପାଇବେ ସାଂସଦରତ୍ନ ପୁରସ୍କାର



ନୂଆଦିଲ୍ଲୀ,୧୬।୧: ଷୋଡ଼ଶ ଲୋକ ସଭାର ବିତର୍କ ବର୍ଗରେ ଉଲ୍ଲେଖନୀୟ ପ୍ରଦର୍ଶନ ଲାଗି ବିଜୁ ଜନତା ଦଳ (ବିଜେଡି) ଏମ୍‌ପି ଭର୍ତ୍ତୃହରି ମହତାବଙ୍କୁ ସାଂସଦରତ୍ନ ପୁରସ୍କାରରେ ସମ୍ମାନିତ କରାଯିବ। ଆସନ୍ତା ଶନିବାର ଚେନ୍ନାଇରେ ଏହି ପୁରସ୍କାର ଦିଆଯିବ। ଚେନ୍ନାଇର ଏନ୍‌ଜିଓ ପ୍ରାଇମ୍ ପଏଣ୍ଟ ଫାଉଣ୍ଡେଶନ ଏବଂ ଇ-ମାଗାଜିନ୍ ପ୍ରିସେନ୍ସ ପକ୍ଷରୁ ଭର୍ତ୍ତୃହରିଙ୍କ ସମେତ ୧୨ ଜଣ ପାର୍ଲାମେଣ୍ଟାରିଆନ ଏବଂ ଏକ ଷ୍ଟାଣ୍ଡିଂ କମିଟିକୁ ସମ୍ମାନିତ କରାଯିବା ଲାଗି ମନୋନୀତ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଅଛନ୍ତି ଏନ୍‌ସିପି ଏମ୍‌ପି ସୁପ୍ରିୟା ସୁଲେ, ଧନଞ୍ଜୟ ଭୀମରାଓ ମହାଦିକ୍, କଂଗ୍ରେସ ଏମ୍‌ପି ରାଜୀବ ଶଙ୍କରରାଓ ସତାଭ, ରଜନି ପାଟିଲ, ଆନନ୍ଦ ଭାସ୍କର ରାପୋଲୁ, ଭାଜପା ଏମ୍‌ପି ନିଶିକାନ୍ତ ଦୁବେ, ଅନୁରାଗ ଠାକୁର, ଡ. ହୀନା ଗାଭିତ ପ୍ରମୁଖ। ତାମିଲନାଡୁ ରାଜ୍ୟପାଳ ବନଓ୍ୱାରିଲାଲ ପୁରୋହିତ ଏହି ପୁରସ୍କାର ପ୍ରଦାନ କରିବେ।

### ଭାଜପା ଛାଡ଼ିଲେ ଆପାଙ୍ଗ



ଇଟାନଗର,୧୬।୧(ପି.ଟି.): ଅରୁଣଚଳପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଗେଗଙ୍ଗ ଆପାଙ୍ଗ ବୁଧବାର ଭାଜପାରୁ ଇସ୍ତଫା ଦେଇଛନ୍ତି। ଭାଜପା ରାଜଧର୍ମ ପାଳନ କରିବା ପରିବର୍ତ୍ତେ ଏକ କ୍ଷମତା ଆଶାୟୀ ମଞ୍ଚରେ ପରିଣତ ହୋଇଥିବା ସେ କହିଛନ୍ତି। ୪ ବର୍ଷ ପୂର୍ବେ ଆପାଙ୍ଗ କଂଗ୍ରେସ ଛାଡି ଭାଜପାରେ ମିଶିଥିଲେ। ୨୨ ବର୍ଷରୁ ଉର୍ଦ୍ଧ୍ୱ ଅରୁଣାଚଳ ମୁଖ୍ୟମନ୍ତ୍ରୀ ଥିବା ଆପାଙ୍ଗ ତାଙ୍କ ଇସ୍ତଫାପତ୍ର ଭାଜପା ଅଧ୍ୟକ୍ଷ ଅମିତ ଶାହଙ୍କ ପାଖକୁ ପଠାଇ ଦେଇଛନ୍ତି।

### ୨ ଖଣି କମ୍ପାନୀକୁ ଉତ୍ତୋଳନ ଲାଗି ଅନୁମତି

ନୂଆଦିଲ୍ଲୀ,୧୬।୧: ଓଡ଼ିଶାର ଦୁଇଟି ଖଣି କମ୍ପାନୀକୁ କାମ ଆରମ୍ଭ କରିବାକୁ ସୁପ୍ରିମକୋର୍ଟ ବୁଧବାର ଅନୁମତି ଦେଇଛନ୍ତି। ବିଚାରପତି ଏସ୍.ଏ. ବୋବଡେ ଏବଂ ଦୀପକ ଗୁପ୍ତାଙ୍କୁ ନେଇ ଗଠିତ ଖଣ୍ଡପୀଠ ମେସର୍ସ ଗୀତାରାଣୀ ମହାନ୍ତି ଏବଂ ନ୍ୟାଶନାଲ ଏଣ୍ଟରପ୍ରାଇଜେସ୍ ଖଣି କମ୍ପାନୀକୁ ଖଣିଜ ଉତ୍ତୋଳନ ଲାଗି ଅନୁମତି ଦେବା ସହ ନୂଆ ଜାତୀୟ ଖଣିଜ ନୀତି ପ୍ରସ୍ତୁତି ଲାଗି ସମୟସୀମା ବୃଦ୍ଧି କରିଛନ୍ତି। ସୁପ୍ରିମକୋର୍ଟଙ୍କ ୨୦୧୭ ଅଗଷ୍ଟ ୨ ନିର୍ଦ୍ଦେଶ ଅନୁଯାୟୀ ସେମାନେ ଜରିମାନା ଅର୍ଥ ସୁଧ ସହ ପୈଠ କରିଛନ୍ତି। ଖଣିକୁ ମଞ୍ଜୁରୀ ମିଳିଥିବାରୁ କାର୍ଯ୍ୟ କରିବା ଲାଗି ଅନୁମତି ଦିଆଯାଉ ବୋଲି କମ୍ପାନୀ ପକ୍ଷରୁ ଉପସ୍ଥିତ ଓକିଲ ଖଣ୍ଡପୀଠଙ୍କୁ ଅନୁରୋଧ କରିଥିଲେ। ସେମାନେ ଜରିମାନା ଅର୍ଥ ପୈଠ କରିଛନ୍ତି କି ନାହିଁ ଅନୁଧାନ କରିବାକୁ ଅଦାଲତ ପୂର୍ବରୁ ଓଡିଶା ସରକାରଙ୍କ ଓକିଲଙ୍କୁ କହିଥିଲେ।

### [ଇତିହାସର ଆଇନାରେ]

### ଜାନୁୟାରୀ ୧୭ର ପ୍ରମୁଖ ଘଟଣା

୧୯୪୬ ଜାନୁୟାରୀ ୧୭ରେ ଜାତିସଂଘ ସୁରକ୍ଷା ପରିଷଦର ପ୍ରଥମ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୫ ସଦସ୍ୟ ଦେଶର ପ୍ରତିନିଧି ଉପସ୍ଥିତ ରହିଥିଲେ। ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଶକ୍ତିଶାଳୀ ପ୍ରଭାବିତ ହୋଇଥିବା ସେତେବେଳର ସୋଭିଏଟ୍ ୟୁନିୟନ (ବର୍ତ୍ତମାନ ରୁଷିଆ), ବ୍ରିଟେନ, ଫ୍ରାନ୍ସ, ଚାଇନା ଏବଂ ଆମେରିକାର ଭିଟୋ କ୍ଷମତାକୁ ବଜାୟ ରଖାଯାଇଥିଲା।

୧୯୪୮ ଜାନୁୟାରୀ ୧୭ରେ ନେଦରଲାଣ୍ଡ ଓ ଇଣ୍ଡୋନେସିଆ ମଧ୍ୟରେ ଜାତିସଂଘ ସୁରକ୍ଷା ପରିଷଦର ତତ୍ତ୍ୱାବଧାନରେ ରେନ୍‌ଭିଲ୍ ଚୁକ୍ତି ସ୍ୱାକ୍ଷର ହୋଇଥିଲା। ୧୯୪୬ ଲିଙ୍ଗରଜାତି ଚୁକ୍ତିରୁ ସୃଷ୍ଟ ହୋଇଥିବା ବିବାଦକୁ ଦୃଷ୍ଟିରେ ରଖି ଏଥିରେ ଆବଶ୍ୟକ ସଂଶୋଧନ ଅଣାଯାଇଥିଲା। ଜାକର୍ତ୍ତା ଉପସାଗରରେ ଆମେରିକା ଯୁଦ୍ଧ ଜାହାଜ ୟୁଏସ୍‌ଏସ୍ ରେନ୍‌ଭିଲ୍‌ରେ ଏହି ବୁଝାମଣା ହୋଇଥିବାରୁ ଏହାକୁ ରେନ୍‌ଭିଲ୍ ଚୁକ୍ତି ନାମିତ କରାଯାଇଥିଲା।

### ‘ଡି-କମ୍ପାନୀ'ରେ ଅର୍ଥ ଲଗାଇଛନ୍ତି ବିବେକ ଓ ଶୌର୍ଯ୍ୟ ଡୋଭାଲ

# ବିବାଦରେ ଏନ୍‌ଏସ୍‌ଏଙ୍କ ପୁଅ



ବିବେକ ଡୋଭାଲ



ଅଜିତ ଡୋଭାଲ



ଶୌର୍ଯ୍ୟ ଡୋଭାଲ

**ଡି-କମ୍ପାନୀ କହିଲେ ଆଜି ଯାଏ ଅଣ୍ଡରଓ୍ୱାର୍ଲ୍ଡ ଡନ୍ ଦାଉଦ୍ ଇବ୍ରାହିମ୍‌ଙ୍କ ଗ୍ୟାଙ୍ଗ୍‌ର କଳା କାରବାରକୁ ବୁଝାଉଥିଲା। ଭାରତକୁ ଏବେ ଆଉ ଏକ ଡି-କମ୍ପାନୀ ଆସିଛି। ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲଙ୍କ ଦୁଇପୁଅ ବିବେକ ଓ ଶୌର୍ଯ୍ୟଙ୍କ କାରନାମା ଉପରୁ ପରଦା ହଟାଇଥିବା ଏକ ପତ୍ରିକା ନିଜ ରିପୋର୍ଟର ଶୀର୍ଷକ ରଖିଛି ‘ ଦି ଡି-କମ୍ପାନୀଜ୍'।**

ନୂଆଦିଲ୍ଲୀ,୧୬।୧

ବର୍ଷେ ଦୁଇବର୍ଷ ତଳେ କେତେକ ହିନ୍ଦୀ ଚ୍ୟାନେଲ ଦାଉଦଙ୍କୁ ଭାରତକୁ ଅଣାଯାଉଛି ବୋଲି ପ୍ରଚାର ଚଳାଇଥିଲେ। ସେଥିରେ ଏନ୍‌ଏସ୍‌ଏ ଅଜିତ ଡୋଭାଲଙ୍କୁ ନାୟକ ଭାବେ ମହିମାମଣ୍ଡିତ କରାଯାଉଥିଲା। ହେଲେ ଏବେ ଯାହା ସାମ୍ନାକୁ ଆସିଛି, ତାହା ସମସ୍ତଙ୍କୁ ଚକିତ କରିଦେଇଛି। କୌଶଲ ଶ୍ରଫ୍ ନାମକ ଜଣେ ଅନୁସନ୍ଧାନକାରୀ ଖବରଦାତା ଆମେରିକା, ବ୍ରିଟେନ, ସିଙ୍ଗାପୁର ଓ କେମ୍ୟାନ୍ ଆଇଲାଣ୍ଡରୁ କେତେକ ବାଣିଜ୍ୟିକ ଦସ୍ତାବିଜ ସଂଗ୍ରହ କରି ଡୋଭାଲଙ୍କ ଦୁଇପୁଅଙ୍କ କମ୍ପାନୀର କାରନାମା ସମ୍ପର୍କରେ ପ୍ରଘଟ କରିଛନ୍ତି। ତାଙ୍କ ରିପୋର୍ଟ ଅନୁସାରେ ଡୋଭାଲ ପୁତ୍ରଙ୍କ କମ୍ପାନୀଗୁଡ଼ିକ ହେଉଛି ହେଜ୍ ଫଣ୍ଡ ଏବଂ ଅଫ୍‌ଶୋର। ଟିକସ ଫାଙ୍କିବା ପାଇଁ ‘ଟ୍ୟାକ୍ସ ହେଭେନ୍' ସ୍ଥାନଗୁଡ଼ିକରେ କମ୍ପାନୀ ଖୋଲିବାର ଅର୍ଥ ସ୍ୱତଃ ସନ୍ଦେହ ଘେରକୁ ଟାଣି ହୋଇ ନୈତିକତାର ତରାଜୁରେ ଛିଡ଼ାହେବା।

ଉକ୍ତ ରିପୋର୍ଟରେ ଦର୍ଶାଯାଇଛି ଯେ ଡୋଭାଲଙ୍କ ସାନପୁଅ ବିବେକ କେମ୍ୟାନ୍ ଆଇଲାଣ୍ଡ(ପ୍ରତିଷ୍ଠିତ ଟ୍ୟାକ୍ସ ହେଭେନ)ରେ ଏକ ହେଜ୍ ଫଣ୍ଡ ଚଳାଉଛନ୍ତି। ୨୦୧୬ ନଭେମ୍ବର ୮ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିମୁଦ୍ରୀକରଣ ଘୋଷଣା କରି ୫ ଶହ ଓ ୧୦୦୦ ଟଙ୍କିଆ ନୋଟ୍‌କୁ ଅଚଳ କରିଦେବାର ମାତ୍ର ୧୩ ଦିନ ପୂର୍ବରୁ ଉକ୍ତ ହେଜ୍ ଫଣ୍ଡ ପଞ୍ଜୀକୃତ ହୋଇଥିଲା। ତାଙ୍କ ବ୍ୟବସାୟ ବଡ଼ଭାଇ ଶୌର୍ଯ୍ୟଙ୍କ ବ୍ୟବସାୟ ସହିତ ଜଡ଼ିତ। ଶୌର୍ଯ୍ୟ ଜଣେ ଭାଜପା ନେତା, ଯିଏକି ବିଚାର ମଞ୍ଚ ‘ଇଣ୍ଡିଆ ଫାଉଣ୍ଡେଶନ'ର ମୁଖ୍ୟ। କେନ୍ଦ୍ରର ମୋଦି ସରକାରଙ୍କ ସହିତ ଏହି ସଂସ୍ଥାର ଘନିଷ୍ଠତା ରହିଛି। ବିବେକ ପେସାରେ ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ, ଯିଏକି ବ୍ରିଟେନର ନାଗରିକ ଏବଂ ସିଙ୍ଗାପୁରରେ ରୁହନ୍ତି। ସେ ଜିଏନ୍‌ଓ୍ୱାଇ ଏସିଆ ଫଣ୍ଡ ନାମକ ହେଜ୍ ଫଣ୍ଡର ନିର୍ଦ୍ଦେଶକ। ୨୦୧୮ ଜୁଲାଇ ଦସ୍ତାବିଜ ଅନୁସାରେ ଡନ୍ ଡବ୍ଲ୍ୟୁ ଇବ୍ୟାଙ୍କସ ଏବଂ ମହମ୍ମଦ ଅଲ୍‌ତାଫ୍ ମୁସ୍‌ଲିଆମ୍ ଭିଟିଲ ମଧ୍ୟ ଏହି ହେଜ୍ ଫଣ୍ଡର ନିର୍ଦ୍ଦେଶକ। ଇବ୍ୟାଙ୍କସର ନାମ ପାରାଡାଇଜ୍ ପେପର୍ସରେ ଉଲ୍ଲେଖ ରହିଛି। ଜିଏନ୍‌ଓ୍ୱାଇ ଏସିଆର ଠିକଣା ଓ୍ୱାକର୍ସ କର୍ପୋରେଟ୍ ଲିମିଟେଡ୍ ମାର୍ଫତରେ ରହିଛି, ଯେଉଁ ସଂସ୍ଥାର ନାମ ଉଭୟ ପାରାଡାଇଜ୍ ପେପର୍ସ ଓ ପାନାମା ପେପର୍ସରେ ସ୍ଥାନ ପାଇଥିଲା। ଅନୁସନ୍ଧାନକାରୀ ରିପୋର୍ଟରେ ଆହୁରି ଉଲ୍ଲେଖ କରାଯାଇଛି ଯେ ବିବେକଙ୍କ ସଂସ୍ଥା ଓ ତାଙ୍କ ଭାଇ ଶୌର୍ଯ୍ୟଙ୍କ ସଂସ୍ଥା ପକ୍ଷରୁ ଭାରତରେ ବ୍ୟବସାୟ ଚଳାଉଥିବା କେତେଜଣ କର୍ମଚାରୀଙ୍କ ମଧ୍ୟରେ ସମ୍ପର୍କ ରହିଛି। ୨୦୧୧ରେ ଅଜିତ ଡୋଭାଲ ଗୋଇନ୍ଦା ବ୍ୟୁରୋ (ଆଇବି) ନିର୍ଦ୍ଦେଶକ ଥିବାବେଳେ ଭାଜପାକୁ ଏକ ରିପୋର୍ଟ ପ୍ରସ୍ତୁତ କରି ଦେଇଥିଲେ। ଉକ୍ତ ରିପୋର୍ଟର ଶୀର୍ଷକ ଥିଲା ‘ଇଣ୍ଡିଆନ୍ ବ୍ଲାକ୍ ମନି ଆବ୍ରୋଡ୍: ଇନ୍ ସିକ୍ରେଟ୍ ବ୍ୟାଙ୍କ୍‌ସ ଆଣ୍ଡ ହେଭେନ୍ସ'। ଏହାକୁ ଅଜିତ ଡୋଭାଲଙ୍କ ସହ ଆର୍‌ଏସ୍‌ଏସ୍ ବିଚାରକ ଏସ୍. ଗୁରୁମୂର୍ତ୍ତି ଲେଖିଥିଲେ, ଯିଏକି ଏବେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ରେ ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ। ସେଥିରେ ଟ୍ୟାକ୍ସ ହେଭେନ ଓ ଅଫ୍‌ଶୋର ସଂସ୍ଥାଗୁଡ଼ିକ ଉପରେ ଚଢ଼ାଉ ନେଇ ଉଲ୍ଲେଖ କରାଯାଇଥିଲା। ଏହି ଦୃଷ୍ଟିରୁ ପୁଅ ବିବେକଙ୍କ ଅଫ୍‌ଶୋର ହେଜ୍ ଫଣ୍ଡ ଚର୍ଚ୍ଚାର ପରିଧିକୁ ଆସୁଛି।

### ଆତଙ୍କବାଦୀ ଆକ୍ରମଣ: ୧୫ ନିହତ



ନାଇରୋବି,୧୬।୧(ଏଏଫ୍‌ପି)

କେନିଆ ରାଜଧାନୀ ନାଇରୋବିରେ ଥିବା ଏକ ହୋଟେଲ୍ କମ୍ପ୍ଲେକ୍ସ ଉପରେ ଇସ୍‌ଲାମିକ ଆତଙ୍କବାଦୀ ଆକ୍ରମଣ କରିବାରୁ ୧୫ ଜଣଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଜଣେ ଆମେରିକୀୟ ଥିବା ଜଣାପଡିଛି। ସେଠାରେ ମଙ୍ଗଳବାର ଅପରାହ୍ନରୁ ବିସ୍ଫୋରଣ ଓ ଗୁଳି ବିନିମୟ ଜାରି ରହିଥିଲା। ଆକ୍ରମଣ ଲାଗି ଅଲ୍-ଶବାବ ଇସ୍‌ଲାମିକ୍ ସଂଗଠନ ନିଜକୁ ଦାୟୀ କରିଛି। ୧୦୧ ହୋଟେଲ ରୁମ୍, ସ୍ପା, ରେସ୍ତୋରାଁ ଏବଂ ଅଫିସ ବିଲ୍ଡିଂ ଥିବା ଡୁସିଟ ଡି୨ କମ୍ପ୍ଲେକ୍ସରେ ଆତଙ୍କବାଦୀମାନେ ପ୍ରବେଶ କରିବା ପରେ ଜଣେ ଆତ୍ମଘାତୀ ନିଜକୁ ବିସ୍ଫୋରଣରେ ଉଡାଇଦେଇଥିଲେ। ଏହାପରେ ବନ୍ଧୁକଧାରୀ ଆଖିବୁଜା ଗୁଳିଚଳାଇଥିଲେ। ଉକ୍ତ କମ୍ପ୍ଲେକ୍ସରେ ଥିବା କିଛି ଲୋକ କୌଣସି ପ୍ରକାରେ ଖସି ପଳାଇଥିବାବେଳେ ଅନ୍ୟମାନେ ନିଜକୁ କୋଠରି ଧରେ ବନ୍ଦ କରି ରଖିଥିଲେ। ସୁରକ୍ଷା କର୍ମୀମାନେ ସେମାନଙ୍କୁ ଉଦ୍ଧାର କରିଛନ୍ତି। ସୁରକ୍ଷା ବାହିନୀ ଗୁଳିରେ କେତେଜଣ ଆକ୍ରମଣକାରୀ ନିହତ ହୋଇଥିବା ବେଳେ ଏବେ ମଧ୍ୟ ହୋଟେଲ ମଧ୍ୟରେ ୨/୩ ଜଣ ଆତଙ୍କବାଦୀ ରହିଥିବା ବିଶ୍ୱାସ କରାଯାଉଛି।

### ୧୩ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟକୁ ୩୬୩୯ କୋଟି

ନୂଆଦିଲ୍ଲୀ,୧୬।୧(ପି.ଟି.)



ପୀୟୂଷ ଗୋୟଲ

ଓଡ଼ିଶାର କୋରାପୁଟ ସମେତ ବିଭିନ୍ନ ରାଜ୍ୟରେ ୧୩ଟି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଲାଗି କେନ୍ଦ୍ର କ୍ୟାବିନେଟ ୩୬୩୯.୩୨ କୋଟି ଟଙ୍କା ମଞ୍ଜୁର କରିଛି। ୩୬ ମାସ ମଧ୍ୟରେ ଏହି ବିଶ୍ୱବିଦ୍ୟାଳୟଗୁଡିକର ଭିତ୍ତିଭୂମି ଏବଂ କ୍ୟାମ୍ପସ୍ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ପୂର୍ବରୁ ଏହି ବିଶ୍ୱବିଦ୍ୟାଳୟଗୁଡିକ ଲାଗି କ୍ୟାବିନେଟ ୩୦୦୦ କୋଟି ଟଙ୍କା ମଞ୍ଜୁର କରିଥିବା ବେଳେ ଏହା ଉପରେ ଅଧିକ ୧୪୭୪.୬୫ କୋଟି ଖର୍ଚ୍ଚ କରିବାକୁ ମଞ୍ଜୁରୀ ପ୍ରଦାନ କରାଯାଇଥିବା କେନ୍ଦ୍ରମନ୍ତ୍ରୀ ପିୟୂଷ ଗୋୟଲ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଅଧିନିୟମ, ୨୦୦୯ ଅନୁଯାୟୀ ଓଡ଼ିଶା ସମେତ ବିହାର, ଗୁଜରାଟ, ହରିୟାଣା, ହିମାଚଳପ୍ରଦେଶ, ଜମ୍ମୁ-କଶ୍ମୀର, ଝାଡଖଣ୍ଡ, କର୍ଣ୍ଣାଟକ, କେରଳ, ପଞ୍ଜାବ, ରାଜସ୍ଥାନ ଏବଂ ତାମିଲନାଡୁରେ ଏହି ବିଶ୍ୱବିଦ୍ୟାଳୟ ସ୍ଥାପନ ହେବ। ଉକ୍ତ ରାଜ୍ୟଗୁଡିକରେ ଗୋଟିଏ ଲେଖାଏଁ ଏବଂ ଜମ୍ମୁ-କଶ୍ମୀରରେ ଦୁଇଟି ନୂଆ ବିଶ୍ୱବିଦ୍ୟାଳୟ ସ୍ଥାପନ ଲାଗି ନିଷ୍ପତ୍ତି ନିଆଯାଇଛି।

### ଚିକିତ୍ସା ଲାଗି ନ୍ୟୁୟର୍କରେ ଜେଟଲୀ

# ବଜେଟ ଉପସ୍ଥାପନ କରି ନ ପାରନ୍ତି

ନୂଆଦିଲ୍ଲୀ,୧୬।୧



**ଆଶୁ ଆରୋଗ୍ୟ କାମନା କଲେ ବିରୋଧୀ ଦଳ ନେତା**

ଗୁରୁତର ଅସୁସ୍ଥ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ କ୍ୟାନ୍‌ସର ଚିକିତ୍ସା ପାଇଁ ଆମେରିକା ଯାଇଛନ୍ତି। ନ୍ୟୁୟର୍କରେ ତାଙ୍କର ଅସ୍ତ୍ରୋପଚାର ହେବା ସମ୍ଭାବନା ଥିବାରୁ ଆସନ୍ତା ଫେବୃୟାରୀ ୧ରେ ସେ ଲୋକ ସଭାରେ ସରକାରଙ୍କ ଅନ୍ତରୀଣ ବଜେଟ ଉପସ୍ଥାପନ କରି ନ ପାରନ୍ତି ବୋଲି କଳ୍ପନା ଜଳ୍ପନା ପ୍ରକାଶ ପାଇଛି। ଜେଟଲୀଙ୍କୁ ସଫ୍ଟ ଟିସ୍ୟୁ କ୍ୟାନ୍‌ସର ହୋଇଛି। ଏହା ତୁରନ୍ତ ଅସ୍ତ୍ରୋପଚାର ନ ହେଲେ ଶରୀରର ଅନ୍ୟ ଅଙ୍ଗକୁ ଶୀଘ୍ର ବ୍ୟାପିବା ସମ୍ଭାବନା ରହିଛି। ତେବେ ଜେଟଲୀଙ୍କ ପାଇଁ ଅସ୍ତ୍ରୋପଚାର ଜଟିଳ ହେବ ବୋଲି କୁହାଯାଉଛି। କାରଣ ଗତବର୍ଷ ତାଙ୍କର କିଡ୍‌ନୀ ପ୍ରତିରୋପଣ ହୋଇଥିଲା। ଏବେ କେମୋଥେରାପି ସହ ଅସ୍ତ୍ରୋପଚାର କିଡନୀ ଉପରେ ପ୍ରଭାବ ପକାଇବ ବୋଲି କୁହାଯାଉଛି। ଯଦିଓ ସେ ଆନୁଷ୍ଠାନିକ ଭାବେ ୨ ସପ୍ତାହ ଛୁଟିରେ ନ୍ୟୁୟର୍କ ଯାଇଥିବା କହିଛନ୍ତି, ତେବେ ହସ୍ପିଟାଲ ତାଙ୍କୁ ଏତେ ଶୀଘ୍ର ଅସ୍ତ୍ରୋପଚାର କରି ମୁକ୍ତ କରିବା ସମ୍ଭାବନା କମ୍। ଜେଟ୍‌ଲୀଙ୍କ ଅନୁପସ୍ଥିତିରେ ବଜେଟ କିଏ ଉପସ୍ଥାପନ କରିବ ତାହା ଜଣାପଡିନାହିଁ। ଗତବର୍ଷ ଜେଟଲୀ କିଡ୍‌ନୀ ପ୍ରତିରୋପଣ ପାଇଁ ଛୁଟିରେ ଯିବାରୁ ରେଳ ଓ କୋଇଲା ମନ୍ତ୍ରୀ ପିୟୂଷ ଗୋୟଲ ଅତିରିକ୍ତ ଭାବେ ଅର୍ଥ ମନ୍ତ୍ରଣାଳୟ ଦାୟିତ୍ୱରେ ଥିଲେ। ନିର୍ବାଚନ ପୂର୍ବରୁ ଏହି ବଜେଟ ଭାଜପା ନେତୃତ୍ୱାଧୀନ ସରକାର ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ। କୃଷକମାନଙ୍କ ଆୟ ବଢ଼ାଇବା, ବିନା ସୁଧରେ କୃଷିଋଣ ଯୋଗାଇବା, ଆୟକର ଛାଡ଼ ସୀମା ବୃଦ୍ଧି ଆଗାମୀ ବଜେଟରେ ଘୋଷଣା ହୋଇପାରେ ବୋଲି ଆଲୋଚନା ହେଉଛି।

କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ସମେତ ଅନେକ ବିରୋଧୀ ଦଳ ନେତା ଜେଟଲୀଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ନ୍ୟାଶନାଲ୍ କନ୍‌ଫରେନ୍ସ ନେତା ଓମାର ଅବଦୁଲ୍ଲା, ଆରଜେଡି ସୁପ୍ରିମୋ ଲାଲୁପ୍ରସାଦ ଯାଦବ, ପୂର୍ବତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମ, ସଲମାନ ଖୁର୍ଶିଦ ପ୍ରମୁଖ। ରାହୁଲ ତାଙ୍କ ତରଫରୁ ଏବଂ କଂଗ୍ରେସ ଦଳ ପକ୍ଷରୁ ଜେଟଲୀଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଆଶୁ ଆରୋଗ୍ୟ ଲାଗି ପ୍ରାର୍ଥନା କରିଛନ୍ତି। ତାଙ୍କର ଦୁର୍ଦ୍ଦିନରେ ଆମେ ତାଙ୍କ ପରିବାର ସହ ରହିଛି ବୋଲି ରାହୁଲ କହିଛନ୍ତି।

### କଂଗ୍ରେସ କାର୍ଯ୍ୟକ୍ରମରେ ଟାଇଟଲରଙ୍କୁ ନେଇ ବିବାଦ

ନୂଆଦିଲ୍ଲୀ,୧୬।୧(ପି.ଟି.)



୧୯୮୪ ଶିଖ୍ ବିରୋଧୀ ଦଙ୍ଗାର ଅନ୍ୟତମ ଅଭିଯୁକ୍ତ ଜଗଦୀଶ ଟାଇଟଲର କଂଗ୍ରେସର ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଆଗଧାଡ଼ିରେ ବସିବାକୁ ନେଇ ବିବାଦ ଦେଖାଦେଇଛି। ଶୀଲା ଦୀକ୍ଷିତ ବୁଧବାର ଦିଲ୍ଲୀ କଂଗ୍ରେସ ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିବା ଅବସରରେ ଅନୁଷ୍ଠିତ ଉତ୍ସବରେ ଟାଇଟଲର ଯୋଗ ଦେଇଥିଲେ। କଂଗ୍ରେସ ଦଙ୍ଗା ଅଭିଯୁକ୍ତଙ୍କୁ ସମ୍ମୁଖ ଆସନ ଦେଇ ଏହି ମାମଲାର ସାକ୍ଷୀଙ୍କୁ ଡରାଉଛି ବୋଲି ଶିରୋମଣି ଅକାଳୀ ଦଳ ନେତା ମନ୍‌ଜିନ୍ଦର ସିଂ ସିର୍ସା ଅଭିଯୋଗ କରିଛନ୍ତି। ଟାଇଟଲର ଏବଂ କମଲନାଥଙ୍କୁ ମଧ୍ୟ ଶିଖ୍ ଦଙ୍ଗା ମାମଲାରେ ଜେଲ୍ ହୋଇପାରେ ବୋଲି ଜାଣିଥିବାରୁ କଂଗ୍ରେସ ଭୟଭୀତ ରହିଛି। ତେଣୁ ଟାଇଟଲରଙ୍କୁ ଜାଣିଶୁଣି ଆଗ ଧାଡ଼ିରେ ବସାଇ କଂଗ୍ରେସ ଜଣାଇଦେବାକୁ ଚାହୁଁଛି ତାଙ୍କ ପ୍ରତି ଦଳ ହାଇକମାଣ୍ଡଙ୍କର ସମର୍ଥନ ରହିଛି। ତେଣୁ କେହି ତାଙ୍କ ବିରୋଧରେ ସାକ୍ଷ୍ୟ ନ ଦେବା ଲାଗି କଂଗ୍ରେସ ବାର୍ତ୍ତା ଦେବାକୁ ଚାହୁଁଛି ବୋଲି ଦିଲ୍ଲୀ ଶିଖ୍ ଗୁରୁଦ୍ୱାରା ପରିଚାଳନା କମିଟିର ସାଧାରଣ ସମ୍ପାଦକ ସିର୍ସା କହିଛନ୍ତି।

### ହୋଟେଲ ଆଗରେ କଂଗ୍ରେସର ବିକ୍ଷୋଭ




ନୂଆଦିଲ୍ଲୀ/ଗୁରୁଗ୍ରାମ,୧୬।୧(ପି.ଟି.)

**କର୍ଣ୍ଣାଟକ ସଙ୍କଟ**

କର୍ଣ୍ଣାଟକରେ ରାଜନୈତିକ ସଙ୍କଟ ଘନେଇବାରେ ଲାଗିଛି। ରାଜ୍ୟ ଭାଜପାର ୧୦୪ ବିଧାୟକଙ୍କୁ ଲୁଚାଇ ରଖାଯାଇଥିବା ହରିୟାଣାର ହୋଟେଲ ସାମ୍ନାରେ ବୁଧବାର କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ହରିୟାଣା ପ୍ରଦେଶ କଂଗ୍ରେସ ସାଧାରଣ ସମ୍ପାଦକ ପ୍ରଦୀପ ସିଂଙ୍କ ନେତୃତ୍ୱରେ ପ୍ରାୟ ୨୦ ଯୁବ କଂଗ୍ରେସ କର୍ମୀ ଗୁରୁଗ୍ରାମ ନିକଟସ୍ଥ ଆଇଟିସି ଗ୍ରାଉଣ୍ଡର ପଞ୍ଚତାରକା ଭାରତ ରିସର୍ଟ ସାମ୍ନାରେ କେନ୍ଦ୍ରର ଏନ୍‌ଡିଏ ସରକାର ବିରୋଧରେ ସ୍ଲୋଗାନ ଦେଇଥିଲେ। ଭାଜପା ଦେଶର ସମ୍ବିଧାନକୁ ଅସମ୍ମାନ କରିବା ସହ ଗଣତନ୍ତ୍ରକୁ ହତ୍ୟା କରୁଛି ବୋଲି ସେମାନେ ଅଭିଯୋଗ ଆଣିଥିଲେ। ସେପଟେ କର୍ଣ୍ଣାଟକର କଂଗ୍ରେସ ବିଧାୟକମାନଙ୍କ ଶୁକ୍ରବାର ମୁଣ୍ଡଗଣତି କରାଯିବ ବୋଲି ହୁଇପ୍ ଜାରି କରାଯାଇଛି। ଲୋକ ସଭାରେ କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି, କର୍ଣ୍ଣାଟକର ମେଣ୍ଟ ସରକାର ପାଇଁ କିଛି ସଙ୍କଟ ନାହିଁ। କଂଗ୍ରେସ-ଜେଡିଏସ୍ ସରକାର ସ୍ଥିର ଅଛି। ଭାଜପା ଏହାକୁ ଭାଙ୍ଗିବାକୁ ଉଦ୍ୟମ କରୁଛି। ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ମଧ୍ୟ ଅନୁରୂପ ଅଭିଯୋଗ ଆଣି ଭାଜପାକୁ ଟାର୍ଗେଟ କରିଛନ୍ତି। ଅନ୍ୟପକ୍ଷରେ ମେଣ୍ଟ ସରକାରରେ ଆଭ୍ୟନ୍ତରୀଣ କନ୍ଦଳ ଯୋଗୁ ଏହା ସଂଖ୍ୟାଲଘୁରେ ପରିଣତ ହୋଇଥିବା ଭାଜପା ମୁଖପାତ୍ର ଜିଭିଏଲ୍ ନରସିଂହା କହିଛନ୍ତି।

### ଜଗନ୍‌ମୋହନଙ୍କୁ ଭେଟିଲେ କେସିଆର୍‌ଙ୍କ ପୁଅ

# ଦାନା ବାନ୍ଧୁଛି ସଂଘୀୟ ସାମ୍ମୁଖ୍ୟ

ହାଇଦ୍ରାବାଦ,୧୬।୧



ଟିଆର୍‌ଏସ୍ କାର୍ଯ୍ୟକାରୀ ଅଧ୍ୟକ୍ଷ କେ. ତାରକ ରାମାରାଓଙ୍କ ସହ ୱାଇଏସ୍‌ଆର୍ କଂଗ୍ରେସ ପାର୍ଟି ମୁଖ୍ୟ ଜଗନ୍‌ମୋହନ୍ ରେଡ୍ଡୀ।

କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରଙ୍କୁ କ୍ଷମତାଚ୍ୟୁତ କରିବା ପାଇଁ ତେଲଙ୍ଗାନା ରାଷ୍ଟ୍ର ସମିତି (ଟିଆର୍‌ଏସ୍) ଅଧ୍ୟକ୍ଷ ତଥା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍) ଜୋରଦାର ଉଦ୍ୟମ ଚଳାଇଛନ୍ତି। ଏହି କ୍ରମରେ ଆନ୍ଧ୍ରପ୍ରଦେଶ ବିଧାନସଭାର ବିରୋଧୀ ଦଳ ନେତା ତଥା ୱାଇଏସ୍‌ଆର୍ କଂଗ୍ରେସ ଅଧ୍ୟକ୍ଷ ଜଗନ୍‌ମୋହନ୍ ରେଡ୍ଡୀ ବୁଧବାର କେସିଆର୍‌ଙ୍କ ପୁଅ ତଥା ଟିଆର୍‌ଏସ୍ କାର୍ଯ୍ୟକାରୀ ଅଧ୍ୟକ୍ଷ କେ. ତାରକ ରାମାରାଓଙ୍କୁ ହାଇଦ୍ରାବାଦରେ ଭେଟିଛନ୍ତି। ସମଭାବାପନ୍ନ ଦଳଗୁଡ଼ିକୁ ଏକାଠି କରିବା ଉପରେ ଦୁଇନେତା ଗୁରୁତ୍ୱ ଦେଇଛନ୍ତି।

ସଂଘୀୟ ସାମ୍ମୁଖ୍ୟରେ ଅଧିକରୁ ଅଧିକ ଆଞ୍ଚଳିକ ଦଳକୁ ସାମିଲ କରିବା ପାଇଁ କେସିଆର୍ ଏକ ୪ ଜଣିଆ ଟିମ୍ ଗଠନ କରିଛନ୍ତି। ଏଥିରେ କେଟିଆର୍‌ଙ୍କ ସମେତ ଟିଆର୍‌ଏସ୍ ଏମ୍‌ପି ବି. ବିନୋଦ କୁମାର ଏବଂ ବରିଷ୍ଠ ନେତା ପଲ୍ଲା ରାଜେଶ୍ୱର ରେଡ୍ଡୀଙ୍କ ଭଳି ନେତାଙ୍କୁ ନିଆଯାଇଛି। ହାଇଦ୍ରାବାଦସ୍ଥିତ ଜଗନମୋହନଙ୍କ ଲୋଟସ୍ ପଣ୍ଡ୍ ବାସଭବନରେ ତାଙ୍କୁ କେଟିଆର୍ ଭେଟିଛନ୍ତି। ଦୁଇନେତାଙ୍କ ମଧ୍ୟରେ ଏହା ହେଉଛି ପ୍ରଥମ ପ୍ରତ୍ୟକ୍ଷ ସାକ୍ଷାତ। ଆଲୋଚନା ପରେ କେଟିଆର୍ କହିଛନ୍ତି, ସଂଘୀୟ ସାମ୍ମୁଖ୍ୟ ଗଠନ ନେଇ ଉଭୟେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ଏବଂ ଛତିଶଗଡ଼ ଜନତା କଂଗ୍ରେସ ତଥା ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଜିତ ଯୋଗୀଙ୍କ ସହ ଆଲୋଚନା କରିଛନ୍ତି।

ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରାବାବୁ ନାଇଡୁଙ୍କୁ ଆସନ୍ତା ବିଧାନସଭା ନିର୍ବାଚନରେ ହରାଇବା ପାଇଁ ଟିଆର୍‌ଏସ୍ ଏବଂ ୱାଇଏସ୍‌ଆର୍ କଂଗ୍ରେସ ଅତୀତରେ ଘୋଷଣା କରିଥିବାରୁ ଏହି ସାକ୍ଷାତକୁ ନେଇ କେହି ବିଶେଷ ବିସ୍ମିତ ହୋଇନାହାନ୍ତି ବୋଲି କୁହାଯାଉଛି। କାରଣ ଆନ୍ଧ୍ର ବିଧାନସଭାରେ ୱାଇଏସ୍‌ଆର୍ କଂଗ୍ରେସ ବିରୋଧୀ ଦଳ ହୋଇଥିବାବେଳେ ତେଲେଙ୍ଗାନାରେ ଅନୁଷ୍ଠିତ ଗତ ବିଧାନସଭା ନିର୍ବାଚନରେ କେସିଆର୍‌ଙ୍କୁ ମୁକାବିଲା କରିବାକୁ ଯାଇ ଚନ୍ଦ୍ରାବାବୁ କଂଗ୍ରେସ ଓ ବାମପନ୍ଥୀଙ୍କ ହାତ ଧରିଥିଲେ। ପ୍ରକାଶ ଯେ, ନିକଟରେ ସମାପ୍ତ ତେଲେଙ୍ଗାନା ନିର୍ବାଚନରେ ବିପୁଳ ସଫଳତା ହାସଲ କରି ପୁନର୍ବାର କ୍ଷମତାସୀନ ହେବା ପରେ କେସିଆର୍ ଜାତୀୟ ରାଜନୀତିରେ ସକ୍ରିୟ ଭୂମିକା ନେବା କଥା କହିଥିଲେ। ଏହି ପରିପ୍ରେକ୍ଷୀରେ ସେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବ ଓ ବିଏସ୍‌ପି ସୁପ୍ରିମୋ ମାୟାବତୀଙ୍କ ସହ ଆଲୋଚନା କରିଛନ୍ତି। ତେବେ ସେମାନଙ୍କ ମଧ୍ୟରୁ କେତେଜଣ ସଂଘୀୟ ସାମ୍ମୁଖ୍ୟକୁ ସମର୍ଥନ କରୁଛନ୍ତି ସେନେଇ କିଛି ସ୍ପଷ୍ଟ ହୋଇନାହିଁ।

ପରିପୂର୍ଣ୍ଣ ବିଶ୍ୱଜନୀନ ଦୃଷ୍ଟି ଓ ବିଶ୍ୱଜନୀନ ଭାବ ହେଲା, ସବୁକିଛି ଭ୍ରାନ୍ତି ଓ ଦୁଃଖ ବେଦନାରୁ ଆରୋଗ୍ୟର ମାର୍ଗ। କିନ୍ତୁ ଅଧିକାଂଶ ମଣିଷ କେବଳ ସେମାନଙ୍କର ଅହଂକାରକୁ ପ୍ରସାରିତ କରି ଚାଲିଥାନ୍ତି।
–ଶ୍ରୀଅରବିନ୍ଦ





ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

# ପ୍ରାଣୀଙ୍କ ଲାଟରାଲିଟି

ଏ ପୃଥିବୀର ଅନ୍ୟ ସମସ୍ତ ପ୍ରାଣୀଙ୍କଠାରୁ ମଣିଷ ନିଜକୁ ଅଲଗା ଭାବେ। କିନ୍ତୁ ସମୟକ୍ରମେ ବୈଜ୍ଞାନିକମାନେ ପ୍ରମାଣ କଲେଣି ଯେ, ଯେଉଁସବୁ ବିଶେଷ ଗୁଣ ଓ ବୁଦ୍ଧିମତ୍ତାକୁ ନେଇ ମଣିଷ ନିଜକୁ ଶ୍ରେଷ୍ଠ ଭାବୁଛି, ସେସବୁ ଗୁଣ ପ୍ରାଣୀମାନଙ୍କଠାରେ ମଧ୍ୟ ଅଛି। ଉଦାହରଣସ୍ୱରୂପ କୀଟପତଙ୍ଗ, ମାଛ, କୁଆ ଓ ବଣମଣିଷ ମଧ୍ୟ ବିଭିନ୍ନ ଉପକରଣର ଉପଯୋଗ କରନ୍ତି। ଏଥିମଧ୍ୟରୁ ଗୋଟିଏ ହେଉଛି ମସ୍ତିଷ୍କର ବାମ ବା ଡାହାଣ ପଟକୁ ପ୍ରାଥମିକ ଭାବେ ଅଧିକ ବ୍ୟବହାର କରିବାର ଗୁଣ, ଯାହାକୁ ଇଂଲିଶରେ କୁହାଯାଏ ଲାଟରାଲିଟି। ପ୍ରାଣୀମାନଙ୍କର ମସ୍ତିଷ୍କର ଦୁଇପଟ ମଧ୍ୟ ପୂରା ସମାନ ନୁହେଁ ଏବଂ ଉଭୟର କାର୍ଯ୍ୟରେ ପାର୍ଥକ୍ୟ ଅଛି। ମସ୍ତିଷ୍କର ବାମପଟ ଶରୀରର ଦକ୍ଷିଣ ଅଙ୍ଗକୁ ନିୟନ୍ତ୍ରଣ କଲାବେଳେ ଡାହାଣପଟ ବାମ ଅଙ୍ଗକୁ ନିୟନ୍ତ୍ରଣ କରିଥାଏ।

ଅଧିକାଂଶ ଲୋକ ଡାହାଁଆ, କାରଣ ସେମାନଙ୍କ ବାମ ମସ୍ତିଷ୍କ ଡାହାଣ ଅଙ୍ଗକୁ ଅଧିକ ଶକ୍ତିଶାଳୀ କରିଥାଏ। ୯୦–୯୨ ପ୍ରତିଶତ ମଣିଷଙ୍କ ବାମ ମସ୍ତିଷ୍କ ସେମାନଙ୍କ ଭାଷାକୁ ନିୟନ୍ତ୍ରଣ କରିଥାଏ। ପ୍ରାଣୀମାନେ କ'ଣ ଏଥିରୁ ଅଲଗା? ଯଦିଚ ପ୍ରାଣୀମାନଙ୍କ ମସ୍ତିଷ୍କ ସଂରଚନାରେ ଅନେକ ପାର୍ଥକ୍ୟ ଅଛି, ତଥାପି ସେମାନଙ୍କଠାରେ ସମାନ ପ୍ରକାର ଲାଟରାଲିଟି ଦେଖିବାକୁ ମିଳିଥାଏ। ଅନେକ ପ୍ରାଣୀ କୌଣସି ଜିନିଷ ବିପଦପୂର୍ଣ୍ଣ କି ନୁହେଁ, ଜାଣିବା ପାଇଁ ତାକୁ ବାମ ଆଖିରେ ନିରେଖି ଦେଖିଥାନ୍ତି ଓ ତା'ଠାରୁ ଆସୁଥିବା ଶବ୍ଦକୁ ବାମ କାନରେ ହିଁ ବେଶି ଶୁଣିଥାନ୍ତି। ଏଥିରୁ ଜଣାପଡୁଛି ସେମାନଙ୍କ ମସ୍ତିଷ୍କର ଡାହାଣ ଭାଗ ହିଁ ଅଧିକ ସକ୍ରିୟ।

ବାମହାତୀ ମଣିଷମାନେ ସହଜରେ ମାନସିକ ଚାପଗ୍ରସ୍ତ ହୋଇପଡ଼ନ୍ତି। ଠିକ୍ ସେହିପରି ଚାପଗ୍ରସ୍ତ ହୁଅନ୍ତି ବାମଗୋଡ଼ିଆ କୁକୁର ଓ ଅନ୍ୟ ସ୍ତନ୍ୟପାୟୀ ପ୍ରାଣୀ। ଡାହାଣହାତୀ ପ୍ରାଣୀମାନଙ୍କ ରୋଗନିରୋଧକ କ୍ଷମତା ଅଧିକ। ପ୍ରମୁଖ ପ୍ରାଣୀ ଆଚରଣ ବୈଜ୍ଞାନିକ କ୍ୟାକ୍‌ନିଲେଜ୍, ଷ୍ଟୁଡର୍ଟ-କେନେଡ଼ି ଓ ଲିଣ୍ଡବ୍ଲମ୍ ଦର୍ଶାଇଛନ୍ତି ଯେ, ମାକାକ୍ ମାଙ୍କଡ଼ (ଛୋଟ ଲାଞ୍ଜବାଲା ମାଙ୍କଡ଼ ବିଶେଷ) ବାମହାତକୁ ଅଧିକ ସ୍ୱଚ୍ଛନ୍ଦରେ ବ୍ୟବହାର କରିଥାନ୍ତି। ପ୍ରୋସିମିଆନ୍‌ମାନେ (ବୁଶ୍-ବେବି, ଲେମୁର ପ୍ରଭୃତି) ଅଧିକାଂଶ କାମ ପାଇଁ ଡାହାଣ ହାତ ବ୍ୟବହାର କରନ୍ତି, ଯେପରି ଗୋଟିଏ ଡାଳରୁ ଆଉ ଗୋଟିଏ ଡାଳକୁ ଡେଇଁବା ବେଳେ ସେହି ଡାଳକୁ ଡାହାଣ ହାତରେ ଧରନ୍ତି। କିନ୍ତୁ କୀଟପତଙ୍ଗଙ୍କୁ ଧରିବା ଭଳି ଦ୍ରୁତ କ୍ଷୁଦ୍ର ହସ୍ତସଂଚାଳନ କ୍ଷେତ୍ରରେ ବାମହାତ ବ୍ୟବହାର କରନ୍ତି। ଘୋଡ଼ାମାନେ ଡାହାଣ ନାକପୁଡ଼ାରେ ନିଃଶ୍ୱାସ ପ୍ରଶ୍ୱାସ ନେବାକୁ ପସନ୍ଦ କରନ୍ତି। ଭାବପ୍ରବଣ ହୋଇପଡ଼ିବାବେଳେ ସେମାନେ ବାମଆଖିରେ ଦେଖିବାକୁ ପସନ୍ଦ କରନ୍ତି। ନିକଟରେ ପ୍ରାୟୋଗିକ ପ୍ରାଣୀ ଆଚରଣ ବିଜ୍ଞାନରେ ହୋଇଥିବା ଗବେଷଣାରୁ ଜଣାପଡ଼ିଛି ଯେ, ୫୩ ପ୍ରତିଶତ ଘୋଡ଼ା ପ୍ରଥମେ ଡାହାଣ ଗୋଡ଼ରେ ଆଗେଇବାକୁ ପସନ୍ଦ କଲାବେଳେ ୪୦ ପ୍ରତିଶତ ବାମଗୋଡ଼ରେ ପ୍ରଥମେ ଆଗେଇବାକୁ ପସନ୍ଦ କରନ୍ତି ଏବଂ ୭ ପ୍ରତିଶତଙ୍କର ସେପରି କୌଣସି ପସନ୍ଦ ନ ଥାଏ। ରେସ୍‌ହର୍ସମାନେ ବି ସେପରି କରନ୍ତି, ମାତ୍ର ଯେତେବେଳେ ସେମାନେ ବାଙ୍କ ବୁଲନ୍ତି, ଆହତ ହୁଅନ୍ତି ବା କ୍ଳାନ୍ତ ହୋଇପଡ଼ିଥାନ୍ତି, ସେତେବେଳେ ସେମାନଙ୍କ ପସନ୍ଦ ବଦଳିଥାଏ।

କୁକୁରମାନେ ଦୁଇ ଆଗଗୋଡ଼ ମଧ୍ୟରୁ ଗୋଟିଏ ଆପଣଙ୍କ ହାତରେ ରଖିବାବେଳେ ସେମାନଙ୍କର ନିର୍ଦ୍ଦିଷ୍ଟ ପସନ୍ଦ ଥାଏ, ଯାହା କୋଳାହଳ ଆଦି ହେତୁ ଭୟଭୀତ ଥିବାବେଳେ ବଦଳିଯାଏ। ତାଲିମଦାତାମାନେ କୁକୁରଙ୍କ ଲାଟରାଲିଟି ଉପରେ ପରୀକ୍ଷା କରିଥାନ୍ତି– ସେମାନେ ତାଙ୍କ ଅନ୍ଧ ମାଲିକଙ୍କ ବାମପଟରେ ନା ଡାହାଣପଟରେ ଚାଲିବାକୁ ବେଶି ପସନ୍ଦ କରୁଛନ୍ତି। ଗୋରୁମାନେ କୌଣସି ନୂଆ ଜିନିଷ ଦେଖିଲାବେଳେ ବାମ ଆଖିରେ (ଯେପରି ମ୍ୟାଗ୍‌ପାଇ, କୁକୁଡ଼ା, ବେଙ୍ଗ ଓ ମାଛ କରନ୍ତି) ଏବଂ କୌଣସି ପରିଚିତ ଜିନିଷ ଦେଖିଲାବେଳେ ଡାହାଣ ଆଖିରେ ଦେଖିବାକୁ ପସନ୍ଦ କରନ୍ତି। ବାଦୁଡ଼ିମାନେ ଗଛରେ ଚଢ଼ିବା ଓ ଡାଳକୁ ଜାବୁଡ଼ି ଧରିବାବେଳେ ବାମହାତକୁ ଅଧିକ ଗୁରୁତ୍ୱ ଦେଇଥାନ୍ତି। ଅଧିକାଂଶ ଶୁଆ ସାଧାରଣତଃ ବାମଗୋଡ଼ରେ କୌଣସି ଜିନିଷ ଧରିବାକୁ ପସନ୍ଦ କରନ୍ତି।

ରେନ୍‌ବୋ ମାଛଙ୍କୁ ଥରେ ଦର୍ପଣ ଆଗରେ ପରୀକ୍ଷା କରାଗଲା। ଯେଉଁମାନେ ଡାହାଣ ଆଖିରେ ଚାହିଁଥିଲେ, ସେମାନେ ବାମ ଆଡ଼କୁ ପହଁରିବାକୁ ଲାଗିଲେ ଏବଂ ଯେଉଁମାନେ ବାମ ଆଖିରେ ଚାହିଁଥିଲେ ସେମାନେ ଡାହାଣ ଆଡ଼କୁ ପହଁରିବାକୁ ଲାଗିଲେ। ଜେବ୍ରା ଫିଞ୍ଚ୍ (ଗାୟକ ପକ୍ଷୀ ବିଶେଷ) ତା' ପ୍ରେମିକାକୁ ଆମନ୍ତ୍ରଣ କଲାବେଳେ ତା' ଆଡ଼କୁ ଡାହାଣ ଆଖିରେ ଚାହେଁ। ଇମେଇ ମ୍ୟୁଜିକ୍ ଫ୍ରଗ୍ (ବେଙ୍ଗ ବିଶେଷ) କୌଣସି ସକାରାତ୍ମକ ସଂକେତ (ଯେପରି ମିଳନ ଆହ୍ୱାନ) ଡାହାଣକାନରେ ଶୁଣିଲାବେଳେ କୌଣସି ନକାରାତ୍ମକ ସଂକେତ ( ଯେପରି ଶତ୍ରୁ ଆକ୍ରମଣ) ବାମକାନରେ ଶୁଣିଥାଏ। ଖାଦ୍ୟ ଅନୁସନ୍ଧାନ କଲାବେଳେ କୁକୁଡ଼ା ତା' ଡାହାଣ ଗୋଡ଼ରେ ମାଟି ଆମ୍ପୁଡ଼ିବାକୁ ବେଶି ପସନ୍ଦ କରେ। ଏଥିରୁ ଜଣାଯାଏ ସେତେବେଳେ ତା'ର ଡାହାଣ ଆଖି ହିଁ ଅଧିକ ସକ୍ରିୟ ଥାଏ।

୧୯୮୦ ଦଶକରେ ବୈଜ୍ଞାନିକ ଆଣ୍ଡ୍ରୁ, ମେଞ୍ଚ୍, ରେନୀ, ଜାପିଆ ଓ ରୋଜର୍ସଙ୍କ ଦ୍ୱାରା କରାଯାଇଥିବା ଅନୁଧ୍ୟାନ ଅନୁସାରେ, କେଉଁଟା ଖାଦ୍ୟଶସ୍ୟ ଓ କେଉଁଟା ଗୋଡ଼ି କୁକୁଡ଼ାଙ୍କୁ ତାହା ଶୀଘ୍ର ଜାଣିବାରେ ଡାହାଣ ଆଖି ବାମ ଆଖି ଅପେକ୍ଷା ବେଶି ସାହାଯ୍ୟ କରିଥାଏ। ଅପରପକ୍ଷେ ଶତ୍ରୁ ଆକ୍ରମଣ ଓ ମିଳନ ଆହ୍ୱାନ ସମ୍ପର୍କିତ ପ୍ରତିକ୍ରିୟା ପାଇଁ ସେ ବାମ ଆଖିକୁ ବେଶି ବ୍ୟବହାର କରିଥାଏ। ପାରାମାନେ ବି ସେମିତି ପ୍ରାୟ ଡାହାଣଆଖିଆ। କିନ୍ତୁ ଖାଦ୍ୟ ପାଇଁ ସେମାନେ ଗୋଡ଼କୁ ମାଟି ଆମ୍ପୁଡ଼ିବା କାମରେ ଲଗାଇ ନ ଥାନ୍ତି, ତେଣୁ ସେମାନଙ୍କର ଡାହାଣଗୋଡ଼ିଆପଣର ବିକାଶ ଘଟି ନ ଥାଏ।

ଏପରି କି ଗେଣ୍ଡା ପରି ଅମେରୁଦଣ୍ଡୀ ପ୍ରାଣୀଠାରେ ବି ଲାଟରାଲିଟି ଅଛି। ସେମାନଙ୍କ ଦେହର ଖୋଳ ବାମାବର୍ତ୍ତୀ ବା ଦକ୍ଷିଣାବର୍ତ୍ତୀ ହୋଇ ମୋଡ଼ିହୋଇଥାଏ। ଏହି ଅପ୍ରତିସମତାକୁ କୁହାଯାଏ କାଇରାଲିଟି, ଅର୍ଥାତ୍ ଗେଣ୍ଡାମାନେ ସଙ୍ଗତି ଥିବା ଗେଣ୍ଡାଙ୍କ ସହ ହିଁ ମିଳିତ (ମେଟିଂ) ହୋଇପାରିବେ। ପକ୍ଷୀମାନଙ୍କ ମସ୍ତିଷ୍କର ଲାଟରାଲିଟି ଖୁବ୍ କୌତୂହଳଜନକ। କାରଣ ମଣିଷମାନେ ବିଶ୍ୱାସ କରୁଥିଲେ ଯେ, ମସ୍ତିଷ୍କରେ କର୍ପସ କଲୋସମ୍ (ମସ୍ତିଷ୍କର ଦୁଇ ଗୋଲାର୍ଦ୍ଧକୁ ସଂଯୋଗ କରୁଥିବା ତୀର୍ଯ୍ୟକ୍ ସ୍ନାୟୁ ବିଶେଷ) ଥିଲେ ହିଁ ଏହା ସମ୍ଭବ। ଉଡ଼ନ୍ତା ମସ୍ତିଷ୍କରେ ଏହି ସ୍ନାୟୁ ନ ଥିଲେ ମଧ୍ୟ ତାହା ଲାଟରାଲିଟି ପ୍ରଦର୍ଶନ କରିଥାଏ। ଅର୍ଥାତ୍ ଲାଟରାଲିଟି ଦୃଷ୍ଟିରୁ ମଣିଷ ଓ ପକ୍ଷୀଙ୍କ ମସ୍ତିଷ୍କରେ ସାଦୃଶ୍ୟ ରହିଛି। ଗାୟକ ପକ୍ଷୀଙ୍କ ଗୀତ ବାମ ମସ୍ତିଷ୍କ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ। ପକ୍ଷୀଙ୍କ ଗୀତ ଓ ମଣିଷଙ୍କ ଭାଷାର ସିନ୍‌ଟାକ୍ସ (ପଦବିନ୍ୟାସ)ରେ ସାଦୃଶ୍ୟ ରହିଛି।

ମଣିଷ ଦୁଇହାତରେ କବାଟ ଖୋଲିପାରେ। କିନ୍ତୁ କିଛି ଲେଖିବାବେଳେ ସେ ଯେଉଁ ହାତକୁ କମ୍ ବ୍ୟବହାର କରେ (ସାଧାରଣତଃ ବାମହାତ), ସେ ହାତରେ ସହଜରେ ଲେଖିପାରେ ନାହିଁ। ବହୁତ କଷ୍ଟରେ ଲେଖିବା ବେଳେ ଅକ୍ଷର ଖରାପ ହୁଏ ଓ ଅଧିକ ସମୟ ଲାଗେ। ବାମହାତୀ ବାମହାତରେ ଓ ଡାହାଣହାତୀ ଡାହାଣହାତରେ ସହଜରେ ଲେଖିପାରନ୍ତି। ପଶୁ ଓ ପକ୍ଷୀମାନଙ୍କଠାରେ ବି ଏହି ଗୁଣ ରହିଛି ବୋଲି ପ୍ରମାଣିତ ହୋଇସାରିଲାଣି। ତେଣୁ ପ୍ରାଣୀମାନେ ମଣିଷଠାରୁ କୌଣସି ଗୁଣରେ ଯେ ନ୍ୟୂନ ନୁହନ୍ତି, ଏଥିରୁ ତାହା ପ୍ରମାଣିତ ହେଉଛି।

Email: gandhim@nic.in

## ଏଇ ଭାରତରେ

ଭାଇ ଭଉଣୀ ମଧ୍ୟରେ ସାଧାରଣତଃ ସ୍ନେହ ମମତା ଅତୁଟ ଥାଏ। ଗୋଟିଏ ମା'ର ସନ୍ତାନ ହୋଇଥିବାରୁ ଦୁହିଁଙ୍କ ମନୋଭାବ ମଧ୍ୟ ପ୍ରାୟତଃ ଏକାପ୍ରକାର ହୋଇଥାଏ। କିନ୍ତୁ ଏକ ଘଟକ୍ରମରେ ଭାଇ ଭଉଣୀ ଗୋଟିଏ ଘରେ ଏକତ୍ର ମୃତ୍ୟୁବରଣ କରିବା ଘଟଣା ସ୍ଥାନୀୟ ଅଞ୍ଚଳ ଲୋକଙ୍କୁ ଚକିତ କରିଛି। ଏପରି ଏକ ଘଟଣା ଘଟିଛି ନାଗପୁରର ତାନ୍ତ୍ୟା ଟୋପେ ନଗର ଅଞ୍ଚଳରେ। ମୋହନ ଓଟୱାନି ଏବଂ ତାଙ୍କ ଭଉଣୀ ଶାନ୍ତା ଓଟୱାନିଙ୍କ ବୟସ ଯଥାକ୍ରମେ ୭୦ ଏବଂ ୭୫ ବର୍ଷ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇବା ପରେ ପୋଲିସ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ତେବେ ଘରର ଭିତରପଟୁ ଝିଡ଼ିକି ଦିଆଯାଇଥିଲା। ସେଇ ଘରେ ଆଉ କେହି ରହୁ ନ ଥିଲେ। ସ୍ଥାନୀୟ ଲୋକମୁଖରୁ ଶୁଣାଯାଏ ଯେ, ଉଭୟ ଭାଇ ଭଉଣୀଙ୍କୁ ସେମାନଙ୍କ ଝିଅପୁଅ ପଚାରୁ ନ ଥିବାରୁ ପରିଣତ ବୟସରେ ସେମାନେ ଏକାଠି ରହିଆସୁଥିଲେ। ସେମାନଙ୍କ ମଧ୍ୟରୁ ଜଣେ ମରିଗଲେ ଅନ୍ୟ ଜଣେ ଦୁଃଖ ସହିପାରିବ ନାହିଁ। ଏକତ୍ର ମରିଗଲେ କେହି କାହାପାଇଁ ଦୁଃଖ ପ୍ରକାଶ କରିବାର ଅବକାଶ ରହିବ ନାହିଁ ବୋଲି ସେମାନେ ଏକଦା କଥାବାର୍ତ୍ତା ହେଉଥିବାର ସ୍ଥାନୀୟ ଲୋକେ ଶୁଣିଥିବା ପ୍ରକାଶ କରିଛନ୍ତି। ଶବ ବ୍ୟବଚ୍ଛେଦ ପରେ ସେମାନେ କୌଣସି ରୋଗ କିମ୍ବା ଆତ୍ମହତ୍ୟା ଯୋଗୁ ମରି ନ ଥିବା ଏବଂ ଏହା ସ୍ୱାଭାବିକ ମୃତ୍ୟୁ ହୋଇଥିବା ଜଣାପଡିଛି। ପରିଣତ ବୟସରେ ଭଉଣୀ–ଭାଇଙ୍କ ଅତୁଟ ସ୍ନେହମମତା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

## ଚିରନ୍ତନୀ

ନୀତି ଧର୍ମ ସ୍ନେହ ପ୍ରେମ ତଳେ ଯେତେ
ଭଣ୍ଡାମି ଛଳନା
କରିଛ ପ୍ରକାଶ ସବୁ, ମୂଲ୍ୟ ତା'ର
କରିଛ କଳନା।
ପରୁଷର ସ୍ୱର୍ଗ ତୁମେ, ଧର୍ମ ତପ
ରମଣୀର ପ୍ରେମ
ସବୁ ବନ୍ଧନର ଗ୍ରନ୍ଥି ହେ ଅସ୍ଥିର
ହେ ଅମୂଲ୍ୟ ହେମ!
(ସୁନା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 3 | | | | | D | | 1 | | 2 | B | | | |
| | 4 | D | | | | E | | | 1 | | | | | 6 |
| 9 | | | | | D | 6 | 5 | | | A | | | 3 | E |
| 2 | 7 | | 4 | | | 0 | | | | | | | | |
| E | | | | C | 6 | | | | | 4 | | A | | |
| | D | B | 5 | | | | | 7 | 3 | | | | 4 | 0 |
| | | | | | | | 9 | 4 | A | | | | | B |
| | | | | | | | | | | | | | E | 1 |
| | | | 8 | | 2 | | A | | 5 | | 7 | | | |
| 5 | | | 9 | 7 | 0 | 2 | | | B | D | 1 | | | |
| | | | E | A | | | | 3 | | | | 5 | | D |
| | B | 5 | | | | | | | 2 | | | | | |
| | | | 6 | 5 | | | | D | C | 1 | | | | 3 |
| | | C | 1 | | | A | | 9 | E | | | 8 | | |
| 7 | 9 | A | D | 0 | | 1 | | | | | | C | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | 1 | 7 | 3 | C | 6 | 5 | D | A | 0 | 8 | 9 | 4 | 2 | B |
| 2 | 8 | 5 | 9 | D | 0 | B | E | 4 | 3 | C | 6 | A | 7 | 1 |
| A | C | 3 | B | E | 1 | 9 | 2 | 6 | 4 | 7 | 5 | 0 | 8 | D |
| B | 4 | D | 5 | 7 | 2 | 8 | C | 0 | 1 | A | E | 9 | 6 | 3 |
| 0 | 9 | 6 | 4 | A | 8 | 3 | 1 | 7 | 2 | D | B | E | C | 5 |
| 4 | 6 | B | 8 | 2 | C | E | 7 | 3 | A | 9 | 1 | 5 | D | 0 |
| C | 3 | 2 | A | 0 | E | 6 | 5 | D | 7 | B | 8 | 1 | 9 | 4 |
| 8 | 5 | E | D | 9 | 4 | 1 | 0 | B | 6 | 3 | C | 2 | A | 7 |
| 9 | 7 | A | 1 | 6 | 5 | 4 | 8 | 2 | D | E | 0 | B | 3 | C |
| 1 | D | 0 | 7 | 3 | B | C | A | 9 | 5 | 4 | 2 | 8 | E | 6 |
| 7 | E | 8 | 6 | B | D | A | 9 | 5 | C | 1 | 4 | 3 | 0 | 2 |
| 3 | 2 | 1 | 0 | 4 | A | 7 | 6 | 8 | E | 5 | D | C | B | 9 |
| 5 | 0 | 4 | E | 8 | 9 | 2 | 3 | C | B | 6 | 7 | D | 1 | A |
| 6 | B | C | 2 | 1 | 3 | D | 4 | E | 9 | 0 | A | 7 | 5 | 8 |
| D | A | 9 | C | 5 | 7 | 0 | B | 1 | 8 | 2 | 3 | 6 | 4 | E |

ଗତକାଲିର ଉତ୍ତର



ଡ. ସୁବାସ ଚନ୍ଦ୍ର ପାତ୍ର

# ଉଚ୍ଚଶିକ୍ଷାରେ ପ୍ରତାରଣା

ଜାତୀୟ ପରିପ୍ରେକ୍ଷୀରେ ଯାହାହେଉ ଆପାତତଃ ଓଡ଼ିଶାରେ ଉଚ୍ଚଶିକ୍ଷାର ସ୍ଥିତି ଦେଖିଲେ ଜଣାଯାଏ, ଏଠାରେ ଶୈକ୍ଷିକ ବ୍ୟବସ୍ଥାର ପରିବର୍ତ୍ତନ ଚିନ୍ତା କେବଳ ଉଚ୍ଚାକାଂକ୍ଷାକୈନ୍ଦ୍ରିକ। ଉଚ୍ଚଶିକ୍ଷାକୁ କିପରି ଜାତୀୟ ଅବା ଅନ୍ତର୍ଜାତୀୟ ସ୍ତରକୁ ନିଆଯାଇଛି ଏବଂ ସେହି କ୍ରମରେ ପ୍ରାରମ୍ଭିକ ପଦକ୍ଷେପ ହିସାବରେ ପାଠ୍ୟକ୍ରମର କିପରି ବୈପ୍ଳବିକ ପରିବର୍ତ୍ତନ କରାଯାଇଛି, ଜନସାଧାରଣଙ୍କ ମନରେ ବିଶ୍ୱାସ ଜନ୍ମେଇବା ପାଇଁ ସେ କଥାର ବହୁଳ ପ୍ରଚାର କରାଯାଏ। କିନ୍ତୁ ତା' ପଛରେ ଲୁକ୍କାୟିତ ବିଫଳତାର କରୁଣ କାହାଣୀ ଲୋକଲୋଚନକୁ ଆସିପାରେ ନାହିଁ। ୪/୫ ବର୍ଷ ତଳେ ଜାତୀୟ ପାଠ୍ୟକ୍ରମକୁ ଅନୁକରଣ କରିବାକୁ ଯାଇ +୩ ମହାବିଦ୍ୟାଳୟ ସ୍ତରରେ ସିବିସିଏସ୍ (ଚଏସ ବେସ୍‌ଡ କ୍ରେଡିଟ୍ ସିଷ୍ଟମ୍) ଲାଗୁ କରାଗଲା। କିନ୍ତୁ ତା' ମୂଳରେ ଯେଉଁ ଆନ୍ତଃବିଷୟକ ବିକଳ୍ପ ପ୍ରଦାନର ବ୍ୟବସ୍ଥା ଥିଲା ତାହା କାର୍ଯ୍ୟକାରୀ କରାଗଲା ନାହିଁ ବରଂ ଖାଲି ସ୍ନାତକସ୍ତରରେ ପତ୍ରସଂଖ୍ୟା ୮ରୁ ୧୪କୁ ବଢ଼େଇ ତା' ଦେହରେ ନୂତନ ପାଠ୍ୟକ୍ରମ ସବୁ ଭର୍ତ୍ତି କରାଗଲା, ଅନ୍ୟାନ୍ୟ ଜାତୀୟସ୍ତରର ବିଶ୍ୱବିଦ୍ୟାଳୟର ପାଠ୍ୟକ୍ରମକୁ ଦେଖି। ସ୍ନାତକସ୍ତରରେ ପାଠ୍ୟକ୍ରମକୁ ଏପ୍ରକାର ଉନ୍ନୀତ କଲାବେଳେ କେହି ଥରେ ବାସ୍ତବସ୍ଥିତିକୁ ଦେଖିଲେ ନାହିଁ। ଓଡ଼ିଶାର ସବୁ କଲେଜକୁ ବିଜେବି କଲେଜ (ଯେଉଁଠି ଛାତ୍ରୀଛାତ୍ର ମେଧାବୀ, ଶିକ୍ଷକ ପଦବୀ ଭର୍ତ୍ତି) ଭାବି ଏ ପ୍ରକାର ଏକ ସିଲାବସ ଲଦି ଦିଆଗଲା, ଯାହା ଜିଲ୍ଲା ଓ ବ୍ଲକ୍‌ସ୍ତରରେ ଥିବା କଲେଜଗୁଡ଼ିକର ଛାତ୍ରୀଛାତ୍ରଙ୍କ ପାଇଁ ପ୍ରତାରଣାର ଏକ କ୍ଷେତ୍ର ପାଲଟିଲା। ଅର୍ଥାତ୍ ୮ଟି ସ୍ନାତକ ପତ୍ର ପଢାଉଥିବା ଶିକ୍ଷକମାନେ ନୂତନ ଭାବେ ପ୍ରଚଳିତ ଆଉ ୬ଟି ପତ୍ର ପଢ଼ାଇବାକୁ ସକ୍ଷମ କି ନୁହେଁ, ଛାତ୍ରୀଛାତ୍ର ତାକୁ ବୁଝିବାକୁ ସକ୍ଷମ କି ନୁହେଁ ତାହା କେହି ପରଖିଲେ ନାହିଁ। ସକ୍ଷମ ତ ଦୂରର କଥା ହଠାତ୍ ୮ଟି ପତ୍ରରୁ ୧୪ ପତ୍ରକୁ ପରିବର୍ତ୍ତନଜନିତ ସୃଷ୍ଟ ବର୍ଦ୍ଧିତ କାର୍ଯ୍ୟଭାର ପାଇଁ ଆବଶ୍ୟକ ଶିକ୍ଷକ ଅଛନ୍ତି କି ନାହାନ୍ତି ତାହା ମଧ୍ୟ ବିଚାର୍ଯ୍ୟ ହେଲାନାହିଁ। ଅର୍ଥାତ୍ ଉଭୟ ଗୁଣାତ୍ମକ ଓ ପରିମାଣାତ୍ମକ ଦୃଷ୍ଟିରୁ ସରକାରୀ ଓ ବେସରକାରୀ ମହାବିଦ୍ୟାଳୟଗୁଡ଼ିକ ଛାତ୍ରୀଛାତ୍ରଙ୍କ ଚାହିଦା ପୂରଣ କରିପାରିଲେ ନାହିଁ। କୌତୁକର କଥା ଭାଷା ଓ ସାହିତ୍ୟ ଜାତୀୟ ବିଷୟ ଯେପରି ଓଡ଼ିଆ, ଇଂଲିଶ, ହିନ୍ଦୀ, ସଂସ୍କୃତ ଇତ୍ୟାଦି ଯାହାର ପାଠପଢ଼ା ନିର୍ଦ୍ଦିଷ୍ଟ ପୁସ୍ତକକୈନ୍ଦ୍ରିକ ବା ଏକ ପୁସ୍ତକରେ ସନ୍ନିବେଶିତ କେତୋଟି ପ୍ରବନ୍ଧକୈନ୍ଦ୍ରିକ, ସେ ସବୁ ପୁସ୍ତକ ବଜାରରେ ସହଜରେ ଉପଲବ୍ଧ କି ନୁହେଁ ତାକୁ ମଧ୍ୟ ସିଲାବସ ପ୍ରଣେତାମାନେ ଦେଖିଲେ ନାହିଁ।

ଦୁଃଖର ସହ କହିବାକୁ ପଡୁଛି, ଓଡ଼ିଶାର ଉଚ୍ଚଶିକ୍ଷା କ୍ଷେତ୍ରରେ ପ୍ରଚଳିତ ସିଲାବସ ଖାଲି ଉତରାଉତରିରେ ସୀମିତ। ଅର୍ଥାତ୍ କୌଣସି ଜାତୀୟ ବିଶ୍ୱବିଦ୍ୟାଳୟ ବା ୟୁଜିସିପ୍ରଣୀତ ସିଲାବସ୍‌କୁ ପ୍ରଥମେ ଉତ୍କଳ ବିଶ୍ୱବିଦ୍ୟାଳୟ ଆଣିଲେ ଏବଂ ପରବର୍ତ୍ତୀ ସମୟରେ ଓଡ଼ିଶାର ଅନ୍ୟ ବିଶ୍ୱବିଦ୍ୟାଳୟ ତାକୁ ସାମାନ୍ୟ କାଟଛାଣ୍ଟ କରି ଉତାରି ପକାଇଲେ। କେହି ବଜାରକୁ ଅନେଇଲେ ନାହିଁ। କେହି ଛାତ୍ରୀଛାତ୍ରଙ୍କ ସ୍ୱାର୍ଥ, କାର୍ଯ୍ୟରତ ଶିକ୍ଷକମାନଙ୍କର ଜ୍ଞାନ, ଦକ୍ଷତା ଆଦି ନଜରକୁ ନେଲେ ନାହିଁ। ପରିଣତିସ୍ୱରୂପ 'ଇଣ୍ଟର୍‌ନେଟ୍ ଭରସା' ନାମରେ ପାଠପଢ଼ା ଚାଲିଲା ଓ ଚାଲିଛି। କିନ୍ତୁ ଇଣ୍ଟର୍‌ନେଟ୍‌ରେ ଯେ ସବୁକଥା ନାହିଁ, ଛାତ୍ର ବା ଶିକ୍ଷକର ପୂରା ବହିଟିଏ ବା ପ୍ରବନ୍ଧଟିଏ ଦରକାର, ତା'ର ସାରାଂଶ ନୁହେଁ ଏକଥା ସମସ୍ତେ ଜାଣି ବି ନ ଜାଣିଲା ଭଳି ଅଭିନୟ କରୁଛନ୍ତି। ପରିଣାମ ଏକ ପ୍ରକାର ବିଡ଼ମ୍ବନା। ଆଗରୁ ଶିକ୍ଷକମାନେ ଛାତ୍ରମାନଙ୍କୁ ଦିଗ୍‌ଦର୍ଶନ ଦେଉଥିଲେ, ପାଠ୍ୟ ସାମଗ୍ରୀ ଯୋଗାଇ ଦେଉଥିଲେ ଅବା ତା'ର ଉତ୍ସ କହିଦେଉଥିଲେ। ଆଜି ଇଣ୍ଟର୍‌ନେଟ୍ ଅନଭିଜ୍ଞ ଶିକ୍ଷକଙ୍କୁ ଛାତ୍ରମାନେ 'ଦିଗ୍‌ଦର୍ଶନ' ଦେଉଛନ୍ତି, ପାଠ୍ୟ ସାମଗ୍ରୀ ଏଣୁତେଣୁ ସଂଗ୍ରହ କରି ଦେଉଛନ୍ତି। ଅର୍ଥାତ୍ 'ଇଣ୍ଟର୍‌ନେଟ୍' ସାଜିଛି 'କମନ୍ ମହାଗୁରୁ'। ଛାତ୍ର ଯେଉଁଠି, ଶିକ୍ଷକ ସେଇଠି। ଗୋଟିଏ ଉଦାହରଣରୁ ଜାଣିହେବ। କୌଣସି ଏକ ବିଶ୍ୱବିଦ୍ୟାଳୟର ସ୍ନାତକ ଇଂଲିଶ (ସଂସ୍କୃତ ନୁହେଁ)ର ଏକ ପତ୍ରରେ ରହିଛି ଋଗ୍‌ବେଦରୁ କିଛି ଅଂଶ, ପୁରୁଷସୂକ୍ତରୁ କିଛି ଖଣ୍ଡ, ଅଯୋଧ୍ୟାକାଣ୍ଡରୁ କିଛି ଭାଗ, ଅଭିଜ୍ଞାନ ଶାକୁନ୍ତଳମ୍‌ରୁ ଏକ ଅଙ୍କ, ମୃଚ୍ଛକଟିକମ୍‌ରୁ ଏକ ଅଙ୍କ, ନାଟ୍ୟଶାସ୍ତ୍ରରୁ ଏକ ପରିଚ୍ଛେଦ, ସାହିତ୍ୟ ଦର୍ପଣ ଓ ଭର୍ତ୍ତୃହରିଙ୍କ ନୀତିଶତକମ୍‌ରୁ କିଛି ଶ୍ଳୋକ। ଇଂଲିଶ ଭାଷାର ଉଭୟ ଛାତ୍ର ଓ ଶିକ୍ଷକ ଏହିସବୁ ପାଠ ବିଷୟରେ ସଂପୂର୍ଣ୍ଣ ଅଜ୍ଞ, ସହାୟକ ପୁସ୍ତକର ସୂଚୀରେ ଉଲ୍ଲିଖିତ ପୁସ୍ତକ ବଜାରରେ ଉପଲବ୍ଧ ନୁହେଁ। ତେଣୁ ଆରମ୍ଭ ହେଲା ଛାତ୍ର ଓ ଶିକ୍ଷକଙ୍କର 'ମହାକାଶ' ଯାତ୍ରା। 'ଉପଗ୍ରହ' ମାଧ୍ୟମରେ 'ମହାକାଶ'ରୁ ଜ୍ଞାନ ସଂଗ୍ରହ, ଯେଉଁଠି ପ୍ରମୁଖ ଭୂମିକା ନେଲେ ଛାତ୍ରୀଛାତ୍ର, ଶିକ୍ଷକମାନେ ହେଲେ ତା'ର ଉପଭୋକ୍ତା!

ଏ କି ପ୍ରକାର ପାଠପଢ଼ା? କ୍ଲାସରୁମ୍‌ଗୁଡ଼ିକ କ'ଣ ଶିକ୍ଷକମାନଙ୍କ ଅଜ୍ଞତା ପ୍ରଦର୍ଶନର ପ୍ଲାଟଫର୍ମ? ଯେବେଠୁ ୮ ବଦଳରେ ୧୪ଟି ସ୍ନାତକ ପତ୍ର ସନ୍ନିବେଶିତ ହୋଇଛି, ସେ ସବୁ ନୂତନ ପାଠ୍ୟକୁ ନେଇ ସେବେଠୁ ଏକ ବିଚିତ୍ର ସ୍ୱର ଶୁଣିବାକୁ ମିଳୁଛି ଶିକ୍ଷକମାନଙ୍କଠୁ– ''କ'ଣ କରିବା? ଏ ସବୁ ତ ଆମ ସମୟରେ ନ ଥିଲା। ତା' ଛଡ଼ା ଦୀର୍ଘ ବର୍ଷ +୨ରେ ପଢ଼େଇ ପଢ଼େଇ ଆମେ ସ୍ନାତକ ତଥା ସ୍ନାତକୋତ୍ତର ପାଠ୍ୟକ୍ରମଠୁ ଦୂରେଇ ଯାଇଛୁ। ଏବେ ଏ ବୟସରେ ଆମେ କ'ଣ ଶିଖିବା ଅବସ୍ଥାରେ ଅଛୁ?'' କହିବା ବାହୁଲ୍ୟ ଏବେ ଅଧିକାଂଶ ସରକାରୀ, ବେସରକାରୀ କଲେଜରେ ୭୦ ପ୍ରତିଶତ ପଦବୀ ଖାଲି। ଯେଉଁ କିଛି ବରିଷ୍ଠ ଅଧ୍ୟାପକ ଅଛନ୍ତି ସେମାନେ ପୁରୁଣା ପାଠ୍ୟକ୍ରମକୁ ନେଇ ଦକ୍ଷ, ନୂତନ ସହ ବେଶି ପରିଚିତି ନାହିଁ। +୨ରୁ ଯେଉଁମାନେ ଆସିଲେ ସେମାନେ ବର୍ଷ ବର୍ଷ ଧରି ଛିନ୍ନମୂଳ। ଯୁବ ଅତିଥି ଶିକ୍ଷକ ଯେଉଁମାନେ ସାମୟିକ ନିଯୁକ୍ତି ପାଆନ୍ତି ସେମାନେ ସେହି ପୁରୁଣା ପାଠ୍ୟକ୍ରମ ପଢ଼ି ଆସିଛନ୍ତି। କାଁ ଭାଁ, ୧୦ ବା ୧୫ ପ୍ରତିଶତ ନୂଆ। ତେଣୁ ପାଠପଢ଼ା କ'ଣ ହେଉଛି? କେମିତି ଚାଲିଛି?

କୌତୁକର କଥା ପରଦା ପଛରେ ଏତେକଥା ଚାଲିଲାବେଳେ ଖବରକାଗଜରେ ପରୀକ୍ଷା ଫଳ ବାହାରେ ୯୦ରୁ ୯୫ ପ୍ରତିଶତ ସଫଳତାର କାହାଣୀ ବର୍ଣ୍ଣନା କରି ଏବଂ ସେଥିରୁ ଅଧିକାଂଶ ପ୍ରଥମ ଶ୍ରେଣୀ, ତା'ଠୁ କମ୍ ଦ୍ୱିତୀୟ, ତା'ଠୁ କମ୍ ତୃତୀୟ ଶ୍ରେଣୀ, ଫେଲ୍ ପ୍ରାୟ ନାହିଁ! ଏହା ଯାଦୁ ନୁହେଁ, ଏହା 'ପାରସ୍ପରିକ ଭାବବିନିମୟ'ର କଥା। ଅର୍ଥାତ୍ ଯେହେତୁ ପାଠ ଭଲକରି ପଢ଼ା ହୋଇନାହିଁ, ପିଲାମାନଙ୍କୁ ଭଲ ମାର୍କ ଦିଆଯାଏ– ଛାତ୍ର, ଅଭିଭାବକ, ଗଣମାଧ୍ୟମ ଓ ସରକାରଙ୍କୁ ସନ୍ତୁଷ୍ଟ କରିବାକୁ। କିନ୍ତୁ ଏହି ପ୍ରତାରଣାର ଶିକାର ହୁଏ ଛାତ୍ରଟିଏ ବା ତା'ର ନିରୀହ ଅଭିଭାବକ ଯେ ଏହି ମିଛ ଫଳକୁ ସତ ଭାବି ସ୍ୱପ୍ନ ଦେଖେ।

ଏବେ ପୁଣି ସିଲାବସ ବଦଳିବ ୨୦୧୯–୨୦୨୦ରୁ। ଉପରିଲିଖିତ ଯନ୍ତ୍ରଣାର ପୁନରାବୃତ୍ତି ହେବ। ତେଣୁ ଶିକ୍ଷା ବ୍ୟବସ୍ଥାକୁ ବଞ୍ଚାଇବାକୁ, ସମସ୍ତ ପ୍ରଭାବିତ ପକ୍ଷକୁ ନ୍ୟାୟ ଦେବା ପାଇଁ, ନୂତନ ସିଲାବସ ପ୍ରଚଳନ ପୂର୍ବରୁ ପୂର୍ଣ୍ଣାଙ୍ଗ ସିଲାବସକୁ ଏକ ବର୍ଷ ପାଇଁ ଅଧ୍ୟାପକ, ଶିକ୍ଷିତ ଅଭିଭାବକ, ଉପରଶ୍ରେଣୀର ଛାତ୍ରୀଛାତ୍ରମାନଙ୍କ ଅନୁଶୀଳନ ପାଇଁ କଲେଜସ୍ତରରେ ବା ବିଶ୍ୱବିଦ୍ୟାଳୟର ୱେବ୍‌ସାଇଟ୍‌ରେ ଛାଡ଼ି ଦିଆଯାଉ, ଯଦ୍ଦ୍ୱାରା ଅପାତତଃ ବର୍ଷେ ଭିତରେ ଶିକ୍ଷକମାନେ ଟିକିଏ ପ୍ରସ୍ତୁତ ହେବେ। ଅଧ୍ୟାପକମାନେ, ଉପରଶ୍ରେଣୀର ଛାତ୍ରମାନେ ଏହାର ଅନୁଧ୍ୟାନ କରି ଅସୁବିଧା କଥା ଉଲ୍ଲେଖ କରିବାକୁ ସମୟ ପାଇବେ ଏବଂ ବର୍ଷେ ପରେ ସମସ୍ତଙ୍କ ମତାମତକୁ ବିଚାରକୁ ନେଇ ଅନ୍ତିମ ସିଲାବସ ପ୍ରଚଳିତ ହେଉ। ପାଠର ଅନ୍ୟନାମ ପ୍ରତାରଣା ନ ହେଉ।

ପୂର୍ବତନ ଅଧକ୍ଷ, ଜେଲ ରୋଡ଼, ବାଲେଶ୍ୱର,
ମୋ– ୯୪୩୭୩୭୬୨୧୯

## ପାଠକ ଶ୍ରେଷ୍ଠ ବିଚାରକ

### ଗରିବଙ୍କ ଶୀତକଷ୍ଟ

ମହାଶୟ,

ବର୍ତ୍ତମାନ ଶୀତକାଳ ଉପସ୍ଥିତ। ଉତ୍ତରଦିଗରୁ ଶୀତଳହରି ମାଡିଆସୁଛି। ଦେହ ଥରିଉଠୁଛି। ଶୀତଦିନ କାହା ପାଇଁ ହିତ କାହା ପାଇଁ ଅହିତ। ପ୍ରବଳ ଶୀତକାଳ ଧନୀମାନଙ୍କ ପାଇଁ ଆନନ୍ଦଦାୟକ। କାରଣ ଶୀତକଷ୍ଟରୁ ରକ୍ଷା ପାଇବା ପାଇଁ ସେମାନେ ଶୀତବସ୍ତ୍ର ପରିଧାନ କରିଥାନ୍ତି। କିନ୍ତୁ ଗରିବ ଲୋକମାନେ ଶୀତବସ୍ତ୍ର ବିନା ପ୍ରବଳ ଶୀତରେ କଷ୍ଟ ସହିଥାନ୍ତି। କବିଙ୍କ ଭାଷାରେ– ଧନବନ୍ତ ଜନ ଅଙ୍ଗରେ ଶୀତବସ୍ତ୍ର ବହିଲେ, ଦରିଦ୍ରେ ଭାଗ୍ୟକୁ ଆଦରି ଶୀତକଷ୍ଟ ସହିଲେ। ଈଶ୍ୱରଙ୍କ ସଂସାରରେ ଏପରି ବିଷମତା କାହିଁକି, ମନରେ ପ୍ରଶ୍ନବାଚୀ ସୃଷ୍ଟି ହୁଏ।

ରଞ୍ଜନ ମିଶ୍ର, ସାକ୍ଷୀଗୋପାଳ, ପୁରୀ

### ସୁରକ୍ଷା ଭତ୍ତା ହିଁ ରକ୍ଷାକବଚ

କୃଷକ ଧାରକରଜ କରି ଓ ଦେହରୁ ଝାଳ ନିଗାଡ଼ି ଯାହା ଅମଳ କରୁଛି ଅଭାବୀ ବିକ୍ରି ଯୋଗୁ ତା'ର ଉପଯୁକ୍ତ ମୂଲ୍ୟ ପାଇପାରୁନାହିଁ। ଫଳରେ ନିରାଶ ହୋଇ ଆତ୍ମହତ୍ୟା କରୁଛି। ଏବେ କୃଷିଋଣ ଛାଡ ସହ ବିଭିନ୍ନ ପ୍ୟାକେଜ ଘୋଷଣା କରାଯାଉଛି ସତ, କିନ୍ତୁ ଆମେ ପ୍ରାଇସ୍–ପ୍ରେଷ୍ଟିଜ୍–ପେନ୍‌ସନ୍ ଦାବି କରୁଛୁ। ସୁରକ୍ଷା ଭତ୍ତା ହେଉଛି ରକ୍ଷାକବଚ। ବର୍ଷ ତମାମ ଲାଗି ରହିଥିବା ପ୍ରାକୃତିକ ବିପର୍ଯ୍ୟୟ ଏବଂ ରୋଗ–ପୋକ, ଅଭାବୀ ବିକ୍ରିର ମାଡ ସହି ସେହି ସ୍ୱଳ୍ପ ସୁରକ୍ଷା ଭତ୍ତାକୁ ପାଥେୟ କରି ସେ ଆତ୍ମହତ୍ୟାର ବାଟ ଛାଡି ବଞ୍ଚିବାର ରାହା ପାଇଯିବ। ସେ ଚାଷ ଛାଡି ଆଉ ଦାଦନ ଖଟିବାକୁ ଯିବ ନାହିଁ।

ରାମଚନ୍ଦ୍ର ପାଲଟାସିଂହ, ନବନିର୍ମାଣ କୃଷକ ସଂଗଠନ, କୁମାରବସ୍ତ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଆଧୁନିକ ଶିକ୍ଷା ଓ ସମାଜ



ଲଲାଟ କେଶରୀ ନାୟକ

ସ୍ୱାମୀ ବିବେକାନନ୍ଦ ତାଙ୍କର ଶିକାଗୋ ଅଭିଭାଷଣରେ କହିଥିଲେ, କୋଟି କୋଟି ଅଦୃଶ୍ୟ ଶିଶିରବିନ୍ଦୁ ଯେମିତି ରାଶି ରାଶି ଗୋଲାପ କଢ଼ିକୁ ପ୍ରସ୍ଫୁଟିତ କରେ, ଠିକ୍ ସେହିଭଳି ଜଣେ ବ୍ୟକ୍ତିର ମାନସିକତା ଏକ ସୁସ୍ଥ ଏବଂ ବିକାଶଶୀଳ ରାଷ୍ଟ୍ର ଗଠନର ମୂଳମନ୍ତ୍ର ହୋଇଥାଏ। ଆଇନଶୃଙ୍ଖଳାରେ ଯେତେ ବି ପରିବର୍ତ୍ତନ ହେଉ ନା କାହିଁକି ବା ଶାସନ ଖସଡା ଯେତେ କଠୋର ହେଉ ନା କାହିଁକି, ଯଦି ବ୍ୟକ୍ତିର ମାନସିକତାରେ ପରିବର୍ତ୍ତନ ନ ହୋଇଛି ତେବେ ବିକାଶଶୀଳ ରାଷ୍ଟ୍ର ଗଠନ ଅସମ୍ଭବ।

ଆଜିର ଆଧୁନିକ ଶିକ୍ଷାପଦ୍ଧତି କେବଳ ଅର୍ଥକୈନ୍ଦ୍ରିକ ହୋଇଯାଇଛି। ବିଦ୍ୟା ଶିକ୍ଷା ଉପରେ ଗୁରୁତ୍ୱ ଦେଇ ଅର୍ଥଲିପ୍ସୁ ସ୍ୱାର୍ଥପର ମଣିଷ ବିଦ୍ୟା ଶିକ୍ଷା ଦ୍ୱାରା ଉଚ୍ଚ ପଦପଦବୀକୁ ଆପଣେଇ ନେଲା ପରେ ଦୁର୍ନୀତି, ଭ୍ରଷ୍ଟାଚାର ମାଧ୍ୟମରେ ନିଜର ବ୍ୟାଙ୍କ୍ ବାଲାନ୍ସ କିଭଳି ବୃଦ୍ଧି ପାଇବ ତା' ଉପରେ ଗୁରୁତ୍ୱ ଦେଉଛନ୍ତି, ଯାହାକି ଏକ ମାର୍ଜିତ ଏବଂ ଶୃଙ୍ଖଳିତ ସମାଜ ଗଠନ ପାଇଁ ବାଧା ଉପୁଜାଉଛି।

କୋମଳମତି ଶିଶୁମାନଙ୍କ ମଧ୍ୟରେ କେବଳ ପରୀକ୍ଷାରେ ଭଲ ନମ୍ବର ରଖିବା ବା ପ୍ରତିଦ୍ୱନ୍ଦ୍ୱିତା ମନୋଭାବ ନେଇ ଭଲ ଚାକିରି କରିବାର ଆଶା ଅଧିକମାତ୍ରାରେ ବଢ଼ିଯାଉଛି। ମାତାପିତା ବ୍ୟସ୍ତବହୁଳ ଜୀବନର ଦ୍ୱାହିଦେଇ, ମୋଟା ଅଙ୍କର ଅର୍ଥ ବିନିମୟରେ ଟ୍ୟୁଶନ ହେଉ ବା ବିଭିନ୍ନ ପ୍ରତିଯୋଗିତା ମାଧ୍ୟମରେ ଶିକ୍ଷାକୁ କିଣିନେବାକୁ ପଛଘୁଞ୍ଚା ଦେଉନାହାନ୍ତି। ମୋ ପିଲା କିଭଳି ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଟପ୍ପର ହୋଇ ଭବିଷ୍ୟତରେ ଉଚ୍ଚ ପଦବୀରେ ଆସୀନ ହେବ ଓ ମୋଟାଅଙ୍କର ଅର୍ଥ ଉପାର୍ଜନ କରିବ, ଏହା ପ୍ରତ୍ୟେକଙ୍କର ଲକ୍ଷ୍ୟ। ଫଳରେ ଏହି ଶିଶୁ ଯିଏକି ଭବିଷ୍ୟତରେ ବିକଶିତ ରାଷ୍ଟ୍ରର ମୂଳମନ୍ତ୍ର, ସ୍ୱାର୍ଥକୈନ୍ଦ୍ରିକ ହୋଇ ସତ୍ ଓ ଅସତ୍ ଉପାୟରେ କେବଳ ଅର୍ଥ ଉପାର୍ଜନ କରିବା ପାଇଁ ଉଦ୍ୟମ ଜାରି ରଖେ।

ଜଣେ ପୂର୍ଣ୍ଣାଙ୍ଗ ମଣିଷ ହେବା ପାଇଁ କେବଳ ଆନୁଷ୍ଠାନିକ ବିଦ୍ୟା ଶିକ୍ଷା ଯେ ଯଥେଷ୍ଟ ତାହା ଭାବିବା ଅନୁଚିତ। କାରଣ ସଫଳତାର ଶୀର୍ଷରେ ପହଞ୍ଚିବା ପାଇଁ ଚାରି ପ୍ରକାର ଶିକ୍ଷାର ଆବଶ୍ୟକତା ରହିଛି, ଯଥା: ପାରିବାରିକ ଶିକ୍ଷା, ସାମାଜିକ ଶିକ୍ଷା, ନୈତିକ ଶିକ୍ଷା ଏବଂ ଆନୁଷ୍ଠାନିକ ବିଦ୍ୟା ଶିକ୍ଷା। ପାରିବାରିକ ଶିକ୍ଷା ପରିବାର ମଧ୍ୟରେ ବାପା, ମା, ଜେଜେ, ଜେଜେ ମା, ଦାଦା, ଖୁଡ଼ୀ, ଭାଇ, ଭଉଣୀ ବା ଆତ୍ମୀୟସ୍ୱଜନଙ୍କଠୁ ପ୍ରାପ୍ତ ହୁଏ। ଗୁରୁଜନମାନଙ୍କୁ ଭକ୍ତି କରିବା, ସମ୍ମାନ ଦେବା, ପ୍ରାତଃ ଏବଂ ସନ୍ଧ୍ୟା ସମୟରେ ପ୍ରାର୍ଥନା କରିବା ଇତ୍ୟାଦି। ପିଲାର ବାପା ମା' କିଭଳି ଭାବରେ ସେମାନଙ୍କ ଗୁରୁଜନମାନଙ୍କୁ ସମ୍ମାନ ପ୍ରଦର୍ଶନ କରୁଛନ୍ତି, ତାହା ମଧ୍ୟ ପିଲାର ମାନସିକତା ଉପରେ ପ୍ରଭାବ ପକାଏ। କିନ୍ତୁ ବିଡମ୍ବନାର ବିଷୟ ବର୍ତ୍ତମାନ ପରିସ୍ଥିତିରେ ଯୌଥ ପରିବାର ମଧ୍ୟରେ କେହି ବି ବାପା ଏବଂ ମା' ରହିବାକୁ ପସନ୍ଦ କରୁନାହାନ୍ତି। ଫଳରେ ଶିଶୁ ପାରିବାରିକ ଶିକ୍ଷାରୁ ବଞ୍ଚିତ ହେଉଛି, ଯାହାଦ୍ୱାରା କି ସେ ପରିବାରର ମୂଲ୍ୟ ବୁଝୁନାହିଁ।

ସାମାଜିକ ଶିକ୍ଷା ସମାଜରୁ ମିଳିଥାଏ– ଯେପରିକି ରାସ୍ତାର ବାମପଟେ ଚାଲିବା ଉଚିତ, ଚୋରି, ଡକାୟତି ବା ଅସାମାଜିକ କାମ କରିବା ଅନୁଚିତ। ପରସ୍ପର ମଧ୍ୟରେ ସ୍ନେହ, ପ୍ରେମ, ଆନ୍ତରିକତା, ଭଲ ପାଇବା, ସାହାଯ୍ୟ ସହାନୁଭୂତି ରହିବା ଉଚିତ। କିନ୍ତୁ ଆଜିର ମଣିଷ ସହରାଭିମୁଖୀ, ଯେଉଁଠି କି ପଡୋଶୀ କିଏ ବା ସେ କ'ଣ କରୁଛନ୍ତି ଜଣାପଡୁନାହିଁ। ସମାଜ ତ ଦୂରର କଥା। ସାମାଜିକ ଶିକ୍ଷାରୁ ଆଜିର ଶିଶୁ ବା ଯୁବସମାଜ ବଞ୍ଚିତ। ସାମାଜିକ ଚଳଣି, ରୀତିନୀତି ବୁଡ଼ିବୁଡ଼ି ଆସିଲାଣି।

ତାହା ନୈତିକ ଶିକ୍ଷା, ଯାହା ମଣିଷକୁ ନୀତି ବା ବିବେକ ଶିକ୍ଷା ଦିଏ। ପାରିବାରିକ ଶିକ୍ଷା ଏବଂ ସାମାଜିକ ଶିକ୍ଷାର ଅଭାବ ହେଲେ ବ୍ୟକ୍ତି ବିବେକଶୂନ୍ୟ ହୁଏ ବା ନୈତିକ ଶିକ୍ଷାର ଅଭାବ ପରିଲକ୍ଷିତ ହୁଏ। ଯେପରିକି ନିଜର ସ୍ୱାର୍ଥ ପାଇଁ ପରର ଅନିଷ୍ଟ କରିବା, ଏପରିକି ନିଜର ସ୍ୱାର୍ଥ ପାଇଁ ମାତାପିତାଙ୍କୁ ମଧ୍ୟ ବାର୍ଦ୍ଧକ୍ୟ ଅବସ୍ଥାରେ ଅଣଦେଖା କରିବା, ଆତ୍ମୀୟ ଲୋକଙ୍କ ଉପରେ କଠୋର ମନୋଭାବ ପ୍ରଦର୍ଶନ କରିବା ଇତ୍ୟାଦି।

ଆନୁଷ୍ଠାନିକ ବିଦ୍ୟା ଶିକ୍ଷା ମଣିଷକୁ କ୍ଷମତା, ଉଚ୍ଚ ପଦପଦବୀ ଏବଂ ଅର୍ଥ ରୋଜଗାର କରିବା ପାଇଁ ସହାୟକ ହୋଇଥାଏ। ସାମାଜିକ ଶିକ୍ଷା, ପାରିବାରିକ ଶିକ୍ଷା ଓ ନୈତିକ ଶିକ୍ଷାର ଅଭାବ ରହିଲେ, ବ୍ୟକ୍ତି ଯେତେ ଡିଗ୍ରୀ ହାସଲ କରୁ ନା କାହିଁକି, ଯେଉଁ ଉଚ୍ଚ ପଦବୀରେ ଅବସ୍ଥାପିତ ହେଉ ନା କାହିଁକି, ସେ ଅସତ୍ ଉପାୟକୁ ଅବଲମ୍ବନ କରେ ଓ ସାମାଜିକ ବିକାଶରେ ପ୍ରତିବନ୍ଧକ ସୃଷ୍ଟି କରେ।

ମୋଟା ଅଙ୍କର ଅର୍ଥ ବିନିଯୋଗ କରି ଶିକ୍ଷା କିଣି ନିଜ ପିଲାର ମାନସିକତାରେ ଯଦି ଲୋଭ ଭର୍ତ୍ତି କରାଯାଏ, ତା' ପାଇଁ ଆତ୍ମାନୁଶୀଳନର ଉପଯୁକ୍ତ ପରିବେଶଟିଏ ସୃଷ୍ଟି କରା ନ ଯାଏ ତେବେ ସେ ଉପଯୁକ୍ତ ବିଦ୍ୟା ଶିକ୍ଷା ହୁଏ ତ ପାଇପାରେ, କିନ୍ତୁ ପୂର୍ଣ୍ଣାଙ୍ଗ ମଣିଷ ହେବାର ଉପାଦାନସବୁକୁ ହରାଇ ବସେ। ମଣିଷର ମାନସିକତାରେ ପରିବର୍ତ୍ତନ ଆସିବା ନିତାନ୍ତ ଆବଶ୍ୟକ। ନିଜେ ବଞ୍ଚି ଅନ୍ୟ ପାଇଁ ବଞ୍ଚିବାର ସୁଯୋଗ ସୃଷ୍ଟି କରିବା ମଣିଷପଣିଆ। ଏହାଦ୍ୱାରା ବ୍ୟକ୍ତି ସଂସ୍କାରୀ ହେବା ସହିତ ବିକଶିତ ଓ ଶୃଙ୍ଖଳିତ ସମାଜ ଗଠନରେ ସହାୟକ ହୋଇପାରିବ। ଅନ୍ୟଥା ଆଧୁନିକ ଶିକ୍ଷାର ଦ୍ୱାହିଦେଇ ଆଜିର ଏ ଅତ୍ୟାଧୁନିକ ମଣିଷ ସମାଜକୁ ଧ୍ୱଂସାଭିମୁଖୀ କରିଦେବ।

ଜଗନ୍ନାଥ ନଗର, ରସୁଲଗଡ,
ଭୁବନେଶ୍ୱର, ମୋ–୯୪୩୮୧୮୧୧୬୨

## ୨୫ ବର୍ଷ ତଳର ଧରିତ୍ରୀ

**୧୭ ଜାନୁୟାରୀ ୧୯୯୪**

- ତୁର୍କମେନିସ୍ତାନରେ ହୋଇଥିବା ଗଣଭୋଟରେ ରାଷ୍ଟ୍ରପତି ସପରମୁରତ ନିୟାଜୋଭ ଶତକଡା ୯୯.୯୯ ଭାଗ ଭୋଟ ପାଇ ନିର୍ବାଚିତ ହେବା ସହ ଆସନ୍ତା ୫ ବର୍ଷ ପାଇଁ ଦେଶର ରାଷ୍ଟ୍ରପତି ରୂପେ ପୁନର୍ନିଯୁକ୍ତ ହୋଇଛନ୍ତି।
- ଆଫଗାନିସ୍ତାନରେ ଦୀର୍ଘ ୧୬ ଦିନ ଧରି ଚାଲିଥିବା ସଂଘର୍ଷରେ ୫୫୦ ବ୍ୟକ୍ତି ପ୍ରାଣ ହରାଇଛନ୍ତି ବୋଲି ଅନ୍ତର୍ଜାତୀୟ ରେଡ୍‌କ୍ରସ କମିଟି ପକ୍ଷରୁ କୁହାଯାଇଛି।
- ଖମାରିଆ ଜିଲାରେ ଏକ ନୌକା ଦୁର୍ଘଟଣାରେ ୧୭ ଜଣଙ୍କର ମୃତ୍ୟୁ ଘଟିଛି।
- ଚଳିତବର୍ଷ ଦେଶରେ ରେକର୍ଡ ୯୬.୭୭ ଲକ୍ଷ ଟନ୍ ଚାଉଳ ସଂଗ୍ରହ କରାଯାଇଥିବା ସୂଚନା ମିଳିଛି।



ମହାରାଷ୍ଟ୍ର ଭାଜପାର ସ୍ଥାନୀୟ ନେତା ଧନଞ୍ଜୟ କୁଲକର୍ଣ୍ଣିଙ୍କ ଫ୍ୟାଶନ୍ ସାମଗ୍ରୀ ଦୋକାନରୁ ୧୭୦ରୁ ଊର୍ଦ୍ଧ୍ୱ ଅସ୍ତ୍ର ଜବତ ହୋଇଛି। ସେଥିରେ ବନ୍ଧୁକ, ଖଣ୍ଡା, ଭୁଜାଲି, ଗୁପ୍ତି ଓ ଛୁରି ଆଦି ରହିଛି। ଜବତ ଅସ୍ତ୍ରର ମୂଲ୍ୟ ୧.୮୬ ଲକ୍ଷ ଟଙ୍କା ବୋଲି ଆକଳନ କରାଯାଇଛି।



## ସଂକ୍ଷେପରେ

### ସତ୍ୟଜିତ ନାୟକ ଏନ୍‌ଆଇଏ ଏସ୍‌ପି ନିଯୁକ୍ତ

**ଭୁବନେଶ୍ୱର, ୧୬।୧(ବ୍ୟୁରୋ):** ୨୦୦୮ ବ୍ୟାଚ୍‌ର ଓଡ଼ିଶା କ୍ୟାଡର୍ ଆଇପିଏସ୍ ଅଧିକାରୀ ସତ୍ୟଜିତ ନାୟକ ଏନ୍‌ଆଇଏ(ଜାତୀୟ ତଦନ୍ତକାରୀ ସଂସ୍ଥା)ର ଆରକ୍ଷୀ ଅଧୀକ୍ଷକ(ଏସ୍‌ପି) ଭାବେ ନିଯୁକ୍ତ ହୋଇଛନ୍ତି। ସେ ରାଜ୍ୟ କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍ ଏସ୍‌ପି ଭାବେ କାର୍ଯ୍ୟ ଭାର ତୁଲାଉଥିଲେ। ସତ୍ୟଜିତ ୪ ବର୍ଷ ପର୍ଯ୍ୟନ୍ତ କେନ୍ଦ୍ରୀୟ ଡେପୁଟେଶନରେ ଯିବା ନେଇ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଗତ ୧୫ ତାରିଖରେ ଏକ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଡେପୁଟେଶନରେ ଯିବା ପରେ ସେ ଏନ୍‌ଆଇଏ ଏସ୍‌ପି ଭାବେ ଦାୟିତ୍ୱ ଗ୍ରହଣ କରିବେ। ସୂଚନାଯୋଗ୍ୟ, ଗ୍ୟାଙ୍ଗଷ୍ଟର ଟିଟୋ ଏବଂ ତାଙ୍କ ସହଯୋଗୀଙ୍କୁ ଗିରଫ କରିବାରେ ସତ୍ୟଜିତଙ୍କର ପ୍ରମୁଖ ଭୂମିକା ରହିଥିଲା। ଏଥିସହ ସେ ଅନ୍ତର୍ଜାତୀୟ ବଜ୍ରକାପ୍ତା ଚୋରା ଚାଲାଣ ର୍ୟାକେଟ୍‌ର ପର୍ଦ୍ଦାଫାଶ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲେ।

### ମହିଳା ଓ ଶିଶୁ ବିକାଶ ଚିନ୍ତା ୧୦୮ ନୂତନ ପଦବୀ ଘୋଷଣା କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୬।୧(ବ୍ୟୁରୋ):** ରାଜ୍ୟ ସରକାର ମହିଳା ଓ ଶିଶୁମାନଙ୍କର ମଙ୍ଗଳ ପାଇଁ ଗୁରୁତ୍ୱ ଦେଇଆସୁଛନ୍ତି। ସମନ୍ୱିତ ଶିଶୁ ବିକାଶ ସେବା(ଆଇସିଡିଏସ୍) ସଂସ୍ଥାଗୁଡିକ ଏ ଦିଗରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ଏହି ସଂସ୍ଥାଗୁଡିକୁ ଆହୁରି ମଜଭୁତ କରିବାକୁ ସବ୍‌ଡିଭିଜନ, ଜିଲା ଓ ରାଜ୍ୟସ୍ତରରେ ଆବଶ୍ୟକ ମାନବ ସମ୍ବଳ ଯୋଗାଇଦେବା ଲାଗି ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଆଇସିଡିଏସ୍ ଯୋଗାଇ ଦେଉଥିବା ସେବାଗୁଡିକୁ ଆହୁରି କ୍ରିୟାଶୀଳ କରିବା ପାଇଁ ରାଜ୍ୟ ସରକାର ସବଡିଭିଜନ ସ୍ତରରେ ୯୩ଟି ପ୍ରୋଗ୍ରାମ ଅଫିସର ପଦବୀ ସୃଷ୍ଟି କରିଛନ୍ତି। ସେହିପରି ଜିଲାସ୍ତରରେ ୧୩ଟି ଜିଲା ସମାଜ ମଙ୍ଗଳ ଅଧିକାରୀ ପଦବୀ ଓ ରାଜ୍ୟସ୍ତରରେ ୨ଟି ଡେପୁଟି ଡାଇରେକ୍ଟ କମ୍ ଡେପୁଟି ସେକ୍ରେଟାରୀ ପଦବୀ ସୃଷ୍ଟି କରାଯାଇଛି। ବୁଧବାର ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ ନେଇ ଘୋଷଣା କରିଛନ୍ତି।

# ବିଜେଡି ଫୋକସରେ ପଶ୍ଚିମ ଓଡ଼ିଶା

- ନବଙ୍କୁ ମିଳିପାରେ ଗୁରୁଦାୟିତ୍ୱ
- ବିଜେଡିରେ ଅସନ୍ତୋଷ କୁହୁଳୁଛି
- ସମାଧାନ କରିବାକୁ ଆସୁଛନ୍ତି ପ୍ରଣବ, ସଞ୍ଜୟ

**ଝାରସୁଗୁଡ଼ା ଅଫିସ,୧୬।୧**

ଝାରସୁଗୁଡ଼ା ବିଧାୟକ ନବ କିଶୋର ଦାସ ବୁଧବାର କଂଗ୍ରେସର ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ତାଙ୍କ ଇସ୍ତଫା ଘୋଷଣା ପରେ ବହୁଦିନର କଳ୍ପନାଜଳ୍ପନାର ଅବସାନ ଘଟିଛି। ସେ ବିଜେଡିରେ ମିଶିବେ ବୋଲି ସ୍ପଷ୍ଟ କରିଛନ୍ତି। ନିର୍ବାଚନ ପାଖେଇ ଆସୁଥିବାରୁ ଆଶାୟୀ ପ୍ରାର୍ଥୀମାନେ ନିଜ ନିଜର ସିଟ୍‌କୁ ନିଶ୍ଚିତ କରିବା ଓ ସୁରକ୍ଷିତ ରଖିବାକୁ ପ୍ରୟାସ ଆରମ୍ଭ କରିଛନ୍ତି। ଅନ୍ୟପଟେ ପଶ୍ଚିମ ଓଡ଼ିଶାରେ ଉଭୟ ଭାଜପା ଓ କଂଗ୍ରେସର ଭୋଟବ୍ୟାଙ୍କ ସୁଦୃଢ ରହିଛି। ଏହାକୁ ପ୍ରତିହତ କରିବାକୁ ବିଜେଡି ଝାରସୁଗୁଡ଼ା ବିଧାୟକ ନବ ଦାସଙ୍କୁ ନିଜ କ୍ୟାମ୍ପକୁ ଆଣିବାକୁ ସୁଚିନ୍ତିତ ଯୋଜନା କରୁଥିବା କୁହାଯାଉଛି। ଜାନୁୟାରୀ ୨୪ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଝାରସୁଗୁଡା ଆସୁଛନ୍ତି। ସେଦିନ ହିଁ ନବ ଦାସ ବିଜେଡିରେ ନିଜ ସମର୍ଥକଙ୍କ ସହ ମିଶି ନିଜର ଶକ୍ତି ପ୍ରଦର୍ଶନ କରିବେ ବୋଲି ଜଣାପଡିଛି।

କଂଗ୍ରେସ କାର୍ଯ୍ୟକାରୀ ସଭାପତି ଥିବା ବିଧାୟକ ଦାସଙ୍କ ପଶ୍ଚିମ ଓଡ଼ିଶା ରାଜନୀତିରେ ଦଖଲ ରହିଛି। ଏହାର ନମୁନା ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସେ ଦେଖାଇ ସାରିଛନ୍ତି। ଝାରସୁଗୁଡ଼ା ଜିଲାର ମୋଟ ୯ଟି ଜିଲା ପରିଷଦ ଜୋନରୁ ୮ଟି ଏବଂ ସମସ୍ତ ୫ଟି ବ୍ଲକ୍‌ର ଅଧ୍ୟକ୍ଷ ପଦ କଂଗ୍ରେସ ଅକ୍ତିଆର କରିଥିଲା। ଏଥିରେ ଭାଜପା ଓ ବିଜେଡି ସମ୍ପୂର୍ଣ୍ଣ ନିରାଶ ହୋଇଥିଲେ। ସରକାରଙ୍କ ଲଗାତର ୧୯ ବର୍ଷର ଶାସନ ପରେ ପଶ୍ଚିମ ଓଡ଼ିଶାରେ ସରକାର ବିରୋଧୀ ହାୱା ବହୁଛି। ଏହି ସରକାର ବିରୋଧୀ ହାୱାକୁ ପ୍ରତିହତ କରିବା ପାଇଁ ବିଜେଡି ପଶ୍ଚିମ ଓଡ଼ିଶାର ଦକ୍ଷ ସଙ୍ଗଠକ ଭାବେ ପରିଚିତ ବିଧାୟକ ଦାସଙ୍କୁ ନିଜ ଦଳକୁ ନେଇ ଆଗାମୀ ସାଧାରଣ ନିର୍ବାଚନ ବୈତରଣୀ ପାର ହେବାକୁ ମନସ୍ଥ କରିସାରିଛି। ଅନ୍ୟପକ୍ଷେ ନବଙ୍କ ବିଜେଡିରେ ମିଶିବା ଘୋଷଣା ପରେ ପଶ୍ଚିମ ଓଡ଼ିଶାର ବିଜେଡିର ଟାଣୁଆ ନେତାମାନେ ପ୍ରମାଦ ଗଣିବା ଆରମ୍ଭ କଲେଣି। ପଶ୍ଚିମ ଓଡ଼ିଶାରେ ବିଜେଡିର ମଙ୍ଗ ହାତଗଣତି କେତେକ ନେତାଙ୍କ ହାତରେ ରହିଥିବା ବେଳେ ଆଗାମୀ ଦିନରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ନବଙ୍କୁ ଗୁରୁଦାୟିତ୍ୱ ଦେଇପାରନ୍ତି ବୋଲି ଚର୍ଚ୍ଚା ହେଉଛି।

୨୦୧୪ ସାଧାରଣ ନିର୍ବାଚନରେ ପଶ୍ଚିମ ଓଡ଼ିଶାର ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ଦେବଗଡ଼ ଏବଂ ସୁନ୍ଦରଗଡ଼ ଜିଲାର ମୋଟ ୧୯ଟି ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ବିଜେଡି ମାତ୍ର ୮ଟି ଆସନ ପାଇଥିଲା। ୧୧ଟି ଆସନରେ ପରାଜିତ ହୋଇଥିଲା। କିନ୍ତୁ ଗତ ପଞ୍ଚାୟତ ନିର୍ବାଚନରେ ବିଜେଡିର ଭୋଟହାର ସାଙ୍ଘାତିକ ଭାବେ ହ୍ରାସ ପାଇଥିଲା। ଏହାକୁ ନେଇ ଦଳ ସୁପ୍ରିମୋଙ୍କ ଚିନ୍ତା ବଢ଼ିଯାଇଥିଲା। ୨୦୧୯ ସାଧାରଣ ନିର୍ବାଚନରେ ବିଜେଡି ପୂର୍ବରୁ ହରାଇଥିବା ଆସନରେ ବିଜୟୀ ହେବାକୁ ଚେଷ୍ଟା କରୁଛି। ନବଙ୍କୁ ଏଣ୍ଟ୍ରି କରାଇ ଏବଂ ତାଙ୍କ ସାଙ୍ଗଠନିକ ଦକ୍ଷତାକୁ ବ୍ୟବହାର କରି ବିଜେଡି ଅଧିକ ଆସନରେ ଜିତିବାକୁ ରଣନୀତି ପ୍ରସ୍ତୁତ କରୁଛି। ହେଲେ ପଶ୍ଚିମ ଓଡ଼ିଶାରେ ନିଜର ପତିଆରା ଜାହିର କରିଥିବା ବିଜେଡି ନେତାମାନେ ଏହାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି। ଖୋଲାଖୋଲି ବିରୋଧ ନ କଲେ ମଧ୍ୟ ସେମାନଙ୍କ ଭିତରେ ଅସନ୍ତୋଷ କୁହୁଳୁଛି। ଏହି ଅସନ୍ତୋଷକୁ ପ୍ରଶମିତ କରିବାକୁ ଖୁବ୍‌ଶୀଘ୍ର ଦଳୀୟ ବ୍ୟାପାର ବୁଝୁଥିବା ଯୁବ ନେତା ପ୍ରଣବ ପ୍ରକାଶ ଦାସ ଏବଂ ସଞ୍ଜୟ ଦାସବର୍ମା ଝାରସୁଗୁଡ଼ା ଗସ୍ତରେ ଆସୁଛନ୍ତି। ସେମାନଙ୍କ ଝାରସୁଗୁଡ଼ା ଗସ୍ତର ମୁଖ୍ୟ ପ୍ରସଙ୍ଗ ହେଲା, ୨୪ ତାରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମକୁ ସଫଳ କରାଇବା ଏବଂ ବିଜେଡିର ଛାମୁଆ ସଙ୍ଗଠନର ନେତାଙ୍କ ସହ ପର୍ଯ୍ୟାୟକ୍ରମେ ଆଲୋଚନା କରି ଉଠୁଥିବା ଅସନ୍ତୋଷକୁ ପ୍ରଶମିତ କରିବା। ୨୦୧୯ ପାଇଁ ବିଜେଡି ଆପଣଉଥିବା ରଣନୀତି କେତେ ସଫଳ ସାବ୍ୟସ୍ତ ହେବ ତା'ର ଚିତ୍ର ଆଗାମୀ ନିର୍ବାଚନ ଫଳାଫଳ ପରେ ହିଁ ଜଣାପଡିବ ବୋଲି ଏଠାରେ ଆଲୋଚନା ଜୋର ଧରିଛି। ଅନ୍ୟପକ୍ଷେ କଂଗ୍ରେସ ଶୃଙ୍ଖଳା କମିଟି ଅଧ୍ୟକ୍ଷ ହେମାନନ୍ଦ ବିଶ୍ୱାଳ କହିଛନ୍ତି ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀର କିର୍ମିରା, କୋଲାବିରା ଏବଂ ଲଇକେରା ହେଉଛି କଂଗ୍ରେସର ଗଡ଼। ବିଧାୟକଙ୍କ କଂଗ୍ରେସ ତ୍ୟାଗ ଦଳର କିଛି କ୍ଷତି ହେବନି। ନବଙ୍କ ଦଳ ବଦଳ କଂଗ୍ରେସ ଓ ବିଜେଡିର ଆଭ୍ୟନ୍ତରୀଣ ବ୍ୟାପାର। ଏହାର କୌଣସି ପ୍ରଭାବ ଭାଜପା ଉପରେ ପଡିବ ନାହିଁ। ଭାଜପା ନିଜ ଶକ୍ତିରେ ନିର୍ବାଚନ ଲଢିବ। ସେଥିପାଇଁ ଦଳ ପ୍ରସ୍ତୁତ ବୋଲି ଭାଜପା ରାଷ୍ଟ୍ରୀୟ ସମ୍ପାଦକ ସୁରେଶ ପୂଜାରୀ କହିଛନ୍ତି। ସେହିପରି ପୂର୍ବତନ ବିଧାୟକ ତଥା ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ କିଶୋର ମହାନ୍ତି ପୂର୍ବରୁ କହିଥିଲେ ନବ କଂଗ୍ରେସ ଛାଡ଼ି ଆସୁଛନ୍ତି। ସେ ବିଜେଡିର ପତାକା ଧରିବେ। ଏଥିରେ ଆମର କିଛି କହିବାର ନାହିଁ। ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତିକୁ ଆମେ ଗ୍ରହଣ କରିବୁ। ତାଙ୍କ ନିର୍ଦ୍ଦେଶ ମାନି ଚଳିବୁ।

### ଚିଲିକାରେ ଡଲ୍‌ଫିନ୍ ଗଣନା ଆଜି

**ବାଲୁଗାଁ/ବ୍ରହ୍ମଗିରି, ୧୬।୧(ଡି.ଏନ.ଏ.)**

ବାଲୁଗାଁ ବନ୍ୟପ୍ରାଣୀ ଡିଭିଜନ ଓ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ମିଳିତ ଆନୁକୂଲ୍ୟରେ ଚିଲିକାରେ ବିରଳ ଇରାୱାଡ଼ି ପ୍ରଜାତିର ଡଲ୍‌ଫିନ୍ ଗଣନା କାର୍ଯ୍ୟ ଗୁରୁବାର କରାଯିବ। ଏଥିପାଇଁ ବିଭାଗ ପକ୍ଷରୁ ବୁଧବାର ପ୍ରସ୍ତୁତି ସରିଛି। ବାଲୁଗାଁ ନିକଟ ସିଡିଏ ଗବେଷଣା କେନ୍ଦ୍ର ଓ ସାତପଡ଼ାଠାରେ ପୃଥକ୍ ଭାବେ ଗଣନାକାରୀଙ୍କୁ ପ୍ରଶିକ୍ଷଣ ଦିଆଯିବା ପରେ ପ୍ରତି ଟିମ୍ ନିଜ ଅଞ୍ଚଳକୁ ଯାଇ ଅବସ୍ଥାନ କରିଛନ୍ତି। ଗଣନା ନିମନ୍ତେ ମୋଟ ୧୮ ଗୋଟି ଦଳକୁ ନିୟୋଜିତ କରାଯାଇଛି। ପ୍ରତି ଦଳକୁ ଗୋଟିଏ ଲେଖାଏ ଡଙ୍ଗା, ଜିପିଏସ୍ ଓ ଅନ୍ୟାନ୍ୟ ଯନ୍ତ୍ରାଂଶ ଯୋଗାଇ ଦିଆଯାଇଛି। ବିଶେଷ କରି ଡଲଫିନ ଅଧିକ ଦୃଷ୍ଟିଗୋଚର ହେଉଥିବା ଅଞ୍ଚଳ ସାତପଡ଼ାଠାରେ ୮ ଗୋଟି ଓ ବାହାର ଚିଲିକା ଅଞ୍ଚଳରେ ୧୦ ଗୋଟି ଟିମ୍ ଉପସ୍ଥିତ ରହି ଟ୍ରାନଜାକ୍ଟ ଲାଇନ୍ ପ୍ରଣାଳୀରେ ଗଣନା କରିବେ। ବିଭାଗୀୟ ଅଭିଜ୍ଞ କର୍ମଚାରୀ ଓ ବିଭିନ୍ନ ଅନୁଷ୍ଠାନର ମୋଟ ୯୦ ଜଣ ଗଣନାକାରୀ ସାମିଲ ହେବେ। ପ୍ରତି ଟିମ୍‌ରେ ୫ ଜଣ ଲେଖାଏ ରହିବେ ବୋଲି ଜଣାଯାଇଛି। ଗୁରୁବାର ଭୋର ୬ଟାଠାରୁ ୧୨ଘଟିକା ମଧ୍ୟରେ ଡଲଫିନ ଗଣନା ହେବ। ଗଣନା ଶେଷ ପର୍ଯ୍ୟନ୍ତ ଚିଲିକାରେ ସମସ୍ତ ଡଙ୍ଗା ଚଳାଚଳ ବନ୍ଦ ରହିବ ଓ କୌଣସି ପର୍ଯ୍ୟଟକ ନୌବିହାରରେ ଯାଇପାରିବେ ନାହିଁ ବୋଲି ବନ୍ୟପ୍ରାଣୀ ବିଭାଗ ଡିଏଫଓ ବିକାଶ ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ବିଗତ ବର୍ଷରେ ଚିଲିକାରେ ୧୬୦ରୁ ଊର୍ଦ୍ଧ୍ୱ ସଂଖ୍ୟାରେ ଇରାୱାଡ଼ି ଡଲ୍‌ଫିନ୍ ଦୃଷ୍ଟିଗୋଚର ହେଉଥିଲେ। କୌଣସି କାରଣରୁ ଏହି ସଂଖ୍ୟା ୨୦୧୭ ମସିହାରେ ୧୨୧କୁ ଖସିଆସିଥିଲା। ତେବେ ଗତବର୍ଷ ଏହା ପୁନର୍ବାର ବୃଦ୍ଧି ପାଇ ୧୬୨ରେ ପହଞ୍ଚିଥିଲା।

**ଶୁଦ୍ଧିପତ୍ର**

**ଇ-ଟେଣ୍ଡର ନଂ. ଏସ୍‌ଇଆର୍‌ସିଏନ୍-କିଆର୍‌ସି-ସିଇ-ସି-୦୧-୯୪-୧୮ର ଶୁଦ୍ଧିପତ୍ର/ଯୋଗପତ୍ର ନଂ.୧**, ଯାହା ପୂର୍ବରୁ ଚିଫ୍ ଇଞ୍ଜିନିୟର୍ (ସିଏନ୍)/I/କିଆର୍‌ସି, ଦକ୍ଷିଣ ପୂର୍ବ ରେଳପଥଙ୍କ ଦ୍ୱାରା ପ୍ରକାଶିତ ହୋଇଥିଲା। **କାର୍ଯ୍ୟର ଆନୁମାନିକ ମୂଲ୍ୟକୁ ₹୧୦୩.୫୧** ପରିବର୍ତ୍ତେ ₹୧୦୩.୪୬ କୋଟି ପଢ଼ାଯିବ, **ଅମାନତ ଜମା ରାଶିକୁ** ₹୫୩,୨୫,୩୦୦/- ପରିବର୍ତ୍ତେ ₹୫୩,୨୩,୨୦୦/- ପଢ଼ାଯିବ। ଅନ୍ୟ ସମସ୍ତ ନିୟମ ଓ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ। PR-1010/C

**ଦକ୍ଷିଣ ପୂର୍ବ ରେଳପଥ**

# ୨୦୨୨ ସୁଦ୍ଧା ସବୁ ଜିଲାରେ ପହଞ୍ଚିବ ସିଏନ୍‌ଜି



ପିସିଆର୍‌ଏ କାର୍ଯ୍ୟକ୍ରମରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ।

**ଭୁବନେଶ୍ୱର,୧୬।୧**

ବର୍ତ୍ତମାନ ସୁଦ୍ଧା ଦେଶର ୪୦୦ ଜିଲାରେ କମ୍ପ୍ରେସ୍‌ଡ ନାଚୁରାଲ ଗ୍ୟାସ(ସିଏନ୍‌ଜି) ଉପଲବ୍ଧ ହେଉଛି। ଆଗାମୀ ୨୦୨୨ ବେଳକୁ ଦେଶର ସବୁ ଜିଲାରେ ଏହାକୁ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି। ଜିଲାସ୍ତରରେ ସିଏନ୍‌ଜି ପହଞ୍ଚାଇ ସମସ୍ତଙ୍କୁ ଶକ୍ତି ସଂରକ୍ଷଣର ଦାୟିତ୍ୱ ନେବାକୁ ପଡ଼ିବ ବୋଲି କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଭୁବନେଶ୍ୱରର ଜୟଦେବ ଭବନଠାରେ ଅନୁଷ୍ଠିତ ପେଟ୍ରୋଲିୟମ କଞ୍ଜରଭେଶନ ରିସର୍ଚ୍ଚ ଆସୋସିଏଶନ(ପିସିଆର୍‌ଏ) ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନ କହିଛନ୍ତି, ଶକ୍ତି ସଂରକ୍ଷଣ ସଂକ୍ରାନ୍ତ ସଚେତନତାକୁ ବଢାଇବାର ଆବଶ୍ୟକତା ରହିଛି। ସଚେତନତାକୁ କେବଳ ସ୍କୁଲ ସ୍ତରରେ ସୀମିତ ନ ରଖି ଏହାକୁ ଜନ ଆନ୍ଦୋଳନରେ ପରିଣତ କରିବା ଉଚିତ।

ସେ କହିଛନ୍ତି ଯେ, ସାମାଜିକ ଗଣମାଧ୍ୟମ ଯୁଗରେ ଏଭଳି ସଚେତନତା ସୃଷ୍ଟି କରିବା ଦିଗରେ ସମସ୍ତଙ୍କ ଯୋଗଦାନ ଜରୁରୀ। ଆଗାମୀ ଦିନରେ ଇନ୍ଧନ ଖର୍ଚ୍ଚରେ ବିଶେଷ ବୃଦ୍ଧି ଘଟିବ। ୨୦୧୪ ସୁଦ୍ଧା ଦେଶରେ ୧୩ କୋଟି ଗ୍ୟାସ ସଂଯୋଗ ରହିଥିବା ବେଳେ ଗତ ୪ ବର୍ଷରେ ଏହା ୨୬ କୋଟିକୁ ବୃଦ୍ଧି ଘଟିଛି। ଗ୍ରାମାଞ୍ଚଳରେ ମୋଟରସାଇକେଲ କ୍ରୟ ବୃଦ୍ଧି ହେଉଥିବା ଯୋଗୁ ପେଟ୍ରୋଲ ବ୍ୟବହାରରେ ବୃଦ୍ଧି ପରିଲକ୍ଷିତ ହେଉଥିବା ସେ ପ୍ରକାଶ କରିଛନ୍ତି। ଶକ୍ତି ସଂରକ୍ଷଣ ନେଇ ପ୍ରଥମେ ଗାଡ଼ି ଚାଳକଙ୍କ ସଚେତନତା ଉପରେ ପ୍ରଧାନ ଗୁରୁତ୍ୱାରୋପ କରିଛନ୍ତି। ଏହି ଅବସରରେ କାର୍ଯ୍ୟକ୍ରମରେ ଉପସ୍ଥିତ ଲୋକଙ୍କୁ ସେ ଶକ୍ତି ସଂରକ୍ଷଣ ନେଇ ଶପଥପାଠ କରାଇଥିଲେ। କାର୍ଯ୍ୟକ୍ରମ ଅବସରରେ ଇଣ୍ଡିଆନ ଅଏଲ ସିଜିଏମ ପ୍ରୀତିଶ ଭରତ, ବିପିସିଏଲ୍ ରିଟେଲ ଷ୍ଟେଟ ହେଡ ଦେବାଶିଷ ପାଲିତ, ଏଚ୍‌ପିସିଏଲ୍ ଏଲ୍‌ପିଜି ଡିଜିଏମ୍ ଧର୍ମେନ୍ଦ୍ର ବେହୁରା, ଆଇଏଲଏସ୍ ଡିଜିଏମ୍ ଅଶୋକ କୁମାର, ପିସିଆର୍‌ଏ ଭୁବନେଶ୍ୱରର ଅତିରିକ୍ତ ନିର୍ଦ୍ଦେଶକ ପି.କେ. ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଲେଉଟିଲା ଶୀତ

- ୧୦ ଡିଗ୍ରୀ ତଳେ ୭ ସହର
- ଫୁଲବାଣୀରେ ୭ ଡିଗ୍ରୀ

**ଭୁବନେଶ୍ୱର, ୧୬।୧(ବ୍ୟୁରୋ)**

ରାଜ୍ୟରେ ପୁଣି ଶୀତ ଲେଉଟିଛି। ପାରଦ ତଳମୁହାଁ ହୋଇଛି। ଉପକୂଳବର୍ତ୍ତୀ ଜିଲାଗୁଡିକରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ଉପରେ ରହିଥିବା ବେଳେ ଆଭ୍ୟନ୍ତରୀଣ ଓ ଦକ୍ଷିଣ ଓଡିଶାରେ ୭ ଡିଗ୍ରୀକୁ ଖସିଆସିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଫୁଲବାଣୀରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୭ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଅନୁଗୋଳ ୮, ଝାରସୁଗୁଡା ୮.୫, କେନ୍ଦୁଝର ୮.୪, ସୁନ୍ଦରଗଡ ୯, ସମ୍ବଲପୁର ୯.୫, ହୀରାକୁଦ ୧୦.୬, ସୋନପୁର ୮.୬ ଏବଂ ଦାରିଙ୍ଗିବାଡ଼ିରେ ସର୍ବନିମ୍ନ ତାପମାତ୍ରା ୯ ଡିଗ୍ରୀ ରହିଛି। ଆସନ୍ତା ୨୧ ତାରିଖ ଯାଏ ପାଗରେ କୌଣସି ପରିବର୍ତ୍ତନ ହେବନାହିଁ। ୨୨ ତାରିଖରୁ ସର୍ବନିମ୍ନ ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲସିୟସ ବୃଦ୍ଧି ପାଇବ ଏବଂ କେତେକ ସ୍ଥାନରେ ମଧ୍ୟମ ଧରଣର କୁହୁଡି ପଡ଼ିବ ବୋଲି ଅନୁମାନ କରାଯାଇଛି।

## ଆଜିଠୁ ୩ ଦିନିଆ ଆଇପିଏସ୍ ସମ୍ମିଳନୀ

**ଭୁବନେଶ୍ୱର, ୧୬।୧(ବ୍ୟୁରୋ):** ଭୁବନେଶ୍ୱରସ୍ଥିତ ପୋଲିସ ଭବନଠାରେ ଗୁରୁବାରଠାରୁ ଅରମ୍ଭ ହେବ ୬୧ତମ ଆଇପିଏସ୍(ଭାରତୀୟ ପୋଲିସ ସେବା) ସମ୍ମିଳନୀ। ପୋଲିସ ଡିଜି ଡ. ରାଜେନ୍ଦ୍ର ପ୍ରସାଦ ଶର୍ମା ଏହାକୁ ଉଦ୍‌ଘାଟନ କରିବେ। ସମ୍ମିଳନୀରେ ସମସ୍ତ ଜିଲାର ଏସ୍‌ପି, ଡିଏସ୍‌ପି, ସମସ୍ତ ପୋଲିସ ବାଟାଲିୟନର କମାଣ୍ଡାଣ୍ଟ, ରେଞ୍ଜ ଆଇଜି, ଡିଆଇଜି, ପୋଲିସ ପ୍ରତିଷ୍ଠାନର ବିଭିନ୍ନ ବିଭାଗର ଅଧିକାରୀଙ୍କ ସମେତ ଅଣ୍ଡର ଟ୍ରେନିଂ ଆଇପିଏସ୍ ଅଫିସରମାନେ ଯୋଗଦେବେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସମ୍ମିଳନୀରେ ଆଇନଶୃଙ୍ଖଳା, ଅପରାଧ ନିୟନ୍ତ୍ରଣ, ସଡ଼କ ସୁରକ୍ଷା, ମାଓବାଦୀ ଦମନ ଓ ବିଭିନ୍ନ କାର୍ଯ୍ୟକ୍ରମରେ ପୋଲିସର ଭୂମିକା ସମ୍ପର୍କରେ ଆଲୋଚନା ହେବ।

# କାଳିଆ ଯୋଜନାରେ ୬୫ ଲକ୍ଷ ଆବେଦନକାରୀ

- ସବୁଜ ଫର୍ମ ଆଧାରରେ ନାମ ସଂଯୋଗୀକରଣ ପ୍ରକ୍ରିୟା ଆରମ୍ଭ
- ୨୪ ଲକ୍ଷ ଲୋକଙ୍କୁ ଏସ୍‌ଏମ୍‌ଏସ, ୩୫ ଲକ୍ଷ ୱେବ୍‌ସାଇଟ୍ ପରିଦର୍ଶନ କରିଛନ୍ତି

**ଭୁବନେଶ୍ୱର,୧୬।୧(ବ୍ୟୁରୋ)**

କାଳିଆ ଯୋଜନାରେ ଆବେଦନକାରୀ ତାଲିକାରେ ନାମ ସଂଯୋଗ ପାଇଁ ଜାନୁୟାରୀ ୧୫ ସୁଦ୍ଧା ରାଜ୍ୟରେ ୬୫ ଲକ୍ଷରୁ ଅଧିକ ସବୁଜ ଫର୍ମ ସଂଗୃହୀତ ହୋଇଛି। ଏହି ବିଶାଳ କାର୍ଯ୍ୟକ୍ରମକୁ ସୁଚାରୁରୂପେ ସମ୍ପାଦନ କରିବା ପାଇଁ ୧୪,୦୦୦ରୁ ଅଧିକ ସଂଖ୍ୟକ ଡିଇଓ(ଡାଟା ଏଣ୍ଟ୍ରି ଅପରେଟର)ଙ୍କୁ ବ୍ଲକସ୍ତରରେ ନିୟୋଜିତ କରାଯାଇଛି। କାଳିଆ ଯୋଜନାର ସୁପରିଚାଳନା ପାଇଁ ୩୦ ଜିଲା ନିମନ୍ତେ ୨୮ଜଣ ପର୍ଯ୍ୟବେକ୍ଷକଙ୍କୁ ଦାୟିତ୍ୱ ଦିଆଯାଇଛି। ଯୋଗ୍ୟ ଆବେଦନକାରୀଙ୍କ ନାମ ପ୍ରଥମ ପର୍ଯ୍ୟାୟ ଚିଠା ତାଲିକାରେ ସଂଯୋଗ ପାଇଁ ରାଜ୍ୟ ସରକାର ସବୁଜ ଫର୍ମ ଆବେଦନର ଶେଷ ତାରିଖ ଜାନୁୟାରୀ ୧୦ ପରିବର୍ତ୍ତେ ୧୫ ତାରିଖକୁ ବୃଦ୍ଧି କରିଥିଲେ। ଏହି ଯୋଜନାରେ ରାଜ୍ୟର କ୍ଷୁଦ୍ର ଓ ନାମମାତ୍ର ଚାଷୀ, କୃଷି ପରିବାର, ଅସମର୍ଥ କୃଷି ପରିବାର, ଭୂମିହୀନ କୃଷି ଶ୍ରମିକ ଓ ଭାଗଚାଷୀମାନେ ସହାୟତା ପାଇବେ। ଚାଷୀ ଓ ଭୂମିହୀନ କୃଷି ପରିବାରଙ୍କୁ ମଧ୍ୟ ଜୀବନ ବୀମାର ସୁବିଧା ଦିଆଯିବାର ବ୍ୟବସ୍ଥା କରାଯାଇଛି। ରାଜ୍ୟର ସମସ୍ତ ଗ୍ରାମପଞ୍ଚାୟତସ୍ତରରେ ପ୍ରତି ମାସରେ 'ପିଠା' କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ଏଥିରେ ମଧ୍ୟ କାଳିଆ ଯୋଜନାରେ କୃଷକଙ୍କୁ କୃଷି କାର୍ଯ୍ୟ ପାଇଁ ଯୋଗାଇ ଦିଆଯାଉଥିବା ସମସ୍ତ ସହାୟତା ସମ୍ବନ୍ଧରେ ଅବଗତ କରାଯାଉଛି।

'ପିଠା' କ୍ୟାମ୍ପରେ ଗ୍ରାମପଞ୍ଚାୟତ ନୋଡାଲ ଅଧିକାରୀଙ୍କ ଜରିଆରେ ହିତାଧିକାରୀଙ୍କୁ ଯୋଗାଇ ଦିଆଯାଉଥିବା ସହାୟତା ସମ୍ବନ୍ଧରେ ବିସ୍ତୃତ ଭାବେ ସୂଚନା ପ୍ରଦାନ କରାଯାଉଛି। ବଡ଼ ପରଦାରେ ଭିଡିଓ, ଲିଫ୍‌ଲେଟ୍, ପୋଷ୍ଟର ଓ ସାର୍ବଜନୀନ ପ୍ରଚାର ମାଧ୍ୟମରେ ଅବଗତ କରାଯାଉଛି। ଏହି କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ସମସ୍ତ ଗ୍ରାମପଞ୍ଚାୟତସ୍ତରରେ ପ୍ରତି ମାସ ୧୫ରୁ ୨୦ ତାରିଖ ମଧ୍ୟରେ ସ୍ୱତନ୍ତ୍ର କ୍ୟାମ୍ପ ମାଧ୍ୟମରେ ବିଭିନ୍ନ ଜନହିତକାରୀ ଯୋଜନାରେ ଯୋଗାଇ ଦିଆଯାଉଥିବା ସହାୟତା ବିଷୟରେ ଅବଗତ କରାଯାଉଛି। କାଳିଆ ବାର୍ତ୍ତା ଜରିଆରେ କୃଷକମାନଙ୍କୁ ଯୋଜନା ବିଷୟରେ ଅବଗତ କରାଯାଇଥାଏ। ଆଜି ସୁଦ୍ଧା ଏହି ସୂଚନା ପ୍ରକ୍ରିୟାରେ ୩.୦୯ ଲକ୍ଷ କୃଷକ ଯୋଗଦାନ କରିଛନ୍ତି। ଯୋଜନା ବିଷୟରେ ସୂଚନା ଦେବା ପାଇଁ ୨୪ ଲକ୍ଷ ୬୮ ହଜାରରୁ ଅଧିକ ଏସ୍‌ଏମ୍‌ଏସ ପଠାଯାଇଛି। ବର୍ତ୍ତମାନ ସୁଦ୍ଧା ୩୫ ଲକ୍ଷ ୨୮ହଜାର ଲୋକ 'କାଳିଆ ୱେବ୍‌ସାଇଟ୍'କୁ ବ୍ୟବହାର କରି ଏହି ଯୋଜନା ସମ୍ବନ୍ଧରେ ଅଧିକ ତଥ୍ୟ ଜାଣିପାରିଛନ୍ତି। ଏହା ରାଜ୍ୟ ସରକାରଙ୍କ ଦ୍ୱାରା ସ୍ଥାପନ କରାଯାଇଥିବା କାଳିଆ ଯୋଜନା ସମ୍ବନ୍ଧୀୟ ଏକ ସୂଚନା ପ୍ରଦାନର ବ୍ୟବସ୍ଥା। କୌଣସି ଚାଷୀ / ବ୍ୟକ୍ତି ୦୮୦୬୧୧୭୪୨୨୨ ନମ୍ବରକୁ ମିସ୍‌ଡ କଲ କଲେ ତାଙ୍କ ମୋବାଇଲ ଫୋନ୍‌କୁ ଆପେ ଆପେ କାଳିଆ ଯୋଜନା ସମ୍ପର୍କରେ ବିଭିନ୍ନ ସୂଚନା ଏସଏମ୍‌ଏସ ମାଧ୍ୟମରେ ପହଞ୍ଚିଯିବ ବୋଲି ଜଣେ ବିଭାଗୀୟ ଅଧିକାରୀ କହିଛନ୍ତି।

## ନାବାଳକଙ୍କୁ ଅପହରଣ ପରେ ହତ୍ୟା ଘଟଣା

# ଅଭିଯୁକ୍ତ ସମ୍ପର୍କୀୟ ମାମୁ ଗିରଫ



ଦେବାଶିଷ ପଣ୍ଡା

- ମା' ପାଇଁ ଶିଶୁକୁ କରିଥିଲେ ହତ୍ୟା
- ତାରାତାରିଣୀ ଜଙ୍ଗଲରୁ ମିଳିଲା ଗଳିତ ମୃତଦେହ

**ବ୍ରହ୍ମପୁର ଅଫିସ୍,୧୬।୧**

ବ୍ରହ୍ମପୁର ସହରର ଗୋଷାଣୀନୂଆଗାଁ ଥାନା ଅଧୀନ ସଦାନନ୍ଦ ବିହାର ସପ୍ତମ ଲେନ୍‌ର ଜଣେ ୭ବର୍ଷର ନାବାଳକଙ୍କୁ ଅପହରଣ ଓ ହତ୍ୟା ଘଟଣାରେ ପୋଲିସ ବୁଧବାର ଅଭିଯୁକ୍ତ ସମ୍ପର୍କୀୟ ମାମୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଯାଜପୁର ଜିଲା ଯଖପୁରା ଥାନା ଅନ୍ତର୍ଗତ ଗୌଡସାହିର ଦେବାଶିଷ ପଣ୍ଡା (୩୦)। ସୋନପୁର ଜିଲା ଡୁଙ୍ଗୁରିପାଲି ଗ୍ରାମରେ ଥିବା ତାଙ୍କ ବନ୍ଧୁଘରୁ ଦେବାଶିଷଙ୍କୁ ପୋଲିସ ମଙ୍ଗଳବାର ଗିରଫ କରିଥିଲା। ବୁଧବାର ସକାଳେ ଅଂଶୁମାନଙ୍କ ମୃତଦେହ ତାରାତାରିଣୀ ଜଙ୍ଗଲରୁ ଉଦ୍ଧାର କରାଯାଇଛି। ଅଭିଯୁକ୍ତ ଦେବାଶିଷ ତାଙ୍କୁ ପଥରରେ ଛେଚି ହତ୍ୟା କରିଥିବା ବେଳେ ହତ୍ୟାସ୍ଥଳରୁ ବ୍ୟବହୃତ ପଥର ପୋଲିସ ଚିହ୍ନଟ କରି ଜବତ କରିଛି।

ଗତ ୧୨ତାରିଖରେ ସଦାନନ୍ଦ ବିହାର ସପ୍ତମ ଲେନ୍‌ର ନିରୁପା ରାଣୀ ଆଚାର୍ଯ୍ୟଙ୍କ ପ୍ରଥମ ଶ୍ରେଣୀରେ ପଢୁଥିବା ପୁଅ ଅଂଶୁମାନ(୭)ଙ୍କୁ ସମ୍ପର୍କୀୟ ମାମୁ ଦେବାଶିଷ ସ୍କୁଟି ନଂ. ଓଡି୦୭ବି ୪୯୪୬ରେ ନେଇ ସ୍କୁଲରେ ଛାଡ଼ିବାକୁ ଯାଇ ଫେରି ନ ଥିଲେ। ବହୁ ଖୋଜାଖୋଜି କରିବା ପରେ ନିରୁପା ଗୋଷଣାନୂଆଗାଁ ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ. ୩/୧୯ରେ ଏକ ଅପହରଣ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ପୋଲିସର ତଦନ୍ତ ସମୟରେ ଗତ ୧୩ରେ ଅଂଶୁମାନଙ୍କ ବିଦ୍ୟାଳୟ ପରିଚୟ ପତ୍ର ଛତ୍ରପୁର ନିକଟସ୍ଥ ୧୬ନଂ. ଜାତୀୟ ରାଜପଥରୁ ମିଳିଥିଲା। ଜାନୁୟାରୀ ୧୪ରେ ଦେବାଶିଷ ନେଇଯାଇଥିବା ସ୍କୁଟି ଏବଂ ତାଙ୍କ ରକ୍ତଭିଜା ଶାର୍ଟକୁ ହଳଦିଆପଦର ନିକଟସ୍ଥ ଅଟୋନଗର ଅଞ୍ଚଳରୁ ଜବତ କରାଯାଇଥିଲା। ଶାର୍ଟରେ ଲାଗିଥିବା ରକ୍ତ ନମୁନାକୁ ଫରେନ୍‌ସିକ୍ ଲ୍ୟାବ୍‌କୁ ପଠାଇ ପରୀକ୍ଷା କରିବା ସମୟରେ ରକ୍ତ ଛିଟା ଅଂଶୁମାନଙ୍କର ବୋଲି ଜଣାପଡ଼ିଥିଲା। ଘଟଣା ପରେ ଦେବାଶିଷ ନିଖୋଜ ଥିବାରୁ ପୋଲିସର ସନ୍ଦେହ ବଢ଼ିଥିଲା। ଦେବାଶିଷଙ୍କ ମୋବାଇଲ ଫୋନକୁ ଟ୍ରାକିଂକରି ଡୁଙ୍ଗିରିପାଲିରୁ ତାଙ୍କୁ ଧରିଥିଲା। ଜେରା ସମୟରେ ଅଂଶୁମାନଙ୍କୁ ପଥରରେ ଛେଚି ହତ୍ୟା କରିଥିବା ଦେବାଶିଷ ସ୍ୱୀକାର କରିଥିଲେ। ଅଂଶୁମାନଙ୍କୁ ଘରୁ ସ୍କୁଟିରେ ସ୍କୁଲ ନେବା ପାଇଁ ଆଣି ତାରାତାରିଣୀ ବୁଲାଇବାକୁ ନେଇଥିଲେ। ମନ୍ଦିରରେ ଠାକୁର ଦର୍ଶନ କରିବା ପରେ ତାଙ୍କୁ ମନ୍ଦିର ତଳେ ଥିବା ଜଙ୍ଗଲକୁ ନେଇଥିଲେ। ସେଠାରେ ତାଙ୍କୁ ନିର୍ଘୃଣ ମାଡମାରିବା ପରେ ପଥରରେ ଛେଚି ହତ୍ୟା କରିଥିଲେ। ରକ୍ତଭିଜା ଶାର୍ଟକୁ ସ୍କୁଟିରେ ରଖିବା ପରେ ଭାଟକୁମୁରଡା ଗ୍ରାମର ଏକ ପୋଷାକ ଦୋକାନରୁ ନୂଆ ଶାର୍ଟ କିଣିଥିଲେ। ଦେବାଶିଷ ହତ୍ୟାକାଣ୍ଡ ସାରି ଫେରୁଥିବା ବେଳେ ରାସ୍ତା ଭୁଲି ଛତ୍ରପୁର ରାସ୍ତାରେ ଚାଲି ଯାଇଥିଲେ। ୧୬ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଅଂଶୁମାନଙ୍କ ବିଦ୍ୟାଳୟ ପରିଚୟପତ୍ର ଫିଙ୍ଗି ଦେଇଥିଲେ। ପରେ ହଳଦିଆପଦର ଅଟୋନଗର ଆସି ସ୍କୁଟି ଏବଂ ରକ୍ତଭିଜା ଶାର୍ଟ ଫିଙ୍ଗି ବ୍ରହ୍ମପୁର ରେଲୱେ ଷ୍ଟେଶନକୁ ଚାଲି ଯାଇଥିଲେ। ପ୍ଲାଟଫର୍ମରେ ଗାଧୋଇ ନୂଆ ଶାର୍ଟ ପିନ୍ଧି ସୋନପୁର ଅଭିମୁଖେ ଚାଲିଯାଇଥିଲେ। ଦେବାଶିଷଙ୍କ ବୟାନ୍ ରେକର୍ଡ ପରେ ବୁଧବାର ସାଇଣ୍ଟିଫିକ୍ ଟିମ୍ ଏବଂ ସନ୍ଧାନୀ କୁକୁର ସହାୟତାରେ ପୋଲିସ ତାରାତାରିଣୀ ନିକଟସ୍ଥ ଜଙ୍ଗଲରୁ ଅଂଶୁମାନଙ୍କ ମୃତଦେହ ଠାବ କରିଥିଲା ବୋଲି ବୁଧବାର ବ୍ରହ୍ମପୁର ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ପିନାକ ମିଶ୍ର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ନିରୁପାରାଣୀଙ୍କର କୌଣସି କାରଣରୁ ତାଙ୍କ ସ୍ୱାମୀଙ୍କ ସହ ବିବାହ ବିଚ୍ଛେଦ ହୋଇଥିଲା। ସେ ବ୍ରହ୍ମପୁର ସଦାନନ୍ଦ ବିହାର ସପ୍ତମ ଲେନ୍‌ରେ ତାଙ୍କ ୭ବର୍ଷର ନାବାଳକ ପୁଅଙ୍କ ସହ ଘରଭଡା ନେଇ ରହୁଥିଲେ। ପରେ ଅଭିଯୁକ୍ତ ଦେବାଶିଷଙ୍କ ସହିତ ନିରୁପାରାଣୀଙ୍କର ଗତ ସେପ୍ଟେମ୍ବର ମାସରୁ ବନ୍ଧୁତା ସ୍ଥାପନ ହୋଇଥିଲା। ବନ୍ଧୁତ୍ୱ ଘନିଷ୍ଠ ହେବା ପରେ ଦେବାଶିଷଙ୍କୁ ଧର୍ମ ଭାଇର ମାନ୍ୟତା ଦେଇଥିଲେ। ବିଭିନ୍ନ ସମୟରେ ଦେବାଶିଷ ଯାଜପୁରରୁ ବ୍ରହ୍ମପୁର ଆସିଲେ ନିରୁପାଙ୍କ ଘରେ ରହୁଥିଲେ। ହେଲେ ଏକତରଫା ପ୍ରେମକରି ଆସୁଥିବା ଦେବାଶିଷଙ୍କ ରାସ୍ତାରେ ଅଂଶୁମାନ କଣ୍ଟା ହେଉଥିବା ଭାବି ତାଙ୍କୁ ହତ୍ୟା କରିଛନ୍ତି ବୋଲି ଅଭିଯୁକ୍ତ ଦେବାଶିଷ ନିଜ ବୟାନ୍‌ରେ ଜଣାଇଛନ୍ତି।

**IDBI BANK**

**ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ୍, ପୁରୀ ଶାଖା, ବଡଶଙ୍ଖ, ପୁରୀ-୭୫୨୦୦୨, ଓଡ଼ିଶା, ଫୋନ୍ ନଂ.: ୦୬୭୫୨-୨୨୮୩୬୦/୩୭୦/୩୮୦, CIN: L65190MH2004GOI148838**

ପରିଶିଷ୍ଟ-୪ [ରୁଲ୍ ୮(୧)]

**ଦଖଲ ନୋଟିସ୍**

ସ୍ଥାବର ସମ୍ପତ୍ତି ନିମନ୍ତେ

ନିମ୍ନ ସ୍ୱାକ୍ଷରକାରୀ **ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ୍, ପୁରୀ ଶାଖାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ୫୪) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ କଥିତ ଆକ୍ଟ ଅନୁଯାୟୀ ଡ଼ିମାଣ୍ଡ ନୋଟିସ୍ ଜାରି କରି ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥରାଶି ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହୋଇଛନ୍ତି ସେହେତୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୮ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ ନିମ୍ନ ଦର୍ଶିତ **୧୧.୦୧.୨୦୧୯**ରେ ଦଖଲ କରିଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ପାଇଁ **ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ୍, ପୁରୀ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।

| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଏବଂ ଠିକଣା | ବକେୟା ପରିମାଣ | ଡିମାଣ୍ଡ /ଦଖଲ ନୋଟିସ୍‌ର ତାରିଖ | ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| ଋଣଗ୍ରହୀତା: ଶ୍ରୀ ସୌମ୍ୟ ରଞ୍ଜନ ଦାଶ, ଦତ୍ତ ତୋଟା, ପ୍ରଭାତ ଲେନ୍, କୁମ୍ଭାରପଡା, ପୁରୀ-୭୫୨୦୦୨, ଓଡ଼ିଶା / ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ଶିବ ପ୍ରସାଦ ମିଶ୍ର, ମାର୍ଫତ: ବାଞ୍ଛାନିଧି ମିଶ୍ର, ନରଣପୁର, ବ୍ରହ୍ମଗିରି, ପୁରୀ-୭୫୨୦୧୧, ଓଡ଼ିଶା, ୨) ଶ୍ରୀ ରାସରଞ୍ଜନ ଦାଶ, ଦତ୍ତ ତୋଟା, ପ୍ରଭାତ ଲେନ୍, କୁମ୍ଭାରପଡା, ପୁରୀ-୭୫୨୦୦୨, ଓଡ଼ିଶା | ୦୧.୦୨.୨୦୧୮ ସୁଦ୍ଧା ଟ.୫୩,୨୦,୩୩୪/- + ପ୍ରଯୁଜ୍ୟ ସୁଧ, ଦେୟ ଏବଂ ଆଇନଗତ ଖର୍ଚ୍ଚ | ୦୮.୦୨.୨୦୧୮ / ୧୧.୦୧.୨୦୧୯ | ଶ୍ରୀ ଶିବ ପ୍ରସାଦ ମିଶ୍ରଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୨୦/୧୪୯, ଖାତା ନଂ.: ୪୦/୨୧, କ୍ଷେତ୍ର: ଏକର ୦.୦୬୩ ଡିସିମିଲି, ମୌଜା: ନରଣପୁର, ଥାନା ନଂ.: ୧୬୬, କିସମ: ଘରବାରୀ ସହିତ ସ୍ଥିତିବାନ୍ ପ୍ରକାର, ଅନୁରୂପ ସାବିକ ଖାତା ନଂ.: ୮, ପ୍ଲଟ୍ ନଂ.: ୨୦, କ୍ଷେତ୍ର: ଏକର୦.୧୯ଡିସିମିଲି, ଥାନା/ତହସିଲ: ବ୍ରହ୍ମଗିରି, ରେଜିଷ୍ଟ୍ରେସନ୍ ସବ-ଡିଷ୍ଟ୍ରିକ୍ଟ: ପୁରୀ ଏବଂ ଜିଲ୍ଲା: ପୁରୀ, ଏହାର ଚରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୧୯, ଦକ୍ଷିଣ: ରାସ୍ତା, ପୂର୍ବ: ଲୋକନାଥ ଦାଶ, ପଶ୍ଚିମ: ପ୍ଲଟ୍ ନଂ.: ୧୮ ସହିତ ସେଠାରେ ଥିବା ସମସ୍ତ ଗୃହ ଏବଂ ନିର୍ମାଣ ଏବଂ ଉକ୍ତ ସ୍ଥାନ ସହିତ ସଂଲଗ୍ନ ହୋଇଥିବା ସମସ୍ତ କାରଖାନା ଓ କଳକବ୍ଜା କିମ୍ବା ସ୍ଥାନ ସହିତ ସ୍ଥାୟୀ ଭାବରେ ଖୋଲା ପଡିଥିବା ଭୂ-ସଂଲଗ୍ନ ଯେକୌଣସି ଦ୍ରବ୍ୟ। |

ସ୍ଥାନ: ପୁରୀ, ତାରିଖ: ୧୬.୦୧.୨୦୧୯ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**

କ୍ଷେତ୍ରୀୟ ବ୍ୟବସାୟିକ କାର୍ଯ୍ୟାଳୟ, କ୍ଷେତ୍ର-୪, ଯାଜପୁର ରୋଡ୍, ଯାଜପୁର, ଫୋନ୍: ୯୪୩୭୧୩୦୧୦୬ / ୯୪୩୭୪୮୯୯୪୭

**ଗାଡି ଇ-ନିଲାମ ବିକ୍ରୟ**

**ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, କ୍ଷେତ୍ରୀୟ ବ୍ୟବସାୟିକ କାର୍ଯ୍ୟାଳୟ, କ୍ଷେତ୍ର-୪, ଯାଜପୁର ରୋଡ୍, ଯାଜପୁର** ଅନ୍ତର୍ଗତ ଶାଖାମାନଙ୍କ ଦ୍ୱାରା ଜବତ ହୋଇଥିବା ନିମ୍ନଲିଖିତ ଗାଡିଗୁଡିକର ଇ-ନିଲାମ **"ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି ଭିତ୍ତିରେ" ତା.୨୫.୦୧.୨୦୧୯ରିଖ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା** ମଧ୍ୟରେ **M/s E-procurement Technologies Ltd.**, ଅହମ୍ମଦାବାଦ ଦ୍ୱାରା ସମ୍ପନ୍ନ ହେବ। ଇ-ନିଲାମର ଅନ୍ୟାନ୍ୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ୱେବସାଇଟ୍ **https://sbi.auctiontiger.net** ଦେଖନ୍ତୁ।

| କ୍ର. ନଂ. | ପଞ୍ଜିକୃତ ମାଲିକ | ପଞ୍ଜିକୃତ ନଂ. | ମଡେଲ / ନିର୍ମାଣ | ସଂରକ୍ଷିତ ମୂଲ୍ୟ | ଅମାନତ ରାଶି |
|---|---|---|---|---|---|
| ୧. | ଜିତେନ୍ଦ୍ର ଆଏଚ | OR02BH3679 | Tata Indigo ECS/LX III | ଟ.୬୮,୦୦୦/- | ଟ.୬,୮୦୦/- |
| ୨. | ବିଶେଶ୍ୱର ସାହୁ | OD02B0266 | Ford Figo 1.4 TCDI Titanium | ଟ.୧,୨୦,୦୦୦/- | ଟ.୧୨,୦୦୦/- |
| ୩. | ଚିତ୍ତରଞ୍ଜନ ସାମନ୍ତରାୟ | OR04Q0394 OR04Q0395 | Tafe Messey Forguson Tractor with Trailor | ଟ.୧,୨୮,୦୦୦/- | ଟ.୧୨,୮୦୦/- |
| ୪. | ଲକ୍ଷ୍ମୀକାନ୍ତ ଶତପଥି | OR04F8831 | Hundai Santro Zing | ଟ.୨୬,୦୦୦/- | ଟ.୨,୬୦୦/- |
| ୫. | ମଦନ ମୋହନ ସାହୁ | OR22F1426 | Mahindra & Mahindra Tractor | ଟ.୧,୦୦,୦୦୦/- | ଟ.୧୦,୦୦୦/- |
| ୬. | ମାନସ କୁମାର ମହାପାତ୍ର | OR02BU9952 | Tata Indica V2 LS | ଟ.୫୦,୦୦୦/- | ଟ.୫,୦୦୦/- |
| ୭. | ପର୍ଶୁରାମ ସେଠୀ | OD04H7972 | Three Wheeler Passenger Auto Rickshaw | ଟ.୬୦,୦୦୦/- | ଟ.୬,୦୦୦/- |
| ୮. | ଶ୍ରୀକାନ୍ତ ପାଉଲ | OR04K7762 | Sonalika Tractor DI 740 | ଟ.୩୨,୦୦୦/- | ଟ.୩,୨୦୦/- |
| ୯. | ଶ୍ରୀମତୀ ଲକ୍ଷ୍ମୀପ୍ରିୟା ତରାଇ | OD33L6332 | Mahindra KUV 100K8 Petrol | ଟ.୩,୭୫,୦୦୦/- | ଟ.୩୭,୫୦୦/- |

ଠିକଣା ସହିତ ପାର୍କିଂ ସ୍ଥାନ (କ୍ର.ନଂ. ୧ ରୁ ୮ ନିମନ୍ତେ) :
ସା: ଲକ୍ଷ୍ମୀନାରାୟଣପୁର, ପୋ: କୋଦଣ୍ଡପୁର, ଜିଲ୍ଲା: ଯାଜପୁର, ଓଡ଼ିଶା, ପିନ୍-୭୫୫୦୨୯,
ଯୋଗାଯୋଗ : ଶ୍ରୀମତୀ ତୃପ୍ତିରାଣୀ ପତି, ମୋବାଇଲ ନଂ.: ୭୮୭୩୨୪୩୪୨୦/୯୭୭୬୯୧୯୫୪୪
ଠିକଣା ସହିତ ପାର୍କିଂ ସ୍ଥାନ (କ୍ର.ନଂ. ୯ ନିମନ୍ତେ) : ପ୍ରିୟଦର୍ଶିନୀ ଷ୍ଟକ୍ ୟାର୍ଡ, ସା: କେନ୍ଦ୍ରାପଡା ଛତା, ଜିଲ୍ଲା: କେନ୍ଦ୍ରାପଡା
ଯୋଗାଯୋଗ : ସୋମନାଥ ମହାନ୍ତି, ମୋବାଇଲ ନଂ. ୯୦୪୦୦୭୭୭୯୨

ଇ-ନିଲାମର ନିୟମ ଓ ସର୍ତ୍ତାବଳୀ ନିମ୍ନମତେ:

୧) ଇ-ନିଲାମ "ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି ଭିତ୍ତିରେ" ସମ୍ପନ୍ନ ହେବ।
୨) ଇ-ନିଲାମ ପୋର୍ଟାଲ **https://sbi.auctiontiger.net** ମାଧ୍ୟମରେ ତା.୨୫.୦୧.୨୦୧୯ରିଖ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା ମଧ୍ୟରେ ପ୍ରତ୍ୟେକଙ୍କ ପାଇଁ ଅସୀମିତ ବର୍ଦ୍ଧିତ ୫ ମିନିଟ୍ ସମୟ ସହିତ ଅନୁଷ୍ଠିତ ହେବ।
୩) ଆଗ୍ରହୀ ନିଲାମଧାରି ମାନେ ଇ-ନିଲାମର ପ୍ରକ୍ରିୟା, ନିୟମ ଏବଂ ସର୍ତ୍ତାବଳୀର ସବିଶେଷ ବିବରଣୀ ପାଇଁ ୱେବସାଇଟ୍ **https://sbi.auctiontiger.net** ଦେଖନ୍ତୁ ଏବଂ ଆବଶ୍ୟକୀୟ କାଗଜ ପତ୍ର ଡାଉନ୍‌ଲୋଡ୍ କରନ୍ତୁ। ଆଗ୍ରହୀ ନିଲାମଧାରୀ ସେବାପ୍ରଦାନକାରୀଙ୍କ ନିମ୍ନଦର୍ଶିତ ଯୋଗାଯୋଗ ନମ୍ବରରେ ସମ୍ପର୍କ କରନ୍ତୁ।
୪) କୌଣସି କାରଣ ବଶତଃ ଇ-ନିଲାମ ପ୍ରକ୍ରିୟାକୁ ବାତିଲ କରିବା ଏବଂ ଅମାନତ ରାଶି ଫେରସ୍ତ (ବିନା ସୁଧରେ) କ୍ଷମତାପ୍ରାପ୍ତ ଅଧିକାରୀଙ୍କ ସ୍ୱତନ୍ତ୍ର କ୍ଷମତାଭୁକ୍ତ ଅଟେ ଏବଂ ବ୍ୟାଙ୍କ ଏ ବିଷୟରେ ନିଲାମଧାରୀଙ୍କ ଠାରୁ କୌଣସି ଦାବୀ କିମ୍ବା ଆପତ୍ତି ଅଭିଯୋଗକୁ ପ୍ରଶୟ ଦେବନାହିଁ।
୫) ଉପରଦର୍ଶିତ ସାରଣୀରେ ଦର୍ଶିତ ଅସ୍ଥାବର ସମ୍ପତ୍ତି(ଗାଡି)ର ସବିଶେଷ ବିବରଣୀ କ୍ଷମତାପ୍ରାପ୍ତ ଅଧିକାରୀ/ବ୍ୟାଙ୍କର ସର୍ବୋତ୍ତମ ସୂଚନା ଆଧାରରେ ପ୍ରଦତ୍ତ। ଏହି ସର୍ବସାଧାରଣ ନୋଟିସ୍‌ରେ କୌଣସି ତ୍ରୁଟି-ବିଚ୍ୟୁତି, ଭୁଲ ବାଖ୍ୟା ନିମନ୍ତେ ବ୍ୟାଙ୍କ / କ୍ଷମତାପ୍ରାପ୍ତ ଅଧିକାରୀ ଦାୟୀ ରହିବେ ନାହିଁ।
୬) ଅମାନତ ରାଶି **RTGS/NEFT** ମାଧ୍ୟମରେ Account No.: **37608292514**, Name of the A/C: **SysSusp Br Parking**, Name of the Beneficiary: **State Bank of India, RBO, Region-IV, Jajpur Road**, IFSC Code No.: **SBIN0005115** କିମ୍ବା ଡ଼ିମାଣ୍ଡ ଡ୍ରାଫ୍ଟ ଯାହାକି ଯେ କୌଣସି ଜାତୀୟକରଣ ବ୍ୟାଙ୍କରୁ **"State Bank of India, RBO, Region-IV, Jajpur Road"**ଙ୍କ ସପକ୍ଷରେ ଯାଜପୁର ରୋଡ୍ ଠାରେ ଦେୟ ଦର୍ଶାଇ ପୈଠ କରି ତତ୍‌ସହିତ ବନ୍ଦ ଲଫାପାରେ ନିଲାମର ଅଂଶଗ୍ରହଣ ପତ୍ର ସହିତ **ତା.୨୪.୦୧.୨୦୧୯ରିଖ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, କ୍ଷେତ୍ରୀୟ ବ୍ୟବସାୟିକ କାର୍ଯ୍ୟାଳୟ, କ୍ଷେତ୍ର-୪, ଯାଜପୁର ରୋଡ୍, ଯାଜପୁର** ଠାରେ ପଇଠ କରିବା ଆବଶ୍ୟକ ଏବଂ ନିଲାମଧାରୀମାନେ ସେମାନଙ୍କ ନାମକୁ ୱେବସାଇଟ୍ **https://sbi.auctiontiger.net** ରେ ପଞ୍ଜୀକରଣ କରି **M/s E-procurement Technologies Ltd., Ahmedabad** ଠାରୁ **User ID** ଏବଂ **Password** ନିଶୁଳ୍କ ପ୍ରାପ୍ତ ହୁଅନ୍ତୁ ଏବଂ ସେଥିପାଇଁ ଯୋଗାଯୋଗ କରନ୍ତୁ: **07961200595, Toll Free No.: 18001035342, Mobile No. 9937220319, E-mail id: orissa@auctiontiger.net** ଅମାନତ ରାଶି ନିମନ୍ତେ ଚେକ୍ ଗ୍ରହଣ କରାଯିବ ନାହିଁ।

ତାରିଖ: ୧୬.୦୧.୨୦୧୯, ସ୍ଥାନ: ଯାଜପୁର ରୋଡ୍ — କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ



୨୦୧୫ ଓ ୧୮ରେ ଗାନ୍ଧୀ ଶାନ୍ତି ପୁରସ୍କାରରେ ସମ୍ମାନିତ ହୋଇଥିବା ବ୍ୟକ୍ତିବିଶେଷ ଓ ସଂସ୍ଥାଗୁଡ଼ିକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁଭେଚ୍ଛା ଜଣାଇଛନ୍ତି। ୨୦୧୮ରେ ଏହି ପୁରସ୍କାର ପାଇଥିବା ମାନବପ୍ରେମୀ ୟୋହେଇ ସାସାକାୱାଙ୍କୁ ଟ୍ୱିଟି କରି ସାଧୁବାଦ ଜଣାଇଛନ୍ତି। ସେହିପରି ୨୦୧୫, ୨୦୧୬ ଏବଂ ୨୦୧୭ରେ ଗାନ୍ଧି ଶାନ୍ତି ପୁରସ୍କାର ବିଜେତା ହୋଇଥିବା ବିବେକାନନ୍ଦ କେନ୍ଦ୍ର, ଅକ୍ଷୟ ପାତ୍ର, ସୁଲଭ ଇଣ୍ଟରନ୍ୟାଶନାଲ ଏବଂ ଏକଲ ଅଭିଯାନ ଟ୍ରଷ୍ଟର ଉତ୍ତରୋତ୍ତର କାମନା କରିଛନ୍ତି।

## ଖଟିରେ ଖଟିରେ...

### ଲିଷ୍ଟରେ ଅଛନ୍ତି

ନୂଆବର୍ଷ ପରଠାରୁ ରାଜ୍ୟର ରାଜନୈତିକ ପାଣିପାଗ ବଦଳିବାକୁ ଲାଗୁଛି। କେତେବେଳେ ପ୍ରଧାନମନ୍ତ୍ରୀ ଆସୁଛନ୍ତି ତ କେତେବେଳେ ମୁଖ୍ୟମନ୍ତ୍ରୀ କୁଆଡେ ଯାଉଛନ୍ତି। ଆଉ ହାତ ହାଇକମାଣ୍ଡ ବି ପଛରେ ନାହାନ୍ତି। ସିଏ ବି ଦିନ କେଇଟା ପରେ ଓଡ଼ିଶା ଆସିବେ। ସଭାସମିତି ଭଲ ଜମିବା ସହ ଖଟିରେ ଗହଳି ବଢୁଛି। ହାଇପ୍ରୋଫାଇଲ ନେତାଙ୍କ ଗସ୍ତ ଭିତରେ କିନ୍ତୁ ଖଟିରେ ଭିନ୍ନ ଚର୍ଚ୍ଚା। ଭୋଟ୍ ପୂର୍ବରୁ କିଏ କାହା ଖୁଆଡକୁ ଯିବ, ସେନେଇ ଚର୍ଚ୍ଚା ଜୋର ଧରିଛି। ଏହି କଥା ସୋମବାର ଖଟିରେ ଭାରି ଜମିଥିଲା। ଜଣେ ସମ୍ବଲପୁରିଆ ଖଟି ମେମ୍ବର କହିଲେ–ବିଜେପୁର ଉପନିର୍ବାଚନ ପରଠାରୁ ପଶ୍ଚିମ ଓଡ଼ିଶାର ପାପୁଲି କୁବେର ନେତା ଶଙ୍ଖୁଆଙ୍କ ଲିଙ୍କ୍‌ରେ ଅଛନ୍ତି। ସେଥିପାଇଁ ପାପୁଲି ଭୋଟ୍ ଯେପରି ଶଙ୍ଖକୁ ଯିବ, ସେ ବ୍ୟବସ୍ଥା କରିଥିଲେ। ଏଥିସହିତ ଶ୍ରୀକ୍ଷେତ୍ର ପାପୁଲି ନେତାଙ୍କୁ ମୁଖିଆ ପଦରୁ ବାହାର କରିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଥିଲା। ତେଣୁ ତାଙ୍କ ଇସ୍ତଫା ଗୋଟେ ନାଟକ। ଅବଶ୍ୟ ବର୍ତ୍ତମାନର ପାପୁଲି ମୁଖିଆଙ୍କୁ ପଦରେ ଅବସ୍ଥାପିତ କରିବା ପାଇଁ କୁବେର ନେତା ଦିଲ୍ଲୀରେ ଲବି କରିଥିଲେ। ହେଲେ ଶଙ୍ଖ ମାର୍କା କ୍ଷମତା ଲଡୁ ଆଗରେ ସବୁ ତୁଚ୍ଛ। ଏହା ଶୁଣି ଜଣେ ସୁନ୍ଦରଗଡ ଖଟି ମେମ୍ବର କହିଲେ, କେବଳ କୁବେର ନେତା ନୁହନ୍ତି। ଆମ ପ୍ରତିନିଧି ବି ଲିଷ୍ଟରେ ଅଛନ୍ତି। କ୍ଷମତା ପ୍ୟାକେଜ ଭଲ ରହିଲେ କଟକ, କୋରାପୁଟ ବି ଶଙ୍ଖ ଫୁଙ୍କିବେ।

### ଚାଲିକି ଚାଲ

ଆହେ ଛାଡ଼ ହୋ, ମୁଁ ଏଠିକା କାର୍ଯ୍ୟକ୍ରମର ମୁଖ୍ୟ ଲୋକ। କାହିଁ ଆମକୁ ଝଗଡ଼ା କରିବାକୁ ବାଧ କରୁଛ ହୋ। ଜଣେ ଗେରୁଆ ବାବୁଙ୍କ ଏମନ୍ତ କଥା ଶୁଣି ଜଣେ ପୋଲିସିଆ ମ୍ୟାଡାମ୍ ଚେଇଁକି ଉଠି କହିଲେ, କ'ଣ କହିଲ, ଝଗଡା। ଆମକୁ କୁହାଯାଇଛି ଝଗଡା କରି ଅଡୁଆ ବଢାଇବ ନାହିଁ, ସିଧା ଗୋଡେଇ ଗୋଡେଇ ପିଟିବାକୁ। ଚାଲନ୍ତୁ ନିଜ ନିଜର ସୁବିଧାରେ କାମ କରିବା। ପ୍ରଧାନମନ୍ତ୍ରୀ ମଙ୍ଗଳବାର ପଶ୍ଚିମ ଓଡ଼ିଶା ଆସିବାର କାର୍ଯ୍ୟକ୍ରମ ଥାଏ। ଆଉ ଛାମୁଙ୍କୁ ସ୍ୱାଗତ କରିବାକୁ ଗେରୁଆ ଦଳର ବହୁ ମାନ୍ୟବର ବେଶଭୂଷା ହୋଇ ଆସୁଥାଆନ୍ତି। ସେତିକିବେଳେ ଚାଷୀଙ୍କ ମୁଖିଆ ବନିଥିବା ଗେରୁଆ ଦଳର ବାବୁ ନିଜ ଗାଡିରେ ବସି ଆସୁଥାଆନ୍ତି। ହେଲେ ଠିକ୍ ସଭାର ପାଖାପାଖି ପୋଲିସ୍ ତାଙ୍କ ଗାଡିଟିକୁ ରଖି ପକାଇଲା। ଆଉ ଚାଲିଚାଲି ଯିବାକୁ କହିଦେଲା। କଥାଟି ବାବୁଙ୍କ ମନକୁ ଜମାପାଇଲା ନାହିଁ। ହେଲେ ସେଇ ପୋଲିସ୍ ମ୍ୟାଡାମ୍ ଜଣକ କିଛି ନ ଶୁଣନ୍ତି। ନିଜ ବାବୁଙ୍କୁ ଏତେ ଅସମ୍ମାନ, ସାଙ୍ଗରେ ଥିବା କର୍ମୀମାନଙ୍କୁ ଜମା ଭଲ ଲାଗିଲା ନାହିଁ। ବାବୁଙ୍କ ସାଙ୍ଗରେ ଥିବା କିଛି ଲୋକ ଗରମ ଦେଖାଇବାକୁ ବାହାରି ଆସିଲେ। ହେଲେ ବାବୁ ଆଉ ସାହସ କଲେନାହିଁ। ଆଉ ତାଙ୍କ ସାଙ୍ଗରେ ଥିବା ଲୋକଙ୍କୁ ଧୀରେକିନା କହିଲେ, ଏଠି ଜମା ରଡିବା ଦରକାର ନାହିଁ। ନ ହେଲେ କଥାଟା ଚାରିଆଡେ ବାଜିବ, ତୁମ ବାବୁଙ୍କୁ ପୋଲିସ୍ ଛାଡୁନି। ସେଥିପାଇଁ କହୁଛି ନିଜ ଗୋଡକୁ କୁରାଢି ନ ମାରି ଚାଲିକି ଚାଲ। ହେଲେ କଥାଟି ନ ଲୁଚି ସିଧା ବଲାଙ୍ଗୀର ଜିଲାପାଳ ଅଫିସ ଆଗ ଚା ଖଟିରେ ମୁଖ୍ୟ ବିଷୟ ପାଲଟିଥିଲା। ଘଟଣାର ମୂକସାକ୍ଷୀ ଥିବା ୨ ଯୁବକ ଶୁଣାଇ ଚାଲିଥିଲେ ପୂରା କଥା।

# ନିରଞ୍ଜନଙ୍କ ଭୂମିକାକୁ ନେଇ ପ୍ରଶ୍ନବାଚୀ

**ଭୁବନେଶ୍ୱର,୧୬।୧(ବ୍ୟୁରୋ)**

ଝାରସୁଗୁଡ଼ା ବିଧାୟକ ନବ ଦାସ ସ୍ୱଇଚ୍ଛାରେ ଇସ୍ତଫାପତ୍ର ହାଇକମାଣ୍ଡ ରାହୁଲ ଗାନ୍ଧୀଙ୍କୁ ପ୍ରଦାନ କରିଛନ୍ତି। ଏହା ଦ୍ୱାରା ତାଙ୍କ ବିଧାୟକ ପଦ ସିଧା ରଦ୍ଦ ହୋଇଯିବା କଥା। ହେଲେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଏକ ରଣନୀତି ପରୋକ୍ଷରେ ତାଙ୍କୁ କିଛିଦିନ ସୁରକ୍ଷା ଯୋଗାଇବ। ନବଙ୍କ ଇସ୍ତଫାପତ୍ର ଏବଂ ଖବର ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ବୁଧବାର ସନ୍ଧ୍ୟାରେ କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ ଡକାଗଲା। ଏଥିରେ ନବଙ୍କୁ ବହିଷ୍କାର କରାଯାଉଛି ବୋଲି କୁହାଗଲା। କେତେଜଣ ଆଇନ ବିଶେଷଜ୍ଞଙ୍କ କହିବାନୁଯାୟୀ ନବ ଯଦି ବିଧାୟକ ପଦରୁ ଇସ୍ତଫା ନ ଦିଅନ୍ତି, ତେବେ ସେ ସ୍ୱାଧୀନ ବିଧାୟକ ଭାବେ ରହିପାରିବେ। ସେ ବିଧାୟକ ରହିବା ଦ୍ୱାରା ପରୋକ୍ଷରେ ଜଣେ ସୁରକ୍ଷା ପାଇବେ ବୋଲି ଚର୍ଚ୍ଚା ଜୋର ଧରିଛି। ତେଣୁ ପିସିସି ସଭାପତିଙ୍କ ଏତାଦୃଶ ପରୋକ୍ଷ ସୁରକ୍ଷା ଅନେକ ପ୍ରଶ୍ନବାଚୀକୁ ଜନ୍ମ ଦେଇଛି। କୁନ୍ଦୁଲି ପୀଡ଼ିତାଙ୍କ ଆତ୍ମହତ୍ୟା ପ୍ରତିବାଦରେ କୃଷ୍ଣ ସଗରିଆ ବିଧାୟକ ପଦରୁ ଇସ୍ତଫା ଦେଇଥିଲେ। ହେଲେ ତାଙ୍କୁ ସମାଲୋଚନା କରାଯାଇଥିଲା। ଏମିତି କି ତାଙ୍କୁ ଦଳରୁ କାଢ଼ିବା ପାଇଁ ବ୍ୟବସ୍ଥା ହୋଇଥିଲା। ହେଲେ ନବ ଖୋଲାଖୋଲି ଭାବେ କଂଗ୍ରେସର ରାଜନୈତିକ ଶତ୍ରୁ ବିଜେଡି ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଭୂୟସୀ ପ୍ରଶଂସା କରିଥିଲେ। ତେଣୁ ନିରଞ୍ଜନଙ୍କ ଭୂମିକା ନେଇ ହାଇକମାଣ୍ଡ ତର୍ଜମା କରିପାରନ୍ତି ବୋଲି ଜଣାପଡ଼ିଛି।

କଂଗ୍ରେସର ଏପରି ସ୍ଥିତିକୁ ନେଇ କଟାକ୍ଷ କରିଛନ୍ତି ଗଣଶିକ୍ଷା ମନ୍ତ୍ରୀ ବଦ୍ରି ପାତ୍ର। ସେ କହିଛନ୍ତି ଯେ, ନିରଞ୍ଜନ ପଟ୍ଟନାୟକ କଂଗ୍ରେସ ହାଇକମାଣ୍ଡ ରାହୁଲ ଗାନ୍ଧୀ ଏବଂ ଦଳ ଉପରେ ପ୍ରତିଶୋଧ ନେଉଛନ୍ତି। ଦଳ ବିରୋଧୀ କାର୍ଯ୍ୟ ଯୋଗୁ ତାଙ୍କ ଭାଇ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କୁ ଦଳରୁ ବାହାର କରାଯାଇଥିଲା। ତାଙ୍କ ପରିବାର ଯୋଗୁ କଂଗ୍ରେସ ବଦନାମ ହୋଇଥିବାରୁ ନିରଞ୍ଜନଙ୍କୁ ମଧ୍ୟ କୋଣଠେସା କରାଯାଇଥିଲା। ଏବେ ପିସିସି ସଭାପତି ପଦରେ ଥିବାରୁ ପୂର୍ବ ଘଟଣାର ପ୍ରତିଶୋଧ ନେଉଛନ୍ତି। ନିରଞ୍ଜନଙ୍କୁ ପିସିସି ମୁଖିଆ କରିବାକୁ ଓକିଲାତି କରୁଥିବା ନେତାମାନେ ଆଜି ଦଳ ଛାଡୁଛନ୍ତି। ଏଥିରୁ ସ୍ପଷ୍ଟ ଯେ, କଂଗ୍ରେସରେ ରହି ବିଜେଡିକୁ ନିରଞ୍ଜନ ନିଜେ ନେତା ପଠାଉଛନ୍ତି।

# ଭୋଟ କିଣିବାକୁ ନିୟମକାନୁନ୍ ମାନୁନାହାନ୍ତି ସରକାର

**ଭୁବନେଶ୍ୱର, ୧୬।୧(ବ୍ୟୁରୋ):**

ଚାଷୀଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଥିବା ରାଜ୍ୟ ସରକାରଙ୍କ ଅସଲ ଚେହେରା ଏବେ ଦାଣ୍ଡରେ ପଡି ହାଟରେ ଗଡୁଛି। ରାଜ୍ୟ ୯୫ହଜାର କୋଟି ଟଙ୍କା ଋଣଭାରରେ ବୁଡି ଦେବାଳିଆ ପରିସ୍ଥିତି ଦେଇ ଗତି କରୁଥିବାବେଳେ ନିର୍ବାଚନ ବୈତରଣୀ ପାର ହେବାପାଇଁ ସରକାର କିଭଳି କାଳିଆ ଯୋଜନା କାର୍ଯ୍ୟକାରୀ କରିଛନ୍ତି ତାହା ଏବେ ପଦାକୁ ଆସିଛି। ସବୁ ନିୟମକାନୁନ୍ ଭୁଲି ଶାସକ ବିଜେଡି କଣ୍ଟିଜେନ୍ସି ଫଣ୍ଡରୁ ୭୩୪କୋଟି ଉଠାଇ ନିର୍ବାଚନ ପୂର୍ବରୁ ଭୋଟ କିଣିବାକୁ ପ୍ରୟାସ କରିଛନ୍ତି ବୋଲି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଅଭିଯୋଗ କରିଛନ୍ତି।

ନିରଞ୍ଜନ କହିଛନ୍ତି ଯେ, ସରକାର ଭଲ ଭାବେ ଜାଣି ସାରିଲେଣି ଏଥର ତାଙ୍କର ପରାଜୟ ହେବ। ତେଣୁ ଏଣୁତେଣୁ ଯୋଜନା କରି ଲୋକଙ୍କୁ ଖୁସି କରିବାପାଇଁ ପ୍ରୟାସ ଚଳାଇଛନ୍ତି। ନିୟମ ରହିଛି, ଯେତେବେଳେ ରାଜ୍ୟରେ ଦୈବୀ ଦୁର୍ବିପାକ କିମ୍ବା ଜରୁରୀ ପରିସ୍ଥିତି ସୃଷ୍ଟି ହେବ ସେତେବେଳେ ସରକାର ଉକ୍ତ ପାଣ୍ଠିରୁ ଟଙ୍କା ଉଠାଇ ପାରିବେ। ହେଲେ ସରକାର ସବୁ ବ୍ୟବସ୍ଥାକୁ ଜଳାଞ୍ଜଳି ଦେଇ ମଙ୍ଗଳବାର ୭୩୪କୋଟି ଟଙ୍କା ଉଠାଇଛନ୍ତି। ନିର୍ବାଚନ ପାର ହେବାପାଇଁ ସରକାର କିଭଳି ସବୁପ୍ରକାର ନିୟମକାନୁନ୍ ଓ ଲକ୍ଷ୍ମଣରେଖା ଅତିକ୍ରମ କରୁଛନ୍ତି ତାହା ଏଥିରୁ ପ୍ରମାଣିତ ହେଉଛି। ରାଜ୍ୟପାଳ ମଧ୍ୟ ଏଥିପାଇଁ ଅନୁମୋଦନ ଦେଇଛନ୍ତି। ଏଥିରୁ ବିଜେପି ଓ ବିଜେଡ଼ି ମଧ୍ୟରେ କିଭଳି ମଧୁର ସମ୍ପର୍କ ରହିଛି ତାହା ସ୍ପଷ୍ଟ ବାରି ହେଉଛି ବୋଲ ନିରଞ୍ଜନ କହିଛନ୍ତି।

## ମାନସ ବିଜେଡି ସାଧାରଣ ସମ୍ପାଦକ

**ଭୁବନେଶ୍ୱର,୧୬।୧(ବ୍ୟୁରୋ):**

ଯୁବ ସଙ୍ଗଠକ ମାନସ ମଙ୍ଗରାଜଙ୍କୁ ବିଜେଡିରେ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି କରାଯାଇଛି। ମାନସ ଦଳର ଗଣମାଧ୍ୟମ ବ୍ୟାପାର ସମ୍ପର୍କିତ ଦାୟିତ୍ୱରେ ରହିବେ। ଦଳର ସାଧାରଣ ସମ୍ପାଦକ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ବୁଧବାର ଏନେଇ ବିଜ୍ଞପ୍ତି ଜାରି କରିଛନ୍ତି। ମାନସ ଚିଲିକା ବିଧାନସଭା ନିର୍ବାଚନମଣ୍ଡଳୀରେ ଜଣେ ଦକ୍ଷ ସଙ୍ଗଠକ ଭାବେ ଜଣାଶୁଣା।

## ସୀମାନ୍ତରେ ବସ୍ ପୋଡ଼ିଦେଲେ ମାଓବାଦୀ

**ମାଲକାନଗିରି,୧୬।୧ (ଡି.ଏନ୍.ଏ.)–**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡର ଦାନ୍ତେୱାଡା ଜିଲାରେ ଲାଲବାହିନୀ ନିଜର ସକ୍ରିୟ ଉପସ୍ଥିତି ଜାହିର କରିଛି। ବୁଧବାର ମାଓବାଦୀମାନେ ଏକ ଯାତ୍ରୀବାହୀ ବସ୍ ପୋଡି ଦେଇଛନ୍ତି। ସେମାନେ ପୂର୍ବରୁ ସୁରକ୍ଷା କର୍ମୀଙ୍କୁ ଚ୍ୟାଲେଞ୍ଜ ଦେଇ ସେହି ସବୁ ଅଞ୍ଚଳରେ ରାସ୍ତା ନିର୍ମାଣକୁ ବିରୋଧ କରିଆସୁଥିଲେ। ଏବେ ସେମାନେ ନିଜର ସ୍ଥିତି ଜାହିର କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଉଇ, ଓଡ଼ଶ, ପିମ୍ପୁଡ଼ି, ମଶା
ଏ ଚାରିଜାତି ଭାଙ୍ଗନ୍ତି ବସା।**

ଉଇ, ଓଡ଼ଶ, ପିମ୍ପୁଡ଼ି ଓ ମଶା ଭଳି କୀଟପତଙ୍ଗ ସବୁବେଳେ ଭୀତତ୍ରସ୍ତ ଅବସ୍ଥାରେ ରହିଥାନ୍ତି। ଗୋଟିଏ ସ୍ଥାନରୁ ତଡ଼ିଦେଲେ ଅନ୍ୟସ୍ଥାନରେ ବସା ବାନ୍ଧିଥାନ୍ତି। ଏହି ଚାରିଜାତି କେତେବେଳେ କେଉଁ ବସା ଗଢ଼ନ୍ତି ବା ଭାଙ୍ଗନ୍ତି ତା'ର ହିସାବ କେବଳ ତାଙ୍କୁ ହିଁ ଜଣା। ଏମାନଙ୍କ ଦାଉରେ ମଣିଷ ଅସ୍ତବ୍ୟସ୍ତ ହୋଇଯିବା ସହ ସୁଖଶାନ୍ତିରେ ରହି ପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଉଣା ହିଡ଼ ଯେଉଁଠି,
ଜଳ ଗଡ଼େ ସେଇଠି।**

ପାଣିର ଧର୍ମ ଉଚ୍ଚ ସ୍ଥାନରୁ ନୀଚ ସ୍ଥାନକୁ ବହି ଚାଲିବା। ଯେଉଁଠି ଗଡ଼ାଣିଆ ବା ଖାଲିସ୍ଥାନ ରହିଥାଏ ସେହି ଆଡ଼କୁ ପାଣି ସହଜରେ ଗଡ଼ିଆସିଥାଏ। ଅନ୍ୟ ଅର୍ଥରେ ଦୁର୍ବଳତାର ସୁଯୋଗ ନେଇ ଆଧିପତ୍ୟ ବିସ୍ତାର କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
–ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ରାଜ୍ୟରେ ଶୀତଳଭଣ୍ଡାର ସ୍ଥିତି ଦୟନୀୟ

■ ସରକାରଙ୍କ ଦୃଷ୍ଟି ଆକର୍ଷଣ କଲା ଏଓସିଏସ୍ଏ

**ଭୁବନେଶ୍ୱର,୧୬।୧(ବ୍ୟୁରୋ)**

ସାରା ରାଜ୍ୟରେ ଶୀତଳ ଭଣ୍ଡାରଗୁଡିକ ଦୟନୀୟ ସ୍ଥିତି ଦେଇ ଗତି କରୁଛି। ତେଣୁ ଅଲ୍ ଓଡ଼ିଶା ଶୀତଳ ଭଣ୍ଡାର ସଂଘ(ଏଓସିଏସ୍ଏ) ପକ୍ଷରୁ ଏହାର ସ୍ଥିତି ସୁଧାରିବା ଲାଗି ତତ୍ପରତା ପ୍ରକାଶ କରାଯାଇଛି। ଯଦି ରାଜ୍ୟ ସରକାର ଠିକ୍ ସମୟରେ ଉପଯୁକ୍ତ ପଦକ୍ଷେପ ନ ନିଅନ୍ତି, ତେବେ କାର୍ଯ୍ୟକ୍ଷମ ଶୀତଳ ଭଣ୍ଡାର ଅବସ୍ଥା ଆହୁରି ସାଂଘାତିକ ହେବ। ଯାହା ବିଭିନ୍ନ ଶସ୍ୟ ଓ ପନିପରିବା ମହଜୁଦ୍ ରଖିବାରେ ଅନ୍ତରାୟ ସାଜିବ। ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ କୃଷି ନୀତିକୁ ସଂଘ ପକ୍ଷରୁ ଏଥିପାଇଁ ଦାୟୀ କରାଯାଇଛି। ସଂଘର ସାଧାରଣ ସମ୍ପାଦକ ଜନାର୍ଦ୍ଦନ ସାହୁ କହିଛନ୍ତି, ସ୍ଥାପନ କରାଯାଇଥିବା ଶୀତଳ ଭଣ୍ଡାରଗୁଡିକରୁ ମାତ୍ର ୧୫ରୁ ୨୦ ପ୍ରତିଶତ ଠିକ୍ ଭାବେ କାର୍ଯ୍ୟକ୍ଷମ ହେଉଛି। ୨୦୧୫ରେ ରାଜ୍ୟରେ ଆଳୁ ମିଶନ୍‌କୁ ଲକ୍ଷ୍ୟ ରଖି କେବଳ ୧୧୨ଟି ଶୀତଳ ଭଣ୍ଡାର ସ୍ଥାପନ କରାଯିବ ବୋଲି କୁହାଯାଇଥିଲା। ଏହି ଘୋଷଣାକୁ ୩ ବର୍ଷ ବିତିଥିଲେ ବି ମାତ୍ର ୨୬ଟି ଶୀତଳଭଣ୍ଡାର କରାଯାଇଛି। ଏହି ସବୁ ଅସୁବିଧା ସମ୍ପର୍କରେ ବିଭାଗୀୟ ଅଧିକାରୀ ଏବଂ ସରକାରଙ୍କୁ ଅବଗତ କରାଯାଇଥିବା ଜନାର୍ଦ୍ଦନ ଉଲ୍ଲେଖ କରିଛନ୍ତି। ଏସବୁ ସମସ୍ୟାର ସମାଧାନ ପାଇଁ ସଂଘ ପକ୍ଷରୁ କେତେକ ଗଠନଧର୍ମୀ ପ୍ରସ୍ତାବ ପ୍ରଦାନ କରାଯାଇଛି। ହେଲେ ବାରମ୍ବାର ଦୃଷ୍ଟି ଆକର୍ଷଣ କରିବା ସତ୍ତ୍ୱେ ମଧ୍ୟ ଶୀତଳଭଣ୍ଡାରଗୁଡିକର ସ୍ଥିତାବସ୍ଥାରେ କୌଣସି ପରିବର୍ତ୍ତନ ଆସିନାହିଁ।

ସୂଚନାଯୋଗ୍ୟ, ରାଜ୍ୟ ସରକାର ୨୦୧୪ ନିର୍ବାଚନ ଇସ୍ତାହାରରେ ୩୧୪ ବ୍ଲକରେ ଶୀତଳଭଣ୍ଡାର ନିର୍ମାଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଚତୁର୍ଥ ପାଳିର ସାଢେ ଚାରି ବର୍ଷ ପରେ ମଧ୍ୟ ତାହା ପୂରଣ ହୋଇପାରିନାହିଁ। ରାଜ୍ୟରେ ମାତ୍ର ୪୬ଟି ଶୀତଳ ଭଣ୍ଡାର କାର୍ଯ୍ୟକ୍ଷମ ହେଉଛି, ବାକି ୮୦ଟି ବିଭିନ୍ନ କାରଣରୁ ଅଚଳ ହୋଇ ପଡିରହିଛି। ଏ ସଂକ୍ରାନ୍ତରେ ଦୈନିକ ଧରିତ୍ରୀରେ ଗତ ୧୨ ତାରିଖରେ 'ପ୍ରତି ବ୍ଲକରେ ସ୍ଥାପନ ହୋଇନି ଶୀତଳ ଭଣ୍ଡାର' ଶୀର୍ଷକ ଖବର ପ୍ରକାଶ ପାଇଥିଲା।

# ମା' ମୃତଦେହକୁ ସାଇକେଲରେ ବୋହିଲେ ନାବାଳକ ପୁଅ

■ ଝିଅ ପରଗୋତ୍ରି ବୋଲି ୪ କାନ୍ଧ ମିଳିଲାନି

■ ଛର୍ଲା ଜଙ୍ଗଲରେ ଗାତ ଖୋଳି ପୋତି ଦେଲେ

**ଲଖନପୁର,୧୬।୧(ଡି.ଏନ୍.ଏ.)**

ସମାଜରେ ଜାତିଗତ ଭେଦଭାବ, କୁସଂସ୍କାର, ଅନ୍ଧବିଶ୍ୱାସକୁ ନେଇ ନାନା ଅଭାବନୀୟ ଘଟଣା ଘଟୁଛି। ଦିନକୁ ଦିନ ଲୋକଙ୍କ ମନରୁ ମାନବିକତା ବି ହଜିଯାଉଛି। ସେଭଳି ଏକ ଘଟଣା ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ସରଣ୍ଡାମାଲ ପଞ୍ଚାୟତ କର୍ପାବାହାଲ ଗ୍ରାମରେ ବୁଧବାର ଦେଖିବାକୁ ମିଳିଛି।

ସମ୍ପୂର୍ଣ୍ଣ ଘଟଣାଟି ଏପରି। ଗ୍ରାମର ଜାନକୀ ସିନ୍ଧେରିଆ (୫୦)ଙ୍କ ବୁଧବାର ସକାଳ ୧୦ଟାରେ ମୃତ୍ୟୁ ଘଟିଥିଲା। ସେ ବିବାହ କରି ପରଗୋତ୍ରି ହୋଇଯାଇଥିବାରୁ ସମ୍ପର୍କୀୟ କିମ୍ବା ଗ୍ରାମବାସୀ କେହି ତାଙ୍କ ମୃତଦେହ ନେଇ ଶ୍ମଶାନକୁ ଯିବାକୁ ଆସି ନ ଥିଲେ। ଏମିତି ବହୁ ସମୟ ଅପେକ୍ଷା କରିବା ପରେ କିଛି ଲାଭ ହୋଇ ନ ଥିଲା। ଶେଷରେ ଜାନକୀଙ୍କ ଏକ ମାତ୍ର ନାବାଳକ ପୁଅ ସରୋଜ ସାଇକେଲ୍ ପଛରେ ମା'ର ମୃତଦେହ ବାନ୍ଧି ୩ କିଲୋମିଟର ରାସ୍ତାରେ ଚାଲି ଚାଲି ଶ୍ମଶାନକୁ ନେଇଥିଲେ। ରାସ୍ତାରେ ଏଭଳି ଦୃଶ୍ୟକୁ ସମସ୍ତେ ଦେଖୁଥିଲେ ମଧ୍ୟ କେହି କିଛି କରି ନ ଥିଲେ। ମୃତଦେହକୁ ଏକାକୀ ସଂସ୍କାର କରିବା ସରୋଜଙ୍କ ପକ୍ଷେ ସମ୍ଭବ ନ ହେବାରୁ ନିକଟସ୍ଥ ଛର୍ଲା ଜଙ୍ଗଲରେ ଗାତ ଖୋଳି ପୋତି ଦେଇଥିଲେ।



ପୁଅ ସାଇକେଲ ପଛରେ ମା'ର ମୃତଦେହ।

ସୁନ୍ଦରଗଡ ଜିଲା ହେମଗିର ବ୍ଲକ୍ ଲିପସପାଲି ଗ୍ରାମରେ ମୁନୁ ସିନ୍ଧେରିଆଙ୍କୁ ଜାନକୀ ବିବାହ କରିଥିଲେ। ତାଙ୍କର ୨ ସନ୍ତାନ ଅଛନ୍ତି। ଝିଅ ବିନିତା ବିବାହ କରି ସାରିଥିବା ବେଳେ ପୁଅ ସରୋଜ ଏବେ ନାବାଳକ। ସ୍ୱାମୀଙ୍କ ମୃତ୍ୟୁ ପରେ ଜାନକୀ ପୁଅ ଓ ଝିଅଙ୍କୁ ଧରି ବାପଘର କର୍ପାବାହାଲ ଗ୍ରାମକୁ ଚାଲି ଆସି ୯ ବର୍ଷ ହେଲା ରହୁଥିଲେ। ବୁଧବାର ସକାଳେ ଜାନକୀ ଘରକୁ ପାଣି ଆଣୁଥିବାବେଳେ ହଠାତ୍ ତଳେ ପଡି ପ୍ରାଣ ହରାଇଥିଲେ। ଖବର ପାଇ ଜାନକୀଙ୍କ ମାମୁ, ଗାଁ ଲୋକେ ଓ ପଡୋଶୀ ତାଙ୍କ ଘରେ ପହଞ୍ଚି ଥିଲେ। ହେଲେ ଜାନକୀଙ୍କ ପୁଅ ଝିଅ ବ୍ୟତୀତ ଅନ୍ୟ କେହି ତାଙ୍କ ମୃତଦେହକୁ ଛୁଇଁ ନ ଥିଲେ। କାରଣ ଝିଅ ବାହା ହେବାପରେ ପରଗୋତ୍ରି ହୋଇଯାଇଥାଏ। ବାପା ଘର ଲୋକେ ମୃତଦେହକୁ ଛୁଅନ୍ତି ନାହିଁ। ଛୁଇଁଲେ ମୁକ୍ତି ହେବା ପାଇଁ ଜାତି ହେବାକୁ ପଡିଥାଏ। ଏଥିପାଇଁ ବାପା ଘର ଲୋକଙ୍କୁ ଖର୍ଚ୍ଚାନ୍ତ ହେବାକୁ ପଡିଥାଏ। ଏହି ଅନ୍ଧବିଶ୍ୱାସ ଯୋଗୁ ଜାନକୀଙ୍କ ମୃତଦେହକୁ କେହି ଛଇଁ ନ ଥିଲେ। ଶେଷରେ ନିରୂପାୟ ହୋଇ ସରୋଜ ଓ ବିନିତା ମା'ଙ୍କ ମୃତଦେହକୁ ଲୁଗାରେ ଗୁଡାଇ ସାଇକେଲ୍ ପଛରେ ବାନ୍ଧିଥିଲେ। ତା'ପରେ ସରୋଜ ବହୁକଷ୍ଟରେ ସାଇକେଲ୍ ଗଡ଼ାଇ ଗଡ଼ାଇ ୩ କିଲୋମିଟର ଦୂର ଛର୍ଲା ଜଙ୍ଗଲକୁ ନେଇଥିଲେ। ସେଠାରେ ଗାତ ଖୋଳି ମା'ର ମୃତଦେହକୁ ପୋତି ଦେଇଥିଲେ। ସରୋଜ ସାଇକେଲରେ ମା'ର ମୃତଦେହ ନେଇ ଯିବାବେଳର ହୃଦୟ ବିଦାରକ ଦୃଶ୍ୟ ପଥଚାରୀଙ୍କ ନଜରରେ ପଡିଥିଲା। ବନ୍ଧବାହାଲ ସ୍ୱାଧୀନ କମ୍ପ୍ଲେକ୍ସ ଛକ ରାସ୍ତାରେ ଲୋକେ ତାଙ୍କୁ ଅଟକାଇ ଗଣମାଧ୍ୟମ ପ୍ରତିନିଧିଙ୍କୁ ଖବର ଥିଲେ। ଏହାପରେ ସମ୍ପୂର୍ଣ୍ଣ ଘଟଣା ଲୋକଲୋଚନକୁ ଆସିଥିଲା। ଖବର ପାଇ ବନ୍ଧବାହାଲ ଫାଣ୍ଡି ପୋଲିସ ଏସ୍ଆଇ ଲିନୁସ୍ ଲାକ୍ରା କର୍ପାବାହାଲ ଗାଁରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ। ଘରେ ବସି ପାଆନ୍ତୁ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508
3rd Floor, D. N. Enclave, Meerut, U.P.

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

LOAN
ଆପଣ ବେରୋଜଗାରିଆ କି? ଏବେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ କମ୍ ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। ଅଧିକ ଜାଣିବା ପାଇଁ ଯୋଗାଯୋଗ:–
B-19, Moti Bagh, New Delhi
7064382081
8658167603

FINANCE
ଘରେ ବସି ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସୋନାଲ, ବିଜିନେସ୍ ଋଣ ମାତ୍ର ୭ ଦିନ ମଧ୍ୟରେ 4% ସୁଧରେ South Asian Finance ଠାରୁ ଋଣ ପାଆନ୍ତୁ।
ମହିଳାମାନଙ୍କ ପାଇଁ ବିଶେଷ ରିହାତି
Email: loanasian@gmail.com
M.G. Road, Bangalore
8658340105

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଡିଜିଟାଲ ଉପକରଣ –କମ୍ପାନୀ– SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲଟାଇମ୍ ରୋଜଗାର କରନ୍ତୁ 15000ରୁ 25000 ମାସିକ ଲାପ୍‌ଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
BUKAR, MALEPUR, JAMUI, BIHAR-811313
9065013355, 9162431749

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

BISWAJIT FINANCE
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

MAHENDAR FINANCE
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
8860754476
7838556518
Block Chack, Balasore-756027

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ। ଅଗ୍ରିମ - 90 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ଗୋଟିଏ ଚାକିରି, ମାଗଣା ମୋବାଇଲ, ବାଇକ୍। ମହିଳାଙ୍କ ପାଇଁ ବିଶେଷ ରିହାତି।
Address:- Head Office G-79 Aadrsh Nagar Krolbagh
Contact:- 8676907143
7050017585

CO-OPERATIVE INADIA
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି। ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୂରଣ କରନ୍ତୁ। ବି.ଦ୍ର.– ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ।
Address: Ameerpt, Hyderabad, Pin- 5000106 ( Telangana)
7787907927
7787922501
9319932148
Email id- pmjansamridhi@gmail.com

BIKASA FINANCE
Bikasa Finance କମ୍ପାନୀଠାରୁ ସମସ୍ତ ପ୍ରକାର Loan କମ୍ ସୁଧରେ ପାଆନ୍ତୁ। ମାର୍କଶିଟ୍, ପର୍ସନାଲ, Business, ଗୃହ, ଶିକ୍ଷା, କୃଷି, ଗାଈ ଓ ଛେଳି ଇତ୍ୟାଦି, 1% ସୁଧ 7 ଦିନ ମଧ୍ୟରେ।
M: 7381973695
8480304782
ବାବାଜୀପଡ଼ା, ପାଟଣାଗଡ଼, ବଲାଙ୍ଗୀର, ପିନ: ୭୬୭୦୨୫

1985ରୁ ସହସ୍ରାଧିକଙ୍କୁ ଲାଭ
ପ୍ରଫେସର ବିପି ଖନ୍ନା
ତନ୍ତ୍ର–ମନ୍ତ୍ର ଅନୁଭବୀ PhD ଜ୍ୟୋତିଷ କାଳୀ ମହାବିଦ୍ୟାର ତପସ୍ୱୀ ତାନ୍ତ୍ରିକ
(ପ୍ରେମବିବାହର 1757 କେସ୍ ସଫଳ)
ମହାବଶୀକରଣ, ପ୍ରେମରେ ଧୋକା, ସଉତୁଣୀ ଶତ୍ରୁ, ଗୃହକ୍ଳେଶ, ଯାଦୁ–ଟୋନା, ସନ୍ତାନ ବାଧା
'ଠକ ବଙ୍ଗାଳି ମୌଲବୀ ବାବାଙ୍କ ପ୍ରତି ସାବଧାନ'
'ଘଣ୍ଟା–ମିନିଟ୍‌ରେ ନିଦାନର ଦାବି ଧୋକା ଅଟେ'
ହ୍ୱାଟ୍‌ସଆପ୍/Call: 09198771709
MAHAKALI TANTRA SADHANA KENDRA UTTRAKHAND
ସବୁଆଡୁ ନିରାଶ ବ୍ୟକ୍ତି ସମ୍ପୂର୍ଣ୍ଣ ସମାଧାନ ପାଆନ୍ତୁ

**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ସୁନାମି ସମୟରେ ସମୁଦ୍ରରେ ଫସିଥିଲୁ



ଡା. ଦିଲୀପ କୁମାର ଅଗ୍ରୱାଲା

**ନିଜକଥା**

୨୦୦୫ର କଥା। ଭାରତର ୨୫ଜଣ ଡାକ୍ତର ଏକ କନଫରେନ୍ସରେ ଯୋଗଦେବା ପାଇଁ ମାଳଦ୍ୱୀପ ଯାଇଥାଉ। ସମୁଦ୍ର ଭିତରେ ନୌକାବିହାର କରିବାକୁ ଇଚ୍ଛା ହେଲା। ଏକ ଛୋଟ ଜଳ ଜାହାଜରେ ଆମେ ସମସ୍ତେ ସମୁଦ୍ର ଭିତରକୁ ଯାଇଥିଲୁ। ଅନେକ ବାଟ ଯିବା ପରେ ହଠାତ୍ ଆମ ଜାହାଜଟି ଢେଉରେ ଭୟଙ୍କରଭାବେ ଦୋହଲିବାକୁ ଲାଗିଲା। ଏମିତିକି ଜାହାଜର ଅଗ୍ରଭାଗ ୨ରୁ ୩ମିଟର ଉପରକୁ ଯାଇ ଖସୁଥିଲା। ଏହି ସମୟରେ ମୋ ଝିଅ ମୋ ମୋବାଇଲକୁ ଫୋନ୍ କରିଥିଲା ଯେ, ଫୁକେଟ ନିକଟରେ ସୁନାମି ହୋଇଛି। ଜାହାଜର କ୍ୟାପେଟନ ମଧ୍ୟ ଆମ ପାଖକୁ ଆସି ସମାନ କଥା କହିଥିଲେ। ତେଣୁ ଜାହାଜ ଆଗକୁ କିମ୍ବା ପଛକୁ ଯାଇପାରିବ ନାହିଁ। ବରଂ ଗୋଟିଏ ଜାଗାରେ ସେମିତି ଅଟକି ରହିବାକୁ ପଡିବ ବୋଲି କହିଥିଲେ। ଏହାପରେ ଆମେ ସମସ୍ତେ କେବଳ ଠାକୁରଙ୍କୁ ଡାକିଥିଲୁ। ୪ଘଣ୍ଟା ପରେ ପରିସ୍ଥିତିରେ ସୁଧାର ଆସିଥିଲା। ଜାହାଜ କୂଳକୁ ଆସିଥିଲା। ହେଲେ ଆମେ ରହୁଥିବା ଘରକୁ ଯିବା ପରେ ଦେଖିଲୁ ଯେ ସେଠାରେ ଆଣ୍ଠୁଏ ଉଚ୍ଚର ପାଣି। ନିକଟସ୍ଥ ଏକ ଦ୍ୱୀପ ଅଧିକ କ୍ଷତିଗ୍ରସ୍ତ ହୋଇଥିଲା ଓ ସେଠାକାର ୨୦୦ରୁ ଊର୍ଦ୍ଧ୍ୱ ଲୋକ ଗୁରୁତର ଅସୁସ୍ଥ ହୋଇପଡିଥିଲେ। ଚାରିଆଡେ ପାଣି ହୋଇଯାଇଥିବାରୁ ଡାକ୍ତରୀଦଳ ସେଠାରେ ପହଞ୍ଚିପାରି ନ ଥିଲା। ଏହା ଶୁଣିବା ପରେ ଆମେ ୨୫ଜଣ ଡାକ୍ତର କାଳବିଳମ୍ବ ନ କରି ସେଠାକୁ ଯାଇଥିଲୁ ଓ ଚିକିତ୍ସା ଆରମ୍ଭ କରିଥିଲୁ। ଆମେ ସେଠାରେ ଚିକିତ୍ସା କରୁଥିବା ଖବର ଭାରତରେ ବେଶ୍ ଚର୍ଚ୍ଚା ହୋଇଥିଲା। ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ଭାରତୀୟ ଡାକ୍ତରମାନେ ସୁନାମି କବଳିତ ଲୋକଙ୍କୁ ଚିକିତ୍ସା କରୁଥିବା କଥା ଟିଭିରେ କହିଥିଲେ। ଏହା ଆମକୁ ଆହୁରି ଉତ୍ସାହିତ କରିଥିଲା। ସୌଭାଗ୍ୟବଶତଃ ସମସ୍ତ ଲୋକ ସୁସ୍ଥ ହୋଇଥିଲେ ଓ ଆମେ ଫେରିଥିଲୁ। ଏପରିକି ଏହି କାର୍ଯ୍ୟ କରିଥିବାରୁ ଭାରତ ସରକାର ଏକ ସ୍ୱତନ୍ତ୍ର ବିମାନ ଯୋଗେ ଆମକୁ ଆଣିବାର ବ୍ୟବସ୍ଥା କରିଥିଲେ। ଏହି କଥା କହିଛନ୍ତି ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ କେନ୍ଦ୍ରର ବରିଷ୍ଠ ଡା. ଦିଲୀପ କୁମାର ଅଗ୍ରୱାଲା।

୧୯୫୫ ଡିସେମ୍ବର ୩୦ରେ ଡା. ଅଗ୍ରୱାଲା ଖୋର୍ଦ୍ଧା ଅଞ୍ଚଳରେ ଜନ୍ମଗ୍ରହଣ କରିଥିଲେ। ୧୯୭୨ରେ ମାଟ୍ରିକ ପାସ୍ କରିବା ପରେ ସେ ପ୍ରାଣନାଥ ମହାବିଦ୍ୟାଳୟରେ ଆଇଏଏସି, ରେଭେନ୍ସାରେ ବିଏସ୍‌ସି ପରେ ଏସ୍‌ସିବି ମେଡିକାଲରେ ଡାକ୍ତରୀ ପାଠ ପଢିଥିଲେ। ବମ୍ବେ ୟୁନିଭରସିଟିରେ ଡିପ୍ଲୋମା ଇନ ନ୍ୟୁକ୍ଲିୟର ମେଡିସିନ ଓ ପରେ ଏମ୍‌ଡି ପାଠ୍ୟକ୍ରମ ଶେଷ କରିଥିଲେ। ରାଜ୍ୟରେ ଜଣେ ସୁନାମଧନ୍ୟ କ୍ୟାନ୍ସର ଚିକିତ୍ସକ ଭାବେ ଡାକ୍ତର ଅଗ୍ରୱାଲା ପରିଚିତ। ତାଙ୍କ ବ୍ୟକ୍ତିଗତ ଜୀବନ ସମ୍ପର୍କରେ ତାଙ୍କୁ ପଚରାଯାଇଥିବା କେତୋଟି ପ୍ରଶ୍ନ।

**ପ୍ରଥମ ଦରମା କାହାକୁ ଦେଇଥିଲେ?**

❖ ୧୯୮୧ରେ ମୁଁ କୋରାପୁଟ ହସ୍ପିଟାଲରେ ଚାକିରି ଜୀବନ ଆରମ୍ଭ କରିଥିଲି। ପ୍ରଥମ ମାସର ୮୩୮ ଟଙ୍କା ବାପାଙ୍କୁ ଦେଇଥିଲି।

**ରୋଷେଇ ଜାଣିଛନ୍ତି?**

❖ ହଷ୍ଟେଲ ଜୀବନରୁ ରୋଷେଇ ଶିଖିଛି। ଆମ ଘରେ ଆମିଷ ପ୍ରବେଶ ନିଷେଧ। ତେଣୁ ସାଦା ଖାଦ୍ୟ ପ୍ରସ୍ତୁତ କରିବାରେ ମୁଁ ସିଦ୍ଧହସ୍ତ। ରେସିପି ଦେଖି ମୁଁ ସମସ୍ତ ପ୍ରକାର ଖାଦ୍ୟ ପ୍ରସ୍ତୁତ କରେ।

**ସିନେମା ଦେଖନ୍ତି?**

❖ ସିନେମା ଓ ସଙ୍ଗୀତ ପ୍ରତି ମୋର ଅହେତୁକ ଦୁର୍ବଳତା। ନିକଟରେ ହିନ୍ଦୀ ଚଳଚ୍ଚିତ୍ର 'ବଧାଇ ହୋ' ହଲ୍‌ରେ ବସି ଦେଖିଥିଲି। ଦିଲୀପ କୁମାର ଏବଂ ୱହିଦା ରହମାନ ମୋର ପସନ୍ଦର ଅଭିନେତା, ଅଭିନେତ୍ରୀ। ଓଡ଼ିଆରେ ବିଜୟ ମହାନ୍ତି ଓ ଅପରାଜିତାଙ୍କ ଅଭିନୟ ମୋତେ ଭଲ ଲାଗେ।

**ସଙ୍ଗୀତ ଶୁଣନ୍ତି?**

❖ ଅକ୍ଷୟ ମହାନ୍ତି ମୋର ସବୁଠୁ ପସନ୍ଦ। ତାଙ୍କର ପ୍ରତ୍ୟେକ ଗୀତକୁ ମୁଁ ଖୋଜି ଖୋଜି ଶୁଣିଥାଏ।

**ବହି ପଢନ୍ତି?**

❖ ବହି ପଢିବାର ଅଭ୍ୟାସ ମୋର ପିଲାଦିନରୁ ଅଛି। ଏବେ ସ୍ପେନ ଲେଖକ ମାରିଓ ଭର୍ଗାସ୍ ଲୋସାଙ୍କ 'ଦ ଫିଷ୍ଟ ଅଫ୍ ଦ ଗୋଟ୍' ବହି ପଢୁଛି।

**ମାର୍କେଟିଂ କରନ୍ତି?**

❖ ଖୁବ୍ କ୍ୱଚିତ୍। ସ୍ତ୍ରୀ ଯଦି କେତେବେଳେ ଡାକନ୍ତି ତେବେ ଯାଇଥାଏ।

**ଲଭ ନା ଆରେଞ୍ଜ ମ୍ୟାରେଜ?**

❖ ସମ୍ପୂର୍ଣ୍ଣ ଆରେଞ୍ଜ। ୧୯୮୪ରେ ମୁଁ ପରିବାର ଲୋକଙ୍କ ଇଚ୍ଛାରେ ବିଜୟଲକ୍ଷ୍ମୀଙ୍କୁ ବିବାହ କରିଥିଲି।

**ସହଧର୍ମିଣୀଙ୍କ କେଉଁ ଗୁଣ ଆପଣଙ୍କୁ ପ୍ରଭାବିତ କରିଛି?**

❖ ସେ ମୁହେଁ ମୁହେଁ ଉତ୍ତର ଦିଅନ୍ତି। ସିଧାସଳଖ କହିବାକୁ ସେ ପସନ୍ଦ କରନ୍ତି।

**ଜୀବନର ସ୍ମରଣୀୟ ଘଟଣା?**

❖ ନିଶ୍ଚିତ ଭାବେ ସୁନାମି ସମୟରେ ସମୁଦ୍ରରେ ଫସିବା ଘଟଣାକୁ ମୁଁ କେବେ ବି ଭୁଲି ପାରିବିନାହିଁ।

ରିପୋର୍ଟ: ନିର୍ମଳ ପଣ୍ଡା

# ସଲମାନଙ୍କ କଥାରୁ ଜାଣିଲି ସେ କାହିଁକି ଲୋକପ୍ରିୟ



**ମୋ ଅନୁଭୂତି**

ବଲିଉଡ୍‌ର ଭାଇଜାନ ତଥା ସଲମାନ ଖାନଙ୍କ ପ୍ରଶଂସକ ଭାବେ ତାଙ୍କୁ ଭେଟିବାକୁ ପିଲାଟିବେଳୁ ଇଚ୍ଛା ଥିଲା। ଏପରିକି ସଲମାନଙ୍କ ଅଭିନୀତ ଚଳଚ୍ଚିତ୍ରର ଗୀତ ଗାଇ ଗାଇ ହିଁ ସଙ୍ଗୀତ ଦୁନିଆରେ ପାଦ ଥାପିଥିଲି। ହେଲେ ଦିଲ୍ଲୀରେ ତାଙ୍କୁ ଭେଟିବା ବେଳେ ସଲମାନ ଏପରି କିଛି କଥା କହିଥିଲେ, ଯାହା ଫଳରେ ତାଙ୍କ ପାଇଁ କେବଳ ଭଲପାଇବା ନୁହେଁ ସମ୍ମାନ ମଧ୍ୟ ବଢ଼ି ଯାଇଥିଲା। ସୋନି ଟିଭି ଦ୍ୱାରା ପ୍ରାୟୋଜିତ ରିଅଲିଟି ଶୋ ଇଣ୍ଡିଆନ ଆଇଡଲର ଫାଇନାଲ ରାଉଣ୍ଡରେ ସାମିଲ ହେବା ପରେ ଶୋ ପ୍ରମୋସନ ପାଇଁ ଦିଲ୍ଲୀକୁ ପଠାଯାଇଥିଲା। ଆମେ ୧୦ଜଣ ହିଁ ଯାଇଥିଲୁ। ଯିବା ପରେ ଜାଣିବାକୁ ପାଇଲୁ ସଲମାନ ଖାନ ଆସୁଛନ୍ତି। ପ୍ରେସ୍‌ମିଟ୍‌ର ଆୟୋଜନ ବି ହୋଇଥାଏ। ସମସ୍ତ ଅଫିସିଆଲ କାମ ସରିବା ପରେ ସଲମାନ ଖାନଙ୍କ ସହ ଭେଟିବାର ସେ ସୁଯୋଗ ଆସିଥିଲା। ଅତିବେଶିରେ ତାଙ୍କ ସହ ସେଦିନ ୨ରୁ ୩ ମିନିଟ କଥା ହୋଇଥିଲି, ହେଲେ ଏହି କିଛି ସମୟର କଥା ମୋତେ କ୍ୟାରିୟରରେ ଆଗକୁ ନେବାରେ ଅନେକ ସାହାଯ୍ୟ କରିବ ବୋଲି ମୁଁ ଭାବେ। ସଲମାନ କହିଥିଲେ, ଶୋ'ରେ ଯଦି କେବେ ହାରିଯାଅ ତେବେ ଆଦୌ ମନଦୁଃଖ କରିବ ନାହିଁ। ମୋତେ ବି ବହୁତ ଥର ଫିଲ୍ମ ଜଗତରେ ହାର୍‌ର ସମ୍ମୁଖୀନ ହେବାକୁ ପଡ଼ିଛି। ପରାଜୟକୁ ବି ଭୋଗିବା ଜୀବନର ଗୋଟେ ଅଂଶ। ମଜାର ସହ ପରାଜୟକୁ ଗ୍ରହଣ କରି ଆଗକୁ ବଢ଼। ତେବେ ଯାଇ ସଫଳତାର ମଜାକୁ ଅନୁଭବ କରିପାରିବ। ସେବେ ଜାଣିଥିଲି, କାହିଁକି ସଲମାନ ଖାନଙ୍କୁ ବଲିଉଡ୍ ଜଗତରେ ଏତେ ଲୋକ ଭଲ ପାଆନ୍ତି। ସେ ଜଣେ ପ୍ରେରଣାର ଉତ୍ସ। ଏହା ହେଉଛି ଓଡ଼ିଆ ଜଗତର ପ୍ରତିଭାବାନ ତଥା ନବାଗତ କଣ୍ଠଶିଳ୍ପୀ ବିଶ୍ୱଜିତ ମହାପାତ୍ରଙ୍କ ଅନୁଭୂତିରୁ କିଛି। ଗତ ଇଣ୍ଡିଆନ ଆଇଡଲ ରିଅଲିଟି ଶୋରେ ବିଶ୍ୱଜିତ ଏକମାତ୍ର ଓଡ଼ିଆ ପ୍ରତିଭା ଭାବେ ଅଂଶଗ୍ରହଣ କରିବା ସହ ଟପ୍-୧୦ରେ ସ୍ଥାନ ପାଇଥିଲେ। ସୁଧାଂଶୁ ଶେଖର ମହାପାତ୍ର ଓ ଜୟନ୍ତୀ ମିଶ୍ରଙ୍କ ପୁଅ ବିଶ୍ୱଜିତ ଭବାନୀପାଟଣାର ମଦନମୋହନ ପଡ଼ାରେ ଜନ୍ମ ଗ୍ରହଣ କରିଥିଲେ। ସେ ସାମ୍ବାଦିକତା ଓ ଗଣ ଯୋଗାଯୋଗ ପାଠ୍ୟକ୍ରମରେ ସ୍ନାତକୋତ୍ତର କରିଛନ୍ତି। ଅନେକ ଓଡ଼ିଆ ଚଳଚ୍ଚିତ୍ରରେ ସେ ପ୍ରଚ୍ଛଦପଟ ଗାୟକ ଭାବେ କାମ କରିବା ସହ ଜାତୀୟ ସ୍ତରର ଶୋ'ରେ ନିଜର ପ୍ରତିଭାର ଛାପ ଛାଡ଼ି ସାରିଲେଣି।

– ରିପୋର୍ଟ: କୁମାରଶ୍ରୀ ସାହୁ

## ସେଲ୍‌ଫି କର୍ଣ୍ଣର

ସେଲ୍‌ଫି ଉଠାନ୍ତୁ, ଆମ ପାଖକୁ ପଠାନ୍ତୁ

metroselfie@gmail.com

(ବଛା ବଛା ସେଲ୍‌ଫି ପ୍ରକାଶ ପାଇବ)



ରାମମୋହନ



ବିଭୂତି



ଦେବଶ୍ରୀ



ଆଶିଷ



ଅଭୀପ୍ସା



ଅଜୟ



ବିଜୟଲକ୍ଷ୍ମୀ



ରାହୁଲ



ବିଜୟ



ଅପର୍ଣ୍ଣା



ବିକ୍କୁ

# ଇଣ୍ଡିଆନ ଡିସ୍ ଦହିମାଛ

**ଖାଦ୍ୟ ରୁଚି**

କଥାରେ ଅଛି ଖାଦ୍ୟରେ ହିଁ ଜଣକ ମନ ଜିଣି ହେବ। ହୋଟେଲ ହେଉ କି ରେଷ୍ଟୁରାଣ୍ଟ ଯେଉଁଠି ସୁଆଦିଆ ଖାଦ୍ୟ ମିଳେ ସେଠାରେ ଗ୍ରାହକଙ୍କ ଭିଡ଼ ହୋଇଥାଏ। ଗ୍ରାହକଙ୍କ ମନ ଜିଣିଲେ ବ୍ୟବସାୟ ବି ବଢେ। ଏହାକୁ ଆଖି ଆଗରେ ରଖି ବିଭିନ୍ନ ହୋଟେଲ, ରେଷ୍ଟୁରାଣ୍ଟ ମାଲିକମାନେ ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତି ଉପରେ ବିଶେଷ ଫୋକସ ରଖିଥାନ୍ତି। ପୁରୀ ସହରରେ ଏମିତି ଅନେକ ହୋଟେଲ ରହିଛି ଯେଉଁଠାରେ ସୁଆଦିଆ ଖାଦ୍ୟ ମିଳୁଥିବାରୁ ଗ୍ରାହକଙ୍କ ଭିଡ଼ ହୁଏ। ଏହି ହୋଟେଲ ମଧରେ ସିଟି ରୋଡର ମହାବୀର ସେରାଟନ ଅନ୍ୟତମ। ଏଠାରେ ଉଭୟ ଆମିଷ ଓ ନିରାମିଷ ଖାଦ୍ୟ ପ୍ରସ୍ତୁତ କରାଯାଇ ଗ୍ରାହକଙ୍କୁ ପରଷା ଯାଏ। ଆମିଷ ଖାଦ୍ୟ ମଧରେ ଦହିମାଛର ବେଶ୍ ଚାହିଦା ରହିଛି। ଏହି ଇଣ୍ଡିଆନ ଡିସ୍‌ର ଗୋଟିଏ ପ୍ଲେଟ୍ ଦାମ୍ ରହୁଛି ୧୨୦ ଟଙ୍କା। ଏହାର ପ୍ରସ୍ତୁତି ସମ୍ପର୍କରେ ହୋଟେଲର ମୁଖ୍ୟ ସେଫ୍ ଦୀପ୍ତିରଞ୍ଜନ ନାୟକଙ୍କ ମୁହଁରୁ...



## ଆବଶ୍ୟକ ସାମଗ୍ରୀ

- ରୋହି ମାଛ- ୧କିଗ୍ରା
- ସୋରିଷ ତେଲ- ୫୦ଗ୍ରାମ୍
- ପିଆଜ ପେଷ୍ଟ- ୫୦ଗ୍ରାମ୍
- ରସୁଣ ପେଷ୍ଟ- ୨୫ଗ୍ରାମ୍
- କଞ୍ଚାଲଙ୍କା ପେଷ୍ଟ- ୨୫ଗ୍ରାମ୍
- ବଟା ସୋରିଷ- ୧ ଚାମଚ
- ହଳଦୀ ଗୁଣ୍ଡ- ଅଧ ଚାମଚ
- ଦହି- ୨୦୦ ଗ୍ରାମ୍
- ସ୍ୱାଦ ଅନୁସାରେ ଲୁଣ





## ପ୍ରସ୍ତୁତି ପ୍ରଣାଳୀ

ଖଣ୍ଡ ଖଣ୍ଡ ହୋଇ କଟା ଯାଇଥିବା ରୋହି ମାଛକୁ ଭଲ ଭାବେ ଧୋଇ ଏକ ପାତ୍ରରେ ରଖିବେ। ସେଥିରେ ପିଆଜ, ରସୁଣ ଓ କଞ୍ଚାଲଙ୍କା ପେଷ୍ଟ, ବଟା ସୋରିଷ, ଦହି, ହଳଦୀ ଗୁଣ୍ଡ, ସୋରିଷ ତେଲ ଏବଂ ସ୍ୱାଦ ଅନୁଯାୟୀ ଲୁଣ ପକାଇବେ। ଏହାକୁ ଭଲ ଭାବେ ଗୋଳାଇ ଦେବେ। ମାଛରେ ଏହା ସମ୍ପୂର୍ଣ୍ଣ ମିଶିଯିବା ପରେ ପ୍ରାୟ ୧ ଘଣ୍ଟା ଏହାକୁ ରଖିଦେବେ। ଏହାପରେ ଅଳ୍ପ ନିଆଁରେ ୨୦ରୁ ୨୫ ମିନିଟ୍ ଏହାକୁ ଷ୍ଟିମ୍ କରିବେ। ମଝିରେ ମଝିରେ ଗୋଳାଇ ଦେବେ। ଏବେ ପ୍ରସ୍ତୁତ ହୋଇଗଲା ଦହିମାଛ। ଏହାକୁ ଏକ ପ୍ଲେଟରେ କାଢି ଏହା ଉପରେ ଧନିଆ ପତ୍ର ଛିଞ୍ଚିଦେବେ। ଏହାକୁ ଭାତ ଏବଂ ରୁଟିରେ ଖାଇ ହେବ।

ରିପୋର୍ଟ: ହେମନ୍ତ କୁମାର ନାୟକ | ଫଟୋ: ଯଜ୍ଞେଶ୍ୱର ମହାନ୍ତି



ଅସମ୍ଭବ କଥା ସ୍ୱଚକ୍ଷୁରେ ଦେଖିଥିଲେ ମଧ କାହା ଆଗରେ କହିବା ଅନୁଚିତ। କାରଣ ପଥର ପାଣିରେ ଭାସୁଛି କିମ୍ବା ମାଙ୍କଡ଼ ଗୀତ ଗାଉଛି, ଏକଥା କହିଲେ କିଏ ଅବା ବିଶ୍ୱାସ କରିବ।

- ଚାଣକ୍ୟ



## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ୬୧ତମ ବରିଷ୍ଠ ପୋଲିସ ଅଧିକାରୀ ସମ୍ମିଳନୀ-୨୦୧୯ ଉଦ୍‌ଘାଟନ, ପୋଲିସ ଭବନ, ଫରଚ୍ୟୁନ୍ ଟାୱାର ସମ୍ମୁଖ, ପୂର୍ବାହ୍ନ ୧୦ଟା।
- ଓୟୁଏଟି କୁଳପତିଙ୍କୁ ସମ୍ମାନଜନକ କଲୋନେଲ୍ କମାଣ୍ଡାଣ୍ଟ ର୍‍ୟାଙ୍କ୍ ପ୍ରଦାନ ନିମନ୍ତେ ସ୍ୱତନ୍ତ୍ର ସମାରୋହ, ସ୍ୱାମୀନାଥନ୍ ହଲ୍, ଓୟୁଏଟି, ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ କୃଷି ମହୋତ୍ସବ 'କୃଷି ଓଡ଼ିଶା', ବିଜୁ ପଟ୍ଟନାୟକ ଖେଳପଡ଼ିଆ, ବରମୁଣ୍ଡା, ପୂର୍ବାହ୍ନ ୧୧ଟା।
- ନୃତ୍ୟଧାମ ପକ୍ଷରୁ ୩ୟ ସର୍ବଭାରତୀୟ ଶାସ୍ତ୍ରୀୟ ନୃତ୍ୟ ମହୋତ୍ସବ ଉଦ୍‌ଯାପନ, ଭଞ୍ଜ କଳାମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଭୁବନେଶ୍ୱର ଭଞ୍ଜଭାରତୀ ପକ୍ଷରୁ ଓଡ଼ିଆ ସାହିତ୍ୟ ସମାରୋହ, ସୂଚନା ଭବନ, ରାତି ୭ଟା।
- ଶ୍ରୀଶ୍ରୀ ଠାକୁର ଗୋଖିବାବାଙ୍କ ମକରମେଳା ଅବସରରେ ଭାଗବତ ପାରାୟଣ ପ୍ରବଚନ ଓ ଗୀତାଯଜ୍ଞ ଉଦ୍‌ଘାଟନ, ଗୋଖିବାବା ଆଶ୍ରମ ପରିସର, ସୁନ୍ଦରପଦା, ରାତି ୭ଟା।

କଟକ

- ସନ୍ନ୍ୟାସିନୀ ବିଦ୍ୟୁତ୍ କୁମାରୀ ଲାଲାଙ୍କ ଜୟନ୍ତୀ ଉତ୍ସବ, ଗାନ୍ଧୀଭବନ, ବାଖରାବାଦ, ସନ୍ଧ୍ୟା ୬ଟା।

# ୨୮ରେ ଦଇତାପତି ନିଯୋଗ ନିର୍ବାଚନ

ପୁରୀ ଅଫିସ,୧୬।୧

- ୧୯ରେ ପ୍ରାର୍ଥିପତ୍ର ଦାଖଲ
- ୨୦ରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା
- ଶ୍ରୀମନ୍ଦିର ପ୍ରଶାସନକୁ ଅବଗତ କଲେ ନିଯୋଗ ସ୍ଥାୟୀ ସଭାପତି

ଦଇତାପତି ନିଯୋଗ ନିର୍ବାଚନକୁ ନେଇ ଗତ କିଛିଦିନ ଧରି ଲାଗି ରହିଥିବା କଳ୍ପନାଜଳ୍ପନାର ଅବସାନ ଘଟିଛି। ଆସନ୍ତା ୨୮ ତାରିଖରେ ନିଯୋଗର ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ବୁଧବାର ନିଯୋଗର ସ୍ଥାୟୀ ସଭାପତି ନବକିଶୋର ପତିମହାପାତ୍ର ଏ ନେଇ ଶ୍ରୀମନ୍ଦିର ପ୍ରଶାସନକୁ ଅବଗତ କରିଛନ୍ତି। ଅପରାହ୍ନ ପ୍ରାୟ ୧ଟାରେ ପତିମହାପାତ୍ର ଶ୍ରୀମନ୍ଦିର କାର୍ଯ୍ୟାଳୟକୁ ଆସି ନୀତି ପ୍ରଶାସକ ବିଶ୍ୱଜିତ ବିଶ୍ୱାଳଙ୍କୁ ନିର୍ବାଚନ ପ୍ରକ୍ରିୟାର କାର୍ଯ୍ୟସୂଚୀ ପ୍ରଦାନ କରିଛନ୍ତି।

ଦଇତାପତି ନିଯୋଗ ନିର୍ବାଚନ ପାଇଁ ଆସନ୍ତା ୧୯ ତାରିଖରେ ପ୍ରାର୍ଥିପତ୍ର ଦାଖଲ କରାଯିବ। ଇଚ୍ଛୁକ ପ୍ରାର୍ଥୀମାନେ ଶ୍ରୀମନ୍ଦିର ଦକ୍ଷିଣ ଦ୍ୱାର ପ୍ରକୋଷ୍ଠରେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୩ଟା ମଧ୍ୟରେ ପ୍ରାର୍ଥିପତ୍ର ଦାଖଲ କରିପାରିବେ। ୨୦ ତାରିଖ ପ୍ରାର୍ଥିପତ୍ର ପ୍ରତ୍ୟାହାର ତାରିଖ ଧାର୍ଯ୍ୟ କରାଯାଇଛି। ନାମାଙ୍କନ ପତ୍ର ଦାଖଲ କରିଥିବା ପ୍ରାର୍ଥୀ ଚାହିଁଲେ ସେହିଦିନ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୨ଟା ଭିତରେ ତାଙ୍କ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିପାରିବେ। ଉକ୍ତ ଦିନ ଅପରାହ୍ନ ୪ଟାରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ୨୮ ତାରିଖରେ ୧୫ ଜଣ ସଭ୍ୟଙ୍କୁ ନିର୍ବାଚିତ କରିବା ଲାଗି ଦଇତାପତି ନିଯୋଗର ନିର୍ବାଚନ ଅନୁଷ୍ଠିତ ହେବ। ସକାଳ ୯ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ନିଯୋଗ ସଦସ୍ୟମାନେ ମତଦାନ କରିବେ। ଅପରାହ୍ନ ୪ଟାରୁ ଭୋଟ ଗଣତି କରାଯାଇ ଫଳାଫଳ ପ୍ରକାଶ ପାଇବ ବୋଲି ସ୍ଥାୟୀ ସଭାପତି ଗଣମାଧ୍ୟମକୁ ପ୍ରଦାନ କରିଥିବା ନିର୍ବାଚନ ପ୍ରକ୍ରିୟା କାର୍ଯ୍ୟସୂଚୀରେ ଉଲ୍ଲେଖ କରାଯାଇଛି।



ନବକିଶୋର ପତିମହାପାତ୍ର ନୀତି ପ୍ରଶାସକ ବିଶ୍ୱଜିତ ବିଶ୍ୱାଳଙ୍କୁ ନିର୍ବାଚନ ପ୍ରକ୍ରିୟାର କାର୍ଯ୍ୟସୂଚୀ ପ୍ରଦାନ କରୁଛନ୍ତି।

ଏ ସମ୍ପର୍କରେ ସ୍ଥାୟୀ ସଭାପତି ପତିମହାପାତ୍ର କହିଛନ୍ତି, ନିର୍ବାଚନ ନେଇ ଗତ ୧୧ ତାରିଖରେ ବୈଠକ ହୋଇଥିଲା। ସେଠାରେ ନିର୍ବାଚନ ହେବା ନେଇ ସଦସ୍ୟମାନେ ପ୍ରତିଶ୍ରୁତି ଦେଇଥିଲେ। ଶ୍ରୀମନ୍ଦିର ପ୍ରଶାସନକୁ ମଧ ନିର୍ବାଚନ ନେଇ କାଗଜପତ୍ର ଦେଇଥିଲୁ। ଏହା ଦେଖି ପ୍ରଶାସନ ନିଯୋଗର ନିର୍ବାଚନ ହେଉ ବୋଲି ଚିଠି କରିଥିଲା। ପ୍ରାୟ ୧୨୦ ଜଣ ଭୋଟଦାନ ପ୍ରକ୍ରିୟାରେ ଭାଗ ନେବେ। ନିର୍ବାଚିତ ୧୫ ଜଣ କିଏ କେଉଁ ପଦବୀରେ ରହିବେ ତାହା ପରବର୍ତ୍ତୀ ସମୟରେ ବଛାଯିବ। ନିଯୋଗରେ ଗୋଷ୍ଠୀ କନ୍ଦଳ ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ସେ କହିଥିଲେ, ନିର୍ବାଚନ ସଂକ୍ରାନ୍ତରେ ଆଲୋଚନା ଲାଗି ବୈଠକ ଡକାଯାଇଥିଲା। ବହୁ ସଂଖ୍ୟାରେ ଭାଗାରୀମାନେ ଏଥିରେ ଯୋଗଦେଇଥିଲେ। ସମସ୍ତେ ନିର୍ବାଚନ ପାଇଁ ଆଗ୍ରହ ପ୍ରକାଶ କରିଥିଲେ। ଆମେ ଆଇନ ଅନୁଯାୟୀ ଯାଉଛୁ ବୋଲି ପତିମହାପାତ୍ର କହିଥିଲେ। ତେବେ ନିଯୋଗ ଭାଙ୍ଗିବ ନାହିଁ ତ ପ୍ରଶ୍ନରେ ସେ କହିଥିଲେ, ଏଠି ଭାଙ୍ଗିବାର କିଛି ପ୍ରଶ୍ନ ଉଠୁନାହିଁ। ନିର୍ବାଚନ ହେବ, ଏଥିରେ ଯେଉଁମାନେ ନିର୍ବାଚିତ ହୋଇ ଆସିବେ ସେମାନେ ପୁଣି ଅନୁଷ୍ଠାନକୁ ଗଢିବେ।

ଅନ୍ୟପକ୍ଷରେ ନିଯୋଗର ସହ ସମ୍ପାଦକ ବିନାୟକ ଦାସ ମହାପାତ୍ର କହିଛନ୍ତି, ମହାପ୍ରଭୁଙ୍କ ରଥଯାତ୍ରା ଦଇତାପତିମାନେ ୩୦ ବର୍ଷ ହେଲା ଶୃଙ୍ଖଳିତ ଭାବେ କରିଆସୁଛନ୍ତି। ଆଗାମୀ ରଥଯାତ୍ରା ବି ଶୃଙ୍ଖଳିତ ଭାବେ କରିବେ। ନିଯୋଗରେ ୩/୪ ଜଣଙ୍କ ଭିତରେ ମନୋମାଳିନ୍ୟ ଯୋଗୁ ଏପରି ଘଟୁଛି। ଶ୍ରୀମନ୍ଦିର ପ୍ରଶାସନ ଉଭୟ ପକ୍ଷଙ୍କୁ ଡାକି ଏହାର ସମାଧାନର ରାସ୍ତା ବାହାର କରିବା ଦରକାର। ଏହି ନିର୍ବାଚନ ସମ୍ପୂର୍ଣ୍ଣ ବେଆଇନ। ବର୍ତ୍ତମାନ ବହୁ ଦଇତାପତି ବାହାରେ ଅଛନ୍ତି। ଅନ୍ୟପକ୍ଷରେ ଜଣେ ନିରପେକ୍ଷ ନିର୍ବାଚନ ଅଧିକାରୀ ରହିବା ଦରକାର। ଏହାକୁ ପାଳନ କରାଯାଇ ନାହିଁ। ତେଣୁ ଏହି ନିର୍ବାଚନକୁ ଗୋଟିଏ ଗୋଷ୍ଠୀ ବର୍ଜନ କରିବ ବୋଲି ସେ କହିଛନ୍ତି।

ସୂଚନାଥାଉ କି, ଗତ ୧୧ ତାରିଖରେ ଦଇତାପତି ନିଯୋଗର ସମାନ୍ତରାଳ ବୈଠକ ଅନୁଷ୍ଠିତ ହୋଇଥିଲା। ଗୋଟିଏ ଗୋଷ୍ଠୀ ଶ୍ରୀମନ୍ଦିର ପ୍ରଶାସନ ନିର୍ଦ୍ଦେଶ ମୁତାବକ ନିର୍ବାଚନ କରିବାକୁ ଅଡି ବସିଥିବା ବେଳେ ବିରୋଧୀ ଗୋଷ୍ଠୀ ନିର୍ବାଚନ ନ ହେବାକୁ ନେଇ ରଣକୌଶଳ ପ୍ରସ୍ତୁତ କରିଥିଲେ। ଏହି କନ୍ଦଳ ଭିତରେ ବୁଧବାର ସ୍ଥାୟୀ ସଭାପତିଙ୍କ ନିର୍ବାଚନ ଘୋଷଣା ଏବଂ ଏ ନେଇ ପ୍ରକ୍ରିୟା ଆରମ୍ଭ ହେଲା ବୋଲି ଗଣମାଧମ ଏବଂ ଶ୍ରୀମନ୍ଦିର ପ୍ରଶାସନକୁ ଅବଗତ କରାଇବା ଘଟଣାକୁ ରୋଚକ ମୋଡରେ ପହଞ୍ଚାଇଛି। ଆଗକୁ ମହାପ୍ରଭୁଙ୍କ ରଥଯାତ୍ରା ଆସୁଛି। ରଥଯାତ୍ରା ବିଧିରେ ଦଇତାପତି ହିଁ ମୁଖ୍ୟ ଭୂମିକା ନେଇଥାନ୍ତି। ହେଲେ ରଥଯାତ୍ରା ପାଇଁ ଶ୍ରୀମନ୍ଦିର ପ୍ରଶାସନ ଏକପ୍ରକାର ପ୍ରକ୍ରିୟା ଆରମ୍ଭ କରିଦେଇଥିବା ବେଳେ ଏବେ ଦଇତାପତିଙ୍କ ମଧ ଗୋଷ୍ଠୀ କନ୍ଦଳ ଯୋଗୁ ରଥଯାତ୍ରା ଶୃଙ୍ଖଳିତ ହେବା ଉପରେ ସନ୍ଦେହ ସୃଷ୍ଟି କରିଛି।

# ଆଉ ୨୬ ବସ୍ତା କଏନ ଜବତ

## ଆପରାଧିକ ପୃଷ୍ଠଭୂମି ଯାଞ୍ଚ କରିବ ପୋଲିସ: ଡିଜିପି

ଭୁବନେଶ୍ୱର, ୧୬।୧(ବ୍ୟୁରୋ)

କୋଲକାତାରୁ ୨ଟି ଘରୋଇ ବସ୍ ଯୋଗେ ଭୁବନେଶ୍ୱରକୁ ଚାଲାଣ ହୋଇଥିବା ୨୦ ବସ୍ତା କଏନକୁ ମଙ୍ଗଳବାର ଆୟକର ବିଭାଗର ଜିଏସ୍‌ଟି ଡିପାର୍ଟମେଣ୍ଟ ଜବତ କରିଥିଲା। ବସ୍‌ଦ୍ୱୟକୁ ଯାଞ୍ଚ କରାଯିବା ସମୟରେ ସେଥିରୁ ଆହୁରି ୨୬ ବସ୍ତା କଏନ୍ ଜବତ ହୋଇଛି। ଫଳରେ ମୋଟ ୪୬ ବସ୍ତା କଏନ୍‌କୁ ଜିଏସ୍‌ଟି ଡିପାର୍ଟମେଣ୍ଟ ଜବତ କରିଛି। ବସ୍‌ରୁ ଏତେ ମାତ୍ରାରେ କଏନ ମିଳିବା ଘଟଣା ପଛରେ ଯଦି କୌଣସି ଆପରାଧିକ ପୃଷ୍ଠଭୂମି ରହିଥାଏ କିମ୍ବା ବେଆଇନ ଅର୍ଥନୈତିକ କାରବାର କରାଯାଉଥାଏ, ତେବେ ପୋଲିସ ପକ୍ଷରୁ ଏହାର ତଦନ୍ତ କରାଯିବ ବୋଲି ଡିଜିପି ଡ. ଆର୍. ପି. ଶର୍ମା ସୂଚନା ଦେଇଛନ୍ତି।

ଜିଏସ୍‌ଟି ଅତିରିକ୍ତ କମିଶନର ସନ୍ତୋଷ ମହାନ୍ତି କହିଛନ୍ତି, ଜିଏସ୍‌ଟି ବିଭାଗ ପକ୍ଷରୁ ଆର୍‌ବିଆଇକୁ ଏ ସମ୍ପର୍କରେ ଅବଗତ କରାଯିବା ସହ ଘଟଣାର ତଦନ୍ତ କରାଯାଉଛି। ପଶ୍ଚିମବଙ୍ଗରୁ ଏତେ ମାତ୍ରାରେ କଏନ କାହିଁକି ଓଡିଶା ଅଣାଯାଉଥିଲା, ଏହା ପଛରେ କି ଉଦ୍ଦେଶ୍ୟ ରହିଛି ସେନେଇ ଆରବିଆଇ ତଦନ୍ତ କରୁଛି। ଆରବିଆଇ ପକ୍ଷରୁ ରିପୋର୍ଟ ଦିଆଯିବା ପରେ କଏନ ପଛରେ ରହିଥିବା ରହସ୍ୟ ପଦାକୁ ଆସିବ। ଆବଶ୍ୟକ ପଡିଲେ ପୋଲିସକୁ ଏହାର ତଦନ୍ତ ପାଇଁ ସୁପାରିସ କରାଯିବ।

ଅନ୍ୟପଟେ ଏହି ଘଟଣାରେ ଅଟକ ଥିବା ଜଣେ ଚାଲାଣକାରୀ ଉଦୟ ବିଶ୍ୱାଳ କହିଛନ୍ତି, କୋଲକାତାରୁ କଏନ ଆଣି ଭୁବନେଶ୍ୱରରେ ଥିବା ମଲ୍, ଟୋଲଗେଟ ଏବଂ ବିଭିନ୍ନ ହାଟରେ ଦିଆଯାଉଥିଲା। ଏଥିରେ ସେମାନଙ୍କୁ ଦୁଇ ପ୍ରତିଶତ ଅର୍ଥ ଲାଭ ମିଳିଥାଏ। ଏଥିରେ କୌଣସି ବେଆଇନ କାର୍ଯ୍ୟ କରାଯାଏ ନାହିଁ, ରାଜଧାନୀରେ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଲୋକ ଏହି କାର୍ଯ୍ୟରେ ନିୟୋଜିତ ରହି ଗୁଜୁରାଣ ମେଣ୍ଟାଉଛନ୍ତି।

## ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିବେ ରାଜ୍ୟପାଳ

# ରାଜ୍ୟରେ ଖୋର୍ଦ୍ଧା ଜିଲାରେ ପ୍ରଥମ ସମୀକ୍ଷା

ଖୋର୍ଦ୍ଧା ଅଫିସ,୧୬।୧

ଖୋର୍ଦ୍ଧା ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ରାଜ୍ୟପାଳ ଗଣେଶୀ ଲାଲ ଗୁରୁବାର ପୂର୍ବାହ୍ନ ପ୍ରାୟ ୧୧ଟାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିବେ। ଏହାକୁ ଆଖି ଆଗରେ ରଖି ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଠିକ୍ ତଥ୍ୟ ଉପସ୍ଥାପନ ପାଇଁ ଚେଷ୍ଟା ଜାରି ରହିଛି। ରାଜ୍ୟପାଳଙ୍କ ଏହି ସମୀକ୍ଷା ରାଜ୍ୟରେ ପ୍ରଥମ ବୋଲି କୁହାଯାଉଛି। ତାହା ପୁଣି ରାଜ୍ୟର ୧ ନମ୍ବର ଜିଲା ଖୋର୍ଦ୍ଧାରୁ ଆରମ୍ଭ ହେବାକୁ ଯାଉଛି।

# ଜାଗାବାଡିକୁ ନେଇ ମହିଳାଙ୍କୁ ଆକ୍ରମଣ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୧୬।୧(ବ୍ୟୁରୋ): ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଜମିବାଡି ବିବାଦକୁ ନେଇ ଜଣେ ମହିଳା ଏବଂ ତାଙ୍କ ପରିବାରକୁ ଆକ୍ରମଣ କରିବା ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ମଞ୍ଚେଶ୍ୱର ଥାନା ଅଧୀନ ଆଖଣ୍ଡଳମଣି ବସ୍ତି ଅଞ୍ଚଳର ଗଜେନ୍ଦ୍ର ରାଉତରାଏ ଓରଫ ଧଇଁଆ। ସୂଚନା ମୁତାବକ, ମଞ୍ଚେଶ୍ୱର ଥାନା ଅଧୀନ ଇଡ୍‌କୋ ପ୍ଲଟ ନମ୍ବର ୧୭୩ରେ ମହିଳା ଘର କରି ରହୁଥିଲେ। ଗଜେନ୍ଦ୍ର ଉକ୍ତ ଜମିକୁ ନିଜର ଦାବି କରି ସେଠାରୁ ମହିଳାଙ୍କୁ ଘର ଛାଡିବା ପାଇଁ ଧମକ ଦେଇଥିଲେ। ମହିଳା ସେହି ପ୍ଲଟକୁ ନିଜର ଦର୍ଶାଇ ଘର ଖାଲି କରି ନ ଥିଲେ। ଗତ ନଭେମ୍ବର ୨୨ରେ ଗଜେନ୍ଦ୍ର ନିଜ ସହଯୋଗୀଙ୍କ ସହ ପହଞ୍ଚି ମହିଳାଙ୍କ ଘରେ ଭଙ୍ଗାରୁଜା କରିଥିଲେ। ମହିଳା ଏବଂ ତାଙ୍କ ପରିବାର ଲୋକେ ବିରୋଧ କରିବାରୁ ଅଭିଯୁକ୍ତମାନେ ସେମାନଙ୍କୁ ମାଡ଼ ମାରି ଫେରାର ହୋଇଯାଇଥିଲେ। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ଏକ ମାମଲା(୫୫୪/୧୮) ରୁଜୁ ହୋଇଥିଲା। ବୁଧବାର ପୋଲିସ ଅଭିଯୁକ୍ତ ଗଜେନ୍ଦ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ତୃପ୍ତି ଦାସ ପାଇବେ 'ପ୍ରଣବ ପରମ୍ପରା ସମ୍ମାନ'

ଭୁବନେଶ୍ୱର,୧୬।୧(ବ୍ୟୁରୋ)

ସମ୍ଭାବନା ପକ୍ଷରୁ କିମ୍ବଦନ୍ତୀ ଗାୟକ ପ୍ରଣବ କିଶୋର ପଟ୍ଟନାୟକଙ୍କ ଜନ୍ମଦିବସ ଅବସରରେ ନିଆରା କାର୍ଯ୍ୟକ୍ରମ 'ପ୍ରଣବ ପ୍ରଣାମ' ଆସନ୍ତା ୧୯ ତାରିଖରେ ସୂଚନା ଭବନଠାରେ ଆୟୋଜନ ହେବ। ଏହି ଅବସରରେ ରୁଚିସମ୍ପନ୍ନ ଓ ଭାବପୂର୍ଣ୍ଣ ଓଡ଼ିଆ ସଙ୍ଗୀତ ଗାୟନ ପାଇଁ ପ୍ରତିବର୍ଷ 'ପ୍ରଣବ ପରମ୍ପରା ସମ୍ମାନ' ପ୍ରଦାନ କରାଯାଉଥିବା ବେଳେ ଚଳିତବର୍ଷ ଏହି ସମ୍ମାନ ଜଣାଶୁଣା କଣ୍ଠଶିଳ୍ପୀ ତୃପ୍ତି ଦାସଙ୍କୁ ପ୍ରଦାନ କରାଯିବ। ଏ ନେଇ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ସମ୍ମିଳନୀରେ ସମ୍ଭାବନାର ପରିଚାଳନା ଟ୍ରଷ୍ଟି ଦେବପ୍ରସାଦ ପରିଜା, ସମ୍ଭାବନାର ଟ୍ରଷ୍ଟି ସ୍ମୃତି ମହାନ୍ତି, ରାଜଶ୍ରୀ ଶତପଥୀ, ଛନ୍ଦା ମିଶ୍ର ଏବଂ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ସମ୍ମାନ ପ୍ରଦାନ ଉତ୍ସବ ସହ ଏହି ଅବସରରେ ସଙ୍ଗୀତଭିତ୍ତିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। କଣ୍ଠଶିଳ୍ପୀ ବିଷ୍ଣୁମୋହନ କବି, ପ୍ରମୋଦ ବେହେରା, ସୁଶାନ୍ତ ପଣ୍ଡା, ଛନ୍ଦା ମିଶ୍ର, ଲିପ୍‌ସା ମିଶ୍ର, ସିଦ୍ଧାନ୍ତ ଶତପଥୀ, ଅର୍ଣ୍ଣବ ପଣ୍ଡା, ରଚିକା ରିମ୍‌ଝିମ୍, ଇପ୍‌ସିତା ମହାନ୍ତି ପ୍ରମୁଖ ପ୍ରଣବ ସଙ୍ଗୀତ ପରିବେଷଣ କରିବେ। ପୂର୍ବରୁ ସ୍ୱରୂପା ଚକ୍ରବର୍ତ୍ତୀ, ଗୀତା ପଟ୍ଟନାୟକ, ଚିତ୍ତ ଜେନା, ଆରତି ମିଶ୍ର, ଶ୍ୟାମାମଣି ଦେବୀ ଓ ଶେଖର ଘୋଷ ପ୍ରଣବ ପରମ୍ପରା ସମ୍ମାନ ଗ୍ରହଣ କରିଛନ୍ତି।



ବୁଧବାର କଟକ ବକ୍ସିବଜାର ରିଜର୍ଭ ପୋଲିସ ପଡ଼ିଆ ପରିସରରେ ଉଡୁଥିବା ତାଲିମପ୍ରାପ୍ତ ପାରା।

# ଅଭିନୟରେ ଶିବଙ୍କ ନିକଟରେ ମୁକ୍ତି ପ୍ରାର୍ଥନା

ପୁରୁଣା ଭୁବନେଶ୍ୱର, ୧୬।୧(ଡି.ଏନ.ଏ.)

## ମୁକ୍ତେଶ୍ୱର ଉତ୍ସବ ଉଦ୍‌ଯାପିତ

ଓଡ଼ିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ୩ ଦିନ ଧରି ମୁକ୍ତେଶ୍ୱର ମନ୍ଦିର ପରିସରରେ ଚାଲିଥିବା ମୁକ୍ତେଶ୍ୱର ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଅନ୍ତିମ ସନ୍ଧ୍ୟାର ଅନ୍ତିମ ଅର୍ଘ୍ୟ ଥିଲା ରାଗ ପଲ୍ଲବୀରେ ଶିବ ପଞ୍ଚାକ୍ଷର ସ୍ତୋତ୍ରମ ଏବଂ ରୁଦ୍ର ଆରତି। ଗୁଞ୍ଜନ ଡ୍ୟାନ୍ସ ଏକାଡେମୀର କଳାକାରମାନେ ଏହାକୁ ପ୍ରଦର୍ଶିତ କରିଥିଲେ। ଏହାର ନୃତ୍ୟ ସଂଯୋଜନା କରିଥିଲେ ମୀରା ଦାସ। ନୃତ୍ୟ ମାଧମରେ କଳାକାରମାନେ ସଂହାର କର୍ତ୍ତା ଶିବଙ୍କ ନିକଟରେ ମୁକ୍ତି ପ୍ରାର୍ଥନା ଅଭିନୟ ଦର୍ଶକଙ୍କ ମନ ମୋହିଥିଲା। ସନ୍ଧ୍ୟାରେ ଭରପୂର ଦର୍ଶକ ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତକୁ ଉପଭୋଗ କରିଥିଲେ। କାର୍ଯ୍ୟକ୍ରମର ଆରମ୍ଭ ହୋଇଥିଲା ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର କଳାକାରଙ୍କ ଦ୍ୱାରା ଶିବ ବନ୍ଦନା ଉମାଶଙ୍କର ସ୍ତୋତ୍ରମରୁ। ଏହାର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ଡ. ବିଜୟ କୁମାର ଜେନା। ଓଡ଼ିଶୀ ନୃତ୍ୟର ଏକକ ପର୍ଯ୍ୟାୟରେ ଓଡ଼ିଶୀ ନୃତ୍ୟଶିଳ୍ପୀ ଜାହ୍ନବୀ ବେହେରାଙ୍କ ଦ୍ୱାରା ପ୍ରଥମେ ଜଗନ୍ନାଥ ଅଷ୍ଟକମ ପରେ ଖମାଜି ପଲ୍ଲବୀ ଏବଂ ତାଙ୍କର ଶେଷ ପ୍ରସ୍ତୁତିରେ ଥିଲା ଦେବୀ ସ୍ତୋତ୍ରମ ଅୟୀଗିରିନନ୍ଦିନୀ। ଯାହାର ନୃତ୍ୟ ସଂଯୋଜନା କରିଥିଲେ ଗୁରୁ ଅରୁଣା ମହାନ୍ତି। ଯୁଗ୍ମ ନୃତ୍ୟ ପର୍ଯ୍ୟାୟରେ ଉତ୍କଳ ସଂସ୍କୃତି ମହାବିଦ୍ୟାଳୟର ତପନ କୁମାର ସାହୁ ଓ ବିଦ୍ୟା ବିଶ୍ୱଜିତାଙ୍କ ଦ୍ୱାରା ପ୍ରଥମେ ପଲ୍ଲବୀ ରାଗ ଗତି ପରେ ସେମାନଙ୍କ ପ୍ରସ୍ତୁତିଟି ଥିଲା ପଞ୍ଚ ପରମେଶ୍ୱର, ଏହାର ନୃତ୍ୟ ସଂଯୋଜନା କରିଥିଲେ ଗୁରୁ ମନୋରଞ୍ଜନ ପ୍ରଧାନ ଏବଂ ଲିଙ୍ଗରାଜ ସ୍ୱାଇଁ। ସନ୍ଧ୍ୟାର ଅତିଥିମାନେ ଥିଲେ ଓଡ଼ିଶାର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଲକ୍ଷ୍ମୀ ନାରାୟଣ ଗୁପ୍ତା, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳପତି କମଳାକାନ୍ତ ମିଶ୍ର, ପର୍ଯ୍ୟଟନ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଉତ୍ପଳ କୁମାର ପତି, ଗୀତିକାର ନିତ୍ୟାନନ୍ଦ ମିଶ୍ର ଗୁରୁ କେଳୁଚରଣ ମହାପାତ୍ର ଏବଂ ଓଡ଼ିଶୀ ଗବେଷଣା କେନ୍ଦ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ ଡ. ସଙ୍ଗୀତା ଗୋସାଇଁ। କାର୍ଯ୍ୟକ୍ରମକୁ ଡ. ଶ୍ରୀନିବାସ ଘଟୁଆରୀ ଓ ଅନୁଜା ତାରିଣୀ ମିଶ୍ର ପରିଚାଳନା କରିଥିଲେ।



ମୁକ୍ତେଶ୍ୱର ମନ୍ଦିର ପରିସରରେ ବୁଧବାର ମୁକ୍ତେଶ୍ୱର ଉତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ପରିବେଷିତ ଓଡ଼ିଶୀ ନୃତ୍ୟ।

# ଓରାୟନ କ୍ରୀଡ଼ା ମହୋତ୍ସବ ଉଦ୍‌ଘାଟିତ

କଟକ ଅଫିସ, ୧୬।୧

ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ନିଜସ୍ୱ ଖେଳ ପଡ଼ିଆଠାରେ ଓରାୟନ କ୍ରୀଡା ମହୋତ୍ସବ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ କ୍ରୀଡା ଏବଂ ଯୁବବ୍ୟାପାର ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଚନ୍ଦ୍ରସାରଥୀ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏଥିରେ ଭଲିବଲ, ବାସ୍କେଟବଲ, ଟେବୁଲଟେନିସ, କ୍ରିକେଟ ଏବଂ ଫୁଟସାଲ ଆଦି ଅନେକ ଆନ୍ତ ବିଶ୍ୱବିଦ୍ୟାଳୟ କ୍ରୀଡା ପ୍ରତିଯୋଗିତା ହେବାର କାର୍ଯ୍ୟକ୍ରମ ରହିଛି। ଉଦ୍‌ଘାଟନୀ ଉତ୍ସବରେ ବିଶ୍ୱବିଦ୍ୟାଳୟ କୁଳପତି ଡ. ନନ୍ଦଲାଲ, କୁଳସଚିବ କମୋଡର ଘନଶ୍ୟାମ ଓଝା, ଛାତ୍ର ବ୍ୟବସ୍ଥା ନିର୍ଦ୍ଦେଶକ କ୍ୟାପ୍‌ଟେନ ଚନ୍ଦ୍ରଶେଖର ପଣ୍ଡା ଓ କାର୍ମିକ ନିର୍ଦ୍ଦେଶକ ନରେନ୍ଦ୍ର ଲାମ୍ବା ଉପସ୍ଥିତ ଥିଲେ। ବେଦପଣ୍ଡିତଙ୍କ ପବିତ୍ର ବେଦ ଧ୍ୱନି ସହିତ ମହୋତ୍ସବ ଆରମ୍ଭ ହେବା ପରେ ଛାତ୍ର ବ୍ୟବସ୍ଥା ନିର୍ଦ୍ଦେଶକ କ୍ୟାପଟେନ ପଣ୍ଡା ପ୍ରତିଯୋଗିତା ସମ୍ପର୍କରେ ସୂଚନା ଦେଇଥିଲେ। କ୍ରୀଡାମନ୍ତ୍ରୀ ବେହେରା ଜାତୀୟ ପତାକା ଉତ୍ତୋଳନ କରିବା ସହ କ୍ରୀଡା ମଶାଲ ପ୍ରଜ୍ୱଳିତ କରି ପ୍ରତିଯୋଗୀମାନଙ୍କୁ ଅଭିନନ୍ଦନ ଜ୍ଞାପନ କରିଥିଲେ। ପ୍ରତିଯୋଗୀଙ୍କ ମନୋବଳ ବୃଦ୍ଧି ପାଇଁ ସେମାନଙ୍କୁ ଉତ୍ସାହିତ କରିବା ସହ ଜଣେ ସଚ୍ଚୋଟ କ୍ରୀଡ଼ାବିତ ହେବା ପାଇଁ ପରାମର୍ଶ ଦେଇଥିଲେ। କ୍ରୀଡା ପ୍ରତିଯୋଗିତା ବ୍ୟତୀତ ଓରାୟନ ମହୋତ୍ସବରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ମଧ ରହିଛି।

# ବେଆଇନ ଆପାର୍ଟମେଣ୍ଟ ସିଲ୍ କଲା ସିଇଏମ୍‌ସି

ଭୁବନେଶ୍ୱର, ୧୬।୧(ବ୍ୟୁରୋ)

ବିଡିଏ, ବିଏମ୍‌ସି ଏବଂ କମିଶନରେଟ ପୋଲିସର ମିଳିତ ଅଭିଯାନରେ ସେଣ୍ଟ୍ରାଲ ଏନଫୋର୍ସମେଣ୍ଟର ମନିଟରିଂ କମିଟି(ସିଇଏମସି) ମଙ୍ଗଳବାର ଭୁବନେଶ୍ୱର ଅଖିଳ ଭାରତ ଆୟୁର୍ବିଜ୍ଞାନ ସଂସ୍ଥାନ(ଏମ୍ସ) ନିକଟରେ ଥିବା ଏକ ବେଆଇନ ଆପାର୍ଟମେଣ୍ଟକୁ ସିଲ କରିଛି। ବାସେରା ଡିଜାଇନ ପ୍ରାଇଭେଟ୍ ଲିମିଟେଡ ଦ୍ୱାରା ପ୍ଲଟ ନଂ. ୭୨/୫୨୩, ୭୩/୫୩୪, ୭୩/୫୪୫, ୭୨/୫୪୮ ଏବଂ ୭୧/୫୪୦ରେ ନିର୍ମାଣ କରାଯାଇଥିବା ଏହି ଆପାର୍ଟମେଣ୍ଟ ନାମରେ ବିଡିଏ ପକ୍ଷରୁ ୨୦୧୫ ଅଗଷ୍ଟ ୧୯ରେ ମାମଲା ରୁଜୁ କରାଯାଇଥିଲା। ସିଜୁଆ ମୌଜାରେ ଥିବା ଏହି ବେଆଇନ ଆପାର୍ଟମେଣ୍ଟକୁ ଓଡିଏ ସେକ୍ସନ ୯୨ ଓ ସବ୍‌ସେକ୍ସନ-।। ଅନୁଯାୟୀ ନିର୍ମାଣ ବନ୍ଦ କରିବାକୁ ପରାମର୍ଶ ଦିଆଯାଇଥିଲା। ମାତ୍ର ଉକ୍ତ ସଂସ୍ଥା ଏହାକୁ ବେଖାତିର କରିଥିଲା। ପ୍ରଥମ ଥର ପାଇଁ ବିଡିଏ ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ଏକ ବେଆଇନ ଆପାର୍ଟମେଣ୍ଟକୁ ସିଲ କରିଥିବା ବିଡିଏ ଏନ୍‌ଫୋର୍ସମେଣ୍ଟ ଅଫିସର ପ୍ରମୋଦ ପାତ୍ର କହିଛନ୍ତି। ଆପାର୍ଟମେଣ୍ଟ ସିଲ ସମୟରେ ଏସିପି ପ୍ରାଣକୃଷ୍ଣ ରାଉତ, ବିଡିଏ ଲିଆସନିଂ ଅଫିସର ସୁଭ୍ରାଂଶୁ ଶେଖର ମହାନ୍ତି, ଖଣ୍ଡଗିରି ଥାନା ଏଏସ୍‌ଆଇ ପୂର୍ଣ୍ଣଚନ୍ଦ୍ର ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ।




ଅତିଥିମାନେ ମୟୂରଭଞ୍ଜ ଉତ୍ସବ ପାଇଁ ବ୍ରୋସିୟର ଉନ୍ମୋଚନ କରୁଛନ୍ତି।

# ୧୮ରୁ ମୟୂରଭଞ୍ଜ ଉତ୍ସବ

ଭୁବନେଶ୍ୱର,୧୬।୧(ବ୍ୟୁରୋ)

ଭୁବନେଶ୍ୱରସ୍ଥିତ ମୟୂରଭଞ୍ଜ ସାଂସ୍କୃତିକ ସଂସଦ ଆନୁକୂଲ୍ୟରେ ଜାନୁୟାରୀ ୧୮ରୁ ୨୦ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଉତ୍କଳ ମଣ୍ଡପଠାରେ ମୟୂରଭଞ୍ଜ ଉତ୍ସବ ଅନୁଷ୍ଠିତ ହେବ। ରାଜ୍ୟ ଏବଂ ରାଜଧାନୀବାସୀଙ୍କ ମଧ୍ୟରେ ମୟୂରଭଞ୍ଜ ସଂସ୍କୃତିର ପ୍ରଚାର ପ୍ରସାର ଲକ୍ଷ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରାଜଧାନୀ ମଞ୍ଚରେ ସୁଦୂର ମୟୂରଭଞ୍ଜର କଳାକାରମାନଙ୍କୁ ନିଜ ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗ ଦେବ। ଏହାବ୍ୟତୀତ ମୟୂରଭଞ୍ଜର ଉତ୍କୃଷ୍ଟ ପର୍ଯ୍ୟଟନ ପ୍ରତି ଲୋକଙ୍କୁ ଆକୃଷ୍ଟ କରିବା ଏହାର ଆଉ ଏକ ଉଦ୍ଦେଶ୍ୟ ହେବ।

କାର୍ଯ୍ୟକ୍ରମର ତିନୋଟି ମୁଖ୍ୟ ଆକର୍ଷଣ ସାଂସ୍କୃତିକ କାର୍ଯ୍ୟକ୍ରମ, କ୍ରାଫ୍ଟମେଳା ଓ ସ୍ୱାଦିଷ୍ଟ ବ୍ୟଞ୍ଜନକୁ ନେଇ ଚଳିତବର୍ଷ ମହୋତ୍ସବର ଆୟୋଜନ କରାଯିବ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଉଭୟ ପ୍ରତିଷ୍ଠିତ ଓ ଉଦୀୟମାନ କଳାକାରମାନେ ଆଧୁନିକ ଏବଂ ପାରମ୍ପରିକ କାର୍ଯ୍ୟକ୍ରମ ପରିବେଷଣ କରିବେ। ମୟୂରଭଞ୍ଜର ବିଭିନ୍ନ ସ୍ଥାନରୁ ଏଥିପାଇଁ କଳାକାରଙ୍କୁ ବଛାଯାଇଛି। ଜିଲାର ପ୍ରସିଦ୍ଧ ଛଉନାଚ, ଝୁମର ନୃତ୍ୟ ଓ ସଙ୍ଗୀତ, ପ୍ରାଚୀନ ଆଦିବାସୀ ନୃତ୍ୟ ସହିତ ମୟୂରଭଞ୍ଜର ସିନେମା ଓ ଟେଲିଭିଜନ କଳାକାରମାନଙ୍କୁ ନେଇ ସ୍ୱତନ୍ତ୍ର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ସେହିଭଳି କ୍ରାଫ୍ଟମେଳାରେ ଖିଚିଂର ପଥର ବାସନ ଏବଂ ମୟୂରଭଞ୍ଜର ଟସରକୁ ନେଇ ସ୍ୱତନ୍ତ୍ର ଷ୍ଟଲ୍ ଖୋଲାଯିବ। ଏହାବ୍ୟତୀତ ଦର୍ଶକ ମୟୂରଭଞ୍ଜ ପ୍ରସିଦ୍ଧ ମୁଢ଼ିମାଂସ ଓ ବିଭିନ୍ନ ପାରମ୍ପରିକ ଖାଦ୍ୟର ମଜା ନେଇପାରିବେ। ଏ ନେଇ ବୁଧବାର ମୟୂରଭଞ୍ଜ ସାଂସ୍କୃତିକ ସଂସଦ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସାଧାରଣ ସମ୍ପାଦକ ଗୋକୁଳ ଚନ୍ଦ୍ର ଦାସ ସୂଚନା ଦେଇଛନ୍ତି।



ଆଜିର କାମ ଆସନ୍ତା କାଲିକୁ ବାକି ରଖି ନଥିବା ଲୋକ ଜୀବନରେ ସବୁବେଳେ ଆଗରେ ଥାଏ ଏବଂ ଏକ ଉଜ୍ଜ୍ୱଳମୟ ଭବିଷ୍ୟତ ସେହି କର୍ମବୀର ପାଇଁ ଅପେକ୍ଷା କରିଥାଏ।
- କାର୍ଲାଇଲ

## ସଂକ୍ଷେପରେ

### ପୁରୀ ରେଲ୍‌ୱେ ଷ୍ଟେଶନରେ ଦୁର୍ଘଟଣା
## ପ୍ଲାଟ୍‌ଫର୍ମରେ ପିଟିହେଲା ଟ୍ରେନ୍ ଇଞ୍ଜିନ




**ପୁରୀଅଫିସ,୧୬।୧:** ପୁରୀ ରେଲ୍‌ୱେ ଷ୍ଟେଶନରେ ବୁଧବାର ଏକ ଦୁର୍ଘଟଣା ଘଟିଛି। ପୁରୁଷୋତ୍ତମ ଏକ୍ସପ୍ରେସ ଇଞ୍ଜିନ ଦ୍ରୁତଗତିରେ ଆସି ପ୍ଲାଟ୍‌ଫର୍ମକୁ ଧକ୍କା ଦେଇଛି। ତେବେ ଏଥିରେ ପ୍ଲାଟ୍‌ଫର୍ମ ଓ ଇଞ୍ଜିନ କ୍ଷତିଗ୍ରସ୍ତ ହୋଇଥିବାବେଳେ ପ୍ଲାଟ୍‌ଫର୍ମରେ କିଛି ସମୟ ପାଇଁ ଆତଙ୍କ ଖେଳିଯାଇଥିଲା। ପ୍ରଚଣ୍ଡ ଶବ୍ଦ ସହ ପ୍ଲାଟ୍‌ଫର୍ମଟି ଥରି ଉଠିଥିଲା। ଉପସ୍ଥିତ ଯାତ୍ରୀ ଓ ଅନ୍ୟମାନେ ଭୟରେ ଚିତ୍କାର କରି ଦୌଡିଥିଲେ। ମଧ୍ୟାହ୍ନ ପ୍ରାୟ ୧୨ଟାରେ ଏହି ଘଟଣା ଘଟିଥିଲା। ପୁରୁଷୋତ୍ତମ ଏକ୍ସପ୍ରେସର ଇଞ୍ଜିନ ୩ ନମ୍ବର ପ୍ଲାଟଫର୍ମକୁ ଆସୁଥିଲା। ତେବେ କ'ଣ ପାଇଁ ହଠାତ୍ ଇଞ୍ଜିନର ବେଗ ବଢ଼ିବା ସହ ପ୍ଲାଟ୍‌ଫର୍ମରେ ଧକ୍କା ହେଲା ତାହା ସ୍ପଷ୍ଟ ହୋଇ ନ ଥିଲେ ମଧ ଯାନ୍ତ୍ରିକ ତ୍ରୁଟି କିମ୍ବା ଡ୍ରାଇଭରଙ୍କ ଅସବାଧନତାରୁ ଏହି ଘଟଣା ଘଟିଥିବା ସନ୍ଦେହ କରାଯାଉଛି। ଏ ସମ୍ପର୍କରେ ଷ୍ଟେଶନ ଡାଇରେକ୍ଟର ପି.କେ ପରିଚ୍ଛା କୁହନ୍ତି, କେଉଁ କାରଣରୁ ଏଭଳି ଦୁର୍ଘଟଣା ଘଟିଲା ତାହା ଜଣାପଡ଼ିନି। ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର, ୧୬।୧(ବ୍ୟୁରୋ):** କ୍ୟାପିଟାଲ ଥାନା ଅଞ୍ଚଳରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିବା ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ କ୍ୟାପିଟାଲ ଥାନା ୟୁନିଟ-୬ ଅଞ୍ଚଳର ସୁଶାନ୍ତ କୁମାର ବାରିକ ଓରଫ ଗେଡା। ସୁଚନା ମୁତାବକ, ୟୁନିଟ-୬ ସଡ଼କ ବସ୍ତି ଅଞ୍ଚଳରେ ରହୁଥିବା ମନୋଜ କୁମାର ନାୟକଙ୍କ ସହ ଗେଡ଼ାଙ୍କର ପୂର୍ବ ଶତ୍ରୁତା ରହିଥିଲା। ଗତ ଅକ୍ଟୋବର ୧୫ରେ ମନୋଜ ଘରକୁ ଫେରୁଥିବାବେଳେ ଗେଡା ଏବଂ ତାଙ୍କ ସହଯୋଗୀମାନେ ତାଙ୍କୁ ଆକ୍ରମଣ କରିଥିଲେ। ମନୋଜଙ୍କୁ ଗୁରୁତର ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏ ନେଇ ଅଭିଯୋଗ ହେବା ପରେ ଥାନାରେ ଏକ ମାମଲା(୩୫୬/୧୮) ରୁଜୁ ହୋଇଥିଲା। ବୁଧବାର ପୋଲିସ ଗେଡ଼ାଙ୍କୁ ବାପୁଜୀନଗର ଅଞ୍ଚଳରୁ ଗିରଫ କରିଛି।

## ରେଳଧାରଣାରୁ ଯୁବକଙ୍କ ମୃତଦେହ ଜବତ

**ଭୁବନେଶ୍ୱର, ୧୬।୧(ବ୍ୟୁରୋ):** ମଞ୍ଚେଶ୍ୱର ନିକଟ ରେଳ ଧାରଣାରୁ ବୁଧବାର ଜଣେ ଯୁବକଙ୍କ ମୃତଦେହକୁ ପୋଲିସ ଜବତ କରିଛି। ଜିଆରପି ସୂଚନା ମୁତାବକ, ମୃତକଙ୍କ ପରିଚୟ ମିଳିପାରି ନ ଥିବାବେଳେ ତାଙ୍କ ବୟସ ୩୫ରୁ ୪୦ ବର୍ଷ ମଧରେ ହେବ। ସକାଳ ପ୍ରାୟ ୬ଟାରେ ରେଳଧାରଣାରେ ମୃତଦେହ ପଡ଼ିଥିବା ଖବର ମିଳିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ମୃତକଙ୍କ ଶରୀରରେ କୌଣସି ସ୍ଥାନରେ କ୍ଷତ ଚିହ୍ନ ନ ଥିବାବେଳେ କୌଣସି ଶକ୍ତ ଆଘାତ ଲାଗି ତାଙ୍କ ମୁଣ୍ଡରୁ ଖପୁରି ଉଠିଯାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଜିଆରପି ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଉଛି।

### ଶ୍ରୀମନ୍ଦିର ପ୍ରଶାସନର ନୋଟିସ ଛାଟ
# ୧୨ ଦିନରେ ୨ ନୋଟିସ୍, ତାଗିଦା ଚିଠି

**ପୁରୀ ଅଫିସ,୧୬।୧**

ଶ୍ରୀମନ୍ଦିର ପ୍ରଶାସନ ଏବେ କଠୋର ଆଭିମୁଖ୍ୟ ଗ୍ରହଣ କରିଛି। ଶ୍ରୀମନ୍ଦିରରେ ବିଶୃଙ୍ଖଳା ଏବଂ ବିଭ୍ରାଟ ପାଇଁ ୧୨ ଦିନ ମଧ୍ୟରେ ଗୋଟିଏ ତାଗିଦା ଚିଠି ଏବଂ ୨ଟି ନୋଟିସ୍ ଜାରି କରିଛି। ହଠାତ୍ ମନ୍ଦିର ପ୍ରଶାସନର ଏଭଳି ଆଭିମୁଖ୍ୟକୁ ନେଇ ଭୟଭୀତ ହୋଇପଡିଛନ୍ତି ସେବାୟତ। ଏପରି କି ଦୀର୍ଘଦିନ ଧରି ରହିଥିବା କିଛି ଧାରାରେ ବି ପରିବର୍ତ୍ତନର ଆଭାସ ମିଳୁଛି। ଫଳସ୍ୱରୂପ ନୂଆବର୍ଷ ପରଠାରୁ ଠାକୁରଙ୍କ ନୀତିକାନ୍ତି ପ୍ରାୟତଃ ଠିକ୍‌ଠାକ ଚାଲିଛି। ଏହା ଶ୍ରୀମନ୍ଦିର ପ୍ରଶାସନର ତାଗିଦା ଚିଠିର ପ୍ରଭାବ ବୋଲି ଆଲୋଚନା ହେଉଛି।

ଗତ ୩ ତାରିଖରେ ମୁଖ୍ୟ ପ୍ରଶାସକଙ୍କ ଆଦେଶକ୍ରମେ ନୀତି ପ୍ରଶାସକ ବିଶ୍ୱଜିତ ବିଶ୍ୱାଳ ସବୁ ନିଯୋଗର ସମ୍ପାଦକଙ୍କ ପାଖକୁ ଏକ ତାଗିଦା ଚିଠି କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ଶ୍ରୀବିଗ୍ରହଙ୍କ ଦୈନନ୍ଦିନ ତଥା ପର୍ବପର୍ବାଣି ଦିନମାନଙ୍କରେ ଧାର୍ଯ୍ୟ ସମୟରେ ନୀତି ସମ୍ପାଦନ କରିବାରେ କେତେକ ବିଳମ୍ବ ପରିଲକ୍ଷିତ ହେଉଛି। ବିଳମ୍ବ କେତେ ସମୟ ହେଉଛି ଏବଂ ଏହାର କାରଣ କମ୍ପ୍ୟୁଟର ମାଧ୍ୟମରେ ପଞ୍ଜୀକୃତ କରି ରଖିବା ଲାଗି ବ୍ୟବସ୍ଥା କରାଯାଉଛି। ନିଯୋଗ ପକ୍ଷରୁ ପାଳିଆ ସେବକଙ୍କୁ ଧାର୍ଯ୍ୟ ସମୟରେ ମହାପ୍ରଭୁଙ୍କ ନୀତି ସମ୍ପାଦନ କରିବା ଲାଗି ପରାମର୍ଶ ଦେବେ। କୌଣସି ସେବକ ଧାର୍ଯ୍ୟ ସମୟରେ ନୀତି ସମ୍ପାଦନ କରିବାରେ ବିଳମ୍ବ କେଲେ ସମ୍ପୃକ୍ତ ସେବକଙ୍କ ସେହି ଦିନର ପାଳିଆ ପୁରସ୍କାର ଏବଂ ଅନ୍ୟ ପ୍ରାପ୍ୟ ପାଉଣା ସ୍ଥଗିତ ରଖାଯାଇ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେବାରେ ୧୫ ମିନିଟ୍ ବିଳମ୍ବ ପାଇଁ ଏକ ଚତୁର୍ଥାଂଶ ପାଳିଆ ପୁରସ୍କାର ଓ ଅନ୍ୟାନ୍ୟ ପ୍ରାପ୍ୟ ପାଉଣା ସ୍ଥଗିତ ରଖାଯିବ। ଅଧଘଣ୍ଟାଏ ବିଳମ୍ବ ହେଲେ ସେହିଦିନର ଅଧା ପାଳିଆ ପୁରସ୍କାର ଏବଂ ଅନ୍ୟ ପ୍ରାପ୍ୟ ପାଉଣା ଏବଂ ଘଣ୍ଟାଏ ବିଳମ୍ବ ହେଲେ ସେ ଦିନର ସମସ୍ତ ପାଳିଆ ପୁରସ୍କାର ଏବଂ ପ୍ରାପ୍ୟ ପାଉଣା ସ୍ଥଗିତ ରଖାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ଚିଠି କରିଛି।

### ଭୟଭୀତ ସେବାୟତ, ବଦଳୁଛି ଧାରା



ଗତ ୧୧ ତାରିଖରେ ବ୍ରହ୍ମ ବିଭ୍ରାଟ ଘଟଣାରେ ମୁଖ୍ୟ ପ୍ରଶାସକ ୯ ସେବାୟତଙ୍କୁ ନୋଟିସ୍ ଜାରି କରିଥିଲେ। ଏଥିରେ ଦର୍ଶାଯାଇଥିଲା ଯେ, ମହାପ୍ରଭୁଙ୍କ ଘଟ ପରିବର୍ତ୍ତନରେ କେତେକ ବିଶୃଙ୍ଖଳା ଘଟି ଅହେତୁକ ବିଳମ୍ବ ହୋଇଥିଲା। ସେହି ବିଶୃଙ୍ଖଳାରେ ସେବକମାନେ ସମ୍ପୃକ୍ତ ଥିବା ପ୍ରମାଣ ହସ୍ତଗତ ହୋଇଥିବାରୁ ଗତବର୍ଷ ନଭେମ୍ବର ୧୪ରେ କୈଫିୟତ ତଲବ କରାଯାଇଥିଲା। ହେଲେ ମିଳିଥିବା କୈଫିୟତ ସନ୍ତୋଷଜନକ ନୁହେଁ। ଏଣୁ ଶ୍ରୀମନ୍ଦିର ଆଇନର ୨୧ (କ) ଧାରା ଅନୁଯାୟୀ ୯ ଜଣଙ୍କ ପାଖକୁ ଦ୍ୱିତୀୟ ଥର ଲାଗି ନୋଟିସ୍ ଜାରି କରିଛି ଶ୍ରୀମନ୍ଦିର ପ୍ରଶାସନ। ୧୫ ଦିନ ମଧ୍ୟରେ ଏହାର ଉତ୍ତର ଦେବାକୁ କୁହାଯାଇଛି।

ସେହିପରି ଡିସେମ୍ବର ୨୮ରେ ଶ୍ରୀମନ୍ଦିରରେ ଦେଖାଦେଇଥିଲା ଅଚଳାବସ୍ଥା। ଦ୍ୱାର ଫିଟି ନ ଥିଲା। ୧୪ ଘଣ୍ଟା ମହାପ୍ରଭୁ ଅଖିଆ, ଅପିଆ ରହିଲେ। ଏହି ଘଟଣାକୁ ନେଇ ଶ୍ରୀମନ୍ଦିର ପ୍ରଶାସନ ଗତ ୧୪ ତାରିଖରେ ୧୮ ସେବାୟତଙ୍କୁ ନୋଟିସ୍ ଜାରି କରିଛି। ଭିତରଛୁଙ୍କ ପାଖେ ପାଖେ ରହି ଦ୍ୱାର ନ ଫିଟାଇବାକୁ ଉସୁକାଇଥିବା ଅଭିଯୋଗରେ ଏହି ନୋଟିସ୍ ଜାରି କରାଯାଇଥିବା ଜଣାପଡିଛି। ଏହାର ଉତ୍ତର ୭ ଦିନ ମଧ୍ୟରେ ଦେବାକୁ ଶ୍ରୀମନ୍ଦିର ପ୍ରଶାସନ କହିଛି।



ନେତାଜୀ ଜୟନ୍ତୀ ଅବ୍ୟବହିତ ପୂର୍ବରୁ କଟକ କାଠଗଡ଼ା ସାହି ଅଞ୍ଚଳର ଶିଳ୍ପୀ ଲକ୍ଷ୍ମୀଧର ରଣାଙ୍କ ଦ୍ୱାରା ପ୍ରସ୍ତୁତ ଆଜାଦ୍ ହିନ୍ଦ ଫୌଜର ଫାଇବର ପ୍ରତିକୃତିର ମାଟି ଛାଞ୍ଚ କରାଯାଉଛି।



ଶାମ୍ବଦଶମୀ ଅବସରରେ ଅର୍କକ୍ଷେତ୍ରରେ ଅନୁଷ୍ଠିତ ସୂର୍ଯ୍ୟ ରଥଯାତ୍ରା।

# ସୂର୍ଯ୍ୟମନ୍ଦିରକୁ ନିଃଶୁଳ୍କ ପ୍ରବେଶ କଲେ ପର୍ଯ୍ୟଟକ

**କୋଣାର୍କ,୧୬।୧(ଡି.ଏନ୍.ଏ.)**

ପବିତ୍ର ଶାମ୍ବଦଶମୀ ଅବସରରେ କୋଣାର୍କ ସୁରକ୍ଷା ସମିତ ଓ ଅବଧୂତ ମଠ ମିଳିତ ଆନୁକୂଲ୍ୟରେ ତ୍ରିଦିବସୀୟ ବିଶ୍ୱକଲ୍ୟାଣ ସୌର ମହାଯଜ୍ଞ ଓ ସୂର୍ଯ୍ୟ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବୁଧବାର ଚଳିତବର୍ଷ କୋଣାର୍କ ଏଏସ୍‌ଆଇ (ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା) ପକ୍ଷରୁ ସୂର୍ଯ୍ୟମନ୍ଦିରକୁ ପ୍ରବେଶ ଶୁଳ୍କ ଛାଡ଼ କରାଯାଇଥିଲା। କୋଣାର୍କର ଅନନ୍ତ ଅବଧୂତ ମଠ ପକ୍ଷରୁ ସୂର୍ଯ୍ୟ ରଥଯାତ୍ରା ଆରମ୍ଭ ହୋଇ ବଜାର ପରିକ୍ରମା କରିବା ପରେ ଚନ୍ଦ୍ରଭାଗା ତୀର୍ଥଠାରେ ପହଞ୍ଚିଥିଲା। ସେଠାରେ ୨୭ଟି ନକ୍ଷତ୍ରରେ ମିତ୍ରାଦିତ୍ୟଙ୍କ ପୂଜାର୍ଚ୍ଚନା ହୋଇଥିଲା। ମାଘ ଶୁକ୍ଳ ସପ୍ତମୀ ତିଥିରେ ସୂର୍ଯ୍ୟରଥର ବାହୁଡା ଯାତ୍ରା ଅନୁଷ୍ଠିତ ହେବ। ପ୍ରତ୍ୟୁଷରୁ ସ୍ୱତନ୍ତ୍ର ପୂଜାନୀତି ସମ୍ପନ୍ନ ପରେ ଅବଧୂତ ମଠ ପରିସରସ୍ଥ ମନ୍ଦିରରୁ ମିତ୍ରାଦିତ୍ୟଙ୍କ ଚଳନ୍ତି ପ୍ରତିମା ମିତ୍ରାଦିତ୍ୟଙ୍କୁ ପହଣ୍ଡିରେ ଆଣି ରଥାରୂଢ଼ କରାଯାଇଥିଲା। ମହନ୍ତ ଆଦିତ୍ୟ ଚରଣ ଦାସ ଛେରାପହଁରା କରିଥିଲେ। ଅର୍କକ୍ଷେତ୍ର ଗାୟତ୍ରୀ ପରିବାର ଓ ସୌର ବ୍ରାହ୍ମଣ ପରିବାରର ସଦସ୍ୟମାନେ ସୂର୍ଯ୍ୟରଥକୁ ଟାଣି ମଧ୍ୟାହ୍ନରେ ଚନ୍ଦ୍ରଭାଗା ତୀର୍ଥରେ ପହଞ୍ଚାଇଥିଲେ। ସେଠାରେ ମିତ୍ରାଦିତ୍ୟଙ୍କ ତୀର୍ଥ ଜଳରେ ସ୍ନାନ ଓ ପୂଜାର୍ଚ୍ଚନା କରାଯିବା ପରେ ସାଧୁସନ୍ଥମାନେ ତୀର୍ଥସ୍ନାନ କରିଥିଲେ।

### ଅର୍କକ୍ଷେତ୍ରରେ ସୂର୍ଯ୍ୟ ରଥଯାତ୍ରା, ସୌର ମହାଯଜ୍ଞ

ଏହି ଅବସରରେ ସ୍ଥାନୀୟ ରାଜାରାମ ଆଶ୍ରମ ପରିସରରେ କୋଣାର୍କ ସୁରକ୍ଷା ସମିତି ପକ୍ଷରୁ ତ୍ରିଦିବସୀୟ ସୌର ମହାଯଜ୍ଞ ଆୟୋଜିତ ହୋଇଥିଲା। ଶତାଧିକ ଶ୍ରଦ୍ଧାଳୁ ଯଜ୍ଞସ୍ଥଳରୁ ଏକ ଶୋଭାଯାତ୍ରାରେ ବାହାରି ସୂର୍ଯ୍ୟମନ୍ଦିର ଓ ନବଗ୍ରହ ମନ୍ଦିର ପରିକ୍ରମା କରିବା ସହିତ ସୂର୍ଯ୍ୟମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ସୌର ବ୍ରାହ୍ମଣ ପରିବାର ପକ୍ଷରୁ ଅବଧୂତ ମଠ ପରିସରରେ ଆଉ ଏକ ସୌର ମହାଯଜ୍ଞର ଆୟୋଜନ ହୋଇଥିଲା। କୋଣାର୍କ ସୁରକ୍ଷା ସମିତି ପକ୍ଷରୁ ଭାଗୀରଥି ସ୍ୱାଇଁ, ରାମକୃଷ୍ଣ ମହାନ୍ତି, ରମେଶ ନାୟକ, ଶରତ ମଲ୍ଲ, ନିରଞ୍ଜନ ତ୍ରିପାଠୀ, ରଘୁନାଥ ମହାପାତ୍ର, ଆଶାଲତା ରାଉତରାୟ, ଦିବାକର ନାୟକ ପ୍ରମୁଖ ବିଶ୍ୱକଲ୍ୟାଣ ସୌର ମହାଯଜ୍ଞର ପରିଚାଳନା କରିଥିଲେ।

# ଫ୍ୟାନରେ ଝୁଲି ଆତ୍ମହତ୍ୟା

**ଭୁବନେଶ୍ୱର, ୧୬।୧(ବ୍ୟୁରୋ)**

ଖାରବେଳନଗର ଥାନା ଅଧୀନ ସତ୍ୟନଗର ଅଞ୍ଚଳରେ ପ୍ଲଟ ନଂ. ୩୦୦ରେ ରହୁଥିବା ସ୍ମିତେନ୍ଦୁ ଦାସ ନାମକ ବ୍ୟକ୍ତି ବୁଧବାର ଫ୍ୟାନରେ ଝୁଲି ଆତ୍ମହତ୍ୟା କରିଛନ୍ତି। ପୋଲିସ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସ୍ମିତେନ୍ଦୁ ଅନେକ ଦିନ ଧରି ନିଶା ସେବନ କରିବା ସହ ମାନସିକ ଚାପରେ ରହୁଥିଲେ। ବୁଧବାର ସକାଳେ ସେ ନିଜ ଶୋଇବା ଘର କବାଟ ନ ଖୋଲିବାରୁ ପରିବାର ଲୋକଙ୍କ ସନ୍ଦେହ ହୋଇଥିଲା। ସେମାନେ ଘର କବାଟ ଭାଙ୍ଗି ଦେଖିଲା ବେଳକୁ ସ୍ମିତେନ୍ଦୁ ଫ୍ୟାନରେ ରସି ବାନ୍ଧି ଝୁଲି ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

# ପୌର ନିର୍ବାଚନ ଅନିଶ୍ଚିତତା
### କିଷନ କୁମାର ବିଏମସି ପ୍ରଶାସକ ନିଯୁକ୍ତ

**ଭୁବନେଶ୍ୱର, ୧୬।୧(ବ୍ୟୁରୋ)**

ଭୁବନେଶ୍ୱର ମହାନଗର ନିଗମ (ବିଏମସି) କାର୍ଯ୍ୟକାଳ ବୁଧବାର ଶେଷ ହୋଇଛି। ନିର୍ଦ୍ଧାରିତ ସମୟରେ ନିର୍ବାଚନ ହୋଇ ନ ପାରିବାରୁ ନିର୍ବାଚନ ପର୍ଯ୍ୟନ୍ତ କାର୍ଯ୍ୟ ଚଳାଇବାକୁ ରାଜ୍ୟ ସରକାର ପ୍ରଶାସକ ନିଯୁକ୍ତ କରିଛନ୍ତି। ବିଡିଏ ଉପାଧ୍ୟକ୍ଷ ତଥା ସମବାୟ ବିଭାଗର ସଚିବ କ୍ରିଷନ କୁମାରଙ୍କୁ ବିଏମ୍‌ସିର ପ୍ରଶାସକ ଭାବେ ନିଯୁକ୍ତି ଦିଆଯାଇଛି। ଆସନ୍ତା କର୍ପୋରେଶନ ଗଠନ ହେବା ଯାଏ ସେ ବିଏମ୍‌ସିର ସମସ୍ତ ପ୍ରଶାସନିକ ଦାୟିତ୍ୱ ତୁଲାଇବେ।

ସୂଚନାଯୋଗ୍ୟ, ସ୍ଥାନ ସଂରକ୍ଷଣକୁ ନେଇ ଉପୁଜିଥିବା ବିବାଦ ଯୋଗୁ ରାଜ୍ୟରେ ପୌର ନିର୍ବାଚନ ଅନିଶ୍ଚିତତା ମଧ ଦେଇ ଗତି କରୁଛି। ପୌର ସଂସ୍ଥାଗୁଡିକରେ ରାଜ୍ୟ ସରକାର କରିଥିବା ସ୍ଥାନ ସଂରକ୍ଷଣ ବ୍ୟବସ୍ଥାକୁ ବିରୋଧ କରି ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା। ହାଇକୋର୍ଟ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ୫୦ ପ୍ରତିଶତରୁ ଅଧିକ ନ କରିବାକୁ ନିର୍ଦ୍ଦେଶ ଦେବା ସହ ପ୍ରଚଳିତ ବ୍ୟବସ୍ଥାକୁ ରଦ୍ଦ କରି ଦେଇଥିଲେ। ଏହାକୁ ଚ୍ୟାଲେଞ୍ଜ କରି ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମକୋର୍ଟ ହାଇକୋର୍ଟଙ୍କ ରାୟକୁ କାଏମ ରଖିଥିଲେ। ରାଜ୍ୟ ସରକାର ପୁଣି ସୁପ୍ରିମକୋର୍ଟରେ ରିଭ୍ୟୁ ପିଟିସନ ଦାୟର କରିଛନ୍ତି। ଏ ପର୍ଯ୍ୟନ୍ତ ଉକ୍ତ ମାମଲାର ଶୁଣାଣି ହୋଇନାହିଁ। ଇତି ମଧ୍ୟରେ ୫ ବର୍ଷ ପୂରଣ କରି ସାରିଥିବା ୬୫ଟି ପୌର ସଂସ୍ଥା ଏବଂ ବ୍ରହ୍ମପୁର ମହାନଗର ନିଗମ ପାଇଁ ରାଜ୍ୟ ସରକାର ପ୍ରଶାସକ ନିଯୁକ୍ତି କରିସାରିଛନ୍ତି। ମ୍ୟୁନିସିପାଲିଟି, ବିଜ୍ଞାପିତ ଅଞ୍ଚଳ ପରିଷଦ ପାଇଁ ଜିଲାପାଳ ଓ ଉପଜିଲାପାଳଙ୍କୁ ପ୍ରଶାସକ ଭାବେ ନିଯୁକ୍ତ କରାଯାଇଛି।

# ଚକରା ବିଷୋୟୀଙ୍କ ତ୍ୟାଗ, ନିଃସ୍ୱାର୍ଥପରତାର ପଟାନ୍ତର ନାହିଁ

**ଭୁବନେଶ୍ୱର, ୧୬।୧(ବ୍ୟୁରୋ)**

ଘୁମୁସର ବିଦ୍ରୋହର ନେତୃତ୍ୱ ନେଇ ଚକରା ବିଷୋୟୀ ଜୀବନର ଶେଷ ପର୍ଯ୍ୟନ୍ତ ସାଲିସ୍ ବିହୀନ ସଂଗ୍ରାମ କରିଥିଲେ। ସେ ମାଟି ଓ ଜାତିକୁ ଗଭୀର ଭାବରେ ଭଲ ପାଉଥିଲେ। ଏକଚ୍ଛତ୍ରବାଦୀ ବ୍ରିଟିଶ ଅତ୍ୟାଚାର ବିରୋଧରେ ତାଙ୍କ ବିଦ୍ରୋହ ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳକୁ ବ୍ୟାପିଯାଇଥିଲା। ସେହି ସମର୍ପିତ ବିପ୍ଳବୀଙ୍କ ସଶସ୍ତ୍ର ସଂଗ୍ରାମ ଅବିସ୍ମରଣୀୟ ବୋଲି ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମତବ୍ୟକ୍ତ କରିଛନ୍ତି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଭଞ୍ଜନଗରର ତରୁଣ କଳାକାର ସଂସ୍ଥାର ମିଳିତ ଆନୁକୂଲ୍ୟରେ ବୁଧବାର ସୂଚନାଭବନଠାରେ ଚକରା ବିଷୋୟୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଆରୁଖ କହିଲେ, ଚକରା ବିଷୋୟୀଙ୍କ ତ୍ୟାଗ ଓ ନିଃସ୍ୱାର୍ଥପରାତାର ପଟାନ୍ତର ନାହିଁ। ଗାନ୍ଧିଜୀଙ୍କ ଭାରତ ଛାଡ଼ ଆନ୍ଦୋଳନର ଶହେ ବର୍ଷ ପୂର୍ବରୁ ବ୍ରିଟିଶ ବିରୋଧରେ ତାଙ୍କ ସଂଗ୍ରାମ ଅବିସ୍ମରଣୀୟ ରହିବ।




ମହାନ ବିପ୍ଳବୀ ଚକରା ବିଷୋୟୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହକୁ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଉଦ୍‌ଘାଟନ କରୁଛନ୍ତି।

ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଲକ୍ଷ୍ମୀଧର ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ ଦେବା ସହିତ ଚକରା ବିଷୋୟୀଙ୍କ ଜୀବନୀ ଓ ବ୍ୟକ୍ତିତ୍ୱ ଉପରେ ଆଲୋକପାତ କରିଥିଲେ। ରାଜ୍ୟ ସଭା ସଦସ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅତିଥିମାନଙ୍କ ଦ୍ୱାରା ନେତାଜୀ ବିଷୋୟୀଙ୍କ ରଚିତ ଚକରା ବିଷୋୟୀଙ୍କ ଜୀବନୀ ପୁସ୍ତକ ଲୋକାର୍ପିତ ହୋଇଥିଲା। ବିଭାଗ ପକ୍ଷରୁ ଅନୁଷ୍ଠିତ ଆନ୍ତଃବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ବକ୍ତୃତା ଏବଂ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ତରୁଣ କଳାକାର ସଂସ୍ଥାର ସଭାପତି ତଥା ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ପୂର୍ବତନ ସଚିବ ଡ. ମନ୍ମଥ କୁମାର ଶତପଥୀ ଧନ୍ୟବାଦ ଅର୍ପଣ କରିଥିବାବେଳେ ସୂଚନା ଅଧିକାରୀ ସଚ୍ଚିଦାନନ୍ଦ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ ତରୁଣ କଳାକାର ସଂସ୍ଥା ଲୋକନୃତ୍ୟ ଗବେଷଣା କେନ୍ଦ୍ର ଦ୍ୱାରା ପରିବେଷିତ ନାଟକ 'ମୁଁ ଚକରା କହୁଛି' ଦର୍ଶକମାନଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା।

## ଫଟୋରେ ଖବର



ଭୁବନେଶ୍ୱର ରବୀନ୍ଦ୍ରମଣ୍ଡପରେ ମନନ ନାଟ୍ୟ ସଂସ୍ଥାର ନାଟକ ମହୋତ୍ସବରେ ବୁଧବାର ମଞ୍ଚସ୍ଥ ନାଟକ 'ନାଟ ମଣ୍ଡପ'ର ଏକ ଦୃଶ୍ୟ।




କଟକ ଟାଉନ୍ ହଲ୍‌ରେ ବୁଧବାର ଓଡ଼ିଆ ଚଳଚ୍ଚିତ୍ର 'ତୋ ଇସ୍କରେ'ର ଶୁଭ ମହୁରତ ଉତ୍ସବରେ ଉପସ୍ଥିତ କଳାକାର ଓ ଅନ୍ୟମାନେ।



ଇନ୍ଦ୍ରିୟ ସ୍ୱଭାବତଃ ଚଞ୍ଚଳ, ତାକୁ ସ୍ଥିର ରଖିବା ହେଉଛି ସାଧକର କର୍ତ୍ତବ୍ୟ, ଇନ୍ଦ୍ରିୟ ବସ୍ତୁ ପଛରେ ଗୋଡ଼ାଇଥାଏ। ଇନ୍ଦ୍ରିୟର ଦାସ ହୋଇ ସାଧକ ତା'ର ବୋଲ ମାନିବା ଉଚିତ୍ ନୁହେଁ

- ଶିରିଡି ସାଇବାବା

## ସଂକ୍ଷେପରେ

### ଶିକ୍ଷାବିତ୍ କମରୁଦ୍ଦିନ ଖାନ୍‌ଙ୍କ ପରଲୋକ



**କଟକ ଅଫିସ, ୧୬।୧:** ରାଜ୍ୟର ଜଣାଶୁଣା ଶିକ୍ଷାବିତ୍ ତଥା ଇଂଲିଶ ଭାଷା ବିଶାରଦ ପ୍ରଫେସର ଡ. ମହମ୍ମଦ କମରୁଦ୍ଦିନ ଖାନ୍‌ଙ୍କ ବୁଧବାର ହୃଦ୍‌ଘାତରେ ପରଲୋକ ଘଟିଛି। ତାଙ୍କୁ ୮୧ ବର୍ଷ ବୟସ ହୋଇଥିଲା। ଭୋର ସାଢେ ୪ଟାରେ ଡ. ଖାନ ନମାଜ ପଢିବା ପାଇଁ ଉଠିଥିଲେ। ବାଥ୍ ରୁମ୍‌କୁ ଯାଉଥିବା ସମୟରେ ହଠାତ୍ ପଡ଼ି ଯାଇଥିଲେ। ସେଠାରେ ତାଙ୍କର ହୃଦ୍‌ଘାତ ହୋଇଥିଲା। ପୂର୍ବରୁ ଡ. ଖାନ୍‌ଙ୍କର ଓପନ ହାର୍ଟ ସର୍ଜରି ହୋଇଥିଲା। ମୃତ୍ୟୁ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ସୈଦାନି ବଗିଚାସ୍ଥିତ ତାଙ୍କ ବାସଭବନକୁ ଆସି ଶେଷ ଦର୍ଶନ କରିଥିଲେ। ୧୯୩୮ ଜାନୁୟାରୀ ୨୪ରେ ପ୍ରଫେସର ଖାନ କଟକ ସୈଦାନି ବଗିଚା ଅଞ୍ଚଳରେ ଜନ୍ମଗ୍ରହଣ କରିଥିଲେ। ୧୯୫୮ରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଇଂଲିଶରେ ସ୍ନାତକୋତ୍ତର ଶେଷ କରିବା ପରେ ରାଜ୍ୟର ପ୍ରଥମ ବ୍ୟକ୍ତି ଭାବେ ୧୯୮୨ରେ ଡିଲିଟ୍ ଡିଗ୍ରୀ ହାସଲ କରିଥିଲେ। ସେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଇଂଲିଶ ବିଭାଗର ମୁଖ୍ୟ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ଥିଲେ। ସେହିପରି ୧୯୯୨ରୁ ୧୯୯୫ ପର୍ଯ୍ୟନ୍ତ ଓଡ଼ିଶା ଟେକ୍ସଟ୍ ବୁକ୍ ବ୍ୟୁରୋର ନିର୍ଦ୍ଦେଶକ ଦାୟିତ୍ୱ ତୁଲାଇଥିଲେ। ଡ. ଖାନ ହେଉଛନ୍ତି କଟକରେ ପ୍ରତିଷ୍ଠା ହୋଇଥିବା ମୌଲାନା ଆଜାଦ ଉର୍ଦ୍ଦୁ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଉପଦେଷ୍ଟା। ଏହାବ୍ୟତୀତ ସେ କଟକ ସମେତ ରାଜ୍ୟର ବହୁ ଶିକ୍ଷା, ସଂସ୍କୃତି ଓ ସାମାଜିକ ଅନୁଷ୍ଠାନ ସହିତ ଓତପ୍ରୋତ ଭାବେ ଜଡ଼ିତ ଥିଲେ। କଦମରସୁଲଠାରେ ଡ. ଖାନ୍‌ଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

### ସବରେଜିଷ୍ଟ୍ରାର କାର୍ଯ୍ୟାଳୟ କର୍ମଚାରୀଙ୍କ ଆତ୍ମହତ୍ୟା

**ସାଲେପୁର,୧୬।୧(ଡି.ଏନ.ଏ.):** ମାହାଙ୍ଗା ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟର ଜଣେ କର୍ମଚାରୀ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ସାଲେପୁର ଥାନା ଶିଶୁଆ ଗ୍ରାମର ଦିବ୍ୟକାନ୍ତ ମହାରଣା(୨୪)। ଦିବ୍ୟକାନ୍ତ ପ୍ରାୟ ୬ମାସ ହେବ ଚନ୍ଦ୍ରାଦେଇପୁର ଗ୍ରାମରେ ଭଡ଼ାରେ ରହୁଥିଲେ। ଦିବ୍ୟକାନ୍ତଙ୍କ ଉଠିବା ବିଳମ୍ବ ହେବାରୁ ଘର ମାଲିକଙ୍କ ପରିବାର ଲୋକେ ତାଙ୍କୁ ଡାକିବାକୁ ଯାଇଥିଲେ। ହେଲେ ସେ କବାଟ ଖୋଲି ନ ଥିଲେ। ସେମାନେ କବାଟ ଭାଙ୍ଗି ଦେଖିବା ବେଳକୁ ଦିବ୍ୟକାନ୍ତ ଫ୍ୟାନ୍‌ରେ ଝୁଲୁଥିଲେ। ସ୍ଥାନୀୟ ସରପଞ୍ଚ ପୋଲିସ୍‌କୁ ସୂଚନା ଦେଇଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ପରିବାର ପକ୍ଷରୁ ଥାନାରେ ହୋଇଥିବା ଅଭିଯୋଗକୁ ଭିତ୍ତିକରି ପୋଲିସ୍ କେସ୍ ନଂ.୧/୧୯ରେ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ଚାଷରେ ନୂତନ ଜ୍ଞାନକୌଶଳ ଆୟ ବଢ଼ାଇବ

**ଭୁବନେଶ୍ୱର, ୧୬।୧(ବ୍ୟୁରୋ)**



ତ୍ରୈମାସିକ କୃଷି ପତ୍ରିକା 'ଶ୍ୟାମଳ ସୁବର୍ଣ୍ଣ'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

କୃଷକ ଭାରତର ଆତ୍ମା। ତେଣୁ କୃଷକଙ୍କ ଉନ୍ନତି ପାଇଁ ରାଜ୍ୟ ସରକାର ସମସ୍ତ ଉଦ୍ୟମ କରୁଛନ୍ତି। ରାଜ୍ୟର ବିଭିନ୍ନ ଅଞ୍ଚଳରେ ଭୌଗୋଳିକ ସ୍ଥିତି ଓ ଜଳବାୟୁ ଭିନ୍ନ ଭିନ୍ନ ହୋଇଥିବାରୁ ସ୍ଥାନ ଓ ସମୟ ଉପଯୋଗୀ ଚାଷକାର୍ଯ୍ୟ ହେବା ଉଚିତ। ଏହା ସହିତ ପାରମ୍ପରିକ କୃଷି ପଦ୍ଧତି ପରିବର୍ତ୍ତେ ନୂତନ ଜ୍ଞାନକୌଶଳ ବ୍ୟବହାର କଲେ ଚାଷୀଙ୍କ ଆୟ ବହୁଗୁଣିତ ହୋଇପାରିବ ବୋଲି ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି କହିଛନ୍ତି। ବୁଧବାର କୃଷି ଓଡ଼ିଶା-୨୦୧୯ର ଦ୍ୱିତୀୟ ସନ୍ଧ୍ୟାରେ ମନ୍ତ୍ରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା କହିଥିଲେ।

ଅର୍ଥ ତଥା କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଶଶିଭୂଷଣ ବେହେରା ଉତ୍ସବରେ ପୌରୋହିତ୍ୟ କରି କହିଲେ, କୃଷିର ବିକାଶ ହେଲେ କୃଷକର ଆର୍ଥିକ ଉନ୍ନତି ହେବା ସହ ଗ୍ରାମୀଣ ଅର୍ଥନୀତି ସୁଦୃଢ଼ ହେବ ଏବଂ ଗ୍ରାମୀଣ ବିକାଶ ସମ୍ଭବ ହୋଇପାରିବ। ଗ୍ରାମୀଣ ବିକାଶ ହେଲେ ରାଜ୍ୟର ସାମଗ୍ରିକ ବିକାଶ ସହ ଅର୍ଥନୈତିକ ଅଭିବୃଦ୍ଧି ହୋଇପାରିବ। ବିଧାୟକ ଅରୁଣ କୁମାର ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇ କୃଷକମାନଙ୍କ ବିକାଶରେ ସମସ୍ତଙ୍କର ଭୂମିକା ରହିବା ଉଚିତ ବୋଲି ମତପ୍ରକାଶ କରିଥିଲେ। ବିଧାୟକ ପ୍ରିୟଦର୍ଶୀ ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ କୃଷି କାର୍ଯ୍ୟ ସହ ମାଛଚାଷ, ଗୋପାଳନ, କୁକୁଡ଼ା ଓ ବତକ ଚାଷ, ଉଦ୍ୟାନ କୃଷିର ବିକାଶ ହେଲେ କୃଷକମାନଙ୍କ ଆୟ ବୃଦ୍ଧି ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଓୟୁଏଟିର ଡିନ୍ ପ୍ରଫେସର ପ୍ରଭାତ କୁମାର ବିଶ୍ୱାଳ ସ୍ୱାଗତ ଭାଷଣ ଦେଇ କୃଷି କାର୍ଯ୍ୟରେ ନୂତନ ବୈଷୟିକ ଜ୍ଞାନକୌଶଳର ବହୁଳ ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବିଭିନ୍ନ ଜିଲାରୁ ଆସିଥିବା ସଫଳ ଚାଷୀଙ୍କୁ ୧୦ ହଜାର ଟଙ୍କାର ପୁରସ୍କାର ଅର୍ଥରାଶି ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସମ୍ପାଦିତ ତ୍ରୈମାସିକ କୃଷି ପତ୍ରିକା 'ଶ୍ୟାମଳ ସୁବର୍ଣ୍ଣ' ଉନ୍ମୋଚିତ ହୋଇଥିଲା। ସମବାୟ ସମିତି ସମୂହର ନିବନ୍ଧକ ତ୍ରିବିକ୍ରମ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ରବି ଋତୁରେ ଅର୍ଥକରୀ ଅଣଧାନ ଫସଲ କରିବାକୁ ପରାମର୍ଶ

**ଭୁବନେଶ୍ୱର, ୧୬।୧(ବ୍ୟୁରୋ)**



'କୃଷି ଓଡ଼ିଶା' ମହୋତ୍ସବରେ ପ୍ରଦର୍ଶିତ ଷ୍ଟଲ୍‌କୁ ଦର୍ଶକ ବୁଲି ଦେଖୁଛନ୍ତି।

କୃଷି ଓଡ଼ିଶା ଉତ୍ସବ ଅବସରରେ କୃଷି ଓଡ଼ିଶା ସମ୍ମିଳନୀ କକ୍ଷରେ 'କୃଷିରେ ଜଳ ଉପଯୋଗିତା' ବିଷୟରେ ଏକ କୃଷକ-ବୈଜ୍ଞାନିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଜଳସମ୍ପଦ ବିଭାଗ ପ୍ରମୁଖ ସଚିବ ପ୍ରଦୀପ କୁମାର ଜେନା ଏଥିରେ ଯୋଗଦେଇ ରବି ଋତୁରେ ଧାନ ଚାଷକୁ ପ୍ରାଧାନ୍ୟ ନ ଦେଇ ଅର୍ଥକରୀ ଅଣଧାନ ଫସଲକୁ ଆପଣେଇବା ପାଇଁ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ। ଜଳର ସୁପରିଚାଳନା ନିମନ୍ତେ ସେ ପାରମ୍ପରିକ ପଦ୍ଧତି ପରିବର୍ତ୍ତେ ଆଧୁନିକ କୃଷି ପଦ୍ଧତି ଯଥା- ଶ୍ରୀ ପ୍ରଣାଳୀରେ ଧାନ ଚାଷ, ବୁନ୍ଦା ଜଳସେଚନ ଓ ସିଞ୍ଚନ ଜଳସେଚନ ଉପରେ ଗୁରୁତ୍ୱାରୋପ କରିଥିଲେ। ରବି ଋତୁରେ ଧାନ ପାଇଁ ଅଧିକ ଜଳ ଉପଯୋଗ କରିବା ଦ୍ୱାରା କମ୍ ଚାଷ ହେଉଛି ଏବଂ କମ୍ ଚାଷୀ ଅନ୍ତର୍ଭୁକ୍ତ ହୋଇପାରୁଛନ୍ତି, ଯାହାକି ଏକ ଚିନ୍ତାର ବିଷୟ। ଅଧିକ ଦିନ ଧରି ଜମିରେ ପାଣି ଜମି ରହିବା ଫଳରେ ମୃତ୍ତିକାରେ ବିଷାକ୍ତ ପ୍ରକ୍ରିୟା ମଧ୍ୟ ସୃଷ୍ଟି ହେବାର ଆଶଙ୍କା ରହିଛି। ତେଣୁ ଯୋଜନାବଦ୍ଧ ଭାବେ ସର୍ବନିମ୍ନ ଜଳ ଉପଯୋଗ କରି ସର୍ବାଧିକ ଫସଲ ଅମଳ କରିବାର କୌଶଳ ଆପଣାଇବାକୁ ପଡ଼ିବ ବୋଲି ଜେନା କହିଛନ୍ତି।

ଭାରତୀୟ ଜଳ ପରିଚାଳନା ସଂସ୍ଥାର ନିର୍ଦ୍ଦେଶକ ଡ. ଏସ୍. କେ. ଆମ୍ବାସ୍ତ କହିଲେ ଯେ, ଜଳ ଉପଯୋଗ ଦକ୍ଷତା ଅପେକ୍ଷା ଜଳ ଉତ୍ପାଦିକତା ଆଜିର ଆହ୍ୱାନ ହେବା ଆବଶ୍ୟକ। ଜଳର ସୁବିନିଯୋଗ ନିମନ୍ତେ ସେ ଜମିକୁ ସମତଳ କରିବାକୁ ଲେଜର ଲେବଲ୍‌ର ବ୍ୟବହାର, ଜଳସେଚନ ସୂଚୀ ପ୍ରସ୍ତୁତ, ଅନୁଜଳସେଚନ ପଦ୍ଧତି, ଭୂତଳ ଜଳ ସଂରକ୍ଷଣ ଓ ଜଳ ପରିବହନ ନିମନ୍ତେ ଭୂତଳ ପାଇପ ବ୍ୟବହାର ଆଦି ବିଷୟରେ ପରାମର୍ଶ ଦେଇଥିଲେ। ଜୈନ ଇରିଗେଶନର ବରିଷ୍ଠ ଉପ ସଭାପତି ସୁରେନ୍ଦ୍ର ମଖିଜା, ହିମାଚଳ ପ୍ରଦେଶ ଜଳ ପରିଚାଳନାର ପ୍ରମୁଖ ବୈଜ୍ଞାନିକ ଡ. ଏସ୍. କେ. ସାଣ୍ଡାଲ୍ ମଧ୍ୟ ଆଧୁନିକ ଜଳସେଚନ ପ୍ରଣାଳୀ ଉପରେ ଗୁରୁତ୍ୱ ଦେଇଥିଲେ। ଦ୍ୱିତୀୟ ସଭାଗୃହରେ 'ଜୈବିକ କୃଷି' ଉପରେ ହୋଇଥିବା ଆଲୋଚନାଚକ୍ରରେ ରାଜ୍ୟ ରସାୟନବିତ୍ ଦେବରାଜ ମହାନ୍ତି, ଓୟୁଏଟିର ବୈଜ୍ଞାନିକ ଡ. ଆର୍. କେ. ନାୟକ ଓ ୧୫୦ରୁ ଊର୍ଦ୍ଧ୍ୱ ଚାଷୀ ଭାଗ ନେଇଥିଲେ।

# ଚାଷୀଙ୍କ ନିଆରା ଉଦ୍ଭାବନ 'ନବରତ୍ନ'

## ଗୋଟିଏ ଯନ୍ତ୍ରରେ ହେଉଛି ୯ ପ୍ରକାର କାମ

**ଭୁବନେଶ୍ୱର, ୧୬।୧(ବ୍ୟୁରୋ)**

ଗୋଟିଏ ଯନ୍ତ୍ରପାତିରେ ଏକାଥରକେ ୯ଟି କାର୍ଯ୍ୟ ହୋଇପାରୁଛି। ହାତରେ ନଡ଼ା କାଟିବା, ପାଦର ବ୍ୟବହାର କରି ଧାନ ଅମଳ କରିବା, ଧାନରୁ ଅଗାଡ଼ି ପୃଥକ କରିବା, ଗଛରୁ ବାଦାମ ଅମଳ କରିବା, କୃଷି ଯନ୍ତ୍ରପାତି ଧାର କରିବା, ନଡ଼ିଆ କୋରାଇବା, ମକା ମଞ୍ଜି ଛଡ଼ାଇବା, ଢିଙ୍କି ସମେତ ୧୨ ଭୋଲ୍ଟ ବିଦ୍ୟୁତ୍ ଉତ୍ପାଦନ ଭଳି କାର୍ଯ୍ୟ ସମ୍ପାଦିତ ହୋଇପାରୁଛି। ଗୋଟିଏ ଯନ୍ତ୍ରରେ ୯ଟି କାର୍ଯ୍ୟ ହେଉଥିବାରୁ ଏହାର ନାମ ରଖାଯାଇଛି 'ନବରତ୍ନ'। ନିଜସ୍ୱ ଜ୍ଞାନକୌଶଳ ପ୍ରୟୋଗ କରି ଏହି ଯନ୍ତ୍ରପାତି ତିଆରି କରିଛନ୍ତି ଜଣେ ଚାଷୀ। ସେ ହେଉଛନ୍ତି ସୁନ୍ଦରଗଡ଼ ଜିଲା ବଣାଇଗଡ଼ସ୍ଥିତ ତଳିତା ଗ୍ରାମର ଗୁରୁଚରଣ ପ୍ରଧାନ। ଭୁବନେଶ୍ୱର ବରମୁଣ୍ଡା ପଡ଼ିଆରେ ଚାଲିଥିବା 'କୃଷି ଓଡ଼ିଶା' ମହୋତ୍ସବରେ ଗୁରୁଚରଣ ଏହାକୁ ପ୍ରଦର୍ଶିତ କରିଥିବାବେଳେ ଏହା ଦର୍ଶକମାନଙ୍କର ବେଶ୍ ଦୃଷ୍ଟି ଆକର୍ଷଣ କରୁଛି।

ଗୁରୁଚରଣ ପେସାରେ ଶିକ୍ଷକ ଥିଲେ। କିଛି ବର୍ଷ ହେବ ତାଙ୍କର କାର୍ଯ୍ୟକାଳ ଶେଷ ହୋଇଛି। ଶିକ୍ଷକତା ସମୟରେ ତାଙ୍କର କୃଷି ପ୍ରତି ଦୁର୍ବଳତା ରହିଥିଲା। ପରୋକ୍ଷ ଭାବେ ସେ କୃଷି ସହିତ ଜଡ଼ିତ ରହୁଥିଲେ। ତେଣୁ ସେ କିପରି ଗୋଟିଏ ଯନ୍ତ୍ରପାତିରେ ଅନେକ କାମ କରିପାରିବେ ସେଥିପ୍ରତି କାର୍ଯ୍ୟ ଆରମ୍ଭ କରିଥିଲେ। ଏଥିପାଇଁ ତାଙ୍କୁ ଅନେକ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଛି। ତେବେ ନିଜ ଅର୍ଥରୁ ସେ ତିଆରି କରିଛନ୍ତି ଏହି ଅଭିନବ କୃଷି ଯନ୍ତ୍ରପାତି 'ନବରତ୍ନ'। ଏହି ଯନ୍ତ୍ରଟି ତିଆରି କରିବା ପାଇଁ ତାଙ୍କୁ ୭ବର୍ଷ ଲାଗିଛି। ଏଥିପାଇଁ ସେ କେନ୍ଦ୍ର ସରକାରଙ୍କ ସମେତ ବିଭିନ୍ନ ସ୍ଥାନରୁ ପୁରସ୍କୃତ ହୋଇଛନ୍ତି। ଘଣ୍ଟା ପ୍ରତି ଏହା ୩୦କେଜି ନଡ଼ା କାଟିପାରୁଥିବା ବେଳେ ୨ କୁଇଣ୍ଟାଲ ଧାନ ଅମଳ କରିପାରୁଛି। ସେହିପରି ୨ କୁଇଣ୍ଟାଲ ଧାନରୁ ଅଗାଡ଼ି ପୃଥକ କରୁଛି, ୫୦କେଜି ଗଛରୁ ବାଦାମ ଅମଳ କରୁଛି, ୩୦ଟି ନଡ଼ିଆ କୋରାଉଛି, ୧ କୁଇଣ୍ଟାଲ ମକା ମଞ୍ଜି ଛଡ଼ାଉଛି ଏବଂ ୧୦କେଜି ହଳଦୀ ଏବଂ ଅନ୍ୟାନ୍ୟ ମସଲା ଗୁଣ୍ଡ କରିପାରୁଛି।

ଗୁରୁଚରଣ କହିଛନ୍ତି, ପ୍ରଥମେ ଏହି ଯନ୍ତ୍ରରେ ଦୁଇଟି କାମ ହେଉଥିଲା। ଧୀରେ ଧୀରେ ଗୋଟିଏ ଗୋଟିଏ କାମ ଏଥିରେ ମିଶାଇବା ପାଇଁ କାମ କରିଥିଲି। ବର୍ତ୍ତମାନ ଏଥିରେ ୯ଟି କାମ ହେଉଛି। ସେଥିପାଇଁ ଏହାକୁ ନବରତ୍ନ ବା ୯ ଇନ୍ ୱାନ୍ ବୋଲି କହୁଛି। ଏହାକୁ ତିଆରି କରିବା ସହଜ। ଲୋକେ ଚାହିଁଲେ ନିଜେ ତିଆରି କରିପାରିବେ। ଗୋଟିଏ ଟେଲର ମେସିନ ଚଲାଇବା ପାଇଁ ଯେତିକି ଶକ୍ତିର ଆବଶ୍ୟକ ହୋଇଥାଏ ଏହି ଯନ୍ତ୍ରକୁ ଚଲାଇବା ପାଇଁ ସେତିକି ଶକ୍ତି ଦରକାର।



ଗୁରୁଚରଣ ପ୍ରଧାନ ତିଆରି କରିଥିବା ଯନ୍ତ୍ର।



ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଅନ୍ୟ ଅତିଥିମାନେ 'ହେଡ୍‌ଗେୱାର ଚରିତ' ପୁସ୍ତକ ଉନ୍ମୋଚନ କରୁଛନ୍ତି।

# 'ହେଡ୍‌ଗେୱାର ଚରିତ' ଉନ୍ମୋଚିତ

**ଭୁବନେଶ୍ୱର, ୧୬।୧(ବ୍ୟୁରୋ)**

ଓୟୁଏଟି ଅଡିଟୋରିୟମରେ ବୁଧବାର ଆର୍‌ଏସ୍‌ଏସ୍‌ର ପ୍ରଥମ ସରସଂଘ ଚାଳକ ଡ. କେଶବ ବଳିରାମ ହେଡ୍‌ଗେୱାରଙ୍କ ଜୀବନି ଉପରେ ଲିଖିତ ପୁସ୍ତକ 'ହେଡ୍‌ଗେୱାର ଚରିତ' ଉନ୍ମୋଚିତ ହୋଇଯାଇଛି। ଏ ନେଇ ଆୟୋଜିତ ଏକ ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶି ଲାଲ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଆରଏସ୍‌ଏସ୍ ଶାଖାକୁ ଗଲେ ଚେତନାର ଜାଗରଣ ହୋଇଥାଏ। ଶାଖା ଏବଂ ଧ୍ୱଜଦ୍ୱାରା ଏକ ନବଯୁଗର ପ୍ରାରମ୍ଭ ହେବ, ଯାହାଦ୍ୱାରା ସମାଜରେ ଶାନ୍ତି ପ୍ରତିଷ୍ଠା ହେବ ବୋଲି ରାଜ୍ୟପାଳ କହିଥିଲେ। ଆରଏସ୍‌ଏସ୍‌ର ସହସର କାର୍ଯ୍ୟବାହ ଭି. ଭାଗେୟାଜୀ ଯୋଗଦେଇ କହିଲେ, ଭାରତବର୍ଷର ପ୍ରକୃତ ସମସ୍ୟା ସାମାଜିକ, ରାଜନୈତିକ ଓ ଅର୍ଥନୈତିକ କାରଣଗତ ନୁହେଁ। ସମସ୍ୟାର ମୂଳ ହେଉଛି ଉତ୍ତମ ମନୁଷ୍ୟଙ୍କ ଅଭାବ। ସେହି ସମସ୍ୟାର ସମାଧାନ ପାଇଁ ଡ. ହେଡ୍‌ଗେୱାର ଆରଏସ୍‌ଏସ୍ ପ୍ରତିଷ୍ଠା କରିଥିଲେ। ପୁସ୍ତକଟି ବାଞ୍ଛାନିଧି ପଣ୍ଡାଙ୍କ ଦ୍ୱାରା ଅନୁଦିତ ହୋଇଥିବାବେଳେ ଜାତୀୟ ସାହିତ୍ୟ ପ୍ରକାଶନୀ ପକ୍ଷରୁ ପ୍ରକାଶିତ କରାଯାଇଛି। ପ୍ରକାଶନୀର ସଭାପତି ଡ. ବାବଜୀ ଚରଣ ପଟ୍ଟନାୟକ ଏଥିରେ ଅଧକ୍ଷତା କରିଥିବାବେଳେ ସମ୍ପାଦକ ଭାଗବତ ସ୍ୱାଇଁ ପରିଚାଳନା କରିଥିଲେ।

# ଆପ୍ ନେତା ବିନାୟକ ଯୋଶୀଙ୍କ ପରଲୋକ

**କଟକ ଅଫିସ, ୧୬।୧**

ଆମ ଆଦ୍‌ମୀ ପାର୍ଟି କଟକର ପ୍ରତିଷ୍ଠାତା ସଭ୍ୟ ବିନାୟକ ଯୋଶୀଙ୍କ ମଙ୍ଗଳବାର ହୃଦ୍‌ଘାତରେ ପରଲୋକ ଘଟିଛି। ସ୍ୱାସ୍ଥ୍ୟଗତ ସମସ୍ୟା ପାଇଁ ସେ ୨ବର୍ଷ ହେବ ଡାକ୍ତରୀ ଚିକିତ୍ସାରେ ଥିଲେ। କଟକ ଆପ୍ ପକ୍ଷରୁ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ଦିଲ୍ଲୀର ଆପ୍ ସରକାରଙ୍କ ଉନ୍ନତିମୂଳକ କାର୍ଯ୍ୟକ୍ରମ ସହ ଦଳର ଲକ୍ଷ୍ୟ ସଂକ୍ରାନ୍ତରେ ସୋସିଆଲ ମିଡିଆରେ ସେ ପ୍ରଚାର କରି ଆସୁଥିଲେ। ଦଳ ପ୍ରତି ତାଙ୍କର ସ୍ୱତନ୍ତ୍ର ଅବଦାନ ରହିଥିଲା। ଦଳ ତରଫରୁ ତାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିବାବେଳେ ଶେଷକୃତ୍ୟରେ କର୍ମୀ ସୌମ୍ୟ ରଞ୍ଜନ ସ୍ୱାଇଁ, ମାନସ ଦା. କଟକ ନଗର ଓ ରାଜ୍ୟ ସଂଖ୍ୟାଲଘୁ ଆବାହକ ଶେଖ ମୁନ୍ତାକିମ୍ ବକ୍ସ ଉପସ୍ଥିତ ଥିଲେ।

## ସୈନିକଙ୍କୁ ଜମି ଦେବା ନାଁରେ ୩୫ କୋଟି ଠକେଇ

# ରାକେଶ ରଣାଙ୍କ ଜାମିନ ଆବେଦନ ଖାରଜ

**କଟକ ଅଫିସ, ୧୬।୧**

ସୈନିକମାନଙ୍କୁ ରାଜଧାନୀରେ ଜମି ଯୋଗାଇଦେବା ଆଳରେ ବହୁ କୋଟି ଟଙ୍କା ଠକେଇ ମାମଲାରେ ଛନ୍ଦି ହୋଇପଡିଥିବା ଅବସରପ୍ରାପ୍ତ କଲୋନେଲ ରାକେଶ ରଣାଙ୍କ ଜାମିନ ହାଇକୋର୍ଟରେ ଖାରଜ ହୋଇଯାଇଛି। ବୁଧବାର ରଣାଙ୍କ ଜାମିନ ଆବେଦନର ଶୁଣାଣି କରି ବିଚାରପତି ଜଷ୍ଟିସ ଜେ.ପି. ଦାସ ଖାରଜ କରିଦେଇଛନ୍ତି।

ରଣା ସୈନିକ ୱେଲଫେୟାର ଅର୍ଗାନାଇଜେଶନ ଇଣ୍ଡିଆ ସଂଗଠନ ନାମରେ ଏକ ସଂସ୍ଥା ଖୋଲିଥିଲେ। ସେ ସେନାରେ କାର୍ଯ୍ୟରତ ତଥା ଅବସରପ୍ରାପ୍ତ ସୈନିକମାନଙ୍କୁ ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ଜମି ଯୋଗାଇଦେବାକୁ କହି ବିଜ୍ଞାପନ ପ୍ରକାଶ କରିଥିଲେ। ବିଜ୍ଞାପନ ଦେଖି ୫୪୧ ଜଣ କାର୍ଯ୍ୟରତ ଓ ଅବସରପ୍ରାପ୍ତ ସୈନିକ ରଣାଙ୍କ ସଂସ୍ଥାରେ ଜମି ପାଇବାକୁ ଆବେଦନ କରିଥିଲେ। ଏ ବାବଦରେ ସେମାନେ ପାଖାପାଖି ୩୫ କୋଟି ଟଙ୍କା ଜମା କରିଥିଲେ। ମାତ୍ର ଜମି ମିଳିବାରେ ବିଳମ୍ବ ହେବାରୁ ସୈନିକମାନେ ଟଙ୍କା ଫେରସ୍ତ ଚାହିଁଥିଲେ। ମାତ୍ର ରଣା ଆଉ ଧରାଛୁଆଁ ନ ଦେବାରୁ ସେମାନେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ)ରେ ଅଭିଯୋଗ କରିଥିଲେ। କ୍ରାଇମବ୍ରାଞ୍ଚ ରଣାଙ୍କ ବିରୋଧରେ ଏକ ମାମଲା ରୁଜୁ କରି ୨୦୧୬ ଜାନୁୟାରୀରେ ତାଙ୍କୁ ଗିରଫ କରିଥିଲା। ପରେ ଜାମିନ ନିମନ୍ତେ ରଣା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାତ୍ର ହାଇକୋର୍ଟ ତାଙ୍କ ଜାମିନ ଆବେଦନକୁ ଖାରଜ କରିଦେବା ପରେ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହେଲେ ସେଠାରୁ ନିରାଶ ହେବା ପରେ ରଣା ପୁଣି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ଉମାଶଙ୍କର ଦାସଙ୍କୁ ସର୍ବକନିଷ୍ଠ ପାଣିପାଗ ବିଜ୍ଞାନୀ ପୁରସ୍କାର

**ଭୁବନେଶ୍ୱର, ୧୬।୧(ବ୍ୟୁରୋ)**



ଉମାଶଙ୍କର ଦାସଙ୍କୁ କେନ୍ଦ୍ରମନ୍ତ୍ରୀ ଡ. ହର୍ଷବର୍ଦ୍ଧନ ସମ୍ମାନିତ କରୁଛନ୍ତି।

ଭାରତୀୟ ପାଣିପାଗ ବିଭାଗରେ କାର୍ଯ୍ୟରତ ବୈଜ୍ଞାନିକ ଉମାଶଙ୍କର ଦାସଙ୍କୁ ସର୍ବକନିଷ୍ଠ ପାଣିପାଗ ବିଜ୍ଞାନୀ ପୁରସ୍କାର ପ୍ରଦାନ କରାଯାଇଛି। ତିତ୍‌ଲି ବାତ୍ୟା ସମ୍ପର୍କିତ ଆଗୁଆ ଅନୁମାନ ତଥା ସୂଚନା ଦେବାରେ ନିଜର ପାରଦର୍ଶିତା ପାଇଁ ଉମାଶଙ୍କରଙ୍କୁ ଦିଲ୍ଲୀରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପୁରସ୍କୃତ କରାଯାଇଛି। କେନ୍ଦ୍ର ବିଜ୍ଞାନ ଏବଂ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଡ. ହର୍ଷବର୍ଦ୍ଧନ ତାଙ୍କୁ ପୁରସ୍କୃତ କରିଛନ୍ତି। ସୂଚନାଯୋଗ୍ୟ, ଭଦ୍ରକ ବେତଡ଼ା ଅଞ୍ଚଳର ଆଦର୍ଶ ଶିକ୍ଷକ ଶ୍ରୀକାନ୍ତ ଦାସଙ୍କର ପୁତ୍ର ହେଉଛନ୍ତି ଉମାଶଙ୍କର। ପିଲାଟି ଦିନରୁ ଖୁବ୍ ମେଧାବୀ ଛାତ୍ର ଥିବା ଉମାଶଙ୍କର ପାଣିପାଗ ବିଜ୍ଞାନୀ ହେବା ପାଇଁ ଲକ୍ଷ୍ୟ ରଖିଥିଲେ। ନିଜର କାର୍ଯ୍ୟଦକ୍ଷତା ପାଇଁ ଖୁବ୍ କମଦିନରେ ପାଣିପାଗ ବିଭାଗରେ ପ୍ରସିଦ୍ଧି ହାସଲ କରିଥିବା ଉମାଶଙ୍କର ଭବିଷ୍ୟତରେ ସାଧାରଣ ଲୋକଙ୍କୁ କିପରି ବାତ୍ୟା ଓ ବନ୍ୟା ସମ୍ପର୍କିତ ଆଗୁଆ ସୂଚନା ଦିଆଯାଇପାରିବ ସେନେଇ ଉଦ୍ୟମ ଜାରି ରଖିବେ ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି।

# 'ଇନ୍‌ସାଇଡ୍ ମି', 'ବ୍ଲାଇଣ୍ଡ୍' ଶ୍ରେଷ୍ଠ ଚଳଚ୍ଚିତ୍ର

## ଉଇ କେୟାର୍ ୭ମ ଭିନ୍ନକ୍ଷମ ଚଳଚ୍ଚିତ୍ର ଉତ୍ସବ ଉଦ୍‌ଯାପିତ

**ଭୁବନେଶ୍ୱର,୧୬।୧(ବ୍ୟୁରୋ)**




ଉଇ କେୟାର୍ ୭ମ ଭିନ୍ନକ୍ଷମ ଚଳଚ୍ଚିତ୍ର ଉତ୍ସବରେ ଉପସ୍ଥିତ ଅତିଥି।

'ଆଇନା' ଏବଂ 'ବ୍ରଦରହୁଡ୍' ସଂସ୍ଥା ପକ୍ଷରୁ ଦୁଇଦିନ ବ୍ୟାପୀ ସ୍ଥାନୀୟ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟର୍ସଠାରେ ଚାଲିଥିବା ୭ମ ଉଇ କେୟାର୍ ଭିନ୍ନକ୍ଷମ ଚଳଚ୍ଚିତ୍ର ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଚଳିତବର୍ଷ ରିତ୍ୱିକ ଦାସଙ୍କ 'ଇନ୍‌ସାଇଡ୍ ମି' ଚଳଚ୍ଚିତ୍ର ୫ ମିନିଟ୍ ବର୍ଗରେ ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ ପୁରସ୍କୃତ ହୋଇଛି। ୧ ମିନିଟ୍ ବର୍ଗରେ ଅଭିଷେକ ସ୍ୱାଇଁଙ୍କ 'ବ୍ଲାଇଣ୍ଡ୍'କୁ ଡ. ଶରତ ପୂଜାରୀ ସ୍ମୃତି ପୁରସ୍କାର ମିଳିଛି।

ସେହିଭଳି ୧ ମିନିଟ୍ ବର୍ଗରେ ଯଶୋବର୍ମନ ପଣ୍ଡାଙ୍କ 'ଏକ୍ ହାତ୍ ବଢ଼ାଓ' ଦ୍ୱିତୀୟ ସ୍ଥାନ ଲାଭ କରିଥିବା ବେଳେ ବୀରେନ୍ଦ୍ର ବଳିଆରସିଂଙ୍କ 'ଦ ଡାର୍କ ସାଇଡ୍' ସ୍ୱତନ୍ତ୍ର ଜୁରୀ ପୁରସ୍କାର ଲାଭ କରିଛି। ୫ ମିନିଟ୍ ବର୍ଗରେ ଶେଖ୍ ଆକ୍ରାମ୍‌ଙ୍କ 'ଏକ୍ କୋସିସ୍', ଆଶୁତୋଷ ପଟ୍ଟନାୟକଙ୍କ 'ସଂଯୋଗ୍'କୁ ୩ୟ ସ୍ଥାନ ଏବଂ ଅବିନାଶ କୁମାର ପ୍ରଧାନଙ୍କ 'ଶକୁନ୍ତଳା'କୁ ଜୁରୀ ବିଭାଗରେ ସ୍ୱତନ୍ତ୍ର ସମ୍ମାନ ମିଳିଛି। ଉତ୍ସବର ଉଦ୍‌ଯାପନୀ ଦିବସରେ ରାଜ୍ୟ ସମାଜ କଲ୍ୟାଣ ବୋର୍ଡ ଅଧ୍ୟକ୍ଷା ଲତିକା ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇ ଏଭଳି ଫିଲ୍ମ ମାଧ୍ୟମରେ ଭିନ୍ନକ୍ଷମମାନଙ୍କ ଅଧିକାର ପ୍ରତି ଲୋକଙ୍କୁ ସଚେତନ କରାଯାଇପାରୁଥିବା କହିଥିଲେ। ଅକ୍ଷମତା ବୋଲି କିଛି ଶବ୍ଦ ନାହିଁ। ଏହା କେବଳ ଏକ ଧାରଣା ବୋଲି ସେ କହିଥିଲେ। ମୁଖ୍ୟଅତିଥି ଭାବେ ଯୋଗଦେଇ ଭୁବନେଶ୍ୱର ଉତ୍ତର ବିଧାୟକ ପ୍ରିୟଦର୍ଶୀ ମିଶ୍ର ଭିନ୍ନକ୍ଷମମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଏଭଳି ଅଭିନବ ଚଳଚ୍ଚିତ୍ର ଉତ୍ସବର ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି 'ଟୁ ଡିଜାୟାର୍ସ'ର କଳାକାର ଜିତେନ୍ଦ୍ର ବିଶ୍ୱାଳ ଭିନ୍ନକ୍ଷମମାନେ ଦୃଢ଼ ଓ ଆତ୍ମବିଶ୍ୱାସର ସହ କଲେ, ସବୁକିଛି ସମ୍ଭବ କରିପାରିବେ ବୋଲି କହିଥିଲେ। ଆଇନା ସମ୍ପାଦିକା ସ୍ନେହ ମିଶ୍ର ସ୍ୱାଗତ ଭାଷଣରେ ବିଗତ ୭ବର୍ଷର ସଂଘର୍ଷ ଭିତରେ ଉଇ କେୟାର୍‌ର ଯାତ୍ରା ସମ୍ପର୍କରେ ବିସ୍ତୃତ ବିବରଣୀ ଦେଇଥିଲେ। ବିଦେଶରେ ଉଇ କେୟାର୍‌ର ଚଳଚ୍ଚିତ୍ର ପ୍ରଦର୍ଶନ ନିମନ୍ତେ ବୁଝାମଣା ସ୍ୱାକ୍ଷରିତ ହୋଇଥିବା ବ୍ରଦରହୁଡ୍ ସଂସ୍ଥା ଅଧ୍ୟକ୍ଷ ସତୀଶ କପୁର କହିଥିଲେ। ଏହି ଅବସରରେ ଜିତେନ୍ଦ୍ର ବିଶ୍ୱାଳଙ୍କୁ ଓଡ଼ିଶା ଉଇ କେୟାର୍ ଫିଲ୍ମ ଉତ୍ସବର ଅଧ୍ୟକ୍ଷ ଭାବେ ମନୋନୀତ କରାଯାଇଥିଲା। ସେହିଭଳି ଜଣେ ଦିବ୍ୟାଙ୍ଗ ହୋଇ ମଧ୍ୟ ଆତ୍ମବିଶ୍ୱାସର ସହ ନିଜ ଜୀବନକୁ ଗଢ଼ିଥିବା କେନ୍ଦ୍ରାପଡ଼ାର ଅଙ୍ଗନୱାଡ଼ି କର୍ମୀ ଉର୍ବଶୀ ଦାସଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥି ଭାବେ ପ୍ରିୟା ସିକେରିଆ ମହାପାତ୍ର, ଅଭିନେତା ଅଶ୍ରୁମୋଚନ ମହାନ୍ତି ଯୋଗଦେଇଥିଲେ। ଆଇନାର କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଦିଲୀପ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।



ଭଗବାନଙ୍କ ପ୍ରତି ଅଖଣ୍ଡ ବିଶ୍ୱାସରୁ ଯେଉଁ ସୁଖ ମିଳେ, ସେ ସୁଖ ଅନ୍ୟ କେଉଁଠି ମିଳେନାହିଁ।
- ଭଲଟାୟର

## ସଂକ୍ଷେପରେ

### ଖୋର୍ଦ୍ଧା ଜିଲାରେ ଗଡ଼ିଲା ୪ ମିଶନ ଶକ୍ତି ରଥ



**ଖୋର୍ଦ୍ଧା ଅଫିସ,୧୬ା୧:** ଖୋର୍ଦ୍ଧା ଜିଲାରେ ମିଶନ ଶକ୍ତି ରଥର ଶୁଭାରମ୍ଭ ବୁଧବାର ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ର କରିଛନ୍ତି। ଜିଲା ପାଇଁ ୪ଟି ରଥ ୬୦ ଦିନ ଧରି ସଚେତନତା ସୃଷ୍ଟି କରିବ। ଭୁବନେଶ୍ୱର, ବାଲିଅନ୍ତା ଓ ବାଲିପାଟଣା ବ୍ଲକ ପାଇଁ ଗୋଟିଏ, ଖୋର୍ଦ୍ଧା ଓ ଜଟଣୀ ବ୍ଲକ ପାଇଁ ଅନ୍ୟ ଗୋଟିଏ ରଥର ପରିକ୍ରମା କରିବ। ସେହିଭଳି ବେଗୁନିଆ, ବୋଲଗଡ ପାଇଁ ଗୋଟିଏ ରଥ ଓ ଟାଙ୍ଗୀ, ଚିଲିକା, ବାଣପୁର ପାଇଁ ଅନ୍ୟ ଏକ ରଥର ବ୍ୟବସ୍ଥା କରାଯାଇଛି। ସବୁ ରଥ ବୁଧବାରଠାରୁ ସଚେତନତା ଆରମ୍ଭ କରିଛନ୍ତି। ମିଶନ ଶକ୍ତି କାର୍ଯ୍ୟକ୍ରମର ସଫଳ କାହାଣୀ ପ୍ରଚାର କରିବାକୁ ସ୍ୱତନ୍ତ୍ର ଏଲ୍ଇଡି ସଂଲଗ୍ନ ଗାଡି ଜିଲାର ୧୯୦ ପଞ୍ଚାୟତ ବୁଲିବ। ମହିଳାଙ୍କ ମଧ୍ୟରେ ପ୍ରତିଯୋଗିତା, ଅଡିଓ ଓ ଭିଡିଓ କାହାଣୀ, ଗୋଷ୍ଠୀ ନେତ୍ରୀଙ୍କ ବାର୍ତ୍ତା ପ୍ରସାରଣ କରାଯିବ।

### କୁଶଭଦ୍ରା ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ବାଲିପାଟଣା,୧୬ା୧(ଡି.ଏନ୍.ଏ.):** ବାଲିପାଟଣା ବ୍ଲକ ଅନ୍ତର୍ଗତ କୁଶଭଦ୍ରା ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ମଙ୍ଗଳବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଜିଲା ପରିଷଦ ସଭ୍ୟ ଭାଗୀରଥି ପାତ୍ରଙ୍କ ସଭାପତିତ୍ୱରେ ଅର୍ଥ, ଅବକାରୀ ଓ କୃଷି ମନ୍ତ୍ରୀ ଶଶିଭୂଷଣ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ବିଦ୍ୟାର୍ଥୀର ବିକାଶ ହେଲେ ସମାଜ ଅଗ୍ରଣୀ ହେବ। ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲା ପରିଷଦ ଉପାଧକ୍ଷା ସୁମିତ୍ରା ରାଉତରାୟ, ପ୍ରାକ୍ତନ ଶିକ୍ଷକ ଲକ୍ଷ୍ମଣ ମଣ୍ଡଳ, ବ୍ୟବସାୟୀ, ଗୁରୁ କିଙ୍କର ଜେଠୀ, ବେଣୁଧର ପାତ୍ର, ସରପଞ୍ଚ ନାରାୟଣ ସାହୁ ଓ ବଳରାମ ପାତ୍ର ଅତିଥିଭାବେ ଯୋଗଦେଇଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷକ ଧୀରେନ୍ଦ୍ର ନାଥ ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ରଘୁନାଥ ଲେଙ୍କା ସଭା ପରିଚାଳନା କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

### କଂଗ୍ରେସର ଜୋନସ୍ତରୀୟ କର୍ମୀ ସମ୍ମିଳନୀ

**ବାଲିପାଟଣା,୧୬ା୧(ଡି.ଏନ୍.ଏ.):** ବାଲିପାଟଣା ବ୍ଲକ ଅଧୀନ ୧୯ନଂ. ଜୋନରେ ବୁଧବାର କଂଗ୍ରେସ ପକ୍ଷରୁ ଜୋନସ୍ତରୀୟ କର୍ମୀସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସ ନେତ୍ରୀ ରୂପାଲି ଭୋଳଙ୍କ ସଭାପତିତ୍ୱରେ କଂଗ୍ରେସର ବରିଷ୍ଠ ନେତା ବେଣୁଧର ଭୋଇ, ସୁକାନ୍ତ କୁମାର ସ୍ୱାଇଁ, ସନ୍ତୋଷ ଭୋଳ ଏବଂ ଗୋଲକ ବିହାରୀ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। କଂଗ୍ରେସକୁ ମଜଭୁତ କରିବା ସହ ଅଧିକ ସଭ୍ୟ ସଂଗ୍ରହ କରିବାକୁ ବୈଠକରେ ସ୍ଥିର ହୋଇଥିଲା। କୃଷକଙ୍କ ଉନ୍ନତି ଓ ମହିଳାଙ୍କ ପ୍ରତି ହେଉଥିବା ଅତ୍ୟାଚାର ବିରୋଧରେ ସଂଗ୍ରାମ ଜାରି ରଖିବାକୁ ନେତା ଓ କର୍ମୀମାନେ କହିଥିଲେ।

### ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ

**ବାଲିଅନ୍ତା,୧୬ା୧(ଡି.ଏନ୍.ଏ.):** ବାଲିଅନ୍ତା ବ୍ଲକ ବେଣ୍ଟପୁରସ୍ଥିତ ଏକ କଲେଜ ସମ୍ମୁଖ ପଡିଆରେ ଆଦର୍ଶ ବିଦ୍ୟାଳୟ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭବେ ଅର୍ଥ ଓ କୃଷି ମନ୍ତ୍ରୀ ଶଶିଭୂଷଣ ବେହେରା ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ବାଲିଅନ୍ତା ଅଞ୍ଚଳରେ ଶିକ୍ଷାର ବିକାଶ ପାଇଁ ଏକ ନୂଆ ମୂଳଦୁଆ ପଡ଼ିଲା ବୋଲି କହିଥିଲେ। ଟାଟାଷ୍ଟିଲର ଓଡ଼ିଶା ମୁଖ୍ୟ ଆବାସିକ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବାଶିଷ ଜେନା ଯୋଗଦେଇ ଏହି ଆଦର୍ଶ ବିଦ୍ୟାଳୟ ରାଜ୍ୟର ୨୦ତମ ବିଦ୍ୟାଳୟ ହେବା ସହ ୮ରୁ ୧୨ମାସ ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡିଓ ରଶ୍ମିରେଖା ପ୍ରଧାନ, ତହସିଲଦାର ଅକ୍ଷୟ କୁମାର ରାଉତ, ଜିଲା ପରିଷଦ ସଭ୍ୟା ଭାଗ୍ୟଲକ୍ଷ୍ମୀ ମିଶ୍ର, ସଭ୍ୟ ଅମରେନ୍ଦ୍ର ପଟ୍ଟନାୟକ, ସରପଞ୍ଚ ମୁରଲୀଧର ସାହୁ, ସମିତିସଭ୍ୟ ତୈଲୋକ୍ୟ ମଙ୍ଗରାଜ, ବ୍ଲକ ଶିକ୍ଷାଧିକାରୀ ସିପ୍ରା ମିଶ୍ର, କୁଶ ପାତ୍ର ଓ ବାବୁନି ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ସଭାକୁ ଟାଟାଷ୍ଟିଲର ନୃସିଂହଚରଣ ମହାପାତ୍ର ପରିଚାଳନା କରିଥିଲେ।

■ ଓଟିଇଟି ପ୍ରଶ୍ନପତ୍ର ଲିକ୍ ହେବା ଘଟଣା

# ଗଣଶିକ୍ଷା ମନ୍ତ୍ରୀଙ୍କ ବାସଭବନ ଘେରାଉ

**ଇସ୍ତଫା ଦାବିକଲା ଏବିଭିପି**

ଭୁବନେଶ୍ୱର,୧୬ା୧ (ବ୍ୟୁରୋ)

ଓଟିଇଟି ପ୍ରଶ୍ନପତ୍ର ଲିକ୍ ପରେ ବୁଧବାର ପରୀକ୍ଷା ବାତିଲ କରାଯାଇଛି। ଏହାକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବାବେଳେ ଛାତ୍ର ସଂଗଠନ ଏବିଭିପି ପକ୍ଷରୁ ସ୍କୁଲ୍ ଓ ଗଣଶିକ୍ଷା ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ରଙ୍କ ସରକାରୀ ବାସଭବନକୁ ଘେରାଉ କରାଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ତେବେ ପୋଲିସ ଆନ୍ଦୋଳନକାରୀଙ୍କୁ ଅଟକାଇବାରୁ ଉଭୟଙ୍କ ମଧ୍ୟରେ କିଛି ସମୟ ଧରି ଧସ୍ତାଧସ୍ତି ହୋଇଥିଲା। ଶେଷରେ ପୋଲିସ ଏବିଭିପିର ୨୦ରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତାଙ୍କୁ ଧରିନେବା ସହ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ତେବେ ବାରମ୍ବାର ପ୍ରଶ୍ନପତ୍ର ଲିକ୍ ହେଉଥିବାରୁ ମାଧ୍ୟମିକ ଶିକ୍ଷା ପରିଷଦର କାର୍ଯ୍ୟଧାରା ଓ ସ୍କୁଲ୍ ଏବଂ ଗଣଶିକ୍ଷା ବିଭାଗର ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଛାତ୍ରୀଛାତ୍ର। ଏହି ଘଟଣାକୁ ଦୁର୍ଭାଗ୍ୟଜନକ କହିଛନ୍ତି ଏବିଭିପି ରାଜ୍ୟ ସମ୍ପାଦକ ଶଶିକାନ୍ତ ମିଶ୍ର। କେଉଁ ପରିସ୍ଥିତିରେ ପ୍ରଶ୍ନପତ୍ର ଲିକ୍ ହେଲା, କିଏ ଏହାକୁ କେଉଁଠୁ ପାଇଲା ଏବଂ କିଏ ସୋସିଆଲ ମିଡ଼ିଆରେ ଛାଡ଼ିଲା ତାହାର ତୁରନ୍ତ ପର୍ଦ୍ଦାଫାଶ କରାଯିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି। ଲକ୍ଷ ଲକ୍ଷ ପିଲାଙ୍କ ଭବିଷ୍ୟତ ସହ ବୋର୍ଡ ଓ ଶିକ୍ଷା ବିଭାଗ ଏପରି ନ ଖେଳନ୍ତୁ। ପରିଚାଳନା କମିଟିର ଖାମଖିଆଲ ମନୋଭାବ ଯୋଗୁ ଆଜି ପିଲାଙ୍କ ଭବିଷ୍ୟତ ଗୁରୁତର ପ୍ରଭାବିତ ହେଉଛି। ଏହି ଘଟଣାରେ ବିଭାଗୀୟ ମନ୍ତ୍ରୀ ଇସ୍ତଫା ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି।



ଘେରାଉ ବେଳେ ଏବିଭିପି ଛାତ୍ର ଓ ପୋଲିସଙ୍କ ମଧ୍ୟରେ ଧସ୍ତାଧସ୍ତି।

# ରାଜ୍ୟ ସରକାରଙ୍କ ଉପରେ ବର୍ଷିଲେ ଧର୍ମେନ୍ଦ୍ର

ଭୁବନେଶ୍ୱର, ୧୬ା୧(ବ୍ୟୁରୋ)

ରାଜ୍ୟର ଶିକ୍ଷକ ଚାକିରୀ ପାଇଁ ଯୋଗ୍ୟତା ପରୀକ୍ଷା ଓଡ଼ିଶା ଟିଚର୍ସ ଏଲିଜିବିଲିଟି ଟେଷ୍ଟ (ଓଟିଇଟି) ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ହେବା ଏବଂ ଏହି ପରୀକ୍ଷା ବାତିଲ ପାଇଁ କର୍ତ୍ତୃପକ୍ଷଙ୍କ ପାଇଁ ବାଧ୍ୟତାମୂଳକ ପରିସ୍ଥିତି ସୃଷ୍ଟି ଏକ ଚିନ୍ତାଜନକ ବିଷୟ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସାମାଜିକ ଗଣମାଧ୍ୟମ ଜରିଆରେ କହିଛନ୍ତି।

ଧର୍ମେନ୍ଦ୍ର ଆହୁରି କହିଛନ୍ତି ଯେ, ଗାଁ ଗଣ୍ଡାରେ ଉପଯୁକ୍ତ ପ୍ରାଥମିକ ଶିକ୍ଷା ବିନା ନୂଆ ଓଡ଼ିଶା ସମ୍ଭବ ନୁହେଁ। ସାଧାରଣ ଓଡ଼ିଆ ଘରର ପିଲାମାନଙ୍କର ମେଧା ଶକ୍ତି ଓଡ଼ିଶାର ମୂଳ ସମ୍ବଳ। ରାଜ୍ୟରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଶିକ୍ଷକମାନଙ୍କୁ ସଠିକ୍ ଦରମା ନ ମିଳିବା ନେଇ ତୃଣମୂଳସ୍ତରରେ ବିରୋଧ ରହିଛି। ଶିକ୍ଷକ ଯୋଗ୍ୟତା ପରୀକ୍ଷାରେ ପ୍ରଶ୍ନ ପତ୍ର ଲିକ୍ ଓ ପରୀକ୍ଷା ବାତିଲ୍ ହେବା ଶିକ୍ଷା ବ୍ୟବସ୍ଥା ଉପରେ ଲୋକଙ୍କ ଭରସା କମିବା ସହ ଅରାଜକତା ଆଡକୁ ଆହୁରି ଟାଣି ନେବ। ରାଜ୍ୟରେ ଚାଲୁଥିବା ସ୍କାଣ୍ଡ, ଅପାରଗ ସରକାର ଯିଏ ରାଜ୍ୟର ଭବିଷ୍ୟତ ପିଢ଼ୀ ଗଢ଼ିବା ପାଇଁ ଯତ୍ନଶୀଳ ନୁହେଁ ତାକୁ କଡା ଶବ୍ଦରେ ସମାଲୋଚନା କଲେ ମଧ୍ୟ କମ୍ ପଡିବ। ଏ ପରିସ୍ଥିତିରେ ଆଜି ମଧ୍ୟ କଣ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆପଣମାନେ ଖୁସି ତ ବୋଲି ପ୍ରଶ୍ନ କରିବେ କି ବୋଲି ଧର୍ମେନ୍ଦ୍ର ପ୍ରଶ୍ନ କରିଛନ୍ତି।

■ ନେତାଜୀ ଜନ୍ମପୀଠ ସଂଗ୍ରହାଳୟ ଟ୍ରଷ୍ଟର କାର୍ଯ୍ୟକାରୀ କମିଟି ବୈଠକ

# ଖୁବ୍ଶୀଘ୍ର ପ୍ରକାଶ ପାଇବ 'ନେତାଜୀ ଓ ଓଡ଼ିଶା' ପୁସ୍ତକ

କଟକ ଅଫିସ, ୧୬ା୧

'ନେତାଜୀ ଓ ଓଡ଼ିଶା' ପୁସ୍ତକ ଖୁବ୍ଶୀଘ୍ର ପ୍ରକାଶ ପାଇବ। ପୁରାତନ ଗ୍ୟାଲେରୀର ରକ୍ଷଣାବେକ୍ଷଣ, ନେତାଜୀଙ୍କ ଜୀବନୀ ସମ୍ପର୍କିତ ଚିତ୍ରକଳା ପ୍ରଦର୍ଶନୀ, ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ ଓ ବିକ୍ରୟ କରିବା ପାଇଁ ଟୋପି, କଲମ ଆଦି ପ୍ରସ୍ତୁତ କରାଯିବ। ବ୍ୟାଖ୍ୟାନ କେନ୍ଦ୍ରର ଗ୍ୟାଲେରୀ ୧୧ ଓ ୧୨ର ନବୀକରଣ ସହିତ ଆସନ୍ତା ୨୨ତାରିଖ ସୁଦ୍ଧା ନେତାଜୀଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ଷ୍ଟିଲ ପାହାଚ ବ୍ୟବସ୍ଥା କରାଯିବ। ୧୦ ନଂ. ଗ୍ୟାଲେରୀର ପ୍ୟାନେଲିଂ ବ୍ୟବସ୍ଥା କରାଯିବା ପରେ ଆସନ୍ତା ୨୩ ତାରିଖ ନେତାଜୀ ଜୟନ୍ତୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେବେ। ଏ ନେଇ ବୁଧବାର ସ୍ଥାନୀୟ ଓଡ଼ିଆ ବଜାରସ୍ଥିତ ନେତାଜୀ ଜନ୍ମପୀଠ ସଂଗ୍ରହାଳୟ ଟ୍ରଷ୍ଟଠାରେ ଅନୁଷ୍ଠିତ କାର୍ଯ୍ୟକାରୀ କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ରାଜ୍ୟ ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ବୈଠକରେ ଅଧ୍ୟକ୍ଷତା କରିଥିଲେ। ସଂସ୍କୃତି ବିଭାଗ ନିର୍ଦ୍ଦେଶକ ବିଜୟ କୁମାର ନାୟକ, ସିଏମ୍ସି କମିଶନର ଶରତ ଚନ୍ଦ୍ର ନାୟକ, ପିଡି ଡିଆରଡିଏ ସରୋଜକାନ୍ତ ମହାନ୍ତି, ନେତାଜୀ ଜନ୍ମପୀଠ ସଂଗ୍ରହାଳୟ ଟ୍ରଷ୍ଟ ସମ୍ପାଦକ ସଂଘମିତ୍ରା ଶତପଥୀ, ସିନିୟର କ୍ୟୁରେଟର ଅଶ୍ୱିନୀ କୁମାର ଶତପଥୀ, ମ୍ୟୁଜିୟମ ତତ୍ତ୍ୱାବଧାରକ ଜେ.ପି. ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ବୈଠକରେ ଉପସ୍ଥିତ ବିଭିନ୍ନ ବିଭାଗର ଅଧିକାରୀ।

ଡ୍ୟୁପ୍ଲେକ୍ସରେ ଅସାମାଜିକଙ୍କ ଆଡ୍ଡା

# ଅଡୁଆରେ ବରିଷ୍ଠ ନାଗରିକ

ପୁରୁଣା ଭୁବନେଶ୍ୱର,୧୬ା୧(ଡି.ଏନ.ଏ.)

ଏୟାର ପୋର୍ଟ ଥାନା ଅଧୀନ ଭୀମପୁରଠାରେ ଥିବା ବିଡିଏ ଡ୍ୟୁପ୍ଲେକ୍ସ କଲୋନୀରେ ଏବେ ବରିଷ୍ଠ ନାଗରିକ ରହିବା କଷ୍ଟସାଧ ହୋଇପଡିଛି। ଏଭଳିକି କଲୋନୀ ଭିତରେ ଅସାମାଜିକ ଯୁବକଙ୍କ ଆଡ୍ଡା ମୁଣ୍ଡ ବିନ୍ଧାର କାରଣ ପାଲଟିଛି। ଦିନ ଏବଂ ରାତି ଅଧିକ ଶବ୍ଦରେ ଡ଼ିଜେ ବଜାଇବା ସହ ମଦ୍ୟପାନ କରି ଗାଳିଗୁଲଜ କରିବା, ମାରପିଟ୍ ହେବାଭଳି ଘଟଣା କେବଳ ବରିଷ୍ଠ ନାଗରିକ ନୁହନ୍ତି କଲୋନୀର ସମସ୍ତ ବାସିନ୍ଦା ଏକ ପ୍ରକାର ଭୟଭୀତ ହୋଇ ପଡିଛନ୍ତି। ଦୀର୍ଘଦିନରୁ ଏଭଳି ଘଟଣା ଘଟୁଥିବା ନେଇ କଲୋନୀ ବାସିନ୍ଦା ପୋଲିସ ନିକଟରେ ଅଭିଯୋଗ କରି ଆସୁଛନ୍ତି। ହେଲେ ସେମାନେ ଅଣ୍ଡରଟେକିଂ ଲେଖି ଥାନାରୁ ଫେରିବା ପରେ ଘଟଣାର ପୁନରାବୃତ୍ତି ଘଟାଉଛନ୍ତି। ଏହି ଘଟଣାରେ ସୋମବାର ପୋଲିସ କେତେଜଣ ଯୁବକଙ୍କୁ ଉଠାଇ ନେଇ ଅଣ୍ଡରଟେକିଂ ଲେଖି ଛାଡ଼ିଥିଲେ। ମଙ୍ଗଳବାର ପୁଣି ଯୁବକମାନେ ପୋଲିସକୁ ବେଖାତିର କରି ପୂର୍ବଭଳି କାର୍ଯ୍ୟ ଭିଆଇଥିବା କଲୋନୀ ବାସିନ୍ଦା ଅଭିଯୋଗ କରିଛନ୍ତି। ସୂଚନାଥାଉ କି ଏଠାରେ ରହୁଥିବା ୫୦ ପରିବାର ଏଭଳି ପରିସ୍ଥିତିର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି।

## ବାର୍ଷିକ ଉତ୍ସବ, ବନ୍ଧୁମିଳନ ପାଇଁ ବୈଠକ

ବାଲିଅନ୍ତା,୧୬ା୧(ଡି.ଏନ.ଏ)

ବାଲିଅନ୍ତା ବ୍ଲକ ଅଧୀନ ଭିଙ୍ଗାରପୁର ଶିକ୍ଷାନୁଷ୍ଠାନ ଶ୍ରୀବକ୍ରେଶ୍ୱର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ବନ୍ଧୁମିଳନ ଉତ୍ସବ ଜାନୁୟାରୀ ୨୩ରେ ଅନୁଷ୍ଠିତ ହେବ। ଏ ନେଇ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଗଣେଶ କରଣଙ୍କ ଅଧ୍ୟକ୍ଷତାରେ ବୁଧବାର ବିଦ୍ୟାଳୟ ପରିସରରେ ଏକ ପ୍ରସ୍ତୁତି ବୈଠକ ହୋଇଥିଲା। ଏଥିରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି କୃଷ୍ଣଚନ୍ଦ୍ର ବେହେରା, ସଭ୍ୟ ରମେଶ ବିଶ୍ୱାଳ, ବଟକୃଷ୍ଣ ପଣ୍ଡା, ମୋ ସ୍କୁଲ ଅଭିଯାନର ସଭାପତି କୈଳାସ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ।

■ ଏକାମ୍ର ନିର୍ବାଚନ ମଣ୍ଡଳୀ

# ବିଭିନ୍ନ ୱାର୍ଡରେ ପ୍ରକଳ୍ପ ଉଦ୍ଘାଟନ

ପୁରୁଣା ଭୁବନେଶ୍ୱର,୧୬ା୧(ଡି.ଏନ.ଏ.)

ବିଏମସିର ବିଭିନ୍ନ ୱାର୍ଡରେ ପ୍ରକଳ୍ପ ସବୁର ଉଦ୍ଘାଟନ ଓ ଶୁଭାରମ୍ଭ ବୁଧବାର ପୂର୍ବାହ୍ନରେ ହୋଇଯାଇଛି। ତନ୍ମଧ୍ୟରେ ୱାର୍ଡ ନଂ. ୫୪, ୫୫, ଏବଂ ୬୦ ଅନ୍ତର୍ଭୁକ୍ତ। ୩ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟରେ ନିର୍ମିତ ପୁନାମ ଗେଟ୍ ଗୋଷ୍ଠୀ କେନ୍ଦ୍ର, ୪ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ରାମେଶ୍ୱର କମ୍ୟୁନିଟି ହଲ ମଧ୍ୟ ଉଦ୍ଘାଟିତ ହୋଇଯାଇଛି। ଡାକବଙ୍ଗଳା ଛକ, ବଣିଆ ସାହି, ଅଟାକଳ ଗଳି, ବଢ଼ୁସାହି ଆଦି ଅଞ୍ଚଳରେ କଂକ୍ରିଟ ରାସ୍ତା ପାଇଁ ଶିଳାନ୍ୟାସ କରାଯାଇଛି। ଏଥିପାଇଁ ୧୪ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଛି। ରଥରୋଡର ଡାହାଣ ପାର୍ଶ୍ୱ ମୁଖ୍ୟ ଡ୍ରେନ ନିର୍ମାଣ ପାଇଁ ୭୯ ଲକ୍ଷ ଟଙ୍କା ବ୍ୟୟ ବରାଦର କାମ ଶୁଭାରମ୍ଭ ହୋଇଛି। ଗୋସାଗୋରେଶ୍ୱର ମନ୍ଦିରର ଉନ୍ନୟନମୂଳକ କାର୍ଯ୍ୟ ପାଇଁ ୫୦ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଛି। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବଡ଼ ଶଙ୍ଖ କଲଭର୍ଟ ଯାହା ୧୯୬୪ ମସିହାରେ ନିର୍ମାଣ ହୋଇଥିଲା ତାହାକୁ ଭଙ୍ଗା ଯାଇ ନୂତନ କଲଭର୍ଟ ନିର୍ମାଣ ପାଇଁ ଶିଳାନ୍ୟାସ ହୋଇଛି। ଏଥିପାଇଁ ପ୍ରାୟ ୯୧ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଛି। ଅନ୍ୟାନ୍ୟ ନଳା ମୁହଁ ସାହି କଲଭର୍ଟ ପାଇଁ ମଧ୍ୟ ଶିଳାନ୍ୟାସ ହୋଇଛି। ସମସ୍ତ କାର୍ଯ୍ୟ ପାଇଁ ଆରଏଣ୍ଡବି, ବିଏମସି ଏବଂ ବିଧାୟକଙ୍କ ପାଣ୍ଠିରୁ ବ୍ୟୟ ବରାଦ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଭାବେ ମେୟର ଅନନ୍ତ ନାରାୟଣ ଜେନା, କର୍ପୋରେଟର ରଶ୍ମିତା ମହାପାତ୍ର, ପୂର୍ବତନ କର୍ପୋରେଟର ପ୍ରମୋଦ ମହାପାତ୍ର, ଦାଶରଥି ଗରାବଡୁ ଏବଂ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ପ୍ରକଳ୍ପ ଉଦ୍ଘାଟନ ଅବସରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# ମୋ ବସ୍ ଉତ୍ତରାରୁ ଚାଲିବାକୁ ଦାବି

ପୁରୁଣା ଭୁବନେଶ୍ୱର, ୧୬ା୧ (ଡି.ଏନ.ଏ.)

ରାଜଧାନୀ ଭୁବନେଶ୍ୱରରେ ଏବେ ମୋ ବସ ଗଡୁଛି। ଏଥିରେ ବିଭିନ୍ନ ଅଞ୍ଚଳର ଯାତ୍ରୀ ଉପକୃତ ହେଉଛନ୍ତି। ବିଭାଗୀୟ ଅଧିକାରୀଙ୍କ ଦୂରଦୃଷ୍ଟି ଅଭାବରୁ ଏହି ବସ ସେବାରୁ ଅନେକ ଜନସାଧାରଣ ବଞ୍ଚିତ ହେଉଛନ୍ତି। ଏହାକୁ ବିରୋଧ କରାଯାଇଛି। ୩୧୬ ପୁରୀ -ଭୁବନେଶ୍ୱର ଜାତୀୟ ରାଜପଥର ଦୟା ବ୍ରିଜ ନିକଟ ଲିଙ୍ଗିପୁରଠାରୁ ୪ଟି ବସ୍ ସେବା ଶିଖରଚଣ୍ଡୀ ପର୍ଯ୍ୟନ୍ତ ଗଡୁଛି। ତେବେ ଏହି ୪ଟି ବସରେ ଲିଙ୍ଗିପୁରଠାରୁ ଅପେକ୍ଷାକୃତ ଯାତ୍ରୀ ଏଠାରୁ ଚଢୁନାହାନ୍ତି। ପ୍ରାୟ ସାମନ୍ତରାପୁର ପର୍ଯ୍ୟନ୍ତ ବସ୍ଗୁଡ଼ିକ ଖାଲି ଯାତ୍ରା କରୁଥିବା ଦେଖିବାକୁ ମିଳୁଛି। ଯଦି ଲିଙ୍ଗିପୁର ପରିବର୍ତ୍ତେ କମିଶନରେଟ ପୋଲିସର ପରିସୀମା ଉତ୍ତରା ଛକଠାରୁ ଶିଖରଚଣ୍ଡୀ ଯାତ୍ରା କରନ୍ତା ତେବେ ସମସ୍ତ ବସ୍ରେ ନିଶ୍ଚିତ ରୂପେ ଯାତ୍ରୀମାନେ ଯାଇପାରନ୍ତେ। ବାଲକାଟି, ଉତ୍ତରା, ପୁବା ଶାସନ, କୌଶଲ୍ୟାଗଙ୍ଗ, ମଧୁର ମତ୍ସ୍ୟ ଗବେଷଣା କେନ୍ଦ୍ର, ଧଉଳି, ସରାଦେଇପୁର ଆଦି ଅଞ୍ଚଳର ଶତାଧିକ ବ୍ୟବସାୟୀ, ଚାକିରିଆ, କଲେଜ ଛାତ୍ରୀଛାତ୍ର ଏହି ସୁବିଧା ପାଇପାରନ୍ତେ। ଏ ନେଇ ସ୍ଥାନୀୟ ଅଞ୍ଚଳବାସୀ ଏହି ସୁବିଧା ପାଇଁ ବିଭାଗୀୟ ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ଦାବି କରିଥିବା ରଞ୍ଜନ ତ୍ରିପାଠୀ, ସତ୍ୟ ଶିବ ବାରିକ, ସର୍ବେଶ୍ୱର ପ୍ରଧାନ, ଶରତ କୁମାର ସ୍ୱାଇଁ, ଗୋପୀନାଥ ମଲ୍ଲିକ, ନରେନ୍ଦ୍ର ଭୋଇ ପ୍ରମୁଖ ଦାବି କରିଛନ୍ତି।

# ପୋଡ଼ିଗଲା ୩ ଧାନଗଦା

ବାରଙ୍ଗ,୧୬ା୧(ଡି.ଏନ୍.ଏ.)

ବାରଙ୍ଗ ଥାନା ଅନ୍ତର୍ଗତ ବଛିପୁର ଗ୍ରାମରେ ନିଆଁଲାଗି ୩ଟି ଧାନଗଦା ଅଧା ପୋଡିଯାଇଛି। ପ୍ରକାଶ ଯେ, ବଛିପୁର ଗ୍ରାମର ବାବୁଲି ସାହୁ ଓ ଦୀପକ ସାହୁ ଧାନ ଅମଳକରି ନିଜବିଲରେ ଧାନଗଦା କରି ରଖିଥିଲେ। ବୁଧବାର ପୂର୍ବାହ୍ନ ୧୧ଟା୩୦ରେ ଧାନଗଦାରୁ ହଠାତ ଧୂଆଁ ଉଠୁଥିବାର ଦେଖି ସ୍ଥାନୀୟ ଲୋକ ଦମକଳ କେନ୍ଦ୍ରକୁ ଖବର ଦେଇଥିଲେ। ବାରଙ୍ଗରୁ ୨ଟି ଦମକଳ ଆସି ନିଆଁକୁ ଆୟତ୍ତ କରିଥିଲେ। କେହି ନିଆଁ ଲଗାଇଦେଇଥିବାର ଦମକଳ କେନ୍ଦ୍ରର କର୍ମଚାରୀ ଅନୁମାନ କରିଥିବାବେଳେ ୧୦ହଜାରରୁ ଊର୍ଦ୍ଧ୍ୱ ଟଙ୍କାର କ୍ଷୟକ୍ଷତି ହୋଇଥିବା ଜଣାପଡ଼ିଛି।

# ଡାଲିଜାତୀୟ ଚାଷ ପାଇଁ ବୁଣାଗଲା ବିହନ

ବାରଙ୍ଗ,୧୬ା୧(ଡି.ଏନ୍.ଏ.)

■ ୧୦୦ଜଣ ଚାଷୀ ଆଗ୍ରହୀ

■ ଅନୁକୂଳବେଳେ ଆସିଲେନି ଅଧିକାରୀ

ଭୁବନେଶ୍ୱର ବ୍ଲକ କଲ୍ୟାଣପୁର ଗ୍ରାମର ଚାଷୀମାନେ ବୁଧବାର ଡାଲିଜାତୀୟ ଶସ୍ୟ ଚାଷ କ୍ଷେତରେ ବୁଣିଥିଲେ। ଜାତୀୟ ଖାଦ୍ୟ ନିରାପଦ ମିଶନ ୨୦୧୮-୧୯ର ଯୋଜନା ଅନୁଯାୟୀ ଉପକୃଷି ନିର୍ଦ୍ଦେଶକ ଖୋର୍ଦ୍ଧା ଓ ଭୁବନେଶ୍ୱର ବ୍ଲକ କୃଷି ଅଧିକାରୀଙ୍କ ତତ୍ତ୍ୱାବଧାନରେ ୧୦୦ଜଣ ଚାଷୀ ଦ୍ୱିତୀୟଥର ପାଇଁ ୧୦୨ଏକର ବିଲରେ ଡାଲିଜାତୀୟ ଚାଷ କରିବାକୁ ଆଶା କରିଛନ୍ତି। ଏ ନେଇ ବିଭାଗ ପକ୍ଷରୁ ସେମାନଙ୍କୁ ମୁଗ, ବିରି, ଚିନାବାଦାମ ବିହନ ଦିଆଯାଇଛି। ସକାଳେ ଚାଷୀମାନେ କ୍ଷେତକୁ ପୂଜାର୍ଚ୍ଚନା କରି ସବୁ ବିହନ ପକାଇ ଚାଷକାର୍ଯ୍ୟ ଅନୁକୂଳ କରିଥିଲେ। ଚିନାବାଦାମ ୧୫, ବିରି ୬୨, ମୁଗ ୨୫ଏକର ଜାଗାରେ ଚାଷ କରିବେ। ଏଥିପାଇଁ କୃଷି ବିଭାଗ ପକ୍ଷରୁ ସେମାନଙ୍କୁ ବୈଷୟିକଜ୍ଞାନ ପ୍ରଦାନ କରାଯିବା ସହ ଆବଶ୍ୟକବେଳେ ପୂର୍ଣ୍ଣ ସହଯୋଗର ପ୍ରତିଶ୍ରୁତି ଦେଇଥିବାବେଳେ ଅନୁକୂଳରେ ଭୁବନେଶ୍ୱର କୃଷି ବିଭାଗର ଅଧିକାରୀମାନେ ଉପସ୍ଥିତ ନ ରହିବାରୁ ଚାଷୀଙ୍କ ମନରେ ଅସନ୍ତୋଷ ସୃଷ୍ଟି ହୋଇଥିଲା ବୋଲି ଚାଷୀ ବିନୋଦ ବିହାରୀ ସ୍ୱାଇଁ କହିଛନ୍ତି। ପୂର୍ବବର୍ଷ ଅଳ୍ପ ଜାଗାରେ କେତେକ ଚାଷୀ ଭଲ ଡାଲିଜାତୀୟ ଶସ୍ୟ ରେକର୍ଡସଂଖ୍ୟକ ଉତ୍ପାଦନ କରି ସମଗ୍ର ବ୍ଲକ ପାଇଁ ଉଦାହରଣ ସୃଷ୍ଟି କରିପାରିଥିଲେ। ଏହି ଚାଷ ଅନ୍ୟମାନଙ୍କ ପାଇଁ ସାହାର ହେବାର ବାର୍ତ୍ତା ଆମେ ଦେବୁ ବୋଲି ଗୋପୀନାଥ ଦାଶ, ମଳୟ ସ୍ୱାଇଁ, କିଶୋର ରାଉତ, ବେଣୁଧର ପରିଡ଼ା, ବସନ୍ତ କୁମାର ପରିଡା ପ୍ରମୁଖ ଚାଷୀମାନେ କହିଛନ୍ତି।

■ କଣ୍ଠରା ପୋଖରୀ ପୁନରୁଦ୍ଧାର ପ୍ରସଙ୍ଗ

# ଧାରଣା ପରେ କାର୍ଯ୍ୟ ଆରମ୍ଭ ପାଇଁ ନିର୍ଦ୍ଦେଶ

ପୁରୁଣା ଭୁବନେଶ୍ୱର,୧୬ା୧(ଡି.ଏନ.ଏ.)

ଗ୍ୟାରେଜ ଛକଠାରେ ଥିବା ଐତିହ୍ୟ କଣ୍ଠରା ପୋଖରୀର ପୁନରୁଦ୍ଧାର ପାଇଁ ବାରମ୍ବାର ଦାବି ହୋଇ ଆସୁଥିଲା। ବୁଧବାର ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ବିଏମ୍ସି କମିଶନରଙ୍କ କାର୍ଯ୍ୟାଳୟରେ ଧାରଣା ଦିଆଯାଇଥିଲା। ଏହା ପରେ କମିଶନର ପୋଖରୀ ପୁନରୁଦ୍ଧାର ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ପ୍ରତିଶ୍ରୁତି କାର୍ଯ୍ୟକାରୀ ହେବା ନେଇ ତଥାପି କଲୋନୀବାସୀ ସନ୍ଦେହରେ ରହିଛନ୍ତି।

ପାଞ୍ଚ ଏକର ପରିମିତ କଣ୍ଠରା ପୋଖରୀ ବର୍ଷ ବର୍ଷ ଧରି ସଙ୍ଗିନ୍ ହେବାରେ ଲାଗିଛି। ଏ ନେଇ ବାରମ୍ବାର ବିଏମ୍ସି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ହେଲେ ଦିନ ପରେ ଦିନ ଗଡ଼ାଇ କର୍ତ୍ତୃପକ୍ଷ ଘଟଣାକୁ ଅଣଦେଖା କରି ଆସୁଥିଲେ। ବିଏମ୍ସି କର୍ପୋରେଟରଙ୍କ କାର୍ଯ୍ୟକାଳ ସରି ଆସୁଛି। ଶେଷ ଆଶା ରଖି ପୁଷ୍କରିଣୀର ପୁନରୁଦ୍ଧାର ଲାଗି ବାରମ୍ବାର ଦାବି କରି ଆସୁଥିବା ଏକାମ୍ର ଜନଜାଗରଣ ମଞ୍ଚ ବୁଧବାର ବିଏମ୍ସି କାର୍ଯ୍ୟାଳୟରେ ପହଞ୍ଚିଥିଲା। ପ୍ରାୟ ଦେଢଘଣ୍ଟା କମିଶନରଙ୍କ କାର୍ଯ୍ୟାଳୟରେ ମଞ୍ଚ ପକ୍ଷରୁ ଧାରଣା ଦିଆଯାଇଥିଲା। ପରେ ମିଟିଂରୁ ଆସି କମିଶନର ଘଟଣାକୁ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ୨୦୧୬ ମସିହାରେ ଏକ ଜନସ୍ୱାର୍ଥ ମାମଲା ହେବା ପରେ କୋର୍ଟ ତୁରନ୍ତ ଐତିହ୍ୟ ପୁଷ୍କରିଣୀର ପୁନରୁଦ୍ଧାର ପାଇଁ ନିର୍ଦ୍ଦେଶନାମା ଦେଇଥିଲେ ତାହାକୁ କମିଶନର ଯାଞ୍ଚ କରିଥିଲେ। ଶେଷରେ ତୁରନ୍ତ ପୁନରୁଦ୍ଧାର ଲାଗି ନିର୍ଦ୍ଦେଶ ଦେଇଥିଲେ। ତେଣୁ ଥରକୁ ଥର ପ୍ରତିଶ୍ରୁତି ପାଣିରଗାର ହୋଇଥିବା ବେଳେ ଏଥରକ କମିଶନର ଶୁଭମ୍ ସକ୍ସେନାଙ୍କ ନିର୍ଦ୍ଦେଶନାମା କେତେ ଦୂର କାର୍ଯ୍ୟ କରୁଛି ତାହା ନେଇ ଆଶା ଆଶଙ୍କାରେ କଲୋନୀ ବାସିନ୍ଦା ରହିଛନ୍ତି। ଧାରଣାରେ ମଞ୍ଚ ଅଧ୍ୟକ୍ଷ ଭୀଷ୍ମ ନାରାୟଣ ନାଏକଙ୍କ ନେତୃତ୍ୱରେ ସ୍ୱପ୍ନାରାଣୀ ସାମଲ, ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ସୁଲତା ସାହାଣୀ, ମୃତ୍ୟୁଞ୍ଜୟ ମହାନ୍ତି, ହିମାଂଶୁ ହୋତା ପ୍ରମୁଖ ଧାରଣା ଦେଇଥିଲେ।




ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ଧାରଣା ଦିଆଯାଇଛି।



କଣ୍ଠରା ପୋଖରୀ।



ପାକିସ୍ତାନୀ ସୁରକ୍ଷା କର୍ମୀଙ୍କ ଗୁଳିରେ ଖାଇବର ପାଖତୁନ୍‌ଖ୍ୱା ପ୍ରଦେଶ ବିସ୍ଫୋରଣର ମାଷ୍ଟର ମାଇଣ୍ଡ ତାଲିବାନ ଶୀର୍ଷ କମାଣ୍ଡରଙ୍କ ସମେତ ୪ ଆତଙ୍କବାଦୀ ନିହତ ହୋଇଛନ୍ତି। ସେମାନଙ୍କଠାରୁ ବିପୁଳ ଅସ୍ତ୍ରଶସ୍ତ୍ର ଜବତ ହୋଇଛି।

**ପ୍ରଥମ ପୃଷ୍ଠାରୁ...**

## ଧାର୍ଯ୍ୟ ଦିବସ ପୂରଣ ...

ଗତବର୍ଷ ମାତ୍ର ୪୨ ଦିନ ଗୃହ ଚାଲିଥିଲା। ଏହା ଦଶନ୍ଧିର ସବୁଠୁ ସର୍ବନିମ୍ନ ବୈଠକ ବସିଥିବା ବର୍ଷ। ଗତ ନଭେମ୍ବର ୧୬ରେ ପଞ୍ଚଦଶ ବିଧାନସଭାର ଶୀତ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏହି ଅଧିବେଶନ ଡିସେମ୍ବର ୧୫ ଯାଏ ଚାଲିବା ନେଇ ସ୍ଥିରୀକୃତ ହୋଇଥିଲା। ମୋଟ କାର୍ଯ୍ୟ ଦିବସ ୨୩ ଦିନ ରଖାଯାଇଥିଲେ ମଧ୍ୟ ଏହା ମାତ୍ର ୫ ଦିନ ଚାଲିଥିଲା। କୌଣସି ସରକାରୀ କାର୍ଯ୍ୟ ନ ଥିବାରୁ ବନ୍ଦକୁ ଶାସକ ଦଳ ପକ୍ଷରୁ ଯଥାର୍ଥ ଦର୍ଶାଯାଇଥିଲା।

ଏହା ପୂର୍ବ ତଥା ତ୍ରୟୋଦଶ ଅଧିବେଶନରେ ଧାର୍ଯ୍ୟ ହୋଇଥିବା ସମୁଦାୟ ୧୧ ଦିନ ଗୃହ ଚାଲିଥିଲା। କିନ୍ତୁ ଦ୍ୱାଦଶ ଅଧିବେଶନରେ ୩୧ ଦିନ ଧାର୍ଯ୍ୟ ହୋଇଥିଲେ ମଧ୍ୟ ୨୬ ଦିନ ବସିଥିଲା। ଧାର୍ଯ୍ୟ ଦିବସର ୫ ଦିନ ପୂର୍ବରୁ ଗୃହକୁ ମୁଲତବୀ କରାଯାଇଥିଲା। ଏହାର ପୂର୍ବ ଅର୍ଥାତ ୧୧ତମ ଅଧିବେଶନକୁ ଅଧାରୁ ବନ୍ଦ କରିଦିଆଯାଇଥିବା ସୂଚନା ଅଧିକାର ତଥ୍ୟରେ ଉଲ୍ଲେଖ କରାଯାଇଛି। ଧାର୍ଯ୍ୟ ହୋଇଥିବା ମୋଟ ୨୬ଦିନ ମଧ୍ୟରୁ ମାତ୍ର ୧୩ଦିନ ଗୃହ କାର୍ଯ୍ୟ ଚାଲିଥିଲା। ସେ ସମୟରେ ମଧ୍ୟ କୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ନ ଥିବା ଶାସକ ଦଳ ପକ୍ଷରୁ ଯୁକ୍ତି କରାଯାଇଥିଲା। ସେହିପରି ଦଶମ ଓ ସପ୍ତମ ଅଧିବେଶନ ଧାର୍ଯ୍ୟ ୮ଦିନ ସମ୍ପୂର୍ଣ୍ଣ ଭାବେ ବସିଥିଲାବେଳେ ୯ମ ଅଧିବେଶନ ୨୮ ଦିନରୁ ୨୪ ଏବଂ ଅଷ୍ଟମ ଅଧିବେଶନ ୨୪ ଦିନରୁ ମାତ୍ର ୯ଦିନ ଚାଲିଥିଲା। ଷଷ୍ଠ ଅଧିବେଶନଟି ୩୧ ଦିନ ମଧ୍ୟରୁ ୨୭ ଦିନ ଚାଲିଥିଲାବେଳେ ପଞ୍ଚମ ଅଧିବେଶନ ୨୧ ଦିନ ବଦଳରେ ମାତ୍ର ୧୩ ଦିନ ପାଇଁ ବସିଥିଲା। ସେହିପରି ପ୍ରଥମ ଓ ଚତୁର୍ଥ ଅଧିବେଶନ ଯଥାକ୍ରମେ ଧାର୍ଯ୍ୟ ହୋଇଥିବା ସମ୍ପୂର୍ଣ୍ଣ ୨୫ ଏବଂ ୧୧ ଦିନ ବସିଥିଲାବେଳେ ଦ୍ୱିତୀୟ ଅଧିବେଶନ ୨୬ ଦିନରୁ ୧୪ ଦିନ, ତୃତୀୟ ଅଧିବେଶନ ୩୦ ଦିନ ମଧ୍ୟରୁ ୨୮ ଦିନ ବସିଥିଲା।

ଏନେଇ ସୂଚନା ଆବେଦନକାରୀ ପ୍ରଦୀପ ପ୍ରଧାନ କହିଛନ୍ତି ଯେ, ବିଧାନସଭା କରଦାତାଙ୍କ ଅର୍ଥରେ ଚାଲିଥାଏ। ରାଜ୍ୟର ସମସ୍ୟା ସମ୍ପର୍କରେ ଆଲୋଚନା କରିବା ପାଇଁ ଏହା ସର୍ବୋଚ୍ଚ ଫୋରମ୍। ଅନେକ ସମୟରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆଲୋଚନା ନ ହୋଇ ଗୃହ ଅଧାରୁ ବନ୍ଦ ହୋଇଯାଉଛି। ଏହାକୁ ବିରୋଧୀ ଦଳମାନେ ପରୋକ୍ଷରେ ସମର୍ଥନ ଦେଉଥିବା ଲକ୍ଷ୍ୟ କରାଯାଇଛି। ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ କହିଛନ୍ତି ଯେ, ବିଧାନସଭାରେ ସରକାରଙ୍କୁ ସଭ୍ୟମାନଙ୍କ ପ୍ରଶ୍ନର ଉତ୍ତର ଦେବା ଓ ବିଭିନ୍ନ ପ୍ରସଙ୍ଗରେ ଉତ୍ତରଦାୟୀ ହେବାକୁ ପଡ଼ିଥାଏ। ଏଥିପାଇଁ ଖାଲି ସରକାରଙ୍କୁ ଦୋଷ ଦେଲେ ହେବ ନାହିଁ। ଅନେକ ସମୟରେ ଅମଲାତାନ୍ତ୍ରିକ ହସ୍ତକ୍ଷେପ ହିଁ ଏଥିପାଇଁ ଦାୟୀ। ବିଭିନ୍ନ ପ୍ରସଙ୍ଗରେ ତଥ୍ୟ ଯୋଗାଡ଼ କରିବା, ଉତ୍ତର ପ୍ରସ୍ତୁତ କରିବା ଅଧିକାରୀଙ୍କ କାର୍ଯ୍ୟ ଅଟେ। ଏଥିରୁ ସେମାନଙ୍କ ପାରିବାପଣିଆ ମଧ୍ୟ ଜଣାପଡିଥାଏ, ତେଣୁ ସରକାରୀ ଦଳ-ଅଫିସରଙ୍କ ଆନ୍ତରିକତା ଦ୍ୱାରା ହିଁ ଗୃହ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ ହୋଇପାରିବ।

## କଂଗ୍ରେସରୁ ନବ ...

ଏହି ଘଟଣାକୁ ନେଇ ଚର୍ଚ୍ଚା ଥମି ନ ଥିବାବେଳେ ଦଳର ଆଉ କେତେଜଣ ବିଧାୟକ ଖୁବ୍‌ଶୀଘ୍ର କଂଗ୍ରେସ ଛାଡି ବିଜେଡିରେ ସାମିଲ ହେବା କଥା ଶୁଣାଯାଉଛି।

ରାହୁଲଙ୍କୁ ଦେଇଥିବା ଚିଠିରେ ନବ ଉଲ୍ଲେଖ କରିଛନ୍ତି ଯେ, ତାଙ୍କୁ ପିସିସି କାର୍ଯ୍ୟକାରୀ ସଭାପତି ପଦରେ ଅବସ୍ଥାପିତ କରାଯାଇଥିବାରୁ ହୃଦୟର ସହ କୃତଜ୍ଞତା ଜ୍ଞାପନ କରୁଛି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ବିରୋଧରେ ମୋର କୌଣସି ଅଭିଯୋଗ ନାହିଁ। ତାଙ୍କ ସହ ମୋର ଭଲ ସମ୍ପର୍କ ରହିଛି। ୨୦୧୯ ନିର୍ବାଚନରେ ମୁଁ ବିଜେଡିରୁ ଲଢେ ବୋଲି ନିର୍ବାଚନମଣ୍ଡଳୀ ଲୋକେ ଏବଂ ଭୋଟରମାନେ ଚାହୁଁଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ମିଶି ନିର୍ବାଚନମଣ୍ଡଳୀର ଉନ୍ନତି କରେ ବୋଲି ଭୋଟର ଚାହୁଁଛନ୍ତି। ଏହାସହ ଆସନ୍ତା ୨୪ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଝାରସୁଗୁଡା ଗସ୍ତ ସମୟରେ ଲୋକମାନଙ୍କ ମୂଲ୍ୟବାନ ପରାମର୍ଶ ସମ୍ପର୍କରେ ଜଣାଇବି। ଇସ୍ତଫା ପାଇଁ କ୍ଷମା ମାଗିବା ସହ ବିକାଶ ପାଇଁ ବିଜେଡିରେ ସାମିଲ ହେବା ଭଲ ହେବ ବୋଲି ନବ ଚିଠିରେ ଉଲ୍ଲେଖ କରିଛନ୍ତି। ଅନ୍ୟପଟେ କଂଗ୍ରେସ ଶୃଙ୍ଖଳା କମିଟି ସଦସ୍ୟ ଅନନ୍ତ ନାରାୟଣ ସେଠୀ କହିଛନ୍ତି ଯେ, ନବ ଦାସ ଦଳ ଛାଡିବା ନେଇ ବାରମ୍ବାର ଗଣମାଧ୍ୟମକୁ ମନ୍ତବ୍ୟ ଦେବା ଦ୍ୱାରା ଏହା ଦଳକୁ କ୍ଷତି ପହଞ୍ଚାଉଥିଲା। ଶେଷରେ ଦଳ ପକ୍ଷରୁ ତାଙ୍କୁ ଏକ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା। ସେ କୌଣସି ଉତ୍ତର ନ ଦେବା କାରଣରୁ ତାଙ୍କୁ ଦଳରୁ ବହିଷ୍କାର କରାଯାଇଛି ବୋଲି ଅନନ୍ତ କହିଛନ୍ତି। ସେହିପରି ସନ୍ଧ୍ୟାରେ ଏକ ଖବରଦାତା ସମ୍ମିଳନୀ କରି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ, କିଏ ଦଳ ଛାଡ଼ିବା ଖବର କଷ୍ଟ ଦିଏ ମାତ୍ର ଏହା ଆମ ପାଇଁ ଭଲ। ଆଦର୍ଶହୀନ ରାଜନୀତି କରୁଥିବା ବ୍ୟକ୍ତି ଦଳରୁ ଚାଲିଯିବା ଭଲ। ନବ ରାଜନୀତିକୁ ବ୍ୟବସାୟିକ ସ୍ୱାର୍ଥରେ ଲଗାନ୍ତି। ଓଡିଶାରେ କଂଗ୍ରେସ ପୂର୍ବାପେକ୍ଷା ଅଧିକ ସୁଦୃଢ଼ ହୋଇଛି ବୋଲି ନିରଞ୍ଜନ କହିଛନ୍ତି। ଏପରିକି ରବିବାର ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମଧ୍ୟ ନିରଞ୍ଜନ ନବଙ୍କୁ ଜଣେ ବେପାରୀ ବୋଲି ଆଖ୍ୟା କରିଥିଲେ। ନିକଟରେ ବିଜେଡିରେ ସାମିଲ ହୋଇ ସୌମ୍ୟରଞ୍ଜନ ପଟ୍ଟନାୟକ ରାଜ୍ୟ ସଭା ଯାଇଛନ୍ତି। ସୌମ୍ୟ ରାଜନୀତିକୁ ବ୍ୟବସାୟିକ ସ୍ୱାର୍ଥରେ ଲଗାଇବା ପାଇଁ ବିଜେଡି ଯାଇଥିଲେ କି ବୋଲି ପ୍ରଶ୍ନ କରିବାରୁ ନିରଞ୍ଜନ କହିଛନ୍ତି, ସେ ବେପାର କରନ୍ତି ନାହିଁ। ଗୋଟେ ଦଳରେ ରହି ରାଜନୀତି କରୁଥିଲେ। ସେହି ଦଳରୁ ବାହାର କରିଦିଆଯିବା ପରେ ସେ ପୁଣି ରାଜନୀତି କରିବେ ନା ନାହିଁ। ସେଥିପାଇଁ ବିଜେଡିରେ ମିଶିଛନ୍ତି। ମୋ ଭାଇ ବୋଲି କହୁନାହିଁ, କୌଣସି ପ୍ରକାର ବେପାର ପାଇଁ ସେ ବିଜେଡି ଯାଇନାହାନ୍ତି ବୋଲି ନିରଞ୍ଜନ କହିଛନ୍ତି। ନିରଞ୍ଜନଙ୍କ ବେପାରୀ ଆଖ୍ୟା ସମ୍ପର୍କରେ ନବ କହିଛନ୍ତି ଯେ, ମୋତେ କ'ଣ କରିବାକୁ ପଡ଼ିବ, କ'ଣ କରୁଛି, ସେଥିପାଇଁ ନିରଞ୍ଜନ ବାବୁଙ୍କ ସାର୍ଟିଫିକେଟର ଆବଶ୍ୟକତା ନାହିଁ।

---

**GOVERNMENT OF ODISHA, DEPARTMENT OF WATER RESOURCES**
**Office of the Executive Engineer, Mechanical Division,**
**Ambaguda-764055, Dist.- Koraput**
**Email Address- eemda2013@gmail.com**

**CORRIGENDUM TO TENDER CALL NOTICE**

No. 1137-A: The time period of availability of tender online, submission of bid, Opening of bid etc. in respect of this office tender call notice no.- EE/MDA-10/2018-19 dated 09.01.2019 may be read as follows:
1. Availability of bid documents in the portal: from dt.21.01.2019(10.00AM) to dt.31.01.2019(5.00PM)
2. Last date and time of receipt of bid in the portal: dt.31.01.2019(5.00PM)
3. Opening of bid: dt.01.02.2019(12.00Noon onwards)

Other details in the above tender call notice remains unaltered.

**Executive Engineer**
**Mechanical Division, Ambaguda**
32241/11/0007/1819

---

**OFFICE OF THE**
**DIVISIONAL FOREST OFFICER: BARGARH FOREST DIVISION**
AT / PO / DIST:- Bargarh, ODISHA
Phone & Fax – 06646-234135 (O), Email– dfo.bgh@gmail.com
Memo No. 296 (1F)
Dated, Bargarh the 15th January, 2019
139-MM

**Corrigendum to Tender Call Notice**
**No.5121, Date.29.12.2018**

Due to Administrative reasons, the Tender Call Notice No.5121 dated.29.12.2018 published in Odia dailies are modified as follows:-
1. The last date of sale / receipt of Tender Call Notice is upto 4.00PM on 25.01.2019 instead of 4.00PM on date15.01.2019.
2. The date of opening of tender paper is 4.30 PM on 25.01.2019 instead of 4.30PM on 15.01.2019.

Other terms and conditions remain unchanged.

*Divisional Forest Officer*
*Bargarh Forest Division*
08057/11/0007/1819

---

**OFFICE OF THE EXECUTIVE ENGINEER**
**CHHELIGADA HEADWORKS DIVISION, AT/PO: MAHENDRAGADA, VIA: CHANDRAGIRI, DIST: GAJAPATI. PIN - 761017.**
**e-mail: eechwd@gmail.com**

**E-PROCUREMENT NOTICE NO. EE-CHWD-03/2018-19**

No. 1138-A: Bid document consisting of work, estimated cost, cost of tender paper, EMD., time of completion, class of contractor, the set of terms and condition of contract and other necessary documents can be seen in e-procurement portal http://tenderodisha.gov.in

| | | |
|---|---|---|
| 1 | Type of the work | Construction of Civil works |
| 2 | No. of works. | 05 |
| 3 | Class of contractor | D', 'C' & 'B' Class |
| 4 | Bid Identification No. | EE-CHWD-03/2018-19 |
| 5 | Estimated cost | Varies from Rs.8.93 lakhs to 39.80 lakhs |
| 6 | Period of completion | Varies from 4 (four) to 6 (six) calendar months |
| 7 | Date & time of availability of bid documents in the portal | 18.01.2019 to 29.01.2019 upto 5.00PM |
| 8 | Last date / time for receipt of bids in the portal | 29.01.2019 upto 5.00PM |
| 9 | Name of the office inviting bid | Executive Engineer, Chheligada Head Works Division, Mahendragada, Dist: Gajapati |
| 10 | Date of opening of bid | 30.01.2019 at 11.30 AM., in the e-procurement cell, Office of the Chief Engineer & Basin Manager, RVN Basin, Berhampur, Dist: Ganjam. |

**N.B:-**
1) Any addendum / corrigendum / cancellation of tender can also be seen in the said website.
2) Further details can be seen from Government website: http://tenderodisha.gov.in

**Sd./- Executive Engineer,**
**Chheligada Head Works Division,**
**Mahendragada (Gajapati).**
32109/11/0005/1819

---

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE CHIEF ENGINEER & BASIN MANAGER**
**SUBARNAREKHA & BUDHABALANGA, BASIN**
**At/Po : Laxmiposi, Dist : Mayurbhanj**
**GOVERNMENT OF ODISHA**
**'e' Procurement Notice**
**Bid Identification No. 04/18-19 of CEBM, SBB, Laxmiposi**
No. 1137-A

| | | | |
|---|---|---|---|
| i | Name of Work | : | Construction of Baisinga Branch Canal from RD 26.200 KM to RD 28.100Km including all Minors and Sub-Minors with its Structures, Cement Concrete Lining and Service road, Package- XVIII. |
| ii | Estimated Cost (Lakh) | : | Rs. 1246.50 Lakh |
| iii | Period of Completion | : | 11 (Eleven) Calendar Months |
| iv | Date & Time of availability of bid document in the portal | : | 24.01.2019 at 10 A.M. |
| v | Last date / time for receipt of bid in the portal | : | 11.02.2019 upto 5.00 P.M. |
| vi | Name & Address of the O.I.T. | : | Chief Engineer & Basin Manager, O/O the CE & BM, Subarnarekha & Budhabalanga Basin, Laxmiposi, Mayurbhanj |

Further details can be seen from the e-Procurement Portal "https://tendersodisha.gov.in".

**Sd./- Chief Engineer**
**& Basin Manager, Subarnarekha &**
**Budhabalanga Basin, Laxmiposi**
**bid_cebmbsbb@rediff.com**
32074/11/0004/1819

---

**ODISHA HYDRO POWER CORPORATION LTD**
CIN: U40101OR1995SGC003963
(*GOVERNMENT OF ODISHA UNDERTAKING*)
**OFFICE OF THE GENERAL MANAGER (EL.)**
CHIPLIMA HYDRO ELECTRIC PROJECT, CHIPLIMA
At/P.O – CHIPLIMA– 768026, DIST-SAMBALPUR (ODISHA)
WEB: www.ohpcltd.com (0663) 2460661,
Email-hpschiplima@yahoo.in, Fax No. (0663) 2460505
No. CAD-1275

**No.-CHEP/TW-41 (Vol.-IV)/207** **Date: 16.01.2019**

**TENDER CALL NOTICE NO.-CHEP-34/2018-19**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the eligible Contractors for the following works as mentioned below.

| Sl. No. | Description | Cost of Tender Paper (Non-refundable) | Estimated Cost / EMD (Refundable) | Eligible Class of Contractor |
|---|---|---|---|---|
| 1 | Lifting & distributing of water to OHPC Colony of CHEP, Chiplima | Rs.4720/- (Rs.4000/- + GST @18%) | Rs.617895/- EMD= Rs.6200/- | Electrical (MV) |
| 2 | Repair & Replacement of Filter Bed of Water Supply System of CHEP, Chiplima | Rs.708/- (Rs.600/- + GST @18%) | Rs.100405/- EMD= Rs.1010/- | Civil (D & C) |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com.

**Sd/- Unit Head, CHEP, Chiplima**
04006/11/0056/1819

---

**GOVERNMENT OF ODISHA**
**STEEL & MINES DEPARTMENT**
**DIRECTORATE OF GEOLOGY, ODISHA**
**BHU-BIGYAN BHAWAN, BHUBANESWAR-751001**

**TENDER CALL NOTICE**

**No. GVIII(g)-03/2018-DG(Establishment)-**
**Report Cell & Record Room articles**

No. 16-G: The Director of Geology, Odisha, Bhu-Bigyan Bhawan, Unit-V, Bhubaneswar- 751001, invites Sealed Tender on behalf of the Governor of Odisha, in two bid system (Technical Bid and Price Bid) for purchase of Report Cell & Record Room articles (Such as Glass door Storwel, Officers' Table, Officers' Movable Chair, Visitors' Chair, Steel Rack etc.) from manufacturers or their authorized Distributors/ Importers /C&F agents/reputed Dealers/ Suppliers/ DGSD/ EPM rate contract holders in conformity with terms and conditions laid down in tender document.

The Tender document shall be available in the Departmental Website http://www.orissaminerals.gov.in. The prospective bidders can download the tender paper from the above website and deposit a non-refundable tender fee of Rs. 590.00 (Rupees five hundred ninety) only, inclusive of GST @18% in shape of Bank Draft drawn in favour of Director of Geology, Odisha, payable at Bhubaneswar, along with the tender paper. Tender document can also be obtained from the Directorate of Geology, Odisha, Bhubaneswar on payment of a non-refundable tender fee of Rs.590/-(Rupees five hundred ninety) only, inclusive of GST @18% by cash on any working days from 18.01.2019 to 07.02.2019/ 4.00PM.

**Last date of receipt of the Tender : 07th February 2019 up to 5.00PM**
**The date of opening of the Tender : 08th February 2019 at 11.30AM.**

30003/11/0007/1819 **DIRECTOR OF GEOLOGY, ODISHA**

---

See
**CAREER APPOINTMENT**
on every
**Wednesday &**
**Saturday**

---

**BERHAMPUR MUNICIPAL CORPORATION**

L. No. 638 Date: 15.01.19

**Corrigendum to Tender Call Notice BMC (BAM) 186/2018-19**

**No. 417-C:-** The Technical specification of the aforesaid Tender Call Notice is hereby modified as detailed below:

**In Page No. 29 of DTCN**

| S.N. | Existing of clause | Changes made |
|---|---|---|
| 1 | The bidder should have been validly registered as a Contractor L.T. / H.T. electrical Contractor in the required Class under Govt. of Odisha through any Appropriate Public Authority to suit the respective work / package. | The bidder should have been validly registered as a Contractor L.T. / H.T. electrical Contractor in the required Class under Govt. of Odisha through any Appropriate Public Authority to suit the respective Work / Package. **OR** The bidder should have been validly Registered in equivalent Grade / Class / Category under the Central Government / any other State Government / MES / Railways / Public Sector Undertakings to suit the respective work. |

All other terms and conditions remain unchaged.

13035/11/0189/1819 *Sd./- Commissioner, Berhampur Municipal Corporation*

---

## ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ, ଭୁବନେଶ୍ୱର

ନଂ୬୯୩/IM(TR)-50/18 ଭୁବନେଶ୍ୱର ତା. ୧୬।୦୧।୨୦୧୯

**ବିଜ୍ଞାପନ**

ସରକାରୀ ବସ୍ ଭଡ଼ା ସୂତ୍ରରେ ଚଳାଇବାର ବିଜ୍ଞପ୍ତି ତଥା ଦରଖାସ୍ତ ଗ୍ରହଣ କରିବାର ଅବଧିକୁ ତା୧୭।୦୧।୧୯ ପରିବର୍ତ୍ତେ ତା୨୮।୦୧।୨୦୧୯କୁ ବର୍ଦ୍ଧିତ କରାଗଲା।

ଟେଣ୍ଡରର ସବିଶେଷ ସର୍ତ୍ତାବଳୀ ପୂର୍ବ ବିଜ୍ଞାପନ ଅନୁଯାୟୀ ଅପରିବର୍ତ୍ତିତ ରହିବ।

ଟେଣ୍ଡର ଖୋଲାଯିବାର ସ୍ଥାନ, ତାରିଖ ଓ ସମୟ ନିମ୍ନରେ ପ୍ରଦତ୍ତ କରାଗଲା।

୧. ବ୍ରହ୍ମପୁର ଡିଭିଜନ: ତା୨୯।୦୧।୨୦୧୯ ରିଖ ସକାଳ ୧୧.୦୦ ଘଟିକା, ପରିବହନ ଭବନ, ଭୁବନେଶ୍ୱର
୨. ଭୁବନେଶ୍ୱର ଡିଭିଜନ: ତା୩୦।୦୧।୨୦୧୯ରିଖ ସକାଳ ୧୧.୦୦ ଘଟିକା, ପରିବହନ ଭବନ, ଭୁବନେଶ୍ୱର
୩. ସମ୍ବଲପୁର ଡିଭିଜନ: ତା୩୧।୦୧।୨୦୧୯ରିଖ ସକାଳ ୧୧.୦୦ ଘଟିକା, ପରିବହନ ଭବନ, ଭୁବନେଶ୍ୱର

**ଅଧ୍ୟକ୍ଷ-ତଥା-ପରିଚାଳନା ନିର୍ଦ୍ଦେଶକଙ୍କ ଆଦେଶକ୍ରମେ**
**ସ୍ୱା./- ରୁଦ୍ର ପ୍ରସନ୍ନ ସାହୁ,**
**ସାଧାରଣ ପରିଚାଳନା (ପ୍ରଶାସନ)**
**ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ, ଭୁବନେଶ୍ୱର**

---

**STATE POLLUTION CONTROL BOARD, ODISHA**
**(DEPARTMENT OF FOREST & ENVIRONMENT, GOVERNMENT OF ODISHA)**
**Paribesh Bhawan, A/118, Nilakantha Nagar, Unit-VIII, Bhubaneswar-751012, INDIA**
**EPABX: 2561909/2562847, Tel: 2562822/2560955, E-mail: paribesh1@ospcboard.org, Website: www.ospcboard.org**

**No. 575/ IND-IV-PCP-PWM-53(P 2018-19 Dt. 15.01.2019**

**QUOTATION CALL NOTICE FOR PRINTING MATERIAL**

Sealed quotations are invited from the registered Firms/ Manufactures/ Dealers for printing and supply of leaflets on restricted plastic materials as per the following specifications and requirement quantity.

| Sl. No. | Description of the item | Specification | Quantity required | Rate per thousand including taxes if any, (in Rs.) |
|---|---|---|---|---|
| 1. | Leaflet | Size-1/4 Demi Paper-130 imported art paper | 3,00,000 | |

The interested bidders should enclose their firm's registration certificate, copy of the PAN and GST registration certificate alongwith the offer. The quotationers shall be deemed to have studied the subject matter, specifications and details of the supplies to be made within the time schedule. The bidder shall quote rates inclusive of all taxes etc. as applicable, whatsoever. The rate quoted should include DTP, composing, transportation, freight and taxes. Incomplete/ conditional tenders are liable to be summarily rejected. The rates quoted by the bidder shall be valid up to 1 year from the date of finalization of the quotation call notice. The printing should be in bi-colour. The rates have to be for at State Pollution Control Board, Odisha, Bhubaneswar (SPCB) with proper packing in suitable packets. The bidders/quotationers/their representatives are permitted to be present at the time of opening of the quotation. However, the undersigned reserves the right to decide on such a matter in the interest of the S.P.C. Board, if felt necessary. No amendment in the rate except increase in the rate of GST during the period of execution of the contract will be accepted. The sample of the paper to be used is required to be submitted with quotation duly stampted with SEAL of the firm.

The offer should be sent in a sealed cover superscribing the Quotation Call Notice No. through SPEED POST within 15 days from the date of publication of Advertisement. Further, all future communication relating to Tender Call Notice, If any will be available in the Board's website.

**Sd./- Member Secretary**

---

**GOVERNMENT OF ODISHA**
**REVENUE AND DISASTER MANAGEMENT DEPARTMENT**
No. RDM-OEB-MEET-0001-2015 **1558** / R&DM Dated 14.01.2019

**QUOTATION CALL NOTICE**

**No. 98-F:-** Sealed quotation in plain paper / letter pad accompanied with E.M.D. of Rs. 5000/- (Rupees Five Thousand) only in shape of Bank Draft in favour of the Deputy Secretary to Government (DDO), Revenue & D.M. Department, Government of Odisha, Bhubaneswar at any Nationalized Bank are invited from the intending Authorized Dealers / Suppliers located in Bhubaneswar having valid GST Registration Number / Tax Clearance Certificate / PAN Card for supply of Computer Consumables for Revenue & D.M. Department. Details of the required specification of the Computer Consumables are given in Annexure-I (Copy enclosed). The quotation should reach the undersigned on or before 31.01.2019 by 2PM. The same will be opened on the same day at 4PM in the Office chamber of F.A.-cum-Additional Secretary in presence of other members of the Purchase Committee of this Department and the Quotationers or their representatives.

The price of the above articles should be mentioned clearly indicating the Taxes, If any. The authority reserves the right to accept or reject any Quotations at any stage without assigning any reason thereof. The quotations received incomplete or received after the scheduled date and time shall be rejected.

The agencies shall have to quote the price of the Computer Consumables and GST separately as per the format given below.

| Sl. No. | Name of the Articles | Make / Brand | Unit Price | GST | Total Price |
|---|---|---|---|---|---|
| | | | | | |

24001/11/0569/1819 *Deputy Secretary to Government*

---

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଗଜପତି
**ପାରଳାଖେମୁଣ୍ଡି**
**(ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍)**

**ବିଜ୍ଞପ୍ତି**

ପତ୍ରସଂଖ୍ୟା: ତାରିଖ:

**No. 63-g:-** ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ଶିଶୁମାନଙ୍କର ପିତାଙ୍କ ମୃତ୍ୟୁ ପରେ ମାଆ ଅନ୍ୟତ୍ର ଚାଲିଯାଇଥିବା ହେତୁ ଶିଶୁ କଲ୍ୟାଣ ସମିତି, ଗଜପତି ଉକ୍ତ ଶିଶୁମାନଙ୍କୁ ପରିତ୍ୟକ୍ତ ବୋଲି ଦର୍ଶାଯାଇ ଶିଶୁ ଯତ୍ନ ଏବଂ ସୁରକ୍ଷା ନେଉଥିବା ଅନୁଷ୍ଠାନ 'ଡେଷ୍ଟାର ହୋମ୍ ଫର ଡେଷ୍ଟିଚୁଟ୍ କିଡ୍ସ', ଜରଉ, ମୋହନା ଓ 'ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ କେନ୍ଦ୍ର', ପାରଳାଖେମୁଣ୍ଡି ଶିଶୁ ଗୃହମାନଙ୍କରେ ରଖିଛନ୍ତି। ଯଦି ଏହି ଶିଶୁମାନଙ୍କର ପିତା, ମାତା, ଅଭିଭାବକ କିମ୍ବା କେହି ଆଇନତଃ ଦାବିଦାର ଥାଆନ୍ତି, ଉକ୍ତ ଖବର ପ୍ରକାଶନର ୩୦ ଦିନ ମଧ୍ୟରେ ଆବଶ୍ୟକ ପ୍ରମାଣପତ୍ର ସହ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଗଜପତି, ପାରଳାଖେମୁଣ୍ଡି, ବାର୍ତ୍ତାଳାପ ସଂଖ୍ୟା: ୦୬୮୧୫-୨୨୨୫୮୬ରେ ଯୋଗାଯୋଗ କରି ଦାବି ଉପସ୍ଥାପନ କରିବା ପାଇଁ ଅନୁରୋଧ କରାଯାଉଅଛି। ଦିଆଯାଇଥିବା ସମୟ ଅବଧି ପରେ ଏହି ଶିଶୁମାନଙ୍କ ଉପରେ କୌଣସି ଦାବି ଗ୍ରହଣ ହେବ ନାହିଁ ଏବଂ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ-୨୦୧୫ ଧାରା ୩୮(୪) ଓ ପୋଷ୍ୟ ନିୟନ୍ତ୍ରଣ ୨୦୧୭ ଅନୁଯାୟୀ ଶିଶୁଟିକୁ ପୋଷ୍ୟ ସନ୍ତାନ ନିମନ୍ତେ ଆଇନତଃ ଯୋଗ୍ୟ ଘୋଷଣା କରାଯିବ।

| ନାମ | ଲିଙ୍ଗ | ବୟସ | ଫଟୋ |
|---|---|---|---|
| ମାନୁଆଲ ମଣ୍ଡଳ | ପୁଅ | ୦୪ |  |
| ମାଥୁଆଲ ମଣ୍ଡଳ | ପୁଅ | ୦୬ |  |
| ସମୁଆଲ ମଣ୍ଡଳ | ପୁଅ | ୦୮ |  |

33024/11/0007/1819 **ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍, ଗଜପତି**

---

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଗଜପତି, ପାରଳାଖେମୁଣ୍ଡି
(ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ)

**ବିଜ୍ଞପ୍ତି**

**ପତ୍ର ସଂଖ୍ୟା** **ତାରିଖ**

**No.62-g:-** ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ଶିଶୁମାନଙ୍କୁ ଶିଶୁ କଲ୍ୟାଣ ସମିତି, ଗଜପତି ଅନାଥ/ପରିତ୍ୟକ୍ତ ବୋଲି ଦର୍ଶାଯାଇ ଶିଶୁ ଯତ୍ନ ଓ ସୁରକ୍ଷା ନେଉଥିବା ଅନୁଷ୍ଠାନ ''ଡେଷ୍ଟାର ହୋମ ଫର ଡେଷ୍ଟିଚ୍ୟୁଟ କିଡ୍ସ'', ଜରଉ, ଶ୍ରୀ ଜଗନ୍ନାଥ ନିକେତନ'', ରା. ସିତାପୁର ଓ ''ନବଜୀବନ ବ୍ଲାଇଣ୍ଡ ଓ ରିଲିଫ ସେଣ୍ଟର'', ପାରଳାଖେମୁଣ୍ଡି ଶିଶୁ ଗୃହମାନଙ୍କରେ ରଖାଯାଇଅଛି। ଯଦି ଏହି ଶିଶୁ ମାନଙ୍କର ପିତା ଓ ମାତା କିମ୍ବା କେହି ଆଇନତଃ ଦାବିଦାର ଥାଆନ୍ତି, ଉକ୍ତ ଖବର ପ୍ରକାଶନର ୩୦ ଦିନ ମଧ୍ୟରେ ଆବଶ୍ୟକ ପ୍ରମାଣପତ୍ର ସହ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଗଜପତି, ପାରଳାଖେମୁଣ୍ଡି, ବାର୍ତ୍ତାଳାପ ସଂଖ୍ୟା: ୦୬୮୧୫-୨୨୨୫୮୬ରେ ଯୋଗାଯୋଗ କରି ଦାବି ଉପସ୍ଥାପନ କରିବା ପାଇଁ ଅନୁରୋଧ କରାଯାଉଅଛି। ଦିଆଯାଇଥିବା ସମୟ ଅବଧି ପରେ ଏହି ଶିଶୁ ଉପରେ କୌଣସି ଦାବି ଗ୍ରହଣ ହେବ ନାହିଁ ଏବଂ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ-୨୦୧୫ ଧାରା ୩୮(୪) ଓ ପୋଷ୍ୟ ନିୟନ୍ତ୍ରଣ ୨୦୧୭ ଅନୁଯାୟୀ ଶିଶୁଟିକୁ ପୋଷ୍ୟ ସନ୍ତାନ ନିମନ୍ତେ ଆଇନତଃ ଯୋଗ୍ୟ ଘୋଷଣା କରାଯିବ।

| ନାମ | ଲିଙ୍ଗ | ବୟସ | ଫଟୋ | ନାମ | ଲିଙ୍ଗ | ବୟସ | ଫଟୋ |
|---|---|---|---|---|---|---|---|
| ଦିବ୍ୟ କାର୍ଜୀ | ପୁଅ | ୦୬ |  | ସୁକାନ୍ତ ମଲ୍ଲିକ | ପୁଅ | ୦୮ |  |
| ବ୍ଲିକ କ୍ଲିଣ୍ଟୋନ ଭୂୟାଁ | ପୁଅ | ୦୯ |  | କୈଳାସ ମଣ୍ଡଳ | ପୁଅ | ୧୭ |  |
| ଆଲୋକ କନ୍ଧ | ପୁଅ | ୧୨ |  | ବିଜୟ ଲକ୍ଷ୍ମୀ ଲୋହରା | ଝିଅ | ୦୮ |  |

33024/11/0006/1819 **ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍, ଗଜପତି**

---

**GOVERNMENT OF ODISHA**
**HOME (ELECTIONS) DEPARTMENT**

**TENDER CALL NOTICE**

**VE(A)-07/2019- 911 /Elec. dated.16th January, 2019**

No. 343-D: Sealed tenders are invited from Registered and reputed organizations / agencies / suppliers who fulfil the eligibility criteria and having sufficient infrastructure in the field of Recording and Web Streaming of Video for parliamentary election / State assembly election in India. For details please visit CEO website www.ceoorissa.nic.in and Govt. of Odisha website www.odisha.gov.in.

Last date for submission of bids -31.01.2019.

**Sd./- Office of the Chief Electoral Officer,**
**Odisha Unit-V, Behind Odisha Secretariat,**
**Bhubaneswar.**
12001/11/0027/1819

Exam Mate
Mock Test Paper for Std X, XII CBSE Board, IIT - JEE Main & Advanced. FOR ANSWERS VISIT : www.dharitri.com

# SAMPLE PAPER # 7

## CLASS-X (MATHEMATICS)

**Time Allowed : 3 hours** **Maximum Marks: 80**

### GENERAL INSTRUCTIONS

i. ***All questions are compulsory. There are 30 questions in all.***

ii. ***This question paper has four sections : Section A, Section B, Section C and Section D.***

iii. ***Section A contains 6 questions of one mark each, Section B contains 6 questions of two marks each, Section C contains 10 questions of three marks each, Section D contains 8 questions of four marks each.***

iv. ***There is no overall choice. However, an internal choice has been provided in four questions of three marks each and three questions of four marks each. You have to attempt only one of the choices in such questions.***

v. ***Use of calculators is not permitted.***

### SECTION-A

1. If two positive integers a and b are written as $a = x^3y^2$ and $b = xy^3$; x, y are prime numbers, then find HCF (a, b).

2. If on division of a polynomial p(x) by a polynomial g(x), the quotient is zero, what is the relation between the degrees of p(x) and g(x) ?

3. Find the points on the x-axis which are at a distance of $2\sqrt{5}$ from the point (7, –4). How many such points are there ?

4. Two dice are thrown at the same time. Determine the probability that the difference of the numbers on the two dice is 2.

5. If two tangents inclind at an angle $60^0$ are drawn to a circle of radius 3 cm, then calculate the length of each tangent.

6. When a die is thrown, find the probability of getting an odd numbers less than 3.

### SECTION-B

7. Show that $12^n$ cannot end with the digit 0 or 5 for any natural number n.

8. Two straight paths are represented by the equations $x - 3y = 2$ and $-2x + 6y = 5$. Check whether the paths cross each other or not.

9. Find the value of a, if the distance between the points A(–3, –14) and B(a, –5) is 9 units.

10. Prove that : $\left(\sqrt{3}+1\right)\left(3-\cot 30^0\right) = \tan^3 60^0 - 2\sin 60^0$

11. Prove that : $\frac{\sin\theta}{1+\cos\theta} + \frac{1+\cos\theta}{\sin\theta} = 2\operatorname{cosec}\theta$

12. A die has its six faces marked 0, 1, 1, 6, 6, 6. Two such dice are thrown together and the total score is recorded.
    i. How many different scores are possible ?
    ii. What is the probability of getting a total of 7 ?

### SECTION-C

13. Prove that $\sqrt{3}+\sqrt{5}$ is irational.

14. Find a, b and c such that the numbers a, 7, b, 23, c are in AP.

15. At t minutes past 2 pm, the time needed by the minutes hand of a clock to show 3 pm was found to be 3 minutes less than $\frac{t^2}{4}$ minutes. Find t.

16. Two years ago, Salim was thrice as old as his daughter and six years later, he will be four years older than twice her age. How old are they now ?

**OR**

If $2x + y = 23$ and $4x - y = 19$, find the values of $5y - 2x$ and $y/x - 2$.

17. The centre of a circle is (2a, a – 7). Find the values of a if the circle passes through the point (11, –9) and has diameter $10\sqrt{2}$

18. In the figure, if $\angle ACB = \angle CDA$ , AC = 8 cm and AD = 3 cm, find BD.




**OR**

If from an external point B of a circle with centre O, two tangents BC and BD are drawn such that $\angle DBC = 120^0$ , prove that BC + BD = BO, i.e., BO = 2BC.

19. Draw an isosceles triangle ABC in which AB = AC = 6 cm and BC = 5 cm. Construct a triangle PBR similar to ABC in which PB = 8 cm. Also justify the construction.

20. Find the area of the flower bed (width semi-circular ends) shown in given figure.




21. Two cones with same base radius 8 cm and height 15 cm are joined together along their bases. Find the surface area of the shape so formed.

22. The following are the ages of 300 patients getting medical treatment in a hospital on a particular day:

| Age (in years) | Number of patients |
|---|---|
| 10–20 | 60 |
| 20–30 | 42 |
| 30–40 | 55 |
| 40–50 | 70 |
| 50–60 | 53 |
| 60–70 | 20 |

Form:

i. Less than type cumulative frequency distribution.

ii. More than type cumulative frequency distribution.

### SECTION-D

23. At present Asha's age (in years) is 2 more than the square of her daughter Nisha's age. When Nisha grows to her mother's present age. Asha's age would be one year less than 10 times the present age of Nisha. Find the present ages of both Asha and Nisha.

24. The eighth term of an AP is half its second term and the eleventh term exceeds one third of its fourth term by 1. Find the 15th term.

25. In a quadrilateral ABCD, $\angle A + \angle D = 90^0$ . Prove that $AC^2 + BD^2 = AD^2 + BC^2$.

**OR**

In the given figure l || m and line segments AB, CD and EF are concurrent at point P. Prove that $\frac{AE}{BF} = \frac{AC}{BD} = \frac{CE}{FD}$




26. If an isosceles triangle ABC, in which AB = AC = 6cm, is inscribed in a circle of radius 9 cm, find the area of the triangle.

27. If $\sin\theta + \cos\theta = p$ and $\sec\theta + \operatorname{cosec}\theta = q$, then prove that $q(p^2 - 1) = 2p$

28. From the top of a tower h m high, the angles of depression of two objects, which are in line with the foot of the tower are $\alpha$ and $\beta$ ($\beta > \alpha$). Find the distance between the two objects.

29. The barrel of a fountain pen, cylindrical in shape, is 7 cm long and 5 mm in diameter. A full barrel of ink in the pen is used up on writing 3300 words on an average. How many words can be written in bottle of ink containing one fifth of a litre ?

**OR**

A rectangular water tank of base 11 m x 6 m contains water upto a height of 5m. If the water in the tank is transferred to a cylindrical tank of radius 3.5 m, find the height of the water level in the tank.

30. Determine the mean of the following distribution.

| Marks | Number of students |
|---|---|
| Below 10 | 5 |
| Below 20 | 9 |
| Below 30 | 17 |
| Below 40 | 29 |
| Below 50 | 45 |
| Below 60 | 60 |
| Below 70 | 70 |
| Below 80 | 78 |
| Below 90 | 83 |
| Below 100 | 85 |

For Answers visit: www.dharitri.com

Vidyamandir Classes
GURUKUL FOR IITJEE AND MEDICAL PREPARATION
ADMISSION cum SCHOLARSHIP TEST ON 20th JANUARY & 2nd FEBRUARY 2019
(FOR CLASS VII, VIII, IX, X & XI STUDENTS) Ph. No. 0674 - 2421400, 2421800, 85990 87100 / 85990 87200
Preparation For: JEE Mains & Advanced, Medical (NEET / AIIMS), KVPY, Olympiad, NTSE & Board.
Jaydev Vihar Centre : 1st Floor Above HDFC Bank, Madhusudan Nagar, Kalinga Stadium Square, •Damana Centre: Plot No. 248, 1st Floor, Near Damana Square, Sailashree Vihar Road, Chandrasekharpur, Bhubaneswar
Corporate Office: Vidyamandir Classes, Aggrawal Corporate Heights, 3rd Floor, Plot No. A-7 Netaji Subhash Place, Opposite Wazirpur Depot, Pitampura, Delhi, www.vidyamandir.com


ସୋନାକ୍ଷୀ

# ସ୍ଲିମ୍ ଟ୍ରିମ୍ ମିଶନ

ଦବଙ୍ଗ ଗର୍ଲ ସୋନାକ୍ଷୀ ସିହ୍ନା ଏବେ ନିଜର ସ୍ଲିମ୍ ଟ୍ରିମ୍ ମିଶନକୁ ନେଇ ବ୍ୟସ୍ତ ଅଛନ୍ତି। କଥା କ'ଣ କି, ନିକଟରେ ସେ ଏକ ଫିଲ୍ମ ଲାଗି ସାଇନ୍ କରିଛନ୍ତି। ସେଥିରେ ନିଜ ଭୂମିକା ପାଇଁ ତାଙ୍କୁ ଓଜନ କମାଇବା ସହ ଆଉ ଟିକେ ପତଳା ହେବାକୁ ପଡ଼ିବ। ତେଣୁ ସେ ଏବେଠାରୁ ଅଣ୍ଟା ଭିଡ଼ିଛନ୍ତି। 'ସୀମିତ ସମୟ ଭିତରେ ମୋତେ ଏହି ମିଶନ କମ୍ପ୍ଲିଟ କରିବାକୁ ପଡ଼ିବ। ତେଣୁ ଡାଏଟିଂକୁ ଆହୁରି ଆକ୍ଟିଭ କରିବା ସହ ଜିମ୍‌ରେ ଅଧିକ ସମୟ ବିତାଉଛି ବୋଲି କହିଛନ୍ତି ସୋନାକ୍ଷୀ।


ଅମିତାଭ

# ଦୁଇ ହାତରେ ଲେଖିପାରନ୍ତି ବିଗ୍ ବି

ବିଗ୍ ବି ଓରଫ ଅମିତାଭ ବଚ୍ଚନ– କେବଳ ନାମ ହିଁ ଯଥେଷ୍ଟ। ବଲିଉଡ୍‌ର ଏହି ମିଲେନିୟମ ଷ୍ଟାର ଅନେକଙ୍କ ଅଭିନୟ ଜୀବନର ଆଦର୍ଶ ପାଲଟି ସାରିଛନ୍ତି। ଦୀର୍ଘବର୍ଷ ଧରି ହିନ୍ଦୀ ସିନେମାରେ ଅଭିନୟ କରିବା ପରେ ଏବେ ମଧ୍ୟ ସେ ଦର୍ଶକଙ୍କୁ ଦେଉଛନ୍ତି ଭରପୂର ଏଣ୍ଟରଟେନ୍‌ମେଣ୍ଟ। ତାଙ୍କ ବିଷୟରେ ଏକ କୌତୂହଳ କଥା ରହିଛି। ଆମେ ସାଧାରଣତଃ ଲେଖିବା ପାଇଁ ଡାହାଣ ହାତ ବ୍ୟବହାର କରିଥାଉ। କେହି କେହି ବାମ ହାତରେ ବେଶ୍ ସୁନ୍ଦର ଭାବରେ ମଧ୍ୟ ଲେଖିପାରନ୍ତି। ହେଲେ ବିଗ୍ ବି ସେ କ୍ଷେତ୍ରରେ ଆଉ ପାଦେ ଆଗକୁ ଯାଇପାରିଛନ୍ତି। ଆପଣମାନେ ଜାଣିଲେ ଆଶ୍ଚର୍ଯ୍ୟ ହେବେ, ଅମିତାଭ ମଧ୍ୟ ଦୁଇ ହାତରେ ବେଶ୍ ଭଲ ଭାବରେ ଲେଖିପାରନ୍ତି।

## ବଲିଉଡ୍ ହାଲ୍‌ଚାଲ୍

❖ରଣବୀର ସିଂଙ୍କ ଅଭିନୀତ 'ଗଲି ବୟ' ଫେବୃୟାରୀ ୧୪ରେ ରିଲିଜ ହେବାକୁ ଯାଉଛି। ଅନ୍ୟପକ୍ଷରେ ବର୍ତ୍ତମାନ ସେ ପ୍ରଖ୍ୟାତ ଭାରତୀୟ କ୍ରିକେଟର କପିଳ ଦେବଙ୍କ ବାୟୋପିକ୍‌ରେ ଅଭିନୟ କରିବେ। ସେଥିପାଇଁ ରଣବୀର ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି।

❖ମଲ୍ଲାଇକା ଆରୋରାଙ୍କ ସହ ସମ୍ପର୍କକୁ ନେଇ ଅର୍ଜୁନ କପୁର ଅଧିକାଂଶ ସମୟ ନୀରବ ରହୁଛନ୍ତି। ଦୁହେଁ ଏବେ ଫିଜିକାଲ ଫିଟ୍‌ନେସ ପ୍ରତି ଗୁରୁତ୍ୱ ଦେଉଛନ୍ତି। କାରଣ ଦୁହିଙ୍କୁ ଏବେ ଜିମ୍‌ରେ ଦେଖିବାକୁ ମିଳୁଛି।

❖ଅକ୍ଷୟ କୁମାରଙ୍କ ପତ୍ନୀ ଟ୍ୱିଙ୍କିଲ ଖାନ୍ନା ଏବେ ବହି ଲେଖିବା ପ୍ରତି ଗୁରୁତ୍ୱ ଦେଉଛନ୍ତି। ବର୍ତ୍ତମାନ ସେ ଯୋଗ ଉପରେ ଏକ ପୁସ୍ତକ ରଚନା କରିବାକୁ ଯାଉଛନ୍ତି।

❖ଟେଜି ଶାହା ଏବେ ଏକ ଆକ୍ସନଭିତ୍ତିକ ଫିଲ୍ମରେ ସାଇନ୍ କରିଛନ୍ତି। ସେଥିପାଇଁ ସେ ଉଭୟ ଆକ୍ସନ ଏବଂ ଷ୍ଟଣ୍ଟ ଶଟ୍ ଦେବା ପାଇଁ ଟ୍ରେନିଂ ନେଉଛନ୍ତି।


'ଭାରତ' ଚଳଚ୍ଚିତ୍ରରେ ସଲମାନ-କ୍ୟାଟ୍ରିନା

❖ଗତବର୍ଷର ଚର୍ଚ୍ଚିତ ତଥା ୨୨ଟି ପୁରସ୍କାର ଜିତିଥିବା କ୍ଷୁଦ୍ର ଚଳଚ୍ଚିତ୍ର 'ଡମ୍ ଡମ୍ ଡମରୁ'ର ନିର୍ଦ୍ଦେଶକ ଆକାଶ ଗୋଇଲା ଏକ ଡିଜିଟାଲ ଫିଲ୍ମ ନିର୍ମାଣ କରିବାକୁ ଯାଉଛନ୍ତି, ଯାହାର ଟାଇଟଲ ରହିଛି 'ବେଦହବ୍'। ପ୍ରଥମେ ପୂଜା ଚୋପ୍ରା ଏହାର ଫିମେଲ ଲିଡ୍‌ରେ ଅଭିନୟ କରିବେ ବୋଲି ସ୍ଥିର ହୋଇଥିଲା। ହେଲେ ପରବର୍ତ୍ତୀ ସମୟରେ ପୂଜାଙ୍କୁ କାଷ୍ଟିଂରୁ ବାଦ୍ ଦିଆଯାଇ କରିସ୍ମା କୋଟାକ୍‌ଙ୍କୁ ସାଇନ୍ କରାଯାଇଛି। ଏହାର ମୁଖ୍ୟ ଭୂମିକାରେ ସଞ୍ଜୟ କପୁର ଏବଂ ଆଶିଷ ସଚଦେବା ଅଭିନୟ କରିବେ।

❖ଚଳିତବର୍ଷ ଇଦ୍‌ରେ ସଲମାନ-କ୍ୟାଟ୍ରିନା ଅଭିନୀତ 'ଭାରତ' ରିଲିଜ ହେବାକୁ ଯାଉଛି। ଏହାର ଶୁଟିଂ ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

❖ଚଳିତବର୍ଷ ଏପ୍ରିଲରୁ 'ଦବଙ୍ଗ-୩'ର ଶୁଟିଂ ଆରମ୍ଭ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

❖ରଣବୀର କପୁର ଏବଂ ଆଲିୟା ଭଟ୍ଟଙ୍କୁ ନେଇ ନିର୍ମିତ 'ବ୍ରହ୍ମାସ୍ତ୍ର' ଚଳିତବର୍ଷ ଡିସେମ୍ବର ୨୦ରେ ପରଦା ଉପରକୁ ଆସିବ।

# ବାଜି ମାରିଲା ସଞ୍ଜୁ

ସଞ୍ଜୁ ଚରିତ୍ର ବିଷୟରେ ଆଲୋଚନା ହେଲେ କେବଳ ଜଣେ ଅଭିନେତା ଆଖି ସାମ୍‌ନାକୁ ଆସିଥାଆନ୍ତି। ସେ ହେଲେ ବାବୁସାନ୍। ତାଙ୍କ ଅଭିନୀତ ବେଶ୍ କେତୋଟି ଫିଲ୍ମରେ ଏଭଳି ରୋଲ୍ ଦର୍ଶକଙ୍କୁ ପ୍ରଭାବିତ କରିଥିବାର ନଜିର ରହିଛି। ପୁଣି ନିକଟରେ ତାହାକୁ ଦୋହରାଇଛନ୍ତି ସେ। ସାଇ ଶ୍ରଦ୍ଧା ଟେଲି ପ୍ରଡକ୍ସନ ବ୍ୟାନରରେ ନିର୍ମିତ, ନୀହାର ସାମଲ-ବିନି ସାମଲଙ୍କ ପ୍ରଯୋଜିତ ତଥା ଅଶୋକ ପତିଙ୍କ ନିର୍ଦ୍ଦେଶିତ 'ଅଜବ ସଞ୍ଜୁର ଗଜବ ଲଭ୍' ପରଦା ଉପରକୁ ଆସିବାର ଦିନ କେଇଟା ଭିତରେ ସିନେପ୍ରେମୀଙ୍କୁ ଏଣ୍ଟରଟେନ୍ କରିଛି। ଏ ସମ୍ପର୍କରେ ନୀହାର କହନ୍ତି, ଗତ କିଛିବର୍ଷ ହେଲା ବାବୁସାନ-ଅଶୋକ ପତିଙ୍କ ଯୋଡ଼ି ବେଶ୍ ସଫଳ ହୋଇଛି। ତେଣୁ ଏପରି ଏକ କାହାଣୀରେ ବାବୁସାନଙ୍କୁ ନାୟକ ଏବଂ ଅଶୋକଙ୍କୁ ନିର୍ଦ୍ଦେଶକ ଭାବରେ ନେଇଥିଲୁ। ଫିଲ୍ମର ପିକ୍ଚରାଇଜେଶନ ଏବଂ ଗୀତ ପ୍ରତି ବେଶ୍ ଗୁରୁତ୍ୱ ଦିଆଯାଇଥିଲା, ଯାହା ଫିଲ୍ମଟିକୁ ସଫଳ ହେବାରେ ସାହାଯ୍ୟ କରିଛି। ଏହି ଚଳଚ୍ଚିତ୍ରର ସଂଳାପ ରଚନା କରିଥିଲେ ରଣଜିତ ପଟ୍ଟନାୟକ ଏବଂ ଗୀତଗୁଡ଼ିକୁ ସ୍ୱର ଦେଇଥିଲେ ପ୍ରେମ୍ ଆନନ୍ଦ। ଏଥିରେ ବାବୁସାନ୍‌ଙ୍କ ସହ ନାୟିକା ଭାବରେ ସ୍କ୍ରିନ୍ ସେୟାର କରିଛନ୍ତି ଅର୍ଚ୍ଚିତା।


'ଅଜବ ସଞ୍ଜୁର ଗଜବ ଲଭ୍' ଚଳଚ୍ଚିତ୍ରରେ ବାବୁସାନ୍-ଅର୍ଚ୍ଚିତା।


ରଣବୀର

# ସପ୍ତାହକୁ ୧୫୦୦

ରଣବୀର କପୁର ବର୍ତ୍ତମାନ ବଲିଉଡ୍‌ର ଅନ୍ୟତମ ବ୍ୟସ୍ତ ଅଭିନେତା। ହେଲେ ସେ ତାଙ୍କ ପୁରୁଣା ଅଭ୍ୟାସକୁ ଛାଡ଼ିପାରି ନାହାନ୍ତି। ତାହା ହେଲା ମମି ନିତୁ ସିଂଙ୍କ ନିକଟରୁ ପକେଟ୍ ମନି ନେବା। ଏବେ ତ ତାଙ୍କ ପାଖରେ ପଇସାର ଅଭାବ ନାହିଁ। ତଥାପି ସେ ମା'ଙ୍କ ନିକଟରୁ ପକେଟ ମନି ନେବାକୁ ଭୁଲି ନ ଥାନ୍ତି। ତେଣୁ ସେ ପ୍ରତି ସପ୍ତାହରେ ନିତୁଙ୍କ ନିକଟରୁ ମାତ୍ର ୧୫୦୦ ଟଙ୍କା ନେଇଥାଆନ୍ତି। ଆଉ ଟଙ୍କା ଧରିବା ପରେ ତାଙ୍କ ଖୁସି କହିଲେ ନ ସରେ। ନିଜର ଏଭଳି ଅଭ୍ୟାସ ସମ୍ପର୍କରେ ସେ ନିକଟରେ ସୂଚନା ଦେଇଥିଲେ।

## ଅଲ୍ଲିଉଡ୍...

❖ଏସ୍. ଦୀଲିପ ପଣ୍ଡାଙ୍କ ନିର୍ଦ୍ଦେଶିତ ଓଡ଼ିଆ ସିନେମା 'ତୁ ମୋ ସୁନା ଚଢ଼େଇ' ଖୁବ୍ ଶୀଘ୍ର ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଫିଲ୍ମର ମୁଖ୍ୟ ଭୂମିକାରେ ଅଛନ୍ତି ଜ୍ୟୋତି ନାୟକ ଏବଂ ବଙ୍ଗୀୟ ଅଭିନେତ୍ରୀ ଏଲସା ଘୋଷ।

❖ଚଣ୍ଡୀ ପରିଜାଙ୍କ ନର୍ଦ୍ଦେଶନାରେ 'ଏ ଦିଲ୍ ମାନେନା' ଫିଲ୍ମର ଶୁଟିଂ ଚାଲୁ ରହିଛି। ଏହାର ଲିଡ୍ ରୋଲ୍‌ରେ ଅଭିନୟ କରୁଛନ୍ତି ସ୍ୱରାଜ ଏବଂ ଶିବାନୀ।

ନୂଆ ସିନେମା

# କଟି ପତଙ୍ଗ

ନିଛକ ପ୍ରେମ ଏବଂ ସଚ୍ଚୋଟ ବନ୍ଧୁତାକୁ ନେଇ ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'କଟି ପତଙ୍ଗ'। ପ୍ରେମ କେବେ ଧନୀ, ଗରିବ, ଜାତି ଗୋତ୍ର ଦେଖି ନ ଥାଏ। ଦୁଇଟି ସଚ୍ଚା ହୃଦୟ ଥରେ ପ୍ରେମଡୋରିରେ ବାନ୍ଧି ହୋଇଗଲେ ସେମାନେ ଆଉ ଅଲଗା ହେବା ଏତେ ସହଜ ହୋଇ ନ ଥାଏ। ସାମାନ୍ୟ ଭୁଲ୍ ପାଇଁ ଜଣେ କିପରି ନିଜ ଭବିଷ୍ୟତକୁ ଜଳାଞ୍ଜଳି ଦେଉଛି, ତାହା ଏହି ଫିଲ୍ମର କାହାଣୀରେ ଦେଖିବାକୁ ମିଳିବ। ଶକ୍ତି ପ୍ରଡକ୍ସନ ବ୍ୟାନରରେ ପ୍ରସ୍ତୁତ ଉକ୍ତ ଚଳଚ୍ଚିତ୍ରର ପ୍ରଯୋଜନା କରିଛନ୍ତି ଦେବେନ୍ଦ୍ର ନାଥ ସାହୁ। ମଧୁସ୍ମିତା ଦାସଙ୍କ କାହାଣୀକୁ ଆଧାର କରି ସଂଳାପ ରଚନା କରିଛନ୍ତି ଅଜୟ ସାମଲ। ଚିତ୍ରନାଟ୍ୟ ସହ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି କୁମାର ସରୋଜ। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଏସ୍. ଚନ୍ଦ୍ରକାନ୍ତ। ଅଭିଷେକ, ଅନନ୍ୟା, ଆର.କେ., ରାନୀ ପ୍ରିୟଦର୍ଶିନୀ, ଅସୀତ ପତି, ଉତ୍ତମ ମହାନ୍ତି, ମନୀଷା ମିଶ୍ର, ସରୋଜ ଦାସ, କାଳୀ, କୁଲୁ, ଦେବା, ଅଶୋକ, ପ୍ରତାପ, ପ୍ରିୟଙ୍କା, ପ୍ରିନ୍ସ, ଆର୍ଯ୍ୟନ ଏବଂ ବିଷ୍ଣୁ ଚଳଚ୍ଚିତ୍ରର ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି।


'କଟି ପତଙ୍ଗ' ଚଳଚ୍ଚିତ୍ରରେ ରାନୀ-ଆର୍.କେ.।

# ଆନ୍ଧ୍ରା ଗେଟ୍‌ଅପ୍

ଧଳା ଲୁଙ୍ଗି ସହିତ ସମାନ ରଙ୍ଗର ଶାର୍ଟ, ମଥାରେ ଚନ୍ଦନ ଆଉ ଲଣ୍ଡିତ ମୁଣ୍ଡ। ଠାଣି କହିଦେଉଛି ଫୁଲ୍ ତେଲୁଗୁ ଗେଟ୍‌ଅପ। ସ୍ମିତହାସ୍ୟ ବଦନରେ ଧୀରେ ଧୀରେ କଥାବାର୍ତ୍ତା। ଏଭଳି ଆନ୍ଧ୍ରା ଗେଟ୍‌ଅପ୍‌କୁ ନେଇ ଏବେ ଓଲିଉଡ୍‌ରେ ଚର୍ଚ୍ଚା। ପୁଣି କାହାକୁ ନେଇ ଜାଣନ୍ତି। ପ୍ରଯୋଜକ ଶ୍ରୀଧର ମାର୍ଥାଙ୍କୁ। ଅର୍ଥାତ ଶ୍ରୀଧରଙ୍କର ଏପରି ଆନ୍ଧ୍ରା ଗେଟ୍‌ଅପ୍। ହେଲେ ତା'ପଛରେ କିଛି କାରଣ ରହିଛି କି? ଆସନ୍ତୁ ନା! ଏ ନେଇ ଖୋଦ୍ ଶ୍ରୀଧର କ'ଣ କହୁଛନ୍ତି ଜାଣିବା। 'କୌଣସି ଗେଟ୍‌ଅପ୍‌ରେ ବୁଲିବା ମୋର ପିଲାଟିଦିନରୁ ଅଭ୍ୟାସ। ଏହାପଛରେ ଗୋଟିଏ କଥା ଲୁଚି ରହିଛି। ତାହା ହେଲା ସମାଜକୁ ସଚେତନ କରାଇବା ଆଉ ଭଲ ବାର୍ତ୍ତା ଦେବା। ଆପଣମାନେ ତ ଜାଣନ୍ତି ମୋ ଦ୍ୱାରା ପ୍ରଯୋଜିତ ଦ୍ୱିଭାଷୀ (ଓଡ଼ିଆ, ତେଲୁଗୁ) ଫିଲ୍ମ 'ପାଟଣାଗଡ଼'ର କାମ ଚାଲୁ ରହିଛି। ତେଣୁ ଏପରି ଆନ୍ଧ୍ରା ଗେଟ୍‌ଅପ୍ ନେଇ ବୁଲୁଛି। ଏହାଦ୍ୱାରା ଆମ ଲୋକ ତେଲୁଗୁ ସଂସ୍କୃତି ବିଷୟରେ ଜାଣିପାରିବେ। ଏହାପୂର୍ବରୁ ମୁଁ ସାରଥି, ରାମରହିମ୍ ଗେଟ୍‌ଅପ୍‌ରେ ଆସିଥିଲି, ଲକ୍ଷ୍ୟ ଥିଲା ସମାଜକୁ ଏ ବିଷୟରେ ସଚେତନ କରାଇବା। ଅନ୍ୟପକ୍ଷରେ ଗଛ ଲଗାଇବା, ପଲିଥିନ ବ୍ୟବହାର ନ କରିବା, ଗୁଟ୍‌କା ନ ଖାଇବାକୁ ନେଇ ମୁଁ ଭିନ୍ନ ଭିନ୍ନ ଗେଟ୍‌ଅପ୍‌ରେ ଆସିସାରିଛି। ଜନସାଧାରଣ ଏସବୁ ବିଷୟରେ ସଚେତନ ହୁଅନ୍ତୁ, ତାହା ହିଁ ମୋର ଲକ୍ଷ୍ୟ ଆଉ କିଛି ନୁହେଁ। ଏହା ବ୍ୟତୀତ ଦିବ୍ୟାଙ୍ଗଙ୍କ ସହ ସମୟ କଟାଇବା ମୋର ଏକ ଅଭ୍ୟାସ। ସେଥିପାଇଁ ପ୍ରତିବର୍ଷ ମୋ ପୁଅ ଜନ୍ମଦିନକୁ ମୁଁ ସେମାନଙ୍କ ସହ ପାଳନ କରିଥାଏ। ତେବେ ଆନ୍ଧ୍ରା ଗେଟ୍‌ଅପ୍ ପରେ ଶ୍ରୀଧର ପୁଣି କେଉଁ ନୂଆ ରୂପ ନେଉଛନ୍ତି ତାହା ଆଗାମୀ ସମୟ ହିଁ କହିବ।


ଶ୍ରୀଧର ମାର୍ଥା

| Dollar | Sensex | Nifty | Gold | Silver |
|---|---|---|---|---|
| 71.24 (19) | 36,321.29 (▲2.96) | 10,890.30 (▲3.50) | 33,190.00 (▲₹65) | 40,500.00 (▲₹300) |

“ନୂଆ ନେକ୍ସା ମ୍ୟୁଜିକ ଆଣିବା ଲାଗି ପ୍ରସିଦ୍ଧ ସଙ୍ଗୀତ ନିର୍ଦ୍ଦେଶକ ଏ.ଆର୍. ରେହେମାନଙ୍କ ସହ ଯୋଡି ହୋଇଛୁ।
–ଆର୍.ଏସ୍. କାଲସୀ, ବରିଷ୍ଠ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ, ମାରୁତି ସୁଜୁକି ଇଣ୍ଡିଆ



“ଚଳିତ ବର୍ଷ ପ୍ରିମିୟମ ଫ୍ୟାନ ବିକ୍ରିକୁ ଦୁଇଗୁଣ ବୃଦ୍ଧି କରିବା ଲାଗି ଯୋଜନା ରହିଛି।
– ଅତୁଲ ଜୈନ, ଉପସଭାପତି, ଓରିଏଣ୍ଟ ଇଲେକ୍ଟ୍ରିକ



## ସଂକ୍ଷେପରେ

### କେୱାଇସି ନବୀକରଣ ଲାଗି ଏସ୍‌ବିଆଇର ଆଲର୍ଟ

ନୂଆଦିଲ୍ଲୀ,୧୬-୧: ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଆକାଉଣ୍ଟଧାରୀଙ୍କୁ ବ୍ୟାଙ୍କ ପକ୍ଷରୁ ଏସ୍ଏମ୍ଏସ୍ ଯୋଗେ ଏବେ ଆଲର୍ଟ କରାଯାଉଛି। ଗ୍ରାହକମାନେ ନିଜର କେୱାଇସି(ନୋ ଇଓର କଷ୍ଟମର) ନବୀକରଣ କରାଇ ନେବା ଲାଗି କୁହାଯାଉଛି। ଏଥିରେ ହେଳା କଲେ ଆକାଉଣ୍ଟ ବ୍ଲକ୍ ହୋଇଯିବ ବୋଲି ଦର୍ଶାଯାଇଛି। ଆକାଉଣ୍ଟ ବ୍ଲକ୍ ହୋଇଯିବା ପରେ ଏହା ମାଧ୍ୟମରେ କୌଣସି ନେଣଦେଣ କରିହେବ ନାହିଁ। ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶ ଅନୁଯାୟୀ, ସମସ୍ତ ଗ୍ରାହକଙ୍କ କେୱାଇସି ହେବା ଜରୁରୀ। କୌଣସି ଗ୍ରାହକ ଏହା କରି ନ ଥିଲେ ସନ୍ଦେହ ଆଧାରରେ ତାଙ୍କର ଆକାଉଣ୍ଟକୁ ବ୍ଲକ୍ କରିଦିଆଯିବ।

### ବଢ଼ିବ ନୁମାଲିଗଡ଼ ରିଫାଇନେରୀ କ୍ଷମତା

ନୂଆଦିଲ୍ଲୀ,୧୬-୧: କେନ୍ଦ୍ର ସରକାର ଆସାମର ନୁମାଲିଗଡ଼ ରିଫାଇନେରୀ କ୍ଷମତାକୁ ବାର୍ଷିକ ୩୦ ଲକ୍ଷ ଟନରୁ ୯୦ ଲକ୍ଷ ଟନକୁ ବୃଦ୍ଧି କରିବାକୁ ଯାଉଛନ୍ତି। ଏ ସଂକ୍ରାନ୍ତରେ ପ୍ରକଳ୍ପ ବିସ୍ତାର ଲାଗି ଆଗତ ପ୍ରସ୍ତାବକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର କ୍ୟାବିନେଟ୍ କମିଟି ବୁଧବାର ମଞ୍ଜୁରୀ ପ୍ରଦାନ କରିଛି। ଏଥିପାଇଁ ୨୨,୫୯୪ କୋଟି ଟଙ୍କା ବ୍ୟୟ ହେବ। କ୍ୟାବିନେଟ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ ରେଳ ଓ କୋଇଲା ମନ୍ତ୍ରୀ ପୀଯୂଷ ଗୋଏଲ ଖବରଦାତାଙ୍କୁ କହିଛନ୍ତି ଯେ, ଏହି ପ୍ରକଳ୍ପ ବିସ୍ତାର କାର୍ଯ୍ୟ ଆସନ୍ତା ୪୮ ମାସ ମଧ୍ୟରେ ଶେଷ ହେବ। ପ୍ରକଳ୍ପ ବିସ୍ତାର ଯୋଜନାନୁଯାୟୀ, ଓଡ଼ିଶାର ପାରାଦୀପରୁ ନୁମାଲିଗଡ଼ ପର୍ଯ୍ୟନ୍ତ ତେଲ ପାଇପଲାଇନ ବସାଇବା, ନୁମାଲିଗଡରୁ ସିଲିଗୁଡି ପର୍ଯ୍ୟନ୍ତ ପେଟ୍ରୋଲିୟମ ଉତ୍ପାଦର ପାଇପଲାଇନ ବିଛାଇବା କାର୍ଯ୍ୟ କରାଯିବ।

### ୧୫ ହଜାର କୋଟିର ଏନ୍‌ପିଏ ବିକିବ ଏସ୍‌ବିଆଇ

ନୂଆଦିଲ୍ଲୀ,୧୬-୧: ଏସାର ଷ୍ଟିଲ୍‌ରେ ଫଶିଯାଇଥିବା ଋଣ ଆଦାୟ ଲାଗି ୧୫,୪୩୧.୪୪ କୋଟି ଟଙ୍କାର ଏନ୍‌ପିଏ ବିକ୍ରି କରିବାକୁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ) ନିଷ୍ପତ୍ତି ନେଇଛି। ବ୍ୟାଙ୍କ ଦ୍ୱାରା ଜାରି ବିଜ୍ଞାପନରେ ଏ ସମ୍ପର୍କରେ ସୂଚନା ଦିଆଯାଇଛି। ଏହାକୁ ଯେକୌଣସି ବ୍ୟାଙ୍କ, ସମ୍ପତ୍ତି ପୁନର୍ଗଠନ କମ୍ପାନୀ, ଅଣ ବ୍ୟାଙ୍କିଙ୍ଗ ଆର୍ଥିକ ସଂସ୍ଥା ଏବଂ ଆର୍ଥିକ ସଂସ୍ଥା କିଣିପାରିବେ। ଏଥିପାଇଁ ବ୍ୟାଙ୍କ ପକ୍ଷରୁ ସଂରକ୍ଷିତ ମୂଲ୍ୟ ୯,୫୮୭.୬୪ କୋଟି ଟଙ୍କା ରଖାଯାଇଛି। ଫଶିଯାଇଥିବା ଋଣ ଆଦାୟ ଲାଗି ସମାଧାନ ଯୋଜନାକୁ ପୂର୍ବରୁ ମଞ୍ଜୁରୀ ଦିଆସରିଛି ବୋଲି ଏସ୍‌ବିଆଇ ପକ୍ଷରୁ କୁହାଯାଇଛି। ଏହାକୁ ରାଷ୍ଟ୍ରୀୟ କମ୍ପାନୀ ଆଇନ ନ୍ୟାୟାଧିକରଣ(ଏନ୍‌ସିଏଲ୍‌ଟି), ଅହମ୍ମଦାବାଦରେ ଦାଖଲ କରାଯାଇଛି। ତଦନୁଯାୟୀ ବ୍ୟାଙ୍କ ଲାଗି ସର୍ବନିମ୍ନ ଆଦାୟ ରାଶି ୧୧,୩୧୩.୪୨ କୋଟି ଟଙ୍କା ଧାର୍ଯ୍ୟ ହୋଇଛି। ଚଳିତ ମାସ ୩୦ରେ ଇ-ନିଲାମୀ ଜରିଆରେ ଏନ୍‌ପିଏ ବିକ୍ରି କରାଯିବାକୁ ଦିନ ଧାର୍ଯ୍ୟ ହୋଇଥିବା ବିଜ୍ଞାପନରୁ ଜଣାପଡିଛି।

ଅନିର୍ବାର୍ଯ୍ୟ କାରଣ ବଶତଃ ନିୟମିତ ସ୍ତମ୍ଭ ‘ଅର୍ଥର ଅର୍ଥ’ ପ୍ରକାଶ ପାଇପାରୁ ନାହିଁ।

■ବିଶ୍ୱବ୍ୟାଙ୍କ ଅଧ୍ୟକ୍ଷ ପଦ

# ଇଭାଙ୍କାଙ୍କ ପସନ୍ଦ ଇନ୍ଦ୍ରା ନୁୟୀ

ୱାଶିଂଟନ,୧୬-୧

ପେପ୍ସିକୋର ପୂର୍ବତନ ସିଇଓ ଇନ୍ଦ୍ରା ନୁୟୀଙ୍କୁ ବିଶ୍ୱ ବ୍ୟାଙ୍କର ଅଧ୍ୟକ୍ଷ ପଦ ଲାଗି ସୁପାରିସ କରିବାକୁ ଆମେରିକା ଭାବୁଛି। ସ୍ଥାନୀୟ ଖବରକାଗଜ ‘ ଦ ନିୟୁର୍କ ଟାଇମ୍ସ’ ରିପୋର୍ଟ ଅନୁଯାୟୀ, ୬୩ ବର୍ଷୀୟା ପ୍ରବାସୀ ଭାରତୀୟ ନୁୟୀଙ୍କୁ ବିଶ୍ୱ ବ୍ୟାଙ୍କର ଶୀର୍ଷ ପଦରେ ଅଧିଷ୍ଠିତ କରିବାକୁ ଚାହୁଁଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଝିଅ ଇଭାଙ୍କା ଟ୍ରମ୍ପ। ବିଶ୍ୱ ବ୍ୟାଙ୍କର ମୁଖ୍ୟ ପଦ ଲାଗି ମନୋନୟନ ପ୍ରକ୍ରିୟାରେ ତାଙ୍କର ବଡ଼ ଭୂମିକା ରହିଛି ବୋଲି ରିପୋର୍ଟରେ ଦର୍ଶାଯାଇଛି। ଇଭାଙ୍କାଙ୍କର ଏକ ଟୁଇଟ୍ ରିପୋର୍ଟକୁ ଆହୁରି ଦୃଢୀଭୂତ କରିଛି। ନୁୟୀଙ୍କୁ କାହିଁକି ବେଶି ପସନ୍ଦ କରନ୍ତି, ନିଜର ଟୁଇଟ୍‌ରେ ସେ ତାହା ଖୋଲାଖୋଲି ଜଣାଇଛନ୍ତି। ଇନ୍ଦ୍ରାଙ୍କୁ ଜଣେ ପ୍ରଶାସନିକ ସହଯୋଗୀ ବ୍ୟତିତ‘ମାର୍ଗଦର୍ଶକ ଓ ପ୍ରେରଣାସ୍ରୋତ’ ବୋଲି ଇଭାଙ୍କା ତାଙ୍କ ଟୁଇଟ୍‌ରେ ଉଲ୍ଲେଖ କରି ବିଶ୍ୱ ବ୍ୟାଙ୍କ ଅଧ୍ୟକ୍ଷ ପଦ ଲାଗି ତାଙ୍କର ନାମ ପ୍ରସ୍ତାବ ଦେଇଥିବା କହିଛନ୍ତି। ତେବେ ବିଶ୍ୱ ବ୍ୟାଙ୍କର ଅଧ୍ୟକ୍ଷ ପଦ ଲାଗି ନୁୟୀଙ୍କ ବ୍ୟତୀତ ଟ୍ରେଜେରୀ ଡିପାର୍ଟମେଣ୍ଟ ଅଧିକାରୀ ଡେଭିଡ୍ ମାଲ୍‌ପାସ୍ ଏବଂ ଓଭରସିସ୍ ପ୍ରାଇଭେଟ ଇନ୍‌ଭେଷ୍ଟମେଣ୍ଟ କର୍ପ ସିଇଓ ରେ’ ୱାଶ୍‌ବର୍ନଙ୍କ ନାମ ଦୌଡରେ ରହିଛି ବୋଲି ହ୍ୱାଇଟହାଉସ ପ୍ରଶାସନିକ ବିଭାଗର ଜଣେ ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ।



ଇଭାଙ୍କା ଟ୍ରମ୍ପ



ଇନ୍ଦ୍ରା ନୁୟୀ

ସୂଚନାଥାଉ କି, ବର୍ତ୍ତମାନର ଅଧ୍ୟକ୍ଷ ଜିମ୍ ୟଙ୍ଗ କିମ୍ ତାଙ୍କ କାର୍ଯ୍ୟକାଳ ଶେଷ ହେବାର ୩ ବର୍ଷ ପୂର୍ବରୁ ଇସ୍ତଫା ଦେବା ଲାଗି ଅଚାନକ ଘୋଷଣା କରିଛନ୍ତି। ସେ ଫେବୃଆରୀରେ ନିଜ ପଦ ଛାଡ଼ିବେ। ତାଙ୍କର ଘୋଷଣା ପରଠାରୁ ବିଶ୍ୱ ବ୍ୟାଙ୍କ ପକ୍ଷରୁ ନୂଆ ଅଧ୍ୟକ୍ଷ ଖୋଜିବା ଆରମ୍ଭ ହୋଇଯାଇଛି। ଅପରପକ୍ଷରେ ଅଧ୍ୟକ୍ଷ ପଦ ଚୟନ ସହ ଜଡିତ ବ୍ୟକ୍ତିବିଶେଷଙ୍କ କହିବାନୁଯାୟୀ ବର୍ତ୍ତମାନ ଚୟନ ପ୍ରକ୍ରିୟା ପ୍ରାରମ୍ଭିକ ପର୍ଯ୍ୟାୟରେ ରହିଛି। ସାଧାରଣତଃ ଏଭଳି ଗୁରୁତ୍ୱପୂର୍ଣ୍ଣ ପଦ ଲାଗି ମନୋନୟନ ବେଳେ ପ୍ରାରମ୍ଭିକ ଦୌଡରେ ଥିବା ବ୍ୟକ୍ତିବିଶେଷ ବାଦ୍ ପଡିଯିବାର ବହୁ ନଜିର ରହିଛି। ତେବେ ମନୋନୀତ ହେବା ପରେ ନୁୟୀ ଉକ୍ତ ପଦ ସ୍ୱୀକାର କରିବେ କି ନା ତାହା ଏଯାଏ ସ୍ପଷ୍ଟ ହୋଇ ନାହିଁ।

ଉଲ୍ଲେଖଥାଉ କି, ଭାରତର ଚେନ୍ନାଇରେ ଜନ୍ମିତ ନୁୟୀଙ୍କୁ ବିଶ୍ୱର ପ୍ରଭାବଶାଳୀ ମହିଳାଙ୍କ ମଧ୍ୟରେ ଗଣାଯାଏ। ସେ ୧୯୯୪ରେ ପେପ୍ସିକୋରେ ଯୋଗ ଦେଇ ୨୦୦୬ରୁ କମ୍ପାନୀର ନେତୃତ୍ୱ ନେଇଥିଲେ। ଦୀର୍ଘ ୧୨ ବର୍ଷ ପରେ ଗତ ବର୍ଷ ଅଗଷ୍ଟରେ ସେ ନିଜ ପଦରୁ ଇସ୍ତଫା ଦେଇଥିଲେ। ବିଶ୍ୱର ଚର୍ଚ୍ଚିତ ପତ୍ରିକା ଫୋର୍ବ୍ସର ୧୦୦ ପ୍ରଭାବଶାଳୀ ମହିଳାଙ୍କ ତାଲିକାରେ ନୁୟୀଙ୍କୁ ଏକାଧିକ ଥର ସାମିଲ କରାଯାଇଛି। ୨୦୧୭ରେ ଏହି ତାଲିକାର ୧୧ତମ ସ୍ଥାନରେ ରହିଥିବା ଇନ୍ଦ୍ରାଙ୍କୁ ୨୦୦୭ରେ ଭାରତ ପକ୍ଷରୁ ପଦ୍ମଭୂଷଣରେ ସମ୍ମାନିତ କରାଯାଇଥିଲା। ହ୍ୱାଇଟ ହାଉସ ସୂତ୍ରକୁ ଉଦ୍ଧାର କରି ଉକ୍ତ ଖବରକାଗଜ ଲେଖିଛି ଯେ, ମନୋନୟନ ପ୍ରକ୍ରିୟାକୁ ପୂର୍ବରୁ ୨ ଜଣ ଅଧିକାରୀ ଦେଖାଶୁଣା କରୁଥିଲେ। ସେମାନେ ହେଲେ ଟ୍ରେଜେରି ସଚିବ ଷ୍ଟିଭେନ ଏମ୍ନୁଚିନ ଓ ହ୍ୱାଇଟ ହାଉସର କାର୍ଯ୍ୟନିର୍ବାହୀ ଚିଫ୍ ଅଫ୍ ଷ୍ଟାଫ୍ ମାଇକ୍ ମାଲଭାନି। ଏହି କମିଟିରେ ଏବେ ଇଭାଙ୍କାଙ୍କୁ ସାମିଲ କରାଯାଇଛି ବୋଲି ହ୍ୱାଇଟ ହାଉସ ସୋମବାର ସ୍ପଷ୍ଟ କରିଛି। ଏଠାରେ ସ୍ପଷ୍ଟ କରାଯାଇପାରେ ଯେ, ବିଶ୍ୱ ବ୍ୟାଙ୍କର ଅଧ୍ୟକ୍ଷ ପଦ ଲାଗି ଆମେରିକାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାରଣ, ବଡ଼ ଶେୟାରଧାରକ ହିସାବରେ ଆମେରିକା ସର୍ବଦା ବିଶ୍ୱ ବ୍ୟାଙ୍କର ଅଧ୍ୟକ୍ଷଙ୍କୁ ଚୟନ କରିଥାଏ। ବର୍ତ୍ତମାନର ଅଧ୍ୟକ୍ଷ କିମ୍‌ଙ୍କୁ ୨୦୧୨ରେ ତତ୍କାଳୀନ ରାଷ୍ଟ୍ରପତି ବାରାକ ଓବାମା ଚୟନ କରିଥିଲେ।

# ସେଣ୍ଟ୍ରାଲରେ ‘ରେଡ୍ ହଟ୍ ଶନିବାର’

ଭୁବନେଶ୍ୱର,୧୬-୧

ପ୍ରମୁଖ ଫ୍ୟାଶନ ଡେଷ୍ଟିନେଶନ ସେଣ୍ଟ୍ରାଲ ପକ୍ଷରୁ ଚଳିତ ମାସ ୧୯ରେ ରେଡ ହଟ୍ ଶନିବାର ପାଳନ କରାଯିବ। ଏହି ସମୟରେ ନିକଟସ୍ଥ ସେଣ୍ଟ୍ରାଲ ଷ୍ଟୋରରୁ କ୍ରୟ ଉପରେ ଗ୍ରାହକମାନେ ଆକର୍ଷଣୀୟ ରିହାତି ପାଇ ପାରିବେ। ଏହି ସମୟରେ ଗ୍ରାହକଙ୍କୁ କ୍ରୟ କ୍ଷେତ୍ରରେ ଷ୍ଟୋର ପକ୍ଷରୁ ‘ୟୁ ଶପ୍ ଉଇ ପେ’ ସୁବିଧା କରାଯାଇଛି। ଏହି ଦିନ ବିଭିନ୍ନ ସାମଗ୍ରୀ କିଣାକିଣି ଉପରେ ଫ୍ଲାଟ ୫୦% ରିହାତି ସୁବିଧା ଉପଲବ୍ଧ ହେବ। ଅନ୍ୟୂନ ୩୦୦୦ ଟଙ୍କାର କ୍ରୟ ଉପରେ ସେଣ୍ଟ୍ରାଲ ୱାଲେଟରେ ୫୦% କ୍ୟାଶବ୍ୟାକ ସୁବିଧା ମିଳିବ। ଅତିରିକ୍ତ ସୁବିଧା ପାଇବା ପାଇଁ ଅନଲାଇନରେ ପଞ୍ଜୀକରଣ ଏବଂ ଟୋଲ ଫ୍ରି ନମ୍ବରକୁ କଲ୍ ଦ୍ୱାରା ରେଡ ହଟ୍ ଏଣ୍ଟ୍ରି ପାସ୍ ଲାଭ କରିବାକୁ ହେବ। ପଞ୍ଜୀକରଣ କରିଥିବା ଫ୍ୟାଶନ ଲଭରମାନେ ଅତିରିକ୍ତ ୪୦୦ ଟଙ୍କା ରିହାତି ପାଇବେ। ଆକ୍ସିସ ବ୍ୟାଙ୍କ ଗ୍ରାହକ ସେଣ୍ଟ୍ରାଲରେ କିଣାକିଣି ଉପରେ ଅତିରିକ୍ତ ୧୦% ରିହାତି ପାଇବେ ବୋଲି ଷ୍ଟୋର ପକ୍ଷରୁ ସୂଚନା ରହିଛି।




# ଆଜି ଶିଳ୍ପ ସଂଘ ପ୍ରତିନିଧିଙ୍କୁ ଭେଟିବେ ଶକ୍ତିକାନ୍ତ

ମୁମ୍ବାଇ,୧୬-୧

ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସ ଗୁରୁବାର ଉଦ୍ୟୋଗ ଜଗତର ପ୍ରତିନିଧିତ୍ୱ କରୁଥିବା ଚାମ୍ବର୍ସ ଓ ସଂଘର ପ୍ରତିନିଧିମାନଙ୍କୁ ଭେଟିବେ ବୋଲି ବୁଧବାର ନିଜର ଟୁଇଟରରେ ସ୍ପଷ୍ଟ କରିଛନ୍ତି। କେନ୍ଦ୍ରୀୟ ବ୍ୟାଙ୍କର ଗଭର୍ନର ହେବା ପରେ ସେ ରାଷ୍ଟ୍ରାୟତ୍ତ, ଘରୋଇ ବ୍ୟାଙ୍କ, ଅଣବ୍ୟାଙ୍କିଙ୍ଗ ଆର୍ଥିକ ସଂସ୍ଥା ତଥା ଏମ୍ଏସ୍ଏମ୍ଇ ପ୍ରତିନିଧିମାନଙ୍କୁ ଭେଟି ସାରିଛନ୍ତି। ଡ.ଉର୍ଜିତ ପଟେଲ ରିଜର୍ଭ ବ୍ୟାଙ୍କ ଗଭର୍ନର ଥିବା ବେଳେ ବ୍ୟାଙ୍କିଙ୍ଗ, ଉଦ୍ୟୋଗ ଜଗତର ପ୍ରତିନିଧି ତଥା ସରକାରୀ ଅଧିକାରୀଙ୍କୁ ଭେଟୁ ନ ଥିଲେ ବୋଲି ଅଭିଯୋଗ ହେଉଥିଲା। ଆର୍‌ବିଆଇର ଫେବୃୟାରୀ ୧୨ ସର୍କୁଲାର ଯୋଗୁ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରୁ ନାହିଁ ବୋଲି କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ଅଭିଯୋଗ କରିସାରିଛନ୍ତି।



ଶକ୍ତିକାନ୍ତ ଦାସ

■ଆୟକର ରିଟର୍ନର ପରବର୍ତ୍ତୀ ପିଢ଼ି ପ୍ରଣାଳୀକୁ ଅନୁମୋଦନ

# ଦିନକରେ ସରିବ ପ୍ରକ୍ରିୟା

ନୂଆଦିଲ୍ଲୀ,୧୬-୧

ଆୟକର ବିବରଣୀର ଇ-ଫାଇଲିଂ, ଯାଞ୍ଚ ଓ ଟିକସ ରିଟର୍ନର ସମ୍ପୂର୍ଣ୍ଣ ପ୍ରକ୍ରିୟା ଆହୁରି ତ୍ୱରାନ୍ୱିତ ତଥା ସୁଗମ ହେବାକୁ ଯାଉଛି। ଏଥିଲାଗି ପରବର୍ତ୍ତୀ ପିଢ଼ିର ପ୍ରଣାଳୀ ବିକଶିତ କରାଯିବ। ଫଳରେ ଗୋଟିଏ ଦିନ ଭିତରେ ଆୟକର ରିଟର୍ନ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବ। ଏ ସଂକ୍ରାନ୍ତରେ ଆଗତ ଏକ ପ୍ରକଳ୍ପକୁ କେନ୍ଦ୍ର କ୍ୟାବିନେଟ ଅନୁମୋଦନ କରିଛି। ୪,୨୪୧.୯୭ କୋଟି ଟଙ୍କାର ଏହି ପ୍ରକଳ୍ପକୁ ଦେଶର ଅନ୍ୟତମ ଶୀର୍ଷ ଆଇଟି କମ୍ପାନୀ ଇନଫୋସିସ୍ ବିକଶିତ କରିବ। ଏହି ପଦକ୍ଷେପ ଦ୍ୱାରା ଆୟକର ରିଟର୍ନ (ଆଇଟିଆର୍) ପ୍ରକ୍ରିୟାକରଣ ସମୟ ହ୍ରାସ ପାଇବ। ଏହାଦ୍ୱାରା ରିଟର୍ନ କାର୍ଯ୍ୟ ଅଧିକ ଦ୍ରୁତ ହୋଇପାରିବ। ସୂଚନାଥାଉ କି, ଆଇଟିଆର୍ ଯାଞ୍ଚ ଲାଗି ୬୩ ଦିନ ସମୟ ଲାଗିଥାଏ। ନୂଆ ପ୍ରଣାଳୀକୁ ଦେଢ଼ ବର୍ଷ ଭିତରେ ବିକଶିତ କରାଯିବ। ଏହାକୁ ୩ ମାସ ପର୍ଯ୍ୟନ୍ତ ପରୀକ୍ଷଣ କରାଯିବା ପରେ ଲାଗୁ କରାଯିବ ବୋଲି ରେଳ ମନ୍ତ୍ରୀ ପୀଯୂଷ ଗୋଏଲ କହିଛନ୍ତି। ନୂଆ ବ୍ୟବସ୍ଥା ସଫଳ ହୋଇଥିବା ବେଳେ ନୂତନ ପିଢ଼ି ପ୍ରଣାଳୀ ଅଧିକ ଦ୍ରୁତ ହେବ ବୋଲି ସେ ପ୍ରକାଶ କରିଛନ୍ତି।




■ଲଟେରିରେ ଏକ ପ୍ରକାର ଟିକସ

# ଜିଏସ୍‌ଟି ମନ୍ତ୍ରିଗୋଷ୍ଠୀ ନିଷ୍ପତ୍ତି ନେବ

ନୂଆଦିଲ୍ଲୀ,୧୬-୧

ଲଟେରିରେ ଏକ ପ୍ରକାର ଟିକସ ଆଦାୟ କରାଯିବ ଅଥବା ବର୍ତ୍ତମାନର ପ୍ରଚଳିତ ଏକାଧିକ ଟିକସ ବ୍ୟବସ୍ଥା ଜାରି ରହିବ ସେନେଇ ଜିଏସ୍‌ଟି ମନ୍ତ୍ରିଗୋଷ୍ଠୀ ନିଷ୍ପତ୍ତି ନେବେ ବୋଲି ବୁଧବାର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ବର୍ତ୍ତମାନ ରାଜ୍ୟ ସରକାରଙ୍କ ଦ୍ୱାରା ଆୟୋଜିତ ଲଟେରିରେ ୧୨% ଜିଏସ୍‌ଟି ଆଦାୟ କରାଯାଉଥିବା ବେଳେ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ଲଟେରିରେ ୨୮% ଜିଏସ୍‌ଟି ଆଦାୟ କରାଯାଉଛି। ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ବିବୃତି ଅନୁଯାୟୀ ଜିଏସ୍‌ଟି କାଉନ୍‌ସିଲ୍ ପକ୍ଷରୁ ଏଥିପାଇଁ ୮ଜଣିଆ ମନ୍ତ୍ରିଗୋଷ୍ଠୀ ଗଠନ କରାଯାଇଛି। ମହାରାଷ୍ଟ୍ର ଅର୍ଥମନ୍ତ୍ରୀ ସୁଧୀର ମୁଙ୍ଗାନ୍ତିୱାର୍ ଏହାର ଅଧ୍ୟକ୍ଷ ରହିଛନ୍ତି। ମନ୍ତ୍ରିଗୋଷ୍ଠୀର ଅନ୍ୟ ସଦସ୍ୟମାନେ ହେଲେ ପଶ୍ଚିମବଙ୍ଗ ଅର୍ଥମନ୍ତ୍ରୀ ଅମିତ ମିତ୍ର,କେରଳ ଅର୍ଥମନ୍ତ୍ରୀ ଥୋମାସ ଆଇଜାକ୍, ଆସାମ ଅର୍ଥମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା, ପଞ୍ଜାବ ଅର୍ଥମନ୍ତ୍ରୀ ମନପ୍ରୀତ୍ ସିଂହ ବାଦଲ, ଗୋଆ ପଞ୍ଚାୟତିରାଜ ମନ୍ତ୍ରୀ ମୌଭିନ ଗୋଡିହ୍ନୋ, କର୍ନାଟକ ଅର୍ଥମନ୍ତ୍ରୀ କ୍ରିଷ୍ଣା ବି.ଗୌଡା ଏବଂ ଅରୁଣାଚଳ ଟିକସ ଏବଂ ଅବକାରୀ ମନ୍ତ୍ରୀ ଜାର୍କର ଗାମଲିନ ପ୍ରମୁଖ।




# ୩୩ ଜଣଙ୍କୁ ଜାତୀୟ ଯୁବ ଉଦ୍ୟୋଗୀ ପୁରସ୍କାର

ନୂଆଦିଲ୍ଲୀ,୧୬-୧

୩୦ ଯୁବ ଉଦ୍ୟୋଗୀ ଏବଂ ୩ ଇକୋସିଷ୍ଟମ ବିଲଡରଙ୍କୁ ଜାତୀୟ ଯୁବ ଉଦ୍ୟୋଗୀ ପୁରସ୍କାର ୨୦୧୮ ପ୍ରଦାନ କରାଯାଇଛି। ଜାତୀୟ ଦକ୍ଷତା ବିକାଶ ପରିଷଦ(ଏନ୍ଏସ୍‌ଡିସି) ପକ୍ଷରୁ ନୂଆଦିଲ୍ଲୀରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କେନ୍ଦ୍ର ବାଣିଜ୍ୟ ତଥା ଉଦ୍ୟୋଗ ମନ୍ତ୍ରୀ ସୁରେଶ ପ୍ରଭୁ କାର୍ଯ୍ୟକ୍ରମରେ ଉପସ୍ଥିତ ରହିବା ସହ ଉଦ୍ୟୋଗୀଙ୍କୁ ପ୍ରମାଣ ପତ୍ର ଏବଂ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅର୍ଥରାଶି ପ୍ରଦାନ କରିଥିଲେ। ଏହି ଉଦ୍ୟୋଗୀମାନେ ଅନ୍ୟମାନଙ୍କ ପାଇଁ ଉଦାହରଣ ବୋଲି ପ୍ରଭୁ କାର୍ଯ୍ୟକ୍ରମ ଅବସରରେ ସୂଚନା ଦେଇଛନ୍ତି। ମୁଦ୍ରା ଯୋଜନା ଏବଂ ଜେମ୍ ପୋର୍ଟାଲ ଯୁବ ଉଦ୍ୟୋଗୀଙ୍କ ବିକାଶରେ ସହାୟକ ହୋଇଛି ବୋଲି ପ୍ରଭୁ କହିଛନ୍ତି। କାର୍ଯ୍ୟକ୍ରମରେ ଦକ୍ଷତା ବିକାଶ ରାଷ୍ଟ୍ର ମନ୍ତ୍ରୀ ଅନନ୍ତ ହେଗ୍‌ଡେ, ଏମ୍ଏସ୍‌ଡିଇ ସଚିବ ଡ.କେ.ପି.କ୍ରିଷ୍ଣା ପ୍ରମୁଖ ଉପସ୍ଥିତ ଥିଲେ।

**BHUBANESWAR DEVELOPMENT AUTHORITY**
Akash Shova Building, Sachivalaya Marg, Bhubaneswar-751001
visit us at: www.bdabbsr.in

RFP No. Eng-IV-Vehicle-01/2014/72 Date. 15.01.2019

**RFP FOR SELECTION OF AGENCY FOR SUPPLY OF VEHICLES WITH DRIVERS TO BDA ON HIRED BASIS**

Bhubaneswar Development Authority invites "REQUEST FOR PROPOSAL FOR SELECTION OF AGENCY FOR SUPPLY OF VEHICLES WITH DRIVERS ON HIRE BASIS TO BDA". The RFP documents will be available in the BDA website @ www.bdabbsr.in from 17.01.2019 to 31.01.2019. The RFP documents can be downloaded from the BDA website (www.bdabbsr.in). The last date of receipt of proposals by speed/registered post is up to 4.00PM on 05.02.2019 and the RFP will be open at 4.30PM on 05.02.2019 in the office of Executive Engineer, Division No.IV, BDA, Bhubaneswar in the presence of the bidders or their authorized representatives. Please refer to the RFP documents available in the BDA website www.bdabbsr.in for further details.

Sd/-
Executive Engineer
Division No.IV, BDA

OFFICE OF THE
**REGULATED MARKET COMMITTEE, BHANJANAGAR**
AT/PO- BHANJANAGAR, DIST.- GANJAM, ODISHA, PIN-761126

**E-PROCUREMENT (INVITATION FOR BIDS)**

BID IDENTIFICATION No. RMC/BHANJANAGAR 02/2018-19
No. 191 Dated 15.01.2019

The Sub-Collector-cum-Chairman, R.M.C., Bhanjanagar invites percentage of BID through e-Procurement in single cover according to norms of e-Procurement.

1. Type of Work : Construction of infrastructure development at Bhanjanagar Main Market yard.
2. Total No. work : 1 (One)
3. Tender Amount Cost : 1,66,74,121.00
4. Period of Completion : 11 (eleven) calendar months
5. Date & time of availability of BID document in the portal : From 10AM of date 17.01.2019 to 5PM of 31.01.2019
6. Original BID document submissions in Tender Box : NA
7. Date & time of opening of Tender : 01.02.2019 at 11.30AM (Friday)

Further the details of e-tender can be had from the e-Procurement portal www.tenderodisha.gov.in. Corrigendum if any, shall only be published in above website.

*Sd./- Sub-Collector-cum-Chairman*
*RMC, Bhanjanagar*

**ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା**
**ଆୟୋଜକ: ଜିଲ୍ଲା ପ୍ରଶାସନ, ନବରଙ୍ଗପୁର**
ତାରିଖ: ୨୧।୦୧।୨୦୧୯, ସମୟ: ଦିବା ୧୧.୦୦ ମିନିଟ
ସ୍ଥାନ: ରାଜା ଚୈତନ୍ୟ ଦେବ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆ, ନବରଙ୍ଗପୁର

ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷଙ୍କ ତରଫରୁ ଜିଲ୍ଲା ପ୍ରଶାସନ, ନବରଙ୍ଗପୁର ଉପରୋକ୍ତ କାର୍ଯ୍ୟସୂଚୀ ଅନୁଯାୟୀ ଏକ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳାର ଆୟୋଜନ କରିବାକୁ ଯାଉଅଛି। ଏହି ନିଯୁକ୍ତି ମେଳାରେ ରାଜ୍ୟ ଓ ରାଜ୍ୟ ବାହାରର ବିଭିନ୍ନ ନିଯୁକ୍ତି ଦାତା ସଂସ୍ଥାମାନେ ଯୋଗଦେବେ। ଏହା ବ୍ୟତୀତ, ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷଙ୍କ (OSDA), ସହ ବୁଝାମଣା ପତ୍ର (MoU) ସ୍ୱାକ୍ଷର କରିଥିବା ଜିଲ୍ଲା ଓ ଜିଲ୍ଲା ବାହାରର ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥା ବା Project Implementing Agencies (PIAs) ମାନେ ମଧ୍ୟ ଯୋଗଦେବେ। ସମସ୍ତ ନିଯୁକ୍ତିଦାତା ସଂସ୍ଥାମାନଙ୍କରେ ସିଧାସଳଖ ନିଯୁକ୍ତିର ସୁଯୋଗ ରହିଅଛି। ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥା ମାଧ୍ୟମରେ, ଜିଲ୍ଲା ଓ ଜିଲ୍ଲା ବାହାରେ ତାଲିମ ନେଇ ମଧ୍ୟ ନିଶ୍ଚିତ ନିଯୁକ୍ତିର ସୁଯୋଗ ହାସଲ କରିପାରିବେ। ସୁତରାଂ, ନବରଙ୍ଗପୁର ଜିଲ୍ଲାର ରୋଜଗାର ସନ୍ଧାନରେ ଥିବା ୮ମ ଶ୍ରେଣୀ ପାସଠାରୁ ଦଶମ ଶ୍ରେଣୀ ଫେଲ ପର୍ଯ୍ୟନ୍ତ ଏବଂ ମାଟ୍ରିକ ପାସଠାରୁ ସ୍ନାତକ/ ଆଇଟିଆଇ (ITI)/ ଡିପ୍ଲୋମା (Diploma) ପାସ କରିଥିବା ଆଗ୍ରହୀ ଯୁବକ/ଯୁବତୀମାନେ ନିଜ ନିଜର ପଞ୍ଚାୟତ ସମିତି କାର୍ଯ୍ୟାଳୟକୁ (Block Office) ଯାଇ, ତା୧୫।୦୧।୨୦୧୯ଠାରୁ ତା୨୦।୦୧।୨୦୧୯ରିଖ ମଧ୍ୟରେ ସେମାନଙ୍କର ନାମ ପଞ୍ଜୀକୃତ କରାଇ ଏକ ଆବେଦନ ପତ୍ର ସହ, ପ୍ରବେଶ ପତ୍ର ହାସଲ କରି ଏହି ମେଳାରେ ଯୋଗଦେଇ ପାରିବେ। ଯେଉଁମାନେ ନିଜ Block Office ରେ ନାମ ପଞ୍ଜୀକୃତ କରିନଥିବେ, ସେମାନେ ନିଯୁକ୍ତି ମେଳା ଦିନ ମଧ୍ୟ ନିଜର ନାମ ପଞ୍ଜୀକୃତ କରି ଏଥିରେ ଭାଗ ନେଇ ଏହାର ସୁଯୋଗ ହାସଲ କରିବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ସୂଚାଇ ଦିଆଯାଉଛି।

**ସ୍ୱା./- ଜିଲ୍ଲା ନିଯୋଜନ ଅଧିକାରୀ, ନବରଙ୍ଗପୁର** **ସ୍ୱା./- ଜିଲ୍ଲାପାଳ, ନବରଙ୍ଗପୁର**

ocac ODISHA COMPUTER APPLICATION CENTRE
**ADVERTISEMENT**

**Administering/facilitating extension of various Incentives/concessions available under ICT Policy-2014 as per Operational Guidelines notified by Government in E & IT Department.**

Government in E & IT Department have notified Operational Guidelines for administering/ facilitating extension of various Incentives/ concessions available under ICT Policy-2014. All the IT/ITES/ESDM Companies functioning in the State of Odisha may avail these facilities as per the Notification hosted in Govt. Website **www.odisha.gov.in** and OCAC website **www.ocac.in.** The last date for receipt of the application in prescribed format with all supporting documents is **31st January, 2019**. Applications received after January, 2019 shall not be considered for this financial year.

***General Manager (Admn.)***

For any clarification you may visit IF & ITP Cell / PIU, OCAC in between 10:30 AM to 01:30 PM on all working days. *For further enquiry please contact : 0674-2567295 / 2567283 / 2567064*

**ADVERTISEMENT**

**ODISHA CONSTRUCTION CORPORATION LTD.**
(A Government of Odisha Undertaking)
REGD. OFFICE : UNIT-VIII, GOPABANDHU NAGAR, BHUBANESWAR-751012 (ODISHA)
E-mail : theoccltd@odishaconstruction.com,
Website : www.odishaconstruction.com
DESIGNED TO EXCEL

Odisha Construction Corporation Limited, a state PSU invites applications from eligible applicants for appointment of 9 Nos. of Office Assistants (Contract) on contract basis with a consolidated monthly remuneration of ₹9,000/- (Rupees Nine thousand) only. The appointment is purely temporary in nature and terminable at anytime without assigning any reason thereof. Service contract may be renewed subject to satisfactory performance up to 6 (six) years. The selected applicants shall be posted to any unit of the Corporation located in the state of Odisha.

| Category | Nos. of Post | Nos. of Post reserved for women |
|---|---|---|
| Unreserved | 5 | 2 |
| SEBC | 1 | - |
| Schedule Tribe | 2 | 1 |
| Schedule Caste | 1 | - |
| Total | 9 | 3 |

Details of advertisement and prescribed application format are available in the Corporation website : **www.odihsaconstruction.com.** Sd/-
MANAGING DIRECTOR

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧, ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧, ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: 281 **ବିଜ୍ଞାପନ** ତା.: 05.01.19

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ରାଧାଗୋବିନ୍ଦପୁର, ଦ୍ୱିତୀୟ ପର୍ଯ୍ୟାୟ, ଆଠଗଡ଼ ହାଉସିଂ ପ୍ରକଳ୍ପରେ ଘର ନଂ-ଇ.ଡବ୍ଲ୍ୟୁ.ଏସ୍.-୮ (EWS-8)କୁ ଅଜୟ କୁମାର ମହାନ୍ତି, ପି: ସ୍ୱର୍ଗତ ଲିଙ୍ଗରାଜ ମହାନ୍ତି, ଗ୍ରା/ପୋ: ବେଣ୍ଟପଦା, ଥା: ଆଠଗଡ଼, ଜି: କଟକଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନକାରୀ ଅଜୟ କୁମାର ମହାନ୍ତି ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ଦ୍ରୌପଦୀ ମିଶ୍ର, ସ୍ୱା: ସ୍ୱର୍ଗତ ଶରତ କୁମାର ମିଶ୍ର, ଗ୍ରା: କନ୍ତୋଲ, ପୋ/ଥା: ଆଠଗଡ଼, ଜି: କଟକଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା’ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

**ସ୍ୱା./- ସହ ପ୍ରଶାସନିକ ଅଧିକାରୀ, ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

CUTTACK MUNICIPAL CORPORATION
**"e" PROCUREMENT NOTICE**
**Tender ID: 2018_ORULB_50780**
**Tender Call Notice No. 157 (PW) Date 16.01.2019**

Name & No. of Works : Civil Works
No. of Works : 3 Nos.
Bid Value : Rs. 4.41 lakhs to Rs. 8.84 lakhs
Period of Completion : Three Calendar Months
Date and Time schedule :

| Start | End | Opening |
|---|---|---|
| 11.00 AM on dt. 18.01.2019 | 5.00 PM on dt. 28.01.2019 | 11.00 AM on dt. 31.01.2019 |

Tender Details : can be seen from the procurement portal: **www.tendersorissa.gov.in.**

**Sd./- Executive Engineer-I**

**BHUBANESWAR DEVELOPMENT AUTHORITY**
Akash Shova Building, Sachivalaya Marg, Bhubaneswar-751001
visit us at: www.bdabbsr.in

No. 46 Date. 15.01.2019
'e' Procurement Notice, BID IDENTIFICATION NO. BDA/07- EE-III/2018-19

Executive Engineer, Division No.III, BDA on behalf of Bhubaneswar Development Authority invites Percentage Rate bids in Single cover system to be received in online mode only for the work detailed below.

| | | | |
|---|---|---|---|
| 1. | Name of work | - | 1. Renovation of Compound wall and fixing of Gate at K-7 Kalinga Nagar, Bhubaneswar. 2. Construction of U.G.R. for Fire Fighting arrangement to Commercial Complex at Nayapalli, Bhubaneswar. |
| 2. | No. of works | - | 02 (Two) Nos. |
| 3. | Estimated Cost | - | Approximate Rs.10.46 Lakh for Sl. No.1 & Rs. 5.08 Lakh for Sl. No.2 |
| 4. | Period of Completion | - | 45 (Forty Five) Days for Sl. No. 1 & 2 |
| 5. | Tender Cost | - | Rs. 6,720/- including 12% GST for Sl. No.1 & Rs. 4,480/- including 12% GST for Sl. No.2. |
| 6. | Date & Time of availability of Bid | - | 18.01.2019 to 5.00 P.M. of 28.01.2019 |
| 7. | Class of Contractor | - | 'D' Class & 'C' Class |

The Bidders have to participate in ONLINE bidding only. Further details can be seen from the website http://tendersodisha.gov.in/.

**N.B. The quoted rate should be all inclusive but excluding G.S.T. applicable under works contract.**

Sd/-
Executive Engineer,
Division No.III, BDA.

“ବୁମ୍‌ରାଙ୍କ ନେତୃତ୍ୱରେ ଭାରତୀୟ ବୋଲିଂ ବେଶ ସନ୍ତୁଳିତ । ଆସନ୍ତା ବିଶ୍ୱକପ୍‌ରେ ଇଂଲଣ୍ଡ ସମେତ ଭାରତ ମଧ୍ୟ ପ୍ରମୁଖ ଟାଇଟଲ ଦାବିଦାର ।

– ଜାସନ୍ ଗିଲେସ୍ପି, ପ୍ରାକ୍ତନ ଅଷ୍ଟ୍ରେଲୀୟ ବୋଲର



“ଭାରତୀୟ ଦଳରେ ମହେନ୍ଦ୍ର ସିଂ ଧୋନୀଙ୍କ ମୂଲ୍ୟ ଆକଳନ ସହଜ ନୁହେଁ, ପ୍ରଦର୍ଶନରେ ସ୍ଥିରତା ନଥିଲେ ହେଁ ତାଙ୍କୁ ଅଣଦେଖା କରିହେବ ନାହିଁ ।

– ସୁନୀଲ ଗାଭାସ୍କର, କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ



## ସଂକ୍ଷେପରେ

### ୨୧ ବର୍ଷରୁ କମ୍ ବାଳିକା ଖୋଖୋ: ଓଡ଼ିଶାକୁ ବ୍ରୋଞ୍ଜ୍



ଭୁବନେଶ୍ୱର, ୧୬।୧(ସ୍ପୋର୍ଟ୍ସ ବ୍ୟୁରୋ): ଖେଲୋ ଇଣ୍ଡିଆରେ ଓଡ଼ିଶା ବାଳିକା ହକି ଦଳ ୨୧ ବର୍ଷରୁ କମ୍ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ସେହିପରି ୨୧ ବର୍ଷରୁ କମ ବାଳିକା ଖୋଖୋ ପ୍ରତିଯୋଗିତାରେ ଓଡ଼ିଶା ଦିଲ୍ଲୀକୁ ସଡନ ଆଟାକରେ ପରାସ୍ତ କରି ବ୍ରୋଞ୍ଜ୍ ପଦକ ଜିତିଛି। ଏଥି ସହିତ ଓଡ଼ିଶା ଆଉ ଏକ ବ୍ରୋଞ୍ଜ୍ ପଦକ ହାସଲ କରିବାକୁ ସକ୍ଷମ ହୋଇଛି।

### ଘରୁ ବାହାରୁ ନାହାନ୍ତି ହାର୍ଦ୍ଦିକ

ମୁମ୍ବାଇ,୧୬।୧- ଭାରତୀୟ ଅଲରାଉଣ୍ଡର ହାର୍ଦ୍ଦିକ ପଣ୍ଡ୍ୟାଙ୍କ ବେଳା ଏବେ ଖରାପ ଚାଲିଛି, ଯାହା ସଭିଙ୍କୁ ଜଣା। ଲୋକପ୍ରିୟ ଟକ୍ ଶୋ 'କଫି ୱିଥ୍ କରନ'ର ଏକ ଅଧ୍ୟାୟରେ ସେ ସାଥୀ ଖେଳାଳି ଲୋକେଶ ରାହୁଲଙ୍କ ସହ ମିଶି ମହିଳାଙ୍କ ଉପରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ। ଏହାପରେ ଭାରତୀୟ ଦଳରୁ ସେ ବାସନ୍ଦ ହୋଇଛନ୍ତି। ମାତ୍ର ଅଷ୍ଟ୍ରେଲିଆରୁ ଫେରିବା ପରେ ହାର୍ଦ୍ଦିକ ଏବେ ଘରୁ ବାହାରୁ ନାହାନ୍ତି। ଏପରି କି କାହା ଫୋନ ମଧ୍ୟ ଉଠାଉ ନାହାନ୍ତି। ମକର ସଂକ୍ରାନ୍ତି ମଧ୍ୟ ପାଳନ କରି ନ ଥିଲେ। ଏହି ଉତ୍ସବ ଗୁଜରାଟରେ ସାଧାରଣ ଛୁଟିଦିନ ଭାବେ ପାଳନ କରାଯାଏ। ହାର୍ଦ୍ଦିକ ଗୁଡ଼ି ଉଡ଼ାଇବାକୁ ଭଲ ପାଆନ୍ତି। ମାତ୍ର ବିପରୀତ ପରିସ୍ଥିତି ଯୋଗୁ ଏହି ଅବସରରେ ମଧ୍ୟ ସେ ଗୁଡ଼ି ଉଡ଼ାଇ ନ ଥିଲେ। ବାସନ୍ଦାଦେଶ ଯୋଗୁ ସେ ଦୁଃଖିତ ବୋଲି ତାଙ୍କ ବାପା ହିମାଂଶୁ କହିଛନ୍ତି। ଏ ସମ୍ପର୍କରେ କ୍ରୁନାଲ ତାଙ୍କ ସହ କଥା ହୋଇନାହାନ୍ତି। ବିସିସିଆଇ ନିଷ୍ପତ୍ତିକୁ ଅପେକ୍ଷା କରିଥିବା ସେ ପ୍ରକାଶ କରିଛନ୍ତି।

# ଓଡ଼ିଶା ଟେନିସ ପ୍ରିମିୟର ଲିଗ୍ ଆରମ୍ଭ

## କେନ୍ଦ୍ରାପଡ଼ା, ଅନୁଗୋଳ, ପୁରୀ, ସମ୍ବଲପୁର ଦଳର ବିଜୟ

ଭୁବନେଶ୍ୱର, ୧୬।୧(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ଟେନିସ ପ୍ରିମିୟର ଲିଗ୍(ଓଟିପିଏଲ)ର ଦ୍ୱିତୀୟ ସଂସ୍କରଣ ବୁଧବାର କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହୋଇଛି। ନୀଳାଚଳ ଟେନିସ ଫାଉଣ୍ଡେଶନ ଆନୁକୂଲ୍ୟରେ ଓଡ଼ିଶା ଟେନିସ ଆସୋସିଏଶନ (ଓଟିଏ) ଅନୁମୋଦନକ୍ରମେ ଆୟୋଜିତ ଏହି ଟୁର୍ନାମେଣ୍ଟରେ ଦେଶର ୩୨ ଜଣ ଟପ୍ ର୍ୟାଙ୍କିଙ୍ଗ୍‌ପ୍ରାପ୍ତ ଏଆଇଟିଏ ଖେଳାଳି ଅଂଶଗ୍ରହଣ କରିଛନ୍ତି। ପ୍ରତିଯୋଗିତାରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିଛନ୍ତି। ଦଳ ଗୁଡ଼ିକୁ ୨ଟି ଗ୍ରୁପରେ ବିଭକ୍ତ କରାଯାଇଛି। ଗ୍ରୁପ୍'ଏ'ରେ ପୁରୀ ୱେଭର୍ସ, ସମ୍ବଲପୁର ଶୁଟର୍ସ, କଟକ କନ୍‌କ୍ୱର୍ସ ଓ ଖୋର୍ଦ୍ଧା ୱାରିୟର୍ସ ସ୍ଥାନ ପାଇଛନ୍ତି। ସେହିପରି ଗ୍ରୁପ୍ 'ବି'ରେ ସ୍ଥାନ ପାଇଥିବା ଦଳ ଗୁଡ଼ିକ ହେଲେ ଭଦ୍ରକ ଭିକ୍ଟର୍ସ, ସୁନ୍ଦରଗଡ଼ ବୀରାନ୍ସ, କେନ୍ଦ୍ରାପଡ଼ା କଣ୍ଟେଣ୍ଡର୍ସ ଓ ଅନୁଗୋଳ ଏସର୍ସ। ପ୍ରତିଯୋଗିତା ମୁଖ୍ୟତଃ ପୁରୁଷ ସିଙ୍ଗଲ୍ସ, ମହିଳା ସିଙ୍ଗଲ୍ସ, ପୁରୁଷ ଡବଲ୍ସ, ମିକ୍ସଡ ଡବଲ୍ସ ଏବଂ ସିନିୟର୍ସ ଡବଲ୍ସରେ ଅନୁଷ୍ଠିତ ହେଉଛି। ଓଟିଏ ସମ୍ପାଦକ ମଧୁସୂଦନ ପାଢ଼ୀ, ଓଟିପିଏଲର ପ୍ରତିଷ୍ଠାତା ତଥା ଟୁର୍ନାମେଣ୍ଟ ଡାଇରେକ୍ଟର ଦିଲୀପ ମହାନ୍ତି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ପରେ ଯୋଗ ଦେଇଥିବାବେଳେ ପ୍ରବୀଣ କୁମାର ରେଫରି ଦାୟିତ୍ୱ ତୁଲାଇଥିଲେ।

ପ୍ରତିଯୋଗିତାର ପ୍ରଥମ ସଂସ୍କରଣ ୨୦୧୭ରେ ଅନୁଷ୍ଠିତ ହୋଇଥିଲା। ''ପ୍ରଥମ ସଂସ୍କରଣରେ ଏହି ଲିଗ୍‌କୁ ଭରପୂର ସମର୍ଥନ ମିଳିଥିଲା। ରାଜ୍ୟରେ ଅନେକ ଟେନିସ ଖେଳାଳି ଏହି ଗେମ୍‌କୁ ସିରିୟସର ସହିତ ନେଉଥିବା ପରିଲକ୍ଷିତ ହୋଇଛି। ଓପିଟିଏଲ କେବଳ ଟେନିସକୁ ପ୍ରମୋଟ କରିବ ନାହିଁ, ରାଜ୍ୟରେ ଏହି ଖେଳର ଉନ୍ନତି ପାଇଁ ପ୍ରୟାସ କରିବ'' ବୋଲି ଦିଲୀପ ପ୍ରକାଶ କରିଛନ୍ତି। ଏହି ଲିଗ୍ ୨୦ ତାରିଖରେ ଉଦ୍‌ଯାପିତ ହେବ। ପ୍ରଥମ ଦିବସରେ ଅନୁଷ୍ଠିତ ମ୍ୟାଚ ଗୁଡ଼ିକ ମଧ୍ୟରେ ସୁନ୍ଦରଗଡ଼ ବୀରାନ୍ସକୁ କେନ୍ଦ୍ରାପଡ଼ା କଣ୍ଟେଣ୍ଡର୍ସ ୩-୨ରେ ହରାଇଥିବାବେଳେ ଅନୁଗୋଳ ଏସର୍ସ ୩-୨ରେ ଭଦ୍ରକ ଭିକ୍ଟର୍ସ, ପୁରୀ ୱେଭର୍ସ ୩-୨ରେ ଖୋର୍ଦ୍ଧା ୱାରିୟର୍ସ ଏବଂ ସମ୍ବଲପୁର ଶୁଟର୍ସ ୩-୨ରେ କଟକ କନ୍‌କ୍ୱର୍ସକୁ ପରାସ୍ତ କରିଛି।



ଅତିଥିମାନେ ପ୍ରତିଯୋଗିତାକୁ ଉଦ୍‌ଘାଟନ କରୁଛନ୍ତି।




କଳିଙ୍ଗ ଷ୍ଟାଡିୟମରେ ବୁଧବାର ଆରମ୍ଭ ହୋଇଥିବା ଓଡ଼ିଶା ଟେନିସ ପ୍ରିମିୟର ଲିଗ୍‌ରେ ଭାଗ ନେଇଥିବା ଖେଳାଳିମାନେ।

# ଧୋନୀଙ୍କ ତ୍ରୁଟିପୂର୍ଣ୍ଣ ରନ୍ ଅଣଦେଖା

ନୂଆଦିଲ୍ଲୀ,୧୬।୧

ମହେନ୍ଦ୍ର ସିଂ ଧୋନୀଙ୍କ ଦମ୍‌ଦାର ଇନିଂସ ବଳରେ ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜ୍‌କୁ ଭାରତ ଆଡିଲେଡ୍‌ଠାରେ ବରାବର କରିଛି। ମ୍ୟାଚ୍ ୱିନିଂ ଇନିଂସ୍ ପରେ ମଧ୍ୟ ପୂର୍ବତନ ଅଧିନାୟକ ଆଉ ଏକ କାରଣ ଯୋଗୁ ଚର୍ଚ୍ଚାରେ ରହିଛନ୍ତି। ସୋସିଆଲ ମିଡିଆରେ ଶେୟାର କରାଯାଇଥିବା ଏକ ଭିଡିଓରେ ଧୋନୀ ସିଙ୍ଗଲ୍ ରନ୍ ଶେଷ କରି ନ ଥିଲେ, ଯାହାକୁ ଅମ୍ପାୟର ଅଣଦେଖା କରି ଦେଇଥିଲେ। ଏହି ଘଟଣା ଭାରତୀୟ ବ୍ୟାଟିଂର ୪୫ତମ ଓଭରରେ ଘଟିଥିଲା। ସ୍ପିନର ନାଥନ ଲିଅନଙ୍କ ଓଭରର ଅନ୍ତିମ ବଲରେ ଧୋନୀ ସିଙ୍ଗଲ ନେଇଥିଲେ। ହେଲେ ସେ ଧାର୍ଯ୍ୟ ସୀମା ଅତିକ୍ରମ କରି ନ ଥିଲେ। ଏହାସତ୍ତ୍ୱେ ଉକ୍ତ ରନ୍ ଧୋନୀ ଓ ଭାରତୀୟ ଦଳର ଖାତାରେ ସାମିଲ କରାଯାଇଥିଲା। ଭାରତୀୟ ଦଳ ୨୯୯ ରନ୍‌ର କଷ୍ଟସାଧ୍ୟ ବିଜୟ ଲକ୍ଷ୍ୟ ପିଛା କରୁଥିଲା। ଅଧିନାୟକ ବିରାଟ କୋହଲିଙ୍କ ୧୦୪ ଓ ଧୋନୀଙ୍କ ଅପରାଜିତ ୫୫ ରନ୍‌ର ଇନିଂସ ଯୋଗୁ ଭାରତ ୪ ବଲ ପୂର୍ବରୁ ମ୍ୟାଚ୍ ଜିତି ନେଇଥିଲା। ସିରିଜ୍‌ର ଅନ୍ତିମ ମ୍ୟାଚ୍ ୧୮ ତାରିଖରେ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ (ଏମ୍‌ସିଜି)ଠାରେ ଖେଳାଯିବ।

# ସାଇନା, ଶ୍ରୀକାନ୍ତଙ୍କ ବିଜୟ ଅଭିଯାନ

କୁଆଲାଲମ୍ପୁର,୧୬।୧(ପି.ଟି.)



ସାଇନା ନେହ୍ୱାଲ।

ଅଲିମ୍ପିକ୍ ପଦକଧାରୀ ସାଇନା ନେହ୍ୱାଲ, କିଦାମ୍ବି ଶ୍ରୀକାନ୍ତ ଓ ପାରୁପଲ୍ଲୀ କାଶ୍ୟପ ଏଠାରେ ଚାଲିଥିବା ମାଲେସିଆ ମାଷ୍ଟର୍ସ ଟୁର୍ନାମେଣ୍ଟରେ ବିଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି। ୭ମ ସିଡ୍ ସାଇନା ବୁଧବାର ଖେଳାଯାଇଥିବା ମ୍ୟାଚ୍‌ରେ ୧୪-୨୧, ୨୧-୧୮, ୨୧-୧୮ ଗେମ୍‌ରେ ହଂକଂର ଜୟ ଜୁଆନ ଡେଙ୍ଗଙ୍କୁ ହରାଇ ଦେଇଛନ୍ତି। ଏହି ମ୍ୟାଚ୍ ଜିତିବା ଲାଗି ପୂର୍ବତନ ଶୀର୍ଷ ର୍ୟାଙ୍କଧାରୀ ଭାରତୀୟ ଖେଳାଳି ସାଇନାଙ୍କୁ ଏକ ଘଣ୍ଟା ୫ ମିନିଟ ଲାଗିଥିଲା। ଏକମାତ୍ର ମହିଳା ଖେଳାଳି ଭାବେ ସିଙ୍ଗଲ୍ସ ବର୍ଗରେ ଭାଗ ନେଇଥିବା ସାଇନା ପରବର୍ତ୍ତୀ ମ୍ୟାଚ୍‌ରେ ଅଣସିଡ୍ ପୁଇ ୟିନ ୟିପଙ୍କୁ ଭେଟିବେ। ସାଇନାଙ୍କ ଜୀବନ ସାଥୀ କାଶ୍ୟପ ମଧ୍ୟ ୩ ଗେମ୍ ବିଶିଷ୍ଟ ମୁକାବିଲାକୁ ଜିତି ଆଗକୁ ବଢ଼ିଛନ୍ତି। ସେ ୧୯-୨୧, ୨୧-୧୯, ୨୧-୧୦ ଗେମ୍‌ରେ ଡେନମାର୍କର ରାସମୁସ ଗେମକେଙ୍କୁ ପରାସ୍ତ କରିଛନ୍ତି। କିନ୍ତୁ ଅନ୍ୟ ଏକ ପୁରୁଷ ସିଙ୍ଗଲ୍ସ ମ୍ୟାଚ୍‌କୁ ଶ୍ରୀକାନ୍ତ ମାତ୍ର ୩୦ ମିନିଟ୍ ମଧ୍ୟରେ ଜିତି ନେଇଥିଲେ। ସେ ୨୧-୧୭, ୨୧-୧୧ ଗେମ୍‌ରେ ଅନଗୁସ କା ଲଙ୍ଗଙ୍କୁ ପରାଜିତ କରିଛନ୍ତି। ଦୁଇ ଭାରତୀୟ ଖେଳାଳି ପରବର୍ତ୍ତୀ ରାଉଣ୍ଡରେ ୬ଷ୍ଠ ସିଡ୍ ଆନ୍ଥୋନି ସିନିସୁକା ଓ ଭିନସେଣ୍ଟ ୱିଙ୍ଗ କି ୱିଙ୍ଗଙ୍କ ବିପକ୍ଷରେ ମୁକାବିଲା କରିବେ। ମହିଳା ଡବଲ୍ସ ଖେଳାଳି ଅଶ୍ୱିନୀ ପୋନପ୍ପା ଓ ଏନ୍ ସିକି ରେଡ୍ଡୀଙ୍କ ଯୋଡ଼ି ମଧ୍ୟ ପ୍ରଥମ ବାଧା ଅତିକ୍ରମ କରିବାରେ ସଫଳ ହୋଇଛି।

# ୟୁପିକୁ ହରାଇଲା ହରିୟାଣା

ପଞ୍ଚକୁଲା,୧୬।୧ (ପି.ଟି.)

ପ୍ରୋ ରେସଲିଂ ଲିଗ୍‌ର ଚତୁର୍ଥ ସଂସ୍କରଣରେ ବୁଧବାର ଅନୁଷ୍ଠିତ ମୁକାବିଲାରେ ହରିୟାଣା ହାମର୍ସ ବିଜୟୀ ହୋଇଛି। ସ୍ଥାନୀୟ ତାଉ ଦେବିଲାଲ ଇଣ୍ଡୋର ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚରେ ୟୁପି ଦଙ୍ଗଲକୁ ୫-୨ରେ ପରାସ୍ତ କରି ହରିୟାଣା ବିଜୟ ହାସଲ କରିଛି। ହରିୟାଣାର ଅଭିଜ୍ଞ ରେସଲରମାନେ ୟୁପି ଖେଳାଳିଙ୍କ ଉପରେ ଚାପ ପକାଇବାରେ ସକ୍ଷମ ହୋଇଥିଲେ।

■ ହଂକଂ, ଇଣ୍ଡୋନେସିଆ ବିପକ୍ଷ ବନ୍ଧୁତ୍ୱପୂର୍ଣ୍ଣ ଫୁଟ୍‌ବଲ ମ୍ୟାଚ୍

# ଭାରତୀୟ ଦଳରେ ପ୍ୟାରୀ, ଜବାମଣୀ

ନୂଆଦିଲ୍ଲୀ, ୧୬।୧(ପି.ଟି.)



ପ୍ୟାରୀ ଖାଖା



ଜବାମଣୀ ଟୁଡୁ

୨୦୨୦ ଅଲିମ୍ପିକ୍ସ ଖେଳିବାକୁ ଯୋଗ୍ୟତା ହାସଲ କରିବା ପାଇଁ ଭାରତୀୟ ମହିଳା ଫୁଟବଲ ଦଳ ହଂକଂ ଓ ଇଣ୍ଡୋନେସିଆ ବିପକ୍ଷରେ ଦୁଇଟି ଲେଖାଏ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ୍ ଖେଳିବ। ଏହି ମ୍ୟାଚ୍‌ଗୁଡ଼ିକ ପାଇଁ ଏକ ୨୫ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଏଥିରେ ଓଡ଼ିଶାର ଦୁଇଜଣ ମହିଳା ଫୁଟବଲର ସ୍ଥାନ ପାଇଛନ୍ତି। ସେମାନେ ହେଲେ ପ୍ୟାରୀ ଖାଖା ଓ ଜବାମଣୀ ଟୁଡୁ। ଜାତୀୟ ଦଳରେ ସ୍ଥାନ ପାଇଥିବାରୁ ଏହି ଦୁଇ ଖେଳାଳିଙ୍କୁ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସମ୍ପାଦକ ସଞ୍ଜୟ ବେହେରା ଅଭିନନ୍ଦନ ଜଣାଇଛନ୍ତି।

ପ୍ରଥମେ ଭାରତୀୟ ଦଳ ଶନିବାର ହଂକଂ ଯାତ୍ରା କରି ସେଠାରେ ଆସନ୍ତା ୨୧ ଓ ୨୩ ତାରିଖରେ ମ୍ୟାଚ୍ ଖେଳିବ। ଏହାପରେ ଇଣ୍ଡୋନେସିଆ ଯାତ୍ରା କରି ୨୭ ଓ ୩୦ ତାରିଖରେ ଦୁଇଟି ମ୍ୟାଚ୍ ଖେଳିବ। ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିବା ପାଇଁ ଆମେ ହଂକଂ ଓ ଇଣ୍ଡୋନେସିଆ ବିପକ୍ଷରେ ଦୁଇଟି ଲେଖାଏ ମ୍ୟାଚ୍ ଖେଳିବୁ ବୋଲି ଭାରତ ହେଡ୍ କୋଚ୍ ମେମୋଲ ରକି କହିଛନ୍ତି। ଏହି ଅଲିମ୍ପିକ୍ସ କ୍ୱାଲିଫାୟର ମ୍ୟାଚ୍ ଆମ ପାଇଁ ଚ୍ୟାଲେଞ୍ଜ୍ ସୃଷ୍ଟି କରିଛି । ଆମେ ଦେଶ ପାଇଁ ଇତିହାସ ସୃଷ୍ଟି କରିବା ଲକ୍ଷ୍ୟରେ ରହିଛୁ। ଟୋକିଓ ଅଲିମ୍ପିକ୍ସର ଦ୍ୱିତୀୟ ରାଉଣ୍ଡ କ୍ୱାଲିଫାୟର୍ସ ଏପ୍ରିଲ ୧ରୁ ୯ ତାରିଖ ମଧ୍ୟରେ ଖେଳାଯିବ। ତେବେ ଏହି ମ୍ୟାଚ୍ ସମ୍ପର୍କରେ ଏବେ କିଛି ସୂଚନା ଦିଆଯାଇ ନାହିଁ।

**ଭାରତୀୟ ଦଳ:**
ଗୋଲ କିପର- ଆଦିତୀ ଚୌହାନ, ଏମ୍.ଲିନଥୋଇଙ୍ଗାମ୍ବି ଦେବୀ, ସୋମିୟା ନାରାୟଣସ୍ୱାମୀ, ଶ୍ରେୟା ହୁଡା।ଡିଫେଣ୍ଡର- ଆଶାଲତା ଦେବୀ, ସ୍ୱିଟୀ ଦେବୀ, ଜବାମଣୀ ଟୁଡୁ, ଦାଲିମା ଜିବେର, ଲାକୋ ଫୁଟି, ମାଇକେଲ କାଷ୍ଟାନା, ପଲି କୋଲେ। ମିଡ୍‌ଫିଲ୍ଡର୍ସ- ସଙ୍ଗୀତା ବାସଫୋର, ସଞ୍ଜୁ ଯାଦବ, ସୁମିତ୍ରା କାମରାଜ, ରଞ୍ଜାନ ଚାନୁ, ଇନ୍ଦୁମତି କାଥିରେସାନ, ରଞ୍ଜିତା ଦେବୀ, ମନୀଷା। ଫରୱାର୍ଡ୍ସ: ରୋଜା ଦେବୀ, ଅଞ୍ଜୁ ତମାଙ୍ଗ, ରତନବାଳା ଦେବୀ, ପ୍ୟାରୀ ଖାଖା, ଡାଙ୍ଗମେଇ ଗ୍ରେସ, ଆର. ସନ୍ଧିଆ ଓ ମମତା।

**ଭାରତର ମ୍ୟାଚ୍**

| ଦଳ | ମ୍ୟାଚ୍ | ତାରିଖ |
|---|---|---|
| ହଂକଂ | ପ୍ରଥମ | ୨୧ |
| ହଂକଂ | ଦ୍ୱିତୀୟ | ୨୩ |
| ଇଣ୍ଡୋନେସିଆ | ପ୍ରଥମ | ୨୭ |
| ଇଣ୍ଡୋନେସିଆ | ଦ୍ୱିତୀୟ | ୩୦ |

■ ବିଶ୍ୱର ସର୍ବକନିଷ୍ଠ ପର୍ବତାରୋହୀ

# ସତ୍ୟରୂପ ଚଢ଼ିଲେ ୭ ଶୃଙ୍ଗ, ଆଗ୍ନେୟଗିରି



କୋଲକାତା, ୧୬।୧ (ପି.ଟି.)

ଭାରତୀୟ ପର୍ବତାରୋହୀ ସତ୍ୟରୂପ ସିଦ୍ଧାନ୍ତ ବୁଧବାର ଏକ ବିରଳ ସଫଳତା ଅର୍ଜନ କରିଛନ୍ତି। ବିଶ୍ୱର ସର୍ବକନିଷ୍ଠ ପର୍ବାରୋହୀ ଭାବେ ସେ ୭ଟି ଉଚ୍ଚତମ ପର୍ବତ ଶୃଙ୍ଗ ଓ ଆଗ୍ନେୟଗିରି ଶିଖର ସଫଳତାର ସହ ଆରୋହଣ କରିଛନ୍ତି। ସେ ସବୁ ମହାଦେଶ ଥିବା ଏହି ଶୃଙ୍ଗ ଓ ଆଗ୍ନେୟଗିରି ଶିଖର ଚଢ଼ିବାରେ ସଫଳ ହୋଇଛନ୍ତି। ଆଣ୍ଟାର୍କଟିକାର ଉଚ୍ଚତମ ପଏଣ୍ଟ କୁହାଯାଉଥିବା ମାଉଣ୍ଟ ସିଡଲେ ଆରୋହଣ କରି ସେ ଏହି ସଫଳତା ଅର୍ଜନ କରିଛନ୍ତି। ମାତ୍ର ୩୫ ବର୍ଷ ୧୫୭ ଦିନ ବୟସରେ ସେ ଏହି ସଫଳତା ଅର୍ଜନ କରିଛନ୍ତି। ତେବେ ପୂର୍ବରୁ ଅଷ୍ଟ୍ରେଲିଆର ଡାନିଏଲ ବୁଲ୍ ଏହି ସଫଳତା ୩୬ ବର୍ଷ ୧୫୭ ଦିନ ବୟସରେ ପାଇଥିଲେ। ସତ୍ୟରୂପ ଭାରତୀୟ ସମୟ ସକାଳ ୬.୨୮ରେ ମାଉଣ୍ଟ ସିଡଲେ ଆରୋହଣ କରିଥିଲେ। – ୪୦ ଡିଗ୍ରୀ ସେଲସିୟସ ତାପମାତ୍ରାରେ ସେ ସଫଳତାର ସହ ଏହି ମାଉଣ୍ଟ ଆରୋହଣ କରିଥିଲେ। ଏଥି ସହିତ ସତ୍ୟରୂପ ପ୍ରଥମ ଭାରତୀୟ ଭାବେ ୭ଟି ପର୍ବତ ଶୃଙ୍ଗ ଓ ୭ଟି ଆଗ୍ନେୟଗିରି ଶିଖରକୁ ସଫଳତାର ସହ ଆରୋହଣ କରି ସେଠାରେ ତ୍ରିରଙ୍ଗା ଉଡାଇ ଏକ ବିରଳ ସଫଳତା ଅର୍ଜନ କରିଛନ୍ତି। ଏହା ଏକ ଗୌରବର ମୁହୂର୍ତ୍ତ ବୋଲି ସତ୍ୟରୂପ ଟୁଇଟ୍ କରି ଜଣାଇଛନ୍ତି। ଗତବର୍ଷ ସତ୍ୟରୂପ ଉତ୍ତର ଆମେରିକାର ଉଚ୍ଚତମ ଆଗ୍ନେୟଗିରି ପିକୋ ଡି ଓରିଜାବା ସଫଳତାର ସହ ଆରୋହଣ କରିଥିଲେ। ପେସାରେ ଜଣେ ସଫ୍ଟ ୱେର ଇଞ୍ଜିନିୟର ଥିବା ସତ୍ୟରୂପଙ୍କ ଘର ଦକ୍ଷିଣ କୋଲକାତାର ହରିଦୋବପୁରହରେ। ପୂର୍ବରୁ ସେ ୟୁରୋପର ମାଉଣ୍ଟ ଏଲବ୍ରସ୍, ଅଲାସ୍କାର ମାଉଣ୍ଟ ଡେନାଲି ଓ ଫ୍ରାନ୍ସର ମାଉଣ୍ଟ ମୋନଜ ବ୍ଲାଙ୍କ ଓ ଆଫ୍ରିକାର ମାଉଣ୍ଟ କିଲିମୋଞ୍ଜାରୋ ଆରୋହଣ କରି ରେକର୍ଡ ସୃଷ୍ଟି କରିଥିଲେ।

# ଡାକାର ରାଲି: ଟପ୍ ୧୦ରେ ମେନା

ପିସ୍କୋ (ପେରୁ), ୧୬।୧ (ପି.ଟି.)

ଏଠାରେ ଆରମ୍ଭ ହୋଇଥିବା ୪୧ତମ ଡାକାର ରାଲି ଅଷ୍ଟମ ପର୍ଯ୍ୟାୟ କାର ରେସ୍‌ର ପ୍ରତିଯୋଗିତାରେ ସ୍ପେନ୍‌ର ଓରିଓଲ ମେନା ଦମ୍‌ଦାର ପ୍ରଦର୍ଶନ କରି ୧୨ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି। ଫଳରେ ସେ ର୍ୟାଙ୍କିଙ୍ଗ୍‌ରେ ଟପ୍ ୧୦ରେ ସ୍ଥାନ ପାଇଛନ୍ତି। ମେନାଙ୍କ ଟିମ୍ ମେଟ ପର୍ତ୍ତୁଗାଲର ଜୋଆକ୍ୱିମ୍ ରୋଡ୍ରିଗୁଏଜ୍ ମଙ୍ଗଳବାର ଭଲ ପ୍ରଦର୍ଶନ କରି ୧୩ତମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ। ଫଳରେ ଓଭରଅଲ ର୍ୟାଙ୍କିଙ୍ଗ୍‌ରେ ୧୮ତମ ସ୍ଥାନ ଅଧିକାର କରିଛନ୍ତି।

ମେନା ୨୪ ମିନିଟ ୧୩ ସେକେଣ୍ଡ କମ୍ ସମୟ ନେଇ ଅଷ୍ଟମ ପର୍ଯ୍ୟାୟ ରେସ ବିଜେତା ମାଥିଆସ୍ ୱାକନରଙ୍କ ପଛରେ ରହିଥିଲେ। ମାଥିଆସ ରେସ୍‌ରେ ମୋଟ ୩ ଘଣ୍ଟା ୫୫ ମିନିଟ ଓ ୨୫ ସେକେଣ୍ଡ ସମୟ ନେଇଥିଲେ। ସେହିପରି ପାବ୍ଲୋ କ୍ୱିଷ୍ଟାନିଲା ଦ୍ୱିତୀୟ ସ୍ଥାନରେ ରହିଥିଲେ। ଏହି ରେସ୍‌ରେ କୁହୁଡ଼ି, ଧୂଳି ସମସ୍ୟା ସୃଷ୍ଟି କରିଥିଲା। ଏହି ରେସ୍‌ରେ ଅଂଶଗ୍ରହଣ କରିଥିବା ଭାରତୀୟ ପ୍ରତିଯୋଗୀ ଅରବିନ୍ଦ ପ୍ରଭାକର ଅଷ୍ଟମ ପର୍ଯ୍ୟାୟ ରେସ୍‌ରେ ୩୯ତମ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି। ଓଭରଅଲ ର୍ୟାଙ୍କିଙ୍ଗ୍‌ରେ ଉନ୍ନତି କରି ସେ ଏବେ ୩୯ତମ ସ୍ଥାନରେ ରହିଛନ୍ତି। ଡାକାର ରାଲିର ଅନ୍ତିମର ଠିକ୍ ପୂର୍ବ ପର୍ଯ୍ୟାୟ ରେସ୍ ପିସ୍କୋରେ ଆୟୋଜନ ହେବ। ଲିମାରେ ଗ୍ରାଣ୍ଡ ଫାଇନାଲ ଖେଳାଯିବ।











GOVERNMENT OF ODISHA

**OFFICE OF THE EXECUTIVE ENGINEER RURAL WORKS DIVISION, GUNUPUR**

**Lr. No. 153, Dated 11.01.2019**

No.1384-O:- **"e" Procurement Notice for road works in Odisha**

**(Tender eerwgnp-Online-09/2018-19 (Lr. No. 145, dtd 11.01.2019)**

1. Name of the work : FDR of Road works.
2. Total No. of Works : 17 (Seventeen) Nos.
3. Estimated cost : Varies from Rs. 6.74 lakh to Rs. 64.40 lakh
4. Class of contractor : "D", "C" "B" & "A" class as applicable
5. Period of Completion : as mentioned in col.4 of TCN Annexure.
6. Other Details

| Procurement Officer | Bid Identification No | No. of Road works | Availability of tender online for bidding | | Date & Time of tender opening |
|---|---|---|---|---|---|
| | | | From | To | |
| Executive Engineer, Rural Works Division, Gunupur | EERW-GNP On line-09/2018-19 | 17 (Seventeen) nos. | 19.01.2019 At 10.00 A.M. | 28.01.2019 upto 5.00 P.M. | 30.01.2019 at 12.00 Hrs |

7. The amount put to tender is exclusive of 12% GST. The intending bidder should offer their rates which shall be exclusive of GST applicable as per norms. GST as applicable on works contract shall be paid over the bill amount at the time of payment of bill.

Other details can be seen in the bidding documents, which is available in website www.tendersorissa.gov.in.
Any subsequent addendum or corrigendum will be made available in the above website.

**Executive Engineer, Rural Works Division, Gunupur**

**25170/11/0008/1819**

**OFFICE OF THE REGULATED MARKET COMMITTEE, BOUDH**

**At/P.O.: Malisahi, Dist.- Boudh (Odisha), PIN - 762014**
**E-mail: rmcboudh@bsnl.in**

**e-Tender Call Notice**

**No.: 25/RMC** **Dated: 14.01.2019**

**BID IDENTIFICATION NO.- 02/RMC-Boudh - 2018-19**

| | | |
|---|---|---|
| 1 | Name of the Work | Const. of e-NAM Infrastructure at Manamunda MY under RMC, Boudh |
| 2 | No. of Work | 01 (One) Number |
| 3 | Value of the Work | 64,75,253.00 |
| 4 | Class of Contractor | "B" & "A" |
| 5 | Period of Completion | 11 (Eleven) Calendar Months |
| 6 | Date & time of availability | From 10.00 hours of 17.01.2019 to 17.00 hours of 25.01.2019 |
| 7 | Last date/time of receipts of the Bids in Portal | 25.01.2019 upto 17.00 hours |
| 8 | Date & time of opening of Bid | 28.01.2019 at 10.00 hours |
| 9 | Place of Opening of Bid | Office of the Regulated Market Committee, Boudh |

Further details can be seen from the procurement portal **www.tenderorissa.gov.in** and Corrigendum if any shall only be published in the above website.

**Sd./- Sub-Collector, Boudh-cum-Chairman, RMC, Boudh**

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୭ ଜାନୁୟାରୀ, ୨୦୧୯





ଅଲିମ୍ପିକ ଯୋଗ୍ୟତା ପର୍ଯ୍ୟାୟ ଆମ ପାଇଁ ଏକ ଟେଷ୍ଟ ତଥା ଚ୍ୟାଲେଞ୍ଜ ସଦୃଶ । ଆମେ ଇତିହାସ ରଚିବା ସହ ଦେଶକୁ ଗର୍ବିତ କରିବା ଲକ୍ଷ୍ୟରେ ରହିଛୁ ।

– ମେମୋଲ ରକି, ଭାରତୀୟ ମହିଳା ଫୁଟ୍‌ବଲ କୋଚ୍



ଯୁବ କ୍ରିକେଟରମାନେ କେବଳ ସୀମିତ ଓଭର ଫର୍ମାଟ୍ ଉପରେ ଧ୍ୟାନ କେନ୍ଦ୍ରିତ କରୁଥିବାରୁ ସେମାନଙ୍କୁ ଟେଷ୍ଟ ଖେଳିବାକୁ ସମସ୍ୟା ହୋଇପାରେ।

– ବିରାଟ କୋହଲି, ଭାରତୀୟ ଅଧିନାୟକ

## ସଂକ୍ଷେପରେ

### ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ
## ସୁବ୍ରତଙ୍କ ଶତକ: ରେଭେନ୍ସା ବିଜୟୀ



ଭୁବନେଶ୍ୱର, ୧୬।୧(ସ୍ପୋର୍ଟ୍ସ ବ୍ୟୁରୋ)- କଟକରେ ଚାଲିଥିବା ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟରେ ବୁଧବାର ଅନୁଷ୍ଠିତ ମ୍ୟାଚ୍‌ରେ ରେଭେନ୍ସା ଓ ଉତ୍କଳ ବିଶ୍ୱବିଦ୍ୟାଳୟ ବିଜୟ ଲାଭ କରିଛନ୍ତି। ରେଭେନ୍ସା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡ-୧ରେ ଖେଳାଯାଇଥିବା ଏକ ମ୍ୟାଚ୍‌ରେ ଓୟୁଏଟି (ଭୁବନେଶ୍ୱର) ବିପକ୍ଷରେ ପ୍ରଥମେ ବ୍ୟାଟିଂ କରି ଘରୋଇ ରେଭେନ୍ସା ୪୦ ଓଭରରେ ୫ ଉଇକେଟ୍ ହରାଇ ୨୫୧ ରନ କରିଥିଲା ।ଦଳ ପକ୍ଷରୁ ସୁବ୍ରତ ସାମଲ ଅପରାଜିତ ୧୦୦ ରନ ଓ ସାର୍ଥକ ପରିଡ଼ା ୮୦ ରନ କରିଥିଲେ। ଜବାବରେ ଓୟୁଏଟି ୨୬.୫ ଓଭରରେ ୯୩ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ବିଜୟୀ ଦଳ ପକ୍ଷରୁ ପ୍ରୀତମ ବାରିକ (୭.୫-୩-୭-୬) ସୁନ୍ଦର ବୋଲିଂ ଫିଗର ହାସଲ କରିଥିଲେ। ସେହିଭଳି ଡ୍ରିମ୍ସ କ୍ରିକେଟ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚ୍‌ରେ ଉତ୍କଳ ବିଶ୍ୱବିଦ୍ୟାଳୟ ୯ ଉଇକେଟ୍‌ରେ ଡିବ୍ରୁଗଡ଼ ବିଶ୍ୱବିଦ୍ୟାଳୟକୁ ହରାଇ ଦେଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଡିବ୍ରୁଗଡ଼ ୧୨୨ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଉତ୍କଳ ପକ୍ଷରୁ କାର୍ତ୍ତିକ ବିଶ୍ୱାଳ ଓ ନିଲୁ ପ୍ରଧାନ ୩ଟି ଲେଖାଏ ଉଇକେଟ୍ ନେଇଥିଲେ। ଜବାବରେ ଉତ୍କଳ ବିଶ୍ୱବିଦ୍ୟାଳୟ ଆଶିଷ କୁମାର ସାହୁଙ୍କ ଦ୍ରୁତ ଅପରାଜିତ ୮୦ ରନ (୫୬ ବଲ) ବଳରେ ୧୮.୨ ଓଭରରେ ଗୋଟିଏ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା।

# ନାଡାଲ, ଫେଡରର ୩ୟ ରାଉଣ୍ଡରେ

**ଅଷ୍ଟ୍ରେଲିଆନ୍ ଓପନ୍**

ମେଲବୋର୍ନ, ୧୬।୧(ଏଏଫ୍‌ପି)

ଦୁଇ ଷ୍ଟାର୍ ଖେଳାଳି ରାଫାଲ ନାଡାଲ ଓ ରୋଜର ଫେଡରର ଏଠାରେ ଚାଲିଥିବା ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଅଷ୍ଟ୍ରେଲିଆନ୍ ଓପନ୍ ଟେନିସ୍ ପୁରୁଷ ସିଙ୍ଗଲ୍ସର ୩ୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ତେବେ ଦକ୍ଷିଣ ଆଫ୍ରିକାର ୫ମ ସିଡ୍ କେଭିନ୍ ଆଣ୍ଡରସନ ପରାଜୟ ୩ୟ ଦିବସର ସବୁଠାରୁ ବଡ଼ ବିପର୍ଯ୍ୟୟ ଥିଲା। ଅପରପକ୍ଷରେ ମହିଳା ସିଙ୍ଗଲ୍ସରେ ଡିଫେଣ୍ଡିଂ ଚାମ୍ପିୟନ କାରୋଲିନ ଓଜନିଆକି, ୩ଥର ଗ୍ରାଣ୍ଡସ୍ଲାମ ବିଜୟିନୀ ଆଞ୍ଜେଲିକ କର୍ବର, ପେଟ୍ରା କ୍ୱିଟୋଭା, ଆମେରିକାର ସ୍ଲୋଆନେ ଷ୍ଟିଫେନ୍ସ ଓ ବେଲିଣ୍ଡା ବେନିକ ପ୍ରମୁଖ ୩ୟ ରାଉଣ୍ଡରେ ସ୍ଥାନ ପକ୍କା କରିଛନ୍ତି।

ବୁଧବାର ପୁରୁଷ ସିଙ୍ଗଲ୍ସ ୨ୟ ରାଉଣ୍ଡ ମୁକାବିଲାରେ ଫେଡରର ୭-୬ (୭/୫), ୭-୬ (୭/୩), ୬-୩ ସେଟ୍‌ରେ ବ୍ରିଟିଶ କ୍ୱାଲିଫାୟର ଡାନ୍ ଇଭାନ୍ସଙ୍କ ବିପକ୍ଷରେ ଏକ କଷ୍ଟସାଧ୍ୟ ବିଜୟ ହାସଲ କରିଥିଲେ। ଏହି ବିଜୟ ସହ ୩୭ ବର୍ଷୀୟ ଫେଡରର ଲଗାତର ଅଷ୍ଟ୍ରେଲିଆନ୍ ଓପନ୍ ତଥା ମୋଟ୍ ୨୧ତମ ଗ୍ରାଣ୍ଡସ୍ଲାମ ଟାଇଟଲ ଦୌଡ଼ରେ ଆଉ ପାଦେ ଅଗ୍ରସର ହୋଇଛନ୍ତି। ଯଦି ଫେଡରର ଏଠାରେ ଚାମ୍ପିୟନ ହୁଅନ୍ତି ତେବେ ବିଶ୍ୱର ପ୍ରଥମ ଖେଳାଳି ଭାବେ ଦୁଇଟି ଗ୍ରାଣ୍ଡସ୍ଲାମ ଟାଇଟଲ୍ ୭ କିମ୍ବା ଏହାଠାରୁ ଅଧିକ ଥର ଜିତିବାର ରେକର୍ଡ କରିବେ। ପୂର୍ବରୁ ସେ ୱିମ୍ବଲେଡନରେ ୮ଥର ଟ୍ରଫି ଜିତିସାରିଛନ୍ତି। ପୁରୁଷ ସିଙ୍ଗଲ୍ସର ଅନ୍ୟ ଏକ ମ୍ୟାଚ୍‌ରେ ରାଫାଲ ନାଡାଲ ୬-୩, ୬-୨, ୬-୨ ସିଧାସଳଖ ଗେମ୍‌ରେ ଘରୋଇ ଅଷ୍ଟ୍ରେଲିଆର ମାଥ୍ୟୁ ଏବଡେନଙ୍କୁ ପରାସ୍ତ କରି ୩ୟ ରାଉଣ୍ଡରେ ପହଞ୍ଚିଛନ୍ତି। ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ଚେକ୍ ରିପବ୍ଲିକର ଥୋମାସ ବର୍ଡିଚ ୬-୧, ୬-୩, ୬-୩ ସେଟ୍‌ରେ ନେଦରଲାଣ୍ଡସର ରବିନ ହାସେଙ୍କୁ, ଇଟାଲୀର ଆଣ୍ଡରସନ ସେପ୍ପି ୬-୩, ୬-୪, ୬-୪ ସେଟ୍‌ରେ ଅଷ୍ଟ୍ରେଲିଆର ଜୋର୍ଡାନ ଥମ୍ପସନଙ୍କୁ, ବୁଲଗେରିଆର ଗ୍ରିଗେର ଡିମିଟ୍ରୋଭା ୬-୩, ୬-୭ (୫/୭), ୬-୩, ୭-୫ରେ ଉରୁଗ୍ୱେର ପାବୋଲ କ୍ୟୁଭାସ, ଇଟାଲୀର ଥୋମାସ ଫଗ୍ନିଆନୋ ୬-୭ (୧୫/୧୭), ୬-୨, ୬-୪, ୩-୬, ୭-୬ (୧୦/୫) ସେଟ୍‌ରେ ଆମେରିକାର ରିଲି ଓପେଲକାଙ୍କୁ ପରାସ୍ତ କରିଛନ୍ତି। ତେବେ ୫ମ ସିଡ୍ କେଭିନ ଆଣ୍ଡରସନ ୬-୪, ୪-୬, ୪-୬, ୫-୭ ସେଟରେ ଆମେରିକାର ଫ୍ରାନସେସ ଟିଆଫୋଇଙ୍କଠାରୁ ହାରି ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି।





ରିଟର୍ନ ଶଟ୍ ଖେଳିବା ଅବସରରେ ରାଫାଲ ନାଡାଲ ଓ ରୋଜର ଫେଡରର ।

ଅପରପକ୍ଷରେ ମହିଳା ସିଙ୍ଗଲ୍ସ ୨ୟ ରାଉଣ୍ଡରେ ଡିଫେଣ୍ଡିଂ ଚାମ୍ପିୟନ କାରୋଲିନ ଓଜନିଆକି ୩ୟ ରାଉଣ୍ଡରେ ସ୍ଥାନ ସୁରକ୍ଷିତ କରିଛନ୍ତି। ଦ୍ୱିତୀୟ ରାଉଣ୍ଡର ଏକ ମୁକାବିଲାରେ ଡେନମାର୍କ ତାରକା ଓଜନିଆକି ୬-୧, ୬-୩ ସିଧାସଳଖ ସେଟ୍‌ରେ ସ୍ୱିଡେନର ଜୋହାନ ଲାର୍ସନଙ୍କୁ ପରାସ୍ତ କରିଛନ୍ତି। ୨୮ ବର୍ଷୀୟା ଓଜନିଆକି ୩ୟ ରାଉଣ୍ଡରେ ରୁଷୀୟ ଲଳନା ମାରିଆ ଶାରାପୋଭାଙ୍କୁ ଭେଟିବେ। ପାଞ୍ଚଥରର ଗ୍ରାଣ୍ଡସ୍ଲାମ ବିଜୟିନୀ ଶାରାପୋଭା ଅନ୍ୟ ଏକ ମୁକାବିଲାରେ ୬-୧, ୬-୨ ସିଧାସଳଖ ସେଟ୍‌ରେ ସ୍ୱିଡେନର ରେବେକା ପିଟରସନଙ୍କୁ ମାତ୍ ଦେଇଛନ୍ତି। ମହିଳା ସିଙ୍ଗଲ୍ସର ଅନ୍ୟ ମୁକାବିଲାରେ କର୍ବର ୬-୨, ୬-୩ ସେଟ୍‌ରେ ବେଟ୍ରିଜ୍ ହାଡ୍ଡାଡ ମଇଆଙ୍କୁ, ପେଟ୍ରା କ୍ୱିଟୋଭା ୬-୧, ୬-୩ରେ ରୋମାନିଆର ଇରିନା-କାମେଲିଆ ବେଗୁଙ୍କୁ, ୨୦୧୭ ୟୁଏସ୍ ଓପନ୍ ବିଜୟିନୀ ସ୍ଲୋଆନେ ଷ୍ଟିଫେନ୍ସ ୬-୩, ୬-୧ରେ ହଙ୍ଗେରୀର ଟିମିଆ ବାବୋସଙ୍କୁ ହରାଇଛନ୍ତି।

### କର୍ବରଙ୍କ ଗ୍ରାଣ୍ଡସ୍ଲାମ ସେଞ୍ଚୁରୀ

ଜର୍ମାନର ଟେନିସ ସୁନ୍ଦରୀ ଆଞ୍ଜେଲିକ୍ କର୍ବର ଗ୍ରାଣ୍ଡସ୍ଲାମରେ ୧୦୦ତମ ବିଜୟ ହାସଲ କରିଛନ୍ତି। ମହିଳା ସିଙ୍ଗଲ୍ସ ୨ୟ ରାଉଣ୍ଡର ଏକ ମୁକାବିଲାରେ ବେଟ୍ରିଜ୍ ହାଡ୍ଡାଡ ମଇଆଙ୍କୁ ୬-୨, ୬-୩ ସେଟ୍‌ରେ ପରାସ୍ତ କରି ସେ ଏହି ସଫଳତା ପାଇଛନ୍ତି। ଖେଳ ଜାରି ରଖିଥିବା ବିଶ୍ୱର ୮ମ ଖେଳାଳି ଭାବେ କେର୍ବର ଗ୍ରାଣ୍ଡସ୍ଲାମ ପ୍ରତିଯୋଗିତାରେ ୧୦୦ତମ ମ୍ୟାଚ୍ ବିଜୟ ହାସଲ କରିବାର ସୌଭାଗ୍ୟ ଲାଭ କରିଛନ୍ତି। ଗ୍ରାଣ୍ଡସ୍ଲାମରେ ତାଙ୍କର ବିଜୟ-ପରାଜୟ ରେକର୍ଡ ଯଥାକ୍ରମେ ୧୦୦-୪୧ ରହିଛି।

### ପୁରୁଷ ଡବଲ୍ସରେ ଭାରତର ଅଭିଯାନ ଶେଷ

ଭାରତର ପୁରୁଷ ଡବଲ୍ସ ଖେଳାଳି ରୋହନ ବୋପାନ୍ନା ଓ ଡିଭିଜ ଶରନଙ୍କ ଯୋଡ଼ି ଅଷ୍ଟ୍ରେଲିଆନ ଓପନର ପ୍ରଥମ ରାଉଣ୍ଡକୁ ଅତିକ୍ରମ କରିବାରେ ବିଫଳ ହୋଇଛନ୍ତି। ୧୫ତମ ସିଡ୍ ବୋପାନ୍ନା ଓ ଶରନଙ୍କ ଯୋଡ଼ି ୧-୬, ୬-୪, ୫-୭ ସେଟ୍‌ରେ ସ୍ପାନିଶ ଖେଳାଳି କାରେନୋ ବୁସ୍ତା ଓ ଗୁଇଲେରମୋ ଗାର୍ସିଆ ଲୋପେଜଙ୍କ ଠାରୁ ହାରି ଯାଇଛନ୍ତି। ଏଥିସହ ପୁରୁଷ ଡବଲ୍ସ ବର୍ଗରେ ଭାରତର ଅଭିଯାନ ଶେଷ ହୋଇଛି। ଟାଟା ଓପନ ମହାରାଷ୍ଟ୍ର ଟାଇଟଲ ଜିତିବା ପରେ ନୂଆ ଭାରତୀୟ ଯୋଡ଼ି ସିଡ୍‌ନର ଇଣ୍ଟରନ୍ୟାଶନାଲ ଟୁର୍ନାମେଣ୍ଟର ରାଉଣ୍ଡ ଅଫ୍ ୧୬ରେ ପରାସ୍ତ ହୋଇଥିଲା। ୨୪ତମ ଅଷ୍ଟ୍ରେଲିଆନ ଓପନ ଖେଳୁଥିବା ଭେଟେରାନ ଲିଆଣ୍ଡର ପେସ ଓ ମିଗୁଏଲ ରେୟେସ ଭାରେଲ ୫-୭, ୬-୭ (୪/୭) ସେଟ୍‌ରେ ଅଷ୍ଟିନ କ୍ରାଜିକ ଓ ଆର୍ଟେମ ସିତାକଙ୍କଠାରୁ ପରାସ୍ତ ହୋଇଛନ୍ତି। ଏହା ବ୍ୟତୀତ ଜୀବନ ନେଦୁଞ୍ଚେଜିୟାନ ମଧ୍ୟ ପ୍ରଥମ ରାଉଣ୍ଡରୁ ବିଦା ହୋଇଛନ୍ତି। ସିଙ୍ଗଲ୍ସ ଖେଳାଳି ପ୍ରଜନେଶ ଗଣେଶ୍ୱରନ ପ୍ରଥମ ପର୍ଯ୍ୟାୟ ଅତିକ୍ରମ କରିବାରେ ବିଫଳ ହୋଇଥିଲେ। ଅନ୍ୟ ଭାରତୀୟ ଖେଳାଳି ରାମକୁମାର ରମାନାଥନ, ଅଙ୍କିତା ରାଇନା ଓ କର୍ମାନ ଥାଣ୍ଡି ଯୋଗ୍ୟତା ପର୍ଯ୍ୟାୟରୁ ଉନ୍ନୀତ ହୋଇ ପାରି ନ ଥିଲେ।





କଳିଙ୍ଗ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ୍ସ ପକ୍ଷରୁ ଆୟୋଜିତ ଆଥଲେଟିକ୍ ମିଟ୍ ଅବସରରେ ସମ୍ବର୍ଦ୍ଧିତ ହୋଇଥିବା କ୍ରୀଡା ଭାଷ୍ୟକାର ଅବିନାଶ ସାମଲ।

## ଭାରତୀୟ ଫୁଟ୍‌ବଲର ଆନସ ଇଦାଥୋଡିକାଙ୍କ ଅବସର

ମୁମ୍ବାଇ,୧୬।୧

ଭାରତୀୟ ଫୁଟ୍‌ବଲ ଦଳର ସଦସ୍ୟ ଆନସ ଇଦାଥୋଡିକା ବୁଧବାର ଅନ୍ତର୍ଜାତୀୟସ୍ତରରୁ ଅବସର ନେଇଛନ୍ତି। ଏ ନେଇ ୩୧ ବର୍ଷୀୟ ଡିଫେଣ୍ଡର ସୋସିଆଲ ମିଡିଆରେ ଘୋଷଣା ଦେଇଛନ୍ତି। ଏହା ମୋ ପାଇଁ କଠିନ ନିଷ୍ପତ୍ତି। ଦେଶ ପାଇଁ ଆହୁରି ଖେଳିବାକୁ ଇଚ୍ଛା। ମାତ୍ର ଯୁବ ଖେଳାଳିଙ୍କୁ ସୁଯୋଗ ଦେବା ଲାଗି ଚାହେଁ। ଜାତୀୟ ଦଳରୁ ଖେଳିବା ପାଇଁ ମୋତେ ୧୧ ବର୍ଷ ଧରି ଅପେକ୍ଷା କରିବାକୁ ପଡ଼ିଥିଲା। ହେଲେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବା ମୋ ଲାଗି ବଡ଼ ସଫଳତା। ଯେତେବେଳେ ଭାରତ ପକ୍ଷରୁ ଖେଳିଛି, ମୁଁ ଶତପ୍ରତିଶତ ପ୍ରଦର୍ଶନ ଦେବାକୁ ଉଦ୍ୟମ କରିଛି। ମୋ ଉପରେ ବିଶ୍ୱାସ ରଖିଥିବାରୁ କୋଚ୍ ଷ୍ଟିଫେନ କନଷ୍ଟାଣ୍ଟିନ, ଅନ୍ୟ ଷ୍ଟାଫ୍ ଓ ଦଳୀୟ ସଦସ୍ୟଙ୍କୁ ଧନ୍ୟବାଦ ବୋଲି ଇଦାଥୋଡିକା କହିଛନ୍ତି।

# ଅଂଶିକାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୧୬।୧(କ୍ରୀଡ଼ା ପ୍ରତିନିଧି)

ରାଜ୍ୟର ଉଦୀୟମାନ ଶଟ୍‌ପୁଟ ପ୍ରତିଭା ଅଂଶିକା ରାଉତରାୟଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ସଚିବାଳୟରେ ସମ୍ବର୍ଦ୍ଧିତ କରିଛନ୍ତି। ‘‘ଏହା ମୋତେ ଖୁବ୍ ଉତ୍ସାହିତ କରିଛି, ଆଗାମୀ ଦିନରେ ଟ୍ରେନିଂକୁ ଜୋରଦାର କରି ମୁଁ ରାଜ୍ୟ ପାଇଁ ଗୌରବ ଆଣିବାକୁ ନିଶ୍ଚିତ ଚେଷ୍ଟା କରିବି’’ ବୋଲି କହିଛନ୍ତି ଅଂଶିକା। ମା’ ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ଏବଂ ପିତା ପରମାନନ୍ଦ ରାଉତରାୟଙ୍କ କନ୍ୟା ଅଂଶିକା ସମ୍ପ୍ରତି ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ଷ୍ଟାଣ୍ଡାର୍ଡ-୯ରେ ଅଧ୍ୟୟନରତ। ରାଜ୍ୟର ଏହି ପ୍ରତିଭା ସମ୍ପନ୍ନ ଶଟ୍‌ପୁଟର କ୍ୟାରିୟରରେ ଏପର୍ଯ୍ୟନ୍ତ ୧୧ ସ୍ୱର୍ଣ୍ଣ, ୨ ରୌପ୍ୟ ଏବଂ ୧ ବ୍ରୋଞ୍ଜ ପଦକ ହାସଲ କରି ସାରିଲେଣି।

୨୦୧୫ରେ ସେ କଟକରେ ଅନୁଷ୍ଠିତ ୬୩ତମ ରାଜ୍ୟ ଆଥଲେଟିକ୍ ମିଟ୍‌ର ୧୪ ବର୍ଷରୁ କମ୍ ବାଳିକା ବର୍ଗରେ ନୂଆ ମିଟ୍ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ହାସଲ କରି ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଦେଇଥିଲେ। ୨୦୧୬ରେ ସେହି ବାରବାଟୀ ଷ୍ଟାଡିୟମରେ ଆୟୋଜିତ ୬୪ତମ ରାଜ୍ୟ ଆଥଲେଟିକ୍ ମିଟ୍‌ର ୧୪ ବର୍ଷରୁ କମ୍ ବାଳିକା ଶଟ୍‌ପୁଟ୍‌ରେ ରୌପ୍ୟ ପଦକ ପାଇଥିଲେ। ୨୦୧୭ରେ ସେ ମଧ୍ୟ ସେ ୧୪ ବର୍ଷରୁ କମ୍ ବର୍ଗରେ ଭାଗ ନେଇଥିଲେ। ମାତ୍ର ଏହି ବର୍ଷ ସେ ଏକାଧିକ ସଫଳତା ଲାଭ କରି ଆଗକୁ ବଢ଼ିଥିଲେ। କଟକରେ ଅନୁଷ୍ଠିତ ରାଜ୍ୟ ଆଥଲେଟିକ୍ ମିଟ୍‌ରେ ସ୍ୱର୍ଣ୍ଣ ପଦକ ପାଇଥିବାବେଳେ ଛତିଶଗଡ଼ର ରାୟପୁରରେ ଅନୁଷ୍ଠିତ ସିବିଏସ୍‌ଇ ନ୍ୟାଶନାଲ ଆଥଲେଟିକ୍ ମିଟ୍‌ରେ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ବିଜୟୱାଡାରେ ଆୟୋଜିତ ୩୩ତମ ଜାତୀୟ ଜୁନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ସେ ବ୍ରୋଞ୍ଜ ପଦକ ଲାଭ କରିଥିଲେ। ସମ୍ବଲପୁରରେ ଅନୁଷ୍ଠିତ ସିବିଏସ୍‌ଇ କ୍ଲଷ୍ଟର ଇଷ୍ଟଜୋନ ଆଥଲେଟିକ୍ ମିଟ୍‌ରେ ସେ ନୂଆ ମିଟ୍ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲେ। କଲିକତାରେ ଅନୁଷ୍ଠିତ ୨୯ତମ ଇଷ୍ଟଜୋନ ଜୁନିୟର ନ୍ୟାଶନାଲ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ମଧ୍ୟ ସେ ସ୍ୱର୍ଣ୍ଣ ପଦକ ପାଇଥିଲେ। ୨୦୧୮ରେ ଅଂଶିକା ୧୪ ବର୍ଷରୁ କମ୍ ଏବଂ ୧୬ ବର୍ଷରୁ କମ୍ ବାଳିକା ବର୍ଗରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କର୍ଣ୍ଣାଟକରେ ଅନୁଷ୍ଠିତ ସିବିଏସ୍‌ଇ ନ୍ୟାଶନାଲରେ ସେ ଜାତୀୟ ରେକର୍ଡ ସହ ସ୍ୱର୍ଣ୍ଣ, ପାଟନାରେ ଅନୁଷ୍ଠିତ ଇଷ୍ଟଜୋନ୍ ଇଭେଣ୍ଟରେ ସ୍ୱର୍ଣ୍ଣ, ସିବିଏସ୍‌ଇ କ୍ଲଷ୍ଟରରେ ସ୍ୱର୍ଣ୍ଣ, ମୁମ୍ବାଇରେ ଆୟୋଜିତ ରିଲିଆନ୍ସ ନ୍ୟାଶନାଲ ୟୁଥ ସ୍ପୋର୍ଟ୍ସ ଫାଉଣ୍ଡେଶନ ମିଟ୍‌ରେ ରୌପ୍ୟ ଏବଂ ଏହାର ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ସେ ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲେ। ଏହିସବୁ ଇଭେଣ୍ଟରେ ସେ ୧୪ ବର୍ଷରୁ କମ୍ ବର୍ଗରେ ଭାଗ ନେଇଥିଲେ। ଏହାପରେ ସେ ୩ଟି ପ୍ରତିଯୋଗିତାରେ ୧୬ ବର୍ଷରୁ କମ୍ ବର୍ଗରେ ଅଂଶଗ୍ରହଣ କରିଥିଲେ। ଭୁବନେଶ୍ୱରରେ ଆୟୋଜିତ ରାଜ୍ୟସ୍ତରୀୟ ଟାଟା ଷ୍ଟିଲ୍ ଚାମ୍ପିୟନ୍ସ ଅଫ୍ ଟୁମରୋ ପ୍ରତିଯୋଗିତାରେ ସେ ସ୍ୱର୍ଣ୍ଣ ପଦକ ପାଇଥିବାବେଳେ ନୂଆଦିଲ୍ଲୀରେ ଅନୁଷ୍ଠିତ ଏହାର ସର୍ବଭାରତୀୟ ପ୍ରତିଯୋଗିତାରେ ବ୍ରୋଞ୍ଜ ହାସଲ କରିଥିଲେ। ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ୬୬ତମ ରାଜ୍ୟ ଆଥଲେଟିକ୍ ମିଟ୍‌ରେ ସେ ନୂଆ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଅଂଶିକା ସମ୍ପ୍ରତି ନିଜ ମା ତଥା ହର୍ଡଲ୍ସ କିମ୍ବଦନ୍ତୀ ଅନୁରାଧା ବିଶ୍ୱାଳଙ୍କଠାରୁ ପ୍ରଶିକ୍ଷଣ ନେଉଛନ୍ତି। ଆଗାମୀ ଦିନରେ ଅଂଶିକାଙ୍କ ପାଇଁ ସ୍ୱତନ୍ତ୍ର କୋଚିଂର ବ୍ୟବସ୍ଥା କରାଯିବ ବୋଲି ସୂଚନା ଦେଇଛନ୍ତି ଅନୁରାଧା।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ସଚିବାଳୟରେ ଶଟପୁଟ୍ ପ୍ରତିଭା ଅଂଶିକା ରାଉତରାୟଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି। ନିକଟରେ ଅଛନ୍ତି ଅଂଶିକାଙ୍କ ମା’ ଅଲିମ୍ପିଆନ ଆଥଲେଟ୍ ଅନୁରାଧା ବିଶ୍ୱାଳ।

# ଖୋର୍ଦ୍ଧା ରେଲୱେ, ରାମେଶ୍ୱର ବିଜୟୀ

**ବୋରାସମ୍ବର କପ୍ କ୍ରିକେଟ**

ପଦ୍ମପୁର, ୧୬।୧ (ଡି.ଏନ.ଏ)

ବୋରାସମ୍ବର ସ୍ପୋର୍ଟିଂ ପଦ୍ମପୁର ଦ୍ୱାରା ଆୟୋଜିତ ୨୫ତମ ସର୍ବଭାରତୀୟ ବୋରାସମ୍ବର କପ୍ କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ମ୍ୟାଚ୍‌ରେ ଖୋର୍ଦ୍ଧା ରେଲୱେ ଏବଂ ଭୁବନେଶ୍ୱରର ରାମେଶ୍ୱର ସ୍ପୋର୍ଟିଂ ବିଜୟୀ ହୋଇଛନ୍ତି । ପ୍ରଥମ ମ୍ୟାଚ୍‌ରେ ରାମେଶ୍ୱର ସ୍ପୋର୍ଟିଂ ପ୍ରଥମେ ବ୍ୟାଟିଂ କରି ବିଶ୍ୱଜିତ ଭୂୟାଁଙ୍କ ୩୯ ରନ ସହାୟତାରେ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୧୩୩ ରନ କରିଥିଲା । ଜବାବରେ ଏଫସିଏ ବିଳାସପୁର ଦଳ ୨୦ ଓଭରରେ ୮ ଉଇକେଟ ହରାଇ ୧୦୪ ରନ୍ କରି ୨୯ ରନ୍‌ରେ ପରାସ୍ତ ହୋଇଥିଲା । ରାମେଶ୍ୱର ସ୍ପୋର୍ଟିଂ ପକ୍ଷରୁ ବିଶ୍ୱଜିତ ମଲ୍ଲିକ ୨ଟି ଏବଂ ଦିବ୍ୟରଞ୍ଜନ ସାହୁ ୨ଟି ଉଇକେଟ ଅକ୍ତିଆର କରିଥିଲେ। ଖୋର୍ଦ୍ଧା ରେଲୱେ ଏବଂ ଜାଗୁଆର ପାଟଣା ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଖୋର୍ଦ୍ଧା ଦଳ ପ୍ରଥମେ ବ୍ୟାଟିଂ କରି ପ୍ରଶାନ୍ତ ସାହୁଙ୍କ ଧୂଆଁଧାର ୯୧ (୪୨) ରନ୍ ଓ ଅଙ୍କିତ ଯାଦବଙ୍କ ୪୭ ରନ ସହାୟତାରେ ୧୮ ଓଭରରେ ୧୯୪ ରନ ସଂଗ୍ରହ କରିଥିଲା । ୧୯୫ ରନ୍‌ର ଲକ୍ଷ୍ୟ ନେଇ ଜାଗୁଆର ପାଟଣା ଦଳ ୧୭.୧ ଓଭରରେ ସମସ୍ତ ଉଇକେଟ୍ ହରାଇ ମାତ୍ର ୯୬ ରନ ସଂଗ୍ରହ କରି ପରାସ୍ତ ହୋଇଥିଲା। ଖୋର୍ଦ୍ଧା ଦଳ ପକ୍ଷରୁ ଜୟନ୍ତ ବେହେରା ୯ ରନ ଦେଇ ୩ଟି ଉଇକେଟ ଅକ୍ତିଆର କରିଥିଲେ । ପୁରସ୍କାର ବିତରଣି ଉତ୍ସବରେ ସ୍ଥାନୀୟ ଟ୍ରକ ମାଲିକ ସଂଘ ସଭାପତି ମହମ୍ମଦ ସାଜିଦ ମୁଖ୍ୟଅତିଥି ଏବଂ ସମ୍ପାଦକ ପ୍ରକାଶ କୁମାର ଦୋରା ଅତିଥି ଭାବେ ଯୋଗଦେଇ ପ୍ରଥମ ମ୍ୟାଚ୍‌ର ମ୍ୟାନ ଅଫ୍ ଦି ମ୍ୟାଚ ବିଶ୍ୱଜିତ ଭୂୟାଁ ଏବଂ ଦ୍ୱିତୀୟ ମ୍ୟାଚ୍‌ର ପ୍ରଶାନ୍ତ ସାହୁଙ୍କୁ ପୁରସ୍କୃତ କରିଥିଲେ। ଅମ୍ପାୟର ପୃଥ୍ୱୀରାଜ ମିଶ୍ର, ଅମରେଶ ବେହେରା ମ୍ୟାଚ୍ ପରିଚାଳନା ଏବଂ ଦିବ୍ୟ ପଣ୍ଡା, ଶାଶ୍ୱତ ଦାଶ ଧାରା ବିବରଣୀ ପ୍ରଦାନ କରିଥିଲେ। ଗୁରୁବାର ରାଇଜିଂ ଷ୍ଟୁଡେଣ୍ଟ ଓ ରାମେଶ୍ୱର ସ୍ପୋର୍ଟିଂ ମଧ୍ୟରେ ପ୍ରଥମ ମ୍ୟାଚ୍ ଏବଂ ସ୍ପୋର୍ଟ୍ସ ଆସୋସିଏଶନ୍ ରାଉରକେଲା ଓ ଖୋର୍ଦ୍ଧା ରେଲୱେ ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ପକ୍ଷରୁ କୁହାଯାଇଛି ।

DSPL-355

ସଂଖ୍ୟାଲଘୁ ସଂପ୍ରଦାୟ ପାଇଁ ବହୁମୁଖୀ ଗୋଷ୍ଠୀକେନ୍ଦ୍ର ତଥା ସାଂସ୍କୃତିକ କେନ୍ଦ୍ର, ବରିଗୁଡ଼ା, ବ୍ଲକ୍-ଚନ୍ଦାହାଣ୍ଡି, ଜିଲ୍ଲା-ନବରଙ୍ଗପୁରର ଭିତ୍ତିପ୍ରସ୍ତର ସ୍ଥାପନ

ମୁଖ୍ୟ ଅତିଥି
ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ମାଝୀ
ମାନ୍ୟବର ମନ୍ତ୍ରୀ,
ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ,
ସଂଖ୍ୟାଲଘୁ ଓ ପଛୁଆ ବର୍ଗକଲ୍ୟାଣ,
ପଞ୍ଚାୟତିରାଜ ଏବଂ ପାନୀୟ ଜଳ, ଓଡ଼ିଶା

ସମ୍ମାନିତ ଅତିଥି
ଶ୍ରୀଯୁକ୍ତ ବଳଭଦ୍ର ମାଝୀ
ମାନ୍ୟବର ସାଂସଦ, ନବରଙ୍ଗପୁର
ଶ୍ରୀଯୁକ୍ତ ଟିକମସିଂ ନାୟକ
ଅଧ୍ୟକ୍ଷ, ଚନ୍ଦାହାଣ୍ଡି ପଞ୍ଚାୟତ ସମିତି
ଶ୍ରୀମତୀ ସୁଭଦ୍ରା ସିହ୍ନା
ଉପାଧ୍ୟକ୍ଷା, ଚନ୍ଦାହାଣ୍ଡି ପଞ୍ଚାୟତ ସମିତି



ଏହି ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ଜନସାଧାରଣ ବହୁସଂଖ୍ୟାରେ ଯୋଗଦେବାକୁ ଅନୁରୋଧ ।

ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ତଥା ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ
ଓଡ଼ିଶା ସରକାର

26001/13/0030/1819

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଗୁରୁବାର, ଜାନୁୟାରୀ ୧୭/୨୦୧୯ Bhubaneswar, Thursday, January 17/ 2019

## ସଂକ୍ଷେପରେ

### ୧୮ ସେବାୟତଙ୍କୁ ନୋଟିସ

**ପୁରୀ ଅଫିସ,୧୬।୧:** ଗତ ଡିସେମ୍ବର ୨୮ରେ ଶ୍ରୀମନ୍ଦିରରେ ଘଟିଥିବା ଅଚଳାବସ୍ଥା ଘଟଣାର ତଦନ୍ତ ମନ୍ଦିର ପ୍ରଶାସନ ପକ୍ଷରୁ ଜାରି ରହିଛି। ଏହି ଆଧାରରେ ୧୮ଜଣ ସେବାୟତଙ୍କୁ ନୋଟିସ୍ ଜାରି କରାଯାଇଥିବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଜଣାପଡିଛି। ବୁଧବାର ଶ୍ରୀମନ୍ଦିର ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି, ସମ୍ପୃକ୍ତ ସେବାୟତଙ୍କଠାରୁ ମତାମତ ମଗାଯାଇଛି। ସେଦିନର ଘଟଣା କ'ଣ ଥିଲା ଓ କିପରି ବିଶୃଙ୍ଖଳା ସୃଷ୍ଟି ହୋଇଥିଲା ତାହାର ସବିଶେଷ ବିବରଣୀ ପ୍ରଦାନ କରିବାକୁ ସେମାନଙ୍କୁ କୁହାଯାଇଛି। ସେମାନଙ୍କ ଉତ୍ତର ମିଳିବା ପରେ ଆଲୋଚନା ହେବ। ପରବର୍ତ୍ତୀ ସମୟରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ତାହା ମୁଖ୍ୟ ପ୍ରଶାସକଙ୍କ ସ୍ତରରେ ନିଷ୍ପତ୍ତି ନିଆଯିବ। ଏହି ୧୮ଜଣଙ୍କ ମଧ୍ୟରେ ୫ଜଣ ଦ୍ୱାରଫିଟା ପାଳିଆ ରହିଥିବାବେଳେ ୧୩ଜଣ ଧୂଳିଆ ସେବାୟତ ରହିଥିବା ଲୋକ ସମ୍ପର୍କ ଅଧିକାରୀ ସୂଚନା ଦେଇଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ବିଭାଗରେ ପଡ଼ିରହିଛି ଓଡ଼ିଆଙ୍କ 'ସ୍ୱାଭିମାନର ପ୍ରତୀକ'

**ସସ୍ମିତା ପାଇକରାୟ**
**ଭୁବନେଶ୍ୱର,୧୬।୧(ବ୍ୟୁରୋ)**

ଦେଶର ଅନ୍ୟ ରାଜ୍ୟଗୁଡ଼ିକର ସ୍ୱତନ୍ତ୍ର ପ୍ରାଦେଶିକ ସଙ୍ଗୀତ ରହିଛି। ହେଲେ ଓଡ଼ିଶା ଭାଷା ଭିତ୍ତିରେ ଗଠିତ ପ୍ରଥମ ରାଜ୍ୟ ହୋଇଥିଲେ ସୁଦ୍ଧା ନିଜର ସ୍ୱତନ୍ତ୍ର ସଙ୍ଗୀତ ତିଆରି କରିପାରିନାହିଁ। କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଦ୍ୱାରା ରଚିତ 'ବନ୍ଦେ ଉତ୍କଳ ଜନନୀ'କୁ ପ୍ରାଦେଶିକ ସଙ୍ଗୀତର ମାନ୍ୟତା ଦେବାକୁ ପ୍ରଚେଷ୍ଟା କରାଯାଇଛି। ମାତ୍ର ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଏବଂ ଇଚ୍ଛାଶକ୍ତି ଅଭାବରୁ ତାହା ପ୍ରାଦେଶିକ ସଙ୍ଗୀତର ମାନ୍ୟତା ପାଇପାରୁନାହିଁ। ଫଳରେ ଯିଏ ଯେମିତି ଯେଉଁଠି ପାଉଛନ୍ତି ଏହାକୁ ପରିବେଷଣ କରୁଛନ୍ତି। ପରିବେଷଣ ସମୟରେ ନା ସଙ୍ଗୀତର ସ୍ୱର, ତାଳ ଠିକ୍ ରହୁଛି ନା ଉପଯୁକ୍ତ ଧୁନ୍ ବାଜୁଛି। ସେହିଭଳି ପରିବେଷଣ ସମୟରେ ଲୋକେ ଏହାକୁ ସମ୍ମାନ ଦେଇ ଛିଡ଼ାହେବେ କି ନାହିଁ, ସେ ନେଇ ମଧ୍ୟ ଦ୍ୱନ୍ଦ୍ୱ ଲାଗିରହୁଛି।

ବନ୍ଦେ ଉତ୍କଳ ଜନନୀକୁ ରାଜ୍ୟ ସଙ୍ଗୀତର ମାନ୍ୟତା ଦେବାକୁ ୧୯୯୪ ମସିହାରେ ଦାବି ଉଠିଥିଲା। ତତ୍‌କାଳୀନ ସଂସ୍କୃତି ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇ ପୋଲିସ ବ୍ୟାଣ୍ଡ୍ ଦ୍ୱାରା ଗୀତର ଧୁନ୍ ପ୍ରସ୍ତୁତ କରାଯାଇଥିଲା। ଏହାପରେ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ସହାୟତାରେ ମୂଳଗୀତର କିଛି ପଂକ୍ତିକୁ ନେଇ ୮୫ ସେକେଣ୍ଡର ଗୀତ ରେକର୍ଡିଂ କରାଯାଇଥିଲା। ୨୦୧୩ ଜାନୁୟାରୀ ୨୨ରେ ଏହାକୁ ପ୍ରାଦେଶିକ ସଙ୍ଗୀତର ମାନ୍ୟତା ଦେବାକୁ ସଂସ୍କୃତି ବିଭାଗ ପକ୍ଷରୁ ପତ୍ର ସଂଖ୍ୟା ୧୨୫ରେ ଗୃହ ବିଭାଗକୁ ଚିଠି ଲେଖାଯାଇଥିଲା। ଚିଠି ପଠାଯିବାର ଏହାମଧ୍ୟରେ ପ୍ରାୟ ୬ବର୍ଷ ବିତିଗଲାଣି। ହେଲେ ଗୃହ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ଏପଟେ ଗତ ୧୪ ତାରିଖରେ ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ ଦ୍ୱାରା ଭୁବନେଶ୍ୱରର କ୍ୟାପିଟାଲ ହାଇସ୍କୁଲଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ବନ୍ଦେ ଉତ୍କଳ ଜନନୀ'କୁ ୪ କୋଟି ଓଡ଼ିଆଙ୍କ ସ୍ୱାଭିମାନର ପ୍ରତୀକ ବୋଲି କହିଛନ୍ତି। ଏହା ସବୁ ଓଡ଼ିଆଙ୍କ ପ୍ରିୟ ସଙ୍ଗୀତ। ଏଥିରେ ଉତ୍କଳ ମାତା ପ୍ରତି ଭକ୍ତି ଓ ଏହାର ବିକାଶ ପାଇଁ ଶକ୍ତି ଭରି ରହିଛି। ଏହା କେବଳ ମାତ୍ର ସଙ୍ଗୀତ ନୁହେଁ, ଓଡ଼ିଆଙ୍କ ସ୍ୱାଭିମାନର ପ୍ରତୀକ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଗୃହ ବିଭାଗ ମୁଖ୍ୟମନ୍ତ୍ରୀଙ୍କ ନିଜସ୍ୱ ବିଭାଗ ହୋଇଥିବା ବେଳେ ଏହି ସଙ୍ଗୀତ ୪ କୋଟି ଓଡ଼ିଆଙ୍କ ଅସ୍ତିତ୍ୱର ପ୍ରତୀକ ବୋଲି ସ୍ୱୀକାର କରିଛନ୍ତି। ମାତ୍ର ଆଜି ପର୍ଯ୍ୟନ୍ତ ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ବିଭାଗ ଅଧୀନରେ ଓଡ଼ିଆଙ୍କ ଏହି 'ସ୍ୱାଭିମାନର ପ୍ରତୀକ' ପଡ଼ିରହିଛି।

### 'ବନ୍ଦେ ଉତ୍କଳ ଜନନୀ'କୁ ପ୍ରାଦେଶିକ ସଙ୍ଗୀତ ମାନ୍ୟତା ପ୍ରସଙ୍ଗ

ପ୍ରତିବର୍ଷ ଓଡ଼ିଆ ନବବର୍ଷ ଆସିଲେ ବିଭିନ୍ନ ସଙ୍ଗଠନ ରାଜରାସ୍ତାକୁ ଓହ୍ଲାଇ ବନ୍ଦେ ଉତ୍କଳ ଜନନୀକୁ ପ୍ରାଦେଶିକ ସଙ୍ଗୀତର ମାନ୍ୟତା ଦେବାକୁ ଦାବି କରିବା ପରେ ରାଜ୍ୟ ସରକାର ତତ୍ପର ହୋଇଉଠୁଛନ୍ତି। ଗଠିତ କମିଟିକୁ ରିପୋର୍ଟ ତଲବ କରିବାକୁ ନିର୍ଦ୍ଦେଶ ଦିଆଯାଉଛି। ହେଲେ ଉକ୍ତ ରିପୋର୍ଟ କୁଆଡ଼େ ଯାଉଛି, ତାହାର କୌଣସି ତଥ୍ୟ କାହା ପାଖରେ ରହୁନି। ଅନ୍ୟପକ୍ଷରେ ଏହି ସଙ୍ଗୀତକୁ ରାଜ୍ୟ ସଙ୍ଗୀତର ମାନ୍ୟତା ଦେବାକୁ ସରକାର ପଛଘୁଞ୍ଚା ଦେଉଥିବା ଉତ୍କଳ ସମ୍ମିଳନୀ ଅଭିଯୋଗ କରୁଥିବା ବେଳେ ମୁଖ୍ୟମନ୍ତ୍ରୀ ଯଦି ହୃଦୟଙ୍ଗମ କରିଛନ୍ତି, ତା' ହେଲେ ତୁରନ୍ତ ପଦକ୍ଷେପ ନେବାକୁ ସମ୍ମିଳନୀର ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଦିଲୀପ ଦାଶଶର୍ମା କହିଛନ୍ତି।

■ ପିଆଇବିର ଗ୍ରାମାଞ୍ଚଳ ଗଣମାଧ୍ୟମ କର୍ମଶାଳା

## ବିଶ୍ୱାସଯୋଗ୍ୟ ଖବର ପରିବେଷଣକୁ ଗୁରୁତ୍ୱ



କର୍ମଶାଳାରେ ଉପସ୍ଥିତ ଅତିଥି ଓ ଖବରଦାତାମାନେ।

**ନବରଙ୍ଗପୁର,୧୬।୧(ବି.ପ୍ର):** ନବରଙ୍ଗପୁର ଜିଲା ମିଶନ ଶକ୍ତି ହଲଠାରେ କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ଭୁବନେଶ୍ୱରସ୍ଥିତ ପତ୍ର ସୂଚନା କାର୍ଯ୍ୟାଳୟ ପକ୍ଷରୁ ଗ୍ରାମାଞ୍ଚଳ ଗଣମାଧ୍ୟମ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲାପାଳ ଅଜିତ କୁମାର ମିଶ୍ର ଯୋଗଦେଇ ବାସ୍ତବିକ ଓ ବିଶ୍ୱାସ ଯୋଗ୍ୟ ଖବର ପରିବେଷଣ ଉପରେ ଗୁରୁତ୍ୱ ଦେଇଥିଲେ । ଗ୍ରାମପଞ୍ଚାୟତ, ବ୍ଲକ, ଜିଲା, ରାଜ୍ୟ ଓ ଦେଶର ବିକାଶ କ୍ଷେତ୍ରରେ ସମନ୍ୱୟର ଆବଶ୍ୟକତା ରହିଛି। ରାଜ୍ୟ ଓ କେନ୍ଦ୍ର ସରକାର ଜନସାଧାରଣଙ୍କ ଆର୍ଥିକ, ସାମାଜିକ ବିକାଶ ପାଇଁ ଯୋଜନା ସବୁ କରୁଛନ୍ତି। ତାହା କିଭଳି ତୃଣମୂଳ ସ୍ତରରେ ପହଞ୍ଚି କାର୍ଯ୍ୟକାରୀ ହୋଇପାରିବ ସେଥିପ୍ରତି ଗୁରୁତ୍ୱ ଦେବା ସହ ଗଣମାଧ୍ୟମର ସହଯୋଗ କାମନା କରିଥିଲେ। ସମ୍ମାନିତ ଅତିଥି ଭାବେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ଅତିରିକ୍ତ ମହାନିର୍ଦ୍ଦେଶକ ତଥା ଅତିରିକ୍ତ ପ୍ରେସ ରେଜିଷ୍ଟ୍ରାର (ଓଡିଶା ରିଜନ) ଶୈଳେଶ କୁମାର ମାଲବ୍ୟ ଯୋଗଦେଇ କହିଥିଲେ ଯେ, ଦେଶର ବିକାଶରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ବର୍ତ୍ତମାନ ସୋସିଆଲ ମିଡିଆର ବ୍ୟାପକ ପ୍ରଚାର ଚାଲିଥିବା ବେଳେ ମିଥ୍ୟା ଭାଇରାଲ ଖବରଗୁଡିକ ଗଣମାଧ୍ୟମ ପ୍ରତି ବିପଦ ସୃଷ୍ଟି କରିଛି । ଯାହାକି ଗଣମାଧ୍ୟମ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି । ଦେଶର ବିକାଶ ପାଇଁ ବାସ୍ତବିକ ଓ ବିଶ୍ୱାସ ଯୋଗ୍ୟ ଖବର ପରିବେଷଣ ଉପରେ ଗୁରୁତ୍ୱ ଦେଇଥିଲେ । ବାର୍ତ୍ତାଳପର ନୋଡାଲ ଅଧିକାରୀ ତଥା ଭୁବନେଶ୍ୱର ପିଆଇବି ମିଡିଆ ଓ କମ୍ୟୁନିକେସନ ଅଧିକାରୀ ପ୍ରଦୀପ କୁମାର ଚୌଧୁରୀ ଅଧ୍ୟକ୍ଷତା କରି କର୍ମଶାଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ । ସମ୍ମାନିତ ଅତିଥି ଭାବେ ଜୟପୁର ଆକାଶବାଣୀ କେନ୍ଦ୍ରର କାର୍ଯ୍ୟକ୍ରମ ମୁଖ୍ୟ ଯୁଗଳ କିଶୋର ପଣ୍ଡା, ଖବରଦାତା ବାଙ୍କ ବିହାରି ବିଷୋୟୀ ଯୋଗ ଦେଇଥିଲେ। ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ନାୟକ, ଲିଡ ବ୍ୟାଙ୍କ ମ୍ୟାନେଜର ସିଦ୍ଧାର୍ଥ ସାମଲ, ଜିଲା ନୋଡାଲ ଅଧିକାରୀ କଳ୍ପତରୁ ପଲେଇ, ଜିଲା କୃଷି ଅଧିକାରୀ ଆନନ୍ଦ ରାଓ ଉପସ୍ଥିତ ରହି ବିଭିନ୍ନ କେନ୍ଦ୍ରୀୟ ଯୋଜନା ଉପରେ ଆଲୋକପାତ କରିଥିଲେ ।

## କର୍ତ୍ତବ୍ୟରେ ଅବହେଳା, ପ୍ରଧାନ ଶିକ୍ଷୟିତ୍ରୀ ନିଲମ୍ବିତ

**ଟାଙ୍ଗୀ (କଟକ) ୧୬।୧ (ଡି.ଏନ୍.ଏ.):** କର୍ତ୍ତବ୍ୟରେ ଅବହେଳା ଘଟଣାରେ ଟାଙ୍ଗୀ–ଚୌଦ୍ୱାର ବ୍ଲକ ତୁଳସୀପୁରସ୍ଥିତ ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୌଭାଗିନୀ ଲେଙ୍କାଙ୍କୁ ବୁଧବାରୁ ନିଲମ୍ବିତ କରାଯାଇଛି। ଶିଶୁ କଲ୍ୟାଣ କମିଟି ପକ୍ଷରୁ ଉକ୍ତ ବିଦ୍ୟାଳୟ ସମେତ ବିଶ୍ୱନାହାକାଣୀସ୍ଥିତ ଆବାସିକ ବିଦ୍ୟାଳୟକୁ ଯାଞ୍ଚ କରାଯାଇଛି। ସୂଚନା ଅନୁଯାୟୀ, କିଛିଦିନ ତଳେ ଜିଲା ମଙ୍ଗଳ ଅଧିକାରୀ ଶ୍ୟାମସୁଧା ଅକ୍ତାରୀ ତୁଳସୀପୁର ଆଶ୍ରମ ବିଦ୍ୟାଳୟ ପରିଦର୍ଶନରେ ଆସିଥିଲେ। ସେହି ସମୟରେ ପ୍ରଧାନଶିକ୍ଷୟିତ୍ରୀ ଲେଙ୍କା ଅନୁପସ୍ଥିତ ଥିବାବେଳେ ବିଦ୍ୟାଳୟର ଦୂରାବସ୍ଥା ଓ ପରିଚାଳନାଗତ ତ୍ରୁଟି ପରିଲକ୍ଷିତ ହୋଇଥିଲା। ଏପରି କି ଲେଙ୍କା ବିଭିନ୍ନ କ୍ଷେତ୍ରରେ ନିଜ କର୍ତ୍ତବ୍ୟରେ ଅବହେଳା ପ୍ରଦର୍ଶନ କରିଥିଲେ। ଏଥିଯୋଗୁ ପ୍ରଧାନଶିକ୍ଷୟିତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ। ହେଲେ ସେ ଏହାର ଉତ୍ତର ନ ଦେବାରୁ ତାଙ୍କୁ ନିଲମ୍ବନ କରିବା ପାଇଁ ଅକ୍ତାରୀ ଜିଲାପାଳଙ୍କୁ ସୁପାରିଶ କରିଥିଲେ। ପରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଲେଙ୍କାଙ୍କୁ ନିଲମ୍ବନ କରାଯାଇଥିବା ବ୍ଲକ ମଙ୍ଗଳ ଅଧିକାରୀ କଳ୍ପତରୁ ପଣ୍ଡା ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଜିଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷା ମନ୍ଦାକିନୀ ଜେମା, ସାମାଜିକ କର୍ମୀ ଅମିୟ ଭୂଷଣ ବିଶ୍ୱାଳ ଓ ଶ୍ରୀକାନ୍ତ ମହାନ୍ତି ପ୍ରମୁଖ ଅପରାହ୍ନରେ ବିଶ୍ୱନାହାକାଣୀସ୍ଥିତ ଆବାସିକ ଉଚ୍ଚ ବିଦ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ପ୍ରଧାନଶିକ୍ଷୟିତ୍ରୀ ସୁପ୍ରଭା ପରିଡ଼ାଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରି ବାଳିକା ହଷ୍ଟେଲର ପରିମଳ ଓ ଖାଦ୍ୟପେୟ ବ୍ୟବସ୍ଥା ଯାଞ୍ଚ କରିଥିଲେ। ହଷ୍ଟେଲରେ ମୋଟ୍ ୧୦୮ ଅନ୍ତେବାସୀ ରହୁଥିବାବେଳେ ଆବଶ୍ୟକ କର୍ମଚାରୀ ଓ ଶିକ୍ଷକ ଅଭାବ ସମ୍ପର୍କରେ ବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଥିଲା ।

## 'ଇଣ୍ଡସ୍ ଫୁଡ୍'ରେ ଓଡ଼ିଶା


ଏମ୍‌ଏସ୍‌ଏମ୍‌ଇ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏଲ୍.ଏନ୍ ଗୁପ୍ତାଙ୍କ ସହ ଓଡ଼ିଶା ପ୍ରତିନିଧି ଦଳ।

**ଭୁବନେଶ୍ୱର,୧୬।୧(ବ୍ୟୁରୋ)**

ଗ୍ରେଟର ନୋଏଡାସ୍ଥିତ ଇଣ୍ଡିଆ ଏକ୍ସପୋଜିଶନ୍ ମାର୍ଟ ଲିଃଠାରେ ଚଳିତ ମାସ ୧୪ ଓ ୧୫ରେ ଆୟୋଜିତ ବୃହତ୍ ଖାଦ୍ୟ ଓ ପାନୀୟ ବାଣିଜ୍ୟ ମେଳା 'ଇଣ୍ଡସ୍ ଫୁଡ୍' ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦ୍ୱିତୀୟ ସଂସ୍କରଣରେ ଓଡ଼ିଶା ଏକ ଅଂଶୀଦାର ରାଜ୍ୟ ଭାବେ ଭାଗ ନେଇଛି । ରାଜ୍ୟର ଖାଦ୍ୟ ଆଧାରିତ ପ୍ରାୟ ୩୦ଟି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ(ଏମ୍‌ଏସ୍‌ଏମ୍‌ଇ) ବିଭାଗ ଅଂଶଗ୍ରହଣ କରିଥିଲେ। ଦେଶର ବୃହତ୍ ବାର୍ଷିକ ଖାଦ୍ୟ ପ୍ରକ୍ରିୟାକରଣ ପ୍ରଦର୍ଶନୀ ତଥା କ୍ରେତା–ବିକ୍ରେତା ସମ୍ମିଳନୀକୁ ଟ୍ରେଡ୍ ପ୍ରମୋଶନ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ ଓ ଭାରତ ସରକାରଙ୍କ ବାଣିଜ୍ୟ ମନ୍ତ୍ରାଳୟ ଦ୍ୱାରା ଆୟୋଜନ କରାଯାଇଛି। ରାଜ୍ୟ ଏମ୍‌ଏସ୍‌ଏମ୍‌ଇ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଲକ୍ଷ୍ମୀନାରାୟଣ ଗୁପ୍ତାଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ଭିଏତ୍‌ନାମ, ୟୁଏଇ, ଇରାକ୍ ଓ ବାଂଲାଦେଶ ସହିତ ସରକାରୀସ୍ତରୀୟ (ଜିଟୁଜି) ବୈଠକରେ ଯୋଗଦେଇଛନ୍ତି।

### ୪ ଦେଶ ସହ ଆଲୋଚନା

ଏହି ବୈଠକରେ ଚାଉଳ, ମକା, ଫଳ, ପନିପରିବା, ମସଲା, ସାମୁଦ୍ରିକ ଉତ୍ପାଦ ଆଦିରେ ଥିବା ପୁଞ୍ଜିନିବେଶ ଓ ବ୍ୟବସାୟ ସୁଯୋଗର ସମ୍ଭାବନା ସମ୍ପର୍କରେ ଆଲୋଚନା ହୋଇଥିଲା । ଏହି ୪ଟି ଦେଶରୁ ଆସିଥିବା ପ୍ରତିନିଧିମାନଙ୍କୁ ଜାନୁୟାରୀ ୨୮ରୁ ଫେବୃୟାରୀ ୩ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଆୟୋଜିତ ହେବାକୁ ଥିବା ଏମ୍‌ଏସ୍‌ଏମ୍‌ଇ ବାଣିଜ୍ୟ ମେଳାରେ ଯୋଗଦେବା ପାଇଁ ଗୁପ୍ତା ନିମନ୍ତ୍ରଣ କରିଛନ୍ତି।

ସେହିପରି ସେ ଭିଏତ୍‌ନାମ ରାଷ୍ଟ୍ରଦୂତ ମି. ଫାମ୍ ସାନ୍ ଚାଉଙ୍କ ସହିତ ଓଡ଼ିଶାରେ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ର, ବିଶେଷତଃ ସାମୁଦ୍ରିକ ଖାଦ୍ୟ କ୍ଷେତ୍ରରେ ଭିଏତ୍‌ନାମ ଦ୍ୱାରା ପୁଞ୍ଜିନିବେଶ ଓ ବାଣିଜ୍ୟର ସମ୍ଭାବନା ସମ୍ପର୍କରେ ଆଲୋଚନା କରିଥିଲେ। ଓଡ଼ିଶାରୁ ଯାଇଥିବା ପ୍ରଦର୍ଶନକାରୀ ଉଦ୍ୟୋଗୀମାନେ ପୃଥିବୀର ବିଭିନ୍ନ କୋଣ–ଅନୁକୋଣରୁ ଆସିଥିବା ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗୀମାନଙ୍କ ସହିତ ଆଲୋଚନ କରିଥିଲେ । ଏହି ବୃହତ୍ ମେଳାରେ ୭୦ଟି ଦେଶରୁ ଆସିଥିବା ଉଦ୍ୟୋଗୀମାନେ କ୍ରେତା ଭାବେ ଅଂଶଗ୍ରହଣ କରିଥିଲେ ।






# ରାଜ୍ୟ ପୋଲିସ ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଘାଟିତ



**କଟକ ଅଫିସ, ୧୬।୧:** ୭୧ତମ ରାଜ୍ୟ ପୋଲିସ ଦୌଡକୁଦ ପ୍ରତିଯୋଗତା ୨୦୧୯ ବୁଧବାର ବକ୍ସିବଜାରସ୍ଥିତ ରିଜର୍ଭ ପୋଲିସ ପଡିଆଠାରେ ଉଦ୍‌ଘାଟିତ ହୋଇଯାଇଛି। କ୍ରାଇମବ୍ରାଞ୍ଚ ଅତିରିକ୍ତ ଡିଜି ସନ୍ତୋଷ ଉପାଧ୍ୟାୟ ଏହାକୁ ଉଦ୍‌ଘାଟନ କରି ଖେଳାଳିମାନଙ୍କୁ ଖେଳୁଆଡ଼ ମନୋଭାବ ନେଇ ପ୍ରତିଯୋଗିତାରେ ଭାଗନେବାକୁ ପରାମର୍ଶ ଦେଇଛନ୍ତି। ଏଥିରେ ବିଭିନ୍ନ ଜିଲାରୁ ୩୧ ଦଳ, ବାଟାଲିୟନରୁ ୧୮, ବେତାର ଓ ରେଲ୍‌ୱେ ପ୍ରତିଷ୍ଠାନରୁ ୨ ଏବଂ କମିଶନରେଟ ପୋଲିସରୁ ୨ ଦଳକୁ ମିଶାଇ ମୋଟ ୫୩ ଦଳର ୯୯୯ ଜଣ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଏହି ପ୍ରତିଯୋଗୀଙ୍କ ମଧ୍ୟରେ ୮୦୦ ପୁରୁଷ ଓ ୧୯୯ଜଣ ମହିଳା ରହିଛନ୍ତି। ପୁରୁଷଙ୍କ ପାଇଁ ୨୩ଟି ବିଭାଗ ଓ ମହିଳାଙ୍କ ପାଇଁ ୧୩ ବିଭାଗ ରହିଛି। ୪ଦିନ ଧରି ହେବାକୁ ଥିବା ଏହି ପ୍ରତିଯୋଗିତାରେ ୪୨ କିମି ମାରାଥନ ପ୍ରତିଯୋଗିତା ସହ ଦୌଡ, ହାଇ ଜମ୍ପ, ଲଙ୍ଗ ଜମ୍ପ, ଟ୍ରିପଲ ଜମ୍ପ, ହର୍ଡଲ୍ସ, ଜାଭେଲିନ ଥ୍ରୋ, ଡିସ୍କସ୍ ଥ୍ରୋ, ପୋଲ୍ ଭଲ୍ଟ, ଶଟ୍‌ପୁଟ ଆଦି ବିଭିନ୍ନ ବିଭାଗରେ ପ୍ରତିଯୋଗତା ଆୟୋଜନ କରାଯାଇଛି। ଉଦ୍‌ଘାଟନୀ ଉତ୍ସବରେ କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ, ଡିସିପି ଅଖିଳେଶ୍ୱର ସିଂଙ୍କ ସମେତ ପୋଲିସ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଆସନ୍ତା ୧୯ ତାରିଖ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ଟ୍ରଫି ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି।








1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଦୁଃଖ କାହାର ପ୍ରକୃତିଗତ ନୁହେଁ, ତାକୁ ଇଚ୍ଛା କଲେ ହିଁ ତଡ଼ି ଦିଆଯାଇପାରେ।
-ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ର



## ସଂକ୍ଷେପରେ

### ପୋଖରୀ ସଫେଇ ଦାବି

**ନରସିଂହପୁର,୧୬।୧(ସ୍ୱ.ପ୍ର.):** ନରସିଂହପୁର ସଦର ମହକୁମାରେ ଥିବା ହନୁମନ୍ତ ସାଗର ପୋଖରୀ ରକ୍ଷଣାବେକ୍ଷଣା ଅଭାବରୁ ଅପରିଷ୍କାର ହୋଇପଡ଼ିଛି। ତେଣୁ ଏହାର ସଫେଇ କରିବା ପାଇଁ ନରସିଂହପୁର ଯୁବ ସଙ୍ଗଠନ ପକ୍ଷରୁ ସଭାପତି ସେକ୍ ସାବିର୍‌ଙ୍କ ସମେତ ବହୁ ବରିଷ୍ଠ ନାଗରିକ ଦାବି କରିଛନ୍ତି। ସଦର ମହକୁମାର ନିଜିଗଡ ପାଇକପଡା ପାଟଣା ନୂଆସାହି, ରଣା ସାହି ତଅାଁଳାସାହି ସହ କେତେଜଣ କଲୋନୀ ବାସିନ୍ଦା ଏହି ପୋଖରୀ ଉପରେ ନିର୍ଭର କରିଥାନ୍ତି। ପୋଖରୀରେ ଦଳ ଭର୍ତ୍ତି ହୋଇ ପଡିବା ସହ ପଲିଥିନ ଓ ବିଭିନ୍ନ ଆବର୍ଜନା ପଡି ରହିଥିବାରୁ ତାହା ବ୍ୟବହାର ଉପଯୋଗୀ ହୋଇ ପାରୁନାହିଁ। ପୋଖରୀଟି ପାଇକପଡା ପାଟଣା ଅଧୀନରେ ରହିଥିବାବେଳେ ଏଠାରେ ମାଛ ଚାଷ ପାଇଁ ସାତ ସାହି କମିଟି ଠିକା ନେଇଥାନ୍ତି। ସହର ମଝିରେ ଥିବା ଏହି ପୋଖରୀ ହୁଡାର ଚାରି ପାର୍ଶ୍ୱରେ ଆଲୋକ ବ୍ୟବସ୍ଥା ସହ ଶିଶୁ ଉଦ୍ୟାନ ନିର୍ମାଣ କରାଗଲେ ସହରର ସୌନ୍ଦର୍ଯ୍ୟ ବୃଦ୍ଧି ପାଆନ୍ତା ବୋଲି ବୋଲି ନରସିଂହପୁର ବିକାଶ ପରିଷଦ ସଭାପତି ତ୍ରିଲୋଚନ ମହାପାତ୍ର, ଶିକ୍ଷାବିତ ଦେବରାଜ ସ୍ୱାଇଁ ମତ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ପାଇକପଡା ପାଟଣା ସରପଞ୍ଚ ବୀଣାପାଣି ବେହେରା କହିଛନ୍ତି, ଖୁବଶୀଘ୍ର ପୋଖରୀରୁ ଆବର୍ଜନା ସଫା କରାଯିବ। ତେବେ ପୋଖରୀର ସୌନ୍ଦର୍ଯ୍ୟ କରଣ ନିମନ୍ତେ ପ୍ରଶାସନିକ ସହାୟତା ପାଇଁ ଆଗାମୀ ଦିନରେ ଦାବି କରିବୁ।

### ତ୍ୱରିତ ସେବା ଯୋଗାଇବାକୁ ଏନ୍‌ଏସିର ଉଦ୍ୟମ

**ଆଠଗଡ,୧୬।୧(ଡି.ଏନ.ଏ.):** ଆଠଗଡ଼ ଏନଏସି ଅଞ୍ଚଳର ୧୮ ୱାର୍ଡବାସୀଙ୍କୁ ତ୍ୱରିତ ସେବା ଯୋଗାଇବା ପାଇଁ ଏନଏସି ଉଦ୍ୟମ ଆରମ୍ଭ କରିଛି। ରାଜ୍ୟ ଗୃହ ଓ ସହରାଞ୍ଚଳ ବିକାଶ ବିଭାଗ ନିର୍ଦ୍ଦେଶ ମତେ ସହରାଞ୍ଚଳରେ ବସବାସ କରୁଥିବା ଅଧିବାସୀ ଯେପରି ସରକାରୀ ଯୋଜନାରୁ ବଞ୍ଚିତ ହେବେ ନାହିଁ ସେଥିପ୍ରତି ଗୁରୁତ୍ୱାରୋପ କରାଯାଇଛି। ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ସ୍ୱୀକୃତିମତେ ମଙ୍ଗଳବାରଠାରୁ ଏନଏସି କର୍ମଚାରୀମାନେ ପ୍ରତି ୱାର୍ଡକୁ ଗସ୍ତ କରି ବିଭିନ୍ନ ଯୋଜନାରୁ ବଞ୍ଚିତ ହିତାଧିକାରୀଙ୍କୁ ଚିହ୍ନଟ କରି ତୁରନ୍ତ ଯୋଜନାରେ ସାମିଲ କରିବା ଆରମ୍ଭ କରିଛନ୍ତି। ମଙ୍ଗଳବାର ଆଠଗଡ ପୁରୁଣା ବସ୍‌ଷ୍ଟାଣ୍ଡ ଓ କଣ୍ଟ୍ରୋଲଠାରେ ଶିବିରର ଆୟୋଜନ କରାଯାଇଥିଲା। ଶିବିରରେ ସହରାଞ୍ଚଳ ବିକାଶ ପ୍ରକଳ୍ପ ନିର୍ଦ୍ଦେଶିକା ସୁନୀତା ସରକାର ଯୋଗ ଦେଇଥିଲେ। ନିର୍ବାହୀ ଅଧିକାରୀ ସତ୍ୟରଞ୍ଜନ ପଣ୍ଡାଙ୍କ ତଦାରଖରେ ନିରଞ୍ଜନ ଦାସ, ନିକିତା ଜେନା, ପ୍ରଭାତ ଚନ୍ଦ୍ର ବାରିକ ଓ ଅନ୍ୟ କର୍ମଚାରୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

### ରେଢୁଆ ସିଏଚସିରେ ୨୪ଘଣ୍ଟିଆ ସେବା ଯୋଗାଇଦେବା ପ୍ରସଙ୍ଗ
### ସିଡିଏମ୍‌ଓଙ୍କ ପ୍ରତିଶ୍ରୁତିକୁ ପ୍ରତ୍ୟାଖ୍ୟାନ କଲେ ଅଞ୍ଚଳବାସୀ



**ରଘୁନାଥପୁର, ୧୬।୧( ଡି.ଏନ.ଏ.):** ରଘୁନାଥପୁର ବ୍ଲକ ରେଢୁଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଦାବି ନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ଚାଲିଥିବା ଅନଶନ ୨ ଦିନରେ ପହଞ୍ଚିଛି। ଘଟଣାସ୍ଥଳକୁ ସିଡିଏମ୍‌ଓ ଆସି ପ୍ରତିଶ୍ରୁତି ଦେବା ପରେ ମଧ ଏହାକୁ ପ୍ରତ୍ୟାଖ୍ୟାନ କରାଯାଇଛି। ମଙ୍ଗଳବାରରୁ ନବନିର୍ମାଣ ସମିତିର ମୁଖ୍ୟ ସ୍ନେହାଂଶୁ ଜେନାଙ୍କ ପକ୍ଷରୁ କରାଯାଇଥିବା ଅନଶନକୁ ସମର୍ଥନ ଜଣାଇ ସ୍ଥାନୀୟ ଅଞ୍ଚଳବାସୀ ଧାରଣାରେ ସାମିଲ ହୋଇଛନ୍ତି। ବୁଧବାର ପୂର୍ବାହ୍ନରେ ଉପବାସରେ ବସିଥିବା ସ୍ନେହାଂଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଅପରାହ୍ନ ୧ଟାରେ ସିଡିଏମ୍‌ଓ ମହେଶ୍ୱର ପ୍ରଧାନ ଗଣଧାରଣା ସ୍ଥଳରେ ପହଞ୍ଚି ଦାବି ପୂରଣ ଦିଗରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ସହ ଧାରଣାରୁ ଉଠିଯିବା ପାଇଁ ଅଞ୍ଚଳବାସୀଙ୍କୁ ଅନୁରୋଧ କରିଥିଲେ। ଧାରଣାରେ ସାମିଲ ଥିବା ଦେବୀ ପ୍ରସାଦ ମହାରଣା, ସୁରେନ ରାଉତ, ଗୀତା ରଥ, ଚିତ୍ରାଙ୍ଗଦା ପାତ୍ର, ଜ୍ୟୋତ୍ସ୍ନାମୟୀ ଦୀକ୍ଷିତ, ଆଲୋକ ଲକ୍ଷ୍ମୀ ପାତ୍ର, ତିଲୋତ୍ତମା ବାରିକ ଓ ଉପସ୍ଥିତ ଯୁବଗୋଷ୍ଠୀ ଏହାକୁ ପ୍ରତ୍ୟାଖ୍ୟାନ କରି ଧାରଣା ଅବ୍ୟାହତ ରଖିଛନ୍ତି। ସରକାର ସ୍ୱାସ୍ଥ୍ୟସେବା ଯୋଗାଇ ଦେବାରେ ଏତେ ବିମୁଖ କାହିଁକି ବୋଲି ସ୍ନେହାଂଶୁ ପ୍ରଶ୍ନ କରିଛନ୍ତି।

■ ସବୁଜ ପତ୍ରିକା କରାଇ ଦେବା ନାଁରେ ଠକେଇ ଅଭିଯୋଗ

# କାର୍ଯ୍ୟାନୁଷ୍ଠାନ ଦାବିରେ ବ୍ଲକ ଘେରାଉ

**ନରସିଂହପୁର,୧୬।୧(ଡି.ଏନ.ଏ.)**



ନରସିଂହପୁର ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣାରତ ସବୁଜ ପତ୍ରିକାଧାରୀ ମହିଳା।

ନରସିଂହପୁର ବ୍ଲକ ଅଞ୍ଚଳରେ ସବୁଜ ପତ୍ରିକା କରାଇ ଦେବା ନାଁରେ ଠକେଇ ହେଉଛି। ତେଣୁ ଏପରି ଠକେଇ କରୁଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିକରି ବ୍ଲକ ଅଞ୍ଚଳର ୨୦୦ରୁ ଉର୍ଦ୍ଧ୍ୱ ସବୁଜ ପତ୍ରିକାଧାରୀ ମହିଳା ବୁଧବାର ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଦେବା ସହ ବିଡିଓଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଓଡ଼ିଶା ସବୁଜ ପତ୍ରିକାଧାରୀ ମହିଳା ମହାସଂଘ ରାଜ୍ୟ ସମ୍ପାଦିକା ତଥା ବ୍ଲକ ସଭାନେତ୍ରୀ ରଶ୍ମିତା ପ୍ରଧାନ, ବ୍ଲକ ସମ୍ପାଦିକା ଲିଲିବାଳା ମହାଭୋଇ ଅଭିଯୋଗ କରିଛନ୍ତି ଯେ, ବ୍ଲକରେ ଜୀବିକା ମିଶନ ପକ୍ଷରୁ କାର୍ଯ୍ୟ କରୁଥିବା ୨ଟିମ୍‌ର କେତେଜଣ ସଦସ୍ୟ ସବୁଜ ପତ୍ରିକା କରାଇ ଦେବାକୁ କହି ଗ୍ରାମର ସରଳ, ନିରୀହ ମହିଳାଙ୍କଠାରୁ ଅର୍ଥ ଆଦାୟ କରୁଛନ୍ତି। ତେବେ କାର୍ଡ ନ ମିଳିବାରୁ ଅର୍ଥ ଦେଇଥିବା ମହିଳା ଅଭିଯୋଗ କଲେ ତୁମ କାର୍ଡ କାଟିଦେବୁ ବୋଲି ଧମକ ଦେଉଛନ୍ତି। ତେଣୁ ଏହାର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଧାରଣାସ୍ଥଳରେ ବିଡିଓ ପ୍ରଶାନ୍ତ କୁମାର ତରାଇ ପହଞ୍ଚି ସଂଘ କର୍ମକର୍ତ୍ତାଙ୍କୁ ବୁଝାଶୁଝା କରିବା ସହ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

■ସାମିଲ ହେଲେ ୨୦୦ ସବୁଜ ପତ୍ରିକାଧାରୀ ମହିଳା

■ସରଳ, ନିରୀହ ମହିଳାଙ୍କଠାରୁ ଅର୍ଥ ଆଦାୟ କରୁଛନ୍ତି

## ଆମ ଘରେ ଏଲ୍‌ଇଡି କାର୍ଯ୍ୟକ୍ରମର ଶୁଭାରମ୍ଭ

**ନିଶ୍ଚିନ୍ତକୋଇଲି,୧୬।୧(ସ୍ୱ.ପ୍ର.)**

ମାହାଙ୍ଗା ବିଧାୟକ ତଥା ମନ୍ତ୍ରୀ ପ୍ରତାପ ଜେନା ବୁଧବାର ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ବଡ଼କ୍ଷୀର ପଞ୍ଚାୟତରେ ଆମ ଘରେ ଏଲ୍‌ଇଡି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନାରେ ପ୍ରତ୍ୟେକ ରାଶନ କାର୍ଡ ହିତାଧିକାରୀଙ୍କୁ ୪ଟି ଲେଖାଏଁ ଏଲଇଡି ବଲ ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ଜେନା କହିଛନ୍ତି। କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ସବିତା ଓଝା, ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ବ୍ଲକ ବିଜେଡି ପର୍ଯ୍ୟବେକ୍ଷକ ବିବେକାନନ୍ଦ ସାମନ୍ତରାୟ, ଜିଲାପରିଷଦ ସଭ୍ୟା ସବିତା ସାମଲ, ଅଶୋକ ଓଝା, ସରପଞ୍ଚ ବିନୋଦିନୀ ବେହେରା ଓ ସମିତିସଭ୍ୟା ଗାୟତ୍ରୀ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଜ୍ୟୋତି ରଞ୍ଜନ ସ୍ୱାଇଁ ସଭାପତିତ୍ୱ କରିଥିଲେ। ସେହିପରି ଜିଗ୍ନିପୁର ପଞ୍ଚାୟତରେ ସରପଞ୍ଚ ତିଲୋତମା ରାଉତ, ଯୁବ ନେତା ଜ୍ଞାନରଞ୍ଜନ ରାଉତ, ଓରତି ପଞ୍ଚାୟତରେ ଯୁବ ବିଜେଡି ସଭାପତି ମିହିର ମିଶ୍ର, ତିଲକଣା ପଞ୍ଚାୟତରେ ସରପଞ୍ଚ ବିଶ୍ୱନାଥ ପଣ୍ଡା, ସମିତିସଭ୍ୟା ରଶ୍ମିତା ସାହୁ, ଝାଡ଼େଶ୍ୱରପୁରରେ ସରପଞ୍ଚ ସୁଜାତା ଦାସ, ସମିତିସଭ୍ୟ ଅନ୍ନଦା ଦାସ ଓ ପଞ୍ଚାୟତ ବିଜେଡି ସଭାପତି ବିଭୂତି ଭୂଷଣ ଦାସ ଉପସ୍ଥିତ ରହି ଯୋଜନାର ଶୁଭାରମ୍ଭ କରିବା ସହ ସ୍ୱଂୟ ସହାୟକ ଗୋଷ୍ଠୀଙ୍କୁ ୧୫ ହଜାର ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି, ଆବାସ ଯୋଜନା ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଓ ଅନ୍ୟ ସହାୟତା ରାଶି ପ୍ରଦାନ କରିଥିଲେ।

## ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ, ଶିଳାନ୍ୟାସ

**ନିଶ୍ଚିନ୍ତକୋଇଲି,୧୬।୧(ସ୍ୱ.ପ୍ର.)**

ମାହାଙ୍ଗା ବିଧାୟକ ତଥା ମନ୍ତ୍ରୀ ପ୍ରତାପ ଜେନା ବୁଧବାର ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳ ଗସ୍ତ କରି ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ଅପରାହ୍ନରେ ମନ୍ତ୍ରୀ ଜେନା ଶୁକରପଡ଼ା ପଞ୍ଚାୟତରେ ସୁନାଲୁଣ୍ଠ ଓ ହଳଧରପୁର ଅଙ୍ଗନୱାଡି କେନ୍ଦ୍ର, ଅଲ୍ଲୀ ପବ୍ଲିକ ସ୍କୁଲର ନୂତନ ଶ୍ରେଣୀ ଗୃହ, ମାଇଁନରିଟି କମ୍ୟୁନିଟି ହଲ ଓ ଶୁକରପଡା ବଜାରରେ ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥାକୁ ଉଦ୍‌ଘାଟନ କରିବା ସହ ଶୁକରପଡ଼ା-ବାଲିଆଟକା ରାସ୍ତାର ଶିଳାନାସ କରିଥିଲେ। ଏହି ରାସ୍ତା ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ବ୍ଲକକୁ ସଂଯୋଗ କରିବ। ୭ କିମି ଏହି ରାସ୍ତା ପାଇଁ ୩ କୋଟି ୯ ଲକ୍ଷ ୮୨ ହଜାର ଟଙ୍କା ବ୍ୟୟ ବରାଦ କରାଯାଇଛି ବୋଲି ବିଭାଗୀୟ ଯନ୍ତ୍ରୀ ପ୍ରକାଶ କରିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ସବିତା ଓଝା, ବ୍ଲକ କୃଷକ ମୋର୍ଚ୍ଚା ସଭାପତି ଜ୍ୟୋତି ପ୍ରକାଶ ସ୍ୱାଇଁ, ସରପଞ୍ଚ ବାସନ୍ତୀ ସ୍ୱାଇଁ, ସମିତିସଭ୍ୟ ସେକ କଲାମ ଓ ଅଶୋକ ଓଝା ପ୍ରମୁଖ ଯୋଗ ଦେଇଥିଲେ। ପରେ ମନ୍ତ୍ରୀ ଏକ ଶୋଭାଯାତ୍ରାରେ ଯାଇ ବରାଦ ପଞ୍ଚାୟତର କେନ୍ଦୁପାଟଣା ବଜାରରେ ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥାକୁ ଉଦ୍‌ଘାଟନ କରିଥିଲା।



ମନ୍ତ୍ରୀ ପ୍ରତାପ ଜେନା ଶୁକରପଡ଼ା-ବାଲିଆଟକା ରାସ୍ତାର ଶିଳାନ୍ୟାସ କରୁଛନ୍ତି।

## ଫୁଟ୍‌ବଲ୍ ଟୁର୍ନାମେଣ୍ଟ: ଗ୍ୟାଲେଣ୍ଟ କ୍ଲବ ବିଜୟୀ



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

**ସାଲେପୁର,୧୬।୧(ଡି.ଏନ.ଏ.)**

ସାଲେପୁର ହାଇସ୍କୁଲ୍ ପଡ଼ିଆରେ ଚାଲିଥିବା ଜିଲାସ୍ତରୀୟ ମା'ଜାଗୁଲାଇ କପ୍ ଫୁଟବଲ୍ ପ୍ରତିଯୋଗିତାର ବୁଧବାର ଚତୁର୍ଥ ଦିବସ ମ୍ୟାଚ ଅନୁଷ୍ଠିତ ହୋଇଛି। ଏହି ମ୍ୟାଚ ଭୁବନେଶ୍ୱରର ୟୁଥ୍ ସ୍ପୋର୍ଟସ୍ କ୍ଲବ୍ ସହ ଗ୍ୟାଲେଣ୍ଟ କ୍ଲବ୍ କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳ ପ୍ରାରମ୍ଭରେ ଗ୍ୟାଲେଣ୍ଟ କ୍ଲବ ଭୁବନେଶ୍ୱରର କ୍ଲବ୍‌କୁ ଗୋଟିଏ ଗୋଲ୍ ଦେଇ ବିଜୟୀ ହୋଇଥିଲା। ମା' ଜାଗୁଲାଇ କ୍ଲବ୍ ସଭାପତି ନିଶିଥ୍ ବଡ଼ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପ୍ରତିଯୋଗିତାକୁ କ୍ଲବ୍‌ର ଭାସ୍କର ସେଠୀ, ଜୟନ୍ତ ଦାସ, ଅଶୋକ ସେଠୀ, ଗୁଲ୍‌ଜାର୍ ଅଲ୍ଲୀ, ସଞ୍ଜୟ ନାୟକ, ଅଶୋକ ଦାସ, ଫିରୋଜ ବକ୍ସ, ବାଉଁ କାଣ୍ଡି ଓ କୃଷ୍ଣଚନ୍ଦ୍ର ଦାସଙ୍କ ସମେତ କର୍ମକର୍ତ୍ତା ପରିଚାଳନା କରିଥିଲେ। ରେଫରିଭାବେ ରସାନନ୍ଦ ସାମଲ, ଜୀବନଜ୍ୟୋତି ନାୟକ, ଜ୍ୟୋତିରଞ୍ଜନ ସାହୁ ଓ ପ୍ରଭାକର ବେହେରା ପ୍ରମୁଖ ଯୋଗ ଦେଇଥିଲେ।

## ମଣ୍ଡିରୁ ଉଠିଲା ଧାନ

**ନରସିଂହପୁର,୧୬।୧(ଡି.ଏନ.ଏ.)**

ନରସିଂହପୁର ବ୍ଲକ ଅଧୀନ ଚମ୍ପେଶ୍ୱର ସେବା ସମବାୟ ସମିତିରେ ଧାନ ବିକ୍ରି କରି ନ ପାରି ମଙ୍ଗଳବାର ଶତାଧିକ ଚାଷୀ ରାସ୍ତା ଅବରୋଧ କରିଥିଲେ। ବୁଧବାର ଧାନ କିଣାଯିବ ବୋଲି ଅତିରିକ୍ତ ତହସିଲଦାର ଚାଷୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ସେହି ଅନୁସାରେ ଧାନ ବିକ୍ରି କରାଯାଇଛି। ମିଲରମାନେ ପହଞ୍ଚି ଧାନ କ୍ରୟ କରିଛନ୍ତି। ଆଗାମୀ ଦିନରେ ଚାଷୀଙ୍କର କୌଣସି ଅସୁବିଧା ହେବନାହିଁ ବୋଲି ସମିତି ସମ୍ପାଦକ ସୁଦର୍ଶନ ସାହୁ ସୂଚନା ଦେଇଛନ୍ତି।

### ଶାରଳା ମହୋତ୍ସବ ନିମନ୍ତେ ପ୍ରସ୍ତୁତି
## ମର୍ଦ୍ଦଳ ବାଦକ ଧନେଶ୍ୱର ସ୍ୱାଇଁଙ୍କୁ ଶୁଦ୍ରମୁନି ସମ୍ମାନ



**ରଘୁନାଥପୁର, ୧୬।୧(ଡି.ଏନ୍.ଏ.):** ଜଗତ୍‌ସିଂହପୁର ଜିଲାସ୍ତରୀୟ ଶାରଳା ମହୋତ୍ସବ ଜାନୁୟାରୀ ୩୦ରେ କରାଯିବ। ଏଥି ନିମନ୍ତେ ଏକ ବୈଠକ ହୋଇଛି। ଏଥିରେ ଓଡ଼ପଡ଼ାସ୍ଥିତ ସଂକେତ ଆଇଟିଆଇର ମୁଖ୍ୟ ବଦ୍ରିନାରାୟଣ ମହାନ୍ତି ଓ ଅଧକ୍ଷ ଅନ୍ତର୍ଯ୍ୟାମୀ ରାଉତ, ସାମାଜିକ କର୍ମୀ ବୀରବର ପଟ୍ଟନାୟକ, ସ୍ଥାନୀୟ ସମିତିସଭ୍ୟ ବିଦ୍ୟାଧର ମହାନ୍ତି, ମର୍ଦ୍ଦଳ ବାଦକ ଦିବାକର ପରିଡ଼ା, ଓଡ଼ିଶୀ କଣ୍ଠଶିଳ୍ପୀ ମହେଶ ଚନ୍ଦ୍ର ନାୟକ, ଗୌତମ ପାଲିତ ଯୋଗଦେଇଥିଲେ। ଉକ୍ତଦିନ ପୂର୍ବାହ୍ନ ୯ଟାରୁ ବିଭିନ୍ନ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ସ୍ଥିର ହୋଇଥିଲା। ଚଳିତବର୍ଷ ଉତ୍ସବରେ ପ୍ରଖ୍ୟାତ ମର୍ଦ୍ଦଳ ବାଦକ ଧନେଶ୍ୱର ସ୍ୱାଇଁଙ୍କୁ ଶୁଦ୍ରମୁନୀ ସମ୍ମାନ, ନୃତ୍ୟାଙ୍ଗନା ପୁଷ୍ପିତା ମିଶ୍ରଙ୍କୁ ଶାରଳା ସମ୍ମାନ ଏବଂ ସୁନାମଧନ୍ୟ ନୃତ୍ୟଗୁରୁ ଅଶୋକ କୁମାର ଦାସଙ୍କୁ ଶାରଳା ସମ୍ମାନ ପ୍ରଦାନ ନିମନ୍ତେ ସର୍ବସମ୍ମତିକ୍ରମେ ସ୍ଥିର ହୋଇଥିଲା।

### ଖବରଦାତା ସମ୍ମିଳନୀରେ ଦାବି ଜଣାଇଲା ଗଣତାନ୍ତ୍ରିକ ସୁରକ୍ଷା ସଙ୍ଗଠନ
## କିଡ୍‌ନୀ ରୋଗ ପ୍ରତିକାର ଦିଗରେ ପଦକ୍ଷେପ ନିଅନ୍ତୁ ସରକାର

**ନରସିଂହପୁର,୧୬।୧(ଡି.ଏନ.ଏ.)**



ଗଣତାନ୍ତ୍ରିକ ସୁରକ୍ଷା ସଙ୍ଗଠନ ପକ୍ଷରୁ ବିଭିନ୍ନ ଦାବି ସମ୍ପର୍କରେ ଖବରଦାତାଙ୍କୁ ଅବଗତ କରାଯାଉଛି।

ନରସିଂହପୁର ବ୍ଲକ ଅଞ୍ଚଳରେ କିଡ୍‌ନୀ ରୋଗ ମହାମାରୀ ରୂପ ଧାରଣ କରିଛି। ଏହି ରୋଗରେ ୨୦୧୩ରୁ ଏ ପର୍ଯ୍ୟନ୍ତ ୪୮୩ ଜଣଙ୍କ ମୃତ୍ୟୁ ହୋଇଥିବା ସରକାରୀଭାବେ କୁହାଯାଇଛି। ମାତ୍ର ବେସରକାରୀଭାବେ ଏହାର ସଂଖ୍ୟା ବହୁ ଅଧିକ। ବିଭିନ୍ନ କାରଣ ଯୋଗୁ ଏହି ରୋଗ ପ୍ରତିକାର ପାଇଁ କୌଣସି ବ୍ୟବସ୍ଥା ହୋଇ ପାରୁ ନାହିଁ। ତେଣୁ ଏହାର ପ୍ରତିକାର ଦିଗରେ ସରକାର ତୁରନ୍ତ ପଦକ୍ଷେପ ନିଅନ୍ତୁ ବୋଲି ନରସିଂହପୁର ଗଣତାନ୍ତ୍ରିକ ସୁରକ୍ଷା ସଙ୍ଗଠନ ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ଦାବି କରାଯାଇଛି। ମୁକ୍ତି ସଙ୍ଗଠନ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ସମ୍ମିଳନୀରେ ସଙ୍ଗଠନ ସଭାପତି ଅଞ୍ଜନ କୁମାର ପଣ୍ଡା, ଜ୍ଞାନ ରଞ୍ଜନ ନାୟକ, ବିଜୟ କୁମାର ବଳିୟାରସିଂହ ଓ ଶୁଶାନ୍ତ ମହାନ୍ତି ପ୍ରମୁଖ ଦେଇ ଯୋଗଦେଇ ଏ ସମ୍ପର୍କରେ ଜଣାଇଥିଲେ। ଏଥିସହ ୬ଦଫା ଦାବି ଉପସ୍ଥାପନ କରିଥିଲେ। ସରକାର ଅଞ୍ଚଳରେ ହେଉଥିବା କିଡ୍‌ନୀ ରୋଗର କାରଣ ଖୋଜିବା ଲାଗି ବିଶେଷଜ୍ଞ କମିଟି ଗଠନ କରିବା, ରୋଗୀଙ୍କୁ ମାଗଣାରେ ରକ୍ତ ପରୀକ୍ଷା, ପ୍ରତି ସପ୍ତାହରେ ନରସିଂହପୁର ଡାକ୍ତରଖାନାକୁ କିଡ୍‌ନୀ ରୋଗ ବିଶେଷଜ୍ଞ ଆସି ପରାମର୍ଶ ଦେବା, ମହାନଦୀରୁ ଅଞ୍ଚଳବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ଓ କିଡ୍‌ନୀ ରୋଗଙ୍କ ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ବହନ କରିବା ଆଦି ଦାବି ଜଣାଇଥିଲେ। ଏଥିପ୍ରତି ସରକାର ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ଗଣ ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।

## ରାଜ୍ୟସ୍ତରୀୟ କ୍ରିକେଟ: କୁମାରବସ୍ତ ବିଜୟୀ

**ବାଙ୍କୀ,୧୬।୧(ସ୍ୱ.ପ୍ର.)**

ବାଙ୍କୀ ଆଥଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ରାଜ୍ୟସ୍ତରୀୟ କ୍ରିକେଟ୍ ଟୁର୍ନାମେଣ୍ଟର ବୁଧବାର ୩ୟ କ୍ୱାର୍ଟର୍ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍ ଖୋର୍ଦ୍ଧା କାଇପଦର ଓ କୁମାର ବସ୍ତ ମଧ୍ୟରେ ହୋଇଥିଲା। ପ୍ରଥମେ କୁମାର ବସ୍ତ ଟସ୍ ଜିତି ମ୍ୟାଚ ଖେଳିଥିଲା। ଦଳ ୯ ଉଇକେଟ ହରାଇ ୨୩୩ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅଭିଷେକ ମହାପାତ୍ର ସର୍ବାଧିକ ୫୬ରନ୍ ସଂଗ୍ରହ କରିଥିଲେ। କାଇପଦର ଦଳ ପକ୍ଷରୁ ଶୁଭକାନ୍ତ ସାହା ସର୍ବାଧିକ ୩ ଉଇକେଟ ଅକ୍ତିଆର କରିଥିଲେ। କାଇପଦର ଦଳ ସମସ୍ତ ଉଇକେଟ ହରାଇ ୧୫୦ରନ୍ ସଂଗ୍ରହ କରିଥିଲା। ଫଳରେ କୁମାରବସ୍ତ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ସୁରେନ୍ଦ୍ର ସର୍ବାଧିକ ୩୮ରନ୍ ସଂଗ୍ରହ କରିଥିଲେ। କୁମାର ବସ୍ତ ଦଳ ପକ୍ଷରୁ ଅନୀଲ ମହାପାତ୍ର ସର୍ବାଧିକ ୪ ଉଇକେଟ୍ ଅକ୍ତିଆର କରି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଖେଳକୁ ଶୁଭେନ୍ଦୁ ମିଶ୍ର ଓ ରାଜକିଶୋର ମହାପାତ୍ର ପରିଚାଳନା କରିଥିଲେ। ସୂର୍ଯ୍ୟକାନ୍ତ ରଣା ଓ ମାନସ ରଞ୍ଜନ ମହାପାତ୍ର ସହାୟତା କରିଥିଲେ। ମନୋଜ କୁମାର ମହାପାତ୍ର ଧାରା ବିବରଣୀ ପ୍ରଦାନ କରିଥିଲେ। କାଳିପୋଇ ସରପଞ୍ଚ ସୁବାସ କୁମାର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆଥଲେଟିକ ଆସୋସିଏଶନ ସାଧାରଣ ସମ୍ପାଦକ ସନ୍ତୋଷ ରଣା ଧନ୍ୟବାଦ ଦେଇଥିଲେ।

## ୟୁଥ୍ ଷ୍ଟାର ସ୍ପୋର୍ଟିଂ କ୍ରିକେଟ: ସାନ୍ତପୁର ଚାମ୍ପିୟନ

**ନେମାଳ,୧୬।୧(ଡି.ଏନ.ଏ)**

ନିଶ୍ଚିନ୍ତକୋଇଲି ବ୍ଲକ ପାଳଦା ପଞ୍ଚାୟତ ସାହୁଖେତ ୟୁଥ୍‌ଷ୍ଟାର ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ୩ୟ ବାର୍ଷିକ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍ ସୁପରଷ୍ଟାର ମେହେନ୍ଦୀପୁର ଓସାନ୍ତପୁର କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚରେ ମେହେନ୍ଦୀପୁରକୁ ପରାସ୍ତ କରି ସାନ୍ତପୁର ଚାମ୍ପିୟନ ହୋଇଥିଲା। ସାନ୍ତପୁର କ୍ରିକେଟ କ୍ଲବ ଟସ୍ ଜିତି ନିର୍ଦ୍ଧାରିତ ୧୫ ଓଭରରେ ୮ ଉଇକେଟ ହରାଇ ୧୭୦ ରନ୍ ସଂଗ୍ରହ କରିଥିଲା। ମେହେନ୍ଦୀପୁର ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ହରାଇ ୧୫୦ ରନ୍ ସଂଗ୍ରହ କରି ପରାସ୍ତ ହୋଇଥିଲା। ଦୀପକ ମହାନ୍ତିଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ଜାୱାଲ ହକ୍‌ଙ୍କୁ ସିରିଜି ପୁରସ୍କାର ପ୍ରଦାନ କରାଯାଇଥିଲା। ସଞ୍ଜୟ ମହାପାତ୍ର, ସଚ୍ଚିଦାନନ୍ଦ ଦାସ ଖେଳ ପରିଚାଳନା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ସରପଞ୍ଚ ମୀନକେତନ ସ୍ୱାଇଁ, ସମିତିସଭ୍ୟ ଭାଗବତ ମଲ୍ଲିକ, ଯୁବ ସାମାଜିକ କର୍ମୀ ଚିନ୍ମୟ ଖୁଣ୍ଟିଆ ଓ ଜଗଦୀଶ ଦାସ ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ



ଅତିଥି ଚାମ୍ପିୟନ୍ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।

■ ତିଗିରିଆ ଅଦାଲତ ପ୍ରତିଷ୍ଠା ଉତ୍ସବ

# ଭଲକାମ ପାଇଁ ଆଗେଇ ଆସିବାକୁ ଆହ୍ୱାନ

**ତିଗିରିଆ,୧୬।୧(ଡି.ଏନ.ଏ.)**




ଅଦାଲତ ପ୍ରତିଷ୍ଠା ଦିବସ ପାଳନ ଉତ୍ସବରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅନ୍ୟ ଅତିଥିମାନେ।

ତିଗିରିଆ ବିଚାର ବିଭାଗୀୟ ଅଦାଲତର ୫ମ ପ୍ରତିଷ୍ଠା ଉତ୍ସବ ସ୍ଥାନୀୟ ବାର ଆସୋସିଏଶନ ଆନୁକୂଲ୍ୟରେ ବୁଧବାର ଅଦାଲତ ପରିସରରେ ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥିଭାବେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ମୁଖ୍ୟବକ୍ତା ହାଇକୋର୍ଟ ବାର ଆସୋସିଏଶନ ସଭାପତି ଶ୍ରୀକାନ୍ତ ନାୟକ ଏବଂ ସମ୍ମାନିତ ଅତିଥିଭାବେ ରାଜ୍ୟ ଆଇନଜୀବୀ ପରିଷଦ ସଦସ୍ୟ ବନୋଜ ପଟ୍ଟନାୟକ ଯୋଗ ଦେଇଥିଲେ। ତିଗିରିଆ ଓକିଲ ସଂଘ ସଭାପତି ସରୋଜ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ନାୟକ ଆଇନଜୀବୀଙ୍କ ସମାଜରେ ରହିଥିବା ଭୂମିକା ସମ୍ପର୍କରେ କହିଥିଲେ। ମୁଖ୍ୟଅତିଥି କୋର୍ଟ ପ୍ରତିଷ୍ଠା ସମୟର ଅନୁଭୂତିକୁ ବଖାଣିବା ସହ ସବୁବେଳେ ଭଲକାମ ପାଇଁ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ସଂଘ ସମ୍ପାଦକ ଶ୍ରୀକାନ୍ତ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଆଇନଜୀବୀ ରମେଶ ଚନ୍ଦ୍ର ମାଝି ସ୍ୱାଗତ ଭାଷଣ ଓ ସୂର୍ଯ୍ୟନାରାୟଣ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଆଠଗଡ଼ ଓକିଲ ସଂଘ ସମ୍ପାଦକ ବନ ବିହାରୀ ସାହୁ, ବଡ଼ମ୍ବା ଓ ନରସିଂହପୁର ବାର ଆସୋସିସଏଶନର ସଭ୍ୟଙ୍କ ସହିତ ତିଗିରିଆ ଓକିଲ ସଂଘର ସମସ୍ତ ସଦସ୍ୟ ଏବଂ ହାଇକୋର୍ଟ ଆଇନଜୀବୀ ବିଜୟ ବହେରା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଉପସଭାପତି ସୁବାସ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।



ଭଗବାନଙ୍କ ପ୍ରତି ଅଖଣ୍ଡ ବିଶ୍ୱାସରୁ ଯେଉଁ ସୁଖ ମିଳେ,
ସେ ସୁଖ ଅନ୍ୟ କେଉଁଠି ମିଳେନାହିଁ।
- ଭଲଟାୟର



## ସଂକ୍ଷେପରେ

### ଚୋରି: ଅଭିଯୁକ୍ତ ଗିରଫ

**କଟକ ଅଫିସ, ୧୬।୧:** ଟିଭି ଚୋରି କରିବା ଅଭିଯୋଗରେ ସିଡିଏ ଫେଜ୍-୨ ପୋଲିସ ରାଜୁ ସେଖ୍(୨୯) ନାମକ ଅଭିଯୁକ୍ତଙ୍କୁ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କ ଘର ପଶ୍ଚିମବଙ୍ଗ ଅଞ୍ଚଳରେ ହୋଇଥିବାବେଳେ ସେ ସିଡିଏ ଫେଜ୍-୨ ଥାନା ଅନ୍ତର୍ଗତ ସେକ୍ଟର-୯ ଅଞ୍ଚଳର ଭଡାରେ ରହୁଛନ୍ତି। ତାଙ୍କଠାରୁ ପୋଲିସ ଏକ ୩୨ ଇଞ୍ଚର ଟିଭି ଜବତ କରିଛି। ସିଡିଏ ସେକ୍ଟର-୧୦ ଅଞ୍ଚଳରେ ରହୁଥିବା ବ୍ରହ୍ମାନନ୍ଦ ବେହେରାଙ୍କର ଟିଭି ମଙ୍ଗଳବାର ଚୋରି ହୋଇଥିଲା। ସେ ସନ୍ଧ୍ୟା ବେଳେ ବଜାରକୁ ଯାଇଥିବାବେଳେ କେହି ଦୁର୍ବୃତ୍ତ ତାଙ୍କ ଘରର କବାଟ ଭାଙ୍ଗି ଟିଭି ଚୋରି କରି ନେଇଥିଲେ। ବଜାରରୁ ଫେରି ସେ ଦେଖିବା ପରେ ସେ ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ.୧/୧୯) ରୁଜୁ କରିଥିଲା।

### ମଦ, ସ୍କୁଟି ଜବତ: ୨ ଗିରଫ

**ଖୁଣ୍ଟୁଣୀ, ୧୬।୧(ଡି.ଏନ୍.ଏ.):** ଦେଶୀମଦ ବିକ୍ରି କରିବା ଅଭିଯୋଗରେ ଗୁରୁଡିଝାଟିଆ ପୋଲିସ ୨ ଜଣଙ୍କୁ ବୁଧବାର ଗିରଫ କରିଛି। ସେମାନେ ହେଲେ ଖୁଣ୍ଟୁଣୀ ଥାନା ଅଧୀନ ଛେନାଖିଆ ନୂଆଗାଁ ଗ୍ରାମର କୁନା ସାହୁ ଓ ସୁକାନ୍ତ ସାହୁ। ସେମାନଙ୍କଠାରୁ ୩୦ ଲିଟର ମଦ ସହ ଦୁଇଟି ଆକ୍ଟିଭା ସ୍କୁଟି ଜବତ କରାଯାଇଛି। ଗୁରୁଡିଝାଟିଆ-ଛଅଗାଁ ରାସ୍ତାରେ କୁନା ଓ ସୁକାନ୍ତ ଆକ୍ଟିଭାରେ ମଦ ନେଇ ଯାଉଥିବା ଖବର ପାଇବା ପରେ ଥାନାଧିକାରୀ ବିଜୟ କୁମାର ବିସି ଚଢାଉ କରି ସେମାନଙ୍କୁ ଗିରଫ କରିଥିଲେ। ଏ ନେଇ ଥାନାରେ ଏକ ମାମଲା(ନଂ.୪/୧୯) ରୁଜୁ ହୋଇଛି।

### ବନ୍ଧୁମିଳନ କାର୍ଯ୍ୟକ୍ରମ

**ଫୁଲନଖରା, ୧୬।୧ (ଡି.ଏନ୍.ଏ.):** ଫୁଲନଖରାସ୍ଥିତ ଲକ୍ଷେଶ୍ୱର ହାଇସ୍କୁଲ ୧୯୯୪ ବ୍ୟାଚ୍‌ର ବନ୍ଧୁ ମିଳନ ଉତ୍ସବ ପାହାଳସ୍ଥିତ ନାରାୟଣୀ ଚଣ୍ଡୀପୀଠରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରସ୍ପର ମଧ୍ୟରେ ଭାବର ଆଦାନପ୍ରଦାନ ସହ ଗରିବ ପିଲାଙ୍କ ପଢିବା ପାଇଁ ସାହାଯ୍ୟ ଓ ସହଯୋଗ କରିବାକୁ ପୁରାତନ ଛାତ୍ରୀଛାତ୍ରମାନେ ନିଷ୍ପତ୍ତି ନେଇଥିଲେ। ଏହି ଉତ୍ସବରେ ସପନ ମହାନ୍ତି, ପ୍ରସନ୍ନ ବିଶ୍ୱାଳ, ସତ୍ୟଜିତ୍ ଦଳାଇ, ସୁକାନ୍ତ ସାହୁ, ଇପ୍‌ସିତା ମହାପାତ୍ର, ତପସ୍ୱିନୀ ଷଡଙ୍ଗୀ ଓ ସୁନନ୍ଦା ବେହେରାଙ୍କ ସମେତ ଶତାଧିକ ପୁରାତନ ଛାତ୍ରୀଛାତ୍ର ଯୋଗଦେଇଥିଲେ।

### ମା’ ଦୁର୍ଗା ମନ୍ଦିର ପ୍ରତିଷ୍ଠା ଉତ୍ସବ

**ଖୁଣ୍ଟୁଣୀ, ୧୬।୧(ଡି.ଏନ୍.ଏ.):** ଖୁଣ୍ଟୁଣୀ ଥାନା ଅଧୀନ ଡାଳଭାଗ ଗ୍ରାମରେ ବାର୍ଷିକ ଅନନ୍ତ ମହାଯଜ୍ଞ ଓ ମା’ ଦୁର୍ଗାଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ କଳସ ଶୋଭାଯାତ୍ରା, ସୂର୍ଯ୍ୟପୂଜା, ଗୋ’ ପୂଜା, ଷୋଡଶ ଉପଚାର ପୂଜା ଓ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ପୂର୍ଣ୍ଣାହୁତି ପୂର୍ବରୁ ମା’ଙ୍କ ମୂର୍ତ୍ତିକୁ ମନ୍ଦିର ପ୍ରବେଶ କରାଯାଇଥିଲା। ଏଥିରେ ବହୁସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

### କଟକ ଜିଲା ବିଜେଡି ନବନିଯୁକ୍ତ ସଭାପତିଙ୍କୁ ସମ୍ବର୍ଦ୍ଧନା

**କଟକ ଅଫିସ, ୧୬।୧:** ନିଖିଳ ଓଡ଼ିଶା ଭୂମିହୀନ ବସ୍ତିବାସିନ୍ଦା ମହାସଂଘ ପକ୍ଷରୁ ବୁଧବାର ବାରବାଟୀ-କଟକ ବିଧାୟକ ତଥା ନବନିଯୁକ୍ତ କଟକ ଜିଲା ବିଜେଡିର ନୂତନ ସଭାପତି ଦେବାଶିଷ ସାମନ୍ତରାୟଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । କଟକ ଜିଲାରେ ବିଜେଡିର ସାଙ୍ଗଠନିକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ଦଳୀୟ ସଙ୍ଗଠନକୁ ଅଧିକ କ୍ରିୟାଶୀଳ ଓ ଶକ୍ତିଶାଳୀ କରିବାରେ ସାମନ୍ତରାୟ ସକ୍ଷମ ବୋଲି ସଂଘ ପକ୍ଷରୁ ଆଶା କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜିଲା ସଭାପତି ଭାବେ ସାମନ୍ତରାୟଙ୍କୁ ଉକ୍ତ ଗୁରୁଦାୟିତ୍ୱ ଅର୍ପଣ କରିଛନ୍ତି। ନିଖିଳ ଓଡ଼ିଶା ଭୂମିହୀନ ବସ୍ତିବାସିନ୍ଦା ମହାସଂଘ ଆବାହକ ମହମ୍ମଦ ସକିଲ, ପ୍ରତିଷ୍ଠାତା ସଭାପତି ବିଜୟ ଓଝା, ସୁଜନ ଦାସ, ପ୍ରଫୁଲ୍ଲ କୁମାର ସାହୁ, ସମୀର ସାମନ୍ତରାୟ, ମିଥୁନ ବେହେରା, ପ୍ରଦୀପ ସାହୁ, ନିର୍ମଳ ସିଂ ପ୍ରମୁଖ ନବନିଯୁକ୍ତ ସଭାପତିଙ୍କୁ ପୁଷ୍ପମାଲ୍ୟ ଦେଇ ସମ୍ବର୍ଦ୍ଧିତ କରିଥିଲେ ।

# ତାଲିକାରେ ନାଁ ଅଛି, ମିଳୁନି ଫସଲ ବୀମା ରାଶି

■ଉପଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଚାଷୀ
■୭ ଦିନ ମଧ୍ୟରେ ନ ମିଳିଲେ ଜିଲା କୃଷି କାର୍ଯ୍ୟାଳୟ ଘେରାଉ ଚେତାବନୀ
■ଏକର ପିଛା ୩୬୦ ଟଙ୍କା ପ୍ରିମିୟମ ଦେଇ ଫସଲ ବୀମା କରାଇଥିଲେ

**ଆଠଗଡ,୧୬।୧(ସ୍ୱ.ପ୍ର.)**



ଉପଜିଲାପାଳଙ୍କୁ ଚାଷୀମାନେ ଦାବିପତ୍ର ଦେଉଛନ୍ତି।

କ୍ଷତିଗ୍ରସ୍ତ ତାଲିକାରେ ନାଁ ଥାଇ ବି ଫସଲ ବୀମା ନ ମଳିବାରୁ ଆଠଗଡ଼ ବ୍ଲକ ରାଧାଗୋବିନ୍ଦପୁର ପଞ୍ଚାୟତ ଅଧୀନ ରାଧାବଲ୍ଲଭପୁର ଗ୍ରାମର ୧୫ରୁ ଊର୍ଦ୍ଧ୍ୱ ଚାଷୀ ବୁଧବାର ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ତୁରନ୍ତ ବୀମାରାଶି ପ୍ରଦାନ କରିବାକୁ ଉପଜିଲାପାଳ ଅମୀୟ କୁମାର ସାହୁଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଯଦି ୭ ଦିନ ମଧ୍ୟରେ ବୀମାରାଶି ନ ମିଳେ ବାଧ୍ୟ ହୋଇ ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହ କାର୍ଯ୍ୟାଳୟକୁ ଅଚଳ କରିଦେବେ ବୋଲି ଚେତାବନୀ ଦେଇଛନ୍ତି।
ସେମାନେ ଦାବିପତ୍ରରେ ଦର୍ଶାଇଛନ୍ତି, ୨୦୧୭ରେ ସ୍ଥାନୀୟ ଜିଲା କୃଷି କାର୍ଯ୍ୟାଳୟ ଜରିଆରେ ଏକର ପିଛା ୩୬୦ ଟଙ୍କା ପ୍ରିମିୟମ ଦେଇ ଫସଲ ବୀମା କରାଇଥିଲେ। ସେହିବର୍ଷ ମରୁଡ଼ି ହେବାରୁ ବ୍ୟାପକ କ୍ଷତି ହୋଇଥିଲା। ରାଜ୍ୟ ସରକାର ମଧ୍ୟ କଟକ ଜିଲାକୁ ମରୁଡ଼ି ଘୋଷଣା କରିଥିଲେ। ଏହାପରେ ଚାଷୀଙ୍କୁ ବୀମା ରାଶି ସହାୟତା ପ୍ରଦାନ କରାଯାଇଥିଲା। ମାତ୍ର ଗ୍ରାମର ୧୫/୧୬ ଚାଷୀ ଏହାର ସହାୟତା ପାଇ ପାରିଲେ ନାହିଁ। କ୍ଷତିଗ୍ରସ୍ତ ତାଲିକାରେ ନାଁ ଥାଇ ମଧ୍ୟ ବୀମା ରାଶି ପାଇବାରୁ ବଞ୍ଚିତ ହେବାରୁ ସମ୍ପୃକ୍ତ ଚାଷୀ ସ୍ଥାନୀୟ ଜିଲା କୃଷି କାର୍ଯ୍ୟାଳୟକୁ ବାରମ୍ବାର ଦୌଡ଼ିଥିଲେ। ସେଠାରେ ଥିବା ଅଧିକାରୀ ସେମାନଙ୍କୁ ବୀମା ରାଶି ନ ମିଳିବାର କାରଣ କହିପାରି ନ ଥିଲେ। ଏହାପରେ ସମ୍ପୃକ୍ତ ଚାଷୀଙ୍କ ବ୍ୟାଙ୍କ ଜମାଖାତା ନଂ ଭୁଲ୍ ଥିବା ସହକାରୀ କୃଷି ଅଧିକାରୀ କହିଥିଲେ। ଫଳରେ ଚାଷୀମାନେ ତୁରନ୍ତ ବ୍ୟାଙ୍କ ଜମାଖାତାର ନକଲ ଦେଇଥିଲେ। ତେବେ ଏହି ଘଟଣାକୁ ୨ ମାସ ବିତିଯାଇଥିଲେ ମଧ୍ୟ ସେମାନେ ଅଦ୍ୟାବଧି ବୀମା ରାଶି ପାଇପାରିଲେ ନାହିଁ। ଏ ସମ୍ପର୍କରେ ସେମାନେ ସହକାରୀ କୃଷି ଅଧିକାରୀଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରିବା ପରେ ସମ୍ପୃକ୍ତ ଅଧିକାରୀ ଭୁବନେଶ୍ୱରସ୍ଥିତ ଘରୋଇ ବୀମା କମ୍ପାନୀ କାର୍ଯ୍ୟାଳୟକୁ ଯାଇ ବୁଝିବାକୁ ଚାଷୀମାନଙ୍କୁ ଜଣାଇଥିଲେ। ଏହାପରେ ଚାଷୀମାନେ ଉପଜିଲାପାଳ ସାହୁଙ୍କୁ ସାକ୍ଷାତ୍ କରି ଏ ସମ୍ପର୍କରେ ଜଣାଇଛନ୍ତି। ଉପଜିଲାପାଳ ସାହୁ ତୁରନ୍ତ ଜିଲା କୃଷି ଅଧିକାରୀ ପ୍ରଫୁଲ୍ଲ ମାଝୀଙ୍କ ସହ କଥା ହୋଇ ଏହାର ସାମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ମହେନ୍ଦ୍ର କୁମାର ସ୍ୱାଇଁ, ଗନ୍ଧର୍ବ ନାୟକ, ଚୈତନ୍ୟ ସେଠୀ, ଶଙ୍କର ସେଠୀ, ବିଜୟ କୁମାର ରାଉତ, ପ୍ରମୋଦ କୁମାର ସେଠୀ, ପର୍ଶୁରାମ ସେଠୀ, ରମେଶ ସାହୁ ଓ ଅକ୍ଷୟ କୁମାର ନାୟକ ପ୍ରମୁଖ କ୍ଷତିଗ୍ରସ୍ତ ଚାଷୀ ଉପଜିଲାପାଳଙ୍କୁ ଭେଟି ଦାବିପତ୍ର ଦେଇଥିଲେ।



କଟକ ଦିୱାନବଜାରସ୍ଥିତ ୟୁଥ ସ୍ପୋର୍ଟ୍ସ ଆସୋସିଏଶନର ବାର୍ଷିକ ଉତ୍ସବରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ମୁଁ ହିରୋ, ମୁଁ ଓଡ଼ିଶା କାର୍ଯ୍ୟକ୍ରମ

**ଫୁଲନଖରା, ୧୬।୧ (ଡି.ଏନ୍.ଏ.)**

ଆମଣ ପଞ୍ଚାୟତ ବିଜୁ ଯୁବବାହିନୀ ପକ୍ଷରୁ ମୁଁ ହିରୋ, ମୁଁ ଓଡ଼ିଶା କାର୍ଯ୍ୟକ୍ରମ ରବିବାର ଶାସୋଳ ଗ୍ରାମର ମା’ ସୁନାଦେଈଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଯୁବ ବାହିନୀ ସଭାପତି ଅମରେଶ ଦଳାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କଟକ ସଦର ବ୍ଲକ ବିଜେଡି ସଭାପତି ପ୍ରମୋଦ ମହାପାତ୍ର, ବ୍ଲକ ଉପାଧ୍ୟକ୍ଷ ବିଭୂତି ଭୂଷଣ ପରିଡା, ସରପଞ୍ଚ ପୁନାନନ୍ଦ ଭୋଇ, ସମିତି ସଭ୍ୟା ସୁଭାଶିନୀ ସେଠୀ, ଜିଲାପରିଷଦ ସଭ୍ୟ ବୀରବର ଲେଙ୍କା, ବିଜେଡି ସଭାନେତ୍ରୀ କବିତା ଦାଶ ଓ ବିପ୍ରଚରଣ ଭୋଳ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଜେଡିର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଯୁବ ବାହିନୀ ସମ୍ପାଦକ ସୁକାନ୍ତ ଭୋଇ ବିବରଣୀ ପାଠ କରିଥିଲେ। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ପ୍ରତିଭାଧାରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।




ସିଏମ୍‌ସି ୧୩ନଂ. ୱାର୍ଡ ଅଞ୍ଚଳରେ ବିପର୍ଯ୍ୟସ୍ତ ହୋଇପଡିଥିବା ପରିମଳ ବ୍ୟବସ୍ଥାକୁ ନେଇ ବୁଧବାର ସିଏମ୍‌ସି ଅଫିସ ସମ୍ମୁଖରେ ହିନ୍ଦୁ ସେନା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

## ବନ୍ଧୁମିଳନ, କବିତା ପାଠୋତ୍ସବ

**କଟକ ଅଫିସ, ୧୬।୧**

ସ୍ଥାନୀୟ ତଳତେଲେଙ୍ଗା ବଜାରସ୍ଥିତ ‘ଧ୍ରୁବତାରା’ର ମୁଖ୍ୟ କାର୍ଯ୍ୟାଳୟଠାରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡ. ଯୋଗମାୟା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବକୁ ସୁପ୍ରିମକୋର୍ଟର ଆଡଭୋକେଟ ପ୍ରସନ୍ନ ନନ୍ଦ ଉଦ୍‌ଘାଟନ କରି ଆମ ଓଡ଼ିଆ ଭାଷା ଓ ସଂସ୍କୃତିର ସୁରକ୍ଷା ପାଇଁ ସର୍ବଭାରତୀୟ ସ୍ତରରେ ଯେଉଁ ଉଦ୍ୟମ ଆରମ୍ଭ ହୋଇଛି, ସେଥିରେ ଉକ୍ତ ଅନୁଷ୍ଠାନ ମୁଖ୍ୟ ଭୂମିକା ନେବା ପାଇଁ ଆହ୍ୱାନ ଦେଇଛନ୍ତି। ମୁଖ୍ୟଅତିଥି ଭାବେ ଆକାଶବାଣୀର ପ୍ରାକ୍ତନ ନିର୍ଦ୍ଦେଶକ ପ୍ରସନଜିତ ମହାନ୍ତି ଧ୍ରୁବତାରା ପକ୍ଷରୁ ବର୍ଷ ବର୍ଷ ଧରି ସୁସଂଗଠିତ ଭାବରେ ଏହି କାର୍ଯ୍ୟକ୍ରମ ହୋଇ ଆସୁଥିବାରୁ ଧନ୍ୟବାଦ ଜଣାଇଥିଲେ। ଏହି ଅବସରରେ ନବବର୍ଷକୁ ସ୍ୱାଗତ ଜଣାଇ କବିତା ପାଠୋତ୍ସବ ଆୟୋଜନ କରାଯାଇଥିଲା। ଏଥିରେ ଲକ୍ଷ୍ମୀ ମିଶ୍ର, ପ୍ରସନଜିତ ମହାନ୍ତି, ଡ. ସ୍ମାରକ ରଞ୍ଜନ ମହାନ୍ତି, ଧ୍ରୁବଚରଣ ସାହୁ, ସ୍ୱର୍ଣ୍ଣଲତା ସିଂ ସାମନ୍ତ, ଭୁବନାନନ୍ଦ ମହାନ୍ତି, ନଦିଆ ବିହାରୀ ମହାନ୍ତି ପ୍ରମୁଖ କବିତା ପାଠ କରିଥିଲେ। ଏହାକୁ ଅମିତା ବେହେରା ପରିଚାଳନା କରିଥିଲେ।

## ଶିଶୁ-ସାହିତ୍ୟ ଲେଖକ ସମ୍ମେଳନର କବିତା ପାଠୋତ୍ସବ

**କଟକ ଅଫିସ, ୧୬।୧**

ଶିଶୁ-ସାହିତ୍ୟ ଲେଖକ ସମ୍ମେଳନ ପକ୍ଷରୁ ବନ୍ଧୁମିଳନ ଓ କବିତା ପାଠୋତ୍ସବ ଖାନ୍‌ନଗର ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଉପସଭାପତି ଅଧ୍ୟାପକ ଆଦିତ୍ୟ ପ୍ରତାପ ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଆୟୋଜିତ କବିତା ପାଠୋତ୍ସବକୁ ପ୍ରମୋଦ ପରିଡା ଓ ସରୋଜିନୀ ମିଶ୍ର ସଂଯୋଜନା କରିଥିଲେ। ଉତ୍ସବରେ ଅନୁଷ୍ଠାନର ସାଙ୍ଗଠନିକ ଦିଗ ସମ୍ପର୍କରେ ସୁକାନ୍ତି ମହାନ୍ତି, ମନୋରଞ୍ଜନ ମିଶ୍ର, ରବୀନ୍ଦ୍ର ବେହେରା, ସୁଷମା ରାଉତ ଓ ଶରତ ଚନ୍ଦ୍ର ମହାନ୍ତି ଅଲୋଚନା କରିଥିଲେ। ଅନୁଷ୍ଠାନର ବାର୍ଷିକ ଉତ୍ସବ ମାର୍ଚ୍ଚ ମାସର ଦ୍ୱିତୀୟ ବା ତୃତୀୟ ସପ୍ତାହରେ ଅନୁଷ୍ଠିତ ହେବ ଏବଂ ଏହି ଅବସରରେ ମୁଖପତ୍ର କିଶଳୟ ପ୍ରକାଶ ପାଇବାକୁ ସ୍ଥିର କରାଯାଇଛି। ଚନ୍ଦ୍ରଶେଖର ମହାନ୍ତି ଧନ୍ୟବାଦ ଦେଇଥିଲେ।

## ସିଦ୍ଧେଶ୍ୱର ସାହି ପୂଜା କମିଟିର ନୂତନ କର୍ମକର୍ତ୍ତା

**କଟକ ଅଫିସ,୧୬।୧**

ମା’ ହରିପୋଲେଇ ମହିଳା ସମିତି ଓ ସିଦ୍ଧେଶ୍ୱର ସାହିର ଯୁବକ ସଂଘ, ସାହିବାସିନ୍ଦାଙ୍କ ଉପସ୍ଥିତିରେ ମଙ୍ଗଳବାର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ପୂର୍ବତନ ସଭାପତି ପ୍ରଫୁଲ୍ଲ ମହାପାତ୍ରଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ସିଦ୍ଧେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାହିର ସମସ୍ତ ମୁରବୀ ଉପସ୍ଥିତ ଥିଲେ। ସଭାପତି ଭାବେ ଦେବାଶିଷ ଘୋଷ, ଉପସଭାପତି ଅରୁଣ କୁମାର ବେହେରା ଓ ପ୍ରଭାକର ସାମଲ, ସାଧାରଣ ସମ୍ପାଦକ ଭାବେ କଲ୍ୟାଣ ରାୟଚୌଧୁରୀ, ସହ ସମ୍ପାଦକ ଭାବେ ଦିଲୀପ ସିଂ, କୋଷାଧ୍ୟକ୍ଷ ଭାବେ ସନ୍ତୋଷ ଦାସ, ଉପଦେଷ୍ଟା ଭାବେ ପ୍ରଭାତ କୁମାର ପଣ୍ଡା ଓ ସୟଦ ମୁସରଫ ଅଲ୍ଲୀଙ୍କୁ ଚୟନ କରାଯାଇଛି। ପୂର୍ବତନ ସମ୍ପାଦକ ଶତ୍ରୁଘ୍ନ ବେହେରା ଧନ୍ୟବାଦ ଦେଇଥିଲେ।

## ଅନ୍ତ୍ୟୋଦୟ କାର୍ଡ ବଣ୍ଟନକୁ ନେଇ ବିବାଦ

**କଟକ ସଦର, ୧୬।୧(ଡି.ଏନ୍.ଏ.)**

୨୦୧୭-୧୮ ଆର୍ଥିକ ବର୍ଷରେ ୨୦ ଜଣଙ୍କୁ ନୂଆ ଅନ୍ତ୍ୟୋଦୟ କାର୍ଡ ବଣ୍ଟନ କରାଯାଇଛି। ଏହି କାର୍ଡଧାରୀମାନେ ଏକକ(ଜଣିକିଆ) ବ୍ୟକ୍ତି ଅଟନ୍ତି। ଗୋଟିଏ ପରିବାରକୁ ଅନ୍ତ୍ୟୋଦୟ ଯୋଜନାରେ ସାମିଲ କରାଯାଇ ୩୫ କି.ଗ୍ରା ଚାଉଳ ଦିଆଯିବା ପାଇଁ ସରକାରୀ ନିୟମ ରହିଥିଲେ ମଧ୍ୟ ଏଠାରେ ଜଣିକିଆ ବ୍ୟକ୍ତିଙ୍କୁ କାର୍ଡ ଦିଆଯାଇଥିବାରୁ ବିବାଦ ଦେଖାଦେଇଛି। କାରଣ ଖାଦ୍ୟ ନିରାପତ୍ତା ଯୋଜନାରେ ମୁଣ୍ଡପିଛା ୫ କି.ଗ୍ରା. ଚାଉଳ ମିଳୁଥିବାବେଳେ ଅନ୍ତ୍ୟୋଦୟ କାର୍ଡ ମାଧ୍ୟମରେ ସମ୍ପୃକ୍ତ ୩୫ କି.ଗ୍ରା. ଚାଉଳ ପାଉଛନ୍ତି। ଏଭଳି ପକ୍ଷପାତ ନୀତିକୁ ନେଇ ଅନେକ ଲୋକ ଯୋଗାଣ ବିଭାଗ ନିକଟରେ ଅଭିଯୋଗ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଆମ ରାଜ୍ୟରେ ୨୦୧୫ ଡିସେମ୍ବର ମାସରୁ ଜାତୀୟ ଖାଦ୍ୟ ନିରାପତ୍ତା ଆଇନ ଲାଗୁ କରାଯାଇଥିଲା। ଏଥିରେ ଲାଭବାନ ହେଉଥିବା ପରିବାର ସଦସ୍ୟଙ୍କୁ ମୁଣ୍ଡପିଛା ୫ କି.ଗ୍ରା. ଚାଉଳ ଅଥବା ଗହମ ମିଳିବ। ଏହି ସମୟରେ ପୁରୁଣା ଅନ୍ତ୍ୟୋଦୟ କାର୍ଡଗୁଡିକୁ ରଦ୍ଦ କରାଯାଇ ହିତାଧିକାରୀଙ୍କୁ ନୂଆ କାର୍ଡ ଦିଆଗଲା। ଏହି କାର୍ଡ ବଣ୍ଟନବେଳେ ଏକକ ବ୍ୟକ୍ତିମାନଙ୍କୁ ମଧ୍ୟ ଅନ୍ତ୍ୟୋଦୟ କାର୍ଡରେ ସାମିଲ କରାଯାଇଛି। ସାଧାରଣ ଲୋକଙ୍କ ଭଳି ଏମାନେ ମଧ୍ୟ ୫ କି.ଗ୍ରା. ଚାଉଳ ପାଇବା କଥା। ରାଜନୈତିକ ଦୃଷ୍ଟିକୋଣରୁ ଜଣେ ଲୋକଙ୍କୁ ଏତେ ପରିମାଣର ଚାଉଳ ଦିଆଯିବା ଘଟଣା ବିବାଦର ମୁଖ୍ୟ କାରଣ ବୋଲି ଜଣାପଡିଛି। ଏ ସମ୍ପର୍କରେ କଟକ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ମଧ୍ୟ ଅଭିଯୋଗ ହୋଇସାରିଛି। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ଅମର ମହାପାତ୍ରଙ୍କୁ ପଚାରିବାରୁ ଏହା ତଦନ୍ତ ସାପେକ୍ଷ ବୋଲି କହିଥିଲେ। ରାଜ୍ୟ ଖାଦ୍ୟ ଯୋଗାଣ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

**ଚୌଦ୍ୱାର, ୧୬।୧(ଡି.ଏନ୍.ଏ.)**

ଟାଙ୍ଗୀ-ଚୌଦ୍ୱାର ବ୍ଲକ କଖଡି ପଞ୍ଚାୟତସ୍ଥିତ ବିଦ୍ୟାଧରପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ମଙ୍ଗଳବାର ବିଦ୍ୟାଳୟ ଖେଳପଡିଆରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଜୟ କୁମାର ମୁଦୁଲିଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟଅତିଥିଭାବେ ଯୋଗଦେଇ କ୍ରୀଡା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବା ସହିତ ବିଦ୍ୟାଳୟର ବିଭିନ୍ନ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ଅନ୍ୟ ଅତିଥି ଭାବେ ସିଆରସିସି ତ୍ରିଲୋଚନ ରାଉତ, ସରପଞ୍ଚ ଶାନ୍ତିପ୍ରିୟା ମହାନ୍ତି, ପ୍ରଧାନଶିକ୍ଷକ କିଶୋର କୁମାର ବେହେରା, ରଞ୍ଜନ ସାହୁ, ଅଜୟ ମୁଦୁଲି, ପ୍ରଫୁଲ କୁମାର ମୁଦୁଲି, ଫକୀର ଚରଣ ସ୍ୱାଇଁ, ବେଣୁଧର ମହାନ୍ତି, ମେଘନାଦ ରାଉତ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଗୀତିକାର ଗଗନ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବତନ ସରପଞ୍ଚ ସୁଶାନ୍ତ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

## ଗୋସ୍ୱାମୀ ବାହୁଡା ଦାସଙ୍କ ଶ୍ରାଦ୍ଧ ବାର୍ଷିକ ମହୋତ୍ସବ

**ଫୁଲନଖରା, ୧୬।୧ (ଡି.ଏନ୍.ଏ.)**

କୁରାଙ୍ଗପ୍ରଧାନ ପଞ୍ଚାୟତ ଅଧୀନ ବ୍ରାହ୍ମଣଝରିଲୋ କୁଶକଣ୍ଟାସ୍ଥିତ ଗୋସ୍ୱାମୀ ବାହୁଡା ଦାସ ଗାଦିପୀଠରେ ବାହୁଡା ଦାସଙ୍କ ଶ୍ରାଦ୍ଧ ବାର୍ଷିକ ମହୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। କଟକ ସଦର, ବାରଙ୍ଗ, କଣ୍ଟାପଡା, ନିଆଳି, ୪୨ ମୌଜା, ବାଲିଅନ୍ତା, ବିରିଡି, ଜଗତ୍‌ସିଂହପୁର, ଖୋର୍ଦ୍ଧା, ନିଆଳି ଓ କାକଟପୁର ଅଞ୍ଚଳର ଶ୍ରଦ୍ଧାଳୁମାନେ ଉକ୍ତ ଗାଦିପୀଠରେ ପହଞ୍ଚି ପୂଜାର୍ଚ୍ଚନା କରିଥିଲେ। ସାମାଜିକ କର୍ମୀ ଗଣେଶ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମହନ୍ତ ଦିବାକର ଦାସ, ବ୍ରହ୍ମାନନ୍ଦ ଦାସ, ସୁକଦେବ ଦାସ, ନାରାୟଣ ଦାସ, ମନମୋହନ ଦାସ, ଅନାମ ଦାସ, ହରେକୃଷ୍ଣ ଦାସ, ବାବୁଲି ଦାସ ଓ ପୂଜକ ମନ୍ଦରଧର ଦାସ ଯୋଗଦେଇ ଗୋସ୍ୱାମୀ ବାହୁଡା ଦାସଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ।

■ ନେତାଜୀ ଜନ୍ମପୀଠ ସଂଗ୍ରହାଳୟ ଟ୍ରଷ୍ଟର କାର୍ଯ୍ୟକାରୀ କମିଟି ବୈଠକ

## ଖୁବ୍‌ଶୀଘ୍ର ପ୍ରକାଶ ପାଇବ ‘ନେତାଜୀ ଓ ଓଡ଼ିଶା’ ପୁସ୍ତକ

**କଟକ ଅଫିସ, ୧୬।୧**



ବୈଠକରେ ଉପସ୍ଥିତ ବିଭିନ୍ନ ବିଭାଗର ଅଧିକାରୀ।

‘ନେତାଜୀ ଓ ଓଡିଶା’ ପୁସ୍ତକ ଖୁବ୍‌ଶୀଘ୍ର ପ୍ରକାଶ ପାଇବ। ପୁରାତନ ଗ୍ୟାଲେରୀର ରକ୍ଷଣାବେକ୍ଷଣ, ନେତାଜୀଙ୍କ ଜୀବନୀ ସମ୍ପର୍କିତ ଚିତ୍ରକଳା ପ୍ରଦର୍ଶନୀ, ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ ଓ ବିକ୍ରୟ କରିବା ପାଇଁ ଟୋପି, କଲମ ଆଦି ପ୍ରସ୍ତୁତ କରାଯିବ। ବ୍ୟାଖ୍ୟାନ କେନ୍ଦ୍ରର ଗ୍ୟାଲେରୀ ୧୧ ଓ ୧୨ର ନବୀକରଣ ସହିତ ଆସନ୍ତା ୨୨ତାରିଖ ସୁଦ୍ଧା ନେତାଜୀଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ଷ୍ଟିଲ ପାହାଚ ବ୍ୟବସ୍ଥା କରାଯିବ। ୧୦ ନଂ. ଗ୍ୟାଲେରୀର ପ୍ୟାନେଲିଂ ବ୍ୟବସ୍ଥା କରାଯିବା ପରେ ଆସନ୍ତା ୨୩ ତାରିଖ ନେତାଜୀ ଜୟନ୍ତୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେବେ। ଏ ନେଇ ବୁଧବାର ସ୍ଥାନୀୟ ଓଡିଆ ବଜାରସ୍ଥିତ ନେତାଜୀ ଜନ୍ମପୀଠ ସଂଗ୍ରହାଳୟ ଟ୍ରଷ୍ଟଠାରେ ଅନୁଷ୍ଠିତ କାର୍ଯ୍ୟକାରୀ କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ରାଜ୍ୟ ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ବୈଠକରେ ଅଧ୍ୟକ୍ଷତା କରିଥିଲେ। ସଂସ୍କୃତି ବିଭାଗ ନିର୍ଦ୍ଦେଶକ ବିଜୟ କୁମାର ନାୟକ, ସିଏମ୍‌ସି କମିଶନର ଶରତ ଚନ୍ଦ୍ର ନାୟକ, ପିଡି ଡିଆରଡିଏ ସରୋଜକାନ୍ତ ମହାନ୍ତି, ନେତାଜୀ ଜନ୍ମପୀଠ ସଂଗ୍ରହାଳୟ ଟ୍ରଷ୍ଟ ସମ୍ପାଦକ ସଂଘମିତ୍ରା ଶତପଥୀ, ସିନିୟର କ୍ୟୁରେଟର ଅଶ୍ୱିନୀ କୁମାର ଶତପଥୀ, ମ୍ୟୁଜିୟମ ତତ୍ତ୍ୱାବଧାରକ ଜେ.ପି. ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।



କଟକ ବଳଭଦ୍ରପୁରସ୍ଥିତ ମଦନମୋହନଜୀଉ ମନ୍ଦିର ନୂତନ ବିଗ୍ରହ ପ୍ରତିଷ୍ଠା ଅବସରରେ ବୁଧବାର ଯୋବ୍ରା ମହାନଦୀ ତଟରୁ ପୂଜାସ୍ଥଳକୁ ବାହାରିଥିବା ମହିଳାଙ୍କ କଳସ ଶୋଭାଯାତ୍ରା।




କଟକ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପରିସରରେ ବୁଧବାର ଆଇଟି କ୍ୟୁଓସ୍କ ମେଶିନ୍ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ପରିବହନ କମିଶନର ସଞ୍ଜୀବ ପଣ୍ଡା, ଜିଲାପାଳ ଅରବିନ୍ଦ ଅଗ୍ରୱାଲ ଓ ଅନ୍ୟ ଅତିଥିବୃନ୍ଦ।



ଭଗବାନଙ୍କ ପ୍ରତି ଅଖଣ୍ଡ ବିଶ୍ୱାସରୁ ଯେଉଁ ସୁଖ ମିଳେ, ସେ ସୁଖ ଅନ୍ୟ କେଉଁଠି ମିଳେନାହିଁ।

- ଭଲଟାୟର



## ସଂକ୍ଷେପରେ

### କାର ସହ ଅଟୋ ଧକ୍କା : ଜଣେ ମୃତ, ୩ ଗୁରୁତର

**ଖୋର୍ଦ୍ଧା ଅଫିସ,୧୬।୧-** ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ପୁବୁସାହିଠାରେ ବୁଧବାର ରାତି ସାଢ଼େ ୯ ଟାରେ କାର ସହ ଅଟୋ ଧକ୍କାରେ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଥିବାବେଳେ ୩ଜଣ ଆହତ ହୋଇଛନ୍ତି। ମୃତ ଶ୍ରମିକ ହେଲେ ବିଶ୍ୱନାଥ ସ୍ୱାଇଁ (୩୯)। ଘର ବଡବେରଣା ଗାଁରେ। ଆହତମାନଙ୍କୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଗୁରୁବାର ବିଶ୍ୱନାଥଙ୍କ ମୃତଦେହକୁ ବ୍ୟବଚ୍ଛେଦ କରାଯିବ। ଦୁର୍ଘଟଣାର କାରଣ ଜଣାପଡିନି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଖୋର୍ଦ୍ଧା ଆଦର୍ଶ ଥାନାରେ ଅଭିଯୋଗ ନାହିଁ। ତେବେ ପୋଲିସ ନିଜ ଆଡୁ ତଦନ୍ତ କରି ଦୁର୍ଘଟଣାଗ୍ରସ୍ତ ଦୁଇଗାଡିକୁ ଜବତ କରିଛି।

### ଠଣାପଲ୍ଲୀରେ ଭାଗବତ ମେଳା

**ଖୋର୍ଦ୍ଧା ଅଫିସ,୧୬।୧-** ବୋଲଗଡ ବ୍ଲକ ଠଣାପଲ୍ଲୀରେ ମା' ସିଂହବାହିନୀ କାଳିକା ଭାଗବତ ମଣ୍ଡଳୀ ପକ୍ଷରୁ ଭାଗବତ ମେଳା ଉତ୍ସବ ମା' କାଳିକାଙ୍କ ବିଜେ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୮ଟି ଭଗବତ ମଣ୍ଡଳ ଯୋଗ ଦେଇଥିଲେ। ଉତ୍ତମମାନର ସ୍ୱର ସଙ୍ଗୀତ ପରିବେଷଣ ପାଇଁ ଫତେଗଡ ଦଳକୁ ପୁରସ୍କୃତ କରାଯାଇଛି। ସେହିପରି ବାଦ୍ୟ ପରିବେଷଣ କ୍ଷେତ୍ରରେ ମହୁଲିଆ ଦଳ ଅନୁରୂପ ଭାବେ ପୁରସ୍କୃତ ହୋଇଛନ୍ତି। ଏଥିରେ ସ୍ଥାନୀୟ ଧଳାପଥର ସରପଞ୍ଚ ଶାନ୍ତିଲତା ସୁବୁଦ୍ଧି, ବୋଲଗଡ ବ୍ଲକ ଅଧକ୍ଷ ଗୋପାଳ ଚରଣ ବେହେରା, ବିଡିଓ ମଧୁସୂଦନ ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

### ଯୋଗକେନ୍ଦ୍ରର ବାର୍ଷିକୋତ୍ସବ

**ଖୋର୍ଦ୍ଧା ଅଫିସ,୧୬।୧-** ଖୋର୍ଦ୍ଧା ନିକଟସ୍ଥ ଜାଗୁଳେଇପାଟଣାର ପୂର୍ଣ୍ଣ ବିଗ୍ରହ ଶ୍ରୀଶ୍ରୀ ଅନନ୍ତ ପୁରୁଷୋତ୍ତମ ଦେବଙ୍କ କ୍ଷେତ୍ର ପରିସରରେ ହଲିଷ୍ଟିକ ଯୋଗକେନ୍ଦ୍ରର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରତ ସ୍ୱାଭିମାନ ଜିଲା ପ୍ରଭାରୀ ଶୀଧର ବାରିକ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ମହିଳା ପ୍ରଭାରୀ ସୁଜାତା ବେହେରା, ବୀରବର ବିଶ୍ୱାଳ, ସୀତାକାନ୍ତ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଲଳିତ ସ୍ୱାଇଁ ଓ ନଗେନ୍ଦ୍ର ଚମ୍ପତି ଏହାର ପରିଚାଳନା କରିଥିଲେ।

### ଶ୍ରୀବତ୍ସ ସ୍ମାରକୀ ଫୁଟବଲ, କିଶୋର କ୍ଲବ ବିଜୟୀ

**ଜଟଣୀ, ୧୬।୧(ଡି.ଏନ.ଏ.)-** ଜଟଣୀ ଛଣଘର କୁଶମାଟିରେ ଚାଲିଥିବା ଶ୍ରୀବତ୍ସ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟରେ ବୁଧବାର କ୍ୱାର୍ଟର ଫାଇନାଲ ମ୍ୟାଚରେ ଢେଙ୍କାନାଳର ପପୁଲାର କ୍ଲବକୁ ୧-୦ ସଡନ୍ ଡେଥ୍‌ରେ ପରାସ୍ତ କରି ଭୁବନେଶ୍ୱରର କିଶୋର କ୍ଲବ ସେମିଫାଇନାଲରେ ପ୍ରବେଶ କରିଛି। ନିର୍ଦ୍ଧାରିତ ସମୟରେ ଉଭୟ ଦଳ ପରସ୍ପରକୁ ଗୋଟିଏ ଲେଖାଏ ଗୋଲ୍ କରିବାରୁ ମ୍ୟାଚ୍ ସମାନ ସ୍ତରରେ ରହିଥିଲା। ପରେ ଟ୍ରାଇବ୍ରେକର ମାଧମରେ ଉଭୟ ଦଳ ପରସ୍ପରକୁ ୪ଟି ଲେଖାଏ ଗୋଲ କରିବାରୁ ସଡନ୍ ଡେଥ୍ ପଦ୍ଧତି ଅବଲମ୍ବନ କରାଯାଇଥିଲା। କିଶୋର କ୍ଲବର ପପୁ ମାଝି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଦୁର୍ଗା ଆଚାର୍ଯ୍ୟ ରେଫ୍‌ରି ରହିଥିବାବେଳେ ରାମଚନ୍ଦ୍ର ମିଶ୍ର ଓ ଅବିନାଶ ପଟ୍ଟନାୟକ ଲାଇନ୍‌ରେ ସହାୟତା କରିଥିଲେ। ଗୁରୁବାର ସ୍ପୋର୍ଟସ୍ ହଷ୍ଟେଲ (ସମ୍ବଲପୁର) ଓ ଫ୍ରେଣ୍ଡ ପାରାଡାଇଜଡ ମଧରେ ମ୍ୟାଚ ଅନୁଷ୍ଠିତ ହେବ।

### ବାଉତୀ ଦେବୀଙ୍କ ପୀଠରେ ନାମ ଓ ଯଜ୍ଞ



**ବେଗୁନିଆ,୧୬।୧ (ଡି.ଏନ.ଏ.)-** ବେଗୁନିଆ ବ୍ଲକ ସିକୋଗ୍ରାମ ସ୍ଥିତ ମା' ବାଉତୀ ଦେବୀଙ୍କ ପୀଠ ପରିସର ୨ ଦିନ ହେଲା ଚଳଚଞ୍ଚଳ ହୋଇଥିଲା। ଶ୍ରଦ୍ଧାଳୁମାନଙ୍କ ପକ୍ଷରୁ ଅନୁଷ୍ଠିତ ନାମ ଓ ଯଜ୍ଞ କାର୍ଯ୍ୟକ୍ରମ କରାଯାଇଥିଲା। ଯଜ୍ଞ କାର୍ଯ୍ୟକ୍ରମର ବିଧି ମୁତାବକ କଳସ ଶୋଭାଯାତ୍ରା, ଶାଳାମଣ୍ଡନ, ସୂର୍ଯ୍ୟପୂଜା, ଗୋପୂଜା ଓ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ପର୍ଯ୍ୟାୟକ୍ରମେ ଅନୁଷ୍ଠିତ ହୋଇଥିଲା। ଯଜ୍ଞ କର୍ମ ଜଗନ୍ନାଥ ମିଶ୍ର, ପୂର୍ଣ୍ଣଚନ୍ଦ୍ର ଆଚାର୍ଯ୍ୟ କରିଥିଲେ। ରବିନାରାୟଣ ଚମ୍ପତି ଓ ଭବାନୀ ଚମ୍ପତିଙ୍କ ପରିଚାଳନାରେ ଅନୁଷ୍ଠିତ ନାମଯଜ୍ଞରେ ସ୍ଥାନୀୟ ଅଞ୍ଚଳର ଶ୍ରଦ୍ଧାଳୁମାନେ ଯୋଗ ଦେଇଥିଲେ।

## ୬ ବର୍ଷର ସଂଗ୍ରାମ ପରେ ମିଳିଲା ସଫଳତା

# ଘରେ ଜଳିଲା ବିଜୁଳିବତି

**ଖୋର୍ଦ୍ଧା ଅଫିସ,୧୬।୧**

ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକ ଅଙ୍ଗାରପଡା ପଞ୍ଚାୟତ ପଳାସପୁର ଗାଁର ବିପିଏଲ ଓ ନନ ବିପିଏଲ ପରିବାରର ୬ ବର୍ଷର ସଂଗ୍ରାମ ପରେ ଘରେ ବିଜୁଳିବତି ଜଳିଛି। ଏଠାରେ ଆଦିବାସୀ ଓ କୁମ୍ଭାର ସମ୍ପ୍ରଦାୟର ବାସିନ୍ଦାମାନେ ବିଦ୍ୟୁତ୍ ଆଲୋକ ଦେଖିଛନ୍ତି।

ପଳାସପୁରର ମଝିସାହି, ଆଦିବାସୀସାହି, କୁମ୍ଭାରସାହି, ବେହେରାସାହି ଓ ଟାଙ୍ଗୀ ବେହେରାସାହିର ୩୨ ବିପିଏଲ ଓ ୧୬୬ ନନ ବିପିଏଲ ଏପରି ୧୯୮ ପରିବାର ବର୍ଷ ବର୍ଷ ଧରି ଅନ୍ଧାରରେ ରହୁଥିଲେ। କୁମ୍ଭାରସାହିରେ ୧୨ ଓ ଆଦିବାସୀ ସାହିରେ ୫୪ ପରିବାରଙ୍କ ଘରେ ୨୦୧୩ ରେ ଆଗୁଆ କିଟ୍ ଝୁଲାଇ ଦିଆଯାଇଥିଲା। ହେଲେ ଉଭୟସାହିରେ ଖୁଣ୍ଟ କି ତାର ଟଣା ଯାଇ ନ ଥିଲା। ତେବେ ପଞ୍ଚାୟତ ନିର୍ବାଚନ ପୂର୍ବରୁ ୨୦୧୭ ଜାନୁୟାରୀରେ ତରବରିଆ ଭାବେ ଖୁଣ୍ଟ ପକାଯାଇଥିଲା। ପରେ ଆଉ ଗାତ ଖୋଳା ଗଲାନି କି ଖୁଣ୍ଟ ପୋତାଯିବାର ବ୍ୟବସ୍ଥା କରାଗଲାନାହିଁ। ସେହିଭଳି ୨୦୧୩ରୁ ମଝିସାହିରେ ଖୁଣ୍ଟ



ପଳାସପୁର ଗାଁରେ ଜଣେ ବ୍ୟକ୍ତିଙ୍କ ଘରେ ବିଦ୍ୟୁତ୍ ବଲବ୍ ଜଳୁଛି।

ପୋତା ହୋଇ ତାର ଟଣା ହୋଇଥିଲା। ୪ ବର୍ଷ ଅତିକ୍ରମ ପରେ ବି ବିଦ୍ୟୁତ ସଂଯୋଗ ଦିଆଗଲା ନାହିଁ। ବିଦ୍ୟୁତ୍ ଉପକରଣଗୁଡିକ ଅବ୍ୟବହୃତ କାରଣରୁ ନଷ୍ଟ ହୋଇଗଲା। ତେବେ ରାଜୀବ ଗାନ୍ଧୀ ବିଦ୍ୟୁତ୍ କରଣ ସ୍କିମ ଶେଷ ହୋଇଯାଇଛି ଦର୍ଶାଇ ଅଧାପନ୍ତରିଆ କାର୍ଯ୍ୟକୁ ଶେଷ କରାଯିବାରେ ଅଧିକ ବିଳମ୍ବ କରାଯାଇଥିଲା। ପରେ ଦୀନ ଦୟାଲ ବିଦ୍ୟୁତୀକରଣ ଯୋଜନାରେ ସାମିଲ କରାଗଲା ପରେ ବି ଅବହେଳା କରାଗଲା। ଖୁଣ୍ଟରୁ ସର୍ଭିସ ତାର ଟାଣି ଘରକୁ ଦେଇ ବିଦ୍ୟୁତ୍ ସଂଯୋଗ କରିବାକୁ ପୁଣି ଟାଳଟୁଳ ନୀତି ଅବଲମ୍ବନ କରାଯାଇଥିଲା। ଏପରି କି ବିଦ୍ୟୁତ୍ ସଂଯୋଗ ଦେବାକୁ ସେସୁର ମୁଖ୍ୟ କାର୍ଯ୍ୟାଳୟରୁ ଜଟଣୀ ସବ୍‌ଡିଭିଜନକୁ ୨୦୧୮ ନଭେମ୍ବର ୧ରୁ ଚିଠି ଆସିଥିଲେ ମଧ୍ୟ ଅଣଦେଖା କରାଯାଇଥିଲା। ଏ ନେଇ ଆଦିବାସୀ ସାହିର ପୂର୍ଣ୍ଣଚନ୍ଦ୍ର ବେହେରା କୁହନ୍ତି, ବିଦ୍ୟୁତ୍‌କରଣ କାର୍ଯ୍ୟରେ କଚ୍ଛପଗତିକୁ ଦେଖି ମୋ ପରି ଆଦିବାସୀ ଲୋକ ଜୀବଦଶାରେ ଘରେ ବିଜୁଳି ଆଲୁଅ ଜଳିବ ବୋଲି ଭାବି ନ ଥିଲେ। ଯାହା ହେଉ 'ଧରିତ୍ରୀ' ଯୋଗୁ ଏହା ସମ୍ଭବ ହୋଇ ପାରିଲା। ଅନ୍ୟପକ୍ଷେ ଏଥିପାଇଁ ସରପଞ୍ଚ, ବିଦ୍ୟୁତ୍ ବିଭାଗ, ଜିଲା ପ୍ରଶାସନଙ୍କୁ ଅନୁରୂପ ଧନ୍ୟବାଦ। ମଝିସାହିର କୀର୍ତ୍ତିରଞ୍ଜନ ମହାପାତ୍ର କୁହନ୍ତି, ଜିଲା ସଦର ମହକୁମାଠାରୁ ୧୨ କିମି ଓ ଜଟଣୀ ବ୍ଲକ କାର୍ଯ୍ୟାଳୟରୁ ୧୬ କିମି ଦୂରରେ ପଳାସପୁର ଗାଁ ରହିଛି। ଏଠାର ୧୯୮ ଆଦିବାସୀ ଓ କୁମ୍ଭାର ସମ୍ପ୍ରଦାୟର ପରିବାର ବହୁଦିନ ପରି ଅନ୍ଧାରରେ ରହୁଥିଲେ। ଏ ନେଇ 'ଧରିତ୍ରୀ'ରେ ବାରମ୍ବାର ଖବର ପରିବେଷଣ ଯୋଗୁ ଗାଁ ଲୋକଙ୍କ ଘର ଅନ୍ଧାର ହଟି ବିଜୁଳିବତି ଜଳିଛି। ଅଙ୍ଗାରପଡା ସରପଞ୍ଚ ଅମୀୟ ସ୍ୱାଇଁ କୁହନ୍ତି, ୧୯୮ ପରିବାରରୁ ମାତ୍ର ୫ ପରିବାର ବାଦ୍ ପଡିଛନ୍ତି। ସେମାନଙ୍କର କିଛି ସମସ୍ୟା କାରଣରୁ ଘରେ ବିଜୁଳିବତି ଜଳିନି। ତେବେ ଏହି ପରିବାର ମଧ ଖୁବ୍‌ଶୀଘ୍ର ବିଦ୍ୟୁତ୍ ନେବାକୁ ଯାଉଛନ୍ତି।

## କାଠଫାଳିଆରେ ପିଟି ମହିଳାଙ୍କୁ ହତ୍ୟା ଘଟଣା

# ମୁଖ୍ୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

**ବେଗୁନିଆ/ ବୋଲଗଡ, ୧୬।୧(ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ବୋଲଗଡ ବ୍ଲକ ବାଙ୍କପଲୀ ଗ୍ରାମରେ ମଙ୍ଗଳବାର ସକାଳୁ ଏକ ଅଭାବନୀୟ ଘଟଣା ଘଟିଥିଲା। ସଂଘବଦ୍ଧ ଭାବେ ଜଣେ ମହିଳାଙ୍କୁ କାଠଫାଳିଆରେ ପିଟି ପିଟି ଅତି ବୀଭତ୍ସ ଭାବେ ହତ୍ୟା କରାଯାଇଥିବା ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ପୋଲିସ ଦଫା ୨୯୪, ୩୦୨, ୩୦୭, ୫୦୬, ୩୪ ଆଇପିସିରେ ନଂ. ୧୨/୧୯ରେ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା। ଏହି ଘଟଣାରେ ୨ ଜଣଙ୍କୁ ଅଟକ ରଖି ପଚରାଉଚୁରା ଜାରି ରଖିଥିଲା। ପ୍ରମାଣ ପାଇ ମୁଖ୍ୟ ଅଭିଯୁକ୍ତ ଭାବେ ସୁରେଶ ପ୍ରଧାନଙ୍କୁ ବୁଧବାର ଗିରଫ କରି ଖୋର୍ଦ୍ଧା ଏସ୍‌ଡିଜେମ କୋର୍ଟ ଚାଲାଣ କରିଛି। ହେଲେ ତାଙ୍କର ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି ବୋଲି ପୋଲିସ ସୂତ୍ରରୁ ପ୍ରକାଶ।

ପୋଲିସ ସୂତ୍ରରୁ ପ୍ରକାଶ, ମଙ୍ଗଳବାର ସକାଳ ସାଢେ ୬ଟାରେ ଗ୍ରାମର ପାର୍ବତୀ ପରମାଣିକ (୩୮) ପାଣି ଆଣିବାକୁ ବାରି ପଟ ନଳକୂପକୁ ଯାଇଥିଲେ। ପୂର୍ବରୁ ବିବାଦ ହୋଇଥିବା ଅନ୍ୟ ପରିବାରର ସୁରେଶ ପ୍ରଧାନଙ୍କ ସହ ସେଠାରେ ବଚସା ହୋଇଥିଲା। ସୁରେଶ ଏବଂ ତାଙ୍କ ପତ୍ନୀ, ପୁଅଙ୍କ ସମେତ ଅନ୍ୟ ୭ରୁ ୮ ଜଣ ବ୍ୟକ୍ତି ମିଶି ପାର୍ବତୀଙ୍କୁ କାଠଫାଳିଆରେ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ପାର୍ବତୀଙ୍କ ଦୁଇପୁଅ ବିକାଶ ଓ ଚିନୁଙ୍କ ସହ ଯାଆ ରେବତୀ ପହଞ୍ଚି ଆକ୍ରମଣକାରୀଙ୍କୁ ବାରଣ କରିଥିଲେ। ମାତ୍ର ସେମାନେ ମଧ୍ୟ ଆକ୍ରମଣରୁ ବର୍ତ୍ତୀ ନ ଥିଲେ। ଗୁରୁତର ଆହତ ହୋଇଥିବା ୪ ଜଣଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସ୍ଥାନୀୟ ଲୋକେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ୧୦୮ ଯୋଗେ ପଠାଇଥିଲେ। ହେଲେ ଡାକ୍ତରଖାନାରେ ପହଞ୍ଚିଲା ବେଳକୁ ପାର୍ବତୀଙ୍କର ମୃତ୍ୟୁ ହୋଇଯାଇଛି ବୋଲି ଡାକ୍ତର ସେଠାରେ ଘୋଷଣା କରିଥିଲେ। ଅନ୍ୟପକ୍ଷରେ ଗୁରୁତର ଆହତ ହୋଇଥିବା ଅନ୍ୟ ୩ ଜଣ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ସଙ୍କଟାପନ୍ନ ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି ବୋଲି ପରିବାର ଲୋକଙ୍କଠାରୁ ପ୍ରକାଶ।

# ଭାଗବତ ମହୋତ୍ସବ, ପ୍ରତିଯୋଗିତା



ଭାଗବତ ମଣ୍ଡଳୀକୁ ଅତିଥି ଶିଲ୍‌ଡି ଓ ମାନପତ୍ର ପ୍ରଦାନ କରୁଛନ୍ତି

**ବୋଲଗଡ଼,୧୬।୧(ଡି.ଏନ.ଏ.)**

ବୋଲଗଡ଼ ବ୍ଲକ ଠଣାପଲ୍ଲୀ ଗ୍ରାମର ମା'ସିଂହବାହିନୀ କାଳିକା ଭାଗବତ ମଣ୍ଡଳୀ ସୌଜନ୍ୟରେ ମଙ୍ଗଳବାର ସନ୍ଧ୍ୟାରେ ଭାଗବତ ମହୋତ୍ସବ ଓ ଭାଗବତ ମଣ୍ଡଳୀ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଜଗନ୍ନାଥ ଦାସଙ୍କ ଲିଖିତ ଓଡିଆ ଭାଗବତରେ ଥିବା ଭାବ, ଜ୍ଞାନ, ତତ୍ତ୍ୱ ଆଦିକୁ ଉଜ୍ଜୀବିତ କରିବା ତଥା ଭାଗବତ ଟୁଙ୍ଗିର ପୁନରୁଦ୍ଧାର ବାର୍ତ୍ତା ଦେବା ମହୋତ୍ସବର ମୁଖ୍ୟ ଲକ୍ଷ୍ୟ ବୋଲି କୁହାଯାଇଛି। ଏଥିପାଇଁ ଖଞ୍ଜଣି ଭଜନ ମାଧ୍ୟମରେ ଭାଗବତ ପରିବେଷଣ କରୁଥିବା ୮ଟି ଭାଗବତ ମଣ୍ଡଳୀ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ଭାପୁର ବ୍ଲକ, ଧଳାବନ୍ଧ, ମହୁଲିଆ, ଗୋଳାପୋଖରୀ, ଶାଳପଡ଼ା ଓ ଫତେଗଡ଼ ଭାଗବତ ମଣ୍ଡଳୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବୋଲଗଡ ବ୍ଲକର ଖଉରୁଣୀ, ଆରିକମା ଏବଂ ବେଗୁନିଆ ବ୍ଲକର ପଣ୍ଡାଳମ ଗ୍ରାମରୁ ମଧ ଭାଗବତ ମଣ୍ଡଳୀମାନେ ଅଂଶ ଗ୍ରହଣ କରିଥିଲେ। ପ୍ରତ୍ୟେକ ଭାଗବତ ମଣ୍ଡଳୀକୁ ମାନପତ୍ର ଓ ଶିଲ୍‌ଡି ପ୍ରଦାନ କରାଯାଇଛି । ତେବେ ଉତ୍ତମ ଭାଗବତ ଭଜନ ପାଇଁ ଫତେଗଡ, ଖଞ୍ଜଣି ବାଦ୍ୟ ପରିବେଷଣ ପାଇଁ ମହୁଲିଆ ଦଳ ଓ ଭାଗବତ ତର୍କ ପାଇଁ ଗୋଳାପୋଖରୀ ଦଳକୁ ପୁରସ୍କୃତ କରାଯାଇଥିବା ଆୟୋଜକଙ୍କ ପକ୍ଷରୁ ପ୍ରକାଶ। ବୋଲଗଡ଼ ବିଡିଓ ମଧୁସୂଦନ ବେହେରା ମୁଖ୍ୟଅତିଥି ଏବଂ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷ ଗୋପାଳ ଚରଣ ବେହେରା ଯୋଗଦେଇଥିଲେ। ଫକିର ଚରଣ ପ୍ରଧାନ, ହାଡିବନ୍ଧୁ ପ୍ରଧାନ, ବାଲୁଙ୍କେଶ୍ୱର ମହାପାତ୍ର ପ୍ରତିଯୋଗିତା ପରିଚାଳନା କରିଥିଲେ । ଭାଗୀରଥି ଦାଶ କାର୍ଯ୍ୟକ୍ରମର ସଞ୍ଚାଳନ କରିଥିଲେ ।

### ଜଟଣୀ ତହସିଲରେ ପ୍ରମାଣପତ୍ର ମିଳିବାରେ ବିଳମ୍ବ

**ଜଟଣୀ, ୧୬।୧(ଡି.ଏନ.ଏ)**

ଜଟଣୀ ତହସିଲରେ ୩ଦିନ ହେବ କୌଣସି କାର୍ଯ୍ୟ ହୋଇ ପାରୁନାହିଁ। ପାଇଲଟ୍ ତହସିଲର ମାନ୍ୟତା ପାଇଥିବା ଜଟଣୀ ତହସିଲର ଏପରି ଅବସ୍ଥା ଯୋଗୁ ବିଭିନ୍ନ କାର୍ଯ୍ୟ ନେଇ ଆସୁଥିବା ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଠାରେ ୩ ଜଣ ଅତିରିକ୍ତ ତହସିଲଦାର ଓ ଜଣେ ଭାରପ୍ରାପ୍ତ ତହସିଲଦାର ରହିଛନ୍ତି। ତେବେ ୩ ଦିନ ହେବ କେତେଜଣ ବ୍ୟକ୍ତିଗତ କାରଣକୁ ଦେଇ ୨ ଜଣ ଅତିରିକ୍ତ ତହସିଲଦାର ଛୁଟିରେ ଅଛନ୍ତି। ଅନ୍ୟ ଜଣେ ଜଟଣୀ ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱରେ ରହିଛନ୍ତି। ସେ ସମୟ ଦେଇ ପାରୁ ନ ଥିବାରୁ ଏପରି ଅବସ୍ଥା ସୃଷ୍ଟି ହୋଇଛି। ଏହାଦ୍ୱାରା ଲୋକେ ଅନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସହ ବିଭିନ୍ନ ପ୍ରମାଣପତ୍ର ପାଇ ପାରୁ ନ ଥିବା ଆଇନ୍‌ଜୀବୀ ବାଉରୀ ବନ୍ଧୁ ସାହୁ କହିଛନ୍ତି। ଏହାଛଡ଼ା ୪ ମାସ ହେବ ଏଠାରେ ଅନ୍‌ଲାଇନ ମାଧ୍ୟମରେ ମ୍ୟୁଟେଶନ ହେଉଛି। ଅନ୍‌ଲାଇନ କାର୍ଯ୍ୟ ଆରମ୍ଭ ପୂର୍ବରୁ ମ୍ୟୁଟେଶନ ପାଇଁ ଆବେଦନ କରିଥିବା ୨ ହଜାରରୁ ଅଧିକ ଦରଖାସ୍ତ ବିଭିନ୍ନ ସ୍ତରରେ ପଡି ରହିଛି। ଏହା ଅନ୍‌ଲାଇନ ଦ୍ୱାରା ହୋଇ ପାରୁ ନାହିଁ। ଫଳରେ ଆବେଦନକାରୀ ଜମି ପଟ୍ଟା ପାଉ ନ ଥିବା ଆଇନଜୀବୀ ବାଉରୀ ବନ୍ଧୁ କହିଛନ୍ତି। ଏଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ଭୁବନେଶ୍ୱର ସବ୍‌କଲେକ୍ଟର ଶୁଭେନ୍ଦୁ ସାହୁ କହିଛନ୍ତି।

## ଦେଶଦ୍ରୋହ ନାରାବାଜି ଘଟଣା

# ଖୋର୍ଦ୍ଧାରେ ଏବିଭିପିର ବିକ୍ଷୋଭ



ରାହୁଲଗାନ୍ଧୀଙ୍କ କୁଶ ପୁତ୍ତଳିକାକୁ ଏବିଭିପିର ପିଲାମାନେ ଦାହ କରୁଛନ୍ତି।

**ଖୋର୍ଦ୍ଧା ଅଫିସ,୧୬।୧**

ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନୟୁ)ରେ ଦେଶଦ୍ରୋହ ନାରାବାଜି ଘଟଣାରେ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବିରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ପକ୍ଷରୁ ବୁଧବାର ଖୋର୍ଦ୍ଧା ଟାଉନ ହଲଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦୋଷୀମାନଙ୍କ ସପକ୍ଷରେ ଯୁକ୍ତି ବାଢ଼ିଥିବା ରାହୁଲ ଗାନ୍ଧୀଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। ୨୦୧୬ ଫେବୃୟାରୀ ୯ରେ ଆତଙ୍କବାଦୀ ଅଫଜଲ ଗୁରୁଙ୍କ ଶ୍ରାଦ୍ଧବାର୍ଷିକୀ ମନାଉଥିବା କେତେଜଣ ଛାତ୍ର ନେତା ସେ ସମୟରେ ଦେଶ ବିରୋଧୀ ନାରାବାଜି ଦେଇ ଚର୍ଚ୍ଚାରେ ରହିଥିଲେ। ଦିଲ୍ଲୀ ପୋଲିସ ଏହାର ତଦନ୍ତ କରି ଦେଶଦ୍ରୋହୀ ଛାତ୍ରମାନଙ୍କ ବିରୋଧରେ ୧୨୦୦ ପୃଷ୍ଠାର ଚାର୍ଜସିଟ୍ ଦାଖଲ କରିଛି। ଏଭଳିସ୍ଥଳେ ଛାତ୍ରନେତା କହ୍ନେୟା କୁମାର, ଉମା ଖଲିଦ୍ ଭଳି ଛାତ୍ରନେତା ଦେଶଦ୍ରୋହୀ ବୋଲି ପ୍ରମାଣିତ ହୋଇଛନ୍ତି। ଏଣୁ ସମ୍ପୃକ୍ତ ଛାତ୍ରନେତାଙ୍କ ସପକ୍ଷରେ ଯୁକ୍ତି ବାଢୁଥିବା ରାହୁଲ ଗାନ୍ଧୀ ଏବେ ଚୁପ୍ କାହିଁକି ବୋଲି ଏବିଭିପି ପକ୍ଷରୁ ପ୍ରଶ୍ନ କରାଯାଇଛି।

# ଖୋର୍ଦ୍ଧା ଜିଲାରେ ଗଡ଼ିଲା ୪ ମିଶନ ଶକ୍ତି ରଥ

**ଖୋର୍ଦ୍ଧା ଅଫିସ,୧୬।୧**

ଖୋର୍ଦ୍ଧା ଜିଲାରେ ମିଶନ ଶକ୍ତି ରଥର ଶୁଭାରମ୍ଭ ବୁଧବାର ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ର କରିଛନ୍ତି। ଜିଲା ପାଇଁ ୪ଟି ରଥ ୬୦ ଦିନ ଧରି ସଚେତନତା ସୃଷ୍ଟି କରିବ। ଭୁବନେଶ୍ୱର, ବାଲିଅନ୍ତା ଓ ବାଲିପାଟଣା ବ୍ଲକ ପାଇଁ ଗୋଟିଏ, ଖୋର୍ଦ୍ଧା ଓ ଜଟଣୀ ବ୍ଲକ ପାଇଁ ଅନ୍ୟ ଗୋଟିଏ ରଥର ପରିକ୍ରମା କରିବ। ସେହିଭଳି ବେଗୁନିଆ, ବୋଲଗଡ ପାଇଁ ଗୋଟିଏ ରଥ ଓ ଟାଙ୍ଗୀ, ଚିଲିକା, ବାଣପୁର ପାଇଁ ଅନ୍ୟ ଏକ ରଥର ବ୍ୟବସ୍ଥା କରାଯାଇଛି। ସବୁ ରଥ ବୁଧବାରଠାରୁ ସଚେତନତା ଆରମ୍ଭ କରିଛନ୍ତି। ମିଶନ ଶକ୍ତି କାର୍ଯ୍ୟକ୍ରମର ସଫଳ କାହାଣୀ ପ୍ରଚାର କରିବାକୁ ସ୍ୱତନ୍ତ୍ର ଏଲ୍‌ଇଡି ସଂଲଗ୍ନ



ମିଶନ ଶକ୍ତି ରଥକୁ ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ର ପତାକା ଦେଖାଇ ଆରମ୍ଭ କରୁଛନ୍ତି।

ଗାଡି ଜିଲାର ୧୯୦ ପଞ୍ଚାୟତ ବୁଲିବ। ମହିଳାଙ୍କ ମଧ୍ୟରେ ପ୍ରତିଯୋଗିତା, ଅଡିଓ ଓ ଭିଡିଓ କାହାଣୀ, ଗୋଷ୍ଠୀ ନେତ୍ରୀଙ୍କ ବାର୍ତ୍ତା ପ୍ରସାରଣ କରାଯିବ।

### ସାଂଗଠନିକ ବୈଠକ

**ବୋଲଗଡ଼,୧୬।୧(ଡି.ଏନ.ଏ.)**

ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ବିଭିନ୍ନ ଦଳୀୟ ନେତା ଏବଂ ଆଶାୟୀ ପ୍ରାର୍ଥୀମାନେ ନିଜ ନିଜର ସମର୍ଥକଙ୍କୁ ସଙ୍ଗଠିତ କରୁଛନ୍ତି । ବେଗୁନିଆ ଅଞ୍ଚଳରେ ରାଜ୍ୟସଭା ସଦସ୍ୟ ପ୍ରଶାନ୍ତ ନନ୍ଦଙ୍କ ପୁଅ ରିଷଭ ବୁଧବାର ବିଭିନ୍ନ ସ୍ଥାନରେ ସାଙ୍ଗଠନିକ ବୈଠକ କରିଛନ୍ତି। ବୋଲଗଡ଼ ବ୍ଲକର ସାନପଦର, କଡ଼ବ ଏବଂ ଗୋପାଳପୁର ପଞ୍ଚାୟତ ଅଞ୍ଚଳର ସମର୍ଥକମାନଙ୍କୁ ନେଇ ସେ ବୈଠକ କରିଛନ୍ତି ।

## ମା'ଜଟିଆଣୀଙ୍କ ବାର୍ଷିକ ଯାତ୍ରା

# ଶାମ୍ବଦଶମୀରେ ଶ୍ରଦ୍ଧାଳୁଙ୍କ ସମାଗମ

**ଜଟଣୀ, ୧୬।୧(ଡି.ଏନ.ଏ.)**

ଜଟଣୀ ପାତ୍ରପଡ଼ାସ୍ଥିତ ଆରାଧ୍ୟା ଦେବୀ ମା' ଜଟିଆଣୀଙ୍କ ବାର୍ଷିକ ଯାତ୍ରା ଆରମ୍ଭ ହୋଇଛି। ମଙ୍ଗଳବାର ନବମୀ ରାତିରୁ ଆରମ୍ଭ ହୋଇ ଏକାଦଶୀ ଗୁରୁବାର ପର୍ଯ୍ୟନ୍ତ ୩ ଦିନ ଧରି ଏହା ଅନୁଷ୍ଠିତ ହେବ। ମଙ୍ଗଳବାର ରାତିରେ ଠାକୁରାଣୀଙ୍କ ଚଳନ୍ତି ପ୍ରତିମା ମନ୍ଦିରରୁ ବାହାରି ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲା। ଏହା ସହ ବୁଧବାର ଶାମ୍ବଦଶମୀରେ ପୀଠରେ ବହୁ



ମା' ଜଟିଆଣୀ।

ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମା'ଙ୍କର ଅତି ପ୍ରିୟ ଚାଉଳରେ ପ୍ରସ୍ତୁତ ପୋଡ଼ପିଠା ଭୋଗ ଲାଗି କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ମନ୍ଦିର ପରିସରରେ ନୃତ୍ୟ ଗୀତ ଆଦି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟ ଆୟୋଜିତ ହୋଇଥିଲା।

# ପାଣି ପଞ୍ଚାୟତ ପକ୍ଷ ପାଳିତ

**ବାଲୁଗାଁ,୧୬।୧(ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ଜଳସମ୍ପଦ ବିଭାଗ ଆନୁକୂଲ୍ୟରେ ବୁଧବାର ଶାଳିଆ ଡ୍ୟାମ୍‌ଠାରେ ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି । ବିଭାଗୀୟ ଅଧକ୍ଷ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଶୁଶୀଲ କୁମାର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମାରୋହରେ ମୁଖ୍ୟ ଅତିଥି ଭାବେ ବାଣପୁର ତହସିଲଦାର ପୃଥ୍ୱୀରାଜ ମଣ୍ଡଳ ଯୋଗଦେଇ ଉନ୍ନତ ଚାଷ ନିମନ୍ତେ ଜଳର ବିନିଯୋଗ ଓ ସୁଷମ ବଣ୍ଟନ ଉପରେ ମତବ୍ୟକ୍ତ କରିଥିଲେ। ଅଧିକାରୀମାନେ ଅଧିକରୁ ଅଧିକ ରବି ଚାଷ ଓ ବିଭିନ୍ନ ପ୍ରକାର ଅର୍ଥକରୀ ଫସଲ କରିବା ନିମନ୍ତେ ଉପସ୍ଥିତ କୃଷକ ନେତାଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଚାଷ ଓ ଜଳସେଚନ ସମ୍ପର୍କିତ ବ୍ଲକସ୍ତରୀୟ ବକ୍ତୃତା ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସହକାରୀ ମୁଖ୍ୟ ଯନ୍ତ୍ରୀ ପବନ କୁମାର ରାମ, ଜଗଦୀଶ ସେଠୀ, କନିଷ୍ଠ ଯନ୍ତ୍ରୀ ବିନୋଦ କୁମାର ସାହୁ ଓ ସନାତନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ବକ୍ତୃତା ପ୍ରତିଯୋଗିତାରେ କୃତୀ ଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

## ନବନିର୍ମାଣ କୃଷକ ସଙ୍ଗଠନର ସଭା

# କାଳିଆ ନୁହେଁ ପ୍ରାଇସ, ପ୍ରେଷ୍ଟିଜ, ପେନସନ ଦିଅ

**ବେଗୁନିଆ,୧୬।୧ (ଡି.ଏନ.ଏ.)**



ସଭାରେ ଯୋଗ ଦେଇଥିବା ଚାଷୀମାନେ।

ରାଜ୍ୟ ଓ କେନ୍ଦ୍ର ସରକାର କୃଷକମାନଙ୍କୁ ସର୍ବଦା ଅଣଦେଖା କରି ଚାଲିଛନ୍ତି। ଏପରି କି ଧାନର ମୂଲ୍ୟ ବୃଦ୍ଧି, ଜଳସେଚନ, କୃଷି ଯନ୍ତ୍ରପାତି ଆଦି ଚାଷୀର ନିହାତି ଆବଶ୍ୟକତା ରହିଥିବା ବେଳେ ଏଥିପ୍ରତି ଅବହେଳା କରାଯାଉଛି। ରାଜ୍ୟରେ ନିର୍ବାଚନ ପାଖେଇ ଆସୁଛି ବୋଲି ବାହାବା ନେବା ପାଇଁ କାଳିଆ ଯୋଜନା କାର୍ଯ୍ୟକାରୀ କରିବେ ବୋଲି ଡିଣ୍ଡିମ ପିଟୁଛନ୍ତି। ମାତ୍ର ଆମର ହକ୍ ଆମକୁ ଫେରାଇ ଦିଆଯାଉ। ଏଥିସହ ପ୍ରାଇସ, ପ୍ରେଷ୍ଟିଜ ଓ ପେନସନ ଦାବିକୁ ପୂରଣ କରାଯାଉ ବୋଲି ଚାଷୀ ସମାବେଶରେ ଆହ୍ୱାନ ଦିଆଯାଇଥିଲା। ବୁଧବାର ବେଗୁନିଆ ମା' ଦୁର୍ଗା ଦେବୀଙ୍କ ପଡିଆରେ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ବିଭିନ୍ନ ଦାବି ନେଇ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। କୃଷକ ନେତା ଅକ୍ଷୟ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁରେଶ ଚନ୍ଦ୍ର ମାନସିଂହ, ମଦନ କୁମାର ସାହୁ, ଭିକାରୀ ଚରଣ ସାହୁ, ମନୋଜ ମହାପାତ୍ର, ଦିଲୀପ ମହାନ୍ତି, ରବୀନ୍ଦ୍ରନାଥ ବେହେରାଙ୍କ ସମେତ ଅଞ୍ଚଳର ବହୁ ଚାଷୀ ଉପସ୍ଥିତ ଥିଲେ। ଯଦି ସରକାର ଆମ ଦାବିକୁ ଯଥାଶୀଘ୍ର ନ ବୁଝିବେ ତେବେ ଆଗାମୀଦିନରେ ଆନ୍ଦୋଳନକୁ ଓହ୍ଲାଇବୁ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା।

### ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ

**ବୋଲଗଡ଼,୧୬।୧(ଡି.ଏନ.ଏ.)**

ବୋଲଗଡ଼ ବ୍ଲକ ବଡକୁମାରୀ ପଞ୍ଚାୟତସ୍ତରୀୟ କଂଗ୍ରେସ କର୍ମୀ ସମ୍ମିଳନୀ ବୁଧବାର ହାଟବସ୍ତିଠାରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ବୈଠକରେ କଂଗ୍ରେସ ନେତା ଭଗବାନ ବେହେରା ସଭାପତିତ୍ୱ କରିଥିଲେ। ଏଥିରେ ବଡକୁମାରୀ ପଞ୍ଚାୟତର ପ୍ରାୟ ୧ଶହ କଂଗ୍ରେସ କର୍ମୀ ଯୋଗଦେଇଥିଲେ । ଖୋର୍ଦ୍ଧା ଜିଲା ପିସିସି ଉପସଭାପତି ତଥା ଆଇନଜୀବୀ ପ୍ରଶାନ୍ତ କୁମାର ପରିଡା, ସାଧାରଣ ସମ୍ପାଦକ ପ୍ୟାରୀମୋହନ ଦାସ ଓ କାର୍ଯ୍ୟକାରୀ କମିଟି ସଦସ୍ୟ ଫକିର ସାହୁ ପ୍ରମୁଖ ବୈଠକରେ ଯୋଗଦେଇଥିଲେ। ଆଗାମୀ ସାଧାରଣ ନିର୍ବାଚନ ଅବସରରେ ସଂଗଠନକୁ କ୍ରିୟାଶୀଳ କରିବାକୁ ଉପସ୍ଥିତ କର୍ମୀମାନଙ୍କୁ ଆହ୍ୱାନ ଦିଆଯାଇଥିଲା।



ଦୁଃଖ କାହାର ପ୍ରକୃତିଗତ ନୁହେଁ, ତାକୁ ଇଚ୍ଛା କଲେ ହିଁ ତଡ଼ି ଦିଆଯାଇପାରେ।
– ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ର

## ସଂକ୍ଷେପରେ

### ବିପୁଳ ମଦ, ଭାଙ୍ଗ ଜବତ: ୮ ଗିରଫ

**ପୁରୀଅଫିସ,୧୬।୧:** ଅବକାରୀ ବିଭାଗ ଫ୍ଲାଇଙ୍ଗ ସ୍କ୍ୱାଡ୍ ଓ ପୁରୀ ସଦର ମୋବାଇଲ ୟୁନିଟ୍ ମିଳିତ ଭାବେ ପୁରୀ ସହରରେ ବିଭିନ୍ନ ସ୍ଥାନରେ ଚଢଉ କରି ବିପୁଳ ବିଦେଶୀ ମଦ ଓ ଭାଙ୍ଗ ଜବତ କରିବା ସହ ୮ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଭୀମପୁରର ଆଲୋକ ସାହୁ(୨୦), ପ୍ରହଲ୍ଲାଦ ଗୋଛାୟତ(୫୨), ଇନ୍ଦିପୁରର ସୁଦର୍ଶନ ଭୋଇ(୬୨), ଅବକାଶ ଲେନ୍‌ର ବୃନ୍ଦାବନ ସାହୁ(୪୨), ନରେନ୍ଦ୍ରକୋଣର କୃପାସିନ୍ଧୁ ଭୋଇ(୩୮), ଦିନବନ୍ଧୁ ଭୋଇ(୪୦) ଓ ବାଲିଗୋରଡିର ଝୁନୁମଣି ନାୟକ(୪୫)। ସେମାନଙ୍କଠାରୁ୨୨ ଲିଟର ବିଦେଶୀ ମଦ, ୬୦ ଲିଟର ଦେଶୀ ମଦ ଓ ୧୫ କିଗ୍ରା ଭାଙ୍ଗ ଜବତ କରାଯାଇଛି। ଏହି ଚଢ଼ାଉରେ ସଦର ଥାନାଧିକାରୀ ଶରତ ଚନ୍ଦ୍ର ଭଞ୍ଜ,ଏସ୍‌ଆଇ କମଲଲୋଚନ ପାଇକରାୟ, ବି.ପଟ୍ଟନାୟକ, ଯୋଗମାୟା ମଲିକ ସାମିଲ ଥିଲେ।

### ଗଡ଼ିଲା ପାଣି ପଞ୍ଚାୟତ ରଥ

**ପୁରୀ ଅଫିସ,୧୬।୧:** ବୁଧବାରଠାରୁ ଆରମ୍ଭ ହୋଇଛି ପାଣି ପଞ୍ଚାୟତ ପକ୍ଷ। ଏହା ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଉପଲକ୍ଷେ ଜିଲାପାଳ ଜ୍ୟୋତିପ୍ରକାଶ ଦାସ ପାଣି ପଞ୍ଚାୟତ ରଥ ପରିକ୍ରମାର ଶୁଭାରମ୍ଭ କରିଛନ୍ତି। ଏଥିଲାଗି ପୂର୍ବାହ୍ନରେ ପୁରୀ ଜଳସେଚନ ଖଣ୍ଡ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଜିଲାପାଳ ଏହି ରଥର ଶୁଭାରମ୍ଭ କରିଥିଲେ। ଏହି ରଥ ଜିଲାର ବିଭିନ୍ନ ସ୍ଥାନ ପରିକ୍ରମା କରିବ। ଏଥିରେ ପୁରୀ ଜଳସେଚନ ଖଣ୍ଡର ନିର୍ବାହୀ ଯନ୍ତ୍ରୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, କର୍ମକର୍ତ୍ତା ପ୍ରମୁଖ ଯୋଗଦେଇଥିଲେ।

### ବିରଳ ଦେଶୀ ଆଳୁ



**ପିପିଲି,୧୬।୧(ଡି.ଏନ୍.ଏ.):** ପିପିଲି ବ୍ଲକ ଅନ୍ତର୍ଗତ କୁଳଶିଖରପାଟଣା ପଞ୍ଚାୟତର ମାଳିବରାହି ଗ୍ରାମର ଚାଷୀ ଚିତ୍ତରଞ୍ଜନ ପରିଡାଙ୍କ ବାଡିରୁ ବିରଳ ପ୍ରଜାତିର ଦେଶୀ ଆଳୁ ଦେଖିବାକୁ ମିଳିଛି। ଏହାର ଓଜନ ପାଖାପାଖି ୪୫କେଜି ହେବ। ଏହାକୁ ହରିଣ ଶିଘାଂ ଦେଶୀ ଆଳୁ ବୋଲି କେତେଜଣ ଗ୍ରାମବାସୀ କହିଛନ୍ତି। ତେବେ ଏହାକୁ ଦେଖିବା ପାଇଁ ଲୋକଙ୍କ ଭିଡ଼ ଜମିଥିଲା।

# ‘ଚାଖୀଙ୍କ ଆଦର୍ଶରେ ଯୁବପିଢ଼ି ଅନୁପ୍ରାଣିତ ହୁଅନ୍ତୁ’



ଚାଖୀ ଖୁଣ୍ଟିଆଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉପସ୍ଥିତ ଅତିଥିମାନେ।



ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ଛକଠାରେ ଏନ୍‌ସିସି ଛାତ୍ରୀଛାତ୍ରଙ୍କ ମାନବଶୃଙ୍ଖଳ।

**ପୁରୀ ଅଫିସ,୧୬।୧**

ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଓ ଚାଖୀ ଖୁଣ୍ଟିଆ ସ୍ମୃତି ସମିତିର ମିଳିତ ଆନୁକୂଲ୍ୟରେ ଚାଖୀ ଖୁଣ୍ଟିଆ (ଚନ୍ଦନ ହଜୁରୀ)ଙ୍କ ୧୯୭ତମ ଜିଲାସ୍ତରୀୟ ଜୟନ୍ତୀ ସମାରୋହ ସ୍ଥାନୀୟ ସଦ୍‌ଭାବନା ସଭାଗୃହ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଚାଖୀ ଖୁଣ୍ଟିଆଙ୍କ ଜୀବନୀ ଓ ଆଦର୍ଶ ବିଷୟରେ କହିଥିଲେ। ଏସ୍‌ସିଏସ କଲେଜ ଇତିହାସ ବିଭାଗ ମୁଖ୍ୟ ଡ. ପ୍ରଫୁଲ୍ଲ କୁମାର ମହାନ୍ତି ମୁଖ୍ୟବକ୍ତା, ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଡ. ଉଦ୍ଧବ ଚନ୍ଦ୍ର ମାଝି, ଉପଜିଲାପାଳ ଭବତାରଣ ସାହୁ, ପିକେଡିଏ ସଚିବ ଶୁଭାଶିଷ ମାନସିଂ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

ଭାରତ ସ୍ୱାଧୀନତା ଆନ୍ଦୋଳନରେ ଚନ୍ଦନ ହଜୁରୀଙ୍କ ଅବଦାନ ଅତୁଳନୀୟ। ୧୮୫୭ ବିଦ୍ରୋହରେ ସେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ସେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଖୁଣ୍ଟିଆ ସେବକ, ଜାଗା ଆଖଡା ସଂଗଠକ ଏବଂ ଜଣେ ବିଚକ୍ଷଣ ମଲ୍ଲଯୋଦ୍ଧା ଥିଲେ। ଝାନ୍‌ସୀ ରାଣୀ ଲକ୍ଷ୍ମୀବାଈଙ୍କ ମାର୍ଗଦର୍ଶକ ଭାବେ ସେ ଓଡ଼ିଶାର ଗୌରବ ବୃଦ୍ଧି କରିଥିଲେ। ତାଙ୍କର ଦେଶପ୍ରେମ ଭାବ, ସାଧନା ଓ ନିଷ୍ଠା ଚିରଦିନ ଲାଗି ସ୍ମରଣୀୟ ହୋଇରହିବ। ଆଜିର ଯୁବପିଢି ଚାଖୀ ଖୁଣ୍ଟିଆଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶମାତୃକାର ସେବା ଲାଗି ଆଗେଇ ଆସିଲେ ଦେଶ ପ୍ରଗତି ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସକାଳେ ଭିଆଇପି ରୋଡ ପିକେଡିଏ କାର୍ଯ୍ୟାଳୟ ଚାଖୀ ଖୁଣ୍ଟିଆ ଛକସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ଉପଜିଲାପାଳ ଭବତାରଣ ସାହୁ, ଚାଖୀ ଖୁଣ୍ଟିଆ ସ୍ମୃତି ସମିତି ସମ୍ପାଦକ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସମେତ ବହୁ ବୁଦ୍ଧିଜୀବୀ ଓ ଛାତ୍ରୀଛାତ୍ର ଯୋଗଦେଇ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ଏନ୍‌ସିସି, ସ୍କାଉଟ ଓ ଗାଇଡ୍ ଛାତ୍ରୀଛାତ୍ର ମାନେ ଶ୍ରୀକ୍ଷେତ୍ରରେ ଶାନ୍ତି, ସ୍ନେହ ସଦ୍‌ଭାବର ବାର୍ତ୍ତା ନେଇ ଏକ ମାନବ ଶୃଙ୍ଖଳ କରିଥିଲେ।

# ବ୍ୟକ୍ତିବାଦୀ ଚିନ୍ତା ସାହିତ୍ୟକୁ ଆକ୍ରାନ୍ତ କରିଛି

**ପୁରୀ ଅଫିସ,୧୬।୧**

ଫକୀର ମୋହନ ସେନାପତିଙ୍କ ସପ୍ତାହବ୍ୟାପୀ ଜୟନ୍ତୀ ପାଳନର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବୁଧବାର ବାଲିଗୁଆଳିସ୍ଥିତ ଏଜୁକେଶନାଲ କମ୍ପ୍ଲେକ୍ସଠାରେ ‘ଫକୀର ମୋହନଙ୍କ ଭାଷା ସାହିତ୍ୟ ଆନ୍ଦୋଳନ ଓ ବର୍ତ୍ତମାନର ସମାଜ’ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଲ୍ ଇଣ୍ଡିଆ ଡିଏସ୍‌ଓ, ଡିୱାଇଓ ଓ ଡେମୋକ୍ରାଟିକ ଫୋରମ୍ ପୁରୀ ଜିଲା ସଙ୍ଗଠନ ପକ୍ଷରୁ ଆୟୋଜିତ ଏହି ଆଲୋଚନାଚକ୍ରରେ ଶିକ୍ଷକ ସୁନୀଲ କୁମାର ପ୍ରଧାନ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷାବିତ୍ କାଳୀପ୍ରସାଦ ପୃଷ୍ଟି କହିଥିଲେ, ଫକୀର ମୋହନ ଆଧୁନିକ ଭାଷା ସାହିତ୍ୟର ସ୍ରଷ୍ଟା ଥିଲେ। ବର୍ତ୍ତମାନ ସାହିତ୍ୟରେ ନିଷ୍ପେସିତ ମଣିଷର ଆଶା, ଆକାଂକ୍ଷା, ସ୍ଥିତି ଓ ଅଧିକାର ପ୍ରତିଫଳିତ ହେବା ଉଚିତ ବୋଲି ସେ ମତ ରଖିଥିଲେ। ମୁଖ୍ୟବକ୍ତା ଡେମୋକ୍ରାଟିକ୍ କଲ୍‌ଚରାଲ ପୁରୀ ଜିଲା ସମ୍ପାଦକ ଅଜୟ କୁଅଁର କହିଲେ, ବର୍ତ୍ତମାନ ବ୍ୟକ୍ତିବାଦୀ ଚିନ୍ତା ସାହିତ୍ୟକୁ ଆକ୍ରାନ୍ତ କରିଛି। ସମାଜରେ ନିଷ୍ପେସିତ ଓ ଅତ୍ୟାଚାରିତ ମଣିଷର ସ୍ୱର, କୁସଂସ୍କାର, ଅପସଂସ୍କୃତି ଆଦି ସାହିତ୍ୟରେ ସ୍ଥାନ ପାଉନାହିଁ। ଶିବ ନାରାୟଣ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଫକୀର ମୋହନଙ୍କ ସାହିତ୍ୟରେ ନାରୀ ଶିକ୍ଷା ବିରୋଧୀ କୁସଂସ୍କାର, ଧୂଳିଆ ବାବାର ଭ୍ରଷ୍ଟାଚାର ଭାଣ୍ଡାମି, ବର୍ତ୍ତମାନ ସମାଜରେ ଶିକ୍ଷିତ ଡାକମୁନ୍‌ସୀ ଚରିତ୍ରର ପ୍ରତିଫଳନ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଶିକ୍ଷକ ଆଲୋକ ପ୍ରଧାନ ଓ ଶିକ୍ଷୟିତ୍ରୀ ରୀନାମଣି ପ୍ରଧାନ ଫକୀରମୋହନଙ୍କ ଉପରେ ବକ୍ତବ୍ୟ ରଖିଥିଲେ।

■ ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ଘଟଣା

## ତଦନ୍ତ ଦାବିକଲା ପୁରୀ ଲୋକ ସଭା ଯୁବ କଂଗ୍ରେସ

**ପୁରୀ ଅଫିସ,୧୬।୧**

ଓଡ଼ିଶା ଟିଚର୍ସ ଇଲିଜିବିଲିଟି ଟେଷ୍ଟ (ଓଟିଇଟି) ପ୍ରଶ୍ନପତ୍ର ସୋସିଆଲ ମିଡିଆରେ ଭାଇରାଲ ହେବା ଘଟଣାକୁ ପୁରୀ ଲୋକ ସଭା ଯୁବ କଂଗ୍ରେସ ତୀବ୍ର ବିରୋଧ କରିଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ ଲାଗି ବୁଧବାର ରାୟ ବାହାଦୁର ଲେନ୍ ସ୍ଥିତ ଯୁବ କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଲୋକ ସଭା ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ରାଜେଶ ରଥ ଦାବି କରିଛନ୍ତି। ସେ କହିଲେ ଯେ, ରାଜ୍ୟ ସରକାର ପିଲାଙ୍କ ଭବିଷ୍ୟତ ସହିତ ଖେଳୁଛନ୍ତି। ବହୁ ଦୂରଦୂରାନ୍ତରୁ ପରୀକ୍ଷାର୍ଥୀ ଆସିଥିଲେ। ପ୍ରଶ୍ନପତ୍ର ପ୍ରଘଟ ହେବା ଦର୍ଶାଇ ସରକାର ପରୀକ୍ଷାକୁ ବାତିଲ କରିଦେଲେ। ପ୍ରଶ୍ନପତ୍ର ପ୍ରଘଟ ହେବା ଘଟଣାରେ ସଂପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସେ ଦାବି କରିଛନ୍ତି। ଖବରଦାତା ସମ୍ମିଳନୀରେ ଶୁଭମ ଦତ୍ତ, ଅଂଶୁମାନ ରଥ, ରାହେନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ବରିଷ୍ଠ ନାଗରିକଙ୍କୁ ମିଳୁ ସୁବିଧା ସୁଯୋଗ

**ପୁରୀ ଅଫିସ, ୧୬।୧**



ଖବରଦାତା ସମ୍ମିଳନୀରେ ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର କର୍ମକର୍ତ୍ତା।

ବରିଷ୍ଠ ନାଗରିକ ହେଉଛନ୍ତି ସମାଜର ଅମୂଲ୍ୟ ସମ୍ପଦ। ପରିଣତ ବୟସରେ ସେମାନଙ୍କ ମୁହଁରେ ହସ ଫୁଟାଇବା ଏକ ମହତ୍ କର୍ତ୍ତବ୍ୟ। କିନ୍ତୁ ଆଜିକାଲି ଅନେକ ବରିଷ୍ଠ ନାଗରିକ ଅଛନ୍ତି ଯେଉଁମାନେ ହତାଦର ହେଉଛନ୍ତି। ଜୀବନର ଶେଷ ସୋପାନରେ ବି ସେମାନଙ୍କୁ କଷ୍ଟରେ ରହିବାକୁ ପଡୁଛି। ତେଣୁ ବରିଷ୍ଠ ନାଗରିକଙ୍କ ପାଇଁ ସରକାର ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇଦେବାକୁ ଦାବି କରିଛି ପୁରୀ ଜିଲା ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ। ବୁଧବାର ସ୍ଥାନୀୟ ମଙ୍ଗଳା ମଣ୍ଡପରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମଞ୍ଚର ଉପସଭାପତି ସିଦ୍ଧେଶ୍ୱର ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ଏଥିରେ କୁହାଯାଇଥିଲା ଯେ, ବରିଷ୍ଠ ନାଗରିକଙ୍କ ସୁରକ୍ଷା ସହିତ ତାଙ୍କ ମୁହଁରେ ସଦାସର୍ବଦା ହସଫୁଟାଇବା ଆମର ଲକ୍ଷ୍ୟ। ବରିଷ୍ଠ ନାଗରିକଙ୍କ ଜଟିଳ ସମସ୍ୟାର ସରଳ ସମାଧାନ ପାଇଁ ମଞ୍ଚ କାର୍ଯ୍ୟାଳୟରେ ଏକ ଅଭିଯୋଗ ବାକ୍ସ ଯୋଗେ ଅଭିଯୋଗପତ୍ର ଗ୍ରହଣ କରାଯିବ। ବରିଷ୍ଠ ଆଇନଜୀବୀ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଏବଂ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ନେଇ ୫ ଜଣିଆ କମିଟି ଅଭିଯୋଗକାରୀଙ୍କ ଉପସ୍ଥିତିରେ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବେ। ଅଭାବଗ୍ରସ୍ତ ବରିଷ୍ଠ ନାଗରିକଙ୍କୁ ବିଭିନ୍ନ କ୍ଷେତ୍ରରେ ସହଯୋଗ କରାଯିବ। ଏଥିପାଇଁ ସରକାରଙ୍କ ନିକଟରେ କେତେକ ଦାବି ଉପସ୍ଥାପନ ଲାଗି ମଧ୍ୟ ଆଲୋଚନା କରାଯାଇଥିଲା। ଏମାନଙ୍କ ବସାଉଠା ଲାଗି ଏକ ଚିତ୍ତବିନୋଦନ ଗୃହ, ଗ୍ରୁପ୍ ଜୀବନ ବୀମା, ବରିଷ୍ଠ ନାଗରିକଙ୍କୁ ନେଇ ବିଭିନ୍ନ ପ୍ରକାର ପ୍ରତିଯୋଗିତା କରି ସମ୍ମାନିତ କରିବା, ସରକାରୀ କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକଙ୍କୁ ସାମିଲ କରି ସେମାନଙ୍କ ମତ ସଂଗ୍ରହ ଲୋଡିବା, ଯେଉଁମାନେ ଭତ୍ତା ପାଉନାହାନ୍ତି ସେମାନଙ୍କ ପାଇଁ ଭତ୍ତାର ବ୍ୟବସ୍ଥା କରିବା ଇତ୍ୟାଦି ଦାବି ସରକାରଙ୍କ ନିକଟରେ ରଖିବା ଲାଗି ଆଲୋଚନା ହୋଇଥିଲା। ସେହିପରି ଡାକ୍ତରଖାନାରେ ବରିଷ୍ଠ ନାଗରିକଙ୍କୁ ମାଗଣା ଚିକିତ୍ସା, ମାଗଣା ଆଇନ ସହାୟତା କିପରି ମିଳିବ ସେ ନେଇ ଉଦ୍ୟମ କରାଯିବ ବୋଲି ମଞ୍ଚ କର୍ମକର୍ତ୍ତା କହିଥିଲେ। ଖବରଦାତା ସମ୍ମିଳନୀରେ ବିଶ୍ୱନାଥ ପରିଚ୍ଛା, ଜଗତବନ୍ଧୁ ପଟ୍ଟନାୟକ, କୃତ୍ତିବାସ କାମେଲା, ଯଦୁମଣି ସାହୁ, ବାନାମ୍ବର ଜେନା, ଗୋବିନ୍ଦ ପ୍ରଧାନ, ଗୋପୀନାଥ ମହାନ୍ତି, ନୀରଦପ୍ରଭା ପଟ୍ଟନାୟକ, ସୁରେଶ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଥାନା ବୁଲିଲେ ବିଶ୍ୱମ୍ଭର ବିଦ୍ୟାପୀଠ ବିଦ୍ୟାର୍ଥୀ

**ପୁରୀ ଅଫିସ,୧୬।୧**

ପୁରୀ ପୋଲିସ ପକ୍ଷରୁ ହାଇସ୍କୁଲ ବିଦ୍ୟାର୍ଥୀମାନଙ୍କୁ ନେଇ ପୋଲିସକୁ ଜାଣ କାର୍ଯ୍ୟକ୍ରମ ବୁଧବାର ଟାଉନ(ଆଦର୍ଶ)ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ବିଶ୍ୱମ୍ଭର ବିଦ୍ୟାପୀଠର ଛାତ୍ରୀଛାତ୍ରମାନେ ଯୋଗଦାନ କରିଥିଲେ। ଥାନା ପକ୍ଷରୁ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ଥାନା ଅଧିକାରୀ ଉମାଶଙ୍କର ସିଂ ମହିଳା ଶିଶୁ ଡେସ୍କ, ହାଜତ, କୌଣସି ଅଭିଯୋଗ ଉପରେ କିପରି ତଦନ୍ତ କରାଯାଏ, ସହରରେ ଆଇନଶୃଙ୍ଖଳା ପରିସ୍ଥିତି, ଥାନାକୁ ଆସୁଥିବା ଅଭିଯୋଗକାରୀଙ୍କୁ କିପରି ସହଯୋଗ କରାଯାଏ, ଟ୍ରାଫିକ ନିୟନ୍ତ୍ରଣ କକ୍ଷର କାର୍ଯ୍ୟ ଆଦି ସମ୍ପର୍କରେ ବୁଝାଇଥିଲେ। ଥାନା ଉପର ମହଲାରେ ଥିବା ସମ୍ମିଳନୀ କକ୍ଷରେ ଆୟୋଜିତ ସଭାରେ ଏସ୍‌ପି ଡା. ସାର୍ଥକ ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପିଲାମାନଙ୍କୁ ପୋଲିସର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇଥିଲେ।

ଓଡ଼ିଶା ପୋଲିସର ବିଭିନ୍ନ ଭୂମିକା ନେଇ ଏକ ଭିଡିଓ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ଏସ୍‌ପି ଷଡ଼ଙ୍ଗୀ କହିଲେ ଯେ, ପୋଲିସ ଜନତାର ବନ୍ଧୁ। ପରସ୍ପର ମଧ୍ୟରେ ବନ୍ଧୁତ୍ୱର ଭାବ ରହିଲେ, ସମାଜରେ ଆଇନଶୃଙ୍ଖଳା ବଜାୟ ରହିବ। ସେ ପିଲାଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ପଟ୍ଟନାୟକ ଓ ଡିଏସ୍‌ପି (ହେଡକ୍ୱାର୍ଟର) ସସ୍ମିତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଶାମ୍ବଦଶମୀରେ ସୂର୍ଯ୍ୟପୂଜା



ଚଉରାମୂଳେ ସୂର୍ଯ୍ୟଦେବଙ୍କୁ ପୂଜାର୍ଚ୍ଚନା କରାଯାଉଛି।

**କାକଟପୁର,୧୬।୧(ଡି.ଏନ୍.ଏ.)**

ପୌଷମାସ ଶୁକ୍ଳପକ୍ଷ ଦଶମୀ ତିଥି ତଥା ବୁଧବାର ଅସ୍ତରଙ୍ଗ, କାକଟପୁର, ନୟାହାଟ, ତୁଳସୀପୁର, ବାଙ୍ଗୁରିଗ୍ରାମ ଆଦି ଅଞ୍ଚଳରେ ଶାମ୍ବଦଶମୀ ପାଳିତ ହୋଇଯାଇଛି। ପରିବାରର ସମସ୍ତେ ନିରୋଗ ରହିବାକୁ ଶାମ୍ବଦଶମୀ ପୂଜା କରାଯାଇଥାଏ ବୋଲି ଲୋକକଥା ରହିଛି। ଏହି ଦିନ ଶ୍ରଦ୍ଧାଳୁମାନେ ପ୍ରାତଃ, ମଧ୍ୟାହ୍ନ, ସନ୍ଧ୍ୟାରେ ସୂର୍ଯ୍ୟ ଦେବତାଙ୍କୁ ପୂଜାର୍ଚ୍ଚନା କରିଥିଲେ। ପ୍ରାତଃରେ ଚଉରାମୂଳରେ ସୂର୍ଯ୍ୟ ଦେବଙ୍କୁ ଶ୍ରୀଫଳ, ଧୂପ, ଦୀପ, ପୁଷ୍ପ, ଅର୍ଘ୍ୟ ଦିଆଯାଇ ଆରାଧନା କରାଯିବା ସହିତ ପିଠା ଭୋଗ ଲାଗି କରାଯାଇଥିଲା। ମଧ୍ୟାହ୍ନରେ ଖେଚୁଡି, ଅନ୍ନ, ଡାଲମା, ଭଜା, ଶାଗ ଆଦି ଭୋଗ ଅର୍ପଣ କରାଯାଇଥିଲା। ସନ୍ଧ୍ୟାରେ ପିଠା, ଗଇଁଠା, ଅଟକାଳି, ଆରିସା, କାକରା, ଏଣ୍ଡୁରି, କ୍ଷୀରସର, ମାଲପୁଆ, ଗଜା, ରାବିଡ଼ି, ଫଳମୂଳ ଆଦି ଭୋଗଲାଗି ହୋଇଥିଲା। ଉପକୂଳବର୍ତ୍ତୀ ଅଞ୍ଚଳର ପ୍ରତ୍ୟେକ ପରିବାର ଶାମ୍ବଦଶମୀରେ ସୂର୍ଯ୍ୟ ପୂଜା କରିଥାନ୍ତି।

# ମଣ୍ଡିରେ ଧାନ ଦେବା ପରେ ମିଳୁନି ଟଙ୍କା

**ଗୋପ,୧୬।୧(ଡି.ଏନ୍.ଏ.)**

ଗୋପ ବ୍ଲକ ଅଧୀନରେ ଖୋଲିଥିବା ୨୧ଟି ଧାନ ମଣ୍ଡିରେ ଧାନ ଦେଇଥିବା ଚାଷୀମାନେ ସେମାନଙ୍କ ପ୍ରାପ୍ୟ ପାଇ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସୂଚନା ଥାଉକି, ଗୋପ ବ୍ଲକ ଅଧୀନରେ ଖୋଲିଥିବା ମଣ୍ଡିଗୁଡ଼ିକରେ ହଜାର ହଜାର ଚାଷୀ ସପ୍ତାହକୁ ୬ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଧାନ ବିକ୍ରୟ କରୁଥିବାବେଳେ ସେମାନଙ୍କୁ ଠିକ୍ ସମୟରେ ଟଙ୍କା ମିଳୁ ନ ଥିବା ଚାଷୀ ନଟବର ମିଶ୍ର, ଘନଶ୍ୟାମ ବେହେରା, ସରସ୍ୱତୀ ରାୟ, ପ୍ରଦୀପ୍ତ କୁମାର ରାୟ, ବିଶ୍ୱରଞ୍ଜନ ରାୟ ପ୍ରମୁଖ କହିଛନ୍ତି। ୧୫ ଦିନ ତଳେ ମଣ୍ଡିରେ ଧାନ ବିକ୍ରୟ କରିଥିବା ଚାଷୀ ସେମାନଙ୍କ ପ୍ରାପ୍ୟ ଏ ପର୍ଯ୍ୟନ୍ତ ସମବାୟ ବ୍ୟାଙ୍କରୁ ପାଇ ନାହାନ୍ତି। ରାଜ୍ୟ ସରକାର ଚାଷୀଙ୍କ ପାଇଁ ବିଭିନ୍ନ ଯୋଜନା କରୁଥିବା ବେଳେ ମଣ୍ଡିରେ ଏଭଳି ଅବ୍ୟବସ୍ଥାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ସେମାନଙ୍କ ପ୍ରାପ୍ୟ ତୁରନ୍ତ ପ୍ରଦାନ କରିବାକୁ ଚାଷୀମାନେ ଦାବି କରିଛନ୍ତି। କେତେଜଣ ଚାଷୀ ଧାନ ଚାଷ ପାଇଁ ଋଣ ମାଧ୍ୟମରେ ଟଙ୍କା ଆଣିଥିବା ଚାଷୀମାନେ କହିଛନ୍ତି। ଏ ସମ୍ପର୍କରେ ଗୋପ ସମବାୟ ବ୍ୟାଙ୍କ ଶାଖା ପରିଚାଳକ ସୂର୍ଯ୍ୟକାନ୍ତ ବରାଳ କୁହନ୍ତି, ଚାଷୀମାନଙ୍କ ଟଙ୍କା ପର୍ଯ୍ୟାୟକ୍ରମେ ଦିଆଯାଉଥିବାବେଳେ ଖୁବ୍ ଶୀଘ୍ର ବାକି ଥିବା ଟଙ୍କା ଚାଷୀଙ୍କୁ ଦିଆଯିବ ବୋଲି ସେ କହିଛନ୍ତି।




ରୌପ୍ୟ ଜୟନ୍ତୀ ସମାରୋହରେ ବିଧାୟକ ଉମାକାନ୍ତ ସାମନ୍ତରାୟ ଉଦ୍‌ବୋଧନ ଦେଉଛନ୍ତି।

■ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ସମାରୋହ ଉଦ୍‌ଯାପିତ

# ସାମାଜିକ ପ୍ରଗତି ପାଇଁ ଶିକ୍ଷା ଅପରିହାର୍ଯ୍ୟ

**ସାକ୍ଷୀଗୋପାଳ,୧୬।୧ ( ଡି.ଏନ.ଏ. )**

ସତ୍ୟବାଦୀ ବ୍ଲକ ବଳରାମପୁରଗଡ ପଞ୍ଚାୟତ ଅଧୀନ ମାଳସାହି ପଞ୍ଚସଖା ଉଚ୍ଚ ବିଦ୍ୟାଳୟର ଦୁଇଦିନ ଧରି ଚାଲିଥିବା ରୌପ୍ୟ ଜୟନ୍ତୀ ସମାରୋହ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ଯୋଗଦେଇ କହିଥିଲେ, ମାନବ ସମାଜର ପ୍ରଗତିନିମନ୍ତେ ଶିକ୍ଷା ଅପରିହାର୍ଯ୍ୟ । ଛାତ୍ରୀଛାତ୍ର ଭଲ ପାଠ ପଢ଼ିବା ସହିତ ନିଷ୍ଠାର ସହ କର୍ତ୍ତବ୍ୟ କରି ଭଲମଣିଷ ଭାବେ ନିଜକୁ ଗଢ଼ି ତୋଳିବାକୁ ବିଧାୟକ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ଶ୍ରେଣୀକକ୍ଷ ନିର୍ମାଣ ନିମନ୍ତେ ଆଗାମୀ ୧୫ ଦିନ ମଧ୍ୟରେ ୧୦ ଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦେବାକୁ ସଭାରେ ଘୋଷଣା କରିଥିଲେ। ସମ୍ମାନିତ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସସ୍ମିତା ପ୍ରଧାନ ବିଦ୍ୟାଳୟ ପ୍ରାଚୀର ନିର୍ମାଣ ପାଇଁ ୨ ଲକ୍ଷ ଓ ଜିଲା ପରିଷଦ ସଭ୍ୟ ଧ୍ରୁବ ଚରଣ ଦାଶ ଦେଢ଼ ଲକ୍ଷ ଟଙ୍କା ବିଦ୍ୟାଳୟ ଉନ୍ନୟନ ନିମନ୍ତେ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଅତିଥିଭାବେ ଏମ୍ପର ପୂର୍ବତନ ଅଧ୍ୟକ୍ଷ ପ୍ର. ଅଶୋକ ମହାପାତ୍ର ଯୋଗଦେଇ କହିଥିଲେ, ଉତ୍ତମ ଚରିତ୍ରବାନ, ଦୃଢ଼ ଆତ୍ମବିଶ୍ୱାସ ଓ ନିଷ୍ଠାପର ଅଧ୍ୟବସାୟ ସଫଳତାର ଚାବିକାଠି ବୋଲି କହିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ, ପୁରାତନ ଛାତ୍ର, ବୁଦ୍ଧିଜୀବୀ, ସାହିତ୍ୟିକ, ସାମାଜିକ କର୍ମୀ, କଳାକାର ଓ ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସ୍ମୃତି ରଞ୍ଜନ ଦାଶ ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ପବିତ୍ର କୁମାର ସ୍ୱାଇଁ, ନିରଞ୍ଜନ ମହାରୀ, ରଶ୍ମିତା ପ୍ରଧାନ, ରାଜଶ୍ରୀ ନନ୍ଦ, ବିକ୍ରମ ଜେନା, ସୁନୀଲ ପଣ୍ଡା, ପ୍ରଭାତ ମହାପାତ୍ର, ପ୍ରଭାତ ବିଶ୍ୱାଳ ଓ ସତ୍ୟଜିତ ସେଣ ଯୋଗଦେଇଥିଲେ। ସହକାରୀ ଶିକ୍ଷକ ନରେନ୍ଦ୍ର ବେହେରାଙ୍କ ସମେତ ଛାତ୍ର ସଂସଦର ସଭାପତି ରଶ୍ମିରଞ୍ଜନ ବାରିକ, ସମ୍ପାଦକ ଜଗନ୍ନାଥ ଦାସ, ସଦସ୍ୟ ଅରୁଣ ରାଉତ, ତ୍ରିଲୋଚନ ନନ୍ଦ ଓ ରାମଚନ୍ଦ୍ର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

# କୋଠି ନ ଥିବା ଲୋକ କୋଟିପତି: ଦାମ

**ବ୍ରହ୍ମଗିରି,୧୬।୧(ଡି.ଏନ.ଏ)**



ଜନସମାବେଶରେ ଉପସ୍ଥିତ ଅତିଥିମାନେ।

## ସଞ୍ଜୟଙ୍କ ଗଡ଼ରେ ଗର୍ଜନ

ବ୍ରହ୍ମଗିରି ବିଧାୟକ ସଞ୍ଜୟ ଦାସ ବର୍ମାଙ୍କ ଗଡ଼ ଅର୍ଥାତ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀରେ ଦାମଙ୍କ ଗର୍ଜନ ଦେଖିବାକୁ ମିଳିଥିଲା। ବୁଧବାର ଏହି ବ୍ଲକ ଅଧୀନ ବ୍ରହ୍ମଗିରି ବସଷ୍ଟାଣ୍ଡସ୍ଥିତ ଢାବାଛକରେ କୃଷିଜୀବୀ ସମ୍ମିଳନୀ ଓ ଫାଇଲିନ୍ ପ୍ରପୀଡିତ ବାସହରାଙ୍କ ପକ୍ଷରୁ ଚାଷବାସ ପାଇଁ ଜନସମାବେଶରେ ମୁଖ୍ୟଅତିଥି ଭାବେ ବିଧାୟକ ଡା. ଦାମୋଦର ରାଉତ ଯୋଗଦେଇ ଶାସକ ଦଳ ଓ ସଞ୍ଜୟଙ୍କ ବିରୋଧରେ ଗର୍ଜି ଥିଲେ। ସେ କହିଥିଲେ ବର୍ତ୍ତମାନ ରାଜ୍ୟରେ ଯେଉଁ ଶାସକ ଦଳ ପ୍ରତିନିଧିଙ୍କ ମଧ୍ୟରେ ୩୫ଜଣ ବିଧାୟକ ଓ ଏମ୍‌ପି ଚିଟଫଣ୍ଡ ମାମଲାରେ ସମ୍ପୃକ୍ତ ଥିବା ମୁଁ ଜାଣେ। ଏଠି କୋଠି ନ ଥିବା ପ୍ରତିନିଧି ୯ବର୍ଷ ଶାସନ କାଳରେ କୋଟିପତି ବନିଗଲେଣି। ଯାହା ଓଡ଼ିଶାର ଜନସାଧାରଣଙ୍କୁ ଅଛପା ନାହିଁ। ଚାଷୀଙ୍କୁ କାଳିଆ ଓ ପିଠା ଯୋଜନାରେ ରାଜ୍ୟ ସରକାର ଭୂଆଁ ବୁଲାଉଛନ୍ତି। ଭାଗଚାଷୀଙ୍କ ପାଇଁ ସରକାର କିଛି ବି ଯୋଜନା କରୁନାହାନ୍ତି। ସମବାୟ ସମିତିରୁ ମୁଖ୍ୟ ଚାଷୀମାନେ ୧ପଇସା ସୁଧରେ ଋଣ ନେଉଥିବାବେଳେ ଭାଗଚାଷୀମାନେ ୫ପଇସାରେ ସେମାନଙ୍କଠାରୁ ଋଣ ନେଉଛନ୍ତି। ତେଣୁ ରାଜ୍ୟରେ ଭାଗଚାଷୀ ଋଣ ଭାରରେ ବୁଡି ଆତ୍ମହତ୍ୟା କରୁଥିବା ସେ ପ୍ରକାଶ କରିଛନ୍ତି। ଆଗାମୀ ସାଧାରଣ ନିର୍ବାଚନରେ ରାଜ୍ୟ ସରକାରଙ୍କୁ କ୍ଷମତାରୁ ଦୂରେଇ ରଖିବାକୁ ବ୍ରହ୍ମଗିରିବାସୀଙ୍କୁ ଡା. ରାଉତ ନିବେଦନ କରିଥିଲେ। ସମ୍ମିଳନୀରେ ସିପିଆଇଏମ୍‌ର ପୂର୍ବତନ ରାଜ୍ୟ ସମ୍ପାଦକ ଜନାର୍ଦ୍ଦନ ପତି ଯୋଗଦେଇ କହିଥିଲେ, ରାଜ୍ୟ ସରକାର ପ୍ରତି ବ୍ଲକରେ ଶୀତଳଭଣ୍ଡାର ଖୋଲିବା ପାଇଁ ଘୋଷଣା କରିଥିଲେ ସୁଦ୍ଧା ବର୍ତ୍ତମାନ ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇପାରି ନାହିଁ। ଓଡ଼ିଶାରେ ଦାଦନ ଶ୍ରମିକଙ୍କ ସଂଖ୍ୟା ଦିନକୁ ଦିନ ବଢିବାରେ ଲାଗିଛି। ଚାକିରି ଅଭାବରୁ ବେକାର ଯୁବକମାନେ ବାହାର ରାଜ୍ୟକୁ ଯାଉଥିବା ସମ୍ପାଦକ ପତି କହିଥିଲେ। ଏହି ଜନସମାବେଶକୁ ଚାଷୀ ନେତା ବିହାରୀ ବନ୍ଧୁ ପଲାଇ ଅଧ୍ୟକ୍ଷତା କରିଥିଲେ। ଅନ୍ୟାନ୍ୟ ଅତିଥି ଭାବେ ଅଜୟ ଜେନା, ସୂଚନା ଅଧିକାର ଆଇନର ରାଜ୍ୟ ଆବାହକ ପବିତ୍ର ପ୍ରଧାନ, ଆଇନଜୀବୀ ସୁଧୀର ମହାନ୍ତି, ସାମାଜିକ କର୍ମୀ ଅକ୍ଷୟ ମଲ୍ଲିକ, କୃଷକସଭା ରାଜ୍ୟ ସଭାପତି ଜନ୍ମେଶ୍ୱର ସାମନ୍ତରାୟ, ସିପିଆଇଏମ ଜିଲା ସମ୍ପାଦକ ଭୀମସେନ ସ୍ୱାଇଁ ଓ ଷ୍ଟାଲିନ ପାଇକରାୟ ଯୋଗଦେଇଥିଲେ। ସାମାଜିକ କର୍ମୀ ଭକ୍ତି ରଞ୍ଜନ ପଲାଇ ଧନ୍ୟବାଦ ଦେଇଥିଲେ ।